## ଅକ୍ଟୋବର ୨୦୨୨



Painting by Shri Debashis Raut, Riyadh

**ISSN NO – 2582-208X**

[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ )

# ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X

# ସମ୍ପାଦକୀୟ



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ଦୁର୍ଗାପୂଜା ଭାରତୀୟ ଲୋକ ସଂସ୍କୃତିର ଏକ ମହତ୍ତ୍ୱପୂର୍ଣ୍ଣ ପର୍ବ ରୂପରେ ପରିଚିତ । ଏହି ପବିତ୍ର ଦିନରେ ଶ୍ରୀ ରାମଚନ୍ଦ୍ର ଅସୁର ମାନଙ୍କର ରାଜା ରାବଣଙ୍କୁ ପରାସ୍ତ କରି ଭାରତୀୟ ଲୋକ ସଂସ୍କୃତିରେ, ଆଶା, ବିଶ୍ୱାସ, ହର୍ଷ ଓ ଉତ୍ସାହକୁ ଯୋଡି ରଖିବାରେ ସଫଳ ହୋଇଥିଲେ । ଏହି ପର୍ବ ବର୍ଷାଋତୁର ଶେଷରେ ଏବଂ ଶରତ ଋତୁର ଆରମ୍ଭରେ ପାଳନ କରାଯାଇଥାଏ । ପ୍ରକୃତି ରାଣୀ ଏହି ସମୟରେ ଗୁଲାବି ଶାଢୀ ପରିଧାନ କରି ନୀଳ ଆକାଶ ତଳେ ଧରିତ୍ରୀ ମା'ର ହରା-ଭରା, ହରିୟାଲୀ ଘାସର ଗାଲିଚା ଉପରେ ବସି ଜନ-ଜୀବନର କଲ୍ୟାଣ କାମନା କରି, ସୁଖ ସମୃଦ୍ଧି ପାଇଁ ଉଲ୍ଲାସଭରା ନୂତନ ବାତାବରଣ ସୃଷ୍ଟି କରେ । ପ୍ରାକୃତିକ ଶୋଭାଯୁକ୍ତ ଏହି ଉତ୍ସବ ଆମକୁ ସବୁ ବାଧା, ବିଘ୍ନ ଓ ଚିନ୍ତାରୁ ଦୂରରେ ରଖି ଉତ୍ସବ ମୁଖର ହେବାକୁ ପ୍ରେରିତ କରେ ।

ମାଁ ଜଗତ ଜନନୀ ଦୁର୍ଗା ପୂଜା କେବଳ ଏକ "ମିଥ" ନାମରେ ପରିଚିତ ନହୋଇ ସ୍ତ୍ରୀ ଶକ୍ତି, ସ୍ତ୍ରୀ ସାମର୍ଥ୍ୟ ଏବଂ ତା ସ୍ୱାଭିମାନର ଏକ ସାର୍ବଜନିକ ପୂଜା ଏବଂ ସାର୍ବଜନିକ ନ୍ୟାୟର ପ୍ରତୀକ ରୂପରେ ପରିଚିତ । ମହିଷାସୁର ଯଦି ଅନ୍ୟାୟ, ଅତ୍ୟାଚାର ଏବଂ ପାପର ପ୍ରତୀକ,

ISSN NO.
2582-208X

ତେବେ ମାଁ ଦୁର୍ଗେ ଦୁର୍ଗତି ନାଶିନୀ ଦୁର୍ଗା ଶକ୍ତି, ନ୍ୟାୟ ଏବଂ ଅନ୍ୟାୟ ବିରୁଦ୍ଧରେ ପ୍ରତିକାରର ପ୍ରତୀକ ।

ମାଁ ର ଆଖିରେ ଖାଲି କରୁଣା, ଦୟାର ଅଶ୍ରୁ ବହେନାହିଁ, ଦରକାର ପଡିଲେ କ୍ରୋଧର ଅଗ୍ନି ମଧ୍ୟ ହୁତ୍....ହୁତ୍.... ହୋଇ ଜଳିଉଠେ । ମାଁ ଦୁର୍ଗାଙ୍କର ମହାଶକ୍ତିର ଆଭାସ ଭଗବାନ ଶ୍ରୀ ରାମଚନ୍ଦ୍ରଙ୍କୁ ଜ୍ଞାତ ଥିଲା । ରାମ ଓ ରାବଣର ମହା ସମରରେ ଭଗବାନ ରାମଚନ୍ଦ୍ରଙ୍କର ବାରମ୍ବାର ପରାସ୍ତ, ରାବଣ ଅନ୍ୟାୟ ପକ୍ଷର ବିଜୟ ଲକ୍ଷ ଦେଖି ଶ୍ରୀ ରାମଚନ୍ଦ୍ର ତ୍ରସ୍ତ ହୋଇପଡିଥିଲେ । ନିରାଶ ମନସ୍ଥିତି, ଅମାବାସ ରାତ୍ରି ସମାନ ଗଗନ ଅନ୍ଧକାର, ବାୟୁର ଗତି ଚାରିଦିଗକୁ ଶାନ୍ତ କରିଦେଇଛି । ପର୍ବତ ମାନ ନିସ୍ତବ୍ଧ। ବାହାରର ଅନ୍ଧକାର ଅପେକ୍ଷା ଅନ୍ତରର ଅନ୍ଧକାର ସାଗରର ଘନଘୋର ଗର୍ଜନ ପରି ପ୍ରଭୁଙ୍କ ମନରେ ହତାଶ ସୃଷ୍ଟି କରୁଥାଏ ।

ଠିକ୍ ଏହି ସମୟରେ ଜାମ୍ବବାନ ଆସି ପ୍ରଭୁଙ୍କୁ କହିଲେ - ଶକ୍ତିର ଆରାଧନା କଲେ ହିଁ ରାବଣକୁ ପରାସ୍ତ କରାଯାଇ ପାରିବ । ଶକ୍ତି ପୂଜା ପାଇଁ ୧୦୮ ପଦ୍ମଫୁଲର ଆବଶ୍ୟକତା ପଡିଲା । ରାମଭକ୍ତ ହନୁମାନ ୧୦୮ ପଦ୍ମ ଯୋଗାଡ କଲେ । ମାଁ ଦୁର୍ଗା ମାୟାରେ ଆସି ଗୋଟିଏ ପଦ୍ମଫୁଲ ଉଠାଇ ନେଲେ । ରାମଚନ୍ଦ୍ର ବିଚଳିତ । ପୂଜା ସଫଳ ହେବ କିପରି ।

ଠିକ୍ ଏହି ସମୟରେ ପ୍ରଭୁଙ୍କର ମନେପଡିଲା ମାତା କୌଶଲ୍ୟା ପିଲାଦେନେ ମୋତେ ରାଜୀବ-ନୟନ ବୋଲି ସମ୍ବୋଧନ କରନ୍ତି । ତତକ୍ଷଣାତ୍ ଅସ୍ତ୍ରଧରି ପ୍ରଭୁ ନିଜ ଡାହାଣ ଚକ୍ଷୁକୁ ମାଁଙ୍କର ଚରଣରେ ଅର୍ପଣ କରିବାପାଇଁ ଅଗ୍ରସର ହେଲେ । ମାଁ ପ୍ରଭୁଙ୍କର ଭକ୍ତି ଦେଖି ପ୍ରସନ୍ନ ହୋଇ ଅନ୍ୟାୟ ଉପରେ ନ୍ୟାୟର ବିଜୟ ପାଇଁ ଆର୍ଶୀବାଦ ଦେଲେ । ପୁନଃ ସମରରେ ରାମଚନ୍ଦ୍ରଙ୍କର ବିଜୟ ହେଲା ।

ଆଜି ଆମର ରାଜନୈତିକ ଏବଂ ସାମାଜିକ ଜୀବନରେ ମହିଷାସୁର ପରି ଆସୁରିକ ଶକ୍ତି ହିଂସା ଏବଂ କ୍ରୁର ରୂପ ଧାରଣ କରିସାରିଛି । ଆଜିର ସମାଜରେ ଶକ୍ତିସ୍ୱରୂପିଣୀ ସ୍ତ୍ରୀ ଜାତିକୁ ଘର-ଘରେ ଅପମାନର ଶିକାର ହେବାକୁ ପଡୁଛି । ଏହା ଏଥିପାଇଁ ସମ୍ଭବ ହେଉଛି, ଲୋକ

ISSN NO.
2582-208X

ସମାଜକୁ ବାସ୍ତବିକ ଦୁର୍ଗା ସ୍ତ୍ରୀ ଶକ୍ତିର ଆଭାସ ନାହିଁ । ଆମର ମିଥରେ ଦୁର୍ଗା ମହାଶକ୍ତିର ଆଭାସ ଭଗବାନ ରାମଚନ୍ଦ୍ରଙ୍କୁ ଥିଲା । ସେଥିପାଇଁ ସେ ଯୁଦ୍ଧ ପୁର୍ବରୁ ମାଁ ଦୁର୍ଗାଙ୍କର ଆବାହନ କରିଥିଲେ ।

ପବିତ୍ର ଶାରଦୀୟ ପୂଜା ଉପଲକ୍ଷେ ଆରୋହୀ ପରିବାର ତରଫରୁ ଆପଣମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ।

ବନ୍ଦେ ଉତ୍କଳ ଜନନୀ ।

ଅରବିନ୍ଦ ମିଶ୍ର



ଅକ୍ଟୋବର – ୨୦୨୨
www.vedantimagazine.com
ISSN NO. 2582-208X

# ଭିତର ପୃଷ୍ଠାରେ....


| | | |
|---|---|---|
| ଦେବୀ ପାଇଁ | ସୌଭାଗ୍ୟବନ୍ତ ମହାରଣା | ୧୩ |
| ଡି.ଏଫ.ଓ କ୍ୟାମ୍ପବେଲ ବେ | ଅଶୋକ ବିଶ୍ୱାଳ | ୧୫ |
| ଦାସକାଠିଆ | ଇଂ. ସୁଶାନ୍ତ କିଶୋର ବଳ | ୨୬ |
| ଚାହାଣୀ କହେ କାହାଣୀ | ଡଃ ମାଙ୍ଗଳିକା ମହାପାତ୍ର | ୨୯ |
| ସମୁଦ୍ର | ଗୁରୁକଲ୍ୟାଣ ମହାପାତ୍ର | ୩୦ |
| ଦକା – ପଞ୍ଚମ ଭେଟ | ଡକ୍ଟର ବିଜ୍ଞାନୀ ଦାସ | ୩୨ |
| ସ୍ୱର୍ଗ ଦ୍ୱାର | ଡ. ପ୍ରସନ୍ନ କୁମାର ବଳ | ୪୧ |
| ଦୁଆର ରଖିଛି ମେଲା | ଶଶଧର ମହାପାତ୍ର | ୪୩ |
| ପ୍ରତିବିମ୍ବ | ଡ଼ ସୁନନ୍ଦା ମିଶ୍ର ପଣ୍ଡା | ୪୫ |
| ଲଳିତ ନିବନ୍ଧ–ଗାଁ କନିଆ | ବଦ୍ରୀ ମହାନ୍ତି | ୪୬ |
| ତୁମେ ଜଗତ ନିୟତି | ଡଃ ସିତିକଣ୍ଠ ଷଡଙ୍ଗୀ | ୫୦ |
| ନିସଙ୍ଗ ତାରାର ସାଥୀ | ଶାନ୍ତିଲତା ମିଶ୍ର | ୫୨ |
| ବନମାଳୀ କ୍ଷେତ୍ରମଣ୍ଡଳୀ | ଜୟନ୍ତୀ ଦେବୀ | ୫୪ |
| କାଳାନ୍ତର | ଡକ୍ଟର ମଧୁସ୍ମିତା ମିଶ୍ର | ୫୬ |
| ମୋହମୁକ୍ତ | ପୁଷ୍ପାଞ୍ଜଳି ପଣ୍ଡା | ୭୦ |
| ମୁକ୍ତିର ନୂତନ ପ୍ରଭାତ | କୁଞ୍ଜବିହାରୀ ରାଉତ | ୭୧ |
| ଭିଜିବି କାହିଁକି ତୋ ପ୍ରେମରେ | ସଂଯୁକ୍ତା ସାହୁ | ୭୩ |
| ବୟସର ଶେଷ ପାହାଚ | ସ୍ୱର୍ଣ୍ଣମୟୀ ଷଡଙ୍ଗୀ | ୭୪ |
| ବିଛିନ୍ନାଞ୍ଚଳ 'ସିଂହଭୂମି' ରେ 'ପହେଳି'ର ବିଶେଷତ୍ୱ | ଡ଼ଃ ହରିହର ପଧାନ | ୭୬ |
| ଜୀବନ | ଦଣ୍ଡାସି ପ୍ରଧାନ | ୮୧ |

ISSN NO.
2582-208X


| | | |
|---|---|---|
| ହାତ | ବାସନ୍ତୀ ଲତା ଜେନା | ୮୨ |
| ଜେଜେ | ଡ. ଜ୍ଞାନେଶ୍ୱର ମିଶ୍ର | ୮୪ |
| ସତ୍ ସଙ୍ଗତ | ଡ. ଅର୍ଜୁନ ଚରଣ ବାରିକ୍ | ୮୬ |
| ବୋଉ | ତରୁଣ କୁମାର ଦାସ | ୮୮ |
| ଧନ୍ୟ ନିମ୍ବଗଛ | ସରୋଜଲକ୍ଷ୍ମୀ ମହାନ୍ତି | ୮୯ |
| ଅଭିଜ୍ଞତା | ଡଃ ଅଭିମନ୍ୟୁ କାନୁନଗୋ | ୯୧ |
| ଆତ୍ମ ସନ୍ତୋଷ | ଦାଶରଥି ଶତପଥୀ | ୯୩ |
| କେମିତି ଦେବି ବିଦାୟ | ପ୍ରଭାତ ନଳିନୀ ସାହୁ | ୯୬ |
| ଗୋଟିଏ ରୁତୁର ଫସଲ | ବିନୟ ମହାପାତ୍ର | ୯୮ |
| ଶପଥ | ଭାସ୍କର ଚନ୍ଦ୍ର ଖଣ୍ଡା | ୧୦୦ |
| ପୌରାଣିକ ମିଥ୍‌ର ପୁନର୍ମୂଲ୍ୟାୟନ : ପରେଶ କୁମାର ପଟ୍ଟନାୟକଙ୍କ ଗଳ୍ପଜଗତ | ନିହାର ରଞ୍ଜନ ପାତ୍ର | ୧୦୨ |
| ମୁଁ ଜଣେ ଶିକ୍ଷକ | ତରଙ୍ଗ ଚଣ୍ଡି | ୧୧୦ |
| ଜୀବନ | ବିଜୟ କୁମାର ସାହୁ | ୧୧୨ |
| ସଂଘର୍ଷ | ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି | ୧୧୩ |
| ପ୍ରଶ୍ନବାଚୀ | ଅମ୍ବିକା ସ୍ୱାଇଁ | ୧୧୫ |
| ଶୁଣ ଆହେ ତୁମେ ପର ହିତେ ରହୁ ମନ | ରଘୁନାଥ ତ୍ରିପାଠୀ | ୧୨୩ |
| ଚିତ୍ତ ବିନୋଦନ | ଅମୃତନାରାୟଣ ଶତପଥୀ | ୧୨୫ |
| ସ୍ମୃତି ମହକ | ଆଶୁତୋଷ ମେହେର | ୧୨୬ |
| ସାଇ ଦର୍ଶ | ଅଳକା ମହାନ୍ତି | ୧୨୭ |
| ଭାବଗ୍ରାହ | ସତ୍ୟନାରାୟଣ ପ୍ରସାଦ ନାୟକ | ୧୩୨ |
| ଆମ ମଉସୁମୀ | ଅଧ୍ୟାପକ ଅବିନାଶ ବାରିକ୍ | ୧୩୩ |
| ବାଣୀ | ଅକ୍ଷୟ ମହାନ୍ତି (ନିର୍ମାଲ୍ୟ) | ୧୩୫ |

ISSN NO.
2582-208X

ବେଦାନ୍ତୀ


| | | |
|---|---|---|
| ଆମ ସାର୍, ଦୋଳ ସାର୍ | କୀର୍ତ୍ତି ଦେବୀ | ୧୩୭ |
| ଦିବ୍ୟ ଭାବନା | ଛବି ରାଣୀ ପତି | ୧୪୦ |
| ରସଗୋଲା | ତ୍ରିପତି ପ୍ରଧାନ | ୧୪୧ |
| ଜାତି ସ୍ୱାଭିମାନ ଆମ ତ୍ରିରଙ୍ଗା | ବେଣୁଧର ସୂତାର | ୧୪୩ |
| ଉଠ୍ ପୁଟୁର୍ | ଆରତୀ ସାହୁ (ଆଶା) | ୧୪୫ |
| ହୋଇବୁ ତୁ ଦିନେ ବଡ | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୫୧ |
| ନାଆଁ ସଙ୍କଟମୋଚନ | ରାଜକିଶୋର ସାଇଁ | ୧୫୨ |
| ବୋଡ଼ାସମ୍ବରରେ ଶକ୍ତିପୂଜା | କୁଞ୍ଜ ବିହାରୀ ସାହୁ | ୧୫୪ |
| ଅମୃତ ଜୀବନ | ସଂଘମିତ୍ରା ଦାଶ | ୧୫୮ |
| ନନା ତୁମେ | ସାବିତ୍ରୀ ମହାପାତ୍ର | ୧୫୯ |
| ସମ୍ମୁଖ ବଇରୀ | ଅଲେଖ ମେହେର | ୧୬୦ |
| ନ୍ୟାୟିକ ବ୍ୟବସ୍ଥାରେ ଓକିଲ-ବିଚାରପତି ସଂପର୍କ | ଗଜାନନ ମିଶ୍ର | ୧୬୧ |
| ନାଉରିଆ | ଦୀନବନ୍ଧୁ ବେଜ | ୧୬୫ |
| ରାଧା | ବିନୟ ମିଶ୍ର | ୧୬୬ |
| କବିର କବିତା | ସିଦ୍ଧେଶ୍ୱର ତ୍ରିପାଠୀ | ୧୬୮ |
| ଜେମ୍ସୱେବ ଟେଲିସ୍କୋପ ମନୁଷ୍ୟର ଚିନ୍ତାଧାରାକୁ ବଦଳାଇଦେଇଛି | ଅସିତ ମହାନ୍ତି | ୧୬୯ |
| ବିପଦୁ ଆମକୁ ରଖ | ନନ୍ଦିନୀ ରାଉତ | ୧୭୫ |
| ନିର୍ଯାତନା | ଜୟ କୁମାର ମିଶ୍ର | ୧୭୬ |
| ବୋତାମ | ଅରୁଣ କୁମାର ମେହେର | ୧୭୮ |
| ନାଟକ-ରାମ ରାବଣ ରାମାୟଣ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୭୯ |
| ଆଜିର ଶ୍ରବଣ | ବାଙ୍କାବିହାରୀ ମହାକୁର | ୧୮୪ |
| ପିଞ୍ଜରା ବନ୍ଧା ପକ୍ଷୀ ଟିଏ | ପ୍ରଶାନ୍ତ ବ୍ରହ୍ମା | ୧୮୬ |

ISSN NO.
2582-208X


| | | |
|---|---|---|
| ଆଶ୍ୱିନର  ଭାବନାରେ | ନୀଳମଣି ଚାନ୍ଦ | ୧୮୭ |
| ପ୍ରାଚୀନ ଭାରତରେ ପାର୍ସି ସଭ୍ୟତାର ଉତଥାନ, ପତନ | ପ୍ରିୟବ୍ରତ ପାତ୍ର | ୧୮୯ |
| ଭଲ ମୁଁ ପାଉଛି ତତେ | ଅମରନାଥ ବାରିକ | ୧୯୪ |
| ମୁକ୍ତିତ୍ରୟ | ଅଧ୍ୟାପିକା ରୋଜାଲିନ୍ ବାରିକ୍ | ୧୯୫ |
| ଅଧାଗଢା | ଅଜିତ ପାଢି | ୧୯୬ |
| କ୍ଷମତା ବନାମ ଆଦର୍ଶ | ଅଧର ବିଶ୍ୱାଳ | ୧୯୮ |
| ପ୍ରଶାସନ ଆଜି ବାରଙ୍ଗନା | କୃଷ୍ଣ ଚନ୍ଦ୍ର ବାରିକ | ୨୦୦ |
| ଜୀବନ | ପୂର୍ଣ୍ଣିମା ଗୋଚ୍ଛାୟତ | ୨୦୨ |
| ସରଗରେ ହେବ ଦେଖା | ଜୟନ୍ତ କୁମାର ମଲ୍ଲିକ୍ | ୨୦୩ |
| ଅଚିହ୍ନା ବନ୍ଧନ (ଧାରାବାହିକ) | ଜୟଲକ୍ଷ୍ମୀ ସେଠୀ | ୨୦୪ |
| କାଳିଆ ଠାକୁର ନିଜ | ଦେବଜାନୀ ବାରିକ୍ | ୨୦୮ |
| ନିଜର ଦଶାରେ ଆଶା | କାଳିପ୍ରସାଦ ମହାପାତ୍ର | ୨୦୯ |
| ବିଷାଦରାଗ | କିଶୋର ମହାନ୍ତି | ୨୧୧ |
| ଛୋଟ ମୋର ନାଆଟି (ଧାରାବାହିକ) | ପ୍ରଫେସର ଅନିତା ପଣ୍ଡା | ୨୧୩ |
| ଓଡ଼ିଆଜାତିର ମଉଡ଼ମଣି | ପ୍ରଶାନ୍ତ କୁମାର ଦାଶ | ୨୨୨ |
| ବାମନ ବାମନ | ସୁହାସିନୀ ବାରିକ୍ | ୨୨୪ |
| ଆହେ ଗଜାନନ | ଜନ୍ମଜୟ ନାୟକ | ୨୨୫ |
| ପ୍ରାଣ ବାୟୁ | ପ୍ରଶାନ୍ତ କୁମାର ନାଥ | ୨୨୬ |
| ଅପ୍ରିୟ ସତ୍ୟ | ଖଗେଶ୍ୱର ବାଗ | ୨୨୭ |
| କବିତା  କଳ୍ପଲତା | ନିରଞ୍ଜନ ସାହୁ | ୨୩୦ |

ISSN NO.
2582-208X


| | | |
|---|---|---|
| ବନ୍ୟା ପାଣି ପରା ପଇଚି | ବିଷ୍ଣୁପ୍ରିୟା ଦାସ | ୨୩୧ |
| ଅଶରଣ ଜନଶରଣ ରକ୍ଷଣ | ଲକ୍ଷ୍ମୀପ୍ରିୟା ବିଶ୍ୱାଳ (ପୂଜା) | ୨୩୨ |
| ଓଡିଆ କ୍ଷୁଦ୍ର ଗଳ୍ପ ର ସୃଷ୍ଟି ଓ ଏହାର ପ୍ରଗତି | ପ୍ରତାପ ଚନ୍ଦ୍ର ସାହୁ | ୨୩୩ |
| କଳଙ୍କିତା ନାୟିକା | ଯଶୋଶ୍ରୀ ବେହେରା | ୨୩୯ |
| ଚାଲ ଯିବା ବୋଇରାଣୀ | ସୂର୍ଯ୍ୟ ନାରାୟଣ ସାହୁ | ୨୪୭ |
| ଜୀବନର ଧାଡି | ସ୍ୱର୍ଣ୍ଣପ୍ରଭା ଖଟୁଆ | ୨୫୨ |
| ରଖିବା ଦେଶ ଟେକ | ସୁବ୍ରତ କୁମାର ପ୍ରଧାନ | ୨୫୪ |
| ଉତ୍କଳ ସନ୍ତାନ | ଦୁଷ୍ମନ୍ତ ବେହେରା | ୨୫୬ |
| ଉତ୍ତର ଅଶୀ ଓଡ଼ିଆ ନାଟ୍ୟସାହିତ୍ୟଧାରାରେ ନାଟ୍ୟକାର ନାରୟଣ ସାହୁଙ୍କ ନାଟ୍ୟସୃଷ୍ଟି ଏକ ଦିଗ୍‌ବଳୟ | ସୂର୍ଯ୍ୟକାନ୍ତ ମଲିକ | ୨୫୭ |
| ସର୍ବ ଅନ୍ତର୍ଯ୍ୟାମୀ | କବିତା ସ୍ୱାଇଁ | ୨୭୨ |
| ଅନ୍ତରରୁ ପଦେ | ପ୍ରିୟଦର୍ଶିନୀ ମହାପାତ୍ର | ୨୭୩ |
| ମୋ ମାଟି ମୂଲକ | ନବ କୁମାର ଦାସ | ୨୭୪ |
| ନମୋ ଗଣେଶ ବିଘ୍ନେଶ | ଲୀଳାବତୀ ପରିଡ଼ା | ୨୭୫ |
| ନବାନ୍ନ ଓ ନବଜୀବନ ପର୍ବ ନୂଆଁଖାଇ | ସାଇପ୍ରସାଦ ସାହୁ | ୨୭୬ |
| ଶ୍ରୀକରଶୋଭନ | ଅଳକା ବାରିକ୍ | ୨୭୯ |
| ଦୁର୍ଲଭ ମାନବ ଜନ୍ମ | ଅଲେଖ ମେହେର | ୨୮୦ |
| ମୁଁ ପଢୁଛି ନୂଆ ବ୍ୟାକରଣ | ତାରାପ୍ରସାଦ ଜେନା | ୨୮୧ |
| ସଦଗୁଣ ବିଷୟରେ ଭଗବାନ ମହାବୀର କ'ଣ କହିଛନ୍ତି | ନରେନ୍ଦ୍ର ପ୍ରସାଦ ବେହେରା | ୨୮୨ |
| ମାଆ | ଶ୍ୟାମସୁନ୍ଦର କୁମ୍ଭାର | ୨୮୪ |

ISSN NO.
2582-208X


| | | |
|---|---|---|
| ହସେ କାଶତଣ୍ଡୀ | ମନୋରଞ୍ଜନ ସୁରୁଜାଲ | ୨୮୬ |
| ଶିଶୁ ସଂସ୍କାରରେ ପିତାମାତାଙ୍କ ଭୂମିକା ଓ ସମାଜରେ ଏହାର ସୁଫଳ | ସରୋଜ କୁମାର ଓଝା | ୨୮୭ |
| ତୋ କୋଳ ସୁନ୍ଦର | ପୂର୍ଣ୍ଣଚନ୍ଦ୍ର ରଣା | ୨୯୧ |
| ଜାତୀୟ ପତାକା ଆମର ପ୍ରତୀକ | ଯଶୋବନ୍ତ ନାୟକ | ୨୯୩ |
| ସମୟ | ଗୁପ୍ତେଶ୍ୱର ଚାନ୍ଦ | ୨୯୪ |
| ଉଡିଗଲା କାହାଣୀ | ଡ. ତନ୍ମୟ କବି | ୨୯୬ |
| ସଂଘମିତ୍ରା କାନ୍ଦୁଛି | ରୋଜାଲିନ ଗଡନାୟକ | ୨୯୮ |
| ମହାନତା | ମାଳତୀ ଦେବୀ | ୩୦୦ |
| ଏଇତ ଜୀବନ | ରାଧାରାଣୀ ରାଉଳ | ୩୦୧ |
| ଜୀବନ ଗପ | ଶିବରାମ ଦଳେଇ | ୩୦୨ |
| ଫୁଟିଥିଲେ | ଜୁମରଲାଲ ରଣା | ୩୦୬ |
| ପୁଅ ପାଇଁ ଚିଠିଟିଏ | ଶୁଭ ରଂଜନ ତ୍ରିପାଠୀ | ୩୦୮ |
| ମୋ ପ୍ରେମ | ସତ୍ୟରଞ୍ଜନ ଘିଓ୍ୱାଲା | ୩୧୦ |
| ମୂର୍ତ୍ତିପୂଜା ବିରୋଧୀ ରାଜା | ବାଲ୍ମୀକି ନାୟକ | ୩୧୧ |
| ପଛ ଲୋକ | ସନ୍ତୋଷ କୁମାର ରାଉତ | ୩୧୫ |
| ନୀଳ ଅଭିମାନ | ଦିନେଶ ଅଗ୍ରଓ୍ୱାଲା | ୩୧୭ |
| ମୋହନରୁ ମହାତ୍ମା | ଦେବାଶିଷ ଦାସ | ୩୧୮ |
| ପ୍ରଶ୍ନରେ ବନ୍ଧା | ଶଶିକାନ୍ତ ମେହେର | ୩୨୦ |
| ତୁମ ବିନା | ଝରଣା ବାରିକ | ୩୨୨ |
| ଭ୍ରମ | ଅଶ୍ୱିନୀ ସୂତାର | ୩୨୩ |
| ଅନ୍ତିମ ଇପ୍ସିତର ସନ୍ଧାନରେ | ଆଦିତ୍ୟ ମହାପାତ୍ର | ୩୨୪ |
| କାଳିଆ ଭରସା | ଆୟୁଷ ବଢ଼ାଇ | ୩୨୬ |
| ବିଶ୍ୱାସ | ଅଭିମନ୍ୟୁ ଧଳ | ୩୨୯ |

ISSN NO.
2582-208X


| | | |
|---|---|---|
| ରଂଗ ପର୍ବର ଅଭିନନ୍ଦନ | ଶୁଭ ପ୍ରଧାନ | ୩୩୧ |
| ଜାତୀୟ ପତାକା | ସୌମ୍ୟ ରଞ୍ଜନ ଷଡ଼ଙ୍ଗୀ | ୩୩୨ |
| ନିଶା ଅନୁରୂପ | ଶିବରାମ ସାହୁ | ୩୩୪ |
| ଅଲିଭା କଲମ | ନେତ୍ରିକା ସାହୁ | ୩୩୫ |
| **ସ୍ୱାସ୍ଥ୍ୟ ବିଭାଗ** | | |
| ଦୀର୍ଘାୟୁ ସ୍ୱାସ୍ଥ୍ୟ ପାଇଁ ବୃକ୍ଷ ର ଉପକାରିତା | ଡାକ୍ତର ବସନ୍ତ କୁମାର ଷଡଙ୍ଗୀ | ୩୩୭ |
| **ଆମ ହାଣ୍ଡିଶାଳ** | | |
| ସ୍ୱାଦିଷ୍ଟ ମଟର ପୁରୀ | ଜୟନ୍ତୀ ଦେବୀ | ୩୪୨ |
| କଦଳୀ ଭଣ୍ଡା ରାଇ | ଅଧ୍ୟାପିକା ରୋଜାଲିନ୍ ବାରିକ୍ | ୩୪୩ |
| ଦହି ଭେଣ୍ଡି ବେସର | ଅଳକା ବାରିକ୍ | ୩୪୪ |
| **ଆଞ୍ଚଳିକ** | | |
| କଥାନି - ମଙ୍ଗଲ୍ ସୂତା | ସତ୍ୟନାରାୟଣ ମିଶ୍ର | ୩୪୬ |
| ମାନି ଗୁନି ଚଲ୍ | ପ୍ରମୋଦ କୁମାର ସାହୁ | ୩୪୮ |
| ଆଏଲା ବୋଲି ଭୋଦୋ | ପ୍ରଭାତୀ ହୋତା | ୩୫୦ |
| ନୂଆଁଖାଇ ତିହାର୍ | ଦେବାର୍ଚ୍ଚନ ମେହେର | ୩୫୨ |
| ଆମର ତିହାର ନୂଆଖାଇ | ପ୍ରକାଶ ମେହେର | ୩୫୩ |
| **ଶିଶୁ ବିଭାଗ** | | |
| କାଙ୍କଡ଼ କଷି | ଡ଼ଃ ରଞ୍ଜିତ କୁମାର ସାହୁ | ୩୫୬ |
| କହିଲ ଦେଖି | ଅମରନାଥ ବାରିକ | ୩୫୯ |
| ବାଘମାମୁଁ | ମୀନାକ୍ଷି ପାଢ଼ୀ | ୩୬୧ |

ISSN NO.
2582-208X


| | | |
|---|---|---|
| ଆହ୍ୱାନ୍ ପାଇଁ ନାନାବାୟା | ନୀଳମଣି ଚାନ୍ଦ | ୩୬୨ |
| ଟିକି ଚଢେଇର ଚିତ୍କାର | ପ୍ରଶାନ୍ତ କୁମାର ନାଥ | ୩୬୬ |
| ସରଗ ଶଶୀ | ରାଧାମୋହନ ପୂଜାହାରୀ | ୩୬୫ |
| ମୋ ସ୍କୁଲ୍ ସାର୍ | ରାମ ଚନ୍ଦ୍ର ପ୍ରଧାନ | ୩୬୭ |
| ଚିତ୍ର | ଆଦବିକା ପଟ୍ଟନାୟକ | ୩୬୯ |
| ମତାମତ/ସମୀକ୍ଷା | ବେଦାନ୍ତୀ ପରିବାର | ୩୭୦ |
| ଅକ୍ଟୋବର ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୩୭୪ |
| ଚିତ୍ର କଥା କହେ | ବେଦାନ୍ତୀ ପରିବାର | ୩୭୫ |


[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ )

ISSN NO.
2582-208X

# ଦେବୀ ପାଇଁ


ସୌଭାଗ୍ୟବନ୍ତ ମହାରଣା

ଦେବୀ, ଅଗଣାରେ ଆସୁଛ ବୋଲି
ଖବର ପାଇଲି ପ୍ରଥମେ ବୁଲୁ ବୁଲୁ
ଏକଲା ନଈ ପଠାରେ ସେ କାଶତଣ୍ଡୀ
ଫୁଲର ତୋଫା ହସ ଭିତରୁ ବିଶ୍ୱାସ ସାଉଁଟି ।
ମାୟାରୁ ମୁକୁଳ ପାରିବାର ସାମର୍ଥ୍ୟ
ହରେଇ ଦେବା ପରେ ଅନ୍ଧ ଗଳରେ
ମୋ ଭିତରର ଛାୟା ପୁରୁଷର ଅପ୍ରମିତ ଦୁଃଖ ସହ
କିଏ ଆଉ ମିତ୍ରତା କରିବ
ଜଂଜାଳର ଜଖମ ଭିତରେ ନିଜସ୍ୱ ହରେଇ ?

ଜଂଜାଳରେ ଜୁଡୁବୁଡୁ ହେବାର
ମିଛ ଗୌରବକୁ ମୁଣ୍ଡରେ ବୋହି
ଛାତି ଫୁଲେଇ ବୁଲୁଛି ବ୍ୟସ୍ତ ମଣିଷ
ତା ଅମଙ୍ଗଳ ବ୍ୟକ୍ତିତ୍ୱ ଓ ଅଲୋଡା ଯଶର
ଅନାଲୋଚିତ ପାରଗତା ଉନ୍ମୋଚନ କରିବାକୁ ।
ଆଜିର କୁଟିଳ ମାନବ ଓ ମହିଷାସୁରର ରକ୍ତରେ
ଆତଙ୍କ ଓ ଅତ୍ୟାଚାରର ପାର୍ଥକ୍ୟ ମିଳେନି
ରକ୍ତବୀର୍ଯ୍ୟମାନଙ୍କ ଶୋଭାଯାତ୍ରା ସଜିଲ କରିବାକୁ ।
ଏବେ ତୁମ ଧରାବତରଣରେ ଇତିହାସର ରଙ୍ଗ ପଖାଳିବାକୁ
ଚୁରମାର ହୋଇଯାଉ ଦୁଷ୍ଟ ଓ ପାପୀଙ୍କ ନିବୁଜ ଦୁର୍ଗ
ବସୁନ୍ଧରାର ବିଶ୍ରାମ ସଜାଡିବାକୁ ଆଉଥରେ ।

ISSN NO.
2582-208X

ଏଇ ଆଶ୍ୱିନର ଭସାମେଘର
ମୁରୁକ ହସ ଭିତରେ
ଧାନଗଛରେ ଦୁଧଭର୍ତ୍ତି ଶିଁଷା ଗଜୁରିବାର
ମହମହ ବାସ୍ନାରେ
ମନ୍ଦାର ଫୁଲରେ ମାଟିର ପଣତ ଝଲସୁଥିବା ବେଳେ
ତୁମକୁ ଆଦୌ ଶୋଭା ପାଏନା ଦେବୀ
ବଳ ରକ୍ତରେ ନଜ ଅଭିଷେକ ରଚବାକୁ
ନାରୀର କୋମଳତା ଓ କରୁଣାର ଦିବ୍ୟ ରୂପକୁ
କଠୋର ଆଘାତ ଦେବାକୁ ସଭିଙ୍କ ସାମ୍ନାରେ ।

ଏ କଳଯୁଗର କାଳମାରେ କୀର୍ତ୍ତିମାନ ରଚବାକୁ
ଆଉ କଳାର ଅପହରଣ କରନା ଦେବୀ
ଆଡ ଆଖିର କ୍ରୋଧିତ ମୁଦ୍ରାରେ ।
ଆଶା ଓ ବିଶ୍ୱାସ ଫେରେଇ ଆଣିବାକୁ
ହତାଶା ଓ ଅବିଶ୍ୱାସର ନବୁଜ ଦୁର୍ଗ ଭିତରୁ
ଏ ଆଦିମ ଅନ୍ଧାରର ଗୁଂଫାରେ ରେ୍ଷଣୀ ଭରିବାକୁ
କଏ ଆଉ ଆଗେଇ ଆସିବ ତୁମ ବିନା ?
ହସ ହସ ମୁହଁରେ ଶକ୍ତିର ଉଦଭାସ ନେଇ
ଧୂଳ ଧୂସରିତ ଧରାକୁ ଓହ୍ଲେଇ ଆସ ଦେବୀ
କାଶତଣ୍ଡୀ ଫୁଲର ଶୁଭ୍ରତା ପରି,
ଲହରିତ ପବନରେ ମଧୁର ମୂର୍ଚ୍ଛନା ତୋଳବାକୁ ।

ଭାରତୀ ଭବନ, ଶିବମ୍ କଲୋନୀ,
ଆୟକର ଭବନ ପଛ, ସମ୍ବଲପୁର - ୭୬୮୦୦୪
ମୋ: ୯୪୩୭୪୫୭୭୩୬

ISSN NO.
2582-208X

# ଡି.ଏଫ.ଓ
# କ୍ୟାମ୍ପବେଲ ବେ



ଅଶୋକ ବିଶ୍ୱାଳ

## ୪-ଛୋଟ ଜାହାଜର ଲମ୍ବା ଡେକ

ସେ ତା'ପରେ ତିମିର ଉପରେ କିଛି ସାମାନ୍ୟ କହିଲେ । ତିମି ଖାଇବାକୁ ଗଭୀର ସମୁଦ୍ରକୁ ଡାଇଭ ମାରେ । ତିମି ଶିକାର ଆଉ କିଛିର ଉପସ୍ଥିତି ଅଲଟ୍ରାସୋନିକ କ୍ଲିକିଙ୍ଗ ଶବ୍ଦକରି ଜାଣିପାରେ । ବେଳେବେଳେ ଅନେକ ତିମିଙ୍କୁ କିଛି କିଛି ସ୍ଥାନରେ ମରିପଡିଥିବାର ଦେଖାଯାଇଛି ।

"ଆଣ୍ଡାମାନ ଓ ନିକୋବର ଦ୍ୱୀପ ସମୂହରେ ତିମି ବା ହ୍ୱେଲ ଅମ୍ବରର ଏକ ମୁଖ୍ୟ ସ୍ଥାନ । ଆପଣ ଅମ୍ବର ବିଷୟରେ ଜାଣିଛନ୍ତି ତ?"- ଅସୀମଙ୍କ ବଡ ହୋଇଯାଉଥିବା ଆଖିକୁ ଦେଖି ମୋଇନବାବୁ ଅସୀମଙ୍କୁ କହିଲେ । ଅସୀମ ଅମ୍ବର କ'ଣ ଜାଣିନଥିଲେ ।

"ଅମ୍ବର ପରଫ୍ୟୁମ ଇଣ୍ଡଷ୍ଟ୍ରୀରେ ବ୍ୟବହାର କରାଯାଏ । ଆଉ ଏହି ଅମ୍ବର ତିମିଠାରୁ ମିଳେ ।"- ସେ କହିଲେ । ତା'ପରେ କଥାଟା ବୁଝାଇଦେଲେ ।

ଅମ୍ବର ହେଉଛି ସ୍ପର୍ମ ହ୍ୱେଲର ପାକସ୍ଥଳୀରୁ ବେଳେବେଳେ ବାହରୁଥିବା ଏକପ୍ରକାର ବାଦାମୀ ତେଲିଆ ସିକ୍ରେସନ ପଦାର୍ଥ ଯାହାକୁ ତିମି ବେଳେ ବେଳେ ପେଟରୁ ବାହାର କରିଦେଇଥାଏ । ଏହା ପରେ ଅତର ବା ଅନ୍ୟ ସୁଗନ୍ଧ ଦ୍ରବ୍ୟ ତିଆରିରେ ବ୍ୟବହୃତ ହୁଏ । ବେଳେବେଳେ ସମୁଦ୍ରରେ ୨୫ ରୁ ୧୦୦ କିଗ୍ରା ପର୍ଯ୍ୟନ୍ତ ଅମ୍ବର ଭାସିବାର ଦେଖାଯାଇଛି । ସ୍ପର୍ମ ହ୍ୱେଲ ଜ୍ୟାଣ୍ଟ ସ୍କୁଇଡକୁ ପୁରା ହଜମ କରିପାରେ ନାହିଁ । ହଜମ ନହେଉଥିବା ପଦାର୍ଥ

ISSN NO.
2582-208X

ଉପରେ ପେଟ ଭିତରେ କିଛି କିଛି ଉପାଦାନ ଜମିଯାଏ । ହ୍ୱେଲ ଏହି ବଦହଜମି ହେଉଥିବା ପଦାର୍ଥକୁ ବେଳେବେଳେ ବାନ୍ତ କରିଦେଇଥାଏ ।

ଜାହାଜ ଆଗକୁ ଯାତ୍ରା କରିଗ୍ଭଲିଥିଲା । ମୋଇନବାବୁ ଉତ୍ସାହିତ ହୋଇ ନଜର ଜାଣିଥିବା କଥାମାନ କହିଯାଉଥିଲେ । ଧିରେ ସେଇ ଫୁଆର୍ ବନ୍ଦ ହୋଇଗଲା । ସେମାନେ କିଛି ସମୟ ବସି ରହିଲେ ।

"କ୍ୟାମ୍ପବେଲ ବେ ଛୋଟ ଜାଗା । କାମର ସେମିତି କିଛି ପ୍ରେସର ନାହିଁ । ତେଣୁ ଜଣେ ଜଣଙ୍କୁ ଜାଣିବାକୁ ବହୁତ ସମୟ ପାଇବେ । ନିଜକୁ ଆବିଷ୍କାର କରିବାଟା ହେବ ଅନ୍ୟର ଆଖିରେ ।"- ମୋଇନବାବୁ କହୁଥିଲେ ଧିରେ । ତାଙ୍କ ଆଖିରେ ସାମାନ୍ୟ ଚମକ ଅସୀମ ଅନୁଭବ କରୁଥିଲେ । କଥାଟା ସେମାନଙ୍କ ଆଡକୁ ସାମାନ୍ୟ ଇଙ୍ଗିତ କରୁଥିଲା । ତାଙ୍କ ଝିଅ ଆଉ ଶୋଭନା କଥାବାର୍ତ୍ତାରେ ମଜ୍ଜି ଯାଇଥିଲେ । ନିଜକୁ ଆବିଷ୍କାର କରିବା ପାଇଁ ମଣିଷର ଅଦମ୍ୟ ଇଚ୍ଛା ତ ସବୁବେଳେ । ମୋଇନବାବୁ ଅତି ସଂଜତଭାବେ ଏକ ଗଭୀର କଥା କହିଦେଲେ । ଅସୀମ କିନ୍ତୁ ତାଙ୍କ ସହ ସେ ବିଷୟରେ କଥା ହୋଇପାରିଲେ ନାହିଁ । ବୟସର ଲମ୍ବା ଫରକ, ତାଙ୍କୁ ସଙ୍କୋଚ ଲାଗୁଥିଲା ।

ଅସୀମ ଦୂର ସୀମାନ୍ତକୁ ଅନାଇଲେ । ନୀଳ ସମୁଦ୍ର ଆଉ କେଉଁଠି ଥିବ ଏକ ସବୁଜ ଦ୍ୱୀପ ଯାହା କୂଳରେ ଭାରତ ମହାସାଗରରୁ ଲହଡି ଆସି ବାଡେଇହୋଇ ଫେଣ ତିଆରି କରୁଥିବ। ଏକ ଏକ ମାଳା ଯେମିତି ଦ୍ୱୀପର କୂଳରେ ତିଆରି ହୋଇଗ୍ଭଲିଥିବ । ଅପୂର୍ବ ଦୃଶ୍ୟ ଥିବ । ମହାସାଗରରୁ ଉଠିଆସୁଥିବ ସୂର୍ଯ୍ୟ, ମହାସାଗରରେ ବୁଡିଯାଉଥିବ ସୂର୍ଯ୍ୟ । ଅସୀମ ନିଜ ମନ ଭିତରେ ବହୁ ଦୃଶ୍ୟ ତିଆରି କରିଗ୍ଭଲୁଥିଲେ ।

"କ୍ୟାମ୍ପବେଲ ବେରେ ଆଡଭେଞ୍ଚର । ଏଇଟା ଆପଣଙ୍କର ଆଗର ସବୁଦିନକୁ ରୋମାଞ୍ଚକ କରିଦେବ । ଅନେକ ନୂଆ ନୂଆ ଜାଗା ଦେଖିବେ, ନୂଆ ଅଶୁଣା ପ୍ରାଣୀଙ୍କ ବିଷୟରେ ଜାଣିବେ ।"- ମୋଇନବାବୁ ପୁଣି କହିଲେ ।

ISSN NO.
2582-208X

ଅସୀମ ଏତିକ ଜାଣିଥିଲେ ଯେ କ୍ୟାମ୍ପବେଲ ବେ ବହୁତ ଛୋଟ ଜାଗା । ମୋଟ ୪୧ କି.ମି. ରାସ୍ତା ଅଛି ଆଉ ଅନ୍ୟସବୁ ରାସ୍ତାକୁ ମିଶାଇଲେ ପ୍ରାୟ ୬୦-୭୦ କମି ରାସ୍ତା । ଏତିକ ଯାହା ରାସ୍ତାରେ ବୁଲିହେବ । ବାକ ପାଣିରେ ଯାତ୍ରା । ପାଣି ଯାତ୍ରା ଅସୀମ ବେଶି କରିନାହାନ୍ତି । କିନ୍ତୁ ମଜା ଲାଗିବ ବୋଲି ସେ ଆଶା କରୁଥିଲେ । ମହାସମୁଦ୍ର ଦ୍ୱୀପକୁ ଚାରିଆଡେ ଘେରି ରହିଛି । ଗୋଟାଏ ଜାଗାରୁ ଆଉ ଗୋଟାଏ ଜାଗାକୁ ଜଲଦି ପାଣିରେ ଯାଇହେବ । ତେଣୁ ସେଇଠି ଅସୀମଙ୍କ ପାଇଁ ଅନେକ ନଜାଣିଥିବା ଆଡଭେଞ୍ଚର ପ୍ରତୀକ୍ଷା କରି ରହିଥିବ ।

ଅସୀମଙ୍କ ମୁହଁରେ ସାମାନ୍ୟ ରକ୍ତର ପ୍ରବାହ ମୋଇନବାବୁ ଦେଖିନେଲେ । ଅସୀମ ତାଙ୍କ କଥାରୁ ମଜା ପାଉଛି ବୋଲି ତାଙ୍କ ଭଳ ଅଭିଜ୍ଞ ବ୍ୟକ୍ତ ଏକ ନଜରରେ ଜାଣିନେଲେ । କିଛି ମନରେ ସଂଶୟ ତ ଥିବ । ତେଣୁ ସେ ପୁଣି କହିଲେ ।

"ପ୍ରସାଦବାବୁ ଅଛନ୍ତି । ଏବେ ସେ ଅବଶ୍ୟ କିଛି ଦିନ ଛୁଟିରେ ରହିବେ । ସେ ବହୁତ ଲାଇଭଲି ଲୋକ । ଆପଣଙ୍କୁ ଆଡଭେଞ୍ଚର ପାଇଁ ବହୁତ ଜାଗା ନେଇଯିବେ । ବୋଟ ଆଉ ବୋଟମ୍ୟାନ ଅଛନ୍ତି । ସେମାନେ ଅଭିଜ୍ଞ ଲୋକ । ସବୁ ଜାଗାରେ ବୋଟ ଚଲାଇ ପାରନ୍ତି । ତେଣୁ ବହୁତ ବୁଲିପାରିବେ । ଗଲାଥିଆ ଆଉ ଆଲେକଜାଣ୍ଡ୍ରିଆ ନାମରେ ଦୁଇଟା ବଡ ନଦୀ ଅଛି । ଭିତରକୁ କିଛି କିଲୋମିଟର ବୋଟରେ ଯାଇହେବ । ଆଉ ଏମିତିଆ ଅଦେଖା ନଦୀ ଭିତରକୁ ବୋଟରେ ଗଲେ ଜୀବଜନ୍ତୁଙ୍କୁ ସେମାନଙ୍କ ପ୍ରାକୃତିକ ପରିବେଶ ଭିତରେ ପାଖରୁ ଦେଖିପାରିବେ ।"- ମୋଇନବାବୁ କହୁଥିଲେ । ତା'ପରେ ଏମିତି କଥା ଚାଲିଲା । କ କ ସରକାରୀ ଦପ୍ତର ଅଛି । କେଉଁଠି କେଉଁଠି କ୍ୟାମ୍ପମାନ ଅଛି । କ କ କାମ ହୁଏ । କ'ଣ ମିଳବ ଆଉ କ'ଣ ନମିଳବ । ଏମିତି ଅନେକ କଥା ମୋଇନବାବୁ ଆମର କ୍ୟାମ୍ପବେଲ ବେ ପହଞ୍ଚିବା ଆଗରୁ କହିଲେ । ତାଙ୍କ କଥାଶୁଣି ଆଗର ଯାତ୍ରା ବିଷୟରେ ଭାବିବାକୁ ଅସୀମଙ୍କୁ ମଜା ଲାଗୁଥିଲା । ଦିନ ଏହା ଭିତରେ ବୁଡିଯାଇଥିଲା ।

ପରଦିନ ସକାଳୁ ସକାଳୁ ଜାହାଜ କାର ନିକୋବରର ପାଖାପାଖି ହେଉହେଉ ଗହଳ ଚହଳ ଆରମ୍ଭ ହୋଇଗଲା । କିଛି ଲୋକ ଏଠି ଓହ୍ଲାଇବେ । ବୋଟ ବା ପଣ୍ଟୁନରେ ସେମାନେ ନିକୋବରର ଛୋଟ ଜେଟି ଯିବେ । ଜାହାଜ କମ ପାଣିରେ ନଙ୍ଗର ପକାଇପାରିବ ନାହିଁ । କାର ନିକୋବରର ଚାରିପଟେ ପାଣି କମ । ଜାହାଜ ପାଇଁ ଅନୁକୂଳ ସ୍ଥାନ ନୁହେଁ । ଜାହାଜ

ISSN NO.
2582-208X

ନଙ୍ଗର ପକାଉ ପକାଉ ପଣ୍ଟୁନ ଆସି ଲାଗିଗଲା । ଲୋକମାନେ ଶିଡିରେ ଓହ୍ଲାଉଥିଲେ । ଜିନଷମାନ ମଧ୍ୟ ଓହ୍ଲାଇ ଦିଆଯାଉଥିଲା । ପଣ୍ଟୁନ ପାଣିରେ ଏକ ଚଞ୍ଚଳ ନର୍ତ୍ତକୀ ଭଳି ନାଚୁଥିଲା ।

ଅସୀମଙ୍କ ଦଳ ଏ ଭିତରେ ରେଲିଙ୍ଗ ଧରି ଦ୍ୱୀପକୁ ଅନାଇଥିଲେ । ଦୂରରେ କାର ନକୋବରର ବେଳାଭୂମି ବେଶ ଚମକୁଥିଲା । ସମୁଦ୍ର ହାଲୁକା ନୀଳ । ସର୍ଫ ନୀଳ । କଳା ନୀଳ ନୁହେଁ । କିଛି ନକୋବରୀ ଘର କୂଳ ପାଖରେ ଦେଖାଯାଉଥିଲା । ଚାରିଆଡେ ନଡିଆ ଗଛ । ଏ ଦ୍ୱୀପରେ ଯେମିତି ଆଉ କିଛି ନାହିଁ କେବଳ ନଡିଆ ଗଛ ଯେମିତି ଅଛି । ମୋଇନବାବୁଙ୍କ ସହ ଭଲ ବହୁତ ବନ୍ଧୁତା ହୋଇଯାଇଥିଲା । ତାଙ୍କ କଥା ଶୁଣିଲେ ତ କେହି ତାଙ୍କ ସାଙ୍ଗରେ ଘଣ୍ଟା ଘଣ୍ଟା ଧରି କଥା କହିବାକୁ ଇଚ୍ଛା କରିବ ।

"ଆପଣ ଏ ଦ୍ୱୀପକୁ ଆସିଛନ୍ତି?"– ଶୋଭନା ମୋଇନବାବୁଙ୍କୁ ପଚାରିଲେ ।

ମୋଇନବାବୁ ମୁଣ୍ଡ ହଲାଇଲେ । ସେ ଅନେକ ଥର ଆସିଛନ୍ତି । କିନ୍ତୁ ସୋମନା ମୋଟେ ଆସିନି ।

"କିଛି ମନେ ରଖିଛନ୍ତି?"– ଶୋଭନା ପଚାରିଲେ । ତାଙ୍କର ଆଗ୍ରହ ଦେଖି ଅସୀମଙ୍କୁ ଭଲ ଲାଗୁଥିଲା । ସୋମାନା ମଧ୍ୟ ସେମାନଙ୍କ କଥାରେ ଭାଗ ନେଉଥିଲେ ।

"ଥରେ ମୁଁ ଏକ ଗାଁକୁ ଆସିଥାଏ । ଜଣେ ବୟସ୍କ ବ୍ୟକ୍ତି ବାଲିର ଏକ କୁଦ ଉପରକୁ ଚଢିଗଲେ । ଚାରିଆଡେ ଛାଡି ଛାଡି ଘର । ସବୁଆଡେ ନଡିଆ ଗଛ ଲଗାଯାଇଛି । ତାଙ୍କ ଦେହରେ ହାଫ ପ୍ୟାଣ୍ଟ ଥିଲା, ଉପର ଶରୀର ଖୋଲା । 'ମୋନକା । ଆଇ ଲଭ ୟୁ ।' ସେଇଠୁ ସେ ବୁଢା ଜୋରରେ ପାଟି କରି ଗୀତ ଗାଇଲେ ।

ମୁଁ ହସିଦେଲି । ସେବାଷ୍ଟିଆନ ମଧ୍ୟ ହସିଲା । ମୁଁ ଭାବୁଥିଲି ବୁଢା ଆଜି ସକାଳୁ ସକାଳୁ ବେଶ ପିଇଦେଇଛି । ଏମିତି ବି ନକୋବରୀ ସବୁବେଳେ ନଡିଆ ତାଡି ପିଇବା ପାଇଁ ଭଲ

ISSN NO.
2582-208X

ପାଆନ୍ତୁ । ବିନା ତାଡିରେ ସେମାନଙ୍କୁ ଭଲ ଲାଗେନ । ତେଣୁ ବୁଢା ନଜର ଯୁବକ ଦିନମାନଙ୍କୁ ମନେ ପକାଉଛି ।

ବୁଢା ଟାଙ୍କେ ମାରିଦେଇଛି ବୋଧେ ।– ସେଦିନ ମୁଁ ସେବାଷ୍ଟିଆନକୁ କହିଥିଲି ।

ସେବାଷ୍ଟିଆନ ସେତେବେଳେ ଟିକେ ହସିଲା । ନକୋବରୀମାନେ ଅତି ସିଧା ଲୋକ । ମନ ଭିତରେ କଛି ଓଲଟା ଭାବନା ନଥିବ । ସେ ଟିକଏ ମୁଣ୍ଡ ହଲାଇଲା । ଏମିତି ମୁଣ୍ଡ ହଲାଟା ମୋ କଥାରେ ସେ ରାଜି କି ଅରାଜି ଜଣା ପଡୁନଥିଲା । ତା'ର ମୋଟା ଆଖି ଛୋଟ ହୋଇ ଆସିଥିଲା । ସେ ବୋଧେ ବୁଢାଭଳ ସକାଳୁ ସକାଳୁ ପିଇଦେଇଛି । ମୋତେ ବି ହସ ଲାଗୁଥିଲା । କାହାକୁ ମୁଁ କି ପ୍ରଶ୍ନ ପଚାରୁଛି ?

ବୁଢା ସେମିତି ତିନଚାରିଥର କୁଦ ଉପରେ ଚଲାଇଥିବ । କେହି କନ୍ତୁ ବୁଢା ଆଡକୁ ଲକ୍ଷ୍ୟ କଲେନ । ଅନ୍ୟ କେଉଁ ଜାଗାରେ ହୋଇଥିଲେ ବୁଢା ଏମିତି ଚକ୍କାର କରୁଥିବା ଦେଖି ସମସ୍ତେ ବୁଢା ଆଡକୁ ବଡ ଆଖିରେ ଆନଇଥାନ୍ତେ । କେତେଜଣ ଦୌଡିଆସି ବୁଢାକୁ ଘୋଷାରିଥାନ୍ତେ । ତାହା ହେଲାନ, ଏକ ଆଶ୍ଚର୍ଯ୍ୟ ଘଟଣା ଘଟିଲା ।"–ମୋଇନବାବୁ ଏତିକ କହି ରହିଗଲେ ।

ଦୁଇ ତରୁଣୀ ବେଶ ମଜା ଅନୁଭବ କରୁଥିଲେ । ସେମାନଙ୍କ ଆଖି କହୁଥିଲା ଜଲଦି ମୋଇନବାବୁ କଛି କୁହନ୍ତୁ । ମୋଇନବାବୁ ଦୂର କାର ନକୋବର ଦ୍ୱୀପକୁ ଟିକେ ଆନଇଲେ। ନୀଳ ସମୁଦ୍ର ଭୀତରେ ହସିକରି ବସିଛି ଦ୍ୱୀପ । ଲୋକମାନେ କେତେ ମଜାଳଆ ଥିଲେ ସେଇଠି । ସେମାନେ ସବୁ କଥାରେ ଖୁସି ରୁହନ୍ତୁ, ହସୁଥାନ୍ତୁ । ତାଙ୍କ ମୁହଁରେ ଟିକେ ହସ ଖେଳଗଲା ।

"ଗୋଟାଏ ମୋଟା ଘୁଷୁରି ଷଡଷଡ କରି ବୁଦା ଭିତରୁ ବାହାରି ବୁଢା ଆଡକୁ ଦୌଡି ଆସିଲା ।"– ମୋଇନ୍ଦ୍ରବାବୁ କହିଲେ ଆଉ ହସି ଉଠିଲେ ।

ISSN NO.
2582-208X

"କଣ କହିଲେ ? ଘୁଷୁରି ତାଙ୍କ ଆଡକୁ ଦୌଡି ଆସିଲା ।"- ଶୋଭନା ଆଶ୍ଚର୍ଯ୍ୟ ହୋଇ କହୁଥିଲେ ।

"ସେଇଟା ତ ଆଶ୍ଚର୍ଯ୍ୟର କଥା । ସେ ଘୁଷୁରିର ନାଁ ହେଲା - 'ମୋନକା ଆଇ ଲଭ ୟୁ' ।"- ମୋଇନବାବୁ କହିଲେ ।

"କ ମଜାର କଥା । ପାଳୁଥିବା ଜନ୍ତୁଙ୍କୁ କଏ ଏମିତିଆ ନାଁ ଦିଏ ନାଁ କ'ଣ ?"- ସୋମନା କହିଲେ ।

"ସେଇଆ ତ ମୁଁ ଭାବୁଥିଲି ।"- ଅସୀମ କହିଲେ ।

"ସେଇ ହେଉଛି ନକୋବରର ବିଶେଷତ୍ୱ । ନାମକରଣ ବଡ ମଜାଳିଆ । ଏଠି ତୁମେ ନେପୋଲିଅନ ବୋନାପାର୍ଟେ ପାଇବ । ଏଡମଣ୍ଡ ହିଲାରୀ ପାଇବ । ଏମିତି କଛି ବଡ ନାଁ ନାହିଁ ଯାହା ତୁମେ ପାଇବନ ।"- ସେ କହିଲେ ।

ସେମାନଙ୍କ କଥା ଶୁଣି ଅସୀମଙ୍କୁ ମଜା ଲାଗୁଥିଲା । ସେମାନଙ୍କର ତ କଛି କରିବାର ନଥିଲା । ଆଗଭଳ ଗପର ଆସର ଜମିଗଲା । ଆଉ ଗପ କହିଲାବାଲା ଏକ ଅତି ମଜାଦାର ଲୋକ ହୁଅନ୍ତୁ ତ ଆଉ କ'ଣ ଦରକାର ? ସେମାନେ ପାଖାପାଖି ବେଞ୍ଚରେ ବସିଯାଇଥିଲେ । ଉପରେ ଅନେକ ଲୋକ ବୁଲୁଥିଲେ । ସମସ୍ତେ କେଉଁଆଡେ ନ ଆନଇ ମୋଇନବାବୁଙ୍କ କଥାକୁ କାନେଇଥିଲେ ।

"ଯେକୌଣସି ଭଲ ନାଁ ପାଇଲେ ବା କଛି ନାଁ ଭଲ ଲାଗିଲେ ପୁଅ ନାଁ ପିଲାକୁ ଦେଇଦିଆଯାଏ ।"- ସେ କହିଲେ ।

"ଆଉ ସାଙ୍ଘା ? ସେଇଟା ଅଛି ନା ନାହିଁ ?"- ଅସୀମ ପଚାରିଲେ ।

"ସେଇଟା ନାହିଁ । ସାଙ୍ଘା ର କନସେପ୍ଟ ଏଠି ନାହିଁ ।"- ସେ କହିଲେ ।

ISSN NO.
2582-208X

"ଗ୍ରାମ ଚଳଣି ବହୁତ ଭିନ୍ନ ହୋଇଥିବ ?"

"ନିଶ୍ଚିତ ଭାବରେ ଅନେକ ଭିନ୍ନ । ଦ୍ୱୀପ ଅଧିବାସୀ ହେବା ଫଳରେ ସେମାନେ ବହୁତ କଥା ସାମୁହିକ ଭାବରେ କରନ୍ତି । ଆଉ କାର ନିକୋବରରେ ରିସୋର୍ସ ବା ସାଧନର ବଡ ଅଭାବ । ତେଣୁ ସବୁ ଜିନିଷର ବ୍ୟବାହର ପାଇଁ ନିୟମ ଅଛି ।"

"କିଏ ତା'କୁ ପ୍ରଚଳନ କରାଏ ।"

"ଭିଲେଜ କ୍ୟାପଟେନ ।"

"ଏଇଟା କି ଜିନିଷ । ଗାଁରେ ତ ମୁଖିଆ ଥାଆନ୍ତି । ସେମାନଙ୍କୁ ଅଲଗା କିଛି ନାଁରେ ମଧ୍ୟ ଡକାଯାଇପାରେ । କିନ୍ତୁ ଭିଲେଜ କ୍ୟାପଟେନ ଶବ୍ଦ କିଛି ଅଖାଡୁଆ ଲାଗୁଛି ।"

"ଏଇଟା ଜାହାଜୀ ଶବ୍ଦ ।"

"ପ୍ରଥମରୁ ମୁଁ ତ ସେମିତି ଭାବିଥିଲି । ଏଇ କ୍ୟାପଟେନ ଶବ୍ଦଟା କୁଆଡୁ ଆସିଲା ?

"ଗ୍ରାମର ମୁଖ୍ୟ ଲୋକଙ୍କୁ ଭିଲେଜ କ୍ୟାପଟେନ କୁହାଯାଏ ।"

"ବାଃ ବଢିଆ କଥାତ । ଲାଗୁଛି ଜାହାଜ ଚଳଚଳ ତ ଜୀବନର ସବୁ ସ୍ତରରେ ଅଛି ।"

"ସବୁଯାଗାରେ ମୁଖିଆ ଅର୍ଥ ହେଉଛି ମୁଖ୍ୟ ଲୋକ । କ୍ୟାପଟେନ ଜାହାଜର ମୁଖ୍ୟ ଲୋକ। ତେଣୁ ଏଠାକାର ଲୋକେ ସେହି ପଦବୀକୁ ଆପଣେଇ ନେଇଛନ୍ତି । ଆଉ ମୁଖ୍ୟ ଲୋକକୁ ଡେମୋକ୍ରାଟିକ ମେଥଡରେ ବଛାଯାଏ । ଆଶ୍ଚର୍ଯ୍ୟଭାବେ ଏଠି ଡେମୋକ୍ରାସି କେଉଁ ଯୁଗରୁ ଅଛି । ଗାଁର ୧୫ ବର୍ଷରୁ ସମସ୍ତ ବ୍ୟକ୍ତିଙ୍କର ମତଦାନର ଅଧିକାର ଥାଏ । କ୍ୟାପଟେନଙ୍କ ଅନୁପସ୍ଥିତିରେ ସେକେଣ୍ଡ କ୍ୟାପଟେନ ଗାଁକୁ ସମ୍ଭାଳନ୍ତି ।"

ISSN NO.
2582-208X

"ଲୋକେ ଭୋଟଦେଇ ମୁଖିଆ ବାଛନ୍ତି । ବେଶ ଭଲ କଥା ତ । ପ୍ରଥମରୁ ଡେମୋକ୍ରାଟିକ।"

"ସେଇଟା ଦରକାର । ସମସ୍ତଙ୍କ ବଞ୍ଚିବା ପାଇଁ ରିସୋର୍ସକୁ ଠିକ ବାବରେ ବାଣ୍ଟିବା ପାଇଁ ଏକ ମୁଖ୍ୟ ବ୍ୟକ୍ତର ଆବଶ୍ୟକତା ଅଛି ।"

"ହଁ ଆପଣ ସେ କଥାଟା ତ ପୁରା କରିନାହାନ୍ତି । ମୋନକା ଆଇ ଲଭ ୟୁ ।"-

"ବେଶି ଅଧିକା ନାହିଁ । ବୁଢା ପାଖରେ ନଡିଆ ଥିଲା । ବୁଢା ସେ ନଡିଆ ଛଡାଇ ଘୁଷୁରିକୁ ଦେଲା । ଘୁଷୁରି ତା' ପାଖରେ ଠିଆ ହୋଇ ସୁନାପୁଅ ଭଳ ଖାଇବାକୁ ଲାଗିଲା ।"

"ଘୁଷୁରି ସେମାନଙ୍କର ଭଲ ପୋଷାଜୀବ ଲାଗୁଛି ।"

"ଘୁଷୁରି ସେମାନଙ୍କ ଜୀବନରେ କେବଳ ବଡ ପୋଷା ଜୀବ ନୁହେଁ, ସବୁଠାରୁ ବେଶି ଆବଶ୍ୟକୀୟ ପ୍ରାଣୀ ।"

"ଖାଇବା ପାଇଁ ନିଶ୍ଚିତ ।"

"ସେଇଟା ଶେଷରେ ସବୁଠି ତ ଘଟେ । ବହୁତ ମାଂସ ତ ମିଳେ । ଆଉ ତାହା କିଛି ପର୍ବ ପର୍ବାଣୀରେ ନିଶ୍ଚିତ ଭାବରେ ହେବ । ନିକୋବରୀମାନେ ଆମୋଦପ୍ରମୋଦ କରୁଥିବା ଜନଜାତି । ଘୁଷୁରି ସହ କୁସ୍ତି ଆଉ ଘୁଷୁରିର ବଧ ଏକ ବଡ ପର୍ବ । ଏହା କେଉଁଦିନ ହେବ ତାହା ଭିଲେଜ କ୍ୟାପଟେନ ନିର୍ଣ୍ଣୟ କରେ । ଜଙ୍ଗଲରୁ କମ୍ବା ନିଜର କିଛି ସୁସ୍ଥ ଘୁଷୁରି ଧରିଆଣନ୍ତି । ସେହି ଘୁଷୁରିକୁ ପିଞ୍ଜରାରେ ରଖାଯାଏ ଓ ପର୍ବଦିନ ତା'କୁ ଖୋଲାଯାଏ। ନିଜର ନଥିଲେ ଅନ୍ୟ ଗାଁରୁ କିଛି ଘୁଷୁରି ସଂଗ୍ରହ କରାଯାଏ ।

ସବୁଠାରୁ ପ୍ରିୟ ଖେଳ ହେଲା ଘୁଷୁରି ସହ ଲଢାଇ । ଘୁଷୁରି ଏକ ନିକୋବରୀ ତରୁଣ ସହ ପ୍ରବଳ ଲଢାଇ କରେ । ସେମାନେ ଘୁଷୁରି ପାଇଁ ଗୀତ ଗାଆନ୍ତି । ବହୁ ସମୟରେ ଅନ୍ୟ ଗାଁର ଲୋକେ ସେମାନଙ୍କ ଗାଁରୁ ଘୁଷୁରିକୁ କାନ୍ଧେଇ ଆଣି ଏ ପର୍ବରେ ଯୋଗଦାନ କରନ୍ତି ।"

ISSN NO.
2582-208X

"କଏ ସିନା ଷଣ୍ଡ ସହ ଲଢେଇ କରେ । ଘୁଷୁରି ସହ କ ଲଢେଇ ?"

"ସେଗୁଡାକ ବଡ ଘୁଷୁରି । ସବୁଠାରୁ ବଳଶାଳୀ ଟୋକାସହ ତ ଲଢେଇ ହୁଏ ।"

"ଜିତିଲେ ଘୁଷୁରି କ'ଣ ହୁଏ? ତା'କୁ କନ୍ୟା ବରଣମାଳା ଦେଇ ସ୍ୱାଗତ କରାଯାଏ ଆଉ ତା' ପାଇଁ କଣ କନ୍ୟା ଦେଖାଯାଏ ?"

"ସେଇଟା ହେଲେ ବଡ ମଜା ହେଉଥିବ । ଏକ ବଡ ବାହାଘର ପ୍ରୋସେସନ ହେଉଥିବ ।"

"ଅନଫରଚୁନେଟଲି ତାହା ହୁଏନା । ଶେଷରେ ବିଜୟୀ ଘୁଷୁରିକୁ ମଧ କାଟି ଗାଁରେ ବଡ ଭୋଜି କରାଯାଏ । ଲୋକେ ତାଡି ପିଅନ୍ତି ଆଉ ନାଚନ୍ତି ।

ଆଉ ଘୁଷୁରିର ଶକ୍ତିର ପ୍ରଶଂସା କରଥିବା ବ୍ୟକ୍ତି ନାଚେ ଘୁଷୁରୀର ମୃତ୍ୟୁରେ । ଘୁଷୁରୀର ରକ୍ତକୁ ଲୋକେ ବୋଳି ହୋଇଯାଆନ୍ତି । ଏହା ଏକ ପର୍ବ । ଘୁଷୁରୀର କାନ ବା ଲାଙ୍ଗୁଡରୁ ରକ୍ତ ନିଆଯାଇ ଦେହରେ ବୋଳାଯାଏ । ଘୁଷୁରୀର ଛାତିରୁ ପିଚକି ଆସୁଥିବା ରକ୍ତକୁ ମଧ ନଡିଆ ଖୋଳରେ ରଖାଯାଇ ସାଙ୍ଗେ ସାଙ୍ଗେ ପିଆଯାଏ । ଗାଁରେ ଘୁଷୁରୀ ମାଂସର ଭୋଜି ବର୍ଷକୁ ଅତିକମରେ ଥରେ କରାଯାଏ । ଘୁଷୁରୀ ସହ ବେଶ ଜୋରରେ କୁସ୍ତି କରାଯାଏ । କଛି ଛୋଟ କାରଣ ସହ ଖୁସି ହେଉଥିବା, ଆମୋଦପ୍ରମୋଦ କରୁଥିବା ଲୋକେ ହେଉଚନ୍ତି ଏହି ନିକୋବରୀମାନେ ।"

"ସେଇଟା ତ ଦରକାର । ଏଠି ସିରିଅସ ହୋଇ ଜୀବନକୁ ନଷ୍ଟ କରିଦେବାର କଛି ମାନେ ନଥାଇପାରେ ।"

"ସେମାନେ ନନ ସିରିଅସନେସ ଆଉ ସରଳତା ବହୁତ ବେଶି ।"

"ଜୀବନକୁ ଜୀବନ ଭାବରେ ଦେଖିବା ଦରକାର । ଏକ ଦ୍ୱୀପର ଲୋକ ପାଇଁ ସବୁ କଥା ସିଧା ଆଉ ସରଳ ହେବା ଦରକାର ।"

ISSN NO.
2582-208X

"ଏମାନଙ୍କ ଘରଦ୍ୱାର ବୁଲିଥିବେ । କେମିତି ସବୁ ?"

"ମୋତେ ନକୋବରୀ ହଟ୍ ବଡ ଇମ୍ପ୍ରେସିଭ ଲାଗେ । ନକୋବରୀ ହଟ୍ ହେଉଛି ଏକ ବଡ ଗୋଲାକାର, ପ୍ରାୟ ଅଧା ନଡିଆ ଖୋଳପା ଭଳ ଦେଖାଯାଉଥିବା କୁଡିଆ । ନକୋବରୀ ହଟର ଆକାର ପ୍ରାୟ ୩୫ଫୁଟ ଉଚ୍ଚ ୨୫ଫୁଟ ଚଉଡାର ହୋଇପାରେ । ପ୍ରାୟ ୭ ଫୁଟ ଉପରେ ଏକ କାଠପଟାରେ ବେସ ତିଆରି କରାଯାଏ । ଖୁଣ୍ଟ ବ୍ୟବାହର କରି ନକୋବରୀ ହଟ୍ ତିଆର କରାଯାଏ । ଛାତକୁ ଧରିରଖିବା ପାଇଁ ବାଉଁଶ ଆଉ ବେତ ବ୍ୟବହାର କରାଯାଏ । ଏ ଘରକୁ ଯିବା ପାଇଁ ତଳୁ ଏକ ଶିଡି ବ୍ୟବହାର କରାଯାଏ । ରାତିରେ ଦ୍ୱାର ବନ୍ଦ କରାଯାଏନ ବରଂ ଶିଡିକୁ ଉପରକୁ ଉଠାଇ ଦିଆଯାଏ ।"

ତାପରେ ମୋଇନବାବୁ ନକୋବରୀମାନଙ୍କ ଉପରେ କଛି ତଥ୍ୟ ଦେଇଥିଲେ । ତାଙ୍କ କହିବା ହିସାବରେ ନକୋବରୀମାନେ ଗାନା ବଜାଣାରେ ବେଶ ଖୁସି ହୁଅନ୍ତୁ । ନକୋବରୀ କ୍ୟାପଟେନ ତା'ର ଡାହାଣ ହାତ ବଢାଇ ଏକ ଆଗନ୍ତୁକର କରମର୍ଦ୍ଦନ କରେ । ସେମାନେ ନଜର ଆତ୍ମୀୟଙ୍କୁ ତାଡି ପିଇବାକୁ ଦେଇଥାନ୍ତୁ । ବାହାଘର ପରେ ବର କନ୍ୟା ଘରେ ଯଦି କେହି ପୁରୁଷ ଲୋକ ନଥିବେ ତେବେ ବର ତା' ଘରକୁ ଯାଏ । କନ୍ୟା ବାହାପରେ ବର ଘରକୁ ମଧ ଯାଏ । ବାହା ପରେ କେହି କାହା ଘରକୁ ଗଲେ ତା'କୁ ଗୁଲାମ କୁହାଯାଏ । ଏହା ଉଭୟ ପୁଅ ଆଉ ଝିଅ ପାଇଁ ପ୍ରଜୁଜ୍ୟ । ବିବାହରେ ସେମିତି ଉତ୍ସବ ନଥାଏ । ଆଗରୁ ସେମାନେ ଭାବୁଥିଲେ ଯେ ଶଇତାନ ଏକ ମହିଳାର ଗର୍ଭରେ ଛୁଆ ରଖିଦିଏ, ତେଣୁ ତା'ର ଗର୍ଭ ହୁଏ । ମୃତ୍ୟୁରେ ବହୁ କାନ୍ଦ ଥାଏ ।

କାର ନକୋବର ଛଡା ମଧ ଅନ୍ୟ ଦ୍ୱୀପ ଯଥା ଗ୍ରେଟ ନକୋବର, କାମୋର୍ଟା, କଚ୍ଚାଲ, ଚୌରା ଆଦି ସବୁ ନକୋବରୀ ଅଧ୍ୟୁଷିତ ଦ୍ୱୀପରେ ପ୍ରତି ନକୋବରୀ ଗ୍ରାମର ମୁଖିଆକୁ ମଧ କ୍ୟାପଟେନ କୁହାଯାଏ । ଆଉ ସବୁ ଆଖ ପାଖ ଗ୍ରାମକୁ ନେଇ ଦ୍ୱୀପର ଚଫ କ୍ୟାପଟେନ ବଛାଯାଏ । ଗାଁ ଗାଁ ଭିତରେ ବିବାଦକୁ ଚଫ୍ କ୍ୟାପଟେନ ସମାଧାନ କରନ୍ତୁ । ଚଫ୍ କ୍ୟାପଟେନଙ୍କ ପଛକୁ ସେକେଣ୍ଡ କ୍ୟାପଟେନ ଥାଆନ୍ତୁ । ଏକ ମହିଳା ମଧ ଚଫ୍ କ୍ୟାପଟେନ ହୋଇପାରନ୍ତୁ । ନାନକୌରୀର ଚଫ କ୍ୟାପଟେନ ଜଣେ ମହିଳା ।

ISSN NO.
2582-208X

ନକୋବରୀଙ୍କ ମଧ୍ୟରେ ଚୋରୀ, ହତ୍ୟାକାଣ୍ଡ ବା ଅନ୍ୟ ପ୍ରକାର ଅପରାଧ ନାହିଁ । ଯାହାକିଛି ଅଛି ତାହା ହେଉଛି ଅବୈଧ ସମ୍ବନ୍ଧ ।


କାନୋଏ ବା ହୁଡି ରେସ ସମୁଦ୍ରରେ ହୁଏ । ସେଣ୍ଟ ଡେ, କ୍ରିଷ୍ଟମାସ ଇତ୍ୟାଦି ବଡ ଧୁମଧାମରେ ପାଳନ କରାଯାଏ । କାନୋଏ ବା ସରୁଆ ଡଙ୍ଗାର ପାଣିକୁ ଯିବା ପୂର୍ବରୁ ପୂଜା ହୁଏ । ସମସ୍ତେ ଏ ରେସକୁ ଉପଭୋଗ କରନ୍ତି ।

କ୍ରମଶଃ.....

ସେକ୍ଟର-୩, ସଲ୍ଟଲେକ, କଲିକତା

ISSN NO.
2582-208X

# ଦାସକାଠିଆ



ଇଂ. ସୁଶାନ୍ତ କଶୋର ବଳ

*ବହୁ ପୁରାତନ ବହୁଳେ ପ୍ରଚଳନ*
*ହସ୍ତେ ବାଜନ ଏକ କାଷ୍ଠ ନିର୍ମୀତ*
*ଘଂଗୁର ବଂଧା ସଂଗୀତ ଉପକରଣ*
*ଦାସକାଠିଆ ନାମେ ବିଦିତ ।*

*ସହରୀ ସଭ୍ୟତାର ନଥିଲା ନାମଗଂଧ*
*ଲୋକେରହୁଥିଲେ ପ୍ରାୟତ ଗ୍ରାମେ ଆବଦ୍ଧ*
*ନଥିଲା ସୁବିଧା ଗମନାଗମନର*
*ନଗ୍ନପଦେ କାଂଧରେ ଗାମୁଛା*
*ମଥାରେ ତିଳକ, ହସ୍ତେ ଗଳାମୁଣି*
*ବଖ୍ୟରେ ପଇତା, ଶରୀରେ ଧୋତି,*
*ବାଟ କାଢିକାଢି ଲମ୍ବାଲମ୍ବା ପାଦେ*
*ଅଭିଷ୍ଟ ଜାଗାକୁ ଯାଆନ୍ତି ଚାଲି ।*

*ମନୋରଂଜନର ଗାଉଂଲି ପ୍ରଥା*
*ଆବାହମାନୁ ଯାହା ଚଳି ଆସୁଥିଲା,*
*ତା'ହେଲା, ପାଲା, ଦାସକାଠିଆ* *ଅଂଗଭଂଗୀ ପ୍ରଦର୍ଶିତେ*
*ଗାହାଣ-ପାଳିଆ-ଚାଳିତ ଯାତରା* *ଆଖଡା*
*ତୁଂଣ୍ଡବୋଲା ଗାଉଂଲୀ ଢଗଢମାଳି,*

ISSN NO.
2582-208X

*ଗୋଟିପୁଅ ନାଚ, କେଂଦରା,*
*ମୃଦଂଗ, ଖୋଳ, ଝାଂଜ, କରତାଳ,*
*ଶଂଖ, ଯୋଡି ମହୁରୀ, ଫେଂକାଳି, ଝାଂଜ, ହାରମୋନିୟମ, ଢୋଲକି*
*ଯାନିଯାତରା, ଜନମଦିନ, ଖିରିଚଟା,*
*କୁମାରୀକନ୍ୟାଂକ ଯୁବତ୍ୱ ପ୍ରାପ୍ତ ,*
*ଠାକୁରାଣୀ ମୂଳେ ମାନସିକ, ବ୍ରତ*
*ହେଉଥିଲା ପାଳିତ ଜାକଜମକେ ।*

*ଦାସକାଠିଆ ଥିଲା ମୁଖ୍ୟ ଆକର୍ଷଣ*
*ଗାହାଣର ହସ୍ତେ ଝନଝନାତେ*
*ପାଳିଆର ତାଳ ଗାହାଣର ସାଥେ*
*ଅଂଗଭଂଗୀ ଆଉ ଢଗଢମାଳି ସାଥେ*
*ମୁଗ୍ଧ ଦର୍ଶକଂକ କରତାଳି ଆଉ*
*ହର୍ଷୋଲ୍ଲାସ ସାଥେ ହେଉଥାଏ ଯାତ୍ରାସ୍ଥଳ*
*ମନୋରଂଜିତ ଆଉ କମ୍ପିତ ।*

*ଏ ଦାସକାଠିଆ ଥୁଲା ସଂଗୀତର ଉତ୍ସ*
*ତହିଂରୁ ନୀର୍ଗଚ ଶଦ୍ଧିତ ରସ*
*ଭରି ଦେଉଥିଲା ହୃଦ, ମନ, ପ୍ରାଣ*
*ଫେଡିଦେଉଥିଲା ବିନୀଦ୍ରରାତ୍ରୀର କଷଣ*
*ଗାହାଣ ପ୍ରବରଂକ ରସିକିଆ ଛଂଦ*
*ସାଥେ ପାଳିଆର ମୋହକିଆ ଭଂଗ*
*ଭରିଦେଉଥିଲା ନୀବିଡେ ହୃଦକଂଦ*
*ଆବାଳବୃଦ୍ଧ ବନିତା ସର୍ବେ ଏକମନେ*
*କରୁଥିଲେ ଆକଣ୍ଠ ପାନ ସେ ମଦିରା ।*

ISSN NO.
2582-208X

*ଏହି ତ ଭାଇ ସାରଲ୍ୟେଭରା ଗ୍ରାମ୍ୟଜୀବନ*
*ଯେଉଁଥିରେ ନଥିଲା ସହରର*
*ଜଟିଳ ଜୀବନଯାପନ,*
*ନାº ଥିଲା ବିଦ୍ୟୁତ ସରାବରାହ*
*ନାº ଥିଲା ପକ୍କା, କଂକ୍ରିଟ୍ ସରଣୀ*
*ନାºଥିଲା ପ୍ରତିଯୋଗିତା, ଅସହିଷ୍ଣୁତା*
*ନାº ଥିଲା ଛଂଦୁଆ ଅଂକାବଂକା ଭାଷା*
*ନାº ଥିଲା ନଭଶ୍ଚୁମ୍ବୀ ପ୍ରାସାଦର ତୃଷ୍ଣା*
*ଜମିଚାଷ କରି ତହିଂର ସ୍ୱର୍ଣାଭ ଫସଲ*
*ଅମଳକରି ତାରି ଭରୋଷେ କଟୁଥିଲା*
*ଦୁଃଖେସୁଖେ ଅଳ୍ପବହୁତେ ଜୀବନ ।*

କଟକ

ISSN NO.
2582-208X

# ଚାହାଣୀ କହେ କାହାଣୀ



ଡଃ ମାଙ୍ଗଳିକା ମହାପାତ୍ର

ସବୁ ଭିଡ଼ ଭିତରେ ବି
ନିସଙ୍ଗ ଲାଗେ...
ସବୁ କୋଳାହଳ ଭିତରେ
ନିର୍ଜନତା ଘାରେ...

ସବୁ ଚାହାଣୀ ଭିତରେ
ଏ ଆଖି ତୁମକୁ ଖୋଜେ
ସବୁ କାହାଣୀ ଭିତରେ
ଲେଖନୀ ତୁମ ପାଇଁ ଭିଜେ..

କାହିଁକି ଏମିତି ହୁଏ
କେହି ଜଣେ ନାହିଁ ବୋଲି..!!
କାହିଁକି ମନେପଡେ
ଦିନରାତି ତୁମ କଥା ଖାଲି..!!

କାହାର ସଙ୍ଗ ପାଇଁ
ସଦା ଏଇ ମନ ଝୁରେ
ଜିତିବାକୁ ଚାହିଁଲେ ବି
ହୃଦୟ ତା ପାଖେ ହାରେ..

ସେ ନାହିଁ ବୋଲି ଜାଣି ବି
ସମୟ ଅଝଟ ହୁଏ
ତା ଆସିବା ବାଟରେ
ଆଖିକୁ ବିଛେଇ ଦିଏ...

ରେଭେନସା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ସମୁଦ୍ର



ଗୁରୁକଲ୍ୟାଣ ମହାପାତ୍ର

ମୋତେ ବୋକ ଦବା ଲାଗି
ଆ'ରେ, ଆ ତୁ ଆଃ !
ଖୋଜୁଛି ମୁଁ ତୋ' ସନ୍ନିଧାନ ।
କେଉଁ ଇନ୍ଦ୍ରିୟାନୁଗର ଅନୁଭୂତି
ଆଉ ଯାବତୀୟ ମାଟିର ଗନ୍ଧ
ମୋତେ ଏଠି କରୁଛି ବିବ୍ରତ ।

ତୋ ପ୍ରଣୟ ପାଣିରେ ଥରୁଟିଏ,
ମାତ୍ର ଥରୁଟିଏ ଅବଗାହନର ଇଛା-
ଧୋଇଯାଉ କଳୁଶ ସକଳ
ମନ ଗହନର।

ସେ ଘୋ ଘୋ ଗର୍ଜନ ଶବ୍ଦରେ ତୋ'
ଲୁଚିଛପି ରହିଥାଏ କେଉଁ
ମିଳନ-ରାଗର ଆଳାପ !
ମୋତେ କୋଳ କରି ନେ, ନେ-
ନେଇଯାଆ ତୁ ତୋ' ଭୁଜବଲ୍ଲୀରେ,
ବାନ୍ଧି ଦେ'ରେ ଥରୁଟିଏ

ISSN NO.
2582-208X

ତୋ' ଢେଉରେ ମୋତେ,
ଅଚିରେ ମୁଁ ଭୁଲିଯିବି ନିଶ୍ଚୟ
ଯାବତୀୟ ଅପାଶୋରା ଦୁଃଖ ମୋର ।

ଇନ୍ଦ୍ରିୟାତୀତ ସେହି ଅନନ୍ୟ
ଅନୁଭୂତିର ସ୍ୱପ୍ନବତୁରା
କାବ୍ୟିକ ଛନ୍ଦରେ ଛାଂଦାୟିତ
ହୋଇଯାଉ ଦୁଃଖମୟ ଏ
ଜୀବନ ନିଜରା

ରେ ଉଦଧି !
ଖୋଜୁଥାଏ ନିରବଧି
ତୋ' ସନ୍ନିଧାନ ଆଉ
ତୋ ଆଲିଙ୍ଗନ ଯାହା-
ଆହୁରି ନିବିଡ଼....।

ଭୁବନେଶ୍ୱର
ଫୋନ: ୯୪୩୭୦-୧୨୧୨୩

ISSN NO.
2582-208X

# ଦକା –
# ପଞ୍ଚମ ଭେଟ



ଡକ୍ଟର ବିଜ୍ଞାନୀ ଦାସ

ଅନୁପ ରାତିସାରା ଶୋଇପାରିଲାନାହିଁ । କାହିଁକି କେଜାଣି ମନରେ ଦକା ପଶୁଥାଏ, କାଳେ ବିଭା ଆଣ୍ଟି କିଛି ଭୁଲ୍ କରିଦେବେ । ସିଏ ଯଦିଓ ମଣିଷର ମନସ୍ତତ୍ୱରେ ଏତେଟା ଅଭିଜ୍ଞ ନୁହେଁ, ହେଲେବି ଏତିକି ତ ବୁଝିଛି ଯେ, ମଣିଷ ଯେତେବେଳେ ବିଶ୍ୱାସ ହରାଏ, ସମ୍ମାନ ହରାଏ, ସେତେବେଳେ ହଠାତ୍ କିଛି ଭୁଲ୍ ସିଦ୍ଧାନ୍ତ ନେଇଯିବା ଅସମ୍ଭବ ନୁହେଁ । ଯଦିଓ ଲିପ୍‌ସା ଭାଉଜ ଆଣ୍ଟିଙ୍କ ରୁମ୍ ରେ ଶୋଇଥିଲେ ଓ ସେମିତି କିଛି ବିଭା ଆଣ୍ଟିଙ୍କ ବ୍ୟବହାରରେ ପରିଲକ୍ଷିତ ହେଉନଥିଲା, ତେବେବି କେମିତିକେମିତି ଲାଗୁଥିଲା । ଅନୁପର ଅଭିଜ୍ଞତାରେ କେହି ବୟସ୍କ ଓଡିଆ ଏମିତି ମଦ ପିଇ ଆରେଷ୍ଟ ହେବା କଥା ପ୍ରଥମ । କାରଣ, ଆପ୍ରବାସୀ ଭାରତୀୟଙ୍କ ମଧ୍ୟରେ ଏ ଦେଶର ପ୍ରଚଳିତ ନିୟମର ବିରୁଦ୍ଧରେ ଯିବା ପାଇଁ ସାହସ ନଥାଏ । ତାପରେ ଓଡିଆ ମାନେ ସେ ଦିଗରେ ଅଧିକ ସଚେତନ । ପରଦେଶକୁ ଯେତେ ନିଜର ଭାବିଲେ ବି ସେ ପରପର ଭାବ ମନ ଭିତରେ ରହିଯାଇଥାଏ। ସେମାନେ ସବୁ କଥାରେ, କାମରେ, ବ୍ୟବହାରରେ ଭାରତ ଦେଶକୁ ନିଜ ଦେଶ ରୂପେ ହିଁ ମନ ଭିତରେ ରଖିଥାନ୍ତି । ଭାରତ ଦେଶ କିଛି ଭଲ କଲେ, ଗୌରବମୟ କାମ କଲେ, କ୍ରୀଡାରେ କେଉଁଠି ଜିତିଲେ, କି ଚେସ୍ ପ୍ରତିଯୋଗୀତାରେ ଜିତିଲେ, ସମସ୍ତେ ଭାରତବାସୀ ବୋଲି ଗର୍ବରେ, ଅହଙ୍କାରରେ ଫୁଲି ଉଠନ୍ତି । ହେଲେ ଏ ଦେଶକୁ ନିଜର ଭାବି ପାରନ୍ତିନାହିଁ କି କୌଣସି ନିୟମ ବିରୁଦ୍ଧରେ ଯିବାକୁ ସାହସ କରନ୍ତିନି । ଯଦି ପୋଲିସ ନେଇ ଜେଲ୍‌ର ଠୁଙ୍କି ଦେଲା ତ ପିଠିରେ କିଏ ପଡିବ ? ବରଂ ସାରା ଓଡିଆ ଗୋଷ୍ଠୀରେ ଅପମାନ ହେବ ।

ମନକୁ ଆସୁଥିଲା ମଧୁସ୍ମିତା । ସତରେ କେତେ ଭଲ ଝିଅଟା । ମଧୁସ୍ମିତା ଭଳି ତା ମନକୁ ଏପର୍ଯ୍ୟନ୍ତ ଏମିତି ଭାବେ କେହି ଆନ୍ଦୋଳିତ କରିନାହାନ୍ତି । ଇଚ୍ଛାତ ହେଉଛି କି ବାବା,

ISSN NO.
2582-208X

ମା'ଙ୍କୁ କହିଦିଅନ୍ତା ଓ ବାବା, ମା' ଯାଇ ମଧୁସ୍ମିତାର ବାବା, ମା'ଙ୍କ ସହିତ ତାର ଓ ମଧୁସ୍ମିତାର ବିବାହ ପ୍ରସ୍ତାବ ରଖନ୍ତେ । ମଧୁସ୍ମିତାର ବ୍ୟବହାରରେ, ଚାହାଣିରେ ତା' ପ୍ରତି ପ୍ରେମ ସିଏ ନିଜେ ଅନୁଭବ କରିଛି । ହେଲେ ଅନୁପ ବିଷୟରେ ସବୁ ସତ ଜାଣିଲେ ମଧୁସ୍ମିତା କି ତା'ର ବାବା,ମା' ତାକୁ କଣ ଖୋଲା ହୃଦୟରେ ଆପଣାର କରିବେ ? ସିଏ କଣ ତା' ଜୀବନର ସତ୍ୟ ବିଷୟରେ ମଧୁସ୍ମିତାକୁ ଜଣେଇଦେବ ? ସେଇଟା ଠିକ୍ ହେବ ନା ଭୁଲ୍ ହେବ ? ପୁଣି ଭାବୁଥିଲା, ନା ଆଉ କିଛିଥର ଭେଟ ହୋଇଯାଉ, କିଛିଟା ପ୍ରେମର ସ୍ପଷ୍ଟ ଆଭାସ ମିଳୁ । ତାପରେ କହିଲେ ହୁଏତ ଭଲହେବ । ଯଦିଓ ଆଜିକାଲିର ଆମେରିକାନ୍ ସଭ୍ୟତାରେ ଏ ସବୁକୁ କିଏ ଏତେଟା ପ୍ରାଧାନ୍ୟ ଦିଅନ୍ତିନି । ଯିଏ ଯାହାକୁ ରସିଲା, କିଆଫୁଲ ପରି ବାସିଲା । ଯଦି, ପୁଅ, ଝିଅ ନିଜନିଜକୁ ପସନ୍ଦ କଲେ, ସେଇଟାହିଁ ବଡ କଥା । ହେଲେ ଏ ଦେଶରେ ଅନେକ ଦିନ ଧରି ରହିବା ପରେ ବି ଭାରତୀୟ ପରିବାରରେ ସେସବୁକୁ ସହଜରେ ଗ୍ରହଣ କରାଯାଏନି ।

ଗତ ସପ୍ତାହରେ ମଧୁସ୍ମିତାର ଘରେ ଯେଉଁ ପାର୍ଟି ଥିଲା, ଯଦିଓ ଏମିତି ଗୋଟିଏ ଆକସ୍ମିକ ଘଟଣା ଘଟିଥିଲା, ହେଲେ ବି ସେ ପାର୍ଟିରେ ଚାରୁ ଅପା ମଧୁସ୍ମିତା ସହିତ ଯେତେଟା ମିଶିଥିଲା ସେଇଥିରୁ ତାକୁ ଭଲ ପାଇଯାଇଥିଲା । ପରେ ଆସି ଅନୁପକୁ କହିଥିଲା, "ସେଇ ଝିଅଟା ମୋ ଭାଉଜ ହେବାକୁ ପୂରା ଠିକ୍ । ଠିକ୍ ଯେମିତି ମୁଁ ତୋ ପାଇଁ ଚାହେଁ । ସବୁବେଳେ ହସହସ ଥିବ, ସମସ୍ତଙ୍କ ପ୍ରତି ଯତ୍ନଶୀଳ ଥିବ, ଲୋକମାନଙ୍କ ସହିତ ମିଶୁଥିବ, ଶିକ୍ଷିତ ଥିବ ଇତ୍ୟାଦି ଇତ୍ୟାଦି । ଆଉ ସେ ଝିଅଟାର ତ ସବୁ ସେ ଗୁଣ ଅଛି । ଦେଖିଲୁନି, କେମିତି ନାଚୁଛି ସିଏ, ପୂରା ତ କଣ୍ଢେଇଟିଏ । କହତ, ତତେ ସେ ଝିଅଟା କେମିତି ଲାଗୁଛି ?'

ଅନୁପ ଥଟ୍ଟା କରି କହିଲା, "ମୁଁ କଣ ତାକୁ ଖାଇଛି ନା କଣ, ଖଟା, ମିଠା କି ପିତା କହିପାରିବି ?'

ଚାରୁ ଅପା ଅନୁପର କାନମୋଡିଲା । କହିଲା, "ତୁ ଏମିତି କଥା କୋଉଠୁ ଶିଖିଲୁ । ଓଡିଆ କମେଡିଆନ୍ ଜୟୀର ଡାଇଲଗ୍ କହୁଛୁ ।'

ISSN NO.
2582-208X

ଅନୁପ ମଜା କରି କହିଲା, "ଦେଖେ ଅପା, ତୁ ଯାହାକୁ ବାଛିବୁ, ମୁଁ ତାକୁ ବାହା ହୋଇଯିବି। ତତେ ଭଲ ଲାଗୁଛି ତ ମତେ ବି ଭଲ ଲାଗିଯିବ ।'

"ଲାଗିଯିବ ମାନେ, ତତେ କଣ ଭଲ ଲାଗିଯାଇନି । ମୁଁ ତ ନିଶା ଠାରୁ ଶୁଣିଥିଲି କି ତୁ ସେ ଝିଅ ସହିତ ତା' ରିସେପ୍‌ସନ୍ ରେ ନାଚ କରୁଥିଲୁ । ସତ କହତ, ତାକୁ ପସନ୍ଦ କରୁଛୁ ?'

ଅନୁପ କହିଲା, "ଝିଅଟା ତ ଭଲ ମନେ ହେଉଛି । ତେବେ ଅନେକ ଝିଅ ବି ଭଲ ଅଛନ୍ତି। ଆଉ ସିଏ ଯେ ମତେ ପସନ୍ଦ କରିବ, ସେକଥା କହିହେବନି ।'

ଚାରୁଅପା ଯେମିତି ଆଦେଶ ଦେଲା, "ମୁଁ ତ କହିବି ସେଇ ଝିଅଟି ତୋର ଭଲ ମ୍ୟାଚ୍ । ତମ ଦୁଇଜଣଙ୍କର ନାଚ ସଉକ୍ । ଶୁଣିଲି, ସିଏ ଫିଜିକ୍ସ୍‌ର ଡିଗ୍ରୀ କରିଛି । ଆଉ ତାର ବାବା, ମା' ବି ବହୁତ ଭଲ । ମୁଁ ନିଶା ଠାରୁ ତ ଶୁଣିଥିଲି, ନିଜେ ବି ଦେଖିଲି । ଆମ ବାବା, ମା' ବି ସେ ଝିଅଟିକୁ ଓ ତାଙ୍କ ପରିବାରକୁ ଭାରି ଭଲ ପାଇଛନ୍ତି । ତୁ ଯଦି ସେ ଝିଅଟାକୁ ପଟେଇଦିଅନ୍ତୁ ନା, ବଢିଆ ହୁଅନ୍ତା ।'

"ପଟେଇଦେବି ମାନେ ? ସିଏ ମଣିଷଟିଏ ଚାରୁଅପା । କୌଣସି ପୋଷ୍ୟ ପଶୁ, ପକ୍ଷୀ ନୁହେଁ ଯେ ତାକୁ ଆଣି ପିଞ୍ଜରାରେ ବାନ୍ଧି ପକେଇବି ।'

ଅନୁପର ଉପରୋକ୍ତ ମନ୍ତବ୍ୟରେ ଚାରୁଅପା ନିଜ ମନ୍ତବ୍ୟ ରଖିଥିଲା, "ସ୍ନେହରେ ସମସ୍ତେ ବାନ୍ଧି ହୁଅନ୍ତି । ମଧୁର ବଚନରେ, ସମ୍ମାନଜନକ ବ୍ୟବହାରରେ ସମସ୍ତେ ବାନ୍ଧିହୁଅନ୍ତି । ଆଉ ମୁଁ ଜାଣିଛି, ମୋ ଭାଇ ସେସବୁରେ ନିପୁଣ । କେବଳ, ଗୋଟିଏ କଥା ହେଲା, ତୋ ମନର ଇଚ୍ଛା । ତୁ ଯଦି ସତରେ ସେ ଝିଅଟିକୁ ପସନ୍ଦ କରୁ ତ, ତାକୁ ନିଶ୍ଚୟ ନିଜର କରିପାରିବୁ ।'

ଅନୁପକୁ ମନେମନେ ଭାରି ଭଲ ଲାଗିଥିଲା । ଯାହାହେଉ, ଚାରୁଅପା ବି ମଧୁସ୍ମିତାକୁ ଭଲ ପାଇଯାଇଛି । ଆଉ କେମିତି ଯୋଗରେ କେଜାଣି, ସେ ଝିଅ ସହିତ ତାର ଚାରିଥର ଭେଟ ହେଲାଣି । ମନେମନେ ଅନୁପ ସଂକଳ୍ପ କଲା, ଯଦି ୭ ଥର ଭେଟ ହୁଏ ତ ସିଏ

ISSN NO.
2582-208X

ମଧୁସ୍ମିତାକୁ ନିଜ ତରଫରୁ ନିଜ ଭଲପାଇବା ବିଷୟରେ ଜଣେଇଦେବ । ତାପରେ ଦେଖାଯିବ ।

ଯେତେଟା ସାହସ ଆସୁଥିଲା, ସେତେଟା ଭୟ ବି ଥିଲା । କାଳେ ଅନୁପ ଏକ ପାଳିତ ସନ୍ତାନ ବୋଲି ଜାଣିଲେ, ମଧୁସ୍ମିତା କି ତାର ବାବା, ମା' ହୁଏତ ତାକୁ ସେତେଟା ପସନ୍ଦ ନକରିପାରନ୍ତି । ଅନୁପର ତ ଭଲରେ ମନେନାହିଁ, ତେବେ ଯେତିକିଟା ଚାରୁଅପା ଠାରୁ ଶୁଣିଛି, ସିଏ ଚାରି, ପାଞ୍ଚ ବର୍ଷର ହୋଇଥିଲା, ଯେତେବେଳେ ହଜିଯାଇ ସମୁଦ୍ର ବାଲିରେ ଏକାଏକା କାନ୍ଦିକାନ୍ଦି ବୁଲୁଥିଲା । ଚାରୁଅପା ତାକୁ ଦେଖିଲା ଓ ସ୍ନେହ ବହି ତା' ବାବା, ମାଙ୍କ ପାଖକୁ ନେଇଗଲା । ସେମାନେ ସମସ୍ତେ କରୁଣା ବହି ତାକୁ ନିଜର କଲେ, ବାବା, ମା' ତାକୁ ନିଜ ସନ୍ତାନ ରୂପେ ଗ୍ରହଣ କରି ରଖିଲେ । ବେଳେବେଳେ ଝାପ୍‌ସା ହୋଇ ମନେପଡେ କି ତା' ନିଜର ଏକ ପରିବାର ଥିଲା; ବଡ ଭାଇଟିଏ ବି ଥିଲା । ସେମାନେ ଟ୍ରେନ ରେ ବସି ଯାତ୍ରା କରୁଥିଲେ । କିନ୍ତୁ ସେସବୁ ସ୍ମୃତି ବହୁତ ଅସ୍ପଷ୍ଟ ଥାଏ । ଏମିତିରେ ତ ବାବା, ମା' ତାକୁ କୌଣସି ସମୟରେ ଅନୁଭବ କରିବାକୁ ଦେଇନାହାନ୍ତି କି ସିଏ ସେମାନଙ୍କ ଠାରୁ ଜନ୍ମ ହୋଇନି । ବରଂ ବଡ ହେବାପରେ ଅନୁପ ଯେତେବେଳେ ଛୋଟ ଛୋଟ କଥାରେ ପ୍ରଶ୍ନ କରିଛି, ସେମାନେ ସତ୍ୟ କହିଛନ୍ତି ।

ଥରେ ଅନୁପ ପଚାରିଲା, "ମା, ମୁଁ ଦିନରେ ଜନ୍ମ ହୋଇଥିଲି ନା ରାତିରେ ?'

ମା' ଉତ୍ତର ଦେଇଥିଲେ, "ତୁ କଣ ଭାବୁଛୁ କହତ ? ତୁ ଯେଉଁ ସମୟ ଭାବୁଛୁ କହ, ତାପରେ ସତ କି ମିଛ ମୁଁ କହିବି।'

ଅନୁପ କହିଥିଲା, "ଦିନରେ । ଠିକ୍ ନା ?'

ମା' ମୁଣ୍ଡ ହଲେଇ ସମ୍ମତି ଜଣେଇଥିଲେ ଓ ହସିଦେଇଥିଲେ । ତାପରେ ଶୁଣେଇଥିଲେ, ତାଙ୍କ କାହାଣୀ । "ଜାଣିଛୁ ଧନ, ମୋ ବାପା ମତେ ଛୋଟବେଳେ ସବୁବେଳେ ଚିଡାଉଥିଲେ କି ମୁଁ ନଈବଢିରେ ଭାସିଆସିଥିଲି । ମୁଁ ସେତେବେଳେ ବହୁତ କାନ୍ଦୁଥିଲି । ହେଲେ ପରେ ବୁଝିଲି ଯେତେବେଳେ ମଜା ଲାଗୁଥିଲା । ସେମିତି ମୁଁ ଯଦି ତତେ କହିବି କି ତୁ ଆମ

ISSN NO.
2582-208X

ପାଇଁ ସମୁଦ୍ରର ଦାନ, ତୁ ହସିବୁ ନା ଚିଡିବୁ କହିଲୁ ?'

"ମୁଁ ବହୁତ ରାଗିବି ।' - ଏମିତି କହି ଅନୁପ ସତରେ ରୁଷି ବସୁଥିଲା । ପରେ ଚାରୁଅପା ଓ ବାବା ତାକୁ ବୁଝାଇ ଶାନ୍ତ କରୁଥିଲେ ।

ଅନୁପ ହାଇସ୍କୁଲ୍‌ର ପଢିବା ସମୟରେ ସେମାନେ ତାକୁ ସତକଥା କହିଥିଲେ । ପ୍ରଥମେ ଦୁଇଦିନ ଧରି ସିଏ ଅନେକ କାନ୍ଦିଥିଲା । ତା' ନିଜର ବାବା, ମା' କିଏ ତାଙ୍କୁ ଭାବି ସିଏ ଅନେକ ମନଦୁଃଖ କରିଥିଲା । ହେଲେ ପୁଣି ସବୁକିଛି ସହଜ ହୋଇଗଲା । ମା' ଯେତେବେଳେ ଆସି ଟିକେ ଗେଲ କରିଦେଇ ପଚାରିଲେ, "କିରେ ଧନ, ତୁ କଣ ସତରେ ଭାବିଦେଲୁ ନା କଣ ମୁଁ ତୋ ମା' ନୁହେଁ । ଜାଣିଛୁ ତ, ଯଶୋଦା ମାଆର କେତେ ପ୍ରାଧାନ୍ୟ କୃଷ୍ଣଙ୍କ ଜୀବନରେ । ତେଣୁ ମୁଁ ତୋର ଯଶୋଦା ମାଆ । ଆଉ କେବେ ବି ଯେମିତି ନ ଭାବୁ ତୁ ଆମ ପୁଅ ନୁହଁ ବୋଲି ।'

ଚାରୁଅପା ବି ସେମିତି ଆସି ତାକୁ ଟିକେ ଚିଡେଇ, ଟିକେ ଗେହ୍ଲା କରି ଏମିତି ମନେଇଦେଲା ଯେ, ସେଇଦିନରୁ ଅନୁପ ଆଉ କେବେ ନିଜକୁ ସେ ପରିବାରରୁ ଅଲଗା ଭାବିନି । ଚାରୁ ଅପା ଓ ସିଏ ଅନେକ ସମୟରେ ସେ ଘଟଣାବଳୀ ବିଷୟରେ ଗପିଛନ୍ତି । ଏମିତି କି ଗାଣିତିକ ସମସ୍ୟା ଭଳି ମନେକରାଯାଇ ଅନୁପର ସତସତିକା ବାବା, ମା' ଜଣେଅମକ, ଜଣେ ଶିଳ୍ପପତି, ଜଣେ ପ୍ରଫେସର, ଜଣେ ଭିକାରି, ଜଣେ ତୀର୍ଥଯାତ୍ରୀ ଏମିତି ଭାବି ଅନେକ ଖେଳ ଖେଳିଛନ୍ତି, ମିଛିମିଛିକା କାହାଣୀ ସୃଷ୍ଟି କରିଛନ୍ତି । ସେମିତିରେ ଏକ କଳ୍ପନାର ରାଜ୍ୟକୁ ଚାଲିଯାଇଛନ୍ତି ଓ ପୁଣି ନିଜ ଘରକୁ ଫେରିଆସିଛନ୍ତି । ତେଣୁ ଏବେ ସେମାନେ ସମସ୍ତେ ଏ ବିଷୟରେ ସହଜ ହୋଇଯାଇଛନ୍ତି । ଆମେରିକା ଦେଶରେ ପାରିବାରକ ସଂପର୍କର ଏତେ ପ୍ରକାରର ପରିଭାଷା ଯେ ତାକୁ ବୁଝିବା ବଡ କଷ୍ଟକର । ସାବତ ମା, ସାବତ ବାପାର ସଂପର୍କ, ପାଳକ ପିତା, ମାତା (ଫୋଷ୍ଟର ପ୍ୟାରେଣ୍ଟ) ସଂପର୍କ, ଦତ୍ତକ ପିତାମାତାର ସଂପର୍କ, ଏଠି ସବୁ ସେଭଳି ସଂପର୍କ ମାଳମାଳ । ତେଣୁ ଅନୁପ ନିଜକୁ ଏତେଟା ଅଲଗା ପାଇଲାନି । ଯଦିଓ ଭାରତୀୟ ପରିବାର ମାନଙ୍କରେ ପ୍ରାୟତଃ ସମସ୍ତେ ରକ୍ତଗତ ସଂପର୍କରେ ବନ୍ଧା । ହେଲେବି କେହି ସେମିତି, ଏମିତି କି

ISSN NO.
2582-208X

ଓଡିଆ ସାଙ୍ଗସାଥୀ ମଧ୍ୟ ଅନୁପର ଏ ସତ୍ୟଟି ଜାଣନ୍ତିନି । ଦରକାର ନହେଲେ ଏମିତି ନିଜ ଜୀବନର ରହସ୍ୟକୁ ଅନ୍ୟ ଆଗରେ ବଖାଣିବାର ଆବଶ୍ୟକତା କଣ ?

ଅନୁପ ପାଇଁ ଗୋଟିଏ ଜନ୍ମଦିନର ତାରିଖ ଥାଏ, ସେ ତାରିଖଟା ବାବା, ମା' ଏମିତି ସୃଷ୍ଟି କରିଦେଇଥିଲେ । ଅନୁପକୁ ସେମାନେ ଯେବେ ପାଇଥିଲେ, ସେଦିନ ଥିଲା ରଥଯାତ୍ରାର ପରଦିନ । ତେଣୁ ସେଇ ଦିନଟିକୁ ତିଥି ରୂପେ ରଖି, ସେ ବର୍ଷରୁ ଚାରି ବର୍ଷ କାଟି ସେମାନେ ଗୋଟିଏ ତାରିଖ ସ୍ଥିର କରିଥାନ୍ତି । ଛୋଟ ଥିବାବେଳେ ଅନୁପର ଜନ୍ମଦିନ ପ୍ରତିବର୍ଷ ସେଇଦିନ ପାଳନ କରାଯାଏ । ମା' ବାବା, ମନ୍ଦିର ଯାଆନ୍ତି, ପୂଜା କରନ୍ତି ଓ ଦାନ କରନ୍ତି । ବଡ ହେବା ପରେ ଅନୁପ ସେଇଦିନଟିକୁ ନିଜ ଜନ୍ମଦିନ ରୂପେ ପାଳନ କରେ । ତେବେ, ଯଦି ମଧୁସ୍ମିତା ସହିତ ସଂପର୍କ ଗଢିବାର ସଂଯୋଗ ହୁଏ, ତାକୁ ତ ନିହାତି କହିବା ଉଚିତ ।

ଅନୁପ ଏମିତି ଭାବୁଥିବା ସମୟରେ ବିଭା ଆଣ୍ଟିଙ୍କ ରୁମ୍‌ରୁ ଖଟ୍‌ଖାଟ୍ ଶବ୍ଦ ବାହାରିଲା । ତାପରେ କବାଟ ଖୋଲିବାର ଶବ୍ଦ । ଅନୁପ ଟିକେ ଡରିଗଲା ଓ ସିଏ ବି କବାଟ ଖୋଲି ବାହାରକୁ ଆସିଲା । ଦେଖିଲା ଲିପ୍‌ସା ଭାଉଜ ରୋଷେଇ ଘର ଆଡକୁ ଆସୁଛନ୍ତି । ଅନୁପକୁ ଦେଖି ସିଏ ପଚାରିଲେ, "କଣ ହେଲା ଅନୁପ ? କଣ ନୂଆ ଜାଗା ବୋଲି ନିଦ ହଉନି ?'

"ନା, ସେମିତି ନୁହେଁ । କବାଟ ଖୋଲିବାର ଶବ୍ଦ ହେଲା ତ, ମୁଁ ସେଥିପାଇଁ ବାହାରକୁ ଆସିଗଲି ।'

"ମୁଁ ମାଇଁଙ୍କ ପାଇଁ ପାଣି ନେବାକୁ ଆସିଥିଲି । କାଲି ଏତେ କଥାବାର୍ତ୍ତା ଭିତରେ ପାଣି ନେଇ ରଖିବାକୁ ସିଏ ଭୁଲିଯାଇଥିଲେ । ହଉ, ତମେ ଯାଅ ଶୋଇବ ।'

"ଠିକ୍ ଅଛି ।' - କହି ଅନୁପ ପୁଣି ନିଜ କୋଠରିକୁ ଆସିଲା ।

ଭୋରୁଭୋରୁ ନିଦ ଲାଗିଗଲା । ସକାଳୁ ଉଠୁଉଠୁ ସାଢେ ନଅ । ଅନୁପର ନିଦ ଭାଙ୍ଗିବାବେଳକୁ ଘରେ ସମସ୍ତେ ଉଠିସାରିଥିଲେ ପ୍ରାୟ । କାରଣ ଫ୍ୟାମିଲିରୁମ୍‌ରୁ କୋଳାହଳ ଶୁଭୁଥିଲା । ନିତ୍ୟକର୍ମ ସାରି ସିଏ ଗାଧୋଇପଡିଲା । ସେଇଟା ଥିଲା ମା' ଙ୍କର ନିୟମ ।

ISSN NO.
2582-208X

ନୂଆବର୍ଷ ଦିନ ସମସ୍ତେ ଭଲଭାବେ, ପବିତ୍ର ଭାବେ ଦିନ ଆରମ୍ଭ କରିବା ଦରକାର । ଗାଧୋଇପାଧୋଇ, ପୂଜା କରି ଖାଦ୍ୟ ଗ୍ରହଣ କରିବା ଉଚିତ୍ ।

ଅନୁପ ନିଜ କୋଠରି ବାହାରକୁ ଆସିବା ମାତ୍ରେ ସମସ୍ତେ ତାକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ସମସ୍ତେ ଅନୁପକୁ ନୂଆବର୍ଷ ଶୁଭେଚ୍ଛା ଜଣେଇଲେ । "କଣ, କୁଆଡେ ଏବେ ଯିବ ନା କଣ ?' - ବିଭା ଆଣ୍ଟି ପଚାରିଲେ ।

"ନା । ଆଜି ନୂଆବର୍ଷ ତ । ସେଥିପାଇଁ ସକାଳୁ ଗାଧୋଇପଡିଲି । ହେଲେ ଏଠି ଯଦି ମନ୍ଦିର ପାଖରେ କେଉଁଠି ଅଛି, ତେବେ ମୁଁ ମନ୍ଦିର ଯିବାକୁ ନିଶ୍ଚୟ ପସନ୍ଦ କରିବି ।'

ବିଭା ଆଣ୍ଟି ଖୁସି ହୋଇଗଲେ । "ମନ୍ଦିର ଅଛି । ସେଠି ଜଗନ୍ନାଥ ବି ପ୍ରତିଷ୍ଠା ହୋଇଛନ୍ତି । ସମସ୍ତେ ନିଶ୍ଚୟ ଯିବା । ଯାହାହେଉ, ଭଲ କଥାଟିଏ ତମେ ମନେ ପକେଇଦେଲ ।'

ଲିପ୍ସା ଭାଉଜ ଆଣି ଜଳଖିଆ ରଖିଗଲେ । ପୁରି, ଉପମା, ପରଟା, ଆଳୁ ଭଜା ଓ ଗୁଗୁନି। ଏତେ ସବୁ ଖାଦ୍ୟ ଦେଖି ଅନୁପ ଆଶ୍ଚର୍ଯ୍ୟ ହୋଇଗଲା । "ଏତେ ଖାଦ୍ୟ ତମେ ସକାଳୁ ତିଆରି କରିଛ ? ହେଲେ ଏତେସବୁ କଣ ଏକା ସାଙ୍ଗରେ ଖାଇ ହେବ ?'

ଲିପ୍ସା ଭାଉଜ ମୁରୁକି ହସି କହିଲେ, "ମୁଁ ଖାଲି ସାହାଯ୍ୟ କରିଛି । ଏସବୁ ତ ମାଈଁ ତିଆରି କରିଛନ୍ତି । ତମକୁ ଅନ୍ତତଃ ସବୁ ଚାଖିବାକୁ ପଡିବ । ନହେଲେ ମାଈଁଙ୍କ ମନ ଦୁଃଖ ହେବ ।'

"ଠିକ୍ ଅଛି ।' - କହି ଅନୁପ ଖାଇବା ଆରମ୍ଭକଲା ଓ ସବୁ ସାରିଦେଲା । ପ୍ରକୃତରେ ସବୁ ଏମିତି ସ୍ୱାଦିଷ୍ଟ ଥିଲା ଯେ, ଖାଉଖାଉ କେମିତି ଖାଇହୋଇଗଲା, ବୁଝିହେଲାନି । ଲିପ୍ସା ଭାଉଜ ପଚାରିଲେ, "ଆଉ କିଛି ଦେବି ? ଆଳୁଦମ୍ କି ଗୁଗୁନି କି ଉପମା, ଯାହା ତମର ପସନ୍ଦ ।'

ISSN NO.
2582-208X

ଅନୁପ କହିଲା, "ନା, ସବୁ ଏତେ ଭଲ ହୋଇଛି ଯେ, ମୁଁ କେତେବେଳେ ସବୁ ଖାଇ ଶେଷ କରିଦେଲି, ଧ୍ୟାନ ରହିଲାନି । ଆଉ ଖାଇବିନି । ଆପଣମାନେ ଜଳଖିଆ ଖାଇଦିଅନ୍ତୁ, ଆମେ ମନ୍ଦିର ଯିବା ।' ସତରେ କେତେ ଭଲ ଏ ବିଭା ଆଣ୍ଟି । ଅଙ୍କଲ୍‌ଙ୍କୁ ତ ସିଏ କେବେ ଦେଖିନି । ହେଲେ ବି ତାଙ୍କ ଉପରେ ବଡ ରାଗ ଆସୁଥିଲା । ଏମିତି ଏକ ପତ୍ନୀଙ୍କ ଅସହାୟତା ବିଷୟରେ ଟିକେ ବି ଭାବିଲେନି କେମିତି ?

ସେଦିନ ସେମାନେ ରିଚ୍‌ମଣ୍ଡ ମନ୍ଦିରରେ ପହଞ୍ଚୁପହଞ୍ଚୁ ଦିନ ପ୍ରାୟ ଏଗାରଟା । ପ୍ରଥମେ ସେମାନେ ଜଗନ୍ନାଥଙ୍କୁ ଦର୍ଶନ କରିବାର ଅଭିଳାଷ ନେଇ ତାଙ୍କ ମୂର୍ତ୍ତି ପାଖରେ ପହଞ୍ଚିଲେ । ହେଲେ ସେତେବେଳକୁ କଣ ପୂଜା ଚାଲିଥିଲା । କିନ୍ତୁ ସେଠି ମଧୁସ୍ମିତା ଓ ତାର ବାବା, ମା'ଙ୍କୁ ଦେଖି ଅନୁପ ଆଖିକୁ ବିଶ୍ୱାସ କରିପାରିଲାନି । ଇଏ ପୁଣି କି ସଂଯୋଗ ? ଆଜି ଗୋଟିଏ ଦିନରେ ତ ମଧୁସ୍ମିତା ସହିତ ତାର ଷଷ୍ଠ ଭେଟ ହୋଇଯିବ । ଏଇଟା ପଞ୍ଚମ ଭେଟ ଓ ରାତିରେ ସେମାନେ ତାକୁ ନିମନ୍ତ୍ରଣ କରିଛନ୍ତି । ମଧୁସ୍ମିତାର ଆଖି ଯେତେବେଳେ ଏମାନଙ୍କ ଉପରେ ପଡିଲା, ସିଏ ବି ସେମିତି ଆଶ୍ଚର୍ଯ୍ୟଚକିତ ହୋଇଗଲା । ହେଲେ ପୂଜା ଚାଲିଥିଲା । ସମସ୍ତେ ସମସ୍ତଙ୍କୁ ଦେଖିଲେ । କେହି କାହାକୁ କିଛି ନକହି ସ୍ଥାନ ଖୋଜି ବସିଗଲେ ଓ ପୂଜା ଶେଷ ହେବା ପର୍ଯ୍ୟନ୍ତ ଅପେକ୍ଷା କରି ରହିଲେ ।

ପୂଜା ଶେଷ ପରେ ସେମାନେ ଆସି ପର୍‌ସ୍ପରକୁ ନୂତନ ବର୍ଷର ଶୁଭେଚ୍ଛା ଜଣେଇଲେ । ସେଠି ଆଉ କିଛି ଓଡିଆ ପରିବାର ମଧ୍ୟ ମହଜୁଦ ଥିଲେ । ସମସ୍ତେ ସମସ୍ତଙ୍କୁ ନୂଆବର୍ଷର ଶୁଭେଚ୍ଛା ଜଣେଇଲେ । ଜଣେ ଥିଲେ ପଲ୍ଲବ ବାବୁ । ସିଏ ଅଳ୍ପଦିନ ହେଲା ରିଚ୍‌ମଣ୍ଡ କୁ ଆସିଛନ୍ତି । ସିଏ ବିଭା ଆଣ୍ଟିଙ୍କୁ ପଚାରିଦେଲେ, "ଆଉ ମଉସା ଆସିନାହାନ୍ତି ?'

ବିଭା ଆଣ୍ଟିଙ୍କ ମୁହଁ କଳା ପଡିଗଲା । ଅନ୍ୟ କେତେକ ଓଡିଆ ପରିବାର ବି ମହଜୁଦ୍ ଥିଲେ। ଏବେ ସିଏ କି ଉତ୍ତର ଦେବେ ? ହଠାତ୍ ଅନୁପ ବିଭା ଆଣ୍ଟିଙ୍କୁ ଧରି ନେଇ ଅନ୍ୟ ଦିଗକୁ ଚାଲିଗଲା । ପଲ୍ଲବ ବାବୁଙ୍କୁ କହିଲା, "ସରି ଆଜ୍ଞା, ଆମକୁ ଶୀଘ୍ର ଫେରିବାକୁ ହେବ ତ, ଆଣ୍ଟି ଯେମିତି ଗପୁଡି ନା, ଗପ କଲେ ସମୟ ଜ୍ଞାନ ଭୁଲିଯିବେ । ଏପର୍ଯ୍ୟନ୍ତ ସବୁ ଠାକୁର ଦର୍ଶନ କରିନାହାନ୍ତି । ସେଇଥିପାଇଁ ଡାକିନେଉଛି ।'

ISSN NO.
2582-208X

ମଧୁସ୍ମିତା ବେଶି କିଛି କଥା ହୋଇପାରିନଥିଲା । କେବଳ "ହାପି ନିୟୁ ଇଅର୍' କହିଥିଲା । ବାସ୍, ଆଉ କିଛି କଥା ନାହିଁ । ଯଦିଓ ଅନୁପର ଉପସ୍ଥିତ ବୁଦ୍ଧି ପାଇଁ ସିଏ ତା' ପ୍ରତି କୃତଜ୍ଞ ଥିଲା ଓ ବିଭା ଆଣ୍ଟିଙ୍କୁ ଏମିତି ଲଜ୍ଜାଜନକ ପରିସ୍ଥିତିରୁ ମୁକୁଳେଇ ପାରିଥିବାରୁ ତାକୁ ମନେମନେ ଧନ୍ୟବାଦ ଦେଉଥିଲା, ହେଲେ ତା ମାନେ କଣ ଆଉ କିଛି କଥା ହୋଇପାରିନଥାନ୍ତା ?

ପଲ୍ଲବ ବାବୁ ବି ଫେରିଯିବାକୁ ତରତର ହେଉଥିଲେ । ବିଭା ଆଣ୍ଟି ଫେରୁଫେରୁ ସିଏ ଚାଲିଗଲେଣି । ବିଭା ଆଣ୍ଟି ଅନ୍ୟ ଓଡିଆ ମାନଙ୍କୁ ଶୁଣେଇ କହିଗଲେ, "ଆଜି ଅମି ଘରକୁ ଯିବାକୁ ଅଛି ତ ? ତେଣୁ ସବୁ ଠାକୁରଙ୍କ ପାଖରେ ଶୀଘ୍ର ଶୀଘ୍ର ଗୋଟିଏ ଗୋଟିଏ ମୁଣ୍ଡିଆ ପକେଇ ଦେଇ ଆସିଲି । ଶୀଘ୍ର ଫେରିବାକୁ ପଡିବ ।' - ଏମିତି କହି ସିଏ ମା'ଙ୍କୁ ଟିକେ ଦୂରକୁ ଧରିନେଲେ । କଣ ସବୁ ଗପ କଲେ ଓ ସେମାନେ ସମସ୍ତେ ଫେରିଗଲେ ।

ମଧୁସ୍ମିତା ପୂରା ଚକିତ ହୋଇ ରହିଗଲା । ରଞ୍ଜନ ଭାଇ ଓ ଲିପ୍ସା ଭାଉଜ ମଧ୍ୟ କ୍ଷଣକରେ ସମସ୍ତଙ୍କ ସହିତ ପରିଚିତ ହୋଇଗଲେ ଓ କ୍ଷଣକରେ ଫେରିଗଲେ । ଫେରିବା ବେଳକୁ ଅନୁପ ଖାଲି କହିଗଲା, "ରାତିରେ ଦେଖାହେବ ।'

ମଧୁସ୍ମିତା ମନେମନେ ଭାବିହେଲା, "ଏ ନୂଆବର୍ଷରେ ମନ୍ଦିରରେ ଅନୁପ ସହିତ ଭେଟ ହେବା ହିଁ ଅତ୍ୟନ୍ତ ଚମତ୍କାର କଥା । ବରଂ ସିଏ କ୍ଷଣିକ ପାଇଁ ହେଉ । ଆଜି ତ ରାତିରେ ପୁଣି ଭେଟ ହେବ ନା ।'

ରଦରେ୍ଫାର୍ଡ ୱେ, ଡେଟନ୍, ମେରୀଲାଣ୍ଡ୍,
ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ସ୍ୱର୍ଗ ଦ୍ୱାର



ଡ. ପ୍ରସନ୍ନ କୁମାର ବଳ

ଜୀବନ ଯାକର ଯେତେ କର୍ମ ପୁଣି ଏ ମଣିଷ କରିଥାଏ
ପାପ ଅବା ପୁଣ୍ୟ ହିସାବ ତାହାର ବିଧାତା ହିଁ କରିଥାଏ ।୧।

ପଦ ପଦବୀର ମୋହରେ ତ ପୁଣି ହିତାହିତ ଜ୍ଞାନ ଭୂଲେ,
ମିଛ ସଂସାରରେ କେତେ ବା ଗାରିମା ଦେଖାଇତ ସିଏ ହୁଏ ।୨।

ଏ ଧନ ସଂପତ୍ତି, ନାମ, ପ୍ରତିପତି ସବୁ କୁହେଳିକା ପ୍ରାୟ,
ସୁମଣିଷ ହୋଇ ପର ସେବା କରି ଜୀବନକୁ କର ଶ୍ରେୟ ।୩।

ଦୁନିଆଁ ଗୋଟିଏ ରଙ୍ଗମଞ୍ଚ ସତେ କେତେ କରୁ ଅଭିନୟ,
ଅଭିନୟର ତ ଯବନିକା ପଡେ ସ୍ୱର୍ଗ ଦ୍ୱାର ଯାତ୍ରା ତୟ ।୪।

ଭଲ କାମ କଲେ ଜୀବନ ଯାକରେ ଶେଷ ହୁଏନାହିଁ ତାହା,
ଏ ସମାଜ ପୁଣି ମନେ ରଖେ ତାକୁ ନଭୁଲି ପାରଇ ଆହା ।୫।

ଖରାପ କାମର ଥାଏ ଏକ ଅନ୍ତ ଏହି ଜୀବଦଶା ମଧ୍ୟେ,
ଛି ଛି କରିଥାଏ ଏ ସମାଜ ଯେତେ ବୁଝେଇବା ସତ୍ତ୍ୱେ ।୬।

ISSN NO.
2582-208X

ସ୍ୱର୍ଗଦ୍ୱାର ପୁଣି ଗୋଟିଏ ମାଧ୍ୟମ ଯହିଁ ହୁଏ ଦେହ ଲୀନ
ପାର୍ଥିବ ଶରୀର ମାଟିରେ ତ ମିଶେ ମନେ ମନେ ଲାଗେ ପୁଣ୍ୟ ।୭ ।

ହେଲେ ପାପ ପୁଣ୍ୟ ଏହିଠାରେ ମିଳେ ଏହି ଜନମରେ ପୁଣି,
ଲୋକଙ୍କର ଭାବ, ସେମାନଙ୍କ ମତ ମିଳେ କର୍ମଭାବେ ଜାଣି ।୮ ।

ଭଲ କାମେ ଆମେ କରିଥିଲେ ଲୋକେ କାନ୍ଦିବେ ଆମରି ପାଇଁ,
ଏହିଠିତ ସ୍ୱର୍ଗ ପ୍ରାପ୍ତି ହୋଇଥାଏ ଅନ୍ୟ କେଉଁଠାରେ ନାହିଁ ।୯ ।

ଖରାପ କାମର ଖରାପ ପ୍ରଭାବେ ଲୋକେ କରେ ଛି ଛି,
ନର୍କ ସ୍ଥଳ ପୁଣି ଅନ୍ୟଠାରେ ନୁହେଁ ଏଇଠି ଭରି ରହିଛି ।୧୦ ।

ଏ ମର ଶରୀର ଯେବେ ଦିନେ ପୁଣି ମାଟିରେ ମିଶିବା ତଥ୍ୟ,
କାହିଁକି ଏ ଲୋଭ, ଅବିଗ୍ଣର କାମ କରିଥାଉ ନାହିଁ ଭୟ ।୧୧ ।

ଏତିକି ମୋହର ନିବେଦନ ପୁଣି କରୁଛି ତ ମୁହିଁ ଅଳ,
ସୁକର୍ମ କରିକି ନାମ ହିଁ ରଖିବା "ସ୍ୱର୍ଗଦ୍ୱାର" ଚିନ୍ତା କରି ।୧୨ ।

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରି, ଭୁବନେଶ୍ୱର

ISSN NO.
2582-208X

# ଦୁଆର ରଖିଛି ମେଲା



ଶଶଧର ମହାପାତ୍ର

କାଳେ ଆସିଯିବ ଖୋଜିଖୋଜି ଘର
ଦୁଆର ରଖିଛି ମେଲା
ଭାଇ ଭଉଣୀଙ୍କୁ ନ ଆଣିଲ ନାହିଁ
ଆସିଯିବ କି ଏକେଲା ।।
ମୁଁ ଯେ କହିନାହିଁ ଆସିଯାଅ ବୋଲି
କେବେହେଲେ ଦିନେ ଥରେ
ମନେମନେ କିନ୍ତୁ ତୁମ କଥା ଭାବି
ନୟନରୁ ଲୁହ ଝରେ ।।
ଜଲଜଲ କରି ଚକାଡୋଳା ମେଲି
ଦେଖୁଛ ଜଗତ ସାରା
କେମିତି କହିବି ଭଲପାଏ ବୋଲି
ଆସିଯାଅ ଦିଅ ଧରା ।।
ନା କହିହୁଏ, ନା ସହିହୁଏ
ତୁମକୁ ହେ ଜଗନ୍ନାଥ
କାହାପାଇଁ ମିତ, କର ତାକୁ ପ୍ରୀତ
କାହାକୁ କରୁଛ ହତ ।।

ଜଗତର ନାଥ ନକରି କପଟ
ଭାବିଚନ୍ତୁ କାମ କର
ମୋର ହୃଦୟର ପ୍ରତି ସ୍ପନ୍ଦନରେ
ଦୟାକରି ବିଜେ କର ।।
ଯାହା ଦେଇଅଛ ଜୀବନରେ ମୋତେ
ଗ୍ରହଣ କରିଛି ତାକୁ
ଭଲ ହେଉ ଅବା ମନ୍ଦ ହେଉ ପଛେ
କିଛି କହିନି ତୁମକୁ ।।
ଜୀବନ ମୋହର ସରି ଆସିଲାଣି
ଓଲଏ ରହିଛି ବାକି
ଧିମେଇ ଗଲାଣି ନିଃଶ୍ୱାସ ପ୍ରଶ୍ୱାସ
କେବେ ଯିବ ଯେ ଅଟକି !
ସମସ୍ତେ କୁହନ୍ତି ତୁମେ ଭକତଙ୍କ
ମନକଥା ବୁଝିପାର
ଯିଏ ଯେଉଁଠାରେ ଡାକୁଛି ତୁମକୁ
ସେ ଡାକକୁ ଶୁଣିପାର ।।

ISSN NO.
2582-208X

ଦୁଆର ମାଡ଼ିଲେ ଭାବିବି ନିଶ୍ଚୟ
ଏ ଯେ ମୋର କର୍ମ ଫଳ
ଅତି ଆନନ୍ଦରେ ଉଲ୍ଲସିତ ହେବି
ପହଂଚଲେ ସେହି ବେଳ ।।
ସକାଳ କୁଣିଆଭଳ ଆସିଯାଅ
ଉଠୁଉଠୁ ବିଛଣାରୁ
ସକାଳ ଆରମ୍ଭ ଶ୍ରୀମୁଖକୁ ଦେଖି
ହେଇଯାଉ ପ୍ରଭୁ ସୁରୁ ।।
ଅପେକ୍ଷା କରିଛି ତୁମ ବାଟ ଚାହିଁ
ନ ହେଇକ ଧୈର୍ଯ୍ୟଚ୍ୟୁତ
ଆସି ପହଂଚଲେ କହିବି ନିଜକୁ
ସ୍ୱପ୍ନ ହେଲା ଆଜି ସତ ।।
ଜୀବ ଗଲାବେଳେ ଭୁଜଛାଇ ତଳେ
ଯଦି ମିଳେ ଟିକେ ଜାଗା
ଜୀବନ ସାର୍ଥକ ହୋଇଲା ଭାବିବି
ଖୁସି ହେବ ଏ ଅଭାଗା ।।

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ପ୍ରତିବିମ୍ବ



ଡ଼ ସୁନନ୍ଦା ମିଶ୍ର ପଣ୍ଡା

ହଜି ଯାଇଥିବା ମୋର ଯୌବନକୁ
ଖୋଜୁଛି ମୁଁ ଅଶ୍ରୁସିକ୍ତ ନୟନେ ।
ସେ ଆଉ ଫେରିବ ନାହିଁ
ମୋ ନିଜସ୍ୱ ବାଟରେ ।
ଯଦିବା ଆସିବ, ଦୀର୍ଘ ଶ୍ୱାସର ଶବ୍ଦ ନେଇ
ନିରାଶେ ଲେଉଟି ଯିବ,
ଛିଣ୍ଡା ଛିଣ୍ଡା ସ୍ମୃତିର
ଆକୁଳ ଆବେଦନର ସ୍ୱର ଦେଇ ।

ପ୍ରକୃତିରେ ରହିଛି ଫାଲଗୁନ
ବଉଳର ବାସନା ବି ରହିଛି
ଜ୍ୟୋସ୍ନା ବି ଝରୁଛି ଠିକ୍ ଆଗପରି
ସୂର୍ଯ୍ୟର ଆସିବା ଯିବା ଠିକ୍ ଆଗପରି ଅଛି ।
କିନ୍ତୁ ମୁଁ ନିଜେ ବଦଳି ଯାଇଛି ଋତୁ ଅ-ଋତୁରେ ।

ମୁଠା ମୁଠା ମିଠା ଫଗୁଣି
ରୁନ୍ଧି ହୋଇ ଯାଉଛି ମୋ ସ୍ମୃତିରେ ।
ମୋ ମନରେ ଫାଲଗୁନ ବି ଅଛି
ବଉଳର ବାସନା ବି ଅଛି ।

ଭରପୁର ରହିଛି ଏ ଜୀବନ
ଦେହଟି ଅଳୀକ ଏହି ସତ୍ୟ ଆଜି

ISSN NO.
2582-208X

ବାରମ୍ବାର ଆବୃତ୍ତି କଲେବି ବୁଝେନା ଏମନ ?
ଅତୀତରେ ଏ ଦେହର, ସମୟର ସବୁଜ ପତ୍ରରେ
କେତେ ଉନ୍ମାଦନା, କେତେ ବିହ୍ୱଳତା ଅଭିବ୍ୟକ୍ତି ନ ହୋଇଛି
ପାପ ପୁଣ୍ୟ ବିଚାରକୁ ଏଡି ।

ସେ ସବୁର ମୂଲ୍ୟାଙ୍କନ କରିବାକୁ
ମୁଁ କାହିଁକି ଆଜି ଏକ ଦ୍ୱିଧା ଗ୍ରସ୍ଥ ହୁଏ ?
ଅଥଚ ଛାଇ ଆଲୁଅର ଖେଳରେ -
ନିଜସ୍ୱ ଅନ୍ଧାରର ଐଶ୍ୱର୍ଯ୍ୟକୁ
ମୁଠା ମୁଠା କରି
ଧରିଲା ଶୂନ୍ୟ ଛାତିରେ ଚାପିଦେଖେ -
ଚନ୍ଦ୍ରଭାଗା କୁଆଡେ
ଦୂରେଇ ଗଲାଣି ।
ସମୁଦ୍ର କୁଆଡେ ଗଲା ?

ଛାତିରେ କୋଣାର୍କର
କଙ୍କାଳକୁ ଚାପିଧରି
ଏବେ ଖାଁ ଖାଁ କରେ
ଏକୁଟିଆ
ନିଜ ପ୍ରତିବିମ୍ବକୁ
ନିଜେ ଖୁମ୍ପି ଖୁମ୍ପି
ସତେ ରକ୍ତାକ୍ତ ହୋଇପଡେ
ଅସଜଡା ଲୁହବିନ୍ଦୁରେ ।

ଟରେଣ୍ଟୋ, କାନାଡ଼ା
Email – drsunanda.panda@gmail.com

ISSN NO.
2582-208X

# ଲଳିତ ନିବନ୍ଧ-
# ଗାଁ କନିଆ



ବଦ୍ରୀ ମହାନ୍ତି

କେଉଁ କାଳୁ କେଉଁ ମୁହଁରୁ କେଉଁ ପ୍ରସଙ୍ଗରେ 'ଗାଁ କନିଆ ସିଂଘାଣି ନାକି' କଥାଟି ଜନ୍ମନେଇ ଏ ତୁଣ୍ଡରୁ ସେ ତୁଣ୍ଡ ହୋଇ କେଉଁ ଏକ ଗହୀର ଇଲାକାକୁ ମାଡ଼ିଯାଇଛି ତାର ଇତିହାସ ଜଣାନାହିଁ । କାହାଣୀ ଶୁଣାଇଲା ବେଳେ, ପ୍ରସଙ୍ଗକୁ ବଳ ଦେଇ ସାମ୍ନାର ଶ୍ରୋତାଙ୍କୁ ବିମୋହିତ କରି ବିଶ୍ୱାସ ଜନ୍ମାଇବା ପାଇଁ ଗାଁ କନିଆର ଚିତ୍ର ଚରିତ୍ର ଅଙ୍ଗଭଙ୍ଗି ଆଚାର ବ୍ୟବହାର ଭୂତ ଭବିଷ୍ୟତ ଲୋଡା ପଡ଼ିଥାଏ। ପ୍ରତୀକାତ୍ମକ ଭାବେ ଏ ଚରିତ୍ରର ବିଶ୍ଳେଷଣ ସମ୍ପ୍ରତି ଅପ୍ରାସଙ୍ଗିକ ମନେହେଲେ ସୁଦ୍ଧା ସମାଜ କସ୍ମିନ କାଳେ ଏହାକୁ ଛାଡି ପାରୁନାହିଁ ।

ସତରେ କଣ ଏମିତି ଏକ ପାଣ୍ଡବ ବର୍ଜିତ ଗାଁ ଅଛି, ଯେଉଁଠି ପହଞ୍ଚି ପାରିନି ସଭ୍ୟତାର ଆଲୋକ! ଏବେ ସୁଦ୍ଧା କେହି କେହି ଗାଁ କନିଆଁ ଖୋଜୁଛନ୍ତି ବା ନାନାଦି ଉଠାପକା ଦନ୍ତୁରିତ ପଥ ଦେଇ ଯିବାକୁ ପଡୁଛି କନିଆଁ ଟିକୁ? ଏମିତି ଏକ ଗାଁ ର ଚିତ୍ର ଅଙ୍କା ଯାଉ, ଯାହା ଏକଦା ସତ୍ୟ ଥିଲା ଦିବ ରାତ୍ରୀ ପରି। ରାସ୍ତା ନାହିଁ, ପୋଲ ନାହିଁ, ବିଜୁଳି ନାହିଁ, ସ୍କୁଲ ନାହିଁ, କଲେଜ ନାହିଁ ଓ ନାହିଁ ନାହିଁ ଭିତରେ ଠିଆ ହୋଇଥିବ ଗାଁ ଟିଏ। ସେ ଗାଁ ର କନିଆଟିଏ ଜନ୍ମ ହୋଇ କେଉଁ ସ୍ୱପ୍ନ କେମିତି ଦେଖିଥିବ! ଆଉ ସ୍ୱପ୍ନର ଇଲାକା କେତେଦୂର ବିସ୍ତୃତ ଥିବ! କିଛି ସ୍ୱତନ୍ତ୍ରତା କଥା ନଥିବ ତା ଜୀବନରେ। ସେ ଜନ୍ମ ନେଇଥିବ ଅନ୍ୟ ପାଇଁ। ଦୁନିଆର ପ୍ରଥମ ଆଲୋକ ଦେଖିଥିବା ଘରୁ ତାର ସମସ୍ତ ଅଧିକାର ତୁଟିଯିବ ବିବାହ ପରେ। ଅନ୍ୟ ଘର ଓ ଅନ୍ୟ ମଣିଷ ନିମନ୍ତେ ତାର ଜନ୍ମ ଓ ସେ ଘରେ ହିଁ ତାର ଯୁଇ ଉଠିବ। ତାକୁ କୁହାଯିବ - ସେ ପରଘରୀ।

ISSN NO.
2582-208X

ତାର ସ୍ୱାଧୀନ ମତର କୌଣସି ମୂଲ୍ୟ ନଥିବ। କବିତା ବନିତା ଲତା- ସେ ସର୍ବଦା କାହା ଉପରେ ଥିବ ଆଶ୍ରିତ। ନିଜକୁ ଦୀପ ପରି ଜାଳି ଆଲୋକ ଅନ୍ୟକୁ ଦେବା ହୋଇ ଯାଇଥିବ ତାର ଧର୍ମ। ଉତ୍ତର ଜଣା ଥିଲେ ସୁଦ୍ଧା ମୁହଁ ଖୋଲି କିଛି କହିବ ନାହିଁ। କେବଳ ଶୁଣିବ ଓ କରିଯିବ। ଫଳାଫଳରେ ତାର ଭାଗ ନଥିବ, ନଥିବ କୌଣସି ଦାବୀ। ସେ କେବଳ ସହିବ ଓ ସବୁ ଦୁଃଖ ଯନ୍ତ୍ରଣା ଅଭାବ ଅସୁବିଧାକୁ ଅବାଧରେ ପିଇ ଯିବ। ଅନ୍ୟାୟ ଅନୀତି ପାପ ଅଧର୍ମ ଅସତ୍ୟ କୁ ପ୍ରତିବାଦ କରିବା ତା ଅଭିଧାନରେ ନଥିବ। ଖାଦ୍ୟ ପୋଷାକ ଚାଲି ଚଳଣରେ ତା ରୁଚି କୌଣସି ମାନେ ରଖିବେ ନାହିଁ। ତା ବାପାମାଆ ଗୁରୁଜନ ମାନେ ତାକୁ ସଂସ୍କାର ଶିଖାଉଥିବେ,'ଘର କେମିତି ଚାଲିବ, କେମିତି ବାହାହେବା ପରେ ନୁଆ ଘରକୁ ନୂଆ ମଣିଷଙ୍କୁ ଓ ନୂଆ ପରିବେଶ କୁ ଆପଣାର କରି ମୃତ୍ୟୁ ପର୍ଯ୍ୟନ୍ତ ଚାଲିବ ହିଁ ଚାଲିବ।'

ଏମିତି ଏକ କନିଆ, ଗାଁ ପାଇଁ ଥିଲା ଶୋଭା ଓ ଅଭା। ସବୁକିଛି ଠିକ୍ ଠାକ୍ ଚାଲିଥିଲେ। ଦିନେ ଗାଁ ପୁଅ ଯନ୍ତ୍ରପାତି ବିଜୁଳି ବତୀ କୋଠାବାଡ଼ି ସିନେମା ଥିଏଟର ର ତୋଫା ଆଲୁଅ ଦେଖିଲା। ସଫା ସୁତୁରା ଜମାପେଣ୍ଟ ଜୋତା ମୋଜା ପିନ୍ଧି  ଶିକ୍ଷା ଦିକ୍ଷା ରେ ରଞ୍ଜିତ ହୋଇ ବାହାରିଲା ଘରସଂସାର କରିବାକୁ। ଖୋଜିଲା କନିଆ। ଦେଖିଲା, ସେ ଖୋଜୁଥିବା କନିଆ ତା ଗାଁ ରେ ନାହିଁ, ଯିଏ ତାର ବର୍ତ୍ତମାନକୁ ମିଶେଇ ସଜେଇ ରଙ୍ଗେଇ ତାକୁ ଓ ଉଡନ୍ତା ମନକୁ ବୁଝାଏ ଶୁଝେଇ ଆନନ୍ଦରେ ପୋତି ଦେବ। ତାର ମନେହେଲା ନାକରେ ମେଞ୍ଚାଏ ସିଂଘାଣି, ଦେହରେ ନିପଟ ମଫସଲି ଗନ୍ଧ, ଆଉ ମନରେ ଅଜବ ଅଶିକ୍ଷିତ ଖିଆଲ ରଖିଥିବା ମଣିଷଟିକୁ ନେଇ ସେ କଣ କରିବ, କେମିତି ଚାଲିବ? ସଭ୍ୟ ର ଆଲୁଅରେ ନେସି ହୋଇ  ଆଧୁନିକ ବୋଲାଉଥିବା ତା ଚଳଣି ସହ ପାଦକୁ ପାଦ ମିଳାଇ କେମିତି ଧାଇଁବ ଚଉଡ଼ା ରାସ୍ତାରେ ! କେମିତି ସେ ପରିଚିତ କରାଇବ ତା ତଥାକଥିତ ସର୍ବାଧୁନିକ ସମାଜ ସହିତ? ସମୟଚକ୍ରରେ ବାଇ ମାହାନ୍ତି ନିଜ ଆଖିରେ ନାନା ଚିତ୍ର ଓ ଚରିତ୍ର କୁ ଦେଖିଛନ୍ତି। କେଉଁଠି ଯୌତୁକ ପାଇଁ ତ, କେଉଁଠି ତାଳ ଦେଇ ନ ଚାଲିବା ତ, ଆଉ କେଉଁଠି ବିଦେଶୀ କିଣା ଶୈଳୀ ପାଇଁ ହେଉ, ବିଚାରି କନିଆ ଟି ଲାଞ୍ଛିତ ହେବା ଏକ ନିର୍ଦ୍ଧାରିତ ସତ୍ୟ। ସେତେବେଳେ ତାର ଆର୍ତ୍ତ ଚିତ୍କାର କେହି ଶୁଣି ପାରୁନଥିବେ। ମଝି ଛକରେ ବିଚାରୀ ଛିଡ଼ା ହୋଇ କାନ୍ଦିବା ଇ ତାର ଏକମାତ୍ର ପ୍ରାପ୍ତି ଥିବ।

ଧୀରେ ଧୀରେ ସମୟ ବଦଳିଲା। ଆଲୁଅ ପ୍ରବେଶ କଲା ଗାଁ ଭିତରକୁ, ଅଳିନ୍ଦକୁ ଓ ତା ଭିତରେ ସନ୍ତପିତ ଥିବା କନିଆ ର ମନ ଭିତରକୁ। ଶିକ୍ଷା ଦୀକ୍ଷା ସହ ଚାରି ପାଖକୁ ସେ

ISSN NO.
2582-208X


ଅନେଇ ଦେଖିଲା– ପୃଥିବୀ କେତେ ବଡ଼! କେତେ କେତେ କଥା ଉପକଥା ରେ ଭରିଛି ଏ ଗ୍ରହ। ଧରିତ୍ରୀ ଏକ ଚଟାଣ ନୁହେଁ ଗୋଲାକାର ।

ଏବେ ଆଉ ଗାଁ କାହିଁ? ସହର ସହର ବାସୁଛି ନିପଟ ମଫସଲ। କନିଆମନେ ଜାଣି ଗଲେଣି ବଜାର ଧନ୍ଦା ଧ୍ୱଜା ଓ ଚାଲୁ ଢାଞ୍ଚା। ବଜାର ସହର ସିନେମା ମଲ୍ ପାର୍ଟି ରଙ୍ଗ ପାଣି ସବୁ ଫର୍ଚ୍ଚାମୟ । ଅଗମ୍ୟ ହୋଇ ଆଉ ରହିନାହିଁ ତାର ପ୍ରିୟ ଗାଁ। ଯୋଗାଯୋଗ ଆର୍ଥିକ ସ୍ୱଚ୍ଛଳତା ଆଉ ଆତଙ୍କିତ କରୁନାହିଁ ଭବିଷ୍ୟତ ଚିତ୍ର ଦେଖାଇ। ସମାନ ଅଧିକାର ସମାନ ଦାବି ସମାନ ଅଂଶୀଦାର ରୂପେ ଆଗ ଧାଡିରେ ବସିଛି ସେ। ଆତ୍ମ ବିଶ୍ୱାସ ର ସନ୍ଧାନ ପାଇ କେଉଁ ରାସ୍ତାରେ କେଉଁ ଜାଗାରେ ପହଞ୍ଚିବାକୁ ଅଛି ଜାଣିଯିବାପରେ ଦୂର ହୋଇ ଯାଇଛି ଭୟ ଆଶଙ୍କା। ବାଇ ମହାନ୍ତି ଗାଁ ଛକରେ ଛିଡ଼ାହୋଇ ଆଙ୍ଗୁଳି ଦେଖାଇ କହନ୍ତି,' ପୁରୁଷାକାର ଜାହିର କରି ଲିଙ୍ଗ ଭେଦର ସମୟ କେଉଁ କାଳୁ ଗଲାଣି । ତୋର ହାତେ କୁ ମୋର ହାତେ, ତୋର ଫାଳେ କୁ ମୋର ଫାଳେ, କାହିଁକି ଆଉ ଛାତି ଫୁଲେଇ ନିଶ ମୋଡ଼ି ସଂସାରକୁ ପାଦତଳେ ରଖିଛୁ ବୋଲି କହୁଛୁ? କନିଆ ଗାଁ ର ହେଉ କି ବଜାରର ହେଉ, କଥା ଛିଡେଇ ହେଉ କି ଭାବ ଦିଆ ନିଆରେ ହେଉ, ଆଦରି ନେଇ ମନକୁ ମନ ହୃଦୟକୁ ହୃଦୟ ସହିତ ମିଶେଇ ହାତ ଧାରା ଧରି ହୋଇ ବିଚ୍ ରାସ୍ତାରେ ଚାଲିଲେ ସିନା ସଭିଏଁ ତୁମ ମଥା ଉପରେ ଫୁଲ ଓଜାଡ଼ି ଦେବେ ଆଉ ସେତେବଳେ ତୁମେ କହିବ କନିଆ ତ କନିଆ ଗାଁ କନିଆ କଣ ? '

ବି 10/154,କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X

# ତୁମେ ଜଗତ ନିୟତି



ଡଃ ସିତିକଣ୍ଠ ଷଡଙ୍ଗୀ

ଆରମ୍ଭ ତ ତୁମେ ଶେଷ ବି ତ ତୁମେ
ତୁମ ବିନା ନାହିଁ ଗତି
ନୀଳାଚଳେ ବସି ଦେଖ ସବୁ ନାଟ
ତୁମେ ଜଗତ ନିୟତି ।୧।

କଳ୍ପନା ତ ତୁମେ ଜଳ୍ପନା ବି ତୁମେ
ତୁମେ ଭାବନାର ଅନ୍ତ
ତୁମ ଆର୍ଶୀବାଦେ ହୁଏ ଆଲୋକିତ
ସାରା ଅନ୍ଧାର ଦିଗନ୍ତ ।୨।

ପ୍ରଶ୍ନ ବି ତ ତୁମେ ଉତ୍ତର ବି ତୁମେ
କାହିଁ ବସିଛ ମଉନେ
ପ୍ରଶ୍ନବାଚୀ ମନେ ଭରି ଏ ଭକତ
ଘୁରୁଥାଏ ତା ଜୀବନେ ।୩।

ନିର୍ବଳର ବଳ ଆହେ ବଳବାନ
ତୁମେ ମଣିଷର ସାଥି
ଠିଆ ହୋଇଥାଅ ବିପତ୍ତି କାଳରେ
ସାଜି ଭକତ ସାରଥି ।୪।

ISSN NO.
2582-208X

ଶାନ୍ତ ତୁମେ ନାଥ ଅଶାନ୍ତ ବି ତୁମେ
କାହିଁ କରିଥାଅ ଛଳ
ବୁଝି ନ ପାରଇ ଆଜି ଏ ଅଧମ
କାହିଁ ହର ମନୋବଳ ।୫ ।

ପୂର୍ବ ତୁମେ ଦେବ ପଶ୍ଚିମ ବି ତୁମେ
ଦେଖୁଥାଅ ଚଉଦିଗେ
ସଂସାରର ପୀଡା ହୁଏ ଉପସମ
ପ୍ରଭୁ ତୁମ ଶଙ୍ଖ ନାଦେ ।୬ ।

ସୁଖ ବି ରଖିଛ ଦୁଃଖ ବି ଭରିଛ
ତୁମ ପସଗ୍ରେ ନାଥ
ଝୁରୁଥାଏ ଭକ୍ତ ଜୀବନ ଜଞ୍ଜାଳେ
କାହିଁ ନ ଦେଖାଅ ପଥ ।୭ ।

ଛାଡି ମୋହମାୟା ଭକତ ଆସିଛି
ପ୍ରଭୁ ତୁମରି ଶରଣେ
ଅନ୍ତକାଳେ ଆସି ମାଉଛି ଅନାଥ
ଦିଅ ସ୍ଥାନ ଶ୍ରୀଚରଣେ ।୮ ।

ବେଙ୍ଗାଲୁରୁ

ISSN NO.
2582-208X

# ନିସଙ୍ଗ ତାରାର ସାଥୀ


ଶାନ୍ତିଲତା ମିଶ୍ର

ତୁମ ଆସିବାର ବାର୍ତ୍ତା ଯେବେ ପାଏ
ଗଗନ ପବନ ଆଉ ଏ ପାରିପାର୍ଶ୍ୱ ଠାରୁ
କେଜାଣି ମନ ଭିତରେ କିଛି କିଛି ହୁଏ ।
ତୁମକୁ ଦେଖିବାର ମନେ ସୃଷ୍ଟି ଆଲୋଡନ ଅବା
ତୁମ ଠାରୁ କିଛି ପାଇବାର ପ୍ରଲୋଭନ
ମତେ ସାରା ରାତି ଚାହିଁବାକୁ ବାଧ୍ୟ କରେ ।
ହୋଇଯାଏ ଅମାନିଆ ଅବାଧ୍ୟ ଶିଶୁ ଟାଏ
ମା'ର ଉଷୁମ କୋଳର ସ୍ପର୍ଶ ଖୋଜି ବୁଲେ
ପୋଛି ଦେବ ଆଖି ଲୁହ ଅଛି ସେ ଶକ୍ତି ତାର ପାସେ ।
ସାଜି ହୋଇ ଯାଏ ଧରା ଆପଣା ଛାଏଁ
କାଶତଠି ଫୁଲେ ମାଳତୀର କୁଂଜେ
ମନ୍ଦାର, ଚଂପା, ଟଗର, ତରାଟ ମହକେ ।
ଏକା ଏକା ନିସଙ୍ଗତାର ରଙ୍ଗେ ମୁଁ ଭିଜାଇ
ଅଗଣତି କାମନାରେ ନିଜକୁ ସଜାଇ
ତୁମ ଆଗମନକୁ ଚାହିଁ ରହେ ଯେ ଲୋଲୁପେ ।
ସବୁ ବର୍ଷ ପରି ଏ ବର୍ଷ ବି ନିରାଶରେ
ଅନୁରୋଧ ମୋର ପ୍ରତ୍ୟାଖ୍ୟାନ କରି
ଦେବନି ତ ନିଷ୍କରୁଣ ହାତରେ ଫେରାଇ ।

ISSN NO.
2582-208X

ଅଳ୍ପ କରି କଛି ମାଗିବାର ସମୟ ସୀମା
ଯାଇଅଛି ମା'ଗୋ କେବେ ଠାରୁ ସରି
ଆଜି ଅଛି ଖାଲି ଅତୃପ୍ତ ଆତ୍ମା ଟାଏ ।
ତୁମ ଆସିବାର ପଥକୁ କେବଳ ରହିଛି ଅନାଇ
ବୃଥା ଭାବନାରେ ଅଯଥା ସମୟକୁ ଦେଉଛି ବିତାଇ
ପାଇବିନି ଭେଟ ତୁମ, ଆସି ଫେରିଯିବ କାଳେ ।
ଥରେ ଯଦି ପାଇ ଯାଆନ୍ତୁ କଞ୍ଚିତ ସୁଯୋଗ
ଧନ୍ୟ ହୁଅନ୍ତୁ ମଥାରେ ବୋଳ ତୁମ ପଦ ରଜ
ଜନ୍ମାଜନ୍ମାନ୍ତର ପାଇଁ ଆତ୍ମା ହୋଇ ଯାଆନ୍ତା ସାର୍ଥକ ।

ରଚେଷ୍ଟର, ମିନେସୋଟା

ISSN NO.
2582-208X

# ବନମାଳୀ କ୍ଷେତ୍ରମଉଳୀ


ଜୟନ୍ତୀ ଦେବୀ

ବନମାଳୀ କ୍ଷେତ୍ର ମଉଳୀ ଶ୍ରୀହରି କମ୍ବୁ କଟକ ରାଜନ ।
ବଦନ କଳା କଜ୍ଜ୍ୱଳ ନନ୍ଦବାଳ ଶ୍ରୀକୃଷ୍ଣ ରାଧାମୋହନ ।୧।

ବହନ ଜପ ମନ ଚକାନୟନ ଭବତାପ ବିନାଶନ ।
ବରୁଣ ଜାମାତା ବିଷ୍ଣୁ ବିଶ୍ୱପିତା ନରହରି ଶ୍ୟାମଘନ ।୨।

ବଳ ଦୁର୍ବଳର ଦେବକୀ କୁମର ମାଧବ ମଧୁସୂଦନ ।
ବଳୀୟାର ଭୁଜ ପ୍ରଭୁ ଦେବରାଜ ନଟନାଗର ଶ୍ରୀକୃଷ୍ଣ ।୩।

ବଂଶୀ ବଦନ ଶ୍ରୀକୃଷ୍ଣ ଜନାର୍ଦ୍ଦନ ମଦନ ଯାର ନନ୍ଦନ ।
ବକାରୀ କୃଷ୍ଣ କଂସାରୀ ଦନୁଜାରୀ ପୁତନାରୀ ସୁରରାଣ ।୪।

ବନଜ ନୟନ ଦେବ ଭଗବାନ ଶ୍ରୀହରି କଳାବାମନ ।
ବଟ କଳପ ମୂଳଆ ସେ କାଳଆ କୃଷ୍ଣ କାଳୟଦଳନ ।୫।

ବରଜ ମୋହନ ନନ୍ଦର ନନ୍ଦନ କୃଷ୍ଣ ମଦନ ମୋହନ ।
ବରଦ ଶୁଭଦ ସୁଖଦ ଗୋବିନ୍ଦ କରେ ଶୋହେ ସୁଦର୍ଶନ ।୬।

ବରଷକେ ଥରେ ବିଜୟ ରଥରେ ଶ୍ରୀକୃଷ୍ଣ କଳାମୋହନ ।
ବଳରାମ ଭାଇ ସାଥେ ଭଦ୍ରାଭଗ୍ନି ଗମନ୍ତୁ ରଥ ଚଢିଣ ।୭।

ISSN NO.
2582-208X

ବରଧନ କରେ ଧର୍ମ ଧନମାନ ଭକ୍ତେ ଦେଇ ଦରଶନ ।
ବଟପୁଟବାସୀ ହରିହୃଷୀ କେଶୀ କେଶବ ଦଧିବାମନ ।୮।

ବରତମାନ ଅତୀତ ଭବିଷ୍ୟତ ସବୁ ସେ ମନ ମୋହନ ।
ବନବିହାରୀ ଶ୍ରୀହରି ଦାନବାରୀ ସୁମର ବାଇଆ ମନ ।୯।

ବରଜ କଶୋର କୃଷ୍ଣ ନଟବର କରେ ମୂରଲୀ ମୋହନ ।
ବକ୍ଷ ଶୋଭିବନ କଉସ୍ତୁଭ ଚନ୍ଦ୍ର କଟୀରେ ପୀତ ବସନ ।୧୦।

ବକୀ କରି ନାଶ କମଳା ବିଳାସ ପ୍ରଦାନଲେ ଦିବ୍ୟ ସ୍ଥାନ ।
ବସୁଦେବ ସୁତ ଶ୍ରୀମତୀର କାନ୍ତ ନୀଳକନ୍ଦର ଶୋଭନ ।୧।

ବରଜ ସୁନ୍ଦର କୃଷ୍ଣ ଦାମୋଦର ସାଥେ ଭାଇ ଶଙ୍କର୍ଷଣ ।
ବଉଳ ମାଳଆ ମୟୁର ଚୂଳଆ ଯଶୋମତୀ ପ୍ରାଣଧନ ।୧୨।

ମହୁ, ଆଳ, କେନ୍ଦ୍ରାପଡା
ଦୂରଭାଷ-୮୮୯୫୪୫୦୧୧୦

ISSN NO.
2582-208X

# କାଳାନ୍ତର



ଡକ୍ଟର ମଧୁସ୍ମିତା ମିଶ୍ର

ସେଦିନ ବ୍ୟାଙ୍କ ବାହାରିଲା ବେଳକୁ ଫୋନ୍ ଟା ଆସିଲା ।

ଆଲୋ ମା, ମାମୁଁ କହୁଛି । ବ୍ୟାଙ୍କ ବାହାରିବୁଣି । ରାତିରେ ଡେରି ରେ ଫେରୁଥିବୁ ତେଣୁ ବିରକ୍ତ କରିବାକୁ ଇଚ୍ଛା କଲିନି ।

ନମସ୍କାର, ମାମୁଁ , କହୁନାହାନ୍ତି, କଣ କହିବେ। ହଁ ମୁଁ ବ୍ୟାଙ୍କ ଯିବାକୁ ପ୍ରସ୍ତୁତ ହେଉଥିଲି, ଯାଇନି। କୁହନ୍ତୁ କଣ ହେଇଛି ?

ସେପଟରୁ ଭାସି ଆସିଲା ମାମୁଁ ଙ୍କ ଗୁରୁ ଗମ୍ଭୀର ସ୍ୱର, ତୋର ଆମକୁ ଦେଖିବାକୁ ଇଚ୍ଛା ହଉନି, ସେ କଥା ମୁଁ ବୁଝୁଛି । କିନ୍ତୁ ନେଟ ବ୍ୟାଙ୍କିଙ୍ଗ ଜରିଆରେ ତ ତୋତେ ତୋ ଟଙ୍କା ଟା ଫେରାଇ ଦେଇପାରିବ ଏ ବୁଢା ଟା। ତୋ ଆକାଉଣ୍ଟ ନମ୍ବର ଟା ଦେବାକୁ ସମୟ ବି ତୋ ପାଖରେ ନାହିଁ। ।

ଏପଟେ ରିନି ର ଅବସ୍ଥା ଅସମ୍ଭାଳ । ସେ କେବଳ ଚୁପଚାପ୍ ଶୁଣୁଥିଲା।

କେତେ ସମୟ ପରେ କହିଲା, ହଁ, ମାମୁଁ, ଆପଣ ଏତେ ବ୍ୟସ୍ତ କାହିଁକି ହଉଛନ୍ତି? ହଜାରେ ଟଙ୍କା ତ ?

ସେପଟୁ ମାମୁଁ ଚିହିଙ୍କି ଉଠିଲେ, କଣ ହେଲା, ହଜାରେ ଟଙ୍କା ବୋଲି କଣ ତାର କିଛି ମୂଲ୍ୟ ନାହିଁ।

ISSN NO.
2582-208X

ଡେରି ହେଇଯାଉଥିଲା, ରିନି ମୋବାଇଲ ରେ କଥା ହେଉ ହେଉ କାର ଚାବି ଆଣି କାର ରେ ବସିଲା। ଟିଫିନ ଡବା ଟା ପଛ ସିଟ ରେ ରଖି ଗାଡି ଷ୍ଟାର୍ଟ କଲା। କହିଲା, ମାମୁଁ, ଆପଣଙ୍କୁ କହୁଛି ଏହି ରବିବାର ରେ ମୁଁ ନିଶ୍ଚୟ ଆସିବି।

ରିନି ଗାଡି ଚଲାଉ ଚଲାଉ ଭାବୁଥିଲା, ଗୋଟିଏ ଛୋଟ ଘଟଣା କୁ ନେଇ ଏତେ ବ୍ୟସ୍ତ ହେବାର କଣ ବା ଅଛି ? ଯାହା ମାନେ ପଡୁଛି କେବେ ଗୋଟିଏ ସାନ ମାଉସୀ ଦିଅର ସୁବୋଧ ମଉସା ଙ୍କ ପୁଅ ବ୍ରତଘର ରେ ହଜାରେ ଟଙ୍କା ତାଙ୍କ ତରଫରୁ ଦେଇ ଦେବାକୁ ମାମୁଁ ତାକୁ କହିଥିଲେ ଆଉ ରିନି ମଧ୍ୟ ତାଙ୍କ ନାଁ ରେ ଲଫାପା ରେ ହଜାରେ ଟଙ୍କା ଦେଇଥିଲା। ସେହି ଟଙ୍କା ଟା ଫେରେଇବା ପାଇଁ ଏତେ ବ୍ୟସ୍ତ ହେଉଛନ୍ତି ମାମୁଁ। ଏମିତିରେ ଯଦି ଏତେ ଟଙ୍କା ଫେରେଇବା କଥା, ତାହେଲେ ତାଙ୍କ ପୁଅ ବାବୁଲା ହାତରେ ପଠାଇଦେଇ ପାରନ୍ତେ ।

ସେ ବାଧ୍ୟ ହୋଇ ଫୋନ ଟା କାଟି ମୋବାଇଲ ଟା ସ୍ୱିଚ ଅଫ କରିଦେଲା । ମମି କହୁଥିବା କଥା ତାର ମନେ ପଡିଲା, ନା ରହିବ ବାଉଁଶ, ନା ବାଜିବ ବଇଁଶି। ଅଧ ଘଣ୍ଟାଏ ରେ ସେ ବ୍ୟାଙ୍କ ପହଞ୍ଚି ଯିବ ।

ମନେମନେ ସ୍ଥିର କଲା ଯେମିତି ହେଉ ସେ ଏହି ରବିବାର ରେ ଯିବ । ଆଜି ତ ଶୁକ୍ର ବାର ସେ କାଲି ଛାଡି ପହରଦିନ ରବିବାର ରେ ମାମୁଁ ଙ୍କ ଘରକୁ ଯିବ।

ମମି ଯଦିଓ ବହୁଦିନ ରୁ ଆରପାରିକୁ ଚାଲିଗଲାଣି, ତଥାପି ଆଜି କାହିଁକି କେଜାଣି ତା କଥା ବହୁତ ମନେ ପଡୁଛି। କହିଥିଲା ସେ କେବେ ଥରେ, ମାମୁଁ ଜଣେ ବିରଳ ବ୍ୟକ୍ତିତ୍ୱ। ସରଳ, ନିର୍ଭୀକ, ସତ୍ୟପ୍ରିୟ, ସ୍ପଷ୍ଟବାଦୀ, ନୀତିବାନ୍ ଜ୍ଞାନୀ ମଣିଷ। ଯଦି ଜୀବନରେ କୌଣସି ସମସ୍ୟା ଆସେ ତେବେ ତାଙ୍କ ପରାମର୍ଶ ନେବୁ । ବହୁତ ଥର ରିନି ମଧ୍ୟ ଜୀବନରେ ଚାଲୁ ଚାଲୁ ଝୁଣ୍ଟି ପଡିବା ବେଳକୁ ମାମୁଁ ଉପଯୁକ୍ତ ପରାମର୍ଶ ଦେଇ ତାକୁ ଉଠାଇ ଦେଇଛନ୍ତି ।

ISSN NO.
2582-208X

ଚାରି ଭଉଣୀ, ତିନି ଭାଇ ରେ ମମି ଥିଲା ଅଗ୍ରଜା । ବାକି ସବୁତକ ଭାଇ ଭଉଣୀ ତା ତଳେ । ଚାରି ଭଉଣୀ ଆଉ ତିନି ଭାଇ । ସାନ ମାମୁଁ ତିନି ବର୍ଷ ର ହେଇଥିଲା ବେଳେ ଆଇ ଆରପାରିକୁ ଚାଲି ଯାଇଥିଲେ। ତେଣୁ ମମି ଥିଲା ସବୁ ଭାଇ ଭଉଣିମାନଙ୍କର ମା ସମାନ। ବିଶେଷତଃ ବଡ ମାମୁଁ, ମମି ର କଠୋର ନୀତି ନିୟମ ଓ ଶୃଙ୍ଖଳା ଆଦି ଆଦର୍ଶ ସବୁଥିରେ ଅନୁପ୍ରାଣିତ ଓ ଅନୁବନ୍ଧିତ ଥିଲେ।

ରିନି ର ପିଲାଦିନ ରୁ ବଡ ମାମୁଁଙ୍କ ଘର ଓ ପରିବାର ସହ ଘନିଷ୍ଠ ସମ୍ପର୍କ ରହିଥିଲା। ମମି,ପାପା ଚାଲିଗଲେଣି, କିନ୍ତୁ ଆଜି ମଧ୍ୟ ବଡ ମାମୁଁ ଓ ମାଇଙ୍କର ଓ ସେମାନଙ୍କ ବ୍ୟବହାର ରେ କୌଣସି ପରିବର୍ତ୍ତନ ଆସିନି । ସେହି ପୂର୍ବବତ୍ ଆଦର ସମ୍ମାନ ବର୍ତ୍ତମାନ ମଧ୍ୟ ବଳବତ୍ତର ରହିଛି। ରିନି, ତା ସ୍ୱାମୀ ଦିବ୍ୟେନ୍ଦୁ ଓ ଝିଅ ପୁଣ୍ୟା ସେହି ସ୍ନେହ, ଶ୍ରଦ୍ଧା ପାଆନ୍ତି ।

ମନେ ପଡେ ପିଲାଦିନେଏକା ସହର ରେ ସେମାନଙ୍କ ଘର ହେଇଥିବାରୁ ଅଜାଘର କୁ ସାତ ଆଠ ଦିନ ବା ପନ୍ଦର ଦିନ ରେ ଥରେ ଅଧେ ସେମାନେ ଯାଉଥିଲେ। ପାପା ବୋଧହୁଏ ସେ ଓ ତା ସାନ ଭାଇ ଅରୁଣ ଯାଇ ଅଜାଘରେ ରହିବା ପସନ୍ଦ କରୁ ନ ଥିଲେ, କିନ୍ତୁ ଅଜା ଘର କୁ ଯିବା ପାଇଁ କୌଣସି ବାରଣ ନ ଥିଲା ।

ଆଇ ଙ୍କୁ ସେମାନେ ରିନି କେବେ ଦେଖି ନ ଥିଲା । ସେ ଜନ୍ମ ହେବା ପୂର୍ବରୁ ଆଇ ମରି ଯାଇଥିଲେ। ଅଜା ସବୁ ଦିନ ସନ୍ଧ୍ୟା ଚାରି ଟା, ପାଞ୍ଚ ଟା ବେଳେ ସାନ୍ଧ୍ୟ ଭ୍ରମଣ ସାରି ତାଙ୍କ ଘର ବାଟ ରେ ଫେରୁଥିଲେ । ତାଙ୍କ ଘରେ ଘଣ୍ଟାଏ ଦୁଇ ଘଣ୍ଟା ବସୁଥିଲେ। ଅଜା ଚା ବା ପାନ ଖାଉ ନ ଥିଲେ। ମମି ବହୁତ ସ୍ୱଳ୍ପଭାଷି ଥିଲା। ପାପା ତ ଅଫିସ ରେ ଥିଲେ । ତେଣୁ ଅଜା ଆସିଲେ କେବଳ ବସି ବସି ଯାଉଥିଲେ। କଦବା କ୍ୱଚିତ୍ କଥାବାର୍ତ୍ତା କରୁଥିଲେ।

ପୂଜାପର୍ବାଣି ରେ ଆଉ ଆଇଙ୍କର ଶ୍ରାଦ୍ଧରେ ସେମାନେ ସ୍ୱତନ୍ତ୍ର ଭାବରେ ଅଜା ଘରେ ନିମନ୍ତ୍ରିତ ହେଉଥିଲେ । କାଳକ୍ରମେ ଅଜାଙ୍କ ଦେହାନ୍ତ ପରେ ମଧ୍ୟ ଏହି ପରମ୍ପରା ରେ

ISSN NO.
2582-208X

କୌଣସି ବ୍ୟତିକ୍ରମ ଆସି ନ ଥିଲା । ବରଂ ଅଜାଙ୍କ ଶ୍ରାଦ୍ଧ ଟା ଭୋଜି ତାଲିକା ରେ ଯୋଡା ହେଇଯାଇଥିଲା । ଅଜା ଘର ଯାହା କି ପରବର୍ତ୍ତୀ କାଳ ରେ ମାମୁଁ ଘର ଭାବରେ ପରିଚିତି ପାଇଥିଲା, ବହୁତ ବଡ ଥିଲା। ସେହି ବିରାଟ ଘର ଲମ୍ବା ରେ ପ୍ରାୟ ଦୁଇଶହ ବା ତିନିଶହ ମିଟର ଥିଲା ଆଉ ଚଉଡା ରେ ଶହେ ମିଟର ଥିଲା । ଘର କୁ ପଶୁ ପଶୁ ଉପରକୁ ଉଠିବା ପାଇଁ ତିନି ଚାରିଟି ପାହାଚ ଥିଲା, କଡକୁ ଲାଗିକରି ଗ୍ୟାରେଜ ଥିଲା, ସେଥିରେ ଅଜାଙ୍କ ମାନ୍ଧାତା ଅମଳ ର ଆମ୍ବାଷଡର ଗାଡି ଓ ବଡ ମାମୁଁ ଙ୍କ ସ୍କୁଟର ରହୁ ଥିଲା । ଘର କୁ ପଶିଗଲା ପରେ ଗୋଟିଏ ଛୋଟିଆ ବାରଣ୍ଡା ଥିଲା। ବାରଣ୍ଡା ଟିର ବାଁ ଦିଗରେ ବଡ ମାମୁଁ ଙ୍କର ଚାମ୍ବର ବା ଅଫିସ ଥିଲା । ସେ ସେତେବେଳର ପ୍ରସିଦ୍ଧ ଚାଟାର୍ଡ ଆକ୍କାଉଟାଣ୍ଟ ଥିଲେ। ବାରଣ୍ଡାଟିର ଡାହାଣ ଦିଗରେ ଗୋଟିଏ କୁକୁର ରହିବା ପାଇଁ ଘର ଥିଲା। ସେଥିରେ ସେତେବେଳେ ମଧ୍ୟ ଅଜା ଘରେ ଆଲସିସିଆନ କୁକୁରଟିଏ ଥିଲା, ଯିଏ କି ଘରକୁ ଆସୁଥିବା ଅତିଥି, ଅଭ୍ୟାଗତମାନଙ୍କୁ ତାର ସୁମଧୁର ଧ୍ୱନି ରେ ସ୍ୱାଗତ ଜଣାଉଥିଲା ।

ସେହି ବାରଣ୍ଡା ଟି ଅତିକ୍ରମ କରିଗଲେ, ବାଁ ପଟ କୁ ଜୋତା ରଖିବାପାଇଁ ଜୋତା ଥାକ । ତାକୁ ଲାଗି ଉପର ମହଲା ର ମାମୁଁ ଙ୍କ ଶୋଇବା ଘର କୁ ଯିବାକୁ ପାହାଚ ବାଟ। ସିଡି ସାରିବା ପରେ ତଳ ମହଲାରେ, ତାପରେ ସିଧା ଗୋଟିଏ ରାସ୍ତା, ଯାହାକି ଲମ୍ବି ଯାଇଛି ଘର ଶେଷ ପର୍ଯ୍ୟନ୍ତ। ସେହି ସିମେଣ୍ଟ ରାସ୍ତା ରେ ଗଲେ, ଡାହାଣଦିଗରେ ବିରାଟ ଏକ ଗାଧୁଆ ଘର ଯାହାକୁ ଲାଗି ଏକ ବଡ ଅଗଣା। ରାସ୍ତା ଟି କୁ ଏକ ବାରଣ୍ଡା ଭାବରେ ଧରିଲେ, ବାଁ ପଟେ ଭଣ୍ଡାର ଘର, ତା ପରେ ରୋଷାଇ ଘର । ରୋଷାଇ ଘର ପରେ ଆଉ ଏକ ଚଉଡା ଆକୃତି ର ସୁଦୃଶ୍ୟମାନ ବାରଣ୍ଡା ଯେଉଁଠାରେ ଘର ର ଖିଅପିଆ ହୁଏ। ତାପରେ ସେହି ସିଧା ରେ ପୁଣି ଏକ ଅଗଣା ଯାହାର ଡାହାଣ ପଟ ରେ ତିନି ଚାରିଟି ଛୋଟ ଛୋଟ କୋଠରୀ ଯେଉଁଠାରେ ଘର ର ବୋଲହାକ କରିବା ଲୋକ ତଥା ରାନ୍ଧୁଣି ନାନୀ ଆଦି ରୁହନ୍ତି । ବାମ ଦିଗରେ ଶିଡିଟିଏ ଉପରକୁ ଲମ୍ବିଯାଇଛି ଯାହାକି ଠାକୁର ଘର କୁ ଧରି ରଖିଛି। ଏହାକୁ ସବୁ ଅତିକ୍ରମ କରି ଅଗଣା ର ସିଧା ଦିଗରେ ଅଗ୍ରସର ହେଲେ, ଡାହାଣ ପଟ ର ଶିଡି ଉପର କୁ ଲମ୍ବିଯାଇଛି ଯାହା ଉପର ଘର କୁ ସଂଯୋଗ କରୁଛି। ସିଡି କୁ

ISSN NO.
2582-208X

ଯିବା ପୂର୍ବରୁ ଗୋଟିଏ ବିରାଟ ଘର ଯାହାକି କୁକୁଡା ଘର ଭାବରେ ନାମିତ । ସେଠାରେ କୁକୁଡା ପାଳନ କରାଯାଏ। ତାକୁ ଲାଗି ଗଳିଟିଏ। ଗଳିଟିର ବାମ ପାର୍ଶ୍ୱ ରେ ଗାଧୁଆ ଘର ଓ ଶୌଚାଳୟ । ତାପରେ ସେହି ସିମେଣ୍ଟ ଗଳି ଟି ବାଟ କଢାଇଛି ବାରି ଆଡ କୁ ଯେଉଁଠାରେ ଏକ ବିରାଟ ଗୁହାଳ ଘର ଯେଉଁଥିରେ ରୁହନ୍ତି ବହୁତ ଗୁଡିଏ ଦେଶୀ ବିଦେଶୀ ଗାଈ । ଗୁହାଳ ର ବିପରୀତ ଦିଗରେ ପାଣି କୂଅ ଟିଏ ଯାହାକୁ ଲାଗି ଟିଉବଉଏଲ ବା ସେତେବେଳେ କୁହାଯାଉଥିବା ଢିଙ୍କିଆକଳ ।

ପଛକୁ ଫେରି ଶିଡି ପାଖକୁ ଫେରି ଦେଖିଲେ ଯେଉଁ ଶିଡି ଟି ପାହାଚ ପାହାଚ ହେଇ ଉପରମହଲା କୁ ଲମ୍ବିଯାଇଛି, ସେହି ଶିଡି ଉପରାନ୍ତେ ଡାହାଣ ପଟକୁ ଲୁଗାପଟା ଶୁଖାଶୁଖି କରିବାପାଇଁ ଗୋଟିଏ ବିରାଟ ଛାତ । ଚାରିପଟ ବାଡ ଦିଆ ଯାଇ ଆବଦ୍ଧ ଛାତ ଟି ଦେଖିଦେଲେ ଆଜିକାଲିକାର ଦୁଇ ବା ତିନି ବେଡ ରୁମ ଆପାର୍ଟମେଣ୍ଟ ତାହାର ଗୋଟିଏ କଣ କୁ ମଧ୍ୟ ସରି ହେବେନି । ଛାତ ପରେ ବିରାଟ ଏକ କୋଠରୀ ଯାହାକି ସାନ ମାମୁଁ ମାଇଁ ଙ୍କ ପାଇଁ ଉଦ୍ଦିଷ୍ଟ । ସାନ ମାମୁଁ ମାଇଁ ଓଡିଶା ବାହାରେ ରହନ୍ତି ଆଉ ସେମାନେ ଆସିଲେ ସେହି କୋଠରୀ ଟି ଅକ୍ତିଆର କରନ୍ତି। ପାଖକୁ ଲାଗି ବାରଣ୍ଡାର ଶେଷ ପାଖକୁ ଗାଧୁଆ ଘର ଏବଂ ସଉଚାଳୟ। ସାନମାମୁଁଙ୍କ ଘର ସାମ୍ନା କୁ ଯେଉଁ ରାସ୍ତା ଟି ଲମ୍ବିଯାଇ ବଡମାମୁଁଙ୍କ ଶୋଇବା କୋଠରୀ କୁ ସଂଯୋଗ ହୋଇଛି। ସେହି ସିମେଣ୍ଟ ରାସ୍ତା ର ବାମ ଦିଗ କୁ ମଝିଆ ମାମୁଁ ଙ୍କ କୋଠରୀ, ଯାହାକି ମଝିଆ ମାମୁଁ ଓ ମଝିଆ ମାଇଁ ଆସିଲେ ବ୍ୟବହୃତ ହୁଏ । ଆଉ ଟିକିଏ ଆଗକୁ ଆଗେଇଲେ ଅଜାଙ୍କ ଶୋଇବା ଘର ତା ସାମ୍ନା କୁ ଡାହାଣ ପଟକୁ ଖୋଲା ବାରଣ୍ଡା ଟିଏ । ଆହୁରି ଆଗକୁ ବଢିଲେ ଗୋଟିଏ ବାଟ ଘର ତା ପାଖକୁ ସିଡି ଟି ଯାହା ତଳ ଘର କୁ ସଂଯୋଗ କରିଛି । ସିଡି ଡେଇଁଲେ ବଡ ମାମୁଁ ଆଉ ମାଇଁ ଙ୍କ ଶୋଇବା ଘର।

ରିନି ର ପୁରା ମନେ ଅଛି ପିଲାଦିନେ ତା ସହ ମାମୁଁ, ମାଉସୀ ଙ୍କ ପିଲାମାନେ ନ ଥିଲେ ସେ ବେଳେବେଳେ ଏତେବଡଜମିଦାରିଆ ଘରେ ହଜିଯାଏ। ମମିକୁ ଖୋଜି ପାଇବାକୁ ତାକୁ ବହୁତ ଅସୁବିଧା ଭୋଗିବାକୁ ପଡେ।

ISSN NO.
2582-208X

ତଳ ଘର ବାରିପଟ ଗୁହାଳ ପାଖରେ ଥିଲା ଗୋବର ଗ୍ୟାସପ୍ଲାଣ୍ଟ, କୁକୁଡା ଘରୁ ଆସୁଥିଲା ତାଜା ଅଣ୍ଡା, ଘର ଗାଈ ଙ୍କ ଠାରୁ ଆସୁଥିଲା ତାଜା କ୍ଷୀର । ଅଜା ଘରେ ରହୁଥିବା ବଡ ମାଇଁ ଅଲଗା ଭାବରେ ରାନ୍ଧୁଥିଲେ ଅଣ୍ଡା ପାୟସ । ନୈଷ୍ଠିକ ବ୍ରାହ୍ମଣ ଘରେ, ରୋଷାଇ ଘରେ କୁକୁଡା ମାଂସ ଓ ଅଣ୍ଡା ରନ୍ଧା ହେବା ବାରଣ ଥିଲା ।

ଆଉ କେବେ ପୂଜା ପର୍ବ ରେ ଅଜାଘରେ ଶ୍ରାଦ୍ଧ ରେ ଖାଇବାପାଇଁ ନିମନ୍ତ୍ରଣ ମିଳୁଥିଲା । ସେ ଓ ସାନ ଭାଇ ପାପାମମିଙ୍କ ସହ ଅଜା ଘର କୁ ଖାଇବାପାଇଁ ଯାଉଥିଲେ। ରୋଷାଇ ଘରକୁ ଲାଗି ଥିବା ତଳ ବାରଣ୍ଡା ରେ ସମସ୍ତେ ଏକାଠି ଖାଇବା ପାଇଁ ଆୟୋଜନ କରାଯାଉଥିଲା।ଏତେ ରକମ ର ଖାଦ୍ୟ ପରିପାଟି ହୁଏତ ଅଜା ଘର ଛଡା ଆଉ କେଉଁଠି ଆଜି ପର୍ଯ୍ୟନ୍ତ ରିନି ଦେଖିବାର ମନେ ପଡୁନିମାମୁଁ, ମାଉସୀମାନଙ୍କ ପିଲାମାନଙ୍କ ସହ ଦଉଡା ଦଉଡି, ଖେଳ କୁଦ ବେଳେ ବଡ ପାଟି କରିବାର ଅନୁମତି ନ ଥିଲା। ଖାଇବା ଜାଗାରେ ଚଟାଣ ଉପରେ ଆସନ ପଡୁଥିଲା। ପ୍ରତିଟି ଆସନ ପାଖରେ ପାଣି ଭର୍ତ୍ତି ଗ୍ଲାସ ରଖା ହେଉଥିଲା। ବଡ ପୁରୁଷ ଲୋକ ମାନେ ଅଜା ମାମୁଁମାନେ, ପାପା, ମଉସାମାନେ ଆଉ ରିନି ଓ ଅନ୍ୟ ପିଲାମାନେ ଆଗ ଭୋଜନ ପାଇଁ ବସୁଥିଲେ। ସେମାନେ ଖାଇ ସାରିବା ପରେ ଘରର ଓ ନିମନ୍ତ୍ରିତ ଅନ୍ୟାନ୍ୟ ସ୍ତ୍ରୀ ଲୋକମାନେ ଖାଉଥିଲେ। ଭୋଜନ କରିବା ସମୟ ରେ କଥାବାର୍ତ୍ତା ବା ପାଟି କରିବାକୁ ମନା ଥିଲା। ଖାଇବାବେଳେ କଥା କହିଲେ, ଖାଦ୍ୟ ଖାଇବାରେ ଅସୁବିଧା ହେବା ସହ ହଜମ ହେବା କଷ୍ଟ ହୁଏ ଏବଂ ତଣ୍ଟି ରେ ଖାଦ୍ୟ ଲାଗିଯାଇପାରେ। ଅଜା ଓ ମାମୁଁ ଘର ଯେପରି ଶୃଙ୍ଖଳା ର ନିୟମ ରେ ବନ୍ଧା ହୋଇଥିଲା, ସେମିତି ମଉଜ ମଜଲିସ ମଧ୍ୟ ମନଭରି ପିଲାଏ ସେଠାରେ ମନାଉଥିଲେ। କୁମାରପୂର୍ଣ୍ଣିମା ରେ ବଡମାନଙ୍କୁ ମୁଣ୍ଡିଆ ମାରିଲେ ପଇସା ମିଳୁଥିଲା। ଅଜାଘରେ ରାତିରେ ପୁରୀ ମାଂସ ତରକାରୀ ଖିଆ ହେବା ସହ ପିଲାମାନେ ଲୁଚକାଳି, ପୁଚି ଆଦି ଖେଳୁଥିଲେ ଆଉ ବଡମାନେ ତାସ ଖେଳ ର ମଜା ନେଉଥିଲେ। ଘର କୁ ଫେରି ରାତିରେ ଶୋଇ ସକାଳୁ ଉଠି ମୁହଁ ଧୋଇ ରିନି ଓ ଭାଇ ଅରୁଣ ବସି ଯାଉଥିଲେ ରୁମାଲ ଖୋଲି ପଇସା ଗଣିବାକୁ। କାହାର କେତେ କାଲି ରାତିରେ ଆମଦାନୀ ହେଇଛି ଦେଖୁଥିଲେ ଓ ସେ ପଇସା ବା ଟଙ୍କା

ISSN NO.
2582-208X

ନେଇ ନିଜ ନିଜ ସରାଗାତ ରେ ପକାଉଥିଲେ। ବୋଧହୁଏ ରିନି ସେତେବେଳେ ପଞ୍ଚମ ଆଉ ଅରୁଣ ତୃତୀୟ ଶ୍ରେଣୀ ରେ ପଢୁଥିଲେ ଭାବିଲେ ହସ ଲାଗେ ଏବେ, ଯୋଗ୍ୟତା ନ ଥାଇ ରୋଜଗାର ର ମଜା ଅତି ସ୍ୱତନ୍ତ୍ର ।

ଆଜି ପୁରୁଣା ଦିନ ର ସ୍ମୃତି ସବୁ ମନେ ପକାଇ ରିନି ଗାଡି ଚଲାଉଥିଲା । ବ୍ୟାଙ୍କ ପରିସର ରେ ପହଞ୍ଚିସାରିଥିଲା । ପୁଣି ସେହି ଚିରା ଚରିତ ଅଫିସ କାମ । ଦୁଇ ଦିନ କେମିତି କଟି ଯାଇଥିଲା ଜାଣିନି । ରବିବାର ଟା ପୁରା ଫାଙ୍କା ଥିଲା । ପୁଣ୍ୟା ପୂଜା ଛୁଟି ପରେ ହଷ୍ଟେଲ ଫେରି ଯାଇଥିଲା । ଦିବ୍ୟେନ୍ଦୁ  ଟୁର ରେ ଯାଇଥିଲେ।

ମାମୁଁ ମାଈଁ ଙ୍କ ପାଇଁ କିଛି ଫଳ, ବିସ୍କୁଟ ଏବଂ ଲୁଣି  ଜିନିଷ କିଣି ଗାଡି ରେ ବସିଲା । ମାମୁଁ ଙ୍କ ଘରେ ପହଞ୍ଚିଲା ବେଳକୁ ପ୍ରାୟ ଦଶ ଟା ବାଜି ଯାଇଥିଲା । ରିନି ଜାଣିକି ଆଜି ସକାଳୁ ସକାଳୁ ଆସିଥିଲା। ସେ ଜାଣି ପାରିଥିଲା ମାମୁଁ ଙ୍କ ଅଭିମାନ କୁ। ଏମିତି କେତକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କେବଳ ମୁହଁ ର ସମ୍ପର୍କ ରଖନ୍ତିନି, ବରଂ ତୁମେ ନ ପଚାରିଲେ ମଧ୍ୟ ତୁମ ପଛ ରେ ସବୁବେଳେ ରହିଥାନ୍ତି । ସେମିତି ହେଲେ ମାମୁଁ ଙ୍କ ପରିବାର। ଚାମ୍ବର ରେ ମାମୁଁ ନ ଥିଲେ, ପୁଅ ବାବୁଲା ବସିଥିଲା। ଆଉ କେତେକ ଲୋକ ମଧ୍ୟ ଥିଲେ। ବାବୁଲା ଉଠିକି ଆସିଲା ।

ଆରେ ନାନୀ, ନଇଁ ପଡି ରିନି ର ପାଦ ଛୁଇଁ ମୁଣ୍ଡିଆ ମାରିଲା, ଏତେ ଦିନେ ଆମ କଥା ମନେ ପଡିଲା, ହଉ ଆସ।

ରିନି କୁ ନେଇ ଉପରକୁ ଯିବା କୁ ବାହାରିଲା । ରିନି କିନ୍ତୁ ତଳ ମହଲା ର କଳ ପାଖରେ ଗୋଡ ଧୋଇ ତା  ସହ ଆଗେଇଲା ।

ବୋଉ, ନନା, ଦେଖ କିଏ ଆସିଛନ୍ତି ।

ବାବୁଲା କଥା ଶୁଣି ମାମୁଁ  ପଚାରୁଥିଲେ କିଏ କିରେ  ଆସିଛି ଆଜି ରବିବାରଟାରେ ?

ISSN NO.
2582-208X

ରିନି ପଶିଲା, ମୁଣ୍ଡିଆ ମାରିଲା ବେଳକୁ ମାମୁଁ କହିଲେ, ଯାହାହେଉ ଶେଷରେ ଏ ବୁଢା ବୁଢୀ ଦୁଇଟାଙ୍କୁ ଦେଖିବାକୁ ଆଇଲୁ । ମାମୁଙ୍କ ମୁହଁ ହସ, ଖୁସି ରେ ଭରି ଯାଇଥିଲା । ମାଇଁ ଖଟ ର ସେପଟେ ବସିଥିଲେ, କହିଲେ ଭାଣେଜୀ ଙ୍କୁ ଦେଖି ମାମୁଁ ଙ୍କ ଖୁସି ଦେଖ ।

ମାଇଁ, ତୁମେ ଖୁସି ହେଉନ ? ରିନି ପଚାରିଲା ।

ଆଉ ଏ କଥା ପଚାରିବାର ଅଛି, ଆମେ ଦୁହେଁ ଭାରି ଖୁସି।

ତୋ ନିଜ ଗାଡି ରେ ଆସିଛୁ ଟି ? ଡ୍ରାଇଭର କୁ ନେଇ ଆସିଛୁ ? ଆଜି ଟିକିଏ ଆମ ପାଖରେ ରହ ଭାତ ଖାଇ ପିଇ ସନ୍ଧ୍ୟା ବେଳକୁ ଯିବୁ ।

ମାମୁଁ ଙ୍କ କଥା ଶୁଣି ରିନିକହିଲା, ହଁ ମୁଁ ଆସିଛି ପରା ପୁରା ଦିନ ଟା ଆପଣଙ୍କ ପାଖରେ କାଟିବି ।

ଏତିକି ବେଳକୁ ବାବୁଲା ର ସ୍ତ୍ରୀ ମାମୁଁ ଙ୍କ ବଡ ବୋହୁ ଶ୍ରୀୟା ପାଣି, ଥଣ୍ଡା ଆଉ କିଛି ଜଳଖିଆ ନେଇ କି ଆସିଲା । ମୁଁ ଜଳଖିଆ ଖାଇଛି ଖାଲି ପାଣି ପିଇବି । ଶ୍ରୀୟା ସାଙ୍ଗେ କଥା ହେଲା ବେଳକୁ ମାମୁଁ ଉଠି ଆସି ରିନି ହାତରେ ହଜାରେ ଟଙ୍କା ଧରାଇଦେଲେ। ରିନି ହସିଲା, କିଛି କହିଲାନି ।

ମାମୁଁ ପୁଣି ଯାଇ ତାଙ୍କ ଚୌକି ରେ ବସିପଡିଲେ, କହିଲେ ଆଲୋ ମା, ଟଙ୍କା ଟା ହାତରେ ଧରିକି ରଖେନା, ବ୍ୟାଗ ରେ ରଖିଦେ କୋଉଠି ପଡିଯିବ।

ରିନି ମନରେ ଭାବୁଥିଲା ଏହି କଥା ପଦ ର କେତେ ମୂଲ୍ୟ ।

ବହୁ ଆଡୁ ବହୁତ କଥା ପଡିଲା । ମାମୁଁ ଙ୍କ ବ୍ୟକ୍ତିତ୍ୱ, କଥା କହିବା ଶୈଳୀ ସବୁଥିରେ ମୁଗ୍ଧ ହେଉଥିଲା ରିନି। ବଡ ସଂଭ୍ରମ ର ସହ ରିନି ପଚାରିଲା, ମାମୁଁ ବର୍ତ୍ତମାନ ର ସମାଜ ଆଉ ଚଳଣି ବିଷୟ ରେ ଆପଣଙ୍କ ମତ କଣ ? ମାମୁଁ କହିବାକୁ ଆରମ୍ଭ କଲେ ।

ISSN NO.
2582-208X

ଅଜବ ଦୁନିଆଁ, ପରିବର୍ତ୍ତିତ ସମୟ । ସୁଗାର ପ୍ରୋବ୍ଲେମ ଯୋଗୁଁ ମିଠା ଖାଇବାକୁ ମନା, ଯେତିକି ମିଠା ଖାଇବା ମନା, ସେତିକି ମିଠା ଦୋକାନ ଖୋଲୁଛି, ସେତିକି ବେଶି ମିଠା ବିକ୍ରୀ, କଲୋଷ୍ଟ୍ରାଲ ସମସ୍ୟା ଯୋଗୁଁ ଛଣା ଛଣି ଖାଇବାକୁ ଯେତିକି ମନା, ସେତିକି ବରା ପିଆଜି ଦୋକାନ ଆଉ ତାଠାରୁ ଅସଂଖ୍ୟ ଅଧିକ ଗ୍ରାହକ ସଂଖ୍ୟା, ମୋଟାପା ନିୟନ୍ତ୍ରଣ ପାଇଁ ଯେତିକି ଫାଷ୍ଟ ଫୁଡ ଖାଇବା ମନା ସେତିକି ପିଜା ବର୍ଗର ଆଉ ଚିପ୍ସ ବିକ୍ରୀ, ଚାଇନୀଜ ଖାଦ୍ୟ ଦୋକାନ ଆଉ ତତୋଧିକ କ୍ରେତା ତଥା ଖାଦ୍ୟ ଗ୍ରହୀତା ।

ଜଳଚର, ସ୍ଥଳଚର ଆଉ ଉଭୟଚରଙ୍କ ବ୍ୟତୀତ ଆଉ ଏକ ଗୋଷ୍ଠୀ ଟିଭି ଚର, ଯେଉଁମାନେ କେବଳ ଗୋଟିଏ କାମ କରନ୍ତି, ଯାହା ନ କରନ୍ତି, ତାହା କୁହନ୍ତି, ରାତାରାତି, ବିଖ୍ୟାତ ଗାୟକ, ଅଭିନେତା, ଲେଖକ, ଆଧ୍ୟାତ୍ମିକ ପ୍ରବଚକ ହୋଇଯାଆନ୍ତି ।

ଏହି ଆମ ନାତି ଟୋକା ପରି ଯୁବ ପିଢ଼ି କୁହନ୍ତି, ଭଲ ପାଠ ପଢ଼ିବା ପାଇଁ କିଏ କେବେ କଣ କରିଥିଲେ ମନେ ରଖିବା ନିହାତି ଅଦରକାରୀ । ପ୍ରଶ୍ନ ଉଠେ ଇତିହାସ ର ପ୍ରାସଙ୍ଗିକତା କୁ ନେଇ, ଉତ୍ତର ମିଳେ, ହଁ ଇତିହାସ ରୁ କେମିତି ହେଇଥିଲା ଜାଣିବା ଆବଶ୍ୟକ କିନ୍ତୁ ତାରିଖ ଆଉ କିଏ କରିଛନ୍ତି ଜାଣିବା ଅନାବଶ୍ୟକ । ଆଉ ଯଦି ବା ଜରୁରୀ ତେବେ ଗୁଗୁଲ ବାବାଙ୍କୁ ପଚାରିଦେବା, ନା କଣ ?

ଜିମ୍ ଯିବା, ପ୍ରାତଃ ଭ୍ରମଣ, ଓଜନ ହ୍ରାସ ପାଇଁ ସମସ୍ତ ପ୍ରୟାସ ତା ରାସ୍ତାରେ, କିନ୍ତୁ ରୋଷାଇଘର କୁ ବିଶ୍ରାମ ଦେବା ଆଳରେ ଜୋମାଟୋ, ଓ ସ୍ୱିଗୀ ରୁ ମୋବାଇଲ ରେ ଅର୍ଡର କରି ମନପସନ୍ଦ ଖାଦ୍ୟ ଖାଇବା ର ମଜା ଭିନ୍ନ। ମାର୍କେଟିଂଗ ବା ବଜାରୀକରଣ ନାଁ ରେ ଘରୋଇ କମ୍ପାନୀମାନେ ଲୋକମାନଙ୍କର ମାନସିକତା ର ଫାଇଦା ଉଠାଇବା ଆଳ ରେ ସେମାନଙ୍କୁ କିପରି ପଙ୍ଗୁ କରିଦେଉଛନ୍ତି ତାହା ସମସ୍ତେ ଯେ ବୁଝୁ ନାହାନ୍ତି ତା ନୁହେଁ । ସୁବିଧା ଯଦି ହାତ ପାହାନ୍ତା ରେ ମିଳୁଛି, ଘରେ ବସି ପରିଶ୍ରମ ନ କରି ପରିବା, ସଉଦା ମିଳି ଯାଉଛି ତା ହେଲେ ଏଥିରେ କ୍ଷତି କଣ ।

ISSN NO.
2582-208X

ଏତେ ହ୍ୱାଟ୍ସଅପ ମେସେଜ, ଉଏଲନେସରିଟ୍ରିଟ, ପ୍ରବଚନ, ସାମଦେବ, ଶ୍ରୀମାନ ସୂର୍ଯ୍ୟଶିବ, ଦକ୍ଷିଣ ଗୁରୁ ବିଷ୍ଣୁ ଭଗବାନ, ମହାଦେବ କୁଆଁରୀ ଆଦି ଗୋଷ୍ଠୀ ର ସଭ୍ୟ ସଭ୍ୟା ସଂଖ୍ୟା ରେ ଆଶାତୀତ ବୃଦ୍ଧି କିନ୍ତୁ ସମାଜ ରେ ହତ୍ୟା, ଲୁଣ୍ଠନ, ବ୍ୟଭିଚାର ସଂଖ୍ୟା ରେ ହ୍ରାସ କାହିଁକି ନାହିଁ। ଜିନିଷ ଭଲ ଲାଗିଲାନି,ବଦଳାଇଦିଅ। ଘର, ଜାଗା ଭଲ ଲାଗିଲାନି, ବଦଳାଇଦିଅ । ସମ୍ପର୍କ ରେ ପୁରୁଣା ସ୍କୁଲ ଚିନ୍ତାଧରା ଧାରଣ କରୁଥିବା ପିଢ଼ି ବାପା ମା ଙ୍କୁ ଛାଡ଼, ନ ବଦଳାଇଲେ ମଧ୍ୟ ସେମାନଙ୍କ କଥା ଯଦି ଭଲ ଲାଗୁନି, ଯେତେ କମ ଦିନ ସେମାନଙ୍କ ପାଖରେ ରହି ସେଠାରୁ ପଳାଇଯାଅ ଓ୍ ନିଜେ ଯାହା ଠିକ ଭାବୁଛ କର। କିନ୍ତୁ ସେମାନେ ଏ କଥା ବୁଝାନ୍ତିନି ଯେ ସବୁ ପୁରୁଣା କଥା ଖରାପ ନୁହେଁ କି ସବୁ ନୂଆ କଥା ଭଲ ମଧ୍ୟ ନୁହେଁ । ଅସଲ କଥା ହେଉଛି ପ୍ରତ୍ୟେକ ଅବସ୍ଥା ଓ ବ୍ୟବସ୍ଥା ରେ ଭଲ ଓ ମନ୍ଦ ଏକାଠି ରହିଥାନ୍ତି ।

କହି ବସିଲେ କଥା, ଆଲୋଚନା ଏବଂ ବିଶ୍ଳେଷଣ ମଧ୍ୟ ଅସରନ୍ତି ହେବ । ମା ରିନି, ତୁ କଥା ବୁଝୁ ବୋଲି ତୋତେ ମନ ଭିତରେ ଯାହା ଥିଲା କହିଦେଲି। ଗୋଟିଏ କଥା କହିବି ଆଜିର ଚଳଣି ରେ ଭାସିଯାଇ, ତୁ ନିଜର ମୌଳିକତା କାହା ପାଇଁ କେବେ ବି କେବେ ବି ହରାଇବୁନି। କାରଣ ତୋ ଭୂମିକା ଆଉ କେହି କେବେ ବି ତୋ ଠାରୁ ଅଧିକ ଭଲ ଭାବରେ ତୁଲାଇ ପାରିବନି।

ଏହି କଥା ବାର୍ତ୍ତା ଭିତରେ ବହୁ ସମୟ ବିତି ଯାଇଥିଲା । ରିନି ଉଠି ଠିଆ ହେଲା, ହଉ ମୁଁ ଦେଖେ ଶ୍ରୀୟା ଆଉ ମାଇଁ କଣ ରାନ୍ଧୁଛନ୍ତି ? ସେପଟକୁ ଯାଏ ।

ମାମୁଁ ପାଟି କରି ଉଠିଲେ, ତୁ କୁଆଡେ ଯିବୁ ? ସେପଟେ ଘର ଭଙ୍ଗା ହେଇ ନୂଆ ତୋଳା ହେଉଛି, ତୁ ଏଇଠି ବସ, ସୌମ୍ୟା ଖାଇବା ନେଇ ଏଇଠିକି ଆସିବ। ରିନି ଆଶ୍ଚର୍ଯ୍ୟ ହେଲା, ମାମୁଁଙ୍କର ଏ ରୂପ ତ ସେ କେବେ ଦେଖି ନ ଥିଲା।

ରିନିଚୁପ ହେଇ ବସି ରହିଲା । ଶ୍ରୀୟା ଖାଇବାକୁ ନେଇ ଆସିଥିଲା । ମାମୁଁ ଙ୍କ ଶୋଇବା ଘର କୁ ଲାଗି ଥିବା ଛାତ ଥିବା ଖୋଲା ବାଲକୋନୀ ରେ ପଡିଥିବା ଟେବୁଲ ଉପରେ ଭାତ,

ISSN NO.
2582-208X

ଡାଲି, ମାଂସ ଝୋଳ, କଖାରୁଫୁଲ ଭଜା, ଚିଙ୍ଗୁଡି ଘାଣ୍ଟ, ପୋଟଳ ଭଜା, ଆଳୁ ଭର୍ତ୍ତା, ବଡି ଚୂରା, ଦହି ବାଇଗଣ ଆହୁରି କେତେ କଣ । କଂସା ଥାଳି, ଗିନା ରେ ସବୁ ବେଶ ରୁଚିପୁର୍ଣ ଭାବରେ ସୌମ୍ୟା ପରଷି ଥିଲା। ରିନି, ବାବୁଲା ଓ ମାମୁଁ ଏକାଠି ଖାଇଥିଲେ। ଏତେ ପ୍ରକାର ଖାଇବା ରିନି ର ଅଭ୍ୟାସ ନ ଥିଲା, ତଥାପି ମାମୁଁ ଙ୍କ ଭୟ ରେ କିଛି କହି ନ ଥିଲା । ଏତେ ଖାଇ ହାତ ଧୋଇବାକୁ ଗଲା ବେଳକୁ ମାଇଁ ଆସି ଚୁପ କରି କାନ ପାଖରେ ଧୀରେ କହିଲେ, ରିନି ମା, ମାମୁଁ ଙ୍କ କଥା ଧରିବନି । ତୁମେ ତ ପିଲାଦିନରୁ ତାଙ୍କୁ ଜାଣିଛ। ମାଇଁ ଙ୍କ ହାତ ରୁ ତଉଲିଆ ଟା ନେଇ ହାତ ପୋଛି ରିନି ଆସି ବସିଲା । ସୌମ୍ୟା ହାତରେ ଟ୍ରେ ଧରି ଆସି ରିନି ହାତ କୁ ବଢାଇଲା । ଖିରୀ ନେଇ ଆସିଛି ।

ମୋ ପେଟ ରେ ଟିକିଏ ହେଲେ ଜାଗା ନାହିଁ । ରିନି କହିଲା ।

ସେ କେମିତି ଫେରିଯିବ ସେହି କଥା ଚିନ୍ତା କରୁଥିଲା। ତଥାପି ଖାଇସାରି ସଙ୍ଗେ ସଙ୍ଗେ ବାହାରିଯିବା ଭଦ୍ରାମି ହେବନି। ମାଇଁ ଖାଇସାରିବା ପରେ, ସୌମ୍ୟା ସହ କିଛି କଥାବାର୍ତ୍ତା ହେଲା । ମାମୁଁ ଦିପହର ର ବିଶ୍ରାମ ନେଉଥିଲେ।

ରିନି ଉଠିଲା, ସ୍ପଷ୍ଟ ଭାବରେ କହିଲା, ମାଇଁ, ମୁଁ ଆସୁଛି, ଆପଣ ମାମୁଁ ଙ୍କୁ କହିଦେବେ।

ତଳକୁ ଗାଡି ପାଖକୁ ବାବୁଲା ବଳେଇ ଦେବାକୁ ଆସିଲା ।

ଶ୍ରୀୟା ସଙ୍ଗେ ସଙ୍ଗେ ଦଉଡି ଦଉଡି ଆସିଲା ହାତରେ ତାର ଷ୍ଟିଲ ଟିଫିନ ଡବାଟିଏ। ନାନୀ, ତୁମ ପାଇଁ ଏତେ ଶ୍ରଦ୍ଧା ରେ ଖିରୀ ତିଆରି କରିଥିଲି, ନ ଖାଇଲେ ନାହିଁ, ଏହି ଟିଫିନ ଡବାଟି ନେଇ ଯାଅ ।

ଶ୍ରୀୟା କଥା ଶୁଣି ରିନି କହିଲା, ମୋର ଡାଇବିଟିସ ନ ଥିଲେ ମଧ୍ୟ ମୁଁ ମିଠା ଖାଇବା ଛାଡି ଦେଇଛି, କିନ୍ତୁ ତୁ ଆଣିଛୁ ଯେତେବେଳେ ମୁଁ ନେଇଯିବି ।

ISSN NO.
2582-208X

ଫେରୁଥିଲା ରିନି, ବାବୁଲ କହୁଥିବା କଥା ସବୁ ତା କାନରେ ଝାଇଁ ଝାଇଁ ବାଜୁଥିଲା। ବାବୁଲା କହୁଥିଲା, ନାନୀ, ତମେ ବୋଧହୁଏ ଜାଣି ନ ଥିବ, ନନା ମୋ ଉପରେ, ଶ୍ରୀୟା ଉପରେ ଭୀଷଣ ରାଗିଛନ୍ତି ।

କଥା ହେଲା ଏତେ ବଡ ଘର, ସବୁଆଡ ସମ୍ଭାଳିବ କିଏ ? ଆମ ପିଲାଏ ତ ବାହାରେ ପାଠ ପଢିଲେ, କାଲି ସକାଳେ ସେମାନଙ୍କ ବାହାଘର ହେବ । ରୋଷାଇ ଘର ତଳେ ହେଇଥିବାରୁ ଶ୍ରୀୟା ବହୁତ ହଇରାଣ ହେଉଛି କେତେଥର ତଳ ଉପର ହେଇ ରନ୍ଧା ରନ୍ଧି, ବଢା ବଢି କରିବ ? ତେଣୁ ସ୍ଥିର କଲୁ ରୋଷାଇ ଘର ଟି ଉପର କୁ ନେଇ ଆସିବୁ । ଏତେ ଖାଲି କୋଠରୀ ଆଉ ଖାଲି ବାରଣ୍ଡା ପଡିଛି, ତାକୁ ସବୁ ଭାଙ୍ଗି ନୂଆ ତିଆରି କରୁଛୁ, କାହିଁକି ପୁରୁଣା ଘର ଭାଙ୍ଗିଲୁ ବୋଲି ନନା ଆମ ଉପରେ ରାଗିଛନ୍ତି । ପଚାରି ଥିଲୁ ମନା କରିଥିଲେ, ସେଥିପାଇଁ ଉପର ଘର ସେପଟ ଭାଙ୍ଗିଲାବେଳକୁ ଆଉ ପଚାରିଲୁନି । କାରଣ ପଚାରିଥିଲେ, ଅନୁମତି ମାଗିଥିଲେ ନନା କେବେ ରାଜି ହେଇ ନ ଥାନ୍ତେ । ତୁମେ ତାଙ୍କ କଥା ଧରିବନି । ଆମକୁ ଯୁଗ ସହ ତାଳ ଦେଇ ଚାଲିବାକୁ ହେବ, ବୋଉ ହେଲେ ଟିକିଏ କଥା ବୁଝୁଛି, କିନ୍ତୁ ନନା ମୋଟ ଉପରେ ବୁଝିବାକୁ ପ୍ରସ୍ତୁତ ନୁହନ୍ତି ।

ରିନି ଘରକୁ ଫେରୁଥିଲା, ବାଟରେ ଭାବି ହେଉଥିଲା, ମଣିଷ ନିଜେ ନିଜ ଅଶାନ୍ତି ର କାରଣ। ମାମୁଁ ଙ୍କ ପରି ଏତେ ଜାଣିବା ଶୁଣିବା ବିଜ୍ଞ ବ୍ୟକ୍ତି ଏପରି ଭୁଲ କାହିଁକି କରୁଛନ୍ତି ।

ଏହି ଘଟଣା ର ପ୍ରାୟ ଛଅ ମାସ ପରେ ମାମୁଁଙ୍କର ମୃତ୍ୟୁ ହୋଇଥିଲା । ବାବୁଲା ଓ ଶ୍ରୀୟାସବୁ କାମ ବେଶ ନିଷ୍ଠା ଓ ପରାକାଷ୍ଠା ସହ ତୁଲାଇଥିଲେ। କେଉଁଥିରେ କିଛି ବି ଖୁଣିବାର ନ ଥିଲା । ଶୁଦ୍ଧିକ୍ରିୟା ରେ ଆସିଥିବା ସମସ୍ତେ ବାହାବା କରୁଥିଲେ, ସମସ୍ତଙ୍କ ମୁହଁ ରେ ଗୋଟିଏ କଥା ଥିଲା ଯୋଗ୍ୟ ବାପାଙ୍କର ଯୋଗ୍ୟ ସନ୍ତାନ ବାବୁଲା। ସେତିକିବେଳେ ଶୁଣିଥିଲା, ମାମୁଁ ଙ୍କ ଶେଷ ବେଳକୁ ବାବୁଲା ଓ ସୌମ୍ୟା ବହୁତ ସେବା ଯତ୍ନ କରିଥିଲେ । ସବୁ ତ ଠିକ ଥିଲା, ତାହେଲେ ମାମୁଁ କାହିଁକି ଏତେ ରାଗି ଥିଲେ ସେଦିନ।

ISSN NO.
2582-208X

ପ୍ରଶ୍ନ ଟି ରିନି ମନ ରେ ଅସମାହିତ ରହିଯାଇଥିଲା । ଏହା ଭିତରେ ପ୍ରାୟ ବର୍ଷେ ବିତି ଗଲାଣି । ରିନି ମନ ହେଲା ମାମୁଁ ଘର କୁ ଯିବାକୁ । ପର ଦିନ ଦଶହରା ଛୁଟି ଥିଲା ଦିବ୍ୟେନ୍ଦୁ ଓ ରିନି ମାମୁଁ ଘର କୁ ବାହାରି ପଡିଲେ। ଦାଣ୍ଡ ଘର ଡେଇଁ ଭିତରକୁ ପଶିଲା ବେଳକୁ ଦେଖିଲ ତଳ ମହଲା ଘର ଭଙ୍ଗା ହେଇ ନୂଆ ଢଙ୍ଗ ରେ ତିଆରି ହେଇଛି । ବେଶ ଭଲ ହେଇଛି । ତଳ ଘର ଦେଖି ସାରି ରିନି ଓ ଦିବ୍ୟେନ୍ଦୁ ପଛକୁ ଫେରିଲେ । ଦୁହେଁ ହସିଲେ ଯାହାହେଉ ସିଡିଟିରେ ବିଶେଷ କିଛି ପରିବର୍ତ୍ତନ କରାଯାଇ ନ ଥିଲା । ଉପରେ ମାମୁଁ ଙ୍କ ଶୋଇବା ଘରେ କାହାକୁ ନ ପାଇ ସେଠାରେ ପଡିଥିବା ଟେବୁଲ ଉପରେ ଆଣିଥିବା ମିଠା, ଫଳ ଆଦି ରଖି ଆଉ ପଟ ଛାତ ଆଡକୁ ଦୁହେଁ ଆଗେଇଲେ ।

ସବୁ କିଛି ବଦଳି ଯାଇଥିଲା । ତଳ ରୋଷାଇ ଘର ଚିମିନି ଉପର ଖୋଲା ଛାତ ରେ ନୂଆ ଘର ମାନେ ରୋଷାଇ ଘର ଦିଶୁଥିଲା, ଆଜିକାଲିକାର ମଡୁଲାର କିଚେନ। କାନ୍ଥ କପ୍ ବୋର୍ଡ। ମାମୁଁ ଙ୍କର ଗୋଟିଏ ଝିଅ ଦୀପାଳି, ଯିଏ ଆମେରିକା ରେ ରୁହେ ସେ ଠିଆ ହେଇଛି, ମାଇଁ ରୋଷାଇ ଘରେ କଣ ରାନ୍ଧୁଛନ୍ତି। ରୋଷାଇ ଘର କୁ ଲାଗିକି ହେଇଛି ଡାଇନିଙ୍ଗ ରୁମ୍ । ରିନି ଭାବିକି ଆସିଥିଲା ମାମୁଁ ଯିବା ପରେ ମାଇଁ ଙ୍କୁ ପ୍ରଥମ ଥର ପାଇଁ ଭେଟିବ । ମାଇଁ କଣ ପ୍ରକୃତିସ୍ଥ ହେବେଣି ? ଏ ବୟସ ରେ ଏକା ରହିବାର ଦୁଃଖ ପାଇଁ ସେ ଅବା କି ଶାନ୍ତ୍ୱନା ଦେବ ?

ଦୀପା, ଡାକ ଶୁଣି ଦୀପାଳି ବୁଲି ଚାହିଁଲା ।

ରିନି କୁ ଦେଖି ଦଉଡି ଆସି କୁଣ୍ଢାଇ ପକାଇଲା, ନାନୀ ଯାହାହେଉ ତୁମେ ଆଉ ଭାଇନା ଆସିଗଲ, ଭଲ କଲ, ଦେଖା ହେଇଗଲା। ବହୁତ ଦିନ ପରେ ତୁମ ସହ ଦେଖା ହେଲା । ଆଜି ପୁଣି ଦଶହରା। ଦିବ୍ୟେନ୍ଦୁ, ଦୀପା ଆଉ ବାବୁଲା ସହ କଥା ହେଉଥିଲେ। ରିନି, ମାଇଁ ଓ ଶ୍ରୀୟା ସହ କଥା ହେଉଥିଲା । ସମସ୍ତେ ମିଶି ମଧ୍ୟାନ୍ନଭୋଜନ କରିଥିଲେ । ଆଜି ମଧ୍ୟ ମାମୁଁ ଘର ଅନ୍ନପୂର୍ଣ୍ଣା ଭଣ୍ଡାର । ସେମାନେ ନ କହିକି ଆସିଥିଲେ । ସେ ଓ ଦିବ୍ୟେନ୍ଦୁ ଖବର ନ ଦେଇ କି ଆସିଥିଲେ, ହେଲେ ମାଇଁ ଓ ପିଲାମାନଙ୍କ ଆପଣାପଣ ରେ

ISSN NO.
2582-208X

ଖାଇବାକୁ ମନା କରି ପାରି ନ ଥିଲେ। ଖେଚୁଡି, ଡାଲେମା, ଦହି ପାଚେଡୀ, କଦଳୀ ଭଜା ଆଦି ବହୁତ ଜିନିଷ ଖାଇଥିଲେ । ଦିବ୍ୟେନ୍ଦୁଙ୍କୁ ମାଇଁ ପଚାରୁଥିଲେ ,ରିନି ମା କୁଆଡେ ଗଲେ କି ?

ଏଇଠି ତ ଥିଲା, ବୋଧହୁଏ ସେପଟ କୁ ଆପଣଙ୍କ ଶୋଇବା ଘର କୁ ଯାଇଥିବ, କହିଥିଲେ ଦିବ୍ୟେନ୍ଦୁ ।ରିନି ହାତ ଧୋଇ ମାମୁଁ ଙ୍କ ଶୋଇବା ଘର କୁ ଯାଇଥିଲା। ମାମୁଁ ଙ୍କ ଫୁଲମାଳ ପଡିଥିବା ଫଟୋ ସାମ୍ନାରେ ଠିଆ ହେଇ ବାସ୍ତବିକତା ସହ ନିଜକୁ ସାମିଲ କରିବାକୁ ଚେଷ୍ଟା କରୁଥିଲା। ମାଇଁ ଙ୍କ ସ୍ୱର ଶୁଭୁଥିଲା, ରିନି ମା, ଗଲା ଥର ମାମୁଁ ବଞ୍ଚିଥିଲା ବେଳେ ଶ୍ରୀୟା କହୁଥିଲା, ତୁମେ ଖିରୀ ନ ଖାଇ ଚାଲି ଯାଇଥିଲ । ଆଜି ସେଥିପାଇଁ କାକରା ଆଉ କ୍ଷୀର ଛେନା ଆଣିଛି । ଯେମିତି ହେଉ ଖାଇବ।

ପୁଣି ସାମ୍ନାକୁ ଆସି ମାଇଁ କହୁଥିଲେ, ମାମୁଁ ଆଉ ମାମୁଁ ଙ୍କ କଥା ମନେ ପକାଉଛ କି? ଯିବା ଲୋକ ତ ଗଲେଣି କିନ୍ତୁ ଆମେ ଯିଏ ରହିଗଲେ, ନିଜ ପାଇଁ ନ ହେଲେ ବି ଅନ୍ୟମାନଙ୍କ ପାଇଁ ବଞ୍ଚି ରହିବାକୁ ପଡିବ ।

ରିନି ଅଧେ କଥା ଶୁଣି ପାରୁ ନ ଥିଲା।

ମାର୍ଫତ- ପ୍ରଫେସର ଶ୍ରୀନିବାସ ପାଠୀ,
ଲୋକ ପ୍ରଶାସନ ବିଭାଗ,
ମିଜୋରମ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ତାନସିଲ
ଆଇଜଲ, (m) 9437762732

ISSN NO.
2582-208X

# ମୋହମୁକ୍ତ



ପୁଷ୍ପାଞ୍ଜଳି ପଣ୍ଡା

ମାୟା ବୋଲି ଜାଣି ପାରିଲି ତ ନାହିଁ
ମାୟାରେ ହୋଇଲି ଘାରି
ଜୀବନ ନାଟକେ ଯବନିକା ବେଳେ
ଗାଏ ରାମ କୃଷ୍ଣ ହରି।।
ହାରିବା ଜିତିବା ତୁଛ
ସବୁ ଏବେ ଲାଗେ ମିଛ।।

ତ୍ୟାଗ ତିତିକ୍ଷାରେ  ପ୍ରେମ ସମର୍ପଣ
ସତ୍ୟ ପଥେ ଚାଲିନାହିଁ
ନିର୍ବାଣ କାମୀ ମହାମୁକ୍ତି ଇଛା
କରିନି ଅବାଟେ ଯାଇ ।
ସତେ କି ସୁଦୟା ହେବ
ଏ ଜୀବ ଉଦ୍ଧାର ହେବ।।

ପ୍ରାପ୍ତି ରହିତ ନଶ୍ୱର ଶରୀରେ
ଚୈତନ୍ୟ ସର୍ବ ସୁପ୍ତ
ଜାଗ୍ରତ ଏବେ ଜୀବନ ସର୍ବାଗ୍ରେ
ମୃତ୍ୟୁ ପଥ ଉନ୍ମୁକ୍ତ ।
ବିଭୂକଲ୍ୟାଣ ଯୁକ୍ତ,
ହୋଇଆତ୍ମା ହେଉ ମୋହମୁକ୍ତ।।

କେନ୍ଦ୍ରାପଡ଼ା

ISSN NO.
2582-208X

# ମୁକ୍ତର ନୂତନ ପ୍ରଭାତ



କୁଞ୍ଜବିହାରୀ ରାଉତ

ଦୁନ୍ଦୁଭିର ନାଦେ ଆଜି ମେଦିନି କମ୍ପୁଛି
ଜାଗ୍ରତ ହୋଇଯାଅ ବଂଧୁ,
ଦେଖ ପୂର୍ବାକାଶର ସିନ୍ଦୁରା ଫାଟିବା ଆଗରୁ
ପ୍ରସ୍ତୁତ ହୁଅ
ସାମ୍ୟବାଦର ଗୀତ ଗାଇବାକୁ
ଗଣତନ୍ତ୍ରରେ ସମାଜବାଦକୁ ବିସ୍ତାରିବାକୁ ହେଲେ
ମୁକ୍ତି କାମକର ମାର୍ଗ ଆପଣାଅ
ମାର୍କ୍ସବାଦ ର ପଦ୍ଧତି ଆପଣାଇ
ସର୍ବହରା, ଖଟିଖିଆ, ମେହନତି ମଣିଷର
ଆଶା ସଂଚାର କରାଅ.....
ତୁମ ଆଗମନେ, ଅପସରିଯିବ
ଦୁଃଖ ର କଳାବାଦଲ
ତୁମେ ନଥିଲେ ବି ତୁମର ବିପ୍ଳବ
ଚିରଦିନ ବଂଚିରହିବ
ବିପ୍ଳବୀ ମରିଯିବ, କିନ୍ତୁ ବିପ୍ଳବ ମରେନା
ଏକଥା ତୁମେ କି ଜାଣନା ?
ଆସ ଛାତିକୁ ମିଶାଇ ଛାତି
ଲମ୍ଫ ଦିଅ ବିପ୍ଳବର ଅନଳରେ
ଧୋଇଯାଉ ପୁଞ୍ଜିବାଦର ପୁଞ୍ଜି ର ବତୀଘର

ISSN NO.
2582-208X

ଦୁଃଖ, ଶ୍ଳେଷ, କ୍ରାନ୍ତି ର ଆଶ୍ଳେଷରେ .....
ଦେଖ ପୁଞ୍ଜିବାଦର ଷଣ୍ଢୁଆସି ଆକ୍ରମଣରେ
ଧ୍ୱସ୍ତ ବିଧ୍ୱସ୍ତ ଆଜି ମଣିଷର ଆଶା ଓ ବିଶ୍ୱାସ
ତୁମର ଦୁର୍ବଳ ସ୍ୱର ମନହିଁ ସେମାନଙ୍କୁ ବଳ ଯୋଗାଇଛି
ନିଜକୁ ଶେଷ କରିଦେବା ପୂର୍ବରୁ
ଥରେ ଆଖିଖୋଲ
ବିପ୍ଲବର ବହ୍ନିରେ ଲମ୍ଫ ପ୍ରଦାନ କର
ସାମ୍ୟବାଦର ବାର୍ତ୍ତା ପ୍ରସାର କର
ହୁଏତ କଷ୍ଟ ହେବ
ନକରାତ୍ମକ ଭାବନା ପ୍ରତିବନ୍ଧକ ସୃଷ୍ଟି କରି ପାରେ
ତେବେ ବି ଆଗେଇ ଚାଲ
ଗାଇଚାଲ ମୁକ୍ତିର ଗୀତ
ଆଜି ନହେଲେ କାଲି ତୁମେ ଦେଖିବ
ମୁକ୍ତିର ନୂତନ ପ୍ରଭାତ ......

ପ୍ଲଟ-୧୪୮/୫,କନ୍ଟ୍ରାକ୍ଟର କଲୋନୀ,ହମିରପୁର
ରାଉରକେଲା-୩,ମୋ=୯୦୯୦୦୯୦୨୨୫

ISSN NO.
2582-208X

# ଭିଜିବି କାହିଁକି ତୋ ପ୍ରେମରେ



ସଂଯୁକ୍ତା ସାହୁ

ଆରେ କଳାକାହ୍ନୁ ବଡ଼ ହଟିଆ ତୁ
ଭିଜିବି କାହିଁକି ତୋ ପ୍ରେମରେ
ତୁ ତ ଖାଲି ଦୁଃଖ ଦେଇଥାଉ ପରା
ସହିବାକୁ କେମିତି ଧର୍ଯ୍ୟରେ ।
ଯେତେ ଅଭିମାନ କଲେ ରେ ତୋତେ
ଆଖିରୁ ତୁ କେବେ ହଟୁ ନାହୁଁ
ତୁ ପରା ଆମର ହୃଦୟର ଠାକୁର
ତୋ ବିନା କ ବଂଚବୁ ଆଉ ।
ସତରେ ନୀଳାଚଳଆ ହୁନ୍ଦରିଆ ତୁହି
ତୋ ଆଖିରେ ଆଖି ମିଶିଗଲେ
ସବୁ ମାନ ଅଭିମାନ ଭୁଲିହୋଇଯାଏ
ତୋତେ ଥରେ ଦେଖିଦେଲେ ।
ତୋ ହାତରେ ଆମେ ତ ଗଢାରେ ଜଗା
ତୁହି ତ ଆମ ପରମେଶ୍ୱର
ତୋ ପ୍ରେମରେ ନ ଭିଜିଲେ କ ହେବ
ଜୀବନ ଯେ ବଡ଼ ଅସାର ।

ଯେତେ କଷ୍ଟ ଦୁଃଖ ଦେଲେରେ ପ୍ରଭୁ
ତୋତେ କ ଛାଡି ପାରିବୁ
ତୁ ପରା ମାୟା ମାୟାଧର ରେ
ଠାକୁର
ତୋ ପ୍ରେମରେ ଭିଜୁଥିବୁ ।

ଉପସଭାପତି, ମାଟିଘର ସାହିତ୍ୟ ସଂସଦ
ଗ୍ରାମା, ଜଗତସିଂହପୁର

ISSN NO.
2582-208X

# ବୟସର ଶେଷ ପାହାଚ



ସ୍ୱର୍ଣ୍ଣମୟୀ ଷଡଙ୍ଗୀ

ଏମିତି ସମୟ ଆସେ
ଗ୍ଭଲୁ ଗ୍ଭଲୁ ବଳଷ୍ଠ ମଣିଷଟିଏ
ଥକପଡେ, ପାଦ ଦୁଇଟି ଶିଥିଳ ହୋଇଯାଏ,
କର୍ମଠ  ହତାହଦୁଇଟି ନସ୍ତେଜ ହୋଇଯାଏ,
ନଇଁ ପଡ଼େ ମେରୁଦଣ୍ଡ, ଭ୍ଭରବାହୀ ପଶୁ ଭଳ
ଯୋଉ କାନ୍ଧ ଦିନେ ବୋହୁ ଥିଲ୍
ସଂସାରର ବୋଝ ସେ କାନ୍ଧ ଆଉ
ବୋହି ପାରେନ କୁତାଖିଏ।
କୋରଡିଆ ଆଖି ଦୁଇଟି
ଲୁହରେ ଛଳ ଛଳ ହୁଏ
ଥୁରୁ ଥୁରୁ ଗ୍ଭଲି ଧୁଡୁ ଧୁଡୁ ଚର୍ମ
ଅସ୍ପଷ୍ଟ ଭ୍ଷା :.....................

ସତରେ ସମୟଟା କେଡେ ଦଗାଦିଆ
କେଡେ ଅବିଶ୍ୱାସୀ,
କଳ କଳ ନାଦେ  ଯେଉଁ ତଟିନୀ ଦିନେ
ଝରି ଯାଉଥିଲ୍ ଗୀତ ଗାଇ ଗାଇ
ଆଜି ସେ କେମିତି ପାଲଟିଯାଇଛି
ଶୁଷ୍କ ରୁକ୍ଷ ବାଲିର ପାହାଡ଼,
ଡେଣା ମେଲି ଯେଉଁ ପକ୍ଷୀ ଦିନେ
ଉଡ଼ିଯାଉଥିଲ୍ ନୀଳ ଗଗନରେ
ସେ କେମିତି ଏକୁଟିଆ ବାଆଁଗ୍ଭ ହୋଇଯାଏ,

ISSN NO.
2582-208X

ଯେଉଁ ଫୁଲ ଦିନେ ମହକ  ବାଣ୍ଟୁଥିଲା
ସେ କେମିତି ଝାଉଁଳ ପଡେ।

ଆଉ ଏମିତିରେ ବୟସର
ଶେଷ ପାହାଚରେ ସମୟର
କ୍ରୁର ପ୍ରହାର ସହୁଥିବା ମଣିଷ ମାନେ
ନଦୀ ମାନେ  ଫୁଲ ମାନେ କଣ ଗୃହାନ୍ତକ,!
ଦୁଇପଦ ସ୍ନେହ ବୋଳା କଥା
ଟିକଏ ସାହାସ୍ୱ, ଆଶାବାଡି ଟିଏ
ନସ୍ୱପଦ ଆଶ୍ରୟ ଟିଏ ଦରଦୀ ହୃଦୟ ଟିଏ,
ଯିଏ ବୁଝିବ ତା ବ୍ୟଥା ଓ ବେଦନା
ବୋଳଦେବ ଅତ୍ମୀୟତାର ମଧୁର ସ୍ପର୍ଶ
ତା ନର୍ଜୀବ ପ୍ରାଣରେ; ।।

ଏତିକବେଳେ ଭାଗ୍ୟ ଯଦି ବଇରୀ ସାଜେ
ହାତଗଢା ପିତୁଳା ଯଦି ପର ହୋଇଯାଏ
ଜୀବନଟା ବୋଝ ହୋଇଯାଏ
ପ୍ରାଣ ହନ୍ତସନ୍ତ ହୁଏ,
ଝରେ ଲୁହର ଶ୍ରାବଣ, ବେସାହାସ୍ୱ
ମଣିଷଟିଏ ପଡ଼ିରହେ ଅଲୋଡ଼ା
ପଥର ଖଣ୍ଡିଏ ଭଳ,
ନା କହିପାରେ
ନା ସହିପାରେ
ନା ମରିପାରେ
ନା ଜିଇପାରେ
ସରି ଯାଇଥାଏ ତା ପାରିବା ପଣିଆ
ଖାଲି ଯାହା ବାକଥାଏ
ଆଖିରେ ଉଜୁଡ଼ା ସ୍ୱପ୍ନ
ଅପେକ୍ଷା କେବେ ଫେରିବାକୁ
ହେବ ଅଫେସ୍ୱ ସ୍ୱଇଜକୁ।।

ଶିକ୍ଷକ, କେନ୍ଦ୍ରାପଡା

ISSN NO.
2582-208X

# ବିଚ୍ଛିନ୍ନାଞ୍ଚଳ 'ସିଂହଭୂମି' ରେ 'ପହେଳି'ର ବିଶେଷତ୍ୱ



ଡ଼ଃ ହରିହର ପଧାନ

'ସିଂହଭୂମି' ବର୍ତ୍ତମାନ ଝାଡ଼ଖଣ୍ଡ ର ଭୌଗଳିକ ସୀମାରେ ଅବସ୍ଥିତ । କସ୍ମିନକାଳେ ଉତ୍ତର ମଧ୍ୟ ଯୁଗରେ କଳିଙ୍ଗ-ଉତ୍କଳର ଅବିଭକ୍ତ ଅଂଗ ରୂପେ ଏହି ଅଂଚଳଟି ପରିଗଣିତ ହେଉଥିଲା । ଅଯୌକ୍ତିକ ରାଜ୍ୟ ପୁନଃଗଠନର ନିଷ୍ପତ୍ତି ତଥା ଓଡ଼ିଆ ମାନଙ୍କ ରାଜନୈତିକ ବୀତସ୍ପୃହ ଭାବ ଯୋଗୁଁ ଓଡ଼ିଶାର ଚତୁର୍ଦିଗରେ ଓଡ଼ିଆ ଭାଷା ଭାଷୀ ତଥା ଉନ୍ନତ ଓଡ଼ିଆ ସଂସ୍କୃତି ସମ୍ପନ୍ନ ଭୌଗଳିକ ସୀମା ସବୁ ଆଜି ବିଚ୍ଛିନ୍ନାଞ୍ଚଳ । ଭବିଷ୍ୟତରେ ହୁଏତ ସଂପୂର୍ଣ ଭିନ୍ନାଞ୍ଚଳର ପରିଚିତି ନେବ । ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଜନସଂଖ୍ୟା କମୁନାହି, ବଢ଼ିଛି କିନ୍ତୁ ମୁଖ୍ୟ ଓଡ଼ିଶାର ଅସହଯୋଗ ମନୋଭାବ, ସମ୍ବନ୍ଧିତ ରାଜ୍ୟ ପ୍ରଶାସନ ର ଉଦାସୀନତା ଏଠାକାର ଜନସାଧାରଣ କୁ ଓଡ଼ିଆ ସଂସ୍କୃତି ରୁ ବୀତସ୍ପୃହ ହେବାକୁ ବାଧ୍ୟ କରିଛି । ଉତ୍ତର ଦିଗରେ ଉତ୍କଳ ଜନନୀର ମଥାମଣି ସଦୃଶ ଝାଡ଼ଖଣ୍ଡ ରେ ଅବସ୍ଥିତ ଇଲାକାଟି ହେଉଛି ସିଂହଭୂମି ।

'ହଳଦୀ ଘାଟୀ' ଯୁଦ୍ଧରେ ପରାସ୍ତ ହେବାପରେ, ରାଜସ୍ଥାନୀ ରାଜପୁତ ମାନେ ଛିନ୍ନଛତ୍ର ହୋଇ ଯେଉଁ ଆଂଶିକ ଗୁପ୍ତ-ଜୀବନ ଯାପନର ପନ୍ଥାକୁ ଆପଣାର କରିଥିଲେ, ପୁରୀରୁ ତୀର୍ଥ ଭ୍ରମଣରୁ ଫେରିବା ବାଟରେ, ଏହି ଏସିଆର ବୃହତ୍ତମ ଶାଳବଣ ଭିତରେ ଅଗନାଅଗନି ବନସ୍ତରେ ଏକ ରାଜ୍ୟ ସ୍ଥାପନର ସ୍ୱପ୍ନ ଆଦ୍ୟ ସ୍ତରରେ ସେମାନେହି ପରିକଳ୍ପନା କରିଥିଲେ । ପରବର୍ତ୍ତୀ କାଳରେ ପାର୍ଶ୍ୱବର୍ତୀ ଓଡ଼ିଶାର ଆର୍ଯ୍ୟ ଗୋଷ୍ଠୀର, ବିଶେଷତଃ ଅନ୍ୟ ରାଜପୁତ ଗୋଷ୍ଠୀର ପରିବାର ଗୁଡିକରେ ବୈବାହିକ ସଂପର୍କ ଯୋଗୁଁ ଓଡିଶା ସହ ଏମାନଙ୍କ ନୈକଟ୍ୟ ଘନୀଭୂତ ହେଲା ତଥା ପୁରୋହିତ ବ୍ରାହ୍ମଣ, ସୈନିକ ଖଣ୍ଡାୟତ, ଗଉଡ଼, କରଣ, ଓ ଅନ୍ୟାନ୍ୟ ସେବକ ଗୋଷ୍ଠୀ, ଯଥା, ଧୋବା, ଭଣ୍ଡାରୀ,

ISSN NO.
2582-208X

କମାର, କୁମ୍ଭାର, ତନ୍ତୀ, ଗୁଡ଼ିଆ ଆଦି ଗୋଷ୍ଠୀ ବହୁ ଭାବେ ଏଠି ବସବାସ କରିବା ପାଇଁ ରାଜ ପୃଷ୍ଠପୋଷକତା ପାଇ ଉତ୍ସାହିତ ହେଲେ ।

ଖ୍ରୀଷ୍ଟାବ୍ଦ ୧୨୦୫ ଦର୍ପନାରାୟଣ ସିଂହଙ୍କ ଠାରୁ ଆରମ୍ଭ ହୋଇଥିବା ଏହି ସିଂହଭୂମି ରାଜ୍ୟ, ହାରାହାରି ୭୦୦ ବର୍ଷ ପର୍ଯ୍ୟନ୍ତ ରାଜପୁତ ରାଜା ମାନଙ୍କର ଶାସନାଧୀନ ଥିଲା ଓ ସମୁଦାୟ ୫୨ ପୀଢୀ ରାଜୁତି କରିଥିଲେ । ଆଦିବାସୀ ଅଧ୍ୟୁଷିତ ଏହି ଅଂଚଳରେ ଆଦିବାସୀ ସର୍ଦ୍ଦାର ମାନଙ୍କ ଗୋଷ୍ଠୀ ସଂଘର୍ଷର ଅବଦମନରୁ ଏହି ରାଜ୍ୟର ମୂଳଦୁଆ ହୋଇଥିଲା ଏବଂ ରାଜ୍ୟ ଶାସନ ସେମାନଙ୍କ ସହଯୋଗ ସାପେକ୍ଷ ଥିଲା । ସର୍ବଦା କିଛି ଆଦିବାସୀ ଗୋଷ୍ଠୀ ସପକ୍ଷରେ ଓ କିଛି ବିରୁଦ୍ଧରେ ଦଣ୍ଡାୟମାନ ରହୁଥିଲେ । ତେଣୁ ଅନ୍ୟଭାବରେ ଦେଖିବାକୁ ଗଲେ ଉଲ୍ଲିଖିତ ୭୦୦ ବର୍ଷର ଶାସନ କେବଳ ମାତ୍ର ରାଜ୍ୟ ବଂଚେଇବାର ସଂଘର୍ଷର ଇତିକଥା ମାତ୍ର । 'ଭୂୟାଁ' ଗୋଷ୍ଠୀର ଇଷ୍ଟଦେବୀ 'ମା'ପାଉଡୀ'କୁ ରାଜପୁତ ମାନେ ଇଷ୍ଟଦେବୀର ସ୍ଥାନ ଦେଇ ସେମାନଙ୍କ ସହଯୋଗ ପାଇଥିଲେ । ଏତଦ୍ୱାରା ସିଂହଭୂମି ରାଜପାଟରୁ ଆମେ ଦୁଇଟି ଉଲ୍ଲେଖନୀୟ ସାଂସ୍କୃତିକ ପ୍ରଧାରା ପ୍ରାପ୍ତ ହେଲେ, ପ୍ରଥମତଃ ସମଗ୍ର ସିଂହଭୂମିରେ ପାଉଡୀ ପୂଜା ଆଳରେ ଏକ ସାଂସ୍କୃତିକ ଏକ୍ୟର ଉଦୟ ଏବଂ ଦ୍ୱିତୀୟତଃ ଉଲ୍ଲେଖଯୋଗ୍ୟ ପୂଜା ପାର୍ବଣ ଅବସରରେ ମା'ପାଉଡୀ ସମ୍ମୁଖରେ ହେଉଥିବା ନୃତ୍ୟ-ନାଟ୍ୟରୁ ପରିଶୀଳିତ ହୋଇ 'ଛଉନାଚ'ର ଉଚ୍ଚକିତ ପରମ୍ପରା । ସେହି ସମ୍ୟକ ଭିନ୍ନ ଅଥଚ ଏକୀକୃତ ସାଂସ୍କୃତିକ ପରଂପରାର ଏକ ସାମାନ୍ୟ ଅଥଚ ଲକ୍ଷଣୀୟ ଦିଗନ୍ତ ହେଉଛି ଏଠାକାର ପ୍ରଚଳିତ 'ପହଳି' ଯାହାକୁ ଶୁଦ୍ଧ ଭାଷାରେ ପ୍ରହେଳିକା କୁହାଯାଏ ।

ବିଶିଷ୍ଟ ଲୋକସାହିତ୍ୟ ଗବେଷକ ଲୋକରତ୍ନ ଡ଼କ୍ଟର କୁଂଜବିହାରୀ ଦାଶ, 'ନା ଦିଆ' ତତ୍ତ୍ୱର ଯେଉଁ ଅବଧାରଣା ଦେଇଛନ୍ତି ସିଂହ ଭୂମି ରେ ଅନେକାଂଶରେ ତାହା ହିଁ 'ପହେଳି' । ଏହାହି ଇଂରେଜୀରେ Riddle, ବଂଗଳାରେ ଧାନ୍ଦା ଓ ହିନ୍ଦୀ ରେ ପହେଳି ରୂପରେ ପରିଚିତ । ଏହା ଲୋକ ମାନସର ଏକ ପ୍ରାଚୀନ ଅଭିବ୍ୟକ୍ତି ମାଧ୍ୟମ ହୋଇଥିଲେ ମଧ୍ୟ ଲୋକ ଗୀତ ଓ ଲୋକ କାହାଣୀ ତୁଳନାରେ ଅର୍ବାଚୀନ ମନେ ହୁଏ । ପହଳି ସାଧାରଣତଃ ଦୁଇଟି ବସ୍ତୁର ସଂସର୍ଗ, ତୁଳନା, ଐକ୍ୟ କିମ୍ବା ବୈପରିତ୍ୟ ଲକ୍ଷ୍ୟ ନିମନ୍ତେ ପ୍ରଯୁକ୍ତ ହୋଇଥାଏ । ବଂଗୀୟ ଆଲୋଚକ ଆଶୁତୋଷ ଭଟ୍ଟାଚାର୍ଯ୍ୟ ଏହାକୁ,

ISSN NO.
2582-208X

"ମନନଶୀଳତାରେ ଅଗ୍ରସର ସମାଜ ର ଫଳଶ୍ରୁତି" ବୋଲି କହିଛନ୍ତି । (୧) ଏହି ମତଟି କିନ୍ତୁ ପାଶ୍ଚାତ୍ୟ ମତଠାରୁ ସଂପୂର୍ଣ ଭିନ୍ନ। ପାଶ୍ଚାତ୍ୟ ଲୋକେ ଏହାକୁ ଅଗ୍ରଣୀ ସମାଜଠାରୁ ପୂର୍ବବର୍ତୀ ମନେ କରନ୍ତି ଓ ତାହା ସମୀଚିନ ମନେହୁଏ। ଦକ୍ଷିଣ ଆଫ୍ରିକାରେ ବାଥୋଂଗା ବା ବାଣ୍ଟୁ ଜାତିର ଆଦିମ ସଂପ୍ରଦାୟ ନାରୀମାନେ ପୂର୍ବରୁ ବର୍ଷା-ଉତ୍ସବରେ ଉଲଗ୍ନ ହୋଇ ନୃତ୍ୟ କରୁଥିଲେ ଓ ସେହି ସମୟରେ କୌଣସି ପୁରୁଷ ପହଞ୍ଚି ଗଲେ ତାକୁ ଏହି 'ଧନ୍ଦା' ପଚାରୁଥିଲେ। ସେଲିବିସ୍, ସାଇବେରିଆ ଓ ଭାରତବର୍ଷରେ ମଧ୍ୟ ଫସଲ କାଟିବା ସମୟରେ ଜଣେ ଆଉ ଜଣକୁ ଏହା ପଚାରୁଥିଲେ। ଉତ୍ତର ମିଳିଲେ ସମସ୍ତେ ଜୋରରେ ଖୁସିରେ ଚିତ୍କାର କରୁଥିଲେ ଓ ଆରବର୍ଷ ଆହୁରି ବେଶି ଫସଲ ର କାମନା କରୁଥିଲେ। ଅନ୍ୟ ପକ୍ଷରେ ବ୍ଲୁମ୍ଫିଲ୍ଡ଼, ଏହାକୁ ଶିଶୁତୁଲ୍ୟ ସହଜ ମନର ଫଳଶ୍ରୁତି ଆଖ୍ୟା ଦେଇଛନ୍ତି' । (୨) ଭାରତ ବର୍ଷରେ ଅଶ୍ୱମେଧ ସମୟରେ ମଧ୍ୟ ପହଳି ଆଧାରିତ ବାର୍ତ୍ତାର ଦୃଷ୍ଟାନ୍ତ ଦେଖି ବାକୁ ମିଳେ। ଉଦାହରଣ ସ୍ୱରୂପ, ଅଶ୍ୱବଧ ପୂର୍ବରୁ ହୋତା, ଅଧ୍ୱର୍ଯ୍ୟୁ, ବ୍ରାହ୍ମଣ ଏବଂ ଉଦ୍ଗାତା ଦ୍ୱାରା ପରସ୍ପର ବ୍ରହ୍ମୋଦ୍ୟର ଉଲ୍ଲେଖ ଯଜୁର୍ବେଦରେ ମିଳିଥାଏ, ଯଥା-

'କଃ ସ୍ୱିଦେକାକୀ ଚରତି କ ଉ ସ୍ୱିଜ୍ଜାୟତେ ପୁନଃ
କି ସ୍ୱିଦ୍ଧିମସ୍ୟ ଭେଷଜଂ କିମ୍ବା ବପନଂ ମହତ୍' ।।

(ହୋତା) "କିଏ ଏକା ଚାଲେ ? କିଏ ବାରମ୍ବାର ଜନ୍ମ ଗ୍ରହଣ କରେ ? ଶୀତର ଔଷଧ କଣ? ଅନ୍ନର ମହତ ପାତ୍ର କଣ ଅଟେ ?"

"ସୂର୍ଯ୍ୟ ଏକାକୀ ଚରତି ଚନ୍ଦ୍ରମା ଜାୟତି ପୁନଃ
ଅଗ୍ନି ର୍ହିମସ୍ୟ ଭେଷଜଂ ଭୂମିରା ବପନଂ ମହତ୍" ।।

(ଅଧ୍ୱର୍ଯ୍ୟୁ) "ସୂର୍ଯ୍ୟ ଏକା ଚାଲେ, ଚନ୍ଦ୍ରମା ବାରମ୍ବାର ଜନ୍ମ ଗ୍ରହଣ କରେ। ଶୀତର ଔଷଧ ଅଗ୍ନି ଅଟେ, ପୃଥିବୀ ଅନ୍ନର ମହତ୍ ପାତ୍ର ଅଟେ। (୩) ଇତ୍ୟାଦି।

ଦ୍ୱାଦଶ ଶତାବ୍ଦୀରେ ଚୀନ ର ପିଏନଲିଆଙ୍ଗ ନଗରରେ ପହଳି ରଚନା କରିବାର ଏକ ସମ୍ପ୍ରଦାୟ ଥିବା କଥା ଜଣାଯାଏ। ସେମାନେ ଗୋଷ୍ଠୀ ଗତ ଭାବେ ବିଚାର ବିମର୍ଷ କରି

ISSN NO.
2582-208X

ପହଳି ରଚନା କରୁଥିଲେ ।

ସିଂହଭୂମି ଅଠଚଳର କେତେକ ପହଳି ର ଚର୍ଚ୍ଚା-

୧– "ସକାଳରେ ଚାରି ଗୋଡିଆ
ଦୁଇ ପହରେ ଦୁଇ ଗୋଡିଆ
ଆଉ ସଂଜରେ ତିନି ଗୋଡିଆ" – କି ଟା ?

ଉତ୍ତର–ମଣିଷ

ଏଥିରେ ମଣିଷ ର ବାଲ୍ୟ (ଗୁରୁଣ୍ଡିବା), ଯୌବନ ଓ ବାର୍ଦ୍ଧକ୍ୟ (ଲାଠି ଧରି ଚାଲିବା) ର ଇଂଗିତ ରହିଛି ।

୨– "କେ ରାଇଜରୁ ଆସଲା ଜଣେ
ତାର ପିଚା ରେ ଖସୁ ପଣେ ?"– ପଣସ

୩– "ବଣରୁ ଆସ୍ ଲା ହାତୀ
ହାତୀ କହେ ମୁଁ ଇ ଭଦ୍ରଲୋକର ଭାତରେ ମୁତି"? –ଲେମ୍ବୁ

୪– "ଗୁରା ଲୁକର୍ କଲା ଟୁପି
କହିଲେ ନେବ ଦଶଟା ସୁକି"?– ମାଚିସ କାଠି

୫– "ଫିଟିଂ ଟିଙ୍ଗ ଟିଙ୍ଗ୍
ବୁଢ଼ା ଗରୁର ତିନ୍ ଟା ସିଂ"–ଚୁହ୍ଲି

୬– "ଉଠଇ ବସଇ ଢ଼ଣ୍ଢ ସାପ
ଯିଏ ନାହିଁ କହିଆ ତାର ମେଣ୍ଢା ବାପ"?– ଢ଼ିଙ୍କି

୭– "ଉପରରେ ଗ୍ରାବବ୍ ଭିତରରେ ଲେଠା
ଏଇ ଢ଼ଗଟା ଯିଏ ନାହିଁ କହିଆ ସିଏ ବାନର୍ କା ବେଟା" ? – ବେଲ୍

କିମ୍ବା–

୮– "ଜାଣ ଜାଣ ଜାଣ
ଯେଂ ପତରଟାର ଡେଣ୍ଟି ନାଇଁ ସେଇ ପତରଟା ଆଣ"?– ଚିଠି ପତ୍ର

ISSN NO.
2582-208X

ଏହି ପହଳି ରେ ପ୍ରଥମ ପଦସହ ଦ୍ୱିତୀୟ ପଦର କୌଣସି ସଂଗତି ନାହିଁ, ପହଳି ଟି ଦ୍ୱିତୀୟ ପାଦରେ ହି ରହିଛି । କିନ୍ତୁ ଛନ୍ଦ ଦ୍ୱାରା ତାକୁ ପ୍ରକଟ କରିବା ଉଦ୍ଦେଶ୍ୟ ରେ ପ୍ରଥମ ପାଦର ସୃଷ୍ଟି ହୋଇଛି । ଠିକ ସେହି ପରି ଲୋକ କବିତା ର ସମସ୍ତ କଳା କୌଶଳ ମାତ୍ର କେତୋଟି ଶବ୍ଦରେ ପହଳି ରେ ପ୍ରକାଶ ହୋଇଥାଏ, ଯଥା- "ମା ଚାବରୀ ଝି ସୁନ୍ଦରୀ", ଏହି ଚାରୋଟି ଶବ୍ଦ ମାଧ୍ୟମରେ ମା' ଝିଅ ର ଗୁଣର ବିପରୀତ ଗୁଣର ପ୍ରକାଶ ରହସ୍ୟମୟ I

ଏହି ପରି ଶତାଧିକ ପହଳି ସିଂହ ଭୂମି ର ରଂଗ ସହ ଦେଖାଯାଏ, ଯାହା କେତେବେଳେ ପ୍ରଚଳିତ ପହେଳିର ପରିବର୍ତ୍ତନ ସ୍ୱରୂପ ତ ଆଉ କେତେ ବେଳେ ସମ୍ପୂର୍ଣ୍ଣ ନୂତନ ।

--------000-------

ଅନ୍ତଃଟୀକା-

୧-ଭଟ୍ଟାଚାର୍ଯ୍ୟ ଆଶୁତୋଷ, 'ବାଂଲାର ଲୋକସାହିତ୍ୟ', ପୃଷ୍ଠା-୨ ।

୨-Bloomfield, 'Brahmnical Riddles', p-939.

୩-ଅଥର୍ବ ବେଦ, '(୨୦/୧୨୭/-୧୩)

ସହାୟକ ପୁସ୍ତକ ସୂଚୀ-

1-Siddiqui Dr.Ashraf, 'Loka Sahitya', p-239.

2-Singhdeo N.N. 'Singhbhum Detailed and Kharsawan Through the Ages', Calcutta,1956, P-102.

3-ପ୍ରଧାନ ପ୍ରସନ୍ନ କୁମାର, ସିଂହଭୂମିର ଓଡ଼ିଆ ଲୋକ ସାହିତ୍ୟ', ମହୀଶୁର, ୨୦୧୦.

ବିଭାଗୀୟ ମୁଖ୍ୟ, ଉପାଧ୍ୟୁତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
କୋହ୍ଲାଣ ବିଶ୍ୱ ବିଦ୍ୟାଳୟ, ଚାଇବସା, ଝାଡ଼ଖଣ୍ଡ

ISSN NO.
2582-208X

# ଜୀବନ



ଦଣ୍ଡାସି ପ୍ରଧାନ

ଏଠି ମରି ମରି ଜିଇଁବାକୁ ହୁଏ,
ପୁଣି ଜିଇଁଜିଇଁ ଜଣେ ମରୁଥାଏ ॥ଘୋଷା॥

କଏ ହାରିହାରି ଛଳେ ଯାଏ ଜିତି,
ସତେ ଜିଣି କଏ ହାରିଥାଏ ଏଠି;
ସାଥ୍ ସମୟ୍ ସୁଅରେ ଖେଳ ପ୍ରାୟେ,
ଖାଲି ହସି ଶିଖିଲେ ହିଁ ବଞ୍ଚିହୁଏ ଏଠି! ।୧।

ଖୋଲ୍ ଆକାଶେ ଅନାଇ ଆଖି ଖୋଲି,
ହସି ହସାଏ କେତେ ଯେ ରଙ୍ଗ ବୋଳ;
ସଦା ସୁଖ ବୁଣି ନଜେ ଜଳୁଥାଏ,
ଦୁଃଖ ଦେଖିଛ କ କହ ଥରେ କଏ ଏଠି? ।୨।

ମାଟି ସର୍ଗେ ସାଗର ନୀଳ ଢେଉ,
କୂଳ ଛୁଇଁ ଧାଏଁ, ଧର୍ ଦେଉଦେଉ;
(ବେଳା) ଉଚ୍ଛୁଳାଇ ଧୋଇ ଧାଇଁବାକୁ ହୁଏ,
ଛାଡି ଚକ୍କଣ ପଠାରେ ଚହ୍ନଟିଏ ! ।୩।..

ଏ ତ ନତି ଜୀବନର ଗୀତଟିଏ;
ଖାଲି ହସି ଶିଖିଲେ ହିଁ ବଞ୍ଚିହୁଏ ଏଠି ।୪।

ସାହିତ୍ୟ ସମ୍ପାଦକ
ଉପାନ୍ତ ସାହିତ୍ୟ ସଂସ୍କୃତିକ ସେବା ସଂସଦ
ପାତ୍ରପୁର, ଗଞ୍ଜାମ
ଭ୍ରାମ୍ୟଭାଷ 8660194967/ Dpradhan@gmail.com

ISSN NO.
2582-208X

# ହାତ



ବାସନ୍ତୀ ଲତା ଜେନା

ପିତା ମାତା ମୋର ଚଳନ୍ତୁ ଦେବତା
ପାର୍ଶ୍ୱେ ପାର୍ଶ୍ୱେ ଥାନ୍ତୁ ରହି
ହାତ ଧରି ମୋର ଗ୍ଭଲି ଶିଖାଇଲେ
ତାଙ୍କ ପରି କେହି ନାହିଁ ।୧।
ମାଆ ହାତ ରନ୍ଧା ସବୁଠୁ ମଧୁର
ସ୍ନେହରେ ଖୁଆଇ ଦିଏ
ପୁନେଇଁ ପର୍ବରେ ପିଠା ପଣା କରେ
ତା ପରି ହୋଇବ କିଏ ।୨।
ବାପା ହାତ ଧରି ବିଦ୍ୟାଳୟ ଗଲି
ବହି ବସ୍ଥାନୀକୁ ଧରି
ଗୁରୁଜୀ ଗୁରୁମା ପାଠ ଶିଖାଇଲେ
ସ୍ଲେଟ ଖଡ଼ିକୁ ଧରି ।୩।
ସାଙ୍ଗ ସାଥି ମୋର ଅତି ଆପଣାର
ଧରୁଥିଲି ତାଙ୍କ ହାତ
ଖେଳ ଖେଳୁଥିଲୁ ମଜ୍ଜା କରୁ ଥିଲୁ
ସୁଖ ଥିଲା ଅପ୍ରମିତ ।୪।
ଗୁରୁଜନ ହାତ ଯା ମସ୍ତକେ ଥାଏ
ଆଶିଷର ବାରୀ ଝରେ
ଦୁଃଖ ଅବସାଦ ଅପସରି ଯାଏ
ଯଶ ମାନ ତାହା ଠାରେ ।୫।
ଜୀବନ ସାଥୀର ହାତ ମୁଁ ଧରିଲି
ଏଜୀବନ ସମର୍ପଣ


ISSN NO.
2582-208X

ଦୁଃଖରେ ସୁଖରେ ତାଙ୍କ ସାଥେ ଥିବି
ବୁଝୁ ଥିବି ତାଙ୍କ ମନ ।୬।
ହାତ ଥିଲେ ଭାତ ଅଭାବ ରହେନା
କର୍ମ କୁଡ଼ି ନ ହୋଇଲେ
ଛୋଟ ବଡ଼ ନାହିଁ କର୍ମ ଜୀବି ପାଇଁ
କାର୍ଯ୍ୟକୁ ଆଦର କଲେ ।୭।
ପ୍ରଭୁଙ୍କର ଦାନ ଅତୁଳନୀୟ ଯେ
ହାତ ଗୋଡ଼ ଦେଇଛନ୍ତୁ
କର୍ମ କରି ଯିବା ସତ୍ୟ ପଥେ ରହି
ମିଳବ ସଭିଙ୍କୁ ଶାନ୍ତୁ ।୮।
ଦୁଃଖି ରଙ୍କିଙ୍କର ସେବା ଯତ୍ନ କରି
ହାତ ଟେକ ଦେବା ଦାନ
ଦେଶ ଜନନୀର ସେବା କରୁ ଥିବା
ଦେଶ ହୋଇବ ମହାନ ।୯।
ଲୋଭ ମୋହ ମାୟା ସ୍ୱାର୍ଥର କାରଣ
କୁକର୍ମ ହାତ ବଢ଼ାଏ
ଆତ୍ମ ସଂଯମତା ସ୍ୱାଭିମାନ ଗୁଣ
ଏସବୁ ଦୁରେଇ ଦିଏ ।୧୦।
ସତ୍ୟ ଶାନ୍ତ ଦୟା କ୍ଷମା ଆଚରିଲେ
ଭଗବାନ ସାଥେ ଥାନ୍ତୁ
ଦାନ ଧର୍ମ କଲେ ପୁଣ୍ୟ ମିଳ ଥାଏ
ପ୍ରଭୁ ହାତ ନ ଛାଡ଼ନ୍ତୁ ।୧୧।
ଜଗତର ନାଥ ଅଖିଳର ପତି
ଗୋଡ଼ ହାତ ତାଙ୍କ ନାହିଁ
ସାରା ସଂସାରକୁ ପାଳନ କରନ୍ତୁ
ଚରଣେ ପ୍ରଣତି ସାଇଁ ।୧୨।

ଗାନ୍ଧୀନଗର,
ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର

ISSN NO.
2582-208X

# ଜେଜେ



ଡ. ଜ୍ଞାନେଶ୍ୱର ମିଶ୍ର

ଗ୍ଲୁ ରେ ଆଗେ ଚନ ପଡେ କ କ୍ଷୀର ପଡେ
ତିରି କରିବା ଶିଖୁନ
ଦିନରେ ଗ୍ଲୁରି ପାଞ୍ଚଥର
ଷ୍ଟିଲ ଗ୍ଲାସରେ ଖୁସିମନେ ପିଇ ଯାଉଛ
ତେବେ – ଏ ଟିପୟରେ ଗ୍ଲୁହା ସରଞ୍ଜାମ
କପ୍ ଓ ପ୍ଲେଟ କାହିଁକି ସଜାଇ ରଖିଛ
ନେଟ୍, ହ୍ୱାଟସ୍ ଆପ୍, ଫେସବୁକ୍
କଛି ତ ଖୋଲି ପାରୁନ
ଗେମ୍ ଖେଳବି ଜାଣିନ
ଖାଲି ଖୋଲି କଥା କହି ବନ୍ଦ କରିବା ଶିଖିଛ
ତେବେ, ଏତେ ସୁନ୍ଦର ଦାମୀ ମୋବାଇଲ୍
କାହିଁକି ଧରିକି ବୁଲୁଛ
ମୋ ସ୍କୁଲ ଟାଇ ପିନ୍ଧାଇ ପାରୁନ
ନଟ୍ କପରେ ପଡେ ତ ଜାଣିନ
ତେବେ ଆଲମାରୀରେ ରଂଗ ବେରଂଗର
ଏତେ ସବୁ ଟାଇ କାହିଁକି ଝୁଲାଇ ରଖିଛ
ମେସିନ୍ ରେ ଦାଢି କାଟିତ ପାରୁନ
ପୁରୁଣା ରେଜରରେ କାଟୁଛ

ISSN NO.
2582-208X

କେତେବେଳେ ନଶ ବଂକା ତ

ଗାଲଟାକୁ କାଟି ଦେଉଛ

ତେବେ ଏ ମେସିନକୁ କାହିଁକି ସାଇତି ରଖିଛ

ଦାମୀ ହାପ୍ ପ୍ୟାଣ୍ଟ, ବରମୁଣ୍ଡା ପିନ୍ଧିବାକୁ ଲାଜ ଲାଗୁଛି

ତେବେ ଅଯଥାରେ ଟଂକା ଖର୍ଚ୍ଚ କରି

ଏସବୁକୁ କିଂପା ରଖିଛ

ପୁରା ଯୋତା ଚାର ପାଞ୍ଚହଳ ଥାଉଁଥାଉଁ

ଚଟି ପିନ୍ଧି ଚାଲିଯାଉଛ

ଜ୍ୟାକେଟ ସବୁକୁ ହ୍ୟାଙ୍ଗରରେ ଟାଙ୍ଗି

ସାଲ ପକାଇ ବୁଲୁଛ

ଜେଜେ, ସବୁ ମୁଁ ଶିଖାଇଦେବି

ଶିଖିଗଲାପରେ ମଜା ପାଇଯିବ

ଟୋକା ହେବା ଆଶା ହୋଇବ ପୂରଣ

ଚକେଲେଟ୍ ଦେବ, ଚୁମାଟିଏ ଦେଇ

କହିବ ନାତି ମୋ ଧନ୍ୟ ।

୪୯/୫, କାର୍ଲମାର୍କ୍ସ ସରଣୀ,
ଖିଦିରପୁର, କଲିକତା

ISSN NO.
2582-208X

# ସତ୍ ସଙ୍ଗତ



ଡ. ଅର୍ଜୁନ ଚରଣ ବାରିକ୍

ସତ୍ ସଙ୍ଗ ବଳରେ ନରଜନ୍ମ ଓ ଜୀବନ ସାର୍ଥକ ହୋଇଥାଏ । ସତ ସଙ୍ଗତ ଦ୍ୱାରା ଅସାଧ୍ୟ ସାଧିତ ହେବା ସହ ମଣିଷ ଜୀବନରେ ବିରାଟ ପରିବର୍ତ୍ତନ ସାଧିତ ହୁଏ । ସତ୍ ସଙ୍ଗତି ଫଳରେ ବୁଦ୍ଧିରେ ଥିବା ଜଡତା ଦୂର ହୁଏ । ଏହାଦ୍ୱାରା ବଚନର ସତ୍ୟତା ଆଶିଥାଏ । ଉଚ୍ଚ ସମ୍ମାନ ପ୍ରଦାନ କରିଥାଏ । ପାପ ଦୂର କରିଥାଏ । ମନକୁ ଶାନ୍ତି ପ୍ରଦାନ କରିଥାଏ ଏବଂ କୀର୍ତ୍ତି ବିସ୍ତାର କରିଥାଏ । ଅତଏବ ସତ୍ ସଙ୍ଗତି କଲେ ସମାଜ ତଥା ନିଜର ମଙ୍ଗଳ ହୋଇଥାଏ । ଏ କଥାମାନ ଭର୍ତ୍ତୃହରି ସୁନ୍ଦର ଏକ ଶ୍ଳୋକ ମାଧ୍ୟମରେ ବର୍ଣ୍ଣନା କରିଛନ୍ତି । ଯେପରି – "ଜାଡ୍ୟଂ ଧିଓ ହରତି ସିଚଂତି ବାଚି ସତ୍ୟଂ

ମାନୋନ୍ନତି ଦିଶତି ପାଗମପା କରୋତି ।
ଚେତଃ ପ୍ରସାଦୟତି ଦିକ୍ଷୁ ତନୋତି କୀର୍ତ୍ତିଂ
ସତ୍ସଙ୍ଗତି କଥୟ କିଂ ନ କରୋତି ପୁଂସାମ ।"

ଏ ପ୍ରସଙ୍ଗରେ ଭାଗବତାକାର ଅତିବଡୀ ଜଗନ୍ନାଥ ଦାସଙ୍କର ଉକ୍ତିଟି ଯଥାର୍ଥରେ ପ୍ରଣିଧାନ ଯୋଗ୍ୟ । ଯଥା – "ଏ ଜୀବ ସାଧୁ ସଙ୍ଗ ବିନୁ ଲଭିନପାରେ ମୋର ତନୁ ।" "ସାଧୁ ଯେ ମଳୟ ପବନ, କାଷ୍ଠକୁ କରଇ ଚନ୍ଦନ ।"

ଏହି ସତ୍ ସଙ୍ଗ ବା ସାଧୁ ସଙ୍ଗ ମାଧ୍ୟମରେ ନର ଈଶ୍ୱର ପ୍ରାପ୍ତି ହୋଇଥାଏ । ତେଣୁ ସାଧୁ ସଙ୍ଗତି ଏକାନ୍ତ କାମ୍ୟ ଅଟେ । ସାଧୁ ହେଉଛନ୍ତି ପରଶମଣି । ଯାହା ସଂସ୍ପର୍ଶରେ ଲୁହା ମଧ୍ୟ ସୁନା ପାଲଟି ଯାଏ । ତେଣୁ ସାଧୁ ସଙ୍ଗ ସତତ କରଣୀୟ । ସାଧୁ ସର୍ବଦା ନାନା କ୍ଲେଶ ସହି ସଂସାରର ହୀତ କାମନା କରିଥାନ୍ତି । ଜୀବନରେ ସାଧୁ ସଙ୍ଗତି ନୌକା ସଦୃଶ ସଂସାର ସାଗରରୁ ପାରିକରି ଦେଇଥାଏ । ପୁନଶ୍ଚ ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କ ଭାଷାରେ –

ISSN NO.
2582-208X

"ନଳିନୀ ଦଳଗତ ଜଳମତି ତରଳଂ
ତଦବଦ୍ ଜୀବନଂ ମତମୟ ଚପଳମ୍ ।
କ୍ଷଣମିହ ସଜ୍ଜନ ସଙ୍ଗତି ରେକା
ତରତି ଭବାର୍ଣ୍ଣବ ତରଣେ ନୌକା ।"

ପଦ୍ମ ପତ୍ରରେ ଜଳ ଯେପରି ଢଳ ଢଳ ହୁଏ, ଜୀବନ ସେହିପରି ଅତିଶୟ ଚଞ୍ଚଳ । ତେଣୁ କ୍ଷଣିକ ପାଇଁ ହେଲେ ମଧ୍ୟ ସାଧୁ ସଙ୍ଗତି କରିବା ଉଚିତ୍ । ସଜ୍ଜନ ସଙ୍ଗତି ବା ସାଧୁ ସଂସର୍ଗ ହି ଏହି ଭବ ସାଗରକୁ ପାର ହେବାରେ ନୌକା ପରି ସାହାଯ୍ୟ କରିଥାଏ ।

ଏ ସଂସାର ଦୁଃଖର ସାଗର ଅଟେ । ଏ ଦୁଃଖ ପୂର୍ଣ୍ଣ ସଂସାର ମଧ୍ୟରେ ଯଦି ସୁପୁତ୍ର, ପତିବ୍ରତା ସ୍ତ୍ରୀ ଓ ସଜ୍ଜନ ସହ ଭେଟ ମିଳିଯାଏ, ତାହାହେଲେ ମନୁଷ୍ୟକୁ ଦୁଃଖ, ଚିନ୍ତା, ଅଶାନ୍ତିରୁ କିଛି ମାତ୍ରାରେ ମୁକ୍ତି ମିଳିଯାଏ । ଯେପରି -"ସଂସାର ତାପ ଦସ୍ୱାନାଂ ତ୍ରୟୋ ବିଶ୍ରାନ୍ତି, ହେତବଃ ଅପତ୍ୟଂ ଚ କଳତ୍ରଂ ଚ ସତାଂ ସଙ୍ଗତି ରେବତ ।

ପୁନଶ୍ଚ ସାଧୁ ମାନଙ୍କର ଦର୍ଶନ ସମ୍ପର୍କରେ କୁହାଯାଇଛି -"ସାଧୁନାଂ ଦର୍ଶନଂ ପୁଣ୍ୟ ତୀର୍ଥ ଭୂତା ହି ସାଧବଃ । କାଚଳନ ଫଳ ତେ ତୀର୍ଥଂ ସଦ୍ୟଃ ସାଧୁ ସମାଗମଃ ।" ଅର୍ଥାତ, ସାଧୁ ମାନଙ୍କର ଦର୍ଶନରେ ପୁଣ୍ୟ ଲାଭ ହୁଏ । ସେମାନେ ତୀର୍ଥ ସ୍ୱରୂପ । ତୀର୍ଥ ସ୍ନାନର ଫଳ ଯଥାର୍ଥ ଭାବେ ବିଳମ୍ବରେ ମିଳେ; କିନ୍ତୁ ସାଧୁ ସଙ୍ଗର ଫଳ ତତକ୍ଷଣାତ୍ ମିଳିଥାଏ ।
ଅନ୍ୟ ପକ୍ଷରେ ସାଧୁ ସଙ୍ଗତିର ପରିଣାମ ବିଷୟରେ ଉକ୍ତ ଥିବା ଅନ୍ୟ ଏକ ସୁନ୍ଦର ଶ୍ଲୋକର ଉପସ୍ଥାପନା ଏଠାରେ ଉପାଦେୟ ହେବ ବୋଲି ମନେ ହୁଏ । ଯଥା - "ଚନ୍ଦନଂ ଶୀତଳଂ ଲୋକେ ସନ୍ଦନା ଦପି ଚନ୍ଦ୍ର, ଚନ୍ଦ୍ର ଚଳନୟୋ ମଧ୍ୟେ ଶୀତଳା ସାଧୁ ସଙ୍ଗତି ।"

ଏହି ସଂସାରରେ ଚନ୍ଦନ ହେଉଛି ଶୀତଳ । ଚନ୍ଦନ ଠାରୁ ତତୋଃଧିକ ଶୀତଳ ହେଉଛି ଚନ୍ଦ୍ର । ଚନ୍ଦ୍ର ତଥା ଚନ୍ଦନ ଠାରୁ ଅଧିକ ଶୀତଳ ହେଉଛି ସଜ୍ଜନ ସଙ୍ଗ ।

ବିଭାଗୀୟ ମୁଖ୍ୟ, ଇଂରାଜୀ ଭାଷା ସାହିତ୍ୟ,
ସାଃପୋ-ମହୁ, ଜି-କେନ୍ଦ୍ରାପଡା

ISSN NO.
2582-208X

# ବୋଉ

ତରୁଣ କୁମାର ଦାସ

ଆଜି ମୁଁ ସନ୍ଧିହାନ
ନିସ୍ତେଜ୍ ମୋ ଶରୀର
ସାରା ପୃଥବୀ ଆଜି ମୋ ପାଇଁ ନିସ୍ତବ୍ଧ ନିସ୍ତେଜ୍
କାହାରି ଫୁରସତ କାହିଁ
ମୋ କଥା ଶୁଣିବାର
ଜହ୍ନକୁ ମାଗି ଥିଲି ରାତି ଟି ଏ
ତାରା ମେଳରେ ଲୁଚିଗଲା
ପର୍ବତକୁ ମାଗିଲି ଧୈର୍ଯ୍ୟ
ନଦୀକୁ ମାଗିଲି ସରଳ ତା
ଯେ ଯା ବାଟରେ ଚାଲିଗଲେ
କାନ୍ଦିବାର ଇଚ୍ଛା ହେଲେ ବି କାନ୍ଦି ପାରିଲିନି
ମୋର ଯେ ବୋଉ ନାହିଁ
କିଏ ବା ବୁଝିବ, ବୁଝେଇବ
ଦବ ମୋତେ ମମତାର ମୂଲ
ପକ୍ଷୀର କଳରବ ଭାରି ଉଦ୍ଵେଳି ତ
କରିଦିଏ ଗୋଟାପଣେ
ହଜିଯିବାକୁ ଇଚ୍ଛା ହୁଏ ସେମାନଙ୍କ ସାଥିରେ
କାଳେ ଖୋଜି ପାଇଥାନ୍ତି କି ଆଉ
ମୋ ବୋଉକୁ, ପିଲାଦିନ କୁ, ବିଷ୍ମରି ଆସୁଥିବା ମୁହୂର୍ତ୍ତ ସବୁକୁ ।

ମୁକ୍ତା ନିଳୟ,
ପାଲୁସିଆ, ବାଲେଶ୍ୱର 36

ISSN NO.
2582-208X

# ଧନ୍ୟ ନିମ୍ବଗଛ



ସରୋଜଲକ୍ଷ୍ମୀ ମହାନ୍ତି

କରନ୍ତନି ମୋତେ  ପିତା ନିମ୍ବଗଛ
ଘଞ୍ଚ ବନାନୀର  କୋଳେ
ଚନ୍ଦ୍ରକଳା ପରି ଲୁଚି  ବଢୁଥାନ୍ତି
ଅରମା ଅନ୍ଧାର  ତଳେ
ଦିଅନ୍ତକି ଆଙ୍କି ଦେହସାରା ମୋର
ଶଂଖ, ଚକ୍ର, ଗଦା, ପଦ୍ମ
କଟାଇ ନଦେଇ ମୋ ଦେହର ଡାହି
ଉଡାନ୍ତି ମୁଁ ପକ୍ଷୀ କୁଳ
ବାସ ମୋ ଛୁଟନ୍ତା ଚନ୍ଦନ ଚନ୍ଦନ
ଦାରୁବ୍ରହ୍ମର ସନ୍ଧାନେ
ବାସୁକୀ ସେବକ ଜଗି ବସିଥାନ୍ତା
ସାରା ଏ ନିର୍ଜନ ଧାମେ
ଶୁଭଲଗନରେ ଦେବୀ ସ୍ୱପ୍ନାଦେଶେ
ଖୋଜନ୍ତେ ଦଇତାପତି
ବ୍ରହ୍ମଦାରୁ ହୋଇ ହୃଦୟରେ ମୋର
ଭାବରେ ବାନ୍ଧି ରଖନ୍ତି
ଦେଖୁଥାନ୍ତି କେତେ ଋଷି ଜ୍ଞାନୀ ମାନି
ତୁମ ନିଟୋଳ ଆଖିରେ
ଶୁଣୁଥାନ୍ତି ନିତି ବେଦ ମନ୍ତ୍ର  ସ୍ତୋତ୍ର
ଲୁଚିରହି ବ୍ରହ୍ମ ତଳେ

ISSN NO.
2582-208X

ଏଦାରୁକୁ ଛୁଇଁ କେତେ ପାପି ତପି
ମୋକ୍ଷ ପାଆନ୍ତେ ଯେତେ
ମୋଭକ୍ତି ବିଶ୍ୱାସ ଆସ୍ଥା ଆଶ୍ୱାସନା
ସମର୍ପି ଦେଇଛି ତୋତେ
ନନ୍ଦିଘୋଷେ ଚଢି ତୋ' ଘୋଷଯାତରେ
ଦେଖନ୍ତି ପୁରୁଷୋତ୍ତମ
ଭକତଙ୍କ ଦୁଃଖ ଦୂରହେବା ଦେଖି
ଲଭନ୍ତି ମୁଁ କୋଟି ପୁଣ୍ୟ
ଦାରୁବ୍ରହ୍ମ ତୁମେ ଝୁଲି ଝୁଲି ଯେବେ
ଭକତେ ନିଅନ୍ତେ ଭିଡି
ପାତକସବୁ ମୋ ଦୂର ହୋଇଯାନ୍ତା
ଛୁଇଁ ତୋ ରଥ ଦଉଡି
ଶେଷରେ ହୁଅନ୍ତା ନବକଳେବର
ଦୂରେଇ ଦିଅନ୍ତେ ମୋତେ
ମୋର ଏଜୀବନ ନିର୍ବାଣ ଲଭନ୍ତା
ତୋର କୋଇଲି ବୈକୁଣ୍ଠେ
ପୂଣ୍ୟ ପସରାରୁ ଝରୁଥାନ୍ତା ମୋର
ଖୁସିର ଗଙ୍ଗା ଯମୁନା
ଶେଷଇଛା । ମୋର ପୂରଣ ହୁଅନ୍ତା
ଜୀବନ ହୁଅନ୍ତା ଧନ୍ୟ।

ନନ୍ଦନବିହାର, ଭୁବନେଶ୍ୱର

ISSN NO.
2582-208X

# ଅଭିଜ୍ଞତା



ଡଃ ଅଭିମନ୍ୟୁ କାନୁନଗୋ

ଅଭିଜ୍ଞ ଜନ ହିଁ ଅଟେ ଜ୍ୟେଷ୍ଠ ଶ୍ରେଷ୍ଠ ଏହି ସଂସାର ମଧ୍ୟରେ ।
ପଥ ପ୍ରଦର୍ଶକ ଅଟେ ଅଭିଜ୍ଞତା ସକଳ ଆପଦ ହରେ ।୧।
ଜୀବନରେ ସଦା କର୍ମରତ ରୁହ ମନେ ଦୁଃଖ ନପଶିବ ।
ବ୍ୟସ୍ତ ଥିବା ନର ସଂସାର ମଧ୍ୟରେ ଦୁଃଖ ନଦୀ ହିଁ ତରିବ ।୨।
ଖାଲି ମନ ସଇତାନର ଭବନ ଇଂରାଜୀର ପ୍ରବଚନ ।
ଏହା ଜାଣି ନରେ ସଦା ତତପରେ ବିତାଇ ଦିଅ ଜୀବନ ।୩।
ଦୁଃଖରେ ମାନସ ନକରେ ପ୍ରବେଶ ତିଳେ ନୁହଇ ହତାଶ ।
କର୍ମେ ତତପର ରୁହ ସୁଧିନର ଦୁଃଖ ନପଶିବ ପାଶ ।୪।
ନେଇ ଅଭିଜ୍ଞତା କର ଅନୁଚିନ୍ତା ଆପଦୁ ତରିବା ପାଇଁ ।
ହରିବ ଆପଦ ଆବର ବିଷାଦ ଅଭିଜ୍ଞତାକୁ ଲଗାଇ ।୫।
ସମସ୍ୟା ଆସିବ ଜୀବନରେ ସଦା ଅଛି ତାର ସମାଧାନ ।
ତେଣୁ ବ୍ୟତିବ୍ୟସ୍ତ ନହୋଇ ସୁଜନ ପ୍ରତିକାରେ ଦିଅ ଧ୍ୟାନ ।୬।
ଜୀବନ ଥିଲେ ତ ସମସ୍ୟା ରହିଛି କର ତାର ପ୍ରତିକାର ।
ସୁସ୍ଥ ଚିତ୍ତେ ଚିନ୍ତାକରି ସୁଧିଜନ ଜୀବନକୁ ଧନ୍ୟ କର ।୭।
ନୋହି ଶଇତାନ ଆରେ ବାଇମନ ଭାବ ସଦା ଭଗବାନ ।
ଉନ୍ନତ ଚିନ୍ତା ଚେତନ ଦାତା ସେହି ବହିବେ ଉପାୟମାନ ।୮।
ଆର୍ତ୍ତତ୍ରାଣ ହରି ସବୁରି ଆରତ ହରିଣ ଥାନ୍ତ ଅବଶ୍ୟ ।
ତେଣୁ ସୁଧିଜନ ହରି ପଦେମନ କର ହେ ନିଶି ଦିବସ ।୯।

ISSN NO.
2582-208X

ହରିପଦେ ଭକ୍ତି ଦିଏ ଗତି ମୁକ୍ତି କରେ ଆନନ୍ଦ ବର୍ଦ୍ଧନ ।
ତରିବାକୁ ଏହି ସଂସାର ସାଗର ନାବ କର ଜନାର୍ଦ୍ଦନ ।୧୦ ।
ସକଳ ସୁଖର ଆକର ଶ୍ରୀଧର ଜାଣିଣ ହରି ସୁମର ।
ମର ଜଗତରେ ସାର ଏକା ସେହି ହରି ଭବ ଭୟ ହର ।୧୧ ।
ସକଳ ଦୁଶ୍ଚିନ୍ତା ହୋଇବ ବିଲୟ ଚିନ୍ତାକର ଦେବରାୟ ।
ଅନ୍ତର୍ଯ୍ୟାମୀ ସେହି ସକଳ ଜୀବର କୃଷ୍ଣ ଦେବକୀ ତନୟ ।୧୨ ।
ବିଶ୍ୱାସ ମିଳନ୍ତି ହରି କଳେ କାଳେ ତରକକୁ ସଦା ଦୂର ।
ହରି ନାମ ସ୍ମରି ସକଳ କାମରେ ହୁଅ ନରେ ଅଗ୍ରସର ।୧୩ ।
ଚିନ୍ତ ବିଶ୍ୱ ଚିନ୍ତାମଣି ରେ ମାନସ ପୂର୍ଣ୍ଣ ହେବ ଅଭିଳାଷ ।
ମଧୁହାରୀ ହରି ମୁକୁନ୍ଦ ମୁରାରୀ ହରଇ ବିଷୟା ବିଷ ।୧୪ ।
ବିଭୟା ଜଞ୍ଜାଳୁ ହୋଇବ ମୁକତ ଚିନ୍ତିଲେ ଜଗତନାଥ ।
ସର୍ବ ବିଦ୍ୟା ବୁଦ୍ଧି କରିଣ ପ୍ରଦାନ ସମସ୍ୟା ହରେ ଶ୍ରୀକାନ୍ତ ।୧୫ ।

ପ୍ରସାର ଭାରତୀ (ଆକାଶବାଣୀ)

ISSN NO.
2582-208X

# ଆତ୍ମ ସନ୍ତୋଷ



ଦାଶରଥି ଶତପଥୀ

ପୃଥିବୀର ଶ୍ରେଷ୍ଠ ଜୀବ ମନୁଷ୍ୟ। ସେଥିପାଇଁ କୁହାଯାଇଛି, "ମନୁଷ୍ୟ ଦେହେ ଦିବ୍ୟ ଜ୍ଞାନ, ଦେଖି ସନ୍ତୋଷ ଭଗବାନ"। ଏ ସଂସାରର ସୃଷ୍ଟି ଅତି ବିଚିତ୍ର। ଯେଉଁମାନେ ସଂସାର କରନ୍ତି, ସେମାନଙ୍କ ମନ ଭିତରେ ସବୁବେଳେ ଗୋଟିଏ କଥା ଉଙ୍କି ମାରୁଥାଏ, ଯେଉଁ ସୃଷ୍ଟିଟି ମାତୃ ଗର୍ଭରୁ ଆସିବ, ସମାଜରେ ସେ ଅନ୍ୟମାନଙ୍କ ଠାରୁ ଅନନ୍ୟ ହେଉ, ସର୍ବଗୁଣ ସମ୍ପନ୍ନ ହେଉ ଓ ଅନ୍ୟ ପାଇଁ ଆଦର୍ଶ ହେଉ। କେତେକ ବାପା ମା ଏହା ପ୍ରକାଶ କରନ୍ତି ନତୁବା କିଛି କିଛି ତାଙ୍କ ମନ ମନ୍ଦିରରେ ଏହାକୁ ଲୁଚାଇ ରଖନ୍ତି।

ଜନ୍ମ ହେଲା ପରେ ପୁଅ ହେଉ ବା ଝିଅ ହେଉ ସେ ବଢେ, ଦୁନିଆକୁ ଦେଖେ ଓ ସମାଜରେ ନିଜ ଗୋଡରେ ଛିଡା ହେବାକୁ ଚେଷ୍ଟା କରେ। ବଡ ହେଲା ପରେ ସେମାନେ ମଧ୍ୟ ସ୍ୱପ୍ନ ଦେଖନ୍ତି କିଭଳି ଭାବେ ଆମେ ଉଠିବୁ, ବଡ ହେବୁ, ନାଁ କମେଇବୁ, ଦେଶ ଓ ସମାଜ ପାଇଁ କିଛି କରିବୁ।

କିନ୍ତୁ ଏ ସଂସାର କ୍ଷଣ ଭଙ୍ଗୁର। ଜନ୍ମ ମୃତ୍ୟୁ ପର୍ଯ୍ୟନ୍ତ ଆମେ ଯେତେକ ସମୟ ଏ ଧରାପୃଷ୍ଠରେ ଅଛୁ, ଆମ ମନ ଭିତରେ ଅନେକ ସ୍ୱପ୍ନ ଥାଏ, ଆଶା ଥାଏ ଓ ଆଶଙ୍କା ବି ଥାଏ। ମଣିଷଟିଏ ଚାହୁଁଥିବା ଜିନିଷଟିକୁ ହାତ ପାହାନ୍ତାରେ ପାଇଗଲେ ଖୁସିହୁଏ। ହୁଏତ କିଏ ଅଳ୍ପରେ ଖୁସି, ବା କାହାର ପାଇବାର ସୀମା ବହୁ ଦୂରକୁ ଲମ୍ୱିଥାଏ। ଯିଏ ନପାଇଲା ସେ ନିରାଶ ହୁଏ, ହତୋତ୍ସାହିତ ହୁଏ ଓ ବେଳେ ବେଳେ ଭାଗ୍ୟ ଓ ଭଗବାନଙ୍କୁ ନିନ୍ଦିବାକୁ ପଛାଏ ନାହିଁ।

ISSN NO.
2582-208X

ତେଣୁ ଜୀବନ ଏକ ଗଡାଣିଆ ରାସ୍ତା । କେତେ ଉତଥାନ ଓ କେତେ ପତନ ଦେଇ ଗତି କରୁଛି । ଜୀବନଭିତରେ ସୁଖ ଅଛି, ଦୁଃଖ ଅଛି, ଯନ୍ତ୍ରଣା ଅଛ, ଆନନ୍ଦ ଅଛି ଓ ବେଳେବେଳେ ସମସାର ଅନ୍ଧକାର ମଧ୍ୟ ଘୋଟି ଚାଲିଛି ।

ତେଣୁ ଗୀତାରେ ସବୁବେଳେ କୁହାଯାଇଛି ସ୍ଥିତପ୍ରଜ୍ଞ ହେବାପାଇଁ ସୁଖରେ ଅଧିର ବା ଦୁଃଖରେ କାତର ନେହେବା ପାଇଁ । ଏହା ଏକ ମୁଦ୍ରାର ଦୁଇ ପାର୍ଶ୍ୱ ଭଳି । ତଥାପି ମଣିଷ ମନ ସୂକ୍ଷ୍ମ ମନ । ଏହାକୁ ସନ୍ତୁଳିତ କରିବା ବେଳେ ବେଳେ ମୁନି ଋଷିମାନେ ମଧ୍ୟ ପାରନ୍ତି ନାହିଁ । ଜୀବନଅଛି ମାନେ ଲୋଭ ଅଛି, ମାୟା ଅଛି, ମମତା ଅଛି, କ୍ରୋଧ ବି ଅଛି, ମଣିଷ ଏଥିରୁ ମୁକ୍ତି ପାଇଁ ଯଦି ସନ୍ତୁଳିତ ଭାବରେ ଶାନ୍ତ ସ୍ୱଭାବର ହୋଇପାରିବ, ତାହେଲେ ତା ମନ ଭିତରେ ଯେଉଁ ଆତ୍ମୀୟତା ଭରି ଆସିବ, ତାହା ହେଉଛି ଆତ୍ମ ସନ୍ତୋଷ ।

କିନ୍ତୁ କଥାରେ ଅଛି ଦେଖାଶିଖା ଓଡିଶା । କହିଦେଇ ଥାଉ ପରକୁ, ବୁଦ୍ଧି ନଦିଶଇ ଘରକୁ । ବସ୍ତୁତ ଦେଖାଯାଏ ଆମେ ପରର ଖୁସିରେ ଯେତିକି ଆନନ୍ଦ  ନପାଉ, ତାର ଯଦି କଣ ଅସୁବିଧା ହୋଇଗଲା, ଆମେ ଭାବୁ ଠିକ ହେଉଛି ସାମାନ୍ୟତମ ପ୍ରଶଂସା ଟିକିଏ ଢାଳିଦେଲେ, ତାହା ତାଙ୍କ ପାଇଁ ଆଗାମୀ ଭବିଷ୍ୟତରେ ଅମୃତମୟ ହେବା, ସେ କଥା ଆମେ ଚିନ୍ତା କରୁନାହୁଁ । କିନ୍ତୁ ବହୁ ସମୟ ତାର ନିନ୍ଦା ପରଚର୍ଚ୍ଚାରେ ଅପଚୟ କରୁ ।

ବସ୍ତୁତଃ ମୂଳ ପ୍ରସଙ୍ଗ ହେଲା ଆତ୍ମ ସନ୍ତୋଷ । ଭଗବାନଙ୍କ ସୃଷ୍ଟିରେ ସମସ୍ତେ ସମାନ । ତେଣୁ ମହାନ କବି ଗଙ୍ଗାଧର ମେହର କହିଛନ୍ତି:

"ଜାମନ ଯେପରି, ତା ପାଇଁ ସେପରି
ଫଳ ଥୋଇଥାଏ ବିଶ୍ୱ,
ଉଚ୍ଚମନା ଉଚ୍ଚେ ଅମୃତ ଲଭଇ
ନିଚ ମନା ପାଏ ବିଷ " । (କାବ୍ୟ-ପ୍ରଣୟ ବଲ୍ଲରୀ)

ତେଣୁ ଆତ୍ମସନ୍ତୋଷ ପାଇବାକୁ ହେଲେ ଆମକୁ ସାଧନା କରିବାକୁ ପଡିବ । ସାଧନା ବଳେ ସର୍ବସିଦ୍ଧ । ସର୍ବନିମ୍ନ ଆବଶ୍ୟକତା ଯଦି ଆମର ପୂରଣ ହୋଇପାରୁଛି, ତାହାହେଲେ ଆମେ

ISSN NO.
2582-208X

ଅନେକାଂଶରେ ଭଗବାନଙ୍କ ପାଖରେ କୃତଜ୍ଞ ହେବା ଓ ଏକ ଆତ୍ମ ସନ୍ତୋଷର ବାତାବରଣ ମଧ୍ୟରେ ନିଜକୁ ଆଗକୁ ବଢେଇ ପାରିବା ।

ଜୀବନରେ ଅନେକଙ୍କର ଅନେକ ଲକ୍ଷ୍ୟ ଥାଏ ଓ ଅନେକ ସ୍ୱପ୍ନ ଥାଏ । ସ୍ୱପ୍ନକୁ ସାକାର କରିବାକୁ ହେଲେ ଆମକୁ କଠୋର ଅଧ୍ୟବସାୟ କରିବାକୁ ପଡିବ । କାରଣ ପରିଶ୍ରମ କେବେ ବୃଥା ଯାଏନାହିଁ । ପୃଥିବୀରେ ଏମିତି କୌଣସି ଲୋକନାହିଁ ଯାହାର ସମସ୍ୟା ନାହିଁ, ଆଉ ଏମିତି କିଛି ସମସ୍ୟା ନାହିଁ ଯାହାର ସମାଧାନ ନାହିଁ, କିନ୍ତୁ ସେହି ସମାଧାନରେ ମିଳେ ଆତ୍ମସନ୍ତୋଷ ।

ଇଚ୍ଛା ଅସୁମାରୀ, କିନ୍ତୁ ଜୀବନକୁ ସରସ, ସୁନ୍ଦର, ମଧୁମୟ କରିବାପାଇଁ ମଣିଷର ନିଜସ୍ୱ ସ୍ୱାଧୀନତା ରହିବା ଆବଶ୍ୟକ ଏବଂ ଯେଉଁ କାର୍ଯ୍ୟ କଲେ ମନରେ ଆନନ୍ଦ ଆସୁଛି, ସେହିଭଳି କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ କଲେ ଆତ୍ମସନ୍ତୋଷର ମାତ୍ରା ଆଉ ଟିକେ ବଢିଥାଏ ।

ମଣିଷ ଏକ ସାମାଜିକ ପ୍ରାଣୀ । ସମାଜରେ ବାସକରେ ଏବଂ ତାର ଚତୁଃପାର୍ଶ୍ୱର ପରିବେଶକୁ ନେଇ ସେ ବଞ୍ଚିରହେ, ସେଥିପାଇଁ ସେ ତାର ପଡୋଶୀକୁ ତୁଳନାତ୍ମକ ପ୍ରତୀକ ଭାବରେ ନହେଲେ, ନିଜର ପରିବାର ବନ୍ଧୁବାନ୍ଧବ, ସାଙ୍ଗସାଥୀ ପ୍ରଭୃତି ଓ ପୁସ୍ତକ ଉପରେ ଅଧିକ ଅମୟ ଦେଲେ ତାହା ଏକ ସକାରାତ୍ମକ ପରିବେଶର ବାତାବରଣ ସୃଷ୍ଟି କରିଥାଏ, ଦ୍ୱିତୀୟତଃ ମଣିଷକୁ ଯଥା ସଂଭବ ଯାହା ଭଲ ଲାଉଛି ସେଇ ସେଇ ଦିଗରେ ସୃଜନାତ୍ମକ ଚିନ୍ତାଧାରାରେ କଳା, ସାହିତ୍ୟ, ସଂସ୍କୃତି ଏବଂ ନୂଆଁ ନୂଆଁ ବିଷୟରେ ଜାଣିବା ପାଇଁ ସତତଃ ଚେଷ୍ଟିତ ହେବା ଉଚିତ । ତୃତୀୟତଃ କୁହାଯାଉଛି ମାନବ ସେବାହିଁ ମାଧବ ସେବା । ମଣିଷ ଭିତରେ ସେବା, ତ୍ୟାଗ, ଦୟା, କରୁଣା, ସାହାସିକତା ଓ ପରକୁ ସାହାଯ୍ୟ କରିବା ପାଇଁ ଅଭିପସା ରହିଲେ ତାହା ଆତ୍ମସନ୍ତୋଷ ଦେବା ସଙ୍ଗେ ସଙ୍ଗେ ଜୀବନକୁ ରସପୂର୍ଣ୍ଣ କରିଥାଏ । ସବୁବେଳେ ଆମେ ଅନ୍ୟ କାହାଠାରୁ କଣ ପାଇବା ଆଶା ନରଖି ଆମେ ଅନ୍ୟମାନଙ୍କୁ, ସମାଜକୁ କଣ ଦେଇପାରିବା ସେହି ମନବୃତ୍ତି ରହିଲେ ମଣିଷ ଆତ୍ମତୃପ୍ତି ଲାଭକରେ ଓ ସମାଜ ଆଖିରେ ପ୍ରଶଂସାର ପାତ୍ର ହୋଇଥାଏ । ପ୍ରଶଂସା ପଛରେ ନ ଗୋଡାଇ, ପ୍ରଶଂସା ତାଙ୍କ ପାଖକୁ ଆର୍ଶୀବାଦ ଭାବରେ ଆପେ ଆପେ ଆସିଥାଏ ।

ISSN NO.
2582-208X

ତେଣୁ ମଣିଷର ରୁଚି ଓ କାର୍ଯ୍ୟଶୈଳୀର ସମନ୍ୱୟ ଘଟିଲେ ଆତ୍ମସନ୍ତୋଷ ମିଳିଥାଏ ଏବଂ ଜୀବନରେ ଯେତେ ବାଧାବିଘ୍ନ ଇଲେ ମଧ୍ୟ, ନିଜର ଗଭୀର ଆତ୍ମବିଶ୍ୱାସ ଦ୍ୱାରା ତାହା ଆପେ ଆପେ ଅପସରି ଯାଏ ।

ତେଣୁ ଏତିକି କୁହାଯାଇପାରେ, ଆତ୍ମସନ୍ତୋଷ ପାଇବାପାଇଁ ନିଜର ଶକ୍ତିସାମର୍ଥ୍ୟ ଓ ଦୁର୍ବଳତାକୁ ମଣିଷ ନିଜେ ଆତ୍ମନିରୀକ୍ଷଣ କରିବା ଉଚିତ ଓ ଏହି ଭାବାବେଗରୁ ସକାରାତ୍ମକ ଚିନ୍ତାଧାରା ଆସି ମଣିଷକୁ ସ୍ୱର୍ଗସୁଖ ପ୍ରଦାନ କରିଥାଏ ।

ତେଣୁ ଅନ୍ତତପକ୍ଷେ ଆମେ ସକାରାତ୍ମକ ଚିନ୍ତା କରିବା ଓ ନିଜେ ଆଚରଣ ଓ ଉଚ୍ଚାରଣରେ ସକାରାତ୍ମକ ଭାବଧାରାକୁ କାର୍ଯ୍ୟରେ ଓ କାୟ ମନୋବାକ୍ୟରେ ଲଗାଇଲେ, ଏହା ନିଶ୍ଚିତଭାବେ ସମାଜପାଇଁ ମଙ୍ଗଳମୟ ହେବା ଓ ଆତ୍ମସନ୍ତୋଷର ମହନୀୟତାକୁ ପ୍ରତିପାଦିତ କରିବ ।

ସଚବ
ଓଡିଶା ବିଧାନସଭା
ଦୂରଭାଷ ନଂ- ୯୩୩୭୪୪୯୩୭୩

ISSN NO.
2582-208X

# କେମିତି ଦେବି ବିଦାୟ



ପ୍ରଭାତ ନଳନୀ ସାହୁ


କେମିତି ବିଦାୟ ଦେବି ତୋତେ ମାଆ
ମନ ହେଉଛି ଅସ୍ଥିର,
ଦଶ ଦିନ ହେଲା ନିଜକୁ ଭୁଲିଛି
(ଆଜି )ନୟନୁ ନିଗିଡେ ନୀର।
ଆଜି ଏ ବିଦାୟ ବେଳାରେ ମାଆଲୋ
କି କହିବି ତୋତେ କହ,
ଭାବିଲାବେଳକୁ ବିଚଳିତ ଲାଗେ
ହୃଦୟରେ ଉଠେ କୋହ।
ତୋ ମୃଣ୍ମୟ ମୂର୍ତ୍ତି ବିସର୍ଜିବି ସିନା
ତୋତେ କି ପାରିବି ଭୁଲି,
ପ୍ରତି ମୁହୂର୍ତ୍ତରେ ତୋ ଦିବ୍ୟ ସତ୍ତାରେ
ଜୀବନ ଆସିଛି ଚାଲି।
ମାଟି ଦେହ ମାଟି ହୋଇଯିବ ସିନା
ରହିଛି ସଦା ତୋ ସତ୍ତା,
କୋଣ ଅନୁକୋଣେ ପ୍ରତି କ୍ଷଣେକ୍ଷଣେ
ଦେଖେ ତୋ ପ୍ରାଣମୟତା।

ଏଇ ଥାଟପାଟ ପଟୁଆର ଯେତେ
କେବଳ ବିଧାନ ସିନା,
ବୁଝି ବି ଅବୁଝା ହୁଏ ଆଜି ମନ
ତୋ ମୃଣ୍ମୟ ରୂପ ବିନା।
ତଥାପି ଯାଉଛୁ, ଯାଆଲୋ ମାଆ ତୁ
ଦୟା ରଖିବୁ ସଂସାରେ,
ତୋ କରୁଣା ବାରି ଢାଳୁଥିବୁ ସଦା
ରହି ଅଭୟ ମୁଦ୍ରାରେ।

ଛେଣ୍ଡ କଲୋନୀ,ରାଉରକେଲା

ଅକ୍ଟୋବର - ୨୦୨୨
www.vedantimagazine.com
ISSN NO.
2582-208X

# ଗୋଟିଏ ଋତୁର ଫସଲ



ବିନୟ ମହାପାତ୍ର

କଏ ଜାଣିଛି,
ମୁଁ କାଲି ଥିବି କି ନଥିବି,
କଏ ଜାଣିଛି କେହି ମୋତେ ଥରେ
ମନେ ପକେଇବ ଅବା ନାହିଁ,
ମୋ ପାଇଁ କାହା ଆଖିରୁ
ଲୁହ ଟୋପେ ବୋହି ଯିବ, ଅବା ନାହିଁ ।
କଣ ବା ବିଗିଡି ଯିବ
କେହି ଜଣେ ଚାଲି ଗଲେ
ଦୁନଆର କଛି କାମ ଅଟକ ଯିବନ,
ଆଗରୁ ଯେମିତି ଚାଲୁ ଥିଲା
ଦୁନଆରେ ସବୁ କଛି,
ଠିକ ଠାକ୍ ସେମିତି ଚାଲିବ
କାହା ବିନା କଛି ଅଚଳ ହେବନ ।
କେତେ ସହଜରେ ସତେ
ସବୁ କଛି ଭୁଲି ହୋଇ ଯାଏ
ଋତୁ ବଦଳେ ପତ୍ରଝଡା ପରେ,
ପୁଣି ଥରେ ସବୁଜିମା ଆସେ
ଉପବନେ କାନନେ କାନନେ
ନବପଲ୍ଲବେ ତରୁବର ହସେ ।

ISSN NO.
2582-208X

କେହି କେବେ ଦେଇ ଯାଏ,
ଝୁରିବାକୁ କେତେ ମିଠା ମିଠା ସ୍ମୃତି
ହୃଦୟରେ ଘର କରି କେହି କେବେ
ଭୁଲି ଯାଏ, ଭାଙ୍ଗି ଦିଏ ପ୍ରିତି ।
ଆଉ କଏ କେତେ ଲୁହ ଦେଇ ଯାଏ,
ଲୁହ ଟୋପେ ବୋହିବା ଆଗରୁ
ଦରଦୀ ହାତ ବଢାଇ
କେବେ ଜଣେ ଲୁହ ପୋଛି ନଏ ।
ହେଲେ ଏଇ ମଣିଷ ଜୀବନ
ଗୋଟିଏ ରୁତୁର ଫସଲ
ପତ୍ର ଥରେ ଝଡି ଗଲେ,
ଜୀବନ ଅଟକ ଯାଏ,
ନା' ଆଉ ପତ୍ର କଅଁଳେ
ନା' ଆଉ ଥରେ ଫୁଲ ଫୁଟେ,
ମୃତ୍ୟୁ ସାଥେ ଏ ଜୀବନ
ଅକସ୍ମାତ ସରି ଯାଏ ।

ପଟିଆ, ଭୁବନେଶ୍ୱର

ISSN NO.
2582-208X

# ଶପଥ



ଭାସ୍କର ଚନ୍ଦ୍ର ଖଣ୍ଡା

ସଂକଳ୍ପର ଜୁଆରରେ
ଉଠେ ଯେତେବେଳେ ବିଦ୍ରୋହର
ଉତ୍ତାଳ ତରଙ୍ଗ
ଢେଉ ସବୁ କୂଳରେ ଚୁମ୍ବନ ଦେଇ
ହୁଏ ଶାନ୍ତ
ଅଙ୍କୁରିତ ବୀଜଟି ସୂର୍ଯ୍ୟାଲୋକର
ପରଶ ପାଇ
ହୁଏ ଦୃଢ଼ମନା
ନଜର ବୃଦ୍ଧି ପାଇଁ
ପିତାମହ ଭୀଷ୍ମଙ୍କ ପରି
ନଏ ଦୃଢ଼ ସଂକଳ୍ପର 'ଶପଥ' ।୧।

ନଅନ୍ତା ପବନ ଯଦି ସେଇପରି
ଏକ ଦୃଢ଼ ଶପଥ
ନ କରିବାକୁ କାହାର କ୍ଷତି
ପ୍ରବାହିତ ହୁଅନ୍ତା ସଂଯତରେ
ବର୍ଷାର ବାରି ଯଦି
ନ ଭରନ୍ତା ଅହମିକା ନଦୀ ଗର୍ଭରେ

ISSN NO.
2582-208X

ଆକଣ୍ଠ ମଦୁର୍ ପାନ କରି
ମତୁଆଲ୍ ଯଦି
କରି ପାରୁଥାନ୍ତା ନିଜକୁ ନିୟନ୍ତ୍ରଣ  ।୨।

କେତେ ସବୁ ସମସ୍ୟାର ନିଦାନ ହୁଅନ୍ତା
ସୁସ୍ଥ ମଣିଷ ଏଠି
କରୁଛି ଭଂଗା ରୁଜା
ଆନ୍ଦୋଳନର ନାମ ଦେଇ
କରୁଛୁ ନଷ୍ଟ ଆମେ ଜାତୀୟ ସମ୍ପତ୍ତି
ପଚସ୍ତରୀ ବର୍ଷର ସ୍ୱାଧୀନତା
ହେବା ପରେ ଅତିବାହିତ
ଏହାହିଁ ଆମ ଜାତୀୟତା ବୋଧର ନଗ୍ନ ଚିତ୍ର  ।୩।

ନେବାକୁ ହେବ ଜୁଆରକୁ ଏକ
ଦୃଢ଼ ଶପଥ
କେତେ ସୁନ୍ଦର ବାଲିଘର
ଗଢ଼ିଛନ୍ତି ବେଳାଭୂମିରେ
ପ୍ରେମି ଯୁଗଳ
କାହିଁକି ଭାଂଗିବି ସେ ସ୍ୱପ୍ନକୁ
କରିପାରିବି ନାହିଁ ଯଦି କାହାର ଭଲ
ବାଛିବା ନାହିଁ ଦୁର୍ବୁଦ୍ଧିର ପଥ
ଗୁଞ୍ଜରିତ ହେଉ ଏଇ ଭାବନାର ସ୍ରୋତ
ନେବାକୁ ହେବ ସେଇ ଦୃଢ଼ 'ଶପଥ'  ।୪।

ଫ୍ଲାଟ୍ ନଂ ବି ୩୦୧, ଗୌରୀଶଙ୍କର ରେସିଡ଼େନ୍ସ
କେଶୁରା, ଭୁବନେଶ୍ୱର (ମୋ) ୯୪୫୫୭୧୭୫୦୭

ISSN NO.
2582-208X

# ପୌରାଣିକ ମିଥ୍‌ର ପୁନର୍ମୂଲ୍ୟାୟନ : ପରେଶ କୁମାର ପଟ୍ଟନାୟକଙ୍କ ଗଳ୍ପଜଗତ

ନିହାର ରଞ୍ଜନ ପାତ୍ର

ଓଡ଼ିଆ ସାହିତ୍ୟଜଗତରେ ମିଥ୍‌ର ପ୍ରୟୋଗ ବହୁ ପୂର୍ବର । ମାତ୍ର ସ୍ୱାଧୀନତା ପରବର୍ତ୍ତୀ କାଳରେ ହିଁ ମିଥ୍ ସଚେତନ ଧାରାର ବଶବର୍ତ୍ତୀ ହୋଇଛି ବୋଲି ଆଲୋଚକମାନେ ଗ୍ରହଣ କରିଥାନ୍ତି । ଜୀବନର ସମସ୍ତ ଜଟିଳତା ଓ ଅପ୍ରକାଶ୍ୟ ଭାବନାର ପରିପ୍ରକାଶ ନିମିତ୍ତ ମିଥ୍‌କୁ ଗଳ୍ପରେ ପ୍ରୟୋଗ କରିବାର କୌଶଳଟି ସୃଷ୍ଟି ହୋଇଛି । ଏହି ଧାରା କ୍ରମଶଃ ଭିନ୍ନ ଭିନ୍ନ ବ୍ୟକ୍ତିବିଶେଷଙ୍କ ଦ୍ୱାରା ବିଭିନ୍ନ ପ୍ରଣାଳୀରେ ପ୍ରୟୋଗ କରାଯାଇଥିବା ଲକ୍ଷଣୀୟ । ପ୍ରାଚୀନକାଳରେ ଏହାକୁ ଧର୍ମବିଶ୍ୱାସ ପ୍ରଣୋଦିତ ତଥା ସୃଷ୍ଟିର ରହସ୍ୟ ଉନ୍ମୋଚନଧର୍ମୀ କାହାଣୀ ରୂପେ ବିବେଚନା କରାଯାଇଥିଲା । **"a myth is one story in a Mythology – a system of hereditary stories of ancient origin which were once believed to be true by a particular cultural group … ." (A Glossary of Literary Terms – M.H. Abrams & Geoffrey Galt Harpham, Page-230)** କିନ୍ତୁ ଆଧୁନିକ କାଳରେ ମିଥ୍‌ର ପରିବ୍ୟାପ୍ତି ଏପରି ଘଟିଛି ଯେ ପୁରାତନ ସୃଷ୍ଟିର ଚରିତ୍ର ଅବା ବହୁ ପ୍ରସିଦ୍ଧ ସୃଷ୍ଟିର ଉପାଦାନ ମଧ୍ୟ ମିଥ୍‌ର ଅନ୍ତର୍ଭୁକ୍ତ । ତେଣୁ ଏହା କ୍ରମଶଃ ପରିବର୍ତ୍ତିତ ହୋଇଥିବା ଦର୍ଶନୀୟ। ଆଧୁନିକ ଜନମାନସ ସହ ସାମଞ୍ଜସ୍ୟ ରଖୁଥିବା ପୁରାଣ, ଇତିହାସ, ଲୋକଗଳ୍ପ ଏବଂ ଅତୀତର ବହୁ ପରିଚିତ କାଳ୍ପନିକ ତଥା ସାମାଜିକ ବିଷୟର ବିଭିନ୍ନ ଉପାଦାନକୁ ଭାବପ୍ରକାଶର ଏକ ସୂତ୍ର ଭାବେ ପ୍ରୟୋଗ କରାଯାଉଛି । ସାଂପ୍ରତିକ ଦୃଷ୍ଟିକୋଣରେ ଏହା ମିଥ୍ ରୂପେ ବିବେଚିତ । ସାଂପ୍ରତିକ ବିଷୟର ସ୍ୱରୂପ ନିର୍ଦ୍ଧାରଣ ଓ ଅତୀତର ସାମଞ୍ଜସ୍ୟକୁ ପରିପ୍ରକାଶ କରିବା ମିଥ୍‌ର ଏକ ମୂଳ ବିଶେଷତ୍ୱ ହେଲେ ମଧ୍ୟ ସାମ୍ପ୍ରତିକ ଦୃଷ୍ଟିକୋଣ ଦେଇ ମିଥ୍‌ର ପୁନର୍ବ୍ୟାଖ୍ୟା ବା ପୁନର୍ମୂଲ୍ୟାୟନ କରିବା ଲେଖକୀୟ ବୈଶିଷ୍ଟ୍ୟ ତଥା ସାମାଜିକ ଆବେଦନ ଭାବେ ଦଣ୍ଡାୟମାନ । ତେଣୁ ସ୍ୱାଧୀନତୋତ୍ତର କାଳରେ ଏପରି ଦୃଷ୍ଟିଭଙ୍ଗୀ ନେଇ କେତେକ ଗାଳ୍ପିକ ନିଜ ଗଳ୍ପାଭିବ୍ୟକ୍ତି ପ୍ରଦାନ କରିଛନ୍ତି ।

ISSN NO.
2582-208X

ଉତ୍ତର-ଅଶୀ କାଳଖଣ୍ଡକୁ ଏପରି ଧାରଣାର ସମୃଦ୍ଧି ଘଟିଛି । ଏହି କାଳରେ ମିଥ୍‌ର ପୁନର୍ମୂଲ୍ୟାୟନ କରିବା ଦିଗରେ ଯେଉଁମାନେ ଅଗ୍ରସର ହୋଇଥିଲେ ସେମାନଙ୍କ ମଧ୍ୟରେ ଗାଳ୍ପିକ ପରେଶ କୁମାର ପଟ୍ଟନାୟକ ଅନ୍ୟତମ । ତାଙ୍କ ଦ୍ୱାରା ରଚିତ ପୌରାଣିକ ଗଳ୍ପଗୁଡ଼ିକରେ କିପରି ମିଥ୍‌ର ପୁନର୍ମୂଲ୍ୟାୟନ ଘଟିଛି ତାହା ଉକ୍ତ ଆଲୋଚନାର ଅନ୍ତର୍ଭୁକ୍ତ ।

ଉତ୍ତର ଅଶୀ ଗଳ୍ପଧାରାରେ ଗଳ୍ପ ରଚନା କ୍ଷେତ୍ରରେ ପାଦ ଥାପିଥିବା ଏବଂ ଏକବିଂଶ ଶତାବ୍ଦୀର ପ୍ରାଥମିକ ପର୍ଯ୍ୟାୟରେ ଆଲୋଚନାର ପରିସରକୁ ଓହ୍ଲାଇଥିବା ଜଣେ ପ୍ରଥିତଯଶା ଗାଳ୍ପିକ ହେଉଛନ୍ତି ଶ୍ରୀଯୁକ୍ତ ପରେଶ କୁମାର ପଟ୍ଟନାୟକ । ନୂତନ ମୂଲ୍ୟବୋଧକୁ ନେଇ ଗଳ୍ପ ରଚନା କରିବା ଓ ଗଳ୍ପ ରଚନାରେ ସାବଲୀଳ ପ୍ରକାଶଭଙ୍ଗୀ ଅବଲମ୍ବନ କରିବା ତାଙ୍କ ଗଳ୍ପର ମୁଖ୍ୟ ବୈଶିଷ୍ଟ୍ୟ । ସାଂପ୍ରତିକ ଚିନ୍ତାମାନସକୁ ଗୁରୁତ୍ୱ ଦେଇ ତାଙ୍କ ଗଳ୍ପର ସୌଷ୍ଠବ ପରିଦୃଷ୍ଟ । ଓଡ଼ିଆ ଗଳ୍ପରେ ପରିଲକ୍ଷିତ ପ୍ରୟୋଗବାଦୀ ଧାରାରେ ସେ ନିଜର ପାରଦର୍ଶିତା ଦେଖାଇପାରିଛନ୍ତି । ଉତ୍ତର ଆଧୁନିକ ଚିନ୍ତା ଚେତନାରେ ସାମ୍ପ୍ରତିକ ଆବେଦନକୁ ଯୋଡ଼ି ସେ ଗଳ୍ପ ରଚନା କୌଶଳଟିକୁ ଅତ୍ୟନ୍ତ ବାସ୍ତବଧର୍ମୀ କରିପାରିଛନ୍ତି । ସେହିପରି ପୌରାଣିକ ଭିତ୍ତିଭୂମି ଉପରେ ସାଂପ୍ରତିକ ଚେତନାର ପ୍ରୟୋଗ କେତେକ ଗଳ୍ପକୁ ମିଥ୍‌ଧର୍ମୀ କରିବା ସହ ସେଥିରେ ନବୀନତାର ପ୍ରକାଶ ମଧ୍ୟ ଗଳ୍ପରେ ପରିଲକ୍ଷିତ ।ଆଲୋଚ୍ୟ ପ୍ରସଙ୍ଗରେ ସେହି ମିଥ୍‌ଧର୍ମୀ ଗଳ୍ପଗୁଡ଼ିକରେ ପ୍ରକାଶିତ ମିଥ୍‌ର ନୂତନ ମୂଲ୍ୟବୋଧ ତଥା ତା'ର ପୁନର୍ମୂଲ୍ୟାୟନକୁ ଅନ୍ତର୍ଭୁକ୍ତ କରାଗଲା ।

ଗାଳ୍ପିକଙ୍କ 'ଶ୍ରୀରାଧା ଓ ଅନ୍ୟମାନେ' ଗଳ୍ପ ସଂକଳନରେ ସ୍ଥାନିତ 'ଯଶୋଦା' ଗଳ୍ପଟି ଏକ ମିଥ୍‌ଧର୍ମୀ ଗଳ୍ପ । ଯେଉଁଥିରେ ମୂଳ କଥାବସ୍ତୁକୁ ଗଳ୍ପରୂପ ପ୍ରଦାନ କରିବାକୁ ଯାଇ ଗାଳ୍ପିକ କଥାବସ୍ତୁକୁ ଯଥାସମ୍ଭବ ସାଂପ୍ରତିକ ତଥା ଚରିତ୍ରମାନଙ୍କୁ ପାରୁପର୍ଯ୍ୟନ୍ତ ମାନବୀୟ କରିପାରିଛନ୍ତି । ପୌରାଣିକ ବିଷୟକୁ ଗଳ୍ପର କଥାଭାଗ ରୂପେ ପରିପ୍ରକାଶ କରିବା ସାଙ୍ଗକୁ 'ଯଶୋଦା' ଓ 'ଦେବକୀ' ଚରିତ୍ର ଭିତରେ ନାରୀ ମନସ୍ତତ୍ୱର ପ୍ରୟୋଗ ଗଳ୍ପକୁ ସାଂପ୍ରତିକ ରୂପ ପ୍ରଦାନ କରିଛି । ଗୋଟେପଟେ କୃଷ୍ଣଙ୍କୁ ମଥୁରା ଯିବାରୁ ବାଚ୍ଛନ୍ଦ କରିବା ନିମିତ୍ତ ଯଶୋଦା ନନ୍ଦଙ୍କୁ ବହୁ କୁମନ୍ତ୍ରଣା ଦେଇଛନ୍ତି । ଅନ୍ୟପଟେ ଗୋଟିଏ ନାରୀ ନିଜର ପରିବାର ଉପରେ ଆଉ ଏକ ନାରୀର ହସ୍ତକ୍ଷେପକୁ କିପରି ସହ୍ୟ କରିପାରେ ନାହିଁ ତାହା ଦେଖିବାକୁ ମିଳେ ଦେବକୀ ଚରିତ୍ର ଦେଇ । ପୁନଶ୍ଚ ଦୁଇ ମାତାଙ୍କ ଅହମିକା ଓ ସ୍ୱାଭିମାନ ଭିତରେ ଛନ୍ଦି ହୋଇ ଶ୍ରୀକୃଷ୍ଣଙ୍କ ଭିତରେ ଯେଉଁ ଅନ୍ତର୍ଦ୍ୱନ୍ଦ୍ୱ ପ୍ରତିଫଳିତ ତାହା ଦର୍ଶାଯାଇଛି । ଯାହାଙ୍କୁ

ISSN NO.
2582-208X

ପୁରାଣରେ ସର୍ବନିୟନ୍ତା, ସର୍ବକର୍ତ୍ତା ତଥା ଇଚ୍ଛାମୟ ଭାବରେ ବିବେଚନା କରାଯାଏ, ସେ ଏଠାରେ ମାନବୀୟ ଦ୍ୱନ୍ଦ୍ୱ, ସଂଘାତ ଭିତରେ ବାରମ୍ବାର ପ୍ରଦର୍ଶିତ । ତେଣୁ 'ଯଶୋଦା', 'ଦେବକୀ' ଓ 'କୃଷ୍ଣ' ଚରିତ୍ର ଭିତରେ ସାଧାରଣ ମାନବୀୟ ମୂଲ୍ୟର ପ୍ରତିଫଳନ ଘଟାଇ ଗାଳ୍ପିକ ସେହି ପୌରାଣିକ କଥାବସ୍ତୁଟିକୁ ସାମ୍ପ୍ରତିକ କରିବାରେ ସଫଳ । ଏଥିସହିତ ଦେବକୀ ଓ ଯଶୋଦା ଚରିତ୍ର ନିଜ ସନ୍ତାନର ସ୍ନେହମମତାରେ ଅନ୍ଧହୋଇ ନାରୀ କିପରି ସ୍ଖଳିତ ଚେତନାର ବଶବର୍ତ୍ତୀ ହୁଏ ତାହା ଦେଖାଇ ଦେଇ ଗଳ୍ପଟିକୁ ନୂତନ ମୂଲ୍ୟ ପ୍ରଦାନ କରିଛନ୍ତି ।

ପୌରାଣିକ ବିଷୟ ତଥା ଚରିତ୍ରକୁ ମିଥ୍ ରୂପେ ପ୍ରୟୋଗ କରି ନିଜ ଗଳ୍ପକୁ ଯେତିକି ଆକର୍ଷଣୀୟ କରିଛନ୍ତି ସେଥିରେ ସାଂପ୍ରତିକ ବିଚାର ଓ ଚିନ୍ତାଚେତନାର ପ୍ରଲେପ ଦେଇ ଗଳ୍ପକୁ ସେତିକି ସୁଷମାମଣ୍ଡିତ କରିପାରିଛନ୍ତି ଗାଳ୍ପିକ । 'ଯଶୋଦା' ଗଳ୍ପରେ ରୂପାୟିତ 'ଦେବକୀ' ଚରିତ୍ରଟିର ଏକ ଉତ୍ତରିତ ରୂପ ଦେଖିବାକୁ ମିଳେ 'ଭଦ୍ରା' ଗଳ୍ପରେ । 'ଯଶୋଦା' ଗଳ୍ପରେ ଦେବକୀଙ୍କ ଈର୍ଷାଳୁ ମନୋବୃତ୍ତି ପୁତ୍ର କୃଷ୍ଣଙ୍କୁ ବଂଶୀ ବଜାଇବାରେ ବାରଣ କରିଛି। ଯଥା- "ଦେବକୀ ମଧ୍ୟ କୃଷ୍ଣଙ୍କଠାରୁ ଶପଥ କରାଇ ନେଇଥିଲେ ଯେ ସେ ଆଉ ବଂଶୀ ଧରିବେ ନାହିଁ କିମ୍ବା ଗୋପପୁରୀକୁ ଯିବେ ନାହିଁ ।" (ଯଶୋଦା) ମାତ୍ର 'ଭଦ୍ରା' ଗଳ୍ପରେ ଦେବକୀ ଜଣେ ମାତୃସୁଲଭ ଚରିତ୍ର ରୂପେ ପ୍ରତୀକିତ । 'ଭଦ୍ରା' ଗଳ୍ପରେ ଦେବକୀଙ୍କ ଉକ୍ତିରୁ ଏହା ସ୍ପଷ୍ଟ । ଯଥା- "ଦେବକୀ ପଚାରିଲେ; ତୁମେ ଆଉ ବଂଶୀ ବଜାଇବାର ଦେଖାଯାଉ ନାହିଁ ତ? ଶୁଣିଥିଲି ଗୋପରେ ଥିବାବେଳେ ତୁମେ ଖୁବ୍ ବଂଶୀ ବଜାଉଥିଲ! କେବେ ବଂଶୀ ବଜାଇ ଆମକୁ ଶୁଣାଅ ତ?"(ଭଦ୍ରା) ତତ୍‌ସହିତ ଭଦ୍ରା ପରି ଏକ କାଳ୍ପନିକ ଚରିତ୍ରକୁ ମିଥ୍ କଥାବସ୍ତୁର ପ୍ରେକ୍ଷାଭୂମିରେ ସଂରଚନା କରି କୃଷ୍ଣଙ୍କ ପ୍ରତି ଏକ ଭିନ୍ନ ଦୃଷ୍ଟିକୋଣର ଉପସ୍ଥାପନ କରିଛନ୍ତି ଗାଳ୍ପିକ । ସାମାଜିକ କ୍ଷେତ୍ରରେ ଘଟୁଥିବା ପ୍ରେମର ବୈଚିତ୍ର୍ୟକୁ ଭିନ୍ନ ଦୃଷ୍ଟିକୋଣରୁ ଶ୍ରୀକୃଷ୍ଣଙ୍କ ଉପରେ ଆରୋପ କରିଛି ଭଦ୍ରା । ସମାଜରେ ବିବାହିତ ନାରୀକୁ ପରକୀୟା ପ୍ରେମରେ ନିମଜ୍ଜିତ କରିବାରେ କୌଣସି ପ୍ରକାର ଭୟ ନଥାଏ ଅବିବାହିତ ପୁରୁଷର । ଏପରି ପ୍ରେମକୁ ସେ ଅତି ସହଜରେ ଗ୍ରହଣ କରିବା ସହ ସେଥିରୁ ଅତି ସହଜରେ ମୁକୁଳିଯାଇପାରେ ମଧ୍ୟ । ତେଣୁ କୃଷ୍ଣ, ଭଦ୍ରାଙ୍କ ଦୃଷ୍ଟିରେ ସେପରି ଜଣେ ଅବିବାହିତ ପୁରୁଷ । ଯିଏ ଗୋପପୁରରେ କେବଳ ବିବାହିତ ନାରୀଙ୍କୁ ପ୍ରେମ କରିଛନ୍ତି ଓ ପରେ ମଥୁରାରେ ରାଜା ହେବା ଲୋଭରେ ଅତି ସହଜରେ ସେମାନଙ୍କୁ ପରିତ୍ୟାଗ ମଧ୍ୟ

ISSN NO.
2582-208X

କରିଛନ୍ତି । ପୁଣି ଶ୍ରୀକୃଷ୍ଣଙ୍କ ଏପରି ମନୋଭାବ ଦେଖି ଭଦ୍ରା ଜଣେ ଅପଦାର୍ଥକୁ (ପଙ୍ଗୁ) ବିବାହ କରି କୃଷ୍ଣଙ୍କୁ ପାଇବାର ଆଶାପୋଷଣ କରିଛି । ମାତ୍ର ସେ ରାଜା ଶ୍ରୀକୃଷ୍ଣଙ୍କ ଅଗ୍ରାହ୍ୟ ହେବାପରେ ଅସହାୟ ହୋଇ ମୃତ୍ୟୁପଥକୁ ବାଛି ନେଇଛି । ଏପରି ଏକ ଅସହାୟ ନାରୀର ସାଂପ୍ରତିକ ବିଚାରଧାରା ଏଠାରେ ପ୍ରତିଫଳିତ । ମିଥ୍ କାହାଣୀକୁ ସାମାଜିକ, ମନସ୍ତାତ୍ତ୍ୱିକ ଓ ଲୌକିକ ଧାରାରେ ପୁନର୍ମୂଲ୍ୟାୟନ କରିଛନ୍ତି ଗାଳ୍ପିକ ପଟ୍ଟନାୟକ ।

ନାରୀ ମନସ୍ତତ୍ତ୍ୱର ଉଦଗ୍ର ଚିତ୍ର 'ଦେବକୀ' ଗଳ୍ପରେ ରୂପାୟିତ । ସାଂପ୍ରତିକ ଅହଂକାରୀ ଓ ଈର୍ଷାଳୁ ତଥା ବାଦ ବିବାଦୀୟ ନାରୀର ପ୍ରତିନିଧି ହେଉଛନ୍ତି 'ଦେବକୀ' । ତେଣୁ ସେ ନିଜ ପୁତ୍ର କୃଷ୍ଣଙ୍କୁ ତାଙ୍କ ପାଳିତ ମାତା ଯଶୋଦାଙ୍କଠାରୁ ଦୂରେଇ ରଖିବାର ସମସ୍ତ ପ୍ରୟାସ କରିଛନ୍ତି । ପୁନଶ୍ଚ ପୁତ୍ର ବିଚ୍ଛେଦରେ ବାତୁଳପ୍ରାୟ ମାତା ଯଶୋଦାଙ୍କ ସ୍ଥିତି, କୃଷ୍ଣଙ୍କ ପ୍ରତି ଥିବା ଆତ୍ମୀୟତାର ଅଭିମାନ ତଥା ବୃଦ୍ଧାବସ୍ଥାରେ ସ୍ତନ୍ୟପାନ କରାଇବାର ଅଭିପ୍ରାୟ ତାଙ୍କୁ ଜଣେ ସାଧାରଣ, ମାନବୀୟ ପ୍ରକୃତିଧାରୀ ସ୍ନେହୀ ନାରୀ ରୂପରେ ଉପସ୍ଥାପନ କରାଇଛି । ପୁଣି ଅତୀତ ପ୍ରବଣତା ତଥା ନଷ୍ଟାଲଜିଆ ଭାବଧାରାର ପ୍ରୟୋଗ କରି କୃଷ୍ଣଙ୍କ ଚରିତ୍ରଟିକୁ ଯଥାସମ୍ଭବ ସାଂପ୍ରତିକ ମୂଲ୍ୟ ପ୍ରଦାନ କରାଯାଇଛି । ଅଲୌକିକ ଚରିତ୍ର ଓ ମହନୀୟ ମାତୃ ହୃଦୟରେ ସାଂପ୍ରତିକ ଜନମାନସର ଚେତନା କୈନ୍ଦ୍ରିକ ରୂପ ପ୍ରଦାନ କରି ମିଥ୍ କାହାଣୀ ଓ ଚରିତ୍ରମାନଙ୍କୁ ନବମୂଲ୍ୟ ପ୍ରଦାନ କରାଯାଇଛି ଉକ୍ତ ଗଳ୍ପରେ । ପୁରାଣ କଥାବସ୍ତୁରେ ସାମ୍ପ୍ରତିକ ସାମାଜିକ ମୂଲ୍ୟର ପ୍ରୟୋଗ ମିଥ୍ ଚେତନାକୁ ପୁନର୍ମୂଲ୍ୟାୟନ କରିଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ଲୌକିକ ଓ ଅଲୌକିକତାର ମିଶ୍ରଣରେ ରଚିତ ମିଥ୍‌ଧର୍ମୀ ଗଳ୍ପ ହେଉଛି 'ରାଧା' । ପୌରାଣିକ ରହସ୍ୟର ସମାବେଶ ସାଙ୍ଗକୁ ଚନ୍ଦ୍ରସେଣା ଓ ରାଧାଙ୍କର ମାନବୀୟ ଚେତନା ଗଳ୍ପଟିକୁ ସଂପୂର୍ଣ୍ଣ ରୂପେ କରିପାରିଛି ସାମାଜିକ । ରାଧା ଓ ଚନ୍ଦ୍ରସେଣାକୁ ଏକ ଅଭାବୀ ପରିବେଶରେ ଦଣ୍ଡାୟମାନ କରାଇଛନ୍ତି ଗାଳ୍ପିକ । ରାଧାଙ୍କ ଚରିତ୍ର ଦେଇ ଜଣେ ନାରୀର ଇପ୍ସିତ ପୁରୁଷ ପ୍ରତି ଥିବା ସ୍ୱାଭିମାନ ଓ ଅଭିମାନର କଥା କୁହାଯାଇଛି । ପୁଣି ଆଉ ଗୋଟେପଟେ ସ୍ୱାମୀ ପ୍ରତି ସମ୍ମାନ, ଶ୍ରଦ୍ଧା ରଖିଥିବା ଜଣେ ନାରୀକୁ ସଦ୍‌ଚରିତ୍ର ରୂପେ ଚିତ୍ରଣ କରାଯାଇଛି । ମାତ୍ର ଲୋକ ଅପବାଦରେ ରାଧାଙ୍କ କଳଙ୍କିତ ଚିତ୍ର କିପରି ଚନ୍ଦ୍ରସେଣାଙ୍କୁ ସନ୍ଦିହାନ କରିଛି ତାହା ଦର୍ଶାଯାଇଛି । ଚନ୍ଦ୍ରସେଣାଙ୍କ ପ୍ରଶ୍ନରେ କୃଷ୍ଣଙ୍କୁ ନେଇ ରାଧାଙ୍କର ନୀରବତା ପ୍ରକାଶିତ । ତାହା ଯେପରି କୃଷ୍ଣଙ୍କ ପ୍ରତି ଥିବା ମନୋଭାବକୁ ପ୍ରକାଶ

ISSN NO.
2582-208X

କରୁଛି, ସେହିପରି ସ୍ୱାମୀଙ୍କ ପ୍ରତ୍ୟେକ କଥାକୁ ସମ୍ମାନ ଦେଇ ଘରୁ ନ ବାହାରିଥିବା ରାଧା ମଧ୍ୟ ପତିବ୍ରତାର ପରିଚୟ ଦେଇଛନ୍ତି । ପୁଣି ଅନ୍ୟପଟେ ପୁରାଣରେ ଚନ୍ଦ୍ରସେଣା ନପୁଂସକ ଭାବେ ଚିତ୍ରିତ ହୋଇଥିବାବେଳେ 'ରାଧା' ଗଳ୍ପର ଚନ୍ଦ୍ରସେଣା ଲୋକ ଅପବାଦ ଓ ମାନସିକ ଦୁଃଶ୍ଚିନ୍ତା ଦ୍ୱାରା ରାଧାଙ୍କ ସହିତ ଶାରୀରିକ ସଂପର୍କ ରଖିବାରେ ଅସମର୍ଥ ହୋଇଛି। "ସେହିସବୁ ଦିନମାନଙ୍କରେ ଚନ୍ଦ୍ରସେଣାଙ୍କର ରାଧାଙ୍କ ସହିତ କୌଣସି ଶାରୀରିକ ସଂପର୍କ ରହିପାରିନଥିଲା । ତା'ର କାରଣ ସମ୍ଭବତଃ ଚନ୍ଦ୍ରସେଣାଙ୍କର ମାନସିକ ବିପର୍ଯ୍ୟୟ ।"(ରାଧା) ତତ୍‌ସହିତ ବହୁ ସାଂପ୍ରତିକ ସମସ୍ୟାର ଉପସ୍ଥିତି ଯଥା- ମଥୁରାରୁ ରାଜଧାନୀର ସ୍ଥାନାନ୍ତର ଯୋଗୁଁ ଗୋପପୁରବାସୀ ଜୀବିକା ହରାଇବା, ଆବଶ୍ୟକତା ପୂରଣ ନିମିତ୍ତ ସ୍ଥାନାନ୍ତରିତ ହେବା ବା ବିସ୍ଥାପିତ ହେବା, ସମାଜରେ ଲୋକନିନ୍ଦାକୁ ଗୁରୁତ୍ୱ ଇତ୍ୟାଦି ଗଳ୍ପକୁ ସାଂପ୍ରତିକ ମୂଲ୍ୟ ଦେବାରେ ଯଥେଷ୍ଟ ସହାୟକ ହୋଇଛି ।

ମୂଲ୍ୟବୋଧ ଓ ଆବଶ୍ୟକତାର ପ୍ରତିଦ୍ୱନ୍ଦ୍ୱିତା ଭିତରେ ମିଥ୍ ମୂଲ୍ୟର ନୂତନ ରୂପ ଦେଖିବାକୁ ମିଳେ 'ସୁକନ୍ୟା' ଗଳ୍ପରେ । ସମାଜର ଅହିତ ସାଧନରୁ ରକ୍ଷା କରିବା ନିମିତ୍ତ ପିତାର ମାନସିକ ପରିବର୍ତ୍ତନ ଗଳ୍ପଟିର ମୂଳ ଆଲେଖ୍ୟ । ଶ୍ରୀକୃଷ୍ଣଙ୍କ ଚରିତ୍ର ଭିତରେ ସମାଜକୁ କ୍ଷତିସାଧନ ତଥା ନିଜ ପିଲାଙ୍କ ଆଧିପତ୍ୟରୁ ରକ୍ଷା କରିବା ନିମିତ୍ତ ସମସ୍ତ ପୁତ୍ରଙ୍କୁ ବିନାଶ କରିଦେବାର ଅଭିଳାଷ ହିଁ ତାଙ୍କୁ ଯେତିକି ସାମାଜିକ କରିପାରିଛି, ଦାରୁକର ଯୁକ୍ତିରେ ତରଳି ଯାଇ ଦ୍ୱାରକାର ଶିଶୁ, ବୃଦ୍ଧ ଓ ନାରୀମାନଙ୍କୁ ରକ୍ଷା କରିବା ପାଇଁ ସେତିକି ମାନବୀୟ ସମ୍ବେଦନଶୀଳ ବ୍ୟାକୁଳତା ମଧ୍ୟ ପ୍ରକାଶ ପାଇଛି । ତତ୍‌ସହିତ କୃଷ୍ଣଙ୍କ ପାଟରାଣୀମାନଙ୍କ ମନୋଜଗତ ଦେଇ ଆଧୁନିକ ନାରୀର କାମନା, ବାସନା ଓ ମୁକ୍ତିର କଥା କୁହାଯାଇଛି । ପୌରାଣିକ ନାରୀ, ମୂଲ୍ୟବୋଧକୁ ଗୁରୁତ୍ୱ ଦେଉଥିବାସ୍ଥଳେ, ଆଧୁନିକ ନାରୀ ଜୀବନ ବଞ୍ଚିବା ଓ ଆବଶ୍ୟକତା ପୂରଣ କରିବାକୁ ଯଥେଷ୍ଟ ଗୁରୁତ୍ୱ ଦେଉଛି । ଏହାହିଁ ଏହି ଗଳ୍ପରୁ ସ୍ପଷ୍ଟ ହୁଏ ଅର୍ଜୁନ ଓ କୃଷ୍ଣଙ୍କ ରାଣୀମାନଙ୍କ କଥୋପକଥନ ଦେଇ-

- "ନାରୀ ସବୁ ସ୍ଥାନରେ ରହିପାରେ ।
- ଆପଣ କଣ ପୁନର୍ବିବାହ କରିବେ ?
- କରିପାରୁ!
- କିନ୍ତୁ ଆପଣ ଯେ ଦିନେ ଶ୍ରୀକୃଷ୍ଣଙ୍କ ଧର୍ମପତ୍ନୀ ଥିଲେ ।

ISSN NO.
2582-208X

– ଷୋଳ ସହସ୍ର ପତ୍ନୀଙ୍କ ଭିତରେ ଜଣେ ହୋଇ ରହିବାରେ କି ପତ୍ନୀତ୍ୱ ଥାଏ ?

x x x x x x

– କେବଳ ପ୍ରାଚୁର୍ଯ୍ୟ ନାରୀର କାମ୍ୟ ନୁହେଁ ।

x x x x x x

– ଆପଣଙ୍କୁ ବେଶ୍ୟାଳୟରେ ବିକ୍ରୟ କରିଦେଇପାରନ୍ତି ।

– ତାହା ମଧ୍ୟ ଗ୍ରହଣୀୟ ।

– ମୁଁ ପ୍ରକୃତରେ କିଛି ବୁଝିପାରୁନାହିଁ । ଆପଣମାନେ ଚାହାନ୍ତି କ'ଣ ?

– ଆମେ ଚାହୁଁ ଜୀବନ! କେବଳ ଜୀବନ!

(ସୁକନ୍ୟା)

ସମାଜରେ ପୁରୁଷ ଅପେକ୍ଷା ନାରୀ ବହୁ ବନ୍ଧନରେ ଆବଦ୍ଧ । ଏପରି ଏକ ନାରୀବାଦୀ ସ୍ଥିତାବସ୍ଥାକୁ ଗାଳ୍ପିକ ଜଣେ ପୁରୁଷ ହୋଇ ମଧ୍ୟ ଉକ୍ତ ଗଳ୍ପରେ ସ୍ଥାନ ଦେଇଛନ୍ତି । ଯାହା ଗାଳ୍ପିକଙ୍କ ସଂଳାପରୁ ସ୍ପଷ୍ଟ ବାରିହୁଏ । ଗାଳ୍ପିକଙ୍କ ଭାଷାରେ – "ଏହି ସଂସାରରେ ସମସ୍ତ ପ୍ରାଣୀ ସ୍ୱାଧୀନ ଭାବରେ ବଞ୍ଚିବାକୁ ଚାହାଁନ୍ତି । କିନ୍ତୁ ସୁସ୍ଥ ସମାଜ ପାଇଁ ମଣିଷ ଅନେକଗୁଡ଼ିଏ ଶୃଙ୍ଖଳା ତିଆରି କରିଛି । ତା' ମଧ୍ୟରୁ ସବୁଠୁ ବେଶୀ ଶୃଙ୍ଖଳା ଖଞ୍ଜା ହୋଇରହିଛି ନାରୀ ପାଇଁ । ଏହିସବୁ ଶୃଙ୍ଖଳାର ଶୃଙ୍ଖଳରୁ ନାରୀ ମୁକ୍ତି ଚାହେଁ।"(ସୁକନ୍ୟା) ନାରୀବାଦର ଏପରି ସାଂପ୍ରତିକ ଭାବବୋଧକୁ ସ୍ଥାନଦେଇ ଗଳ୍ପର ଆଭିମୁଖ୍ୟ ପ୍ରକାଶିତ ହେବା ଭିତରେ ମଧ୍ୟ ସଂପ୍ରତି ଯେ ମୂଲ୍ୟବୋଧର ପ୍ରତିଷ୍ଠା ରହିଛି ତାହା 'ସୁକନ୍ୟା' ପରି ଏକ କାଳ୍ପନିକ ଚରିତ୍ରରୁ ସୁସ୍ପଷ୍ଟ ।

ସେହିପରି ଗାଳ୍ପିକ ପଟ୍ଟନାୟକଙ୍କ ଦ୍ରୌପଦୀ ଗଳ୍ପରେ ନାରୀବାଦୀ ଚିନ୍ତାଧାରା ଓ ସାଂପ୍ରତିକ ନାରୀର ଅସହାୟ, ଦୁର୍ବଳ ଚେତନା ଭିତରେ ନବମୂଲ୍ୟ ପ୍ରଦାନ କରିଛନ୍ତି । ସାଂପ୍ରତିକ ଚେତନାର ଆରୋପଣରେ ମିଥ୍ ବିଷୟଟି ହୋଇଛି ଆରୋପିତ । ପୁରାଣର ଦ୍ରୌପଦୀ ମୂଲ୍ୟବୋଧର ତାଡ଼ନାରେ ପତିବ୍ରତା ଗୁଣକୁ ଆଦରି ନେଇଛି । ମାତ୍ର ସାଂପ୍ରତିକ କାଳର ନାରୀ ସମାଜ ତଥା ସମ୍ବିଧାନ ସ୍ୱୀକୃତ ସାମ୍ୟବାଦୀ ଦୃଷ୍ଟିଭଙ୍ଗୀ ଜ୍ଞାପନ କରୁଛି । ଏପରି ଭାବନାର ପରିପ୍ରକାଶ ଘଟିଛି 'ଦ୍ରୌପଦୀ' ଚରିତ୍ର ଦେଇ । ଦ୍ରୌପଦୀ ମିଥ୍‌ର କଥାଭାଗରେ

ISSN NO.
2582-208X

ନାରୀର ଯୁକ୍ତିଶୀଳ ଚିନ୍ତାଧାରାର ପ୍ରକାଶ ଘଟିଛି । କିପରି ନାରୀଟିଏ ବିଭିନ୍ନ କାରଣରୁ ନିଜ ଆତ୍ମୀୟମାନଙ୍କ ଦ୍ୱାରା ଅସହାୟ ହେବା ପରେ ଆତ୍ମହତ୍ୟା ଭଳି ଏକ ଘୃଣ୍ୟବାଟ ବାଛିନେଉଛି ତାହା ଦ୍ରୌପଦୀ ଚରିତ୍ର ଭିତରେ ପ୍ରତିଫଳିତ । ପୌରାଣିକ ମିଥ୍‌ରେ ଆଧୁନିକ ଉତ୍ତର-ଅଶୀ ଚେତନାର ପ୍ରୟୋଗ ଗଳ୍ପରେ ଏକ ନବ୍ୟ ଦୃଷ୍ଟିଭଙ୍ଗୀ ପ୍ରକାଶ କରିଛି ।

'ହୃଦୟହୀନ' ସଂକଳନର 'ଜାପାନୀ ଗଳ୍ପ ଓ ଶ୍ରୀରାଧା' ଗଳ୍ପରେ ଗାଳ୍ପିକ ମିଥ୍ ପ୍ରୟୋଗ ଜରିଆରେ ସଭ୍ୟତା ତଥା ସାମାଜିକ ମନୋଜଗତର ପରିବର୍ତ୍ତନକୁ ଦର୍ଶାଇଛନ୍ତି । ପ୍ରତ୍ୟେକ ସମୟରେ ଏକ ନିର୍ଦ୍ଦିଷ୍ଟ ମୂଲ୍ୟବୋଧରୂପୀ ମାନଦଣ୍ଡ ରହିଥାଏ । ଏପରି ମୂଲ୍ୟବୋଧ ଭିତରେ ମଣିଷ ନିଜକୁ ଖୋଜିବାକୁ ଚେଷ୍ଟା କରେ । ସେଥିପାଇଁ ଅନେକ ଯୁକ୍ତି ମଧ୍ୟ ନିଜ ସପକ୍ଷରେ ଗଢ଼ିତୋଳେ । ଯେପରି ଗଳ୍ପନାୟିକା ରାଗିଣୀ, ଗଳ୍ପନାୟକର କଥାରେ ବିବାହ ପୂର୍ବରୁ ଶାରୀରିକ ସଂପର୍କକୁ ଗ୍ରହଣ କରିପାରିନଥିଲା । ମାତ୍ର ବୈବାହିକ ଜୀବନରେ ସେଥିରୁ ବଞ୍ଚିତ ହେବାରୁ ନିଜ ପ୍ରେମିକକୁ ଡାକି ତା' ସହ ସବୁ ପ୍ରକାର ସଂପର୍କ ରଖିବା ପାଇଁ ଇଚ୍ଛା ପ୍ରକାଶ କରିଛି । ଏହି ମୂଲ୍ୟବୋଧର ପରିବର୍ତ୍ତନକୁ ପୌରାଣିକ ରାଧାକୃଷ୍ଣଙ୍କ ମିଥ୍ ଜରିଆରେ ବଳିଷ୍ଠ କରାଯାଇଛି । ଯେଉଁ କୃଷ୍ଣ ଓ ରାଧାଙ୍କ ସଂପର୍କକୁ ତତ୍‌କାଳୀନ ସମାଜ ନିନ୍ଦା ଦୃଷ୍ଟିରେ ଦେଖିଥିଲା; ମାତ୍ର ଶ୍ରୀକୃଷ୍ଣ ବିବାହ ପରେ ରାଧାଙ୍କ ସହ ମିଶିପାରି ନଥିଲେ; କିନ୍ତୁ ଅଷ୍ଟପାଟବଂଶୀ ରାଣୀମାନଙ୍କ ମନରେ ରାଧାଙ୍କ ପ୍ରତି ବିଦ୍ରୋହଭାବ ଆସୁଥିଲା । ମାତ୍ର ପ୍ରେମକୁ ଶୀର୍ଷସ୍ଥାନ ଦେଇ ଆଜି ଆମ ସମାଜରେ ଶ୍ରୀକୃଷ୍ଣଙ୍କ ପାଖରେ ରାଧାଙ୍କୁ ହିଁ ପୂଜା କରାଯାଉଛି । ଏପରି ସାମାଜିକ ମୂଲ୍ୟବୋଧର ପରିବର୍ତ୍ତନକୁ ମିଥ୍ ଚରିତ୍ର ରାଧା ଓ କୃଷ୍ଣଙ୍କ ଆଧାରରେ ପ୍ରକାଶ କରାଯାଇଛି ।

ବର୍ଣ୍ଣନା ବିନ୍ୟାସ ଦୃଷ୍ଟିରୁ ଗାଳ୍ପିକ ଯଥେଷ୍ଟ ସଚେତନ । ଗଳ୍ପଗୁଡ଼ିକର କଥାବସ୍ତୁ ପୌରାଣିକ ଭିତ୍ତଭୂମିକୁ କେନ୍ଦ୍ରକରି ଗଢ଼ିଉଠିଥିଲେ ମଧ୍ୟ କଳ୍ପନା ପ୍ରବଣତା ସେଗୁଡ଼ିକୁ ସ୍ୱତନ୍ତ୍ର କରିପାରିଛି । ମିଥ୍‌ର ପ୍ରୟୋଗ ହିଁ ଗଳ୍ପର କେନ୍ଦ୍ରବିନ୍ଦୁ ସାଜିଛି । ସମକାଳୀନ ଚିନ୍ତା ଚେତନାର ପ୍ରୟୋଗ ଗଳ୍ପକୁ ଯେତିକି ବସ୍ତୁବଧର୍ମୀ କରିଛି, ପୌରାଣିକ ଚରିତ୍ରର ପ୍ରୟୋଗରେ ତାହା ହୋଇଛି ସେତିକି ବିଶ୍ୱାସଯୋଗ୍ୟ । ମିଥ୍‌ର ପୁନର୍ମୂଲ୍ୟାୟନ କ୍ଷେତ୍ରରେ ଶ୍ରୀଯୁକ୍ତ ପଟ୍ଟନାୟକ ନାରୀ ଚରିତ୍ରଙ୍କୁ ବିଶେଷ ଗୁରୁତ୍ୱ ଆରୋପ କରିବା ସହ ନାରୀ ଭାବାପର୍ଣ୍ଣ ବିଭିନ୍ନ ଚିନ୍ତା ଚେତନାକୁ ଶୀର୍ଷସ୍ଥାନ ପ୍ରଦାନ କରିଛନ୍ତି । ଏପ୍ରକାର ଗଳ୍ପର

ISSN NO.
2582-208X

ଅଭିବ୍ୟକ୍ତିକୁ ବିଚାର କଲେ ନିଃସନ୍ଦେହରେ କୁହାଯାଇପାରେ ଗାଳ୍ପିକ ନାରୀବାଦୀ ଚିନ୍ତାଧାରାର ଜଣେ ସୁଯୋଗ୍ୟ ପୃଷ୍ଠପୋଷକ । ଭାଷା ପ୍ରୟୋଗରେ ସାରଳତା, ସାବଲୀଳ ଶୈଳୀ, ଉଦ୍‌ବେଗ ସୃଷ୍ଟିକାରୀ ବର୍ଣ୍ଣନା ସାଙ୍ଗକୁ ସଂଳାପ ଧର୍ମିତା ଗଳ୍ପର ଗଢ଼ଣକୁ ଯଥାର୍ଥ କରିପାରିଛି । ଗଳ୍ପର ଉଭୟ ଆଙ୍ଗିକ ଓ ଆତ୍ମିକକୁ ଦୃଷ୍ଟିରେ ରଖି ମିଥ୍‌ର ପ୍ରୟୋଗ ଓ ତା'ର ପୁନର୍ମୂଲ୍ୟାୟନ କରିବା ଦିଗରେ ଗାଳ୍ପିକ ଯେ ସଫଳ କହିବା ସମୀଚୀନ ।

## ସହାୟକ ଗ୍ରନ୍ଥସୂଚୀ

୧. ଦାଶ, ସୁରେଶ ଚନ୍ଦ୍ର: ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପ ପ୍ରସଙ୍ଗ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, କଟକ-୨, ପ୍ରଥମ ପ୍ରକାଶ, ୨୦୧୮ ।

୨. ପରିଡ଼ା, ପ୍ରକାଶ କୁମାର: କଥା କଥାଗ୍ରନ୍ଥ କଥାକାର, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ-୨, ପ୍ରଥମ ପ୍ରକାଶ, ୧୯୯୫ ।

୩. ପାଢ଼ୀ, ଡ. ବେଣୁଧର : ସାହିତ୍ୟ ତତ୍ତ୍ୱ ପ୍ରାଚ୍ୟ ପାଶ୍ଚାତ୍ୟ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, କଟକ-୨, ପ୍ରଥମ ପ୍ରକାଶ, ୨୦୧୮ ।

୪. ମିଶ୍ର, ଗିରୀଶ ଚନ୍ଦ୍ର : ଆଧୁନିକ ଓଡ଼ିଆ କବିତା ଓ ମିଥ୍ ପ୍ରସଙ୍ଗ, ଆର୍ଯ୍ୟ ପ୍ରକାଶନ, କଟକ-୨, ଦ୍ୱିତୀୟ ସଂସ୍କରଣ, ୨୦୧୨ ।

୫. ରାୟ, ମାଳବିକା : ମିଥ୍ ଓ ଆଧୁନିକ ଓଡ଼ିଆ କବିତା, ଅଗ୍ରଦୂତ, କଟକ-୨, ପ୍ରଥମ ପ୍ରକାଶ, ୧୯୯୩ ।

୬. Frye, Northrop : Anatomy of Chriticism, Princeton University Press, ୧୯୫୭.

୭. ଜନସୁଧା: ଶ୍ରୀ ଦିଲୀପ କୁମାର ବେଉରା(ସଂ), ୨୨ଶ ବର୍ଷ, ପ୍ରଥମ ସଂଖ୍ୟା, ଅକ୍ଟୋବର-ଡିସେମ୍ବର ୨୦୧୯

ଗବେଷକ
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ବିଶ୍ୱଭାରତୀ, ଶାନ୍ତିନିକେତନ, ପଶ୍ଚିମବଙ୍ଗ
ମୋ. ୯୭୭୬୯୦୧୧୦୧

ISSN NO.
2582-208X

# ମୁଁ ଜଣେ ଶିକ୍ଷକ....



ତରଙ୍ଗ ଚଣ୍ଡି

ମୁଁ ଜଣେ ଶିକ୍ଷକ,
ଚକ୍ ଡଷ୍ଟର ରେ ଖେଳିବାକୁ ....
ବେଶ୍ ଭଲ ଲାଗେ !
ଜ୍ଞାତ ଅଜ୍ଞାତ ପ୍ରଶ୍ନ ରେ ଛନ୍ଦି ହେବାକୁ...
ଖୁବ୍ ଖୁସି ଲାଗେ !
ନାଲି ନେଳି କଲମ ରେ ଗାରେଇବାକୁ...
ଢେର୍ ଶରଧା ଲାଗେ !!

ମୁଁ,
ରାଜ ରାସ୍ତା ରେ ଶୋଭା ପାଏନି
ଶୋଭାପାଏଁ ଶିଶୁ ଗହଣେ
ମୁଁ,
ଅଣ୍ଡାଖିଆ ମାଷ୍ଟର ନୁହଁ !
ନିରୀହ ଓଠର ହସ !
ଧୈର୍ଯ୍ୟ ଆଉ ବିଶ୍ୱାସ ର....
ଚଳନ୍ତି ପ୍ରତିମା !!

ନିଜ ଭବିଷ୍ୟତ ମୋତେ ...
ଗଢ଼ି ଆସେନାହିଁ !

ISSN NO.
2582-208X

ଅଥଚ, ଜନ୍ତ୍ରଣା ର ଭଉଁରୀ ରେ ବୁଡି
ଦେଶର ଭବିଷ୍ୟତ ଗଢିଜାଣେ !!

ଶିକ୍ଷକତା ମୋ ବେଉସା ନୁହେଁ ...
ଶିକ୍ଷକତା ମୋ ନିଶା !
ସବୁକାମକୁ ଧୁରନ୍ଧର ମୁଁ ...
ନିର୍ଭୁଲ ମୋ କାର୍ଯ୍ୟପନ୍ଥା !!

ଅଭାବ ଅନଟନ ମୋତେ..
ପଥଭ୍ରଷ୍ଟ କରିପାରି ନି କି...
ସମୟର ଆଲିଙ୍ଗନ ମୋତେ...
ବାନ୍ଧି ପାରିନି !!
କାର୍ଯ୍ୟଭାର ରେ ହସିବା ଭୁଲିଛି
ହେଲେ କେବେ କର୍ତ୍ତବ୍ୟ ଭୁଲିନି !!
ମୁଁ ଶିକ୍ଷକ,
ଛୋଟ ମୋ'ର ପକେଟ..
ସ୍ୱଳ୍ପ ମୋ ପାଉଣା !
ତଥାପି, ମାନ ସମ୍ମାନ ରେ ଭର୍ତ୍ତି
ଲମ୍ବା ମୋ'ର ଛୁଟି !
ଅବସର କାଳିନ ଭତ୍ତା ର ନାହିଁ ନିଶ୍ଚିତତା ..
ଅଧିକାର ମୋ'ର ଫାନ୍ଦରେ...
ଅପରାହ୍ନ ର ଛାଇ ମୋ ଅନିଶ୍ଚିତତା..
ଶିଶୁ ହିତେ ଆଖିଲୁହ ..
ପିଏ ମୁଁ ଓଠରେ !!!

ଲିମସେର ବୃନ୍ଦାବାହାଲ, କଳାହାଣ୍ଡି
୯୭୭୭୫୪୯୭୪୭

ISSN NO.
2582-208X

# ଜୀବନ



ବିଜୟ କୁମାର ସାହୁ

ଜୀବନଟା ଗୋଟେ ଫେଣ୍ଟାଫେଣ୍ଟି ସିନା
ଏଠି ଖାଲି ଅଛି ଦ୍ୱନ୍ଦ ଖାଲି ଦ୍ୱନ୍ଦ
ରୁଦ୍ଧ କୋଠରୀର (ହୃଦୟ କଠୋରୀ) ଝରକା ଫାଙ୍କରେ
ଯେବେ ମୁଁ ଦେଖେ ଆକାଶକୁ
ଦେଖେ ଖାଲି ଶୂନ୍ୟ, ଖାଲି ମହାଶୂନ୍ୟ
ସଂସାର ସିନ୍ଧୁକୁ ଅବଲୋକନ କଲେ
ଦେଖେ ଖାଲି ଦୁଃଖ ଓ ଶୋକର ଲହଡି
ତଥାପି ଅନନ୍ତ ଅସୀମର
ଚରନ୍ତନ ସତ୍ୟକୁ ବି ଦେଖେ
ତେବେ ବି ................................,
ଏଠି ରୋଗ ଅଛି ଭୋଗ ବି ଅଛି
ଏଠି ଅଭିମାନ ଅଛି ସମ୍ମାନ ବି ଅଛି
ଏଠି ପ୍ରବଞ୍ଚନା ଅଛି ସ୍ୱାନ୍ତନା ବି ଅଛି
ଏଠି କାରୁଣ୍ୟର ପସରା ଯେତେ ଅଛି
ଆନନ୍ଦର ଲହରୀ ବି ସେତେ ଅଛି
ଏଠି ପ୍ରେମ ଅଛି ଛଳନା ବି ଅଛି
ଏଠି ମୁକ୍ତ ଅଛି ବନ୍ଧନ ବି ଅଛି
ଏଠି ସ୍ୱର୍ଗ ଅଛି ନରକ ବି ଅଛି
ଜୀବନ ଯନ୍ତ୍ରଣା ଯେତେ ବି ଅଛି
ଜୀବନର ସରଳତା ବି ସେତେ ଅଛି
ଏଇତ ଜୀବନ

ବିଜିଗୋଳ, ଏନ ଟି ପିସି, ଅନୁଗୋଳ
ମୋ - ୮୭୬୩୧୪୮୭୨୩

ISSN NO.
2582-208X

# ସଂଘର୍ଷ



ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତ

ସଂଘର୍ଷ – ସାଗର ମନ୍ଥନରୁ
ଲବ୍ଧ ହୁଏ ଜୀବନରେ ସଫଳତା;
ବାଧାବିଘ୍ନ ହଟିଯାଏ,
ସହଜରେ ମିଳଯାଏ – ବିକାଶର ରାସ୍ତା ।
ପ୍ରତ୍ୟେକ ମଣିଷ-ଜୀବନ ଏଠି
ଦୁଃଖ, କଷ୍ଟ, ସମସ୍ୟାର ରଥ ଚକ୍ର ତଳେ
ହୁଏ ନଷ୍ପେସିତ;
ସ୍ୱପ୍ନକୁ ସାକାର କରି – ବଞ୍ଚିବାକୁ ହେଲେ
ଜୀବନର ରଣାଙ୍ଗନେ-
ସଂଘର୍ଷ ହିଁ ଏକମାତ୍ର ମନ୍ତ୍ର ।
କନ୍ତୁ ସଂଘର୍ଷରେ ଲିପ୍ତଥିବା ବ୍ୟକ୍ତି,
ସମାଜରୁ ପାଏନା ପ୍ରେରଣା;
ସମାଲୋଚନାର ଘନ ଅନ୍ଧକାରେ
ବେଳେବେଳେ ହୁଏ ବାଟବଣା ।
ଆସୁ ଯେତେ ବାଧାବିଘ୍ନ
ସଂଘର୍ଷର ସମର କ୍ଷେତ୍ରରେ;
ଧୈର୍ଯ୍ୟ ବିନା ଅସମ୍ଭବ-ବିକାଶ;
ମାନବର ଜୀବନ ଧାରାରେ ।
ଗୋଟାଏ ମଣିଷ ପାଇଁ
ତା ଆତ୍ମବିଶ୍ୱାସ ଠାରୁ

ISSN NO.
2582-208X

ବଡ ଶକ୍ତ ଆଉ କିଛି ନାହିଁ;
ଯେ ସଂଘର୍ଷ କରେନାହିଁ,
ସେ କେବେ ଜିତେ ନାହିଁ,
ଜୀବନ ତା ବିତିଯାଏ–ଦୁଃଖ, କଷ୍ଟ ସହି ସହି ।
ସେଥିପାଇଁ – ସଂଘର୍ଷ କରିଚାଲ;
ପଛଘୁଞ୍ଚା ଦିଅନାହିଁ ବନ୍ଧୁ !
ତୁମ ଚେଷ୍ଟା, ନିଷ୍ଠା କେବେ ହେବନି ବିଫଳ;
ଭାଗ୍ୟ–ଆକାଶରେ ତବ,
ନିଶ୍ଚୟ ଉଦୟ ହେବ;
ବିକାଶର ସୂର୍ଯ୍ୟ ପୁଣି, ସଫଳତା–ଇନ୍ଦୁ ।

ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ

ISSN NO.
2582-208X

# ପ୍ରଶ୍ନବାଚୀ



ଅମ୍ବିକା ସ୍ୱାଇଁ

ଆଜି ଯାଏ ଭୁଲି ପାରୁନ, ସେ ଦିନର ଘଟଣା । ଅଫିସ ରୁ ଫେରୁଥାଏ ଅଟୋ ରୁ ଓହ୍ଲାଇ ରାସ୍ତା ପାରି ହେବା ସମୟରେ ଏକ ବାଇକରେ ତିନ ଜଣ ଯୁବକ କୁଆଡ଼େ ଥିଲେ କେଜାଣି ମଝି ରାସ୍ତାରେ ମୋ ଆଡ଼କୁ ହଠାତ୍ ପବନ ବେଗରେ ମାଡ଼ି ଆସିଲେ ମୁଁ କଛି ଭାବିବା ପୂର୍ବରୁ ସେ ମୋତେ ଧକ୍କା ଦେଇ ଚାଲିଗଲେ। ରାସ୍ତାର ସେପଟେ ଏକ ଛୋଟ ପିଲାଟି ବଡ଼ ପାଟି କରି ହେ, ପ୍ରଭୁ ରକ୍ଷାକର କହି ମୋ ପାଖକୁ ଦୌଡି ଆସିଲା, ମୋ ହାତ ଧରି ଉଠାଇ ଦେଲା। କହିଲା ମାଡାମ ଏବେ ଆପଣଙ୍କର କ"ଣ ହୋଇ ଥାନ୍ତା ଯେ ? ଭଗବାନ ଆପଣଙ୍କୁ ରକ୍ଷା କରି ଦେଲେ । ମୁଁ କହିଲି ହଁ ବେଟା ତୁମର ସେ ସରଳ ମନର ବ୍ୟାକୁଳତା ପଣର ବିକଳ ଡାକ ବୋଧେ ଭଗବାନ ଶୁଣିଲେ, ସେଥିପାଇଁ ମୁଁ ଏତେ ବଡ଼ ଆକ୍ସିଡେଣ୍ଟ ରୁ ରକ୍ଷା ପାଇଗଲି, ମରୁ ମରୁ ବଞ୍ଚିଗଲି । ଆଜିକାଲି ର ପିଲାତ ଗାଡିଖଣ୍ଡେ ହାତରେ ପାଇଗଲେ ଇନ୍ଦ୍ର ଚନ୍ଦ୍ର ମାନୁ ନାହାନ୍ତ ତୁମେ ବଡ଼ ହେଲେ ଏମିତି ବେପରୁଆ ଭାବେ କେବେ ବି ଗାଡି ଚଲେଇବନ, କଣ କହୁଛ ବେଟା ? ହଁ ମାଡାମ୍ କେବେ ବି ନୁହେଁ ।

ଏମିତି କଥବାର୍ତ୍ତା ଭିତରେ ରାସ୍ତା ଆର ପଟକୁ ଏକା ସଙ୍ଗେ ଦୁହେଁ ଏକା ରାସ୍ତାରେ କଥା ହୋଇ ଚାଲିଲୁ । ପରସ୍ପର ତା"ସହିତ କଥା ବାର୍ତ୍ତା ରୁ ଜାଣିଲି ସେ ଷଷ୍ଠ ଶ୍ରେଣୀରେ ପାଠ ପଢୁଛି, ୧୧ କ ୧୨ ବର୍ଷ ବୟସ ହେବ । ମୋତେ ହଠାତ କହିଲା - ଜାଣିଛନ୍ତ ମାଡାମ୍ ମୁଁ ଆପଣଙ୍କୁ ସବୁଦିନେ ୪ଟା ବେଳେ ଟିଉସନ୍ ଗଲାବେଳେ ଦେଖେ, ଭାରି ଇଚ୍ଛା ହୁଏ କଥା ହେବାକୁ ହେଲେ କଥା ହୋଇ ପାରେ ନାହିଁ । ମୁଁ କହିଲି କାହିଁକ ?

ଭାରି ଡର ଲାଗେ, ସାହସ ହୁଏ ନାହିଁ, ମନରେ ମୋର କେତେ ପ୍ରଶ୍ନ ଉଙ୍କି ମାରେ, ପଚାରିବି, ପଚାରିବି ଭାବି ରହିଯାଏ । ଭଗବାନଙ୍କୁ ଅଶେଷ ଧନ୍ୟବାଦ ସେ ବୋଧେ ମୋ ମନ କଥା ଜାଣିପାରି ଆପଣଙ୍କ ସହ ମୋତେ କଥା ହେବାର ସୁଯୋଗ ଦେଲେ । ଆଜି

ISSN NO.
2582-208X

ମୋତେ ବହୁତ ଖୁସି ଲାଗୁଛି ମାଡ଼ାମ୍ ଅନେକ ଦିନର ଇଛା ମୋର ପୂରଣ ହେଲା । କହିଲା ସତରେ, ମୁଁ ଯେ ଆଜି ଏତେ ଖୁସୀ ଭାଷା ପାଉନ ବ୍ୟକ୍ତ କରିବାକୁ । ଆଜି ମୋର ବହୁତ ବଡ଼ ଭାଗ୍ୟ ।  ଆପଣଙ୍କ ସହ ଭେଟ ହେଲା ଏମିତି ଦୁର୍ଯୋଗରେ ..କନ୍ତୁ ମୋ ପାଇଁ ଏହା ବଡ଼ ସୌଭାଗ୍ୟ । ସବୁ ଦିନ ଦୂରରୁ ଦେଖି ଭାବୁ ଥିଲି ଆପଣ ଜଣେ ଭଲ ମଣିଷ ହୋଇଥିବେ । ଆଜି କନ୍ତୁ ପାଖରୁ ଅନୁଭବ କରୁଚ ଆପଣ କେତେ ଭଲ  ସ୍ନେହୀ ମଣିଷଟିଏ  । ଯାହା ହେଉ ଭଗବାନ ଙ୍କ ଦୟାରୁ ଆଜି ଆପଣଙ୍କ ସହ କଥା ହେବାର ସୁଯୋଗ ମିଳଲା । ମୁଁ ତା"ଠାରୁ ଏକ ନଶ୍ୱାସରେ ଏତେ କଥା ଶୁଣି ଅବାକ୍ ହେଲି, କହିଲି ଆଚ୍ଛା ! ତେବେ କ"ଣ ପାଇଁ ଇଚ୍ଛା ହୁଏ ମୋ ସହ କଥା ହେବାକୁ ? କହିଲା ମାଡାମ ମୁଁ ଜାଣିନ, କନ୍ତୁ ଆପଣଙ୍କୁ ଦେଖିଲେ ମୋତେ ଖୁବ୍ ଭଲ ଲାଗେ। ଆପଣ ଯେମିତି ମୋର କଏ ଅତି ନଜର ପରି ମନେହୁଏ ।

କଛି ବୁଝି ପାରିଲିନ, ଏମିତି ଛୋଟ ପିଲାଟି ଏମିତି କହିବାର କାରଣ କ"ଣ ? ତତ୍ କ୍ଷଣାତ ତାକୁ ପଚାରିଲି ବେଟା ତୁମ ଘରେ ସବୁ କଏ ଅଛନ୍ତ ? କହିଲା ମୋ ବାବା ମାଆ, ଆଉ ମୁଁ। ତେବେ ତୁମେ କଣ  କେବଳ ଗୋଟିଏ ପୁଅ ? ହଁ  !! ଏମିତି କଥାବାର୍ତ୍ତା ଭିତରେ ଆମ ଘରକୁ ଯିବା ରାସ୍ତାର ଛକର  ବାମହାତି  ତା ଘରକୁ ଯିବା ରାସ୍ତା ପଡ଼ିଲା। ମୋତେ ବିନମ୍ର ନମସ୍କାରଟି ପକାଇ ଯିବାକୁ ଉଦ୍ୟତ ହେଲା । ମୁଁ ମଧ ତା" ମୁଣ୍ଡରେ ହାତ ରଖି ତାକୁ ଭଲ ପାଠପଢ଼ି ଭଲ ମଣିଷଟି ହୁଅ ବୋଲି ଆଶୀର୍ବାଦ କରି  ଗୋଟିଏ ପଦ କଥା କହିଥିଲି -ବେଟା ଶୁଣ ଜୀବନ ରେ ବଡ଼ ଚାକରି କରି ବଡ଼ ମଣିଷ ଟି ନ ହୋଇ ପାରିଲେ ବି ସବୁ ବେଳେ ମନେ ରଖିବ ଭଲ ମଣିଷ ଟି ହେବାକୁ ଚେଷ୍ଟା କରିବ । ହଁ ମ୍ୟାଡମ ନଶ୍ଚୟ ମୁଁ ଭଲ ମଣିଷ ହେବାକୁ ଚେଷ୍ଟା କରିବି । ଆପଣଙ୍କ ଆଶୀର୍ବାଦ ଏମିତି ଥାଉ ।

ମାଡାମ ଗୋଟେ କଥା କହିବି ? କୁହ ବେଟା । ଆପଣ ଜାଣିଛନ୍ତ ନା ? ଆରେ ବେଟା କଣ ? ନା, ନା ପରେ କହିବି । କହି ତା"ଆଖି ଛଳ ଛଳ ହୋଇଗଲା, କନ୍ତୁ ମୁଁ ଯେତେ ପଚାରିଲି କଛି କହିଲାନ । କାହିଁକି କେଜାଣି ତା" ଛଳ ଛଳ ଆଖି ଦେଖି ମୋ ମନଟା ଭାରି ବ୍ୟସ୍ତ ଲାଗିଲା ।ଏତିକି ଆଶ୍ୱାସନା ଦେଲି, ହଉ ବେଟା ବ୍ୟସ୍ତ ହୁଅନ, ତୁମେ କଣ କହିବାକୁ ଚାହୁଁଚ ? ମୁଁ ତୁମ କଥା ଶୁଣିବାର ଅପେକ୍ଷାରେ ରହିଲି । କଣ ଭାବିଲା କେଜାଣି ମୋ

ISSN NO.
2582-208X

ମୁହଁକୁ ଚାହିଁ ଟିକେ ମୁରୁକ ହସି ଦେଲା, ତା କଅଁଳ ନିଛନ୍ଦ ହସରେ କ ଯାଦୁ ଥିଲା କେଜାଣି ! ତା ସ୍ନେହର ଆକର୍ଷଣରେ ମୁଁ ବାନ୍ଧି ହୋଇଗଲି...

ତା"ପର ଦିନ ମୁଁ ମୋ କାର୍ଯରେ ବାହାରି ପଡ଼ିଲି ଘରୁ ଠିକ୍ ୪ ଟା ବେଳେ । ରାସ୍ତା ଚାଲୁ ଚାଲୁ ଟିକେ ଦୂରରୁ ଦେଖିଲି ସେହି ଛକ ରେ ସେ ଛିଡ଼ା ହୋଇ ମୋତେ ଚାହିଁଛି ଓ ମୁରୁକ ମୁରୁକ ହସୁଛି, ମୁଁ ତା" ପାଖରେ ଆସି ପହଂଚଲା ମାତ୍ରେ ବିନମ୍ର ନମସ୍କାରଟି ପକାଇଲା ମୁଁ ତାକୁ ପ୍ରତି ନମସ୍କାର ଜଣାଇ, ପଚାରିଲି ଆରେ ବେଟା ଏଠି ଠିଆ ହୋଇଛ ଯେ ? ! ହଁ ଆପଣ ଙ୍କୁ ଅପେକ୍ଷା କରି ଛିଡ଼ା ହୋଇଥିଲି, ମାଡାମ୍ । ମୁଁ ଜାଣିଛି ଆପଣ ଏହି ସମୟରେ ଆସିବେ । ଆଚ୍ଛା !! କଣ ପାଇଁ ? ଅପେକ୍ଷା କରି ଥିଲ ? ନା ମାଡ଼ାମ୍ କିଛି ନାହିଁ, ଏମିତି !! ମୁଁ କହିଲି ଆରେ ବେଟା ମାଡ଼ାମ୍ ନୁହେଁ ଆଣ୍ଟି ବୋଲି ଡାକ । ହଠାତ୍ ଜିଭ୍ କାମୁଡ଼ି ପାକାଇ କହିଲା ଆରେ ବାପରେ ନା ନା ମୁଁ ଆପଣଙ୍କୁ ଆଣ୍ଟି ବୋଲି କେବେ ଡାକିବିନ । ଆରେ କାହିଁକ ? ନା କେବେ ନୁହେଁ । ମୁଁ କଣ ବା ତାକୁ କହିବି କିଛି ବୁଝି ପାରିଲିନ, ଆଶ୍ଚର୍ଯ୍ୟ ହେଲି ତା" କଥା ଶୁଣି । ଗଲାବେଳେ ତା" ପିଠି ରେ ହାତ ଥାପୁଡେଇ ଆରେ ଚଗଲା ଟା କହି ଚାଲି ଗଲି ।

ସେହି ଦିନ ଠାରୁ ମୁଁ ତାକୁ ଚଗଲା ବୋଲି ଡାକେ । ସବୁ ଦିନ ସେ ମୋ ଆସିବା ବାଟକୁ ଚାହିଁ ରହିଥାଏ ଦୁରୁରୁ ଦେଖି ମୁରୁକ ହସିଦେଇ ନମସ୍କାର ଟିଏ ପକାଇ ମୋ ସହିତ ପାଦ ପକାଇ ଆଗକୁ ଚାଲେ । ଏହା ଏକ ନିତିଦିନିଆ ଘଟଣା ହୋଇଗଲା । ଯଦି କେଉଁ ଦିନ ସେ ଠିଆ ହୋଇ ନଥାଏ, ମୋ ଆଖି ବି ତାକୁ ଚାରି ଆଡେ ଖୋଜେ । ମନ୍ଦିର ଭିତରକୁ ଗଲେ ଯଦି ଠାକୁରଙ୍କ ଦ୍ୱାର ଖୋଲା ନ ଥାଏ, ତେବେ ମନ ଯେମିତି ବ୍ୟାକୁଳ ହୁଏ ଦିଅଁଙ୍କ ଦର୍ଶନ ନ କରିପାରି । ତାକୁ ନ ଦେଖିଲେ ମୋ ମନ ସେହିପରି ବ୍ୟାକୁଳିତ ହୁଏ । ମୋର ଯେମିତି କିଛି ମୂଲ୍ୟବାନ ଜିନିଷ ହଜିଗଲା ପରି ଅନୁଭବ କରେ । କିନ୍ତୁ ଭାଗ୍ୟକୁ ମୁଁ କାର୍ଯ୍ୟସ୍ଥଳୀରୁ ଫେରିଲା ବେଳକୁ ଦେଖେ ସେ ସେହି ନିର୍ଦ୍ଦିଷ୍ଟ ଜାଗାରେ ଠିଆ ହୋଇ ମୋତେ ଅପେକ୍ଷା କରିଥାଏ । ସେ ମୋତେ ଦେଖୁ ଦେଖୁ ଦୁଇ ପାଦ ଆଗକୁ ଚାଲି ଆସେ । ଆଜି ୪ ଟାରେ କାହିଁକି ଆସି ନଥିଲ ବୋଲି ପଚାରିବା ପୂର୍ବରୁ ସେ ଆଗତୁରା କାରଣ କହି ପକାଏ । ଧିରେ ଧିରେ ମୁଁ ଅନୁଭବ କରେ ମୋ ପ୍ରତି ତାର ଯଥେଷ୍ଟ ସମ୍ମାନ ଓ ଖୁବ୍ ଭଲ ପାଇବା ଅଛି । ମୁଁ କେଉଁ ଦିନ କେଉଁ ରଙ୍ଗ ଶାଢ଼ୀ ପିନ୍ଧିଚି କଣ ଗହଣା ଲଗେଇଛି,

ISSN NO.
2582-208X

କେଉଁ ଦିନ କେତେ ସୁନ୍ଦର ଦିସୁଛି ସବୁ ର ତର୍ଜମା ସେ କରେ । ମୁଁ କିନ୍ତୁ ତା ଠାରୁ ଏମିତି କଥା ଶୁଣି, ମନେ ମନେ ବିରକ୍ତ ହୁଏ, ଭାବେ ଏତେ ଛୋଟ ପିଲାଟି ଏମିତି କଣ କହୁଛି ଯେ ! ତଥାପି ତାକୁ ରାଗିକ କଛି କହି ପରେନ, କାରଣ ଏତେ ଛୋଟ ପିଲାଟି ଏତେ ଶ୍ରଦ୍ଧାରେ କହୁଛି, କଛି କହିଲେ କାଳେ ତା"ମନରେ କଷ୍ଟହେବ । ସେଥିପାଇଁ ମୁଁ ବି ସ୍ନେହରେ ଖୁବ୍ ଗେଲ୍ହା ପଣରେ ତା"ଗାଲରେ ହାତ ମାରି ଦୁଷ୍ଟ ଟିଏ କହି ଗ୍ଳଲି ଯାଏ । ସେ ବି ଫୁଲେଇ ହୋଇ କଅଁଳ ସ୍ୱର ରେ କହି ପକାଏ ମାଡାମ୍ ମୁଁ ମୋଟେ ଦୁଷ୍ଟ ନୁହେଁ ମୁଁ ଏକଦମ ଭଲ ପିଲାଟିଏ। ମୁଁ କହେ ଭଲ ପିଲ୍ ନା ଆହୁରି କଣ !!! ତୁ ପୁର୍ ଦୁଷ୍ଟ ଟେ ....ଏମିତି କହି କେତେ ଥର ଯେ ତା"କାନ ମୋଡିଥିବି ହିସାବ ନାହିଁ । ବେଳେ ବେଳେ ଅଭିମାନରେ କହିବ ହଉ ମ୍ୟାଡାମ୍ ଆଉ ଆପଣଙ୍କୁ କଛି କହିବିନ । କନ୍ତୁ ପୁଣି ତା"ପର ଦିନ ସେହି ଏକାକଥା । ମାଡାମ ସତରେ ଆପଣ ଆଜି ଭ୍ରରି ସୁନ୍ଦର ଦିସୁଛନ୍ତୁ, ଆଜି ଏଇ ଡ୍ରେସ ଟା ନା ଆପଣଙ୍କୁ ଖୁବ୍ ମାନୁଛି । ଏମିତି ନତି ଦିନ ଦେଖା ସାକ୍ଷାତ ଓ କଥା ବାର୍ତ୍ତାରେ ଦୀର୍ଘ ଦୁଇ ବର୍ଷ କଟି ଗଲା କିପରି ସମୟ, ଜଣା ପଡିଲାନି ।

ଭଲ ଭାବେ ମନେ ଅଛି ଦିନ କର କଥା ....ସେଦିନ ମୁଁ ଭଲ ପାଟ ଶାଢ଼ି ଟିଏ ପିନ୍ଧି ପଥର ସେଟିଂ ସୁନା ହାର ଓ କାନର ଲଗାଇ ସଜେଇ ହୋଇ ବାହାରି ପଡ଼ିଥାଏ। ଚିକିତ୍ସା କେନ୍ଦ୍ରରେ ନିତି ଦିନିଆ ସେବା କାର୍ଯ୍ୟ ସାରି ସେହି କେନ୍ଦ୍ରରୁ ଏକା ଥରେ ଯିବି ମୋ ସାଙ୍ଗ ଭଉଣୀର ବାହାଘର ରେ ଯୋଗ ଦେବାକୁ । ମୁଁ ଚାଲି ଥାଏ ରାସ୍ତାରେ ସେ ଚଗଲା ଦୂରରୁ ଦେଖି ଆଁ କରି ଆଶ୍ଚର୍ଯ୍ୟ ନୟନରେ ଚାହିଁ ରହି ଥାଏ । ମୁଁ ପାଖକୁ ଗଲା ମାତ୍ରେ ନମସ୍କାର ଟି ପକାଇ କହି ପକାଇଲା, ମାଡାମ୍ ଆଜି କଣ ଦିଶୁଛନ୍ତି !! ପୁରା ସ୍ୱର୍ଗର ପରୀ । ହେ, ହେ ଚଗଲା ତୁମକୁ ମାଡ଼ ଦରକାର । ହଁ ମାରନ୍ତୁ ପଛେ ମୋତେ କିନ୍ତୁ ସତକଥା ଆଜି ଆପଣଙ୍କ ପଛରେ ଚୋର ପଡିଯିବେ ...ହଉ ହଉ ଚୋର ପଡ଼ନ୍ତୁ ତୁମେ କିଛି ଚିନ୍ତା କରନି । ମୁଁ 100 କୁ ଡାଏଲ କରି ଦେବିନି ! ପୋଲିସ ସଂଗେ ସଂଙ୍ଗେ ଚାଲି ଆସିବେ । ଏହା ଶୁଣି ସେ ବି ହସିଲା, ମୁଁ ସ୍ମିତ ହାସ୍ୟଟିଏ ଦେଇ ମୋ କାମରେ ମୁଁ ଚାଲି ଗଲି ।

ତା"ପର ଦିନ ଠିକ୍ ସେହି ସମୟରେ ମୁଁ ଆସିଲା ବେଳକୁ ସବୁ ଦିନ ପରି ମୋତେ ଅପେକ୍ଷା କରି ଛିଡ଼ା ହୋଇଛି । ମୋତେ ଦେଖୁ ଦେଖୁ ମୋ ହାତକୁ ଏକ **dairy milk** ଚକୋଲେଟ ଟି ବଢାଇ ଦେଇ କହିଲା, ମାଡ଼ାମ୍ ଆଜି ମୋର ଜନ୍ମଦିନ । ମୁଁ ଏକଥା ଶୁଣି ତାକୁ "ଜନ୍ମ

ISSN NO.
2582-208X

ଦିନର ଶୁଭେଚ୍ଛା ଜଣାଇ, ଯେତିକି ଖୁସି ହୋଇ ଥିଲି, ବେଶି ଦୁଃଖିତ ହୋଇଥିଲି ଅଭିମାନ, ରାଗ ମିଶା ସ୍ୱର ରେ ତାକୁ କହି ଥିଲି ଆରେ ବେଟା ତୁମେ ମୋତେ କାଲି କହିଲ ନି କାହିଁକି ? ତୁମ ପାଇଁ ମୁଁ କିଛି ଗିଫ୍ଟ ଆଣିଥାନ୍ତି, ମୁଁ ତୁମ ସହ ଆଜି ଠୁ ଆଉ କଥା ହେବିନି। ମନ ଦୁଃଖ କରି କହିଲା ମ୍ୟାଡାମ୍ ସେମିତି କୁହନ୍ତୁନି I ଆପଣ ମୋ ସହ କଥା ନ ହେଲେ ନା ! ମୁଁ ମରିଯିବି । ମୁଁ ତା" ମୁହଁରୁ  ଏପରି ଅମଙ୍ଗଳିଆ କଥା ଶୁଣି ଚମକି ପଡିଥିଲି, ତା"ପାଟିରେ ହାତ ଦେଇ ତାକୁ ଅଟକାଇ ଥିଲି...ସେ ଦିନ ମୋ ଆଖି ଛଳ ଛଳ ହୋଇ ଯାଇଥିଲା । ଅଜାଣତରେ ମୋ ଆଖିରୁ ଅଶ୍ରୁ ବୁନ୍ଦା ବୋହି ଆସିଥିଲା । ମୁଁ ଅନୁଭବ କରୁଥିଲି ସତରେ ସେ କେତେ ଭଲ ପାଏ ମୋତେ...!! ମୋ ପାଟିରୁ ବାହାରି ଆସିଥିଲା ସେମିତି କାଳ କଥା କୁହନ୍ତିନି ରେ ଚଗଲା....ଏହା କହୁ କହୁ  ସେ କହି ପକାଇଲା ଆପଣ ସତ କୁହନ୍ତୁ ମୋ ସହ ଅପଡ କରି ବେନି ତ ?  ଆରେ ବେଟା ନା "ରେ ବିଲକୁଲ୍ ନୁହେଁ ମୋ ସୁନା  ଗେହ୍ଲା ଚଗଲା କୁ ଛାଡ଼ି କଣ ମୁଁ ରହି ପାରିବି !! ଏହା କହି ତା ଗାଲ କୁ ଗେଲରେ ଟାଣିଦେଲା ଭିତରେ ଜାଣିଲି ତା" ଦେହ ଖୁବ୍ ତାତିଛି I ପଚାରିଲି ଆରେ ତୋ ଦେହ କଣ ଏତେ ତାତିଛି ?

କହିଲା ମାଡାମ ମୋ ମୁଣ୍ଡ ଟିକେ ବିନ୍ଧୁଚି ଥଣ୍ଡା ଧରିଛି ସେଥିପାଇଁ ଦେହ ବୋଧେ ଉଷୁମ ଅଛି । ହଉ ତେବେ ଆସ ମୋ ସାଙ୍ଗ ରେ ସିଦ୍ଧ ଚିକିତ୍ସା କେନ୍ଦ୍ର କୁ ସେଇଠି ତୁମକୁ treatment କରି ଦେବି ସଙ୍ଗେ ସଙ୍ଗେ ଭଲ ହୋଇ ଯିବ । କହିଲା ନାଇଁ ମାଡାମ ମୋର ଟିଉସନ୍ ଅଛି ତ ମୁଁ ଗଲେ ଡେରି ହୋଇ ଯିବ I ସାର୍ ରାଗିବେ, ଆପଣ ଯାଆନ୍ତୁ ମୁଁ ମେଡ଼ିସିନ୍ ଦୋକାନରୁ ଗୋଟେ  crosin କିଣି ଖାଇଦେବି ଜର ଥଣ୍ଡା ସବୁ ଭଲ ହୋଇଯିବ। ଆପଣ ଚିନ୍ତା କରନ୍ତୁନି। ମୁଁ  କହିଲି ହଉ ଠିକ୍ ଅଛି । Take care ମୁଁ ଆସୁଛି ବେଟା । କହିଲା ମାଡାମ  ଗୋଟେ ଅନୁରୋଧ କରିବି ରଖିବେ ? ମୁଁ କହିଲି କଣ କୁହ ? ଆପଣଙ୍କ ଫୋନ ନମ୍ବର ଟିକେ ଦେବେ । ମୁଁ କହିଲି ହଁ ଦେବିନି କାହିଁକିରେ .?.ଏହା କହି ଭ୍ୟାନିଟି ବ୍ୟାଗ୍ ରୁ କାଗଜ କଲମ ବାହାର କଲା ଭିତରେ  ତାକୁ ପଚାରିଲି ଆରେ ଚଗଲା ତୁମେ କଣ ଗୋଟେ କଥା କହିବ ବୋଲି କହୁଥିଲ ମୋତେ ଅନେକ ଦିନ ହେଲା। ସେ କଥା ତ କିଛି କହିଲନି ? ନା ମାଡାମ ସେ ବହୁତ କଥା ପରେ କହିବି । ଆରେ ପୁଣି ପରେ କଣ ? ଏବେ କୁହ ! ହଉ ତେବେ ଶୁଣନ୍ତୁ ....ସେ ଯାହା କହିଲା ମୁଁ ତା କଥା ଶୁଣି ସ୍ତବ୍ଧ ହୋଇଗଲି । ଖୁବ ଦୁଃଖ ପ୍ରକାଶ କଲି । ଏହି ସମୟରେ ଚିକିତ୍ସା କେନ୍ଦ୍ରରୁ ଜଣେ

ISSN NO.
2582-208X

ପେସେଣ୍ଟଙ୍କର ଫୋନ ଆସିଲା, ଜଲଦି ଯାଇ କେନ୍ଦ୍ରରେ ପହଂଚିବାର ଅଛି ! ଚଗଲାସହ ଆଉ ଅଧିକ କିଛି କଥା ନ ହୋଇ ପାରି କର୍ତ୍ତବ୍ୟର ଦ୍ୱାହି ରେ ତର ତର ହୋଇ ଯିବା ଭିତରେ ଚଗଲାକୁ ଖାଲି ଏତିକି କହିଥିଲି ହଉ ବେଟା ମୁଁ ଯାଉଛି କାଲି କୁ କଥା ହେବା ଏବଂ ମୋ ମୋବାଇଲ ନମ୍ବର ମଧ୍ୟ ଲେଖି ଆଣିଥିବି ତୁମକୁ ଦେଇ ଦେବି, ବ୍ୟସ୍ତ ହୁଅନି। କହିଲା ହଉ ଠିକ ଅଛି ମାଡାମ ଯାଆନ୍ତୁ ।

ଏହା ପରେ ଆମେ ନିଜ ନିଜ କାମରେ ଚାଲିଗଲୁ । ମୁଁ କେନ୍ଦ୍ର ରୁ ଘରକୁ ରାତି ୮ ଟା ରେ ପହଞ୍ଚି ଦେଖେ ତ ମୋ ସ୍ୱାମୀ ଗେଟ୍ ପାଖରେ ମୋ ଆସିବା ବାଟକୁ ଖୁବ୍ ଉତ୍କଣ୍ଠାର ସହ ଚାହିଁ ରହିଛନ୍ତି। ପହଞ୍ଚୁ ପହଞ୍ଚୁ କହି ପକାଇଲେ ହଁ ଶୁଣ ମୋର ଡେପୁଟେସନ ରେ ଦିଲ୍ଲୀ ଯିବାର ଅଛି ଅନିର୍ଦ୍ଧିଷ୍ଟ ସମୟ ପାଇଁ, ତେଣୁ ଜିନିଷ ପତ୍ର ପ୍ୟାକିଂ କର ଆସନ୍ତା ସୋମବାରେ ଦିଲ୍ଲୀ ଯିବା ଫ୍ଲାଇଟ୍ ଟିକେଟ ବି ହୋଇ ଯାଇଛି । ମୁଁ ଶୁଣି ଆଶ୍ଚର୍ଯ୍ୟଚକିତ ହେଲି। ଆରେ ଏମିତି ହଠାତ୍ କଣ ଯେ? ଯାହା ବି ହେଉ ଅଫିସର ଆଦେଶ କୁ ମାନିବାକୁ ହେବ ଦିଲ୍ଲୀ ଯିବାକୁ ହିଁ ପଡ଼ିବ । ସେହି ସମୟ ରୁ ହିଁ ମାନସିକ ଭାବେ ପ୍ରସ୍ତୁତ ହେଲି ଦିଲୀ ଯିବା ପାଇଁ ।

ତା"ପର ଦିନ ଚଗଲା କୁ ଫୋନ ନମ୍ବର ଦେବି ଓ ଆମର ଦିଲ୍ଲୀ ଯିବା କଥା ଜଣାଇ ବି ବୋଲି ଏକ ଦ୍ୱନ୍ଦ ମନରେ ସନ୍ତାପି ହେଲି । ସେ ମୋ ଯିବା କଥାକୁ କିପରି ଭାବରେ ଗ୍ରହଣ କରିବ କି ନାହିଁ ବୋଲି ମନରେ ଅନେକ ଭାବନା ଆସୁଥାଏ । ଯାହା ବି ହେଉ ସବୁ ଦିନ ପରି ଅପରାହ୍ନ ୪ ଟାରେ ବାହାରି ପଡିଲି, ମୋ କାର୍ଯ କ୍ଷେତ୍ର କୁ । ସେଦିନ ଦେଖିଲି ସବୁ ଦିନ ପରି ଚଗଲା ମୋତେ ଚାହିଁ ସେଠି ଠିଆ ହୋଇ ନାହିଁ, ଚାରି ଆଡ଼େ ଆଖି ବୁଲେଇ ଭଲ ଭାବରେ ଦେଖି ନେଲି । ସେଦିନ ଆଉ ଚଗଲା ର ଦେଖା ପାଇଲିନି । ଭାବିଲି ତା" ପର ଦିନ ଚଗଲା ସହ ଦେଖା ହେବ ତାହା ବି ହେଲାନି । ଏମିତି ଅପେକ୍ଷାରେ ଅପେକ୍ଷା ରେ ୫ ଦିନ କଟିଗଲା । ହେଲେ ତାକୁ ଦେଖା ନ କରି ମୁଁ ଦିଲ୍ଲୀ ଚାଲିଗଲି । କିନ୍ତୁ ମନ ବହୁତ କଷ୍ଟ ହେଲା, ତାକୁ ମନରେ ଭାବି ଭାବି ଦିଲ୍ଲୀ ରେ କିଛି ବର୍ଷ କଟିଗଲା । ଅନେକ ସମୟରେ ତା"କଥା ମନେ ପଡେ । ଦିଲ୍ଲୀ ରୁ ଫେରିବା ପରେ ଭାବିଥିଲି ମୋ ସ୍ନେହର ଚଗଲାକୁ ମୁଁ ପୁଣି ପାଇ ଯିବି । କିନ୍ତୁ ଆଜି ଯାଏ ତାକୁ ଆଉ ପାଉ ନାହିଁ ମୋ ଆଖିରେ ତା"ଦରୋଟି ହସ ଦିଶି ଯାଉଛି । ତା" ଚୁଲ୍ ବୁଲିଆ ଚଗଲିଆ କଥା ମୋ

ISSN NO.
2582-208X

କାନରେ ଯେମିତି ବାର ବାର ଶୁଭି ଯାଉଛି । ତା"ର ସେହି ନିରୀହ ଚକ୍ଷୁ ପଟଳ ର ଚାହାଣୀ ମୋ ସାମ୍ନାରେ ଯେମିତି ପ୍ରତି ମୁହୂର୍ତ୍ତରେ ନାଚି ଯାଉଛି !!! । ଆବେଗ ଭରା ମନ ରେ ମୁଁ ତାକୁ ଅପେକ୍ଷା କରିଛି, ଚାହିଁ ରହିଛି । ହୃଦ ସ୍ପନ୍ଦନ ବଢ଼ି ଯାଉଛି, ମନ ର ଆଶଙ୍କା ବାର ବାର ଆନ୍ଦୋଳିତ କରୁଛି ଆତ୍ମା କୁ । ତା"ର କିଛି ଅସୁବିଧା ହୋଇନି ତ?

ଆରେ ଚଗଲା ତୁ କୁଆଡେ ଗଲୁ ରେ ? ତୋ ପ୍ରିୟ ମାଡ଼ାମ କୁ ଭୁଲି ତୁ କେମିତି ରହିଛୁ ରେ ...!!! ତୋର ମନେ ପଡୁନି ମୋ କଥା ? ମୋର କିନ୍ତୁ ତୋ କଥା ସବୁବେଳେ ମନେ ପଡୁଛି । ଏ ଆଖି ତୋତେ ସବୁଆଡେ ଖୋଜୁଛି, ଏ ସହର ର ଗଳିକନ୍ଦି ରେ ପ୍ରତି ଜାଗାରେ, ହେଲେ ତୁ ଦେଖା ଦେଉନୁ । କାହିଁକି ବା ଦେଖା ଦେବୁ !!! ତୁ କଣ ଆଉ ମୋତେ ମନେ ରଖିଥିବୁ ? ତୁ ତ ଏବେ ବଡ ହୋଇ ଯିବୁଣି କଲେଜ ରେ ପାଠ ପଢିବୁଣି। କେତେ ସାଙ୍ଗ ସାଥିଙ୍କ ମେଳରେ ମିଶୁଥିବୁ ମଜା ମାଜଲିସ୍ କାରୁଥିବୁ । ତୋ କିଶୋର ମନରେ କେତେ ଚଗଲାମି, ଚପଳାମି, ଧସେଇ ପଶୁଥିବ ...ତୋ ମନ ରେ କେତେ ନୂତନ ଶିହରଣ ଜାଗୁଥିବ, ପାଠ ପଢ଼ିବୁ, ଭଲ ଚାକିରୀ କରିବୁ, କେତେ ବାସ୍ତବ ଅବାସ୍ତବ ସ୍ୱପ୍ନ ଭିତରେ ବୁଡ଼ି ରହି ଥିବୁ। ଫୁଲ ବଗିଚାରେ ପ୍ରଜାପତି ଙ୍କ ମେଳରେ ଘୂରି ବୁଲୁ ଥିବୁ ...। ତୁ ବା କାହିଁ ମୋତେ ମନେ ପକେଇବୁ !!! ମୁଁ ତୋର କିଏ କି? ମୁଁ ଯଦି ତୋର ଆପଣାର ହୋଇଥାନ୍ତି ତୁ କଣ ମୋତେ ଭୁଲି ରହି ଥାନ୍ତୁ ? ଆରେ ଏସବୁ ମୁଁ କଣ କହୁଛି ମ !!!! ମୁଁ ଆଜି ତୋ ସ୍ଥିତି ପରିସ୍ଥିତି କୁ ନେଇ ବହୁତ ଚିନ୍ତିତ .....!! ଭାବୁଥିଲି ଦିଲ୍ଲୀ ରୁ ଆସିଲା ପରେ ତୋ ସହ ମୋର ନିଶ୍ଚୟ ଦେଖା ହେବ, ହେଲେ ...!

ନା !! ଆଜି ଯାଏଁ ଦେଖା ହେଲା ନାହିଁ । ତୁ ଭଲ ରେ ଅଛୁ ତ ଚଗଲା ? ମୋ ମନରେ ଆଜି ଅନେକ ପ୍ରଶ୍ନ ବାଟୀ !!!!! ସେଦିନ ତୋତେ ମୋ ଫୋନ ନମ୍ବର ଟି ନଦେଇ ଚାଲିଗଲି ସେଥିପାଇଁ ମୋ ଉପରେ ରାଗି କି ଏତେ ବଡ଼ ନିଷ୍ପତ୍ତି ନେଇ ଗଲୁ ମୋତେ ଦେଖା ନ କରିବାର ସଙ୍କଳ୍ପରେ ରହି ଗଲୁ ? ନା ଆଉ କିଛି !!!! ସତ ରେ ଚଗଲା ମୁଁ ବହୁତ ବଡ଼ ଦୋଷୀ ତୋ ପାଖରେ.... ମୁଁ ଆଜି ହାରି ଯାଇଛି ରେ !!! ନିଜକୁ କ୍ଷମା କରି ପାରୁନି। ସେଦିନ ଯଦି ତୋତେ ଫୋନ ନମ୍ବର ଟି ଦେଇ ଥାନ୍ତି, କିମ୍ବା ତୋ ଫୋନ୍ ନମ୍ବର ଟି ମୁଁ ରଖି ଥାଆନ୍ତି ତେବେ ଆଜି ମୁଁ ତୋତେ ଅନ୍ଧ ପରି ଚର୍ତୁଦିଗରେ ଅଣ୍ଡାଳି ବୁଲି ନ

ISSN NO.
2582-208X

ଥାନ୍ତି ବର୍ଷ ବର୍ଷ ଧରି....ଏମିତି ମାୟା ଡୋରି ରେ ମୋତେ ବାନ୍ଧି ରଖିଥିଲୁ, ପୁଣି ଏମିତି ଭାବରେ ସେ ଡୋରିର ବନ୍ଧନ କୁ ଛିଡାଇ କୁଆଡେ ହଜି ଗଲୁ ତୁ ?

ଆଜି ମୋ ମନରେ ଉଙ୍କି ମାରୁଛି ଅନେକ ପ୍ରଶ୍ନବାଚୀ !! ତୁ କି ମାୟା ମୋ ସହ ଲଗେଇ ଥିଲୁ, କାହିଁକି ମୋତେ ଏତେ ଭଲ ପାଉ ଥିଲୁ... କି.ସୁଖ ପାଉଥିଲୁ କି ଶାନ୍ତି ପାଉଥିଲୁ, ପୁଣି ହଠାତ୍ ଏମିତି ମୋତେ ପର କରି ମୋ ସହ ଲୁଚକାଳି ଖେଳିଲୁ ଯେ ମୋତେ ଆଉ ଧରା ଦେଲୁନି । ସାତ ପର କରି କୁଆଡେ ଲୁଚିଗଲୁ । ମୁଁ ଆଖିରେ ଅନ୍ଧ ପୁଟୁଳି ବାନ୍ଧି ତୋତେ ଅଣ୍ଡାଳି ବୁଲୁଛି ବିରାଟ ପୃଥିବୀର କୋଣ ଅନୁକୋଣ । ତୁ ଯାହାକୁ ଏତେ ଭଲ ପାଉଥିଲୁ ଦିନେ ନ ଦେଖିଲେ ତୋ ପାଠ ପଢାରେ ଖାଇବା ପିଇବା ରେ ମନ ଲାଗୁ ନଥିଲା ବୋଲି, କେତେ ଥର କହିଥିବୁ ମୋତେ !! ତୁ ପୁଣି ତାକୁ କିଛି ନ ଜଣେଇ କାହିଁକି ତା" ଠାରୁ ଦୂରେଇ ଗଲୁ ? ଏବେ କେଉଁ ଠାରେ ଅଛୁ, କେମିତି ଅଛୁ ? ତୁ ଠିକ୍ ଠାକ୍ ଅଛୁ ନା ଚଗଲା ?

ମାଆ ଛେଉଣ୍ଡ ପିଲାଟି, ବୋଲି ତୋ ସହିତ ସେହି ଶେଷ ଦିନ ସାକ୍ଷାତରେ ଜାଣିଥିଲି। ସେଦିନ ମୋତେ ଖୁବ ଜୋରରେ ଜାବୁଡି ଧରି କହିଥିଲୁ ମାଡାମ ମୁଁ ଆପଣଙ୍କୁ ମା"ବୋଲି ଡାକି ପାରିବି ? ମୁଁ ତୋତେ ଖୁବ ନିବିଡ ତାରେ କୋଳେଇ ନେଇ ଥିଲି ଏବଂ କହିଥିଲି, କାହିଁକି ନୁହେଁ ରେ ଚଗଲା ? ତୁ ନିଶ୍ଚିତ ମୋତେ ମା ଡାକି ପାରିବୁ। ତା"ପରେ ବୁଝିଲି ତୁ ମୋତେ ଏତେ ଭଲ ପାଉଥିଲୁ । କାହିଁକି ନା, ମୋ ପାଖରୁ ତୋ ମାଆର ସ୍ନେହ ଖୋଜୁଥିଲୁ, ମୋତେ ସେହି ଅନାବିଳ ମାତୃ ସ୍ନେହର ଅନୁଭବକୁ ଉପଲବ୍ଧି କରିବାର ସମୟ ପୂର୍ବରୁ କୁଆଡେ ଅନ୍ତର୍ଦ୍ଧାନ ହୋଇଗଲୁ । ଅରେ ଚଗଲା ତୁ କେବେ ପୁଣି ଫେରି ଆସିବୁ ମୋ ପାଖକୁ ସେହି ମାୟା ଜାଲରେ ଛନ୍ଦି ଦେବା ପାଇଁ..ମୋତେ.!!.ମୋ କୋହଭରା ହୃଦୟରେ ପାଗଲିନି ପରି ଆପେକ୍ଷା କରିଛି, ଆଦରରେ କୋଳେଇ ନେବାପାଇଁ ତୋତେ !

ମୋ ସୁନା ଚଗଲା ଟା ମୋ ଧନ ତୁ ମୋ ପାଖକୁ ଫେରି ଆ ରେ.....ତୋ ପ୍ରିୟ ମାଡାମ କୁ ଭୁଲି ତୁ କେମିତି ରହିଛୁ ରେ ? ମୁଁ କଣ ତୋର ସେହି ସ୍ୱର୍ଗୀୟ ଅମୃତମୟୀ ମା"ର ସ୍ନେହ ଦେଇ ପାରିବିନି ତୋତେ.....!!!! ?

ଶ୍ୟାମପୁର, ଭୁବନେଶ୍ୱର, ଓଡ଼ିଶା
୯୭୭୭୫୯୯୬୯୫

ISSN NO.
2582-208X

# ଶୁଣ ଆହେ ତୁମେ ପର ହିତେ ରହୁ ମନ



ରଘୁନାଥ ତ୍ରିପାଠୀ

ଫୁଲ ଫୁଟୁଥାଏ ଘୋର ବନସ୍ତରେ
ବାରମାସ ଅବିରତ
ଦୃଷ୍ଟି ଆଢୁଆଳେ ରହିଣ ପ୍ରଶସ୍ତି
ନ ଲଭେ କାହାଠୁ ସେ ତ ॥
ପ୍ରସୂନ ରଞ୍ଜିତ ହୁଏ ପ୍ରସ୍ଫୁଟିତ
କେତେ ଏହି ଧରାପରେ
ସୌରଭ ବିହୀନ ପ୍ରଭୁଙ୍କ ଅଯୋଗ୍ୟ
ହେଲେ ବି ସେ ଫୁଟିଗଲେ ॥
କଛି ଫଳପ୍ରଦ ବୃକ୍ଷେ ଫଳ ଫଳେ
ଭକ୍ଷ୍ୟ ନୁହେଁ ଜୀବଙ୍କର
ହେଲେ ସେ ପାଦପ ମନକୁ ନ ମାରି
ଫଳଗଲେ ନରନ୍ତର ॥
ବିନା ଆହ୍ୱାନରେ ସୂର୍ଯ୍ୟ ଚନ୍ଦ୍ର ତାରା
ଢାଳନ୍ତୁ କରଣରାଶି
ନଜ କର୍ତ୍ତବ୍ୟକୁ ନ ଭୁଲି ସେମାନେ
ନୀଳ ଆକାଶରେ ଆସି ॥
ଗଗନେ ବାରିଦ ଘନେ କରି ନାଦ
ବରଷଇ ଜଳ ଧାରା

ISSN NO.
2582-208X

ନାହିଁ ଅବଶୋଷ ମାରିଥାଏ ଶୋଷ
ସାର୍ ଜଗତର ପର୍ ॥
ସବୁଜ ବନାନୀ ମଧ୍ୟେ ନିର୍ଝରିଣୀ
ପାହାଡ଼ୁ ତଟିନୀ ଧାର
ମାନବ ସେବାରେ ବ୍ରତୀ ହୋଇଥାନ୍ତି
ମିଳବା ପୂର୍ବୁ ସାଗର ॥
ବହେ ଆଶରୀର ଶୀତଳ ସମୀର
ମହୀରେ ଭରେ ଜୀବନ
ଫୁଲର ସୁରଭି ସାଥେ ଖେଳ ମିଶି
ଶିହର୍ଏ ତନୁ ମନ ॥
କୋମଳ ପ୍ରତ୍ୟୁଷ ହେଲେ ଉପଗତ
କାଆ କାଆ ରାବେ କାକ
କର୍ତ୍ତବ୍ୟ ପର୍ଯ୍ୟେ ବିନା ପ୍ରତିଦାନେ
ନିଦ ଭାଙ୍ଗେ ମାରି ଡାକ ॥
ପିତାମାତା ମାନେ ନିଜ ଆପତ୍ୟଙ୍କୁ
ବଢ଼ାଇଥାନ୍ତି ଯତନେ
କେତେ କେତେ ତ୍ୟାଗ କରି ସେ ଗ୍ଭଲନ୍ତି
ସେନେହ ଆଦର ପଣେ ॥
ଜଗତ କରତା ଦିଅନ୍ତି ବାରତା
ପରହିତେ ରହୁ ମନ
କେହି ବା ପ୍ରସନ୍ନ ଅବା ଅପ୍ରସନ୍ନ
ହେବାରେ ନ ଦିଅ ଧ୍ୟାନ ॥

ବାଲିସାହି, ମଧୁପାଟଣା,
କଟକ 8763343263

ISSN NO.
2582-208X

# ଚିତ୍ତ ବିନୋଦନ



ଅମୃତନାରାୟଣ ଶତପଥୀ

ଚତ୍ତ ବିନୋଦନ ମଳୟ ପବନ ବସନ୍ତ ଋତୁରେ କାହିଁ ?
ଝାଞ୍ଜି ପବନରେ ଦେହ ପୋଡିଯାଏ ଖରା ହୁଏ ଟାଇଁ ଟାଇଁ।
ବସନ୍ତ ପରଶେ ଆଉ କୋଇଲିର କୁହୁ ତାନ ଶୁଭେ ନାହିଁ
ବୋଧହୁଏ ପ୍ରଚଣ୍ଡ ଖରାରେ ତା ତଣ୍ଟି ଶୁଖି ଅଛି ଅଠା ହୋଇ।
ନାହିଁ ଆଜି ଏହି ସହର ବଜାରେ ଆମ୍ବ ବଉଳର ବାସ୍ନା
ଲେମ୍ବୁ ସରବତ ବଦଳ ଯାଇଛି ହୋଇ ମାଜା, ଫ୍ରୁଟି, ରସ୍ନା।
କାକୁଡ଼ି ଦର ତ ମହଙ୍ଗା ହୋଇଣ ପହଞ୍ଚି ଗଲାଣି ଷାଠିଏ
ହେବନ କାହଁଯେ ଫେସ୍ ପ୍ୟାକ୍ କରି ସହରୀ ମୁହେଁ ଲଗାଏ।
ସୁନ୍ଦରତା ପାଇଁ ଯେତିକ ପ୍ରୟାସ କଞ୍ଚିତ କରହେ ପ୍ରକୃତି ପାଇଁ
ପରିବେଶ ଆମ ସୁନ୍ଦର ହୋଇବ ଏତେ ବିପର୍ଯ୍ୟୟ ଘଟିବ ନାହିଁ।
ଖରାଦିନ ଖରା ବର୍ଷା ଦିନ ବର୍ଷା ଶୀତ ଦିନ ଶୀତ ମଜା
ଅଦିନଆ ତାତି ଥରାଉଛି ଛାତି ସତେ କଳାପାଣି ସଜ୍ଜା।
ବେଳହୁଁ ସତର୍କ ସାବଧାନ ହେଲେ ଅସୁବିଧା ହେବନାହିଁ
ଚତ୍ତ ବିନୋଦନ କରି ଗ୍ଳଲିଥିବା ସଭିଏଁ ହେ ବନ୍ଧୁ ଭାଇ।

ନୟାପଲ୍ଲୀ, ଜୟଦେବ ବିହାର,
ଭୁବନେଶ୍ୱର

ISSN NO.
2582-208X

# ସ୍ମୃତି ମହକ



ଆଶୁତୋଷ ମେହେର

ଆଜି ଦିନ ଯିବ  ଚୁପଚାପ୍ ଢଳି ଗତକାଲି ରୂପେ ଧରା
ସବୁ ଗତକାଲି ମିଶିଯିବେ ଯେବେ ସ୍ମୃତି କୋଣାରକ ଭରା।
ଜୀବନେ ଘଟଣା ଛନ୍ଦାଛନ୍ଦି ହୁଏ ଏଇମିତି ଛବି ଭାବେ
କାହାଣୀ ତିଆରି ହୋଇ ଠିଆ ହୁଏ ସୁଖଦୁଃଖ ଅନୁଭବେ।।

କିଛି ଲାଗେ ମିଠା କାହା ଦେହେ ଲାଗେ ବେଳକାଳ ଖଟାପଣ
ସବୁ ଗପ ନେଇ ସାଇତା ହୁଏଯେ ସ୍ମୃତିଭରା ଉପବନ।
ମହକ କାହାରି ମତୁଆଲା କରେ ସ୍ୱରଶେ ଚନ୍ଦନ ମନ
ହଳାହଳ ବିଷ କଦାକାର କରେ ଜାଳି ପୋଡେ ଯଉବନ।।

ସ୍ମୃତି ମୁଠେ ଧରି ସମୟ ସଜାଡେ ଜୀବନର ଖେଳ ଘର
ହସକାନ୍ଦ ଲେଖା ଫେଣ୍ଟାଫେଣ୍ଟି ହୁଏ ପଢିବାକୁ କାହିଁ ଡର ?
ଫେରି ଚାହିଁବାକୁ ସମୟ ଅଣ୍ଟେନା ପ୍ରଶ୍ନ ଉଠେ କେବେ ବାରେ,
ଉତ୍ତର ଖୋଜିବା ବେଳ କାହିଁ ଅବା ଏତେ ବଡ ଗନ୍ତାଘରେ ??

ଜୀବନ ଅମୃତ ବାରି ଧାରା ପରା ସ୍ମୃତି ବାନ୍ଧି ରଖେ ତାରେ
ଉଦାସେ ହେଉ ବା ହସ ଲହରୀରେ ହୃଦୟେ ଚମକ ଭରେ।।

୫୪ ଆର୍ଯ୍ୟପଲ୍ଲୀ, କଟଛକ ପଟିଆ
ଭୁବନେଶ୍ୱର ୭୫୧୦୨୪
ଦୂରଭାଷ  9437085396

ISSN NO.
2582-208X

# ସାଇ ଦର୍ଶନ



ଅଳକା ମହାନ୍ତ

ମନ୍ଦିର ରେ ପ୍ରବଳ ଭିଡ଼। ସନ୍ଧ୍ୟା ଆରତୀ ଦେଖିବାକୁ ଲୋକ ଏ ଗେଟ୍ ରୁ ସେ ଗେଟ୍ ଦୌଡ଼ୁଛନ୍ତି। କେତେବେଳେ କେଉଁ ଗେଟ୍ ରେ ଏଣ୍ଟ୍ରି ମିଳେ ଠିକ୍ ନାହିଁ। କଲ୍ୟାଣୀ ଆଉ ତାଙ୍କ ସ୍ୱାମୀ ଙ୍କୁ ସିନିୟର୍ ସିଟିଜେନ୍ ପାସ୍ ମିଳିଥିବା ସତ୍ୱେ ଭୁଲ ବୁଝାମଣା ଯୋଗୁଁ ସାଧାରଣ ଲୋକଙ୍କ ଲାଇନ ରେ ଦର୍ଶନ ପାଇଁ ଯିବାକୁ ପଡିଛି। କଣ କରିବେ। ଏତ ଭି.ଆଇ.ପି ଯୁଗ। ମନ, ବଚନ କର୍ମ ର ଶୁଦ୍ଧତା କୁ ପଚାରେ କିଏ। ସମସ୍ତେ ସ୍ଥୂଳ ଶରୀର, ଉଚ୍ଚ ପଦ ପଦବୀ, ଧନୀକ ଲୋକମାନଙ୍କର ଭକ୍ତ। କଣ ଭକ୍ତି, କଣ ଯୋଗ ଜାଣିବାକୁ ଏ କଳିଯୁଗରେ ସମୟ କାହିଁ?? ସଦାଶିବ ବାବୁ ଗରମ ରେ ଅସ୍ତବ୍ୟସ୍ତ। ଚାଲୁ ଚାଲୁ ସ୍ତ୍ରୀ ପୁରୁଷ ଲାଇନ ରେ ଦୁହେଁ ଯୁଗଳ ଅଲଗା ହୋଇଗଲେ ସେକ୍ୟୁରିଟୀ ଚେକିଙ୍ଗ କରୁକରୁ। କଲ୍ୟାଣୀ ଆଗ ଆସିଯିବା ପରେ ସ୍ୱାମୀଙ୍କୁ ଅନେକ ବାର ଆଗପଛ ଦୌଡା ଦୌଡ଼ି କରି ଖୋଜିଲେ, ହେଲେ ସ୍ୱାମୀ ସେ  ପୁରୁଷ ଲାଇନ ରେ କେଉଁଠି ହଜିଗଲେ ପାଇଲେନି। ଆଗ ପଛରେ ଠିଆ ହୋଇଥିବା  ସମସ୍ତ ସ୍ତ୍ରୀ ମାନେ ଆଗକୁ ଦୌଡ଼ି ଯାଇ  କର୍ଡନର ମିଳନ ସ୍ଥଳ ରେ ସ୍ତ୍ରୀ ପୁରୁଷ ମିଶି କି ପୁଣି ଷ୍ଟିଲ ର କର୍ଡ଼ନ ରେ ଲାଇନ ଦେଇ ସୁଅ ପରି ଆଗେଇ ଚାଲିଥାନ୍ତି ଓମ୍ ସାଇ ରାମ ଜପି ଜପି। କଲ୍ୟାଣୀ ଙ୍କ ମନ ସ୍ୱାମୀ ଙ୍କ ପାଖରେ। କୁଆଡେ ଗଲେ?? ବର୍ଷା ଅବ୍ୟବହିତ ଗରମ ସହ୍ୟ କରି ହେଉ ନଥାଏ। କଣ କରିବେ। ନିଜ ହୋଟେଲଟି ବିଲକୁଲ୍ ମନ୍ଦିର ର ପାର୍ଶ୍ୱ ରେ। ତେଣୁ ଭାବିଲେ,"ଦେଖିବା ଆଗକୁ ବଢ଼ି ଯିବି, କାଳେ ସ୍ୱାମୀ ଆଗକୁ ଯାଇଥିବେ ଭାରି"। ନ ହେଲେ ଦର୍ଶନ ସରିଲେ ହୋଟେଲ କୁ ଯିବି, ସେ ବି ଦର୍ଶନ କରି ସେହି ହୋଟେଲ କୁ ତ ଆସିବେ ନା। ଏପରି ଭାବି  ଧିରେ ଧିରେ ଆଗକୁ ଜନ ଗହଳିକୁ ରୋକିବାକୁ ହୋଇଥିବା କ୍ୟୁ ରେ ଯନ୍ତ୍ର ଚାଳିତ ପରି ଚାଲିବାକୁ ଲାଗିଲେ। ଯିବା ସମୟରେ ଏଲ୍ ସି ଡ଼ି ରେ ବାବା ଙ୍କ ସଂଧ୍ୟା ଆଳତି ର ଉପକ୍ରମ ଟେଲିକାଷ୍ଟ ହେଉ ଥାଏ। କଲ୍ୟାଣୀ ସୂକ୍ଷ୍ମ ଚୈତନ୍ୟ ଶକ୍ତି ଆଧାର ରେ କେତେ ଥର ଯେ

ISSN NO.
2582-208X

ବାବା ମିଳନ କରି ଚାଲିଥାଏ ତାର ଗଣତି ନାହିଁ। ଈଶ୍ୱର ଙ୍କୁ ସମର୍ପଣ କରି ଆଗକୁ ବଢ଼ି ଚାଲିଥାଏ। ଗୋଟିଏ ରୁମ୍ ରୁ ଆଉ ଗୋଟେ ରୁମ୍ କୁ ଯିବା ପରେ, ଯେତେବେଳେ ସମାଧି ମନ୍ଦିର କୁ ଯିବାକୁ ନିକଟତର ହୋଇଗଲା ସେତେବେଳେ ଗେଟ୍ ବନ୍ଦ ହୋଇଗଲା। କଲ୍ୟାଣୀ ଦେଖିଲେ, ସ୍ୱାମୀ ତିନି ଲାଇନ ପଛରେ ଅଛନ୍ତି। ଦେଖି ଖୁସିରେ ଜୋର୍ ଜୋରରେ ଡାକି ପକାଇଲେ,

"ହାଇଓ, ଦେଖ! ମୁଁ ଏଇଠି ଅଛି।

ହଇଓ ଶବ୍ଦ ରେ ସ୍ୱାମୀ ଅତି ପରିଚିତ। ତୁରନ୍ତ ବାଆଁ ଡାହାଣ ଦେଖି ଭିଡ଼ ଭିତରୁ ସ୍ତ୍ରୀ ଙ୍କୁ ଦେଖି ପ୍ରସନ୍ନ ବଦନରେ କହିଲେ,

"ତୁମେ ଆଗରେ ଅପେକ୍ଷା କର, ମୁଁ ଆସିବା ଯାଏ।"

କଲ୍ୟାଣୀ ଯେଉଁଠାରେ କୁଲର ଚାଲିଥାଏ ସେଇଠି ଗୋଟେ କଣରେ ବାମ ପାର୍ଶ୍ୱରେ ଠିଆ ହୋଇ ଗଲେ। ଆଉ ଆରତୀ ଏଲ୍ସିଡି ରେ ଲାଇଭ ଦେଖି ଖୁସି ହେଉଥିଲେ।

ଆରେ ଏ କଣ?? ଲାଇନ ମଧ୍ୟରୁ ଏକ ସ୍ତ୍ରୀ ଲୋକ ର ଚିଲା ଚିଲି ର ଅୱାଜ୍। କିଏ? କଣ ହେଲା। ଗରମ୍ ରେ କେହି ବେହୋସ୍ ହୋଇ ପଡିଗଲେ କି। ସ୍ୱାମୀ ଆଉ ଭିଡ଼ରେ ଦେଖା ଯାଉ ନଥିଲେ। ଅଙ୍କା ବଙ୍କା କର୍ଡନ ଭିତରେ କେଉଁଠି ହଜି ଯାଇଥାନ୍ତି। ଟିକେ ଦେଖା ହେବା ପରେ ଆଉ କେହି କାହାକୁ ଦେଖି ପାରୁନାହାନ୍ତି ସେ ସର୍ପିଳ ଧାଡ଼ି ରେ । କେଉଁଠି କିଛି ଅସୁବିଧା ହେଲେ, ମଣିଷ ଆଗ ନିଜ ଲୋକଙ୍କ କଥା ଭାବି ନିଏ, ସେହିପରି ଏପରି ଚିତ୍କାର ଶୁଣି କଲ୍ୟାଣୀ ନିଜ ସ୍ୱାମୀ ଙ୍କର କିଛି ଅସୁବିଧା ହୋଇନି ତ, ଏହା ଭାବି ପୁଣି ସମସ୍ତଙ୍କୁ ସେ ଲାଇନ୍ ଭିତରେ ଠେଲି ଠାଲି ଯାଇ ଘଟଣା ସ୍ଥଳ ରେ ପହଞ୍ଚି ଦେଖିଲେ ଯେ, ଆରତୀ ଦେଖି ଚିତ୍କାର କରୁଥିବା ସ୍ତ୍ରୀ ଲୋକ ଜଣକ ହାତରୁ ଚୁଡ଼ି ଭାଙ୍ଗି, ମଙ୍ଗଳ ସୂତ୍ର ଚିଣ୍ଡାଇ, ମୁଣ୍ଡ ବାଳ ଖୋଲି, ଘାୟାଲ ବାଘୁଣୀ ପରି ଏତେ ସ୍ପିଡ୍ ରେ କ୍ଲକ୍ ୱାଇଜ୍ ଏବଂ ଆଣ୍ଟୀ କ୍ଲକ୍ ୱାଇଜ୍ ମୁଣ୍ଡ କୁ ଘୁରାଉଛି ଯେ କଳ୍ପନା କରି ହେବନି। ତା ସ୍ୱାମୀ ଠିଆ ହୋଇ ସାକ୍ଷୀ ଦ୍ରଷ୍ଟା ହୋଇଛି। ସେକ୍ୟୁରିଟି ଗାର୍ଡ ବି ରିକୁଛନ୍ତି। ହେଲେ ସେ ଶୁଣୁନାହନ୍ତି। ସେମିତି ମୁଣ୍ଡ କୁ ବୁଲାଇ ଚାଲିଥାନ୍ତି ଚକ୍ରୀ ପରି।

କଲ୍ୟାଣୀ ପଚାରିଲେ, କଣ ହେଲା ମାଡମ୍ ଙ୍କୁ??

ISSN NO.
2582-208X

-- କିଛି ନାହିଁ, ଆରତୀ ପରେ ସେ ଆସିଯିବ l

-- ଆସିଯିବ ? ? କୁଆଡେ ଗଲେ କି ସେ ? ?

-- ସେ ଏବେ ଶରୀର ରେ ନାହିଁ। ତା ଭିତରେ ଦେବୀ ଆସିଛନ୍ତି।

କଲ୍ୟାଣୀ, ପ୍ରଥମ ଥର ଦେଖିଲେ, କିଛି ବୁଝି ପାରିଲେନି । ତାଙ୍କୁ ଉଠାଇବାକୁ ଚେଷ୍ଟା କରି କରୁ, ତାଙ୍କ ସ୍ୱାମୀ କହିଲେ,ତାଙ୍କୁ ଟଚ୍ କର ନାହିଁ। ସେ ନିଜେ ଆସିବେ l

ଚୁପଚାପ କଲ୍ୟାଣୀ ପଳାଇ ଆସିଲେ। ବୁଝି ପାରୁ ନଥିଲେ କି ଏପରି ଉନ୍ମାଦନା କଣ ପାଇଁ। ସବୁ କିଛି ମନ ବୁଦ୍ଧି ସଂସ୍କାର ରେ ହିଁ ରହୁଛି। ଆତ୍ମା ତାର ମନ ଆଉ ବୁଦ୍ଧି ର ଅଧୀନ l ପୁଣି ଯଥା ସ୍ଥାନ କୁ ଫେରି ଆସି କୁଲର୍ ପାଖରେ ଠିଆ ହୋଇ ନିଜକୁ ଗରମ ରୁ ବଞ୍ଚାଇ, ଆଉ ସାଇ ବାବା ଙ୍କ ଆରତୀ ର  ତାଳେ ତାଳେ ମନ କୁ ମଜାଇ ସ୍ୱାମୀଙ୍କୁ ଅପେକ୍ଷା କରୁଥାନ୍ତି ଆଉ ଗେଟ୍ ଖୋଲା ହେବା ପାଇଁ ଅପେକ୍ଷା କରୁଥାନ୍ତି  l

ସାମ୍ନା ରେ ଦୁଇଜଣ ବୃଦ୍ଧ ଯୁଗଳ ମନ୍ଦିର ଦ୍ୱାର ଖୋଲିବାକୁ ବି ଅପେକ୍ଷକୃତ। କଲ୍ୟାଣୀଙ୍କ ପାଖକୁ ଆସି, ସେ କୋଳାହଳ ର ଆଖିଦେଖା ହାଲ ଶୁଣିବାକୁ ଉତ୍ସାହୀ ହୋଇ ମାତା ଜଣଙ୍କ ପ୍ରଶ୍ନ କଲେ ଆରପଟରୁ,

--କ୍ୟା ହୁଆ ରେ ବେଟା, ଇତନା ଶୋର୍ କ୍ୟୁଁ ?

-- ମାଉସୀ, କୁଛ ନହିଁ। କିସିକେ ଶରୀର ମେଁ ଦେବୀ ଆୟୀ ବୋଲତେ ହେଁ। ଓ୍ୱ ଐସେ ଶିର୍ ଘୂମା କେ ଚିଲ୍ଲା ରହି ହୈ l

-- ଓଃ, ଐସା ହୋତା ହୈ ବେଟା l

କଲ୍ୟାଣୀ ପୁଣି ତାଯୁବ ହୋଇଗଲେ l ଏବେ ବି ଲୋକ ଏମିତି ହେଉଛନ୍ତି ? ?

କଥା ଭୁଲେଇ କଲ୍ୟାଣୀ ପଚାରିଲେ,

--ଆପ ଦୋନୋ ଆୟେ ହୋ ? ଔର କୋଇ ସାଥ ମେଁ ହେଁ ? ?

ISSN NO.
2582-208X

ହାଁ ଝିଅ, ଆମେ ଦି ଜଣ(ହିନ୍ଦୀ ରେ କହୁଥାନ୍ତି) ମୋ ନାତି ଏବେ ଫଲ୍ ପାଇଁ ଆଡ଼ମିଶନ କରିବ। ତା ପାଇଁ ପୂଜା କରିବାକୁ ଆସିଛି। ବାବା ଦେଇଛନ୍ତି, ସେ ହିଁ ତାକୁ ଦେଖିବେ।

କଲ୍ୟାଣୀ ଦେଖୁଥିଲା, ଅତ୍ୟନ୍ତ ଧନୀ ଘରର ଯୁଗଳ ଏମାନେ। ବୟସ ଅଶୀ ରୁ ଅଧିକ। ମାଉସୀ ଅଧା ନଇଁ ପଡିଛନ୍ତି। ମଉସା ଆଉଟ୍ ସାର୍ଟ କଲେ ମଧ୍ୟ ବହୁତ ଏଲର୍ଟ, ସ୍ମାର୍ଟ। ସବୁ କଥାରେ ନିଘା ରଖି ମାଉସୀ ଙ୍କୁ ସମ୍ଭାଳୁ ଥାଆନ୍ତି।

କଲ୍ୟାଣୀ ପଚାରିଲେ, ନାତି କୋଉଠି ଅଛି ?? ସାଥିରେ ଆଣି ଲେନି ??

କହିଲେ, ସେ କଣ ଏଇଠି ଅଛି, ଆମେରିକା ରେ ଅଛି। ତା ବାବା (ମୋ ପୁଅ) ବୈଜ୍ଞାନିକ। ବୋହୂ ବି ବୈଜ୍ଞାନିକ। ନାତି ମୋର ଡକ୍ଟରେଟ୍ କରିବ, ପୋଷ୍ଟ ଡକ୍ଟରାଲ ବି କରିବ। ସେଥିପାଇଁ ବାବାଙ୍କୁ କହିବାକୁ ଆସିଛି।

--ସେମାନେ ଆସନ୍ତିନି କି ?

-- ଆସନ୍ତି, ବର୍ଷ କୁ ଥରେ। ନାତି ଆମକୁ ବହୁତ ଭଲ ପାଏ।

-- ଆପଣ ତାଙ୍କ ପାଖରେ ରହିବା କଥା। ଭଲ ଲାଗିବ !

-- ନା ମା, ଏଇଠି ବାବା, ବାବା ଙ୍କ ଦିଆ ହୁଆ ଚାରି ମହଲା କୋଠା। ତଳେ ଅଫିସ୍ କୁ ଭଡ଼ା, ଉପର ଦିଟା ଗେଷ୍ଟ ହାଉସ କୁ ଦେଇଛୁ, ଆମେ ମଝିରେ ଅଛୁ।

-- ମାଉସୀ ଆମେରିକା ରେ ସାଇ ମନ୍ଦିର ଅଛି। ଯାଆନ୍ତୁ। ଭଲ ଲାଗିବ।

-- ହେଲେ, ମୋ ପଡୋଶୀ, ମୋ ଟ୍ରଷ୍ଟ ର ଲୋକ, ମୋ ବନ୍ଧୁ ବାନ୍ଧବ ନାହାନ୍ତି ନା ବେଟା। ଏଇଠି ଗୋଟେ ସିନିଅର ସିଟିଜେନ୍ ର ଟ୍ରଷ୍ଟ କରି ଅନେକ ବୃଦ୍ଧ ବୟସର ଲୋକଙ୍କୁ ସହାୟତା ଦେଉଛୁ। ସେଇଠିକୁ ଗଲେ ଆମ ହାତ ଗୋଡ଼ ବନ୍ଦ ହୋଇ ଯିବ। ଏଇଠି ରହି ପୁଅକୁ ବଡ଼ କଲୁ। ଏଇଠି ରହି ନାତି ର ମଙ୍ଗଳ କାମନା କରିବୁ। ଏଇଠି ଆମକୁ ବାବା ରଖିଛନ୍ତି। ବାବା କୁ ଛାଡ଼ି କୁଆଡେ ଯିବୁ ??

ISSN NO.
2582-208X

ଆରତୀ ଶେଷ ହେବା ପୂର୍ବରୁ ପୋଲିସ ମଉସା ମାଉସୀ ଙ୍କୁ ଆଗକୁ ଡାକି ନେଲା। ବୃଦ୍ଧ ଲୋକଙ୍କୁ ଆଗ ପଠେଇ ଦେଇ ଅନ୍ୟ ମାନଙ୍କ ପାଇଁ ଷ୍ଟିଲ  ଗେଟ୍ କୁ ସ୍ଲାଇଡ୍ କରି କହିଲା, ଆସ, ଏବେ ଦର୍ଶନ ପାଇଁ ଭିତକୁ ଅସ। ସ୍ୱାମୀ ଙ୍କ ଆଗମନ କୁ ଅପେକ୍ଷା କରି ସେ କୋଣ ରେ କଲ୍ୟାଣୀ ଦେଖୁଥିଲେ, କିଏ କେତେ ଆଶା, ବିଶ୍ୱାସ ନେଇ ସେ ଭିଡ଼ ରେ ଠିଆ ହୋଇଛି।

କର୍ମ ସାଥିରେ ଅସ୍ଥା ବି ମନୋବଳ ବଢ଼ାଉଛି । ସେହି ବଳ ଯୋଗୁଁ ଆଜି ଏ ଜନ ସମୁଦ୍ର ବଳ, ବୟସ କୁ ଭ୍ରୁକ୍ଷେପ ନକରି କତାର ରେ ଠିଆ ହୋଇଛନ୍ତି।

ନଭି ମୁମ୍ବାଇ, ମହାରାଷ୍ଟ୍ର
ମୋ: ୭୩୦୩୨୬୪୩୭୭

ISSN NO.
2582-208X

# ଭାବଗ୍ରାହୀ



ସତ୍ୟନାରାୟଣ ପ୍ରସାଦ ନାୟକ

ଭବ ସିନ୍ଧୁ ଜଳେ  ଜୀବନ ନଉକା
ଦେଇଛ ତୁମେ ଭସେଇ,
ସେଇ ନଉକାର  ତୁମେତ ନାଉରୀ
ଦିବା ନଶି ହୁଏ ଝୁରି ।

ପୂଣ୍ୟ ପ୍ରଭାତରେ ପୂଣ୍ୟ ସାୟଂ କାଳେ
କରି ତୁମ ଆରାଧନା,
ଅନ୍ତର ଭିତରୁ ତୁମକୁ ଡାକଲେ
ନ ରହେ ଦୁଃଖ ଯାତନା ।

ନୀରବେ ନଷ୍ଟଳେ  ତୁମେ ନୀଳାଚଳେ
ହେଇଛ କ ବିରାଜିତ,
ତୁମକୁ ଜପିଲେ ତୁମକୁ ଡାକଲେ
ମନ ହୋଇଯାଏ ଶାନ୍ତ ।

ଅଳକ ଅଟଇ  ମଣିଷ ଜୀବନ
ଅଳକ ଏଇ ସଂସାର,
ଭାବରେ ବାନ୍ଧିଲେ ତୁମେ ଭାବଗ୍ରାହୀ
ଅଭୟ ପ୍ରଦାନ କର ।

ତୁମରି କରୁଣା ହୁଏ ନାହିଁ ଊଣା
ହୁଏ ନାହିଁ ବାଟବଣା,
ପୂଣ୍ୟ କର୍ମ ବଳେ ମିଳଥାଏ ସତେ
ସେହି ପୂଣ୍ୟର ପାଉଣା ।

କର୍ମ ଅନୁସାରେ ଫଳ ଫଳଥାଏ
କେହି ନ ପାରଇ ରୋକ,
ଜୀବ ଗଲା ବେଳେ ସଙ୍ଗେ ନେଇଯାଏ
ଯାହା ରହିଯାଏ ବାକ ।

ରହସ୍ୟରେ ଘେରା ମଣିଷ ଜୀବନ
ମରଣେ ହୁଅଇ ଲୀନ,
ଶରୀର ପଞ୍ଜୁରୀ ଛାଡି ଗ୍ଲଲିଯାଏ
ଆତ୍ମା ପକ୍ଷୀ ଚରନ୍ତନ ।

ରଥ ରୋଡ, ଭୁବନେଶ୍ୱର -2
Mob-9437764014

ISSN NO.
2582-208X

# ଆମ ମଉସୁମୀ



ଅଧାପକ ଅବିନାଶ ବାରିକ୍

ଆମ ମଉସୁମୀ ମେଘମାଳା ଘେନ କରିଣ ଧର୍‌ ମଣ୍ଡନ ।
ଗୃହିଁ ବସିଛନ୍ତି ଏ ଜଗତବାସୀ କରିଣ ଅଭିନନ୍ଦନ ।୧।
ସୌର ଆତପରେ ତାପିତ ଜୀବନ ସର୍ବ ଜୀବଜନ୍ତୁଙ୍କର ।
ପ୍ରଭାକର କର ଗ୍ରୀଷମ ଋତୁରେ ଅହୀତ କରେ ମହୀର ।୨।
ଜଳ ବିନା ଏହି ଧରଣୀ ଗ୍ଣିର ଶ୍ୟାମଳମା ନରହର ।
ବସନ୍ତର ମୃଦୁ ମଳୟ ସମୀର ଆଉ ଧିରେ ନ ବହଇ ।୩।
ଶୀତ ପରେ ବସନ୍ତର ଆଗମନ ତା ପରେ ଋତୁ ଗ୍ରୀଷମ ।
ନଦାଘର ପରେ ବରଷାର ଋତୁ ଏତ ପ୍ରକୃତି ନିୟମ ।୪।
ଶରତ ପରେ ହେମନ୍ତ ଋତୁ ଆସେ ବରଷା ପରେ ଶରତ ।
ଏକ ପରେ ଆନକରେ ଆଗମନ ଏହାତ ପ୍ରକୃତି ଦତ୍ତ ।୫।
ଦିବସ ପରେ ନିଶି ଆସଇ ଯଥା ଅୟନର ଆଗମନ ।
ଦକ୍ଷିଣାୟନର ପରେ ପରେ ଦେଖ ପ୍ରବେଶ ଉତ୍ତରାୟଣ ।୬।
ହେ ପ୍ରକୃତି ରାଣୀ ହୋଇ ଦୟାବତୀ ବରଷାକୁ ଡାକିଆଣ ।
ଉତ୍ତପ୍ତ ଧରନୀ ପାଇ ଟୋପେ ପାଣି ଧନ୍ୟ ମଣୁ ଏ ଜୀବନ ।୭।
ଲତା ଓ ପାଦବ ପ୍ରାଣୀର ଜଗତ ଡାକୁଛନ୍ତି ତ୍ରାହୀ ତ୍ରାହୀ ।
ଆସିଣ ସଅଳ ବର୍ଷ ଅନର୍ଗଳ ବର୍ଷଣ ମୁଖର ହୋଇ ।୮।
ଘନ ଘନ ଘନ ବରଷିଣ ନୀର ବିଜୁଳି ଆଣୁ ଚମକ ।

ISSN NO.
2582-208X

ଘଡ ଘଡି ସାଥେ ଭେକରବମାନ ଅତ୍ୟନ୍ତ ସୁଖଦାୟକ ।୯।
ସାଧବର ବୋହୂ ନାଲି ଟୁକୁଟୁକୁ ବେଶେ ଶୋହଇ ଅବଶ୍ୟ ।
କେକୀ କରେ ରାବ ଦେଖି ନୂଆ ମେଘ ବାହୁକ ରାବ ବିଶେଷ ।୧୦।
କଟର କଟର ଭେକ ରାବ ଶୁଣି କୃଷକ ହୁଏ ସନ୍ତୋଷ ।
ବରଷାର କାଳ ସାଣିଣ ସତ୍ୱର ଆରମ୍ଭ କରଇ ଚାଷ ।୧୧।
ଦେଖ ଚାଷୀକୁଳ ଆନନ୍ଦ ସକଳ କୃଷିକାର୍ଯ୍ୟେ ନମଗନ ।
ଆଷାଢ ମାସରେ ଘନ ବରଷାରେ ଦେଗ ଦିଶଇ ପ୍ରସନ୍ନ ।୧୨।
ସବୁଜିମା ଭରି ହୁଅଇ ଏ ଧରା ବରଷା ପରଶ ପାଇ।
କଆ ଗୋହିରୀରୁ କୁମ୍ଭାଟୁଆ ଡାକ ଶୁଭୁଥାଏ ରହି ରହି ।୧୩।
କୂପ ପୁଷ୍କରିଣୀ ନଦନଦୀ ହ୍ରଦ ଭରପୁର ହୋନ୍ତି ଜଳେ ।
ଘନ ଅନ୍ଧକାର ଡାଙ୍କର ଜଗତ ଦଶଦିଶ ମେଘ କୋଳେ ।୧୪।
ନବଦିନ ବ୍ୟାପି ଘୋଷଯାତ୍ରାରେ ହୋଇଥାଏ ଆଗମନ ।
ବରଷା ଆଗମେ ରସାଣିତ ରସା ଉଲ୍ଲସିତ ଜନ ମନ ।୧୫।

ଭାରତୀୟ ଡାକ ସେବା ବିଭାଗ
ମହୁ, ଆଳ, କେନ୍ଦ୍ରାପଡ଼ା
ମୋ- ୭୦୦୮୪୩୬୮୩୪

ISSN NO.
2582-208X

# ବାଣୀ



ଅକ୍ଷୟ ମହାନ୍ତ (ନର୍ମାଲ୍ୟ)

ବାଣୀଟାକୁ ଯଦି
ବୀଣା କରାଯାଏ
ସଂଗୀତ ଶୁଣାଉ ଥିବ
ବାଣ କରିଦେଲେ
ଯୁଦ୍ଧ ଘରେ ସିଏ
ଗୁଆଟେ ପକାଇ ଦେବ।

ଅପ୍ରିୟ ସତ୍ୟକୁ
ଏଡାଇବା ପାଇଁ
ପ୍ରୟାସ ବି ଜାରି ରହୁ
ଯିଏ ଯା'କହୁଛି
ନିର୍ବିଘ୍ନରେ ତାକୁ
କହିବାକୁ ଦିଆଯାଉ।

ପ୍ରତିବାଦ କଲେ
ଝଡ ସୃଷ୍ଟି ହେବ
ସହିଷ୍ଣୁତା ରହିବନ
ହସି ଦେଲେ ଟିକେ
କଥା ସରିଯିବ
ଆଗକୁ ବଢିବ ନାହିଁ।

ଶତ୍ରୁ ସିନା ତହିଁ
ବନ୍ଧୁ ହୋଇଯିବ
ସଂପର୍କଟା ବଢିଯିବ
ନୋହିଲେ ମନକୁ
ଅଶାନ୍ତିର ନିଆଁ
ଘୁଣ ପରି ଖାଉଥିବ।

ସବୁଠାରୁ ଭଲ
ମଉନ ରହିବା
କିଛି ନ କହିବା ଭଲ
ସ୍ୱର ବର୍ଣ୍ଣ ଯଦି
ବ୍ୟଞ୍ଜନ ହୋଇବ
ଅର୍ଥ ହୋଇଯିବ ଭେଲ।

ISSN NO.
2582-208X

ଗୋଟିଏ ଶବ୍ଦର
ଉଚ୍ଚାରଣ ଯଦି
ଏପଟ ସେପଟ ହୁଏ
ଅର୍ଥଟା ସହଜେ
ଭିନ୍ନ ରୂପ ନେଇ
ଅଲଗା ବି ହୋଇଯାଏ ।

ସେହିଠାରେ ବାଣୀ
ବୀଣା ବଦଳରେ
ବାଣ ହିଁ ପାଲଟି ଯାଏ
ମହାଭାରତର
ରଣ କଉଶଳ
ସେହିଠାରୁ ସୁରୁହୁଏ ।

ମୋ ନଂ 9937462507

ISSN NO.
2582-208X

# ଆମ ସାର୍, ଦୋଳ ସାର୍



କୀର୍ତ୍ତି ଦେବୀ

ଶ୍ରୀଯୁକ୍ତ ଦୋଳଗୋବିନ୍ଦ ଦାସ (ଦୋଳ ସାର୍) ପିତା ଚଉଦୁରୀ ପ୍ୟାରିମୋହନ ମହାନ୍ତି ଓ ମାତା ଲାବଣ୍ୟ ଦେବୀଙ୍କ କୋଳକୁ ୧୯୪୦ ମସିହାରେ ଆସିଥିଲେ । ପିଲାଟିକୁ ପାଇ (ଦୋଳ ସାର୍ ଙ୍କୁ ) ପିତା-ମାତା ବହୁତ ସ୍ନେହ ଆଦର ଯତ୍ନରେ ବଢାଇଥିଲେ । ହାଇସ୍କୁଲ ଶିକ୍ଷା ଅଧ୍ୟୟନ ସମାପ୍ତ କରିବା ପରେ ସେ ମାଟ୍ରିକ ପାସ୍ କରି ଶିକ୍ଷକତା ଆରମ୍ଭ କରିଥିଲେ ।



ଦୋଳ ସାର୍
୧୯୪୦-୨୦୨୨

ଏ ଦୁନିଆରେ ଖୁବ୍ କମ୍ ଶିକ୍ଷକ ମିଳନ୍ତି, ଯିଏ ସର୍ବଦା ନମସ୍ୟ/ସମାଜରେ ଚଳିବାକୁ ହେଲେ ବିଭିନ୍ନ ନୀତି ନିୟମ ମାନି ଚଳିବାକୁ ହୁଏ । ଜୀବନର ଆରମ୍ଭରୁ ପ୍ରତ୍ୟେକ ଶିଶୁକୁ ଯଦି ଏକ୍ ଭଲ ଗୁରୁ ମିଳିଯାଆନ୍ତି, ତା ହେଲେ ସେମାନେ ନିଜକୁ ସଜାଡି ଦେଇ ଠିକ୍ ବାଟରେ ପରିଚାଳିତ ହୁଅନ୍ତି ।

ISSN NO.
2582-208X

ଶ୍ରୀଯୁକ୍ତ ଦୋଳଗୋବିନ୍ଦ "ଦୋଳ ସାର୍" ରୂପେ ଆମର ଘରେ ପରିଚିତ । ଆମ ଘରେ ସାର୍ ଙ୍କୁ ଯେମିତି ସମ୍ମାନ ଦିଆଯାଏ ତା ଠାରୁ ଅଧିକ ସେ ଆମକୁ ସ୍ନେହ ଆଦର କରନ୍ତି । ଆମ ନନା-ବୋଉଙ୍କୁ (ଶ୍ରୀଯୁକ୍ତ ବାସୁଦେବ ପାଠୀ ଏବଂ ଶ୍ରୀମତୀ ପ୍ରତିଭା ଦେବୀ) ସେ ଅତ୍ୟନ୍ତ ଭଲ ପାଆନ୍ତି । ଏଇଠି ଗୋଟିଏ ମଜା କଥା ମନେ ପଡୁଛି, ଥରେ ସାର୍ ଟିଉସନ୍ କଲାବେଳେ ନନା ଡାକିଲେ । ଆମ କଣ କହୁଛ, ହଁ ଯାଉଛି ଓ କଣ ଏପରି ଉତ୍ତର ଦେଇଥାଉ । ସେତେବେଳେ ସାର୍ କହିଲେ ନନା ଡାକିଲେ ସଙ୍ଗେସଙ୍ଗେ ଆଜ୍ଞା ବୋଲି ଧୀର ସ୍ୱରରେ କହିବ । ଆମେ ନନାଙ୍କୁ ଏହି କଥା କହିବାରୁ ନନା କହିଲେ, ଯା ତୋ ବୋଉକୁ କହିଦେବୁ ।

ସ୍ନେହୀ, ନିଷ୍ଠା, ସହନଶୀଳତା, ତ୍ୟାଗ, ମାନବିକତା, ପରୋପକାରୀ ଏପରି ଅନେକ ଗୁଣର ଅଧିକାରୀ ଥିଲେ ସାର୍ । ତାଙ୍କୁ ଭାଷାରେ ପ୍ରକାଶ କରିବା ସହଜ ନୁହେଁ । ଆଜିର ଏ ଦୁନିଆରେ ଏପରି ଜଣେ ଦରଦୀ ମଣିଷ ପାଇବା ବିରଳ/ଆଚାର୍ଯ୍ୟ ହରିହର ଓ ଗୋପବନ୍ଧୁଙ୍କ ତ୍ୟାଗ ଓ ସମାଜ ସେବା ପାଇଁ ସେମାନେ ଆଜି ଉତ୍କଳରେ ଚିର ନମସ୍ୟ । ବନ୍ଦୀର ଆତ୍ମକଥାରେ ଗୋପବନ୍ଧୁ ଲେଖିଛନ୍ତି:-

"ମାନବ ଜୀବନ ନୁହଇ କେବଳ ବର୍ଷ ମାସ ଦିନ ଦଣ୍ଡ,
କର୍ମେ ଜୀଏଁ ନର କର୍ମ ଏକା ତାର ଜୀବନର ମାନଦଣ୍ଡ ।"

ସାର୍ ଙ୍କ ପାଇଁ ଏହା କେତେ ପରିମାଣରେ ଉପଯୁକ୍ତ, ତାହା ଯିଏ ତାଙ୍କୁ ଜାଣିଥିବ, ସେ ମର୍ମେ ମର୍ମେ ଅନୁଭବ କରିପାରିବ ।

ଆମ ପିଲାବେଳେ, ଆମେ ଭାଇଭଉଣୀ ଓ ସାର୍ ଙ୍କ ପୁଅ ଝିଅ ମିଶି ବହୁତ ଖେଳୁଥିଲୁ ଓ ଭୋଜିଭାତ କରି ଖାଇ ମଜା କରୁଥିଲୁ । ସାର୍ ସବୁବେଳେ ଆମକୁ କହୁଥିଲେ ତୁମେମାନେ ପ୍ରଥମେ ଭଲ ମଣିଷ ହୁଅ । ତା ପରେ ଭଲ ପାଠ ପଢ । ଗୁରୁଜନମାନଙ୍କୁ ଭକ୍ତି ଓ ସାନ ମାନଙ୍କୁ ସ୍ନେହ ଆଦର କର । ଆମେ କେତେଥର ସାର୍ ଙ୍କୁ କହି ମେଜିକ୍ କରି ଚକଲେଟ୍ ବିସ୍କୁଟ୍ ଖାଇଛୁ ତା ସାର୍ ଆଜି ଉପରେ ଥାଇ ଜାଣିପାରୁଥିବେ ।

ଏହି ବର୍ଷ ୨୦୨୨ ମାର୍ଚ୍ଚ ମାସ ହୋଲିରେ ମୁଁ ପୁରୀକୁ ଯାଇ ଘରକୁ ଫେରିଲାବେଳେ ସାର୍ ତାଙ୍କ ଦାଣ୍ଡ ଦୁଆରରେ ବସିଥିଲେ । ମୁଁ ସାଙ୍ଗେ ସାଙ୍ଗେ ମୋ ସ୍ୱାମୀ ଶ୍ରୀଯୁକ୍ତ ସୁଜିତ୍ କୁମାର ଶତପଥୀଙ୍କୁ କହିଲି ଗାଡି ରଖି ଆମେ ଟିକେ ସାର୍ ଙ୍କୁ ଦେଖା କରିବା । ସାର୍ ଆମକୁ ଭଲରି ଦେଖିପାରିଲେ ନାହିଁ କିନ୍ତୁ ଆମର କଥାରୁ ଜାଣିପାରି କହିଲେ, ତୁମେ ଝିଅ ଜ୍ୟୋଇଁ ।

ISSN NO.
2582-208X

ଜୋଇଁଙ୍କ ସାଙ୍ଗରେ ଆସିଛୁ ଟିକେ କିଛି ଖାଇକରି ଯିବୁ । ଆମେ ଅବଢା ଖାଇ ଫେରୁଥିଲୁ । ସେଥିପାଇଁ ମନା କରିଲୁ । ସାର୍ କିନ୍ତୁ ପୂରା ଜିଦି କରି କହିଲେ ତୁମେ ଦୁଇଜଣ କାଲି ସକାଳେ ଆସି ଜଳଖିଆ ଖାଇ କରି ଯିବ । ମୁଁ ହଁ କହିଲି, କିନ୍ତୁ ମୁଁ ଗଲିନି କାରଣ ସାର୍ ଙ୍କ ଠାରୁ ଆମେ ବହୁତ ଖାଇଛୁ । ତାଙ୍କର ଏ ବୟସରେ ସେ ଘରେ ଏକା ଥିଲେ । ମାଉସୀ ଓ ଅନ୍ୟମାନେ ଗାଁକୁ ଯାଇଥିଲେ । ସେଥିପାଇଁ ମୁଁ ଖାଇବାକୁ ଯାଇନଥିଲି । ସାର୍ ଙ୍କ ପୁଅ କୁନା କି ବୁଢା ଦେଖିଥିଲେ ରାସ୍ତାରୁ ଆମକୁ ଡାକି ଯାହା ହେଲେ ଦିଅନ୍ତି ଖାଇବାକୁ । ମୁଁ ସିନା ସାର୍ ଙ୍କ କଥା ମାନିଲିନି, କିନ୍ତୁ ସାର୍ ଚାଲିଯିବାର ଖବର ପାଇଁ ମୋ ଆଖିରୁ ଧାର ଧାର ଲୁହ ବୋହିବାରେ ଲାଗିଲା । ମନେ ମନେ ଭାବିଲି ମୁଁ କାହିଁକି ଗଲିନି ? ସତରେ ! ବିଧିର ବିଧାନକୁ କେ କରିବ ଆନ । ସମସ୍ତେ ତ ନିଜ କର୍ମ ସାରି ଏ ମର୍ତ୍ତ୍ୟ ମଣ୍ଡଳରୁ ଦିନେ ଚାଲିଯିବେ ।

ଆଜି ସାର୍ ନାହାନ୍ତି ସତ, ୨୬ ଅଗଷ୍ଟ ୨୦୨୨ ରେ ସେ ଇହଲୀଳା ସମ୍ବରଣ କରିଛନ୍ତି । ଏଇ ବର୍ଷ ଗୁରୁ ଦିବସ ସେପ୍ଟେମ୍ବର ୫, ୨୦୨୨ ରେ ଆମ ପରିବାର ଓ ସାର୍ ଙ୍କ ପରିବାର ତରଫରୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା କରୁଛି, ସାର୍ ଙ୍କ ଆତ୍ମାକୁ ସଦଗତି ମିଳୁ । ସାର୍, ଆପଣ ଉପରେ ଥାଇ ଆପଣଙ୍କର ଅଗଣିତ ଛାତ୍ରଛାତ୍ରୀଙ୍କୁ ଆଶିଷ ଦିଅନ୍ତୁ, ସମସ୍ତେ ଭଲରେ ରୁହନ୍ତି । ସାର୍ ପୁଣି ଥରେ କ୍ଷମା ମାଗୁଛି ତୁମ କଥା ମାନି ନାହିଁ ବୋଲି । ମୋର ଆଶା ଓ ବିଶ୍ୱାସ ଆପଣ ନିଶ୍ଚୟ ବୁଝିପାରୁଥିବେ ମୁଁ କାହିଁକି ଜଳଖିଆ ଖାଇବାକୁ ମନା କଲି ।

ସାର୍, ଆପଣଙ୍କ ବିଷୟରେ ଯେତେ ଲେଖିଲେ ବା ଭାବିଲେ ସବୁ କମ ହେବ । କାରଣ ଆଆଶରେ ତାରାକୁ କେହି ଗଣିପାରନ୍ତି ନାହିଁ କିନ୍ତୁ ସୂର୍ଯ୍ୟ ଚନ୍ଦ୍ର ଗୋଟିଏ ଗୋଟିଏ ହୋଇଥିବାରୁ ସମସ୍ତେ ତାକୁ ଗଣିପାରନ୍ତି । ଠିକ୍ ସେହିପରି, ଆପଣଙ୍କ ଅଗଣିତ ଛାତ୍ରଛାତ୍ରୀଙ୍କ ପାଇଁ ଆପଣ ଥିଲେ ଚନ୍ଦ୍ର ସୂର୍ଯ୍ୟ ପରି, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ।

ଇତି ଅପଣଙ୍କର "କଲି"

ସିଭିଲ୍ ଟାଉନସିପ୍, ରାଉରକେଲା
ମୋବାଇଲ -୯୫୮୩୮୩୩୮୨୭

ISSN NO.
2582-208X

# ଦିବ୍ୟ ଭାବନା



ଛବି ରାଣୀ ପତି

ଦିବ୍ୟ ଚେତନାର ଦିବ୍ୟ ଭାବନାରେ
ଦିବ୍ୟାତ୍ମାଟି ସଦା ଥାଏ
କଳୁଷ କଳଙ୍କ ଅମାନୁଷ ଠାରୁ
କୋଷ କୋଷ ଦୂର ରୁହେ ।

ଐଶୋରୀୟ ଗୁଣ ନିପୁଣ ଚିନ୍ତନେ
ଆଧ୍ୟାତ୍ମିକ ଆବାହନେ
ବାଣ୍ଟି ଚାଲେ ସାରା ଦୁନିଆଁକୁ ପ୍ରୀତି
ନିରନ୍ତର ଶୁଦ୍ଧ ମନେ ।

କାୟ ମନ ବାକ୍ୟେ ରଜ ସତ୍ତ୍ୱ ତମ
ତ୍ରିଗୁଣାତୀତକୁ ହେଜି
ସଡରିପୁ ଠାରୁ ଉର୍ଦ୍ଧରେ ସେ ପାରେ
ଶାଶ୍ୱତ ଚିତ୍ତକୁ ଭେଦି ।

ଦିବ୍ୟସତ୍ତା ବଳେ ପୂର୍ଣ୍ଣ ଶାନ୍ତି ଲଭେ
ଦିବ୍ୟ ଭାବନାର ଲୋକ
ସାତ୍ତ୍ୱିକ ତାତ୍ତ୍ୱିକ ଯୋଗ ସାଧନାରେ
ପାସୋରେ ଶୋଷ ଓ ଭୋକ ।

ମଧ୍ୟ ଶାସନ
ବିରିଡ଼ି, ଜଗତସିଂହପୁର
ଫୋନ୍ -୯୩୩୭୯୬୦୦୬୦

ISSN NO.
2582-208X

# ରସଗୋଲା



ତ୍ରିପତି ପ୍ରଧାନ

(ଜଗନ୍ନାଥ )ଭାଇ ତୁମେ ଯାଅ, ମୁଁ ଯାଉଛି,

ବଡଭାଇ - ହେଲେ.....

ଓହଃ, ଲକ୍ଷ୍ମୀ ତ, ମୁ ତାକୁ ବୁଝାଇ ଦେବି!

ଗୀତ :-

କମଳା କପାଟ ଖୋଲି ଦିଅ ଥରେ
ରସଗୋଲା ଦେବି ପାଟିରେ ତୋର
ତୁମେତ ମୋହର ହୃଦର ଚନ୍ଦନ
ଗୋପପୁର ରାଧା ମାଇଁ ମୋର
ମୁଁ ଜଗନ୍ନାଥ ତୁମେ କମଳା
ମୁଁ ସ୍ଥିତପ୍ରଜ୍ଞ ତୁମେ ଚଞ୍ଚଳା
ମୁଁ କପଟିକୁ ତୁମେ ସରଳା
ମୁଁ ଭକ୍ତ ସ୍ୱାମୀ ତୁମେ ବତ୍ସଳା
ବଡଦଣ୍ଡଟାରେ ବାଛି ବାଛି
ଆଣି ଅଛି ଖାଅ କେତେ ଭଲା...
ରସଗୋଲା ରସଗୋଲା
ମାନ ଭଙ୍ଗା ରସଗୋଲା
ଆହା, ରସଗୋଲା ରସଗୋଲା
ମାନ ଭଙ୍ଗ ରସଗୋଲା (1)

କେତେ ଯତନରେ ସାଇତି ଆଣିଛି
ଭଗିନୀତ ଜାଣି ନାହିଁ
ମାଉଁସୀ ମା ମୋତେ କହିଛନ୍ତି କେତେ
ବସାଇ ମୁଁ ଦେବି କହି
ଖୋଲି ଦେଇ ଥରେ ଯାତରା କଷ୍ଟରେ
ଦେଖ ମୋର ପ୍ରାଣସହୀ
ତୁମ ରନ୍ଧା ବିନା ପାଟିଟା ମୋହର
ଅରୁଚି ଲାଗଇ ତହିଁ
ମୁଁ କୃଷ୍ଣ ପରା ତୁମେ ରୁକ୍ମିଣୀ
ମୁଁ ମୋହନକୁ ତୁମେ ମୋହିନୀ
ମୁଁ ଗଜ ତୁମେ ଗଜଗମନୀ
ମୁଁ ଗଗନକୁ ତୁମେ ଧରଣୀ
ପ୍ରାଣପ୍ରିୟା ମୋର କୋଳେ ଭରି ଯାଅ
ବାହୁତ ରଖିଛି ଖୋଲା.....
ରସଗୋଲା ରସଗୋଲା
ମାନ ଭଙ୍ଗ ରସଗୋଲା (2)

ISSN NO.
2582-208X

ପ୍ରାଣନାଥ ମୋ କାଳିଆ
ତୁମ ବିନା ମୁଁ ଯେ ହୀନିମାନିଆ
ନାଗରହେ , ନାଗରହେ
କୁହ, ଛାଡି ଯାଇଥିଲ କିଆଁ
ନାଗରହେ , ନାଗରହେ
ବହୁଦିନ ହେଲା କାହିଁ
ରୁଷେଇ ବାସରେ ମନ ମୋ ନାହିଁ
ନାଗରହେ , ନାଗରହେ
ରହି ଅଛି ତବ ପଥ ଚାହିଁ
ନାଗରହେ , ନାଗରହେ
ଆସିଗଲ
ପ୍ରାଣଧନ
କପାଟ କରୁଛି ଖୋଲା( ୩ )

ରସଗୋଲା ରସଗୋଲା
ମାନ ଭଙ୍ଗ, ରସଗୋଲା

ସଂସ୍କୃତ ଶିକ୍ଷକ, ଚିକିଟି , ଗଞ୍ଜାମ

ISSN NO.
2582-208X

# ଜାତି ସ୍ୱାଭିମାନ
# ଆମ ତ୍ରିରଙ୍ଗା

ବେଣୁଧର ସୂତାର

ନୀଳ ଆକାଶର ନୀଳ ବୁକୁ ଚିରି
ଏଇଯେ ଆସୁଛି ନୂଆ ସକାଳ
ବୁକୁତଳେ ଖେଳେ ପ୍ରୀତିର ପୁଲକ
ସ୍ୱାଗତ ପାଇଁ ସେ ଅମୃତ ବେଳ
ଆବେଗ ଭରା ଏ ମଧୁ ଲଗନ
ସପନ ବତୁରା ଭିଜା ମାଟି ବୁକେ
ଉଡୁଛି ମୁକ୍ତିର କୀର୍ତ୍ତି କେତନ ।।

ଏ ପୁଣ୍ୟ ମାଟିର ପ୍ରତିଟି ରେଣୁରେ
ଭରି ଅଛି ଦେଶପ୍ରୀତି ମମତା
ସ୍ୱାଧୀନ ଚେତନା ପବିତ୍ର ଭାବନା
ସାର୍ବଭୌମତ୍ୱ ର ସାମ୍ୟ ସମତା
ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ
ମହା ଭାରତୀୟ ଭାବ ଚେତନାରେ
ସର୍ବଧର୍ମ ପ୍ରୀତି ସମନ୍ୱୟରେ ।।

ଧର୍ମ ନିରପେକ୍ଷ ମୋ ଦେଶ ଭାରତ
ଜାତିୟତା ଆମ ଗର୍ବ ଗୌରବ
ବିଭିନ୍ନତା ମଧ୍ୟେ ଏକତାର ମନ୍ତ୍ର
କୋଟି ଜନତାର ଶ୍ରେଷ୍ଠ ବିଭବ

ISSN NO.
2582-208X

ଜାତି ସ୍ୱାଭିମାନ ଆମ ତ୍ରିରଙ୍ଗା
ସତ୍ୟ ଶାନ୍ତି ପ୍ରୀତି ମୈତ୍ରୀ ଆଧାରେ
ବୁହାଇ ଦେଇଛି ଗଣର ଗଙ୍ଗା ।।

ସ୍ୱାଧୀନତା ଆମ ନ୍ୟାର୍ଯ୍ୟ ଅଧିକାର
ତ୍ରିରଙ୍ଗା ଯାହାର ଜାତୀୟ ଧ୍ୱଜା
ପ୍ରୀତି ଛନ୍ଦେ ଗାଇ ଏମାଟି ବନ୍ଦନା
ଭାବ ସୁମନରେ ଏ ଅର୍ଘ୍ୟ ପୂଜା
ମାଆ ଗୋ ଘେନିବ ମଧୁ ଅର୍ଚ୍ଚନା
ପ୍ରୀତିଭକ୍ତିସୁରେ ନମୁ ତୋ ପୟରେ
ଘେନ ହୃଦୟର ଭାବ ମୂର୍ଚ୍ଛନା ।।

ଆନନ୍ଦେ ପାଳୁଛୁ ଅମୃତ ଉତ୍ସବ
ପଚସ୍ତରୀ ବର୍ଷ ପୂର୍ତ୍ତି ବାସରେ
ଦେଶ ସ୍ୱାଧୀନର ମଧୁ ମହୋତ୍ସବ
ତ୍ରିରଙ୍ଗା ଉଡାଇ ପ୍ରତିଟି ଘରେ
ଗାଇ ଜନଗଣ ମନ ସଙ୍ଗୀତ
ଜାତି ଜାତିୟତା ପ୍ରୀତି ନିବିଡ଼ତା
ଦେଶପ୍ରେମର ଏ ଭାବ ଅମୃତ ।।

କେଶଦୁର୍ବପାଳ କେନ୍ଦୁଝର
ଦୂରଭାଷ -୯୧୭୮୫୬୮୨୪୬

ISSN NO.
2582-208X

# ଉଠ୍ ପୁଟୁର୍



ଆରତୀ ସାହୁ (ଆଶା)

( ଭାଗ - ୧୩ )

ମାତ୍ର ଦୁଇଟା ବଖରା, ଆଉ ଜଣେ ଶିକ୍ଷକ । ଛଅଟା ଶ୍ରେଣୀ । ମୋ ଛୋଟ ମୁଣ୍ଡରେ ସ୍କୁଲର ପରିଭାଷା ସେଇଆ ଥିଲା ।

କିନ୍ତୁ ଏଠାରେ ତ ଚିତ୍ର ସମ୍ପୂର୍ଣ୍ଣ ଓଲଟା । ବିରାଟ ଲୁହାର ଫାଟକ । ଫାଟକ ତ ନୁହଁ, ସିଂହ ଦ୍ୱାର । ଫାଟକର ଦୁଇ କଡ଼ରେ ଦୁଇଟା ଆଁ କରିଥିବା ସିଂହ ମୂର୍ତ୍ତି । ଫାଟକ ଉପରେ ସୁନ୍ଦର କାରୁକାର୍ଯ୍ୟ କରା ତୋରଣ । ଭିତରେ ରାସ୍ତା ଦୁଇ ପାଖକୁ ବିସ୍ତିର୍ଣ୍ଣ ପଡ଼ିଆ । ନୀଳ ପ୍ୟାଣ୍ଟ ଓ ଧଳା ଶାର୍ଟ୍ ପିନ୍ଧି କେତେ ପିଲା ଖେଳୁଥାନ୍ତି । ସ୍କୁଲ ଖୋଲିବାର ଘଣ୍ଟି ବାଜି ନଥାଏ। ତେଣୁ ପିଲାମାନେ ଖେଳୁଥାନ୍ତି, ବାଗୁଡ଼ି, ଫୁଟବଲ୍, ଭଲିବଲ୍ ଆହୁରି ଗୋଟାଏ ଜାଲିଚଟୁ ପରି କଣ ଗୋଟେ ଗୋଟେ ଧରି ଫିଙ୍ଗାଫିଙ୍ଗି ହେଉଥିଲେ ଝିଅମାନେ । ବ୍ୟାଡମିଣ୍ଟନ୍ କଣ, ତା ସହିତ ପରିଚୟ ନଥିଲା ମୋର, ହଁ, ହକି କ୍ରିକେଟ୍ କୁ ଭଲ ଭାବରେ ଚିହ୍ନିଥିଲି । ଟିର୍ ବାଡ଼ି (ଗୁଲି ଦଣ୍ଡା) ଯାହା ତ କ୍ରିକେଟ ତାହା ।

ହଁ, ଝିଅମାନେ ଖେଳୁଥିଲେ ବ୍ୟାଡମିଣ୍ଟନ୍ !!

ଆରେ, ଝିଅମାନେ ?

ବଡ଼ ଆଚମ୍ବିତ ଲାଗିଲା ମୋତେ । ଝିଅମାନେ ସ୍କୁଲରେ ବି ପଢ଼ି ପାରନ୍ତି ତା ହେଲେ ? ଅବଶ୍ୟ ତାଙ୍କର ସଂଖ୍ୟା ଆଙ୍ଗୁଳିରେ ଗଣିଲା ପରି ଥିଲା, ମୋତେ ତିନି ଚାରିଟା ମାତ୍ର ଝିଅ

ISSN NO.
2582-208X

ଦିଶିଲେ । ପରେ ଜାଣିଲି ସମୁଦାୟ ଏଗାର ଜଣ ଝିଅ ପାଠ ପଢ଼ନ୍ତି ଏଇ ସ୍କୁଲରେ । ମୋ ଶ୍ରେଣୀରେ ଜଣେ ମାତ୍ର ଝିଅ ଥିଲା । ମମତା । ମମତା ରାଉଳ । ତାର କଥା ଓ କାହାଣୀ ପରେ ।

ନୀଳ ଜାମା ସହିତ ଧଳା ଗୋଇଠି ଯାକେ ଲମ୍ବା ଢୋଲା ପ୍ୟାଣ୍ଟ ପିନ୍ଧିଥାନ୍ତି ଝିଅମାନେ। ଲମ୍ବାଲମ୍ବା ବେଣୀକୁ ମୋଡ଼ି ବାନ୍ଧିଥାନ୍ତି ଧଳା ଫିତାରେ ।

ଅନାୟାସରେ ମୋତେ ଅନି ନାନୀ ଦେଖାଗଲେ । ଆଃ ! ସେ ଯଦି ଏଇ ସ୍କୁଲରେ ପଢ଼ି ପାରନ୍ତେ । କିନ୍ତୁ ତାଙ୍କର ବୟସ ଓ ସମୟ ଗଡ଼ି ଯାଇଥିଲା । ବାହାଘର ପାଇଁ ପାତ୍ର ଦେଖା ଚାଲିଥିଲା ତାଙ୍କ ପାଇଁ । ସେ ଘର କରଣା ଶିଖୁଥିଲେ । ଭୁଜା ଭାଜିବା, କୁଲା ଧରି ପାଛୁଡ଼ିବା, ବାଲିଛଣା ଦେବା, ମାଛ ବେସର କରିବା, ଆମ୍ବୁଲ ରାଇ କରିବା, ଝୋଟି ପକାଇବା ଇତ୍ୟାଦି ଇତ୍ୟାଦି । କାଠଚୁଲୀରେ ବାଦାମ ଚୋପା ପରି ଫରଫର ହେଇ ଜଳି ଯାଉଥିଲା ତାଙ୍କର ପ୍ରତିଭା କିମ୍ବା ଘସି ପରି କୁହୁଳି କୁହୁଳି ପାଉଁଶ ହେଇ ଯାଉଥିଲେ ତାଙ୍କର ଇଚ୍ଛା ସବୁ । ଖାଲି ବିବେକା ମାଷ୍ଟରଙ୍କର ଅନନ୍ୟ ପୁସ୍ତକାଳୟଟି ତାଙ୍କୁ ଟିକେ ସାନ୍ତ୍ୱନା ଦେଉଥିଲା ଯାହା ।

ଜିଲ୍ଲା ହାଇସ୍କୁଲ । ସ୍କୁଲ୍ ତ ନୁହେଁ ରାଜମହଲଟିଏ । ରାଜା ରାଜୁଡାଙ୍କ ଶାସନ ତ ଆଉ ନଥିଲା । ରାଜାମାନେ ଗୋଟିଏ ପ୍ରିଭି ପର୍ସ ଆଉ ବିଭିନ୍ନ ଭତ୍ତା ପାଉଥିଲେ ଦେଶ ସ୍ୱାଧୀନ ହେଲା ପରେ । ରାଜା ମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ମହଲ ସବୁ ନିର୍ମାଣ କରାଇଥିଲେ ନିଜର ଅନ୍ୟାନ୍ୟ ଉତ୍ତରାଧିକାରୀ ମାନଙ୍କ ପାଇଁ । ସବୁ ଦାୟାଦ ମାନେ ତ ଆଉ ଯୁବରାଜ ହେଇ ପାରିବେ ନାହିଁ ।

ସେହି ଯେତିକି ଭତ୍ତା ମିଳୁଥିଲା ସେଥିରୁ ନିଜର ଚଳାଚଳକୁ ଛାଡ଼ି ଏତେ ବଢ଼ ବଡ଼ ଉଆସ ମାନଙ୍କର ରକ୍ଷଣାବେକ୍ଷଣ ପ୍ରାୟତଃ ଅସମ୍ଭବ ହେଇ ପଡ଼ିଥିବ । ରଜାଘରିଆ ଚଳାଚଳ । ଭତ୍ତା କି କାମ ଦେବ । ସମୁଦ୍ରକୁ ଶଙ୍ଖେ ପାଣି । ତେଣୁ ରାଜ୍ୟ ମାନଙ୍କର କେତେକ ଉଆସ

ISSN NO.
2582-208X

ସବୁକୁ, ବିଶେଷ ଭାବେ ଗଡ଼ଜାତ ଅଞ୍ଚଳ ମାନଙ୍କରେ, ଲିଜରେ ଦେଇ ଦେଉଥିଲେ ରାଜା ମାନେ । ସରକାରୀ କାର୍ଯ୍ୟାଳୟ, ସ୍କୁଲ୍ ଇତ୍ୟାଦି ଭାବରେ ବ୍ୟବହାର କରିବା ପାଇଁ । ଆମ ଜିଲ୍ଲା ହାଇସ୍କୁଲ ମଧ୍ୟ ସେହିପରି ଏକ ରାଜବାଟିର ପରିବର୍ତ୍ତିତ ରୂପ ।

ତିନି ମହଲା ବିଶିଷ୍ଟ ରାଜ ଉଆସରେ ଅନେକ ଛୋଟ ବଡ଼ କୋଠରୀ । ତା ଆଗରେ ଓ ପଛରେ ବିରାଟ ବିରାଟ ପୁଷ୍ପ ବାଟିକା । ମେଘନାଦ ପାଚେରୀ ପରି ସୁଉଚ୍ଚ ପ୍ରାଚୀର । ପ୍ରାଚୀର କଡେ କଡେ ନଡ଼ିଆ ଗଛ ଓ ଗୁଆ ଗଛ ଧାଡ଼ି ଧାଡ଼ି ଲାଗିଥାଏ । ପଛପଟର ଉଦ୍ୟାନରେ ଆମ୍ବ, ପଣସ, ଅଅଁଳା, ପିଜୁଳି, କମଳା, ସପେଟା ଇତ୍ୟାଦି ଫଳଗଛ ଲାଗିଥାଏ । ଖୁବ୍ ପୁରୁଣା ଗଛ ସବୁ । ଫଳ ଭାରାରେ ଗୁଣିଜନ ପରି ନଇଁ ପଡ଼ିଥାଆନ୍ତି ଗଛମାନେ ।

ଦକ୍ଷିଣ ପାଖ ଖେଳ ପଡ଼ିଆର ମଝାମଝି ଗୋଟିଏ ବୁଢ଼ା ବରଗଛ ନିଜର ଶାଖା ପ୍ରଶାଖା ମେଲି ସମସ୍ତଙ୍କୁ ସ୍ୱାଗତ ଜଣାଉଥାଏ । ତାକୁ ବେଢ଼ି ପକ୍କା ଚାନ୍ଦିନୀ । ଟିକେ ଛାଡ଼ି ସୁନ୍ଦର ଉଚ୍ଚ ମଣ୍ଡପଟିଏ । ବୁଝାପଡେ, ରଜା ମାନଙ୍କର ବିବାହ ବେଦୀ ବୋଧେ । ବର୍ତ୍ତମାନ ଷ୍ଟେଜ ରୂପରେ ବ୍ୟବହୃତ ହେଉଛି । ଫାଟକରୁ ନାକସିଧାରେ ଗଲେ ଗୋଲେଇ ପାହାଚ ଘେରା ଗୋଲ ବଡ଼ କୋଠରୀଟିଏ । ମନେ ହୁଏ ସେଥିରେ ରାଜାଙ୍କ ସମୟରେ ରାଜ ଦରବାର ଲାଗୁଥିବ କାରଣ ତାର ଦ୍ୱାରଟା ଖୁବ୍ ଚଉଡ଼ା । ବର୍ତ୍ତମାନ ତାହା ପ୍ରଧାନ ଶିକ୍ଷକଙ୍କ ଅଫିସ । କୋଠରୀ ପଛ କାନ୍ଥକୁ ଲାଗି ଛୋଟ ଷ୍ଟେଜ ପରି ଉଚ୍ଚା ବେଦୀକା, ତିନିଟା ପାହାଚ ଚଢ଼ି । ମୋର ଅନୁମାନ ତା ଉପରେ ସିଂହାସନରେ ରାଜା ବିରାଜମାନ ହେଉଥିବେ । ସେଇଠି ବସି ପ୍ରଜାଙ୍କର ଦୁଃଖସୁଖ, ହାନୀ ଲାଭ କଥା ବୁଝୁଥିବେ । ନ୍ୟାୟ ବିଚାର କରୁଥିବେ । ବେଦିକା ଦୁଇ ପଟକୁ ଦୁଇଟା ଲମ୍ବା ଲମ୍ବା ପୁରୁଣା ବାଉଁଶ ଛାତରୁ ତୀର୍ଯ୍ୟକ ଭାବେ ବନ୍ଧା ହେଇଥାଏ ।

ବିବେକା ମାଷ୍ଟର କହିଲେ ଯେ ତାହା ଆମର ହାତ ବିଞ୍ଚଣାର ପରିବର୍ଦ୍ଧିତ ରୂପ । ସେହି ବାଉଁଶ ମାନଙ୍କରେ ମୋଟା ମୋଟା ଝାଲର ବାଲା କପଡ଼ା ବାନ୍ଧି ଧୁଙ୍କା ହେଉଥିଲା ରାଜା ମାନଙ୍କୁ ଗରମ ଦିନରେ । ଦୁଇପଟେ ଦୁଇଜଣ କର୍ମଚାରୀ ସେଥିପାଇଁ ନିଯୁକ୍ତ ହେଉଥିଲେ ପାଳି କରି । ହାତଟଣା ପଙ୍ଖା ଟାଣି ହାତ ଘୋଳେଇ ପଡୁଥିବ ପା । ଶୟନ କକ୍ଷ

ISSN NO.
2582-208X

ମାନଙ୍କରେ ମଧ୍ୟ ସେହି ବ୍ୟବସ୍ଥା ଥିଲା । ଅଧିକା ଗରମ ଗୁଳୁଗୁଳି ହେଲେ ଅତର ମିଶା ପାଣି ମଧ୍ୟ ଛିଞ୍ଚା ହେଉଥିଲା ଯେତେବେଳେ ଇଲେକ୍ଟ୍ରି ନଥିଲା । ସିଏ ବହୁତ ପୁରୁଣା ଅମଳର କଥା ।

ଉଦ୍ୟାନ ପଛ ପାଖକୁ ଧାଡ଼ି ଧାଡ଼ି ଅନେକ ଗୁଡ଼ିଏ ବଖରା । ସେଥିରେ ଚାକର ବାକର, ଦାସୀ ପରିବାରୀ, ପୋଇଲୀ ମାନେ ରହୁଥିବେ ପରା । ବର୍ତ୍ତମାନ ତାକୁ ହୋଷ୍ଟେଲ୍ ରୂପ ଦିଆ ଯାଇଛି ।

ମୋତେ ଲାଗୁଥିଲା ମୁଁ ହୁଏତ ହୋଷ୍ଟେଲ୍ ରେ ରହିପାରେ । ସବୁଦିନେ ଦୁଇଟା ନଇ ପାରିହେଇ ଏତେ ବାଟ ଆସିବା ହୁଏତ ସମ୍ଭବ ହେଇ ନପାରେ । ତାପରେ ସୁବିଧା ଅସୁବିଧା ଅଛି, ଶୀତ କାକର, ପାଣି ପବନ ଦିନ ବି ଅଛି ।

ଏସବୁ ଭାବି ମନଟା କାତର ହେଇଗଲା । ବାପା ମାଆଙ୍କୁ ଛାଡ଼ି ଘରଠାରୁ ଦୂରରେ, ଗାଁରୁ ଦୂରରେ, ଆଉ ଗୋଟିଏ ବିଦେଶୀ ଗାଁରେ, ଭାବି ପାରୁ ନଥିଲି । ବଡ଼ ଗୋଟାଏ ଅଶକତିଆ ଲାଗିଲା ଖାଲି ଭାବି ଦେଇ ।

ଆମେ, ମାନେ ମୁଁ ଓ ବିବେକା ମାଷ୍ଟର୍ ଯାଇ ଅଫିସ ସାମନାରେ ବଡ଼ ଦରଜା ପାଖ ପାହାଚ ଉପରେ ବସିଲୁ । ଛଅଟା ଲେଖାଁ ଜାଉଁଳି କବାଟିଆ ଦ୍ୱାରଟା ବନ୍ଦ ଥାଏ । ଦ୍ୱାର ବନ୍ଧରେ ଏପାଖେ ତିନି ସେପାଖେ ତିନିଟା ଲେଖାଏଁ କାଠ କବାଟ କବ୍ଜା ଦ୍ୱାରା ଯୋଡ଼ା ହେଇଥାଏ । ଆଉ ଗୋଟାଏ ଛୋଟ ଦରଜା ଅନ୍ୟ ପାଖକୁ ଖୋଲା ଥାଏ । ଗଣନାଥ ଭାଇ ଗଲେ ତାଙ୍କ ଷ୍ଟାଫ୍ ରୁମକୁ ।

ସ୍କୁଲ୍ ଘଣ୍ଟା ବାଜିଲା । ପିଲାମାନେ ସବୁ ଖେଳ କୌତୁକ ଛାଡ଼ି ଧାଇଁ ଆସିଲେ । ଷ୍ଟେଜ୍ ସାମନାରେ ଧାଡ଼ି ବାନ୍ଧି ଠିଆ ହେଇଗଲେ ପ୍ରାର୍ଥନା ସଭା ପାଇଁ ।

ଆମ ପଛ ପଟେ ଜାଉଁଳି କବାଟିଆ ଦରଜାଟା ଝଣଝାଣ, ତାପରେ କଁ କଁ ଶବ୍ଦ କରି ଖୋଲିଗଲା ।

ଆମେ ଦୁହେଁ ହଡ଼ବଡେଇ ଠିଆ ହେଇ ପଡ଼ିଲୁ । ଗୋଟାଏ କଡ଼କୁ ଘୁଞ୍ଚି ଗଲୁ ।

ISSN NO.
2582-208X

ସେହି ଦରଜାରୁ ବାହାରିଲେ ପ୍ରଧାନ ଶିକ୍ଷକ । ଓଃ କି ବ୍ୟକ୍ତିତ୍ୱ ? ଜଣେ ଦେଖିଲା ମାତ୍ରକେ ଭକ୍ତିର ଉଦ୍ରେକ ହେବ । ଗୌରବର୍ଣ୍ଣ, ଉଚ୍ଚା ଉଜ୍ଜ୍ୱଳ କପାଳ, ଇଷତ୍ କୁଞ୍ଚୁକୁଞ୍ଚିଆ ଚୁଟି ପଛ ପାଖକୁ ରମ୍ପା ହୋଇଥାଏ । ଖଣ୍ଡାଧାର ପରି ନାକ । ଭାବ ଗମ୍ଭୀର ଚେହେରା । ଧୋବ ଫରଫର ଧୋତି । ସେହିପରି ଧୋବଲା ଆଣ୍ଠୁ ପର୍ଯ୍ୟନ୍ତ କଲାର ବାଲା ଲମ୍ବା ଫତୁଆ। ସରୁ ଧୋତି କୁଞ୍ଚର ଗୋଟିଏ କୋଣକୁ ବାଆଁ ହାତ ଦୁଇ ଆଙ୍ଗୁଠିରେ ଟିପି ଧରିଥାନ୍ତି । ମପାଚୁପା ଲମ୍ବା ପାହୁଣ୍ଡ ପକେଇ ଆଗେଇ ଯାଆନ୍ତି ନାକସିଧାରେ ଅନ୍ୟ କୁଆଡ଼େ ନଜର ନ ପକେଇ । ଆମ ଉପରେ ତାଙ୍କର ଦୃଷ୍ଟି ପଡ଼ି ନଥିଲା ।

ସେ ଯାଇ ଠିଆ ହେଲେ ଷ୍ଟେଜ ଉପରେ ପୁରା ସାବଧାନ ମୁଦ୍ରାରେ । ତାଙ୍କ ପଛେ ପଛେ ଅନ୍ୟାନ୍ୟ ଶିକ୍ଷକ ମାନେ ଯାଇ ଠିଆ ହେଲେ ତାଙ୍କ ପଛରେ । ହଁ ଜଣେ ଶିକ୍ଷୟିତ୍ରୀ ମଧ୍ୟ ଥିଲେ । ମୁଁ ଆହୁରି ଆଶ୍ଚର୍ଯ୍ୟ ହେଇଗଲି । ପୁଣି ମନେ ପଡ଼ିଲେ ଅନି ନାନୀ । ମନେ ପଡ଼ିଲା ତାଙ୍କର ପଢ଼ିବାର ଆଗ୍ରହ ।

ସାର୍ ଙ୍କ ଆଡ଼କୁ ଦେଖିଲି । ଅଜବ ଭାବ ତାଙ୍କ ଆଖିରେ । ଝିଅ ମାନେ ପ୍ରଫୁଲ୍ଲ ବଦନରେ ସୁଲଳିତ କଣ୍ଠରେ ଆଗୁଆ ପ୍ରାର୍ଥନା ବୋଲୁଥାନ୍ତି ।

"ଦୟା କର ଦାନ ଭକ୍ତି କା ହମେ ପରମାତ୍ମା ଦେନା
ଦୟା କରନା ହମାରି  ଆତ୍ମା ମେ ଶୁଦ୍ଧତା ଦେନା ।

ହମାରେ ଧ୍ୟାନ ମେ ଆଓ, ପ୍ରଭୁ ଆଁଖୋଁ ମେ ବସ ଯାଓ ।
ଅଂଧେରେ ଦିଲ ମେ ଆ କର କେ
ପରମ ଜ୍ୟୋତି ଜଲା ଦେନା ।"

ବିବେକା ସାର୍ ଙ୍କ ଆଖିରେ ଲୁହ ଭର୍ତ୍ତି ହେଇ ଯାଇଥାଏ । ମୁଁ ତାଙ୍କର ଆଖିକୁ ଅନେଇଥାଏ, ସେ ବିମୁଗ୍ଧ ହେଇ ଝିଅ ମାନଙ୍କୁ ଦେଖୁ ଥାଆନ୍ତି । ମୁଁ ସବୁ ନହେଲେ ବି କିଛି କିଛି ବୁଝୁଥାଏ । ମାଷ୍ଟରଙ୍କ ମନ ଗହନର ଦୁଃଖ ।

ISSN NO.
2582-208X

ଅନେକ ଦିନ ପରେ ସେ ତାଙ୍କ ମନକଥା ମୋତେ ଖୋଲି କହିଥିଲେ । ଅନିନାନୀ ତ କୂଳରେ ଲାଗି ଯାଇଥିଲେ ସୁଯୋଗ୍ୟ ଜୀବନସାଥୀ ପାଇ । ତାଙ୍କ ପ୍ରତିଭା ଠିକଣା ଜାଗାରେ ପହଞ୍ଚି ଯାଇଥିଲା । କୌଣସି ସଂସ୍ଥାନର ସମୁଚିତ ଶିକ୍ଷା ନ ପାଇ ବି ତାଙ୍କର କାବ୍ୟକବିତାର ସ୍ୱର ଦେଶ ଦୁନିଆ ଶୁଣି ପାରିଥିଲେ, କିନ୍ତୁ ଗାଁର ଅନ୍ୟାନ୍ୟ ଝିଅମାନେ ?

ସେଇ ତଥାକଥିତ, ଚିରାଚରିତ । ଝିଅ ଜନମ ହାଣ୍ଡିଶାଳକୁ ।

ଏହାହିଁ ଥିଲା ସାରଙ୍କର ପରମ ଦୁଃଖର କାରଣ । ତାଙ୍କର କିଛି ସ୍ୱପ୍ନ ଥିଲା । ସେହି ସ୍ୱପ୍ନକୁ ସାକାର କରିବାର ଆଧାର ରୂପରେ  ସେ ମୋତେ ଦେଖୁଥିଲେ ।

ପ୍ରାର୍ଥନା ବୋଲା ଶେଷ ହେଲା । ତାପରେ ଜାତୀୟ ସଙ୍ଗୀତ ।

ଶେଷରେ ପ୍ରଧାନ ଶିକ୍ଷକ ପିଲାଙ୍କୁ କିଛି ଉଦ୍ବୋଧନ ଦେଲେ ।

ସବୁ ତ ମନେ ନାହିଁ, କିନ୍ତୁ ଗୋଟିଏ ବାକ୍ୟ ମୋର ସେହି ପୁରୁଣା  ଷଷ୍ଠେନ୍ଦ୍ରିଅ ଫରୁଆରେ ସାଇତି ହେଇ ଯାଇଥିଲା ଛାଏଁ ଛାଏଁ ।

"ଯେ ପର୍ଯ୍ୟନ୍ତ ଲକ୍ଷ୍ୟ ସ୍ଥଳରେ ନ ପହଞ୍ଚିଛ, ସେ ପର୍ଯ୍ୟନ୍ତ ବିଶ୍ରାମ ନେବା ପାପ ।"

ମୁଁ ସେହି ବାକ୍ୟଟିକୁ ଘୋଷି ଘୋଷି ଧାଉଁଥିଲି ଆଗକୁ । ମୋର ଲକ୍ଷ୍ୟପଥରେ ସବୁ ବାଧା ବିଘ୍ନକୁ ଦଳି ଦେଉଥିଲି ପାଦରେ । କେହି ଅଟକେଇ ପାରିବେ ନାହିଁ ମୋତେ ।

ମୁଁ ଧାଇଁବି, ମୁଁ ଉଡ଼ିବି । ମୁଁ ମୋ ଗାଁ ପାଇଁ କିଛି କରି ଦେଖାଇବି । ମୋ ଗାଁ । ମୁଁ ବିବେକା ସାରଙ୍କର ସ୍ୱପ୍ନକୁ ଅବଶ୍ୟ ସାକାର କରିବି ।

ମନେ ମନେ ମୁଁ ପ୍ରତିଜ୍ଞା କରି ପକାଏ ।

କ୍ରମଶଃ .....

ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ହୋଇବୁ ତୁ ଦିନେ ବଡ



ପ୍ରକାଶ ଚନ୍ଦ୍ର ପଣ୍ଡା

ବାପା କହୁଥିଲେ ଦୁନିଆରେ ଯଦି
ହେବାକୁ ଚାହୁଁଛୁ ବଡ,
ନିତି କିଛି କିଛି ସବୁଦିନ ବାବୁ
କିଛି ନା କିଛି ତୁ ପଢ ।
ପଢାବହି ସହ ଅନ୍ୟ ବହି କିଛି
ପଢିଲେ ଜାଣିବୁ ସବୁ,
ଦେଶ ବିଦେଶର ଖବର ଜାଣି ତୁ
ହୋଇବୁ ତୁ ବଡ ବାବୁ ।
ଅସଷ୍ଟ ସେକଥା ଦିଏ ମୋତେ ବ୍ୟଥା
ଭାବେ ନିରବରେ ବସି,
ବୁଝେ ବା ନବୁଝେ ବୁଝିଲା ଭଳିଆ
ମନେ ମନେ ଦିଏ ହସି ।
କଥାରେ କଥାରଏ କୁହନ୍ତି ସେ ମତେ
ମହାତ୍ମା ଗାନ୍ଧୀଙ୍କ କଥା,
ସତ୍ୟ, ଧର୍ମ, ନ୍ୟାୟ ଅହିଂସାର ବିନା
ନୁଆଁଇବ ନାହିଁ ମଥା ।

ସାଧାରଣ ପିଲା ବାଳୁତ ମୋହନ
କିପରି ମହାତ୍ମା ହେଲା,
ଦେଶ ବିଦେଶରେ ମହାତ୍ମା ବୋଲାଇ
ଏ ଦେଶ ଟେକ ରଖିଲା ।
ଗୋଟିଏ ଲୋକ ସେ କୋଟି ଜନତାଙ୍କ
ହୃଦୟକୁ ନେଲେ କିଣି,
ଅହିଂସାର ମନ୍ତ୍ର ଶିଖାଇ ଦେଲେ ସେ
ସଭିଙ୍କର ମନ ଜିଣି ।
ସେଇପଦେ କଥା ମନେ ରଖିବ ହେ
କୁନିକୁନି ପିଲାମାନେ
ଅହିଂସାର ମାର୍ଗେ ଅଗ୍ରସର ହେଲେ
ବଡହେବ ନିଶ୍ଚେ ଦିନେ ॥

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

ISSN NO.
2582-208X

# ନାଆଁ
# ସଙ୍କଟମୋଚନ



ରାଜକଶୋର ସାଇଁ

ଜୟ ହନୁମାନ ମାରୁତି ନନ୍ଦନ
ତୁମ ପାଦେ ରହୁ ମନ,
ଦୁଃଖ ଫେଡି ସୁଖ ଦେବାରୁ ତୁମରି
ନାଆଁ ସଙ୍କଟ ମୋଚନ ।୧।

ଦେହ ଲାଲ ରଙ୍ଗ ବଜ୍ର ପରି ଅଙ୍ଗ
ଶିବ ତେଜ ନେଇ ଜନ,
ଟାଳ ବିପଦକୁ ରଖ ତୁମେ ତାକୁ
ଜପେ ଯିଏ ରାମ ନାମ ।୨।

ଲଲାଟରେ ଚତା କାନ୍ଧରେ ପଇତା
ଜନମରୁ ବ୍ରହ୍ମଚାରୀ
ଦୁନଆଁରେ ନାହିଁ କାହିଁ କେହି ଜଣେ
ପ୍ରଭୁ ଭକ୍ତ ତୁମେ ପରି ।୩।

ମହିମା ତୁମରି ପାରିବ କେ କହ
ହେ ରାମ ହୃଦୟ ହାର,
ତୁମ ଆରାଧନା କରେ ଯିଏ ତାକୁ
ମିଳେ କୃପା ରାମଙ୍କର ।୪।

ହେ ଶ୍ରୀରାମ ଦୂତ ତୁମେ ମୋ ବିଶ୍ୱାସ
ଆହେ ଜ୍ଞାନ ବୁଦ୍ଧି ଦାତା,

ISSN NO.
2582-208X

ନକରି ନଗ୍ରଶ ମୋତେ ହେ କପିଶ
ଦୂର କର ମୋ ଅଜ୍ଞତା ।୫ ।

ଭକତି ଅନ୍ତରେ ପାଠ କରେ ଯିଏ
ନିତି ତୁମ ଗ୍ଚଳଶାକୁ,
ରୋଗ ଶୋକ ତାର ସବୁ କରି ଦୂର
ଆଶୀର୍ବାଦ ଦିଅ ତାକୁ ।୬ ।

ଗ୍ରମ କୃପା ଲଭି ଜଗତରେ ତୁମେ
ଅମର ହେ ମହାବୀର,
ଗାଇବାକୁ ତୁମ ଭକତି ସଙ୍ଗୀତ
କଣ୍ଠେ ଭ୍ରଷା ଦିଅ ମୋର ।୭ ।

ଯିଏ ତୁମ ଗ୍ରମ ସିଏ ଜଗନ୍ନାଥ
ବିଜେ ନୀଳାଚଳ ଧାମେ,
ସିଦ୍ଧ ମହାବୀର ନାମେ ଶ୍ରୀକ୍ଷେତ୍ରରେ
ପୂଜା ପାଉଅଛ ତୁମେ ।୮ ।

ଯେତେ ଦିନ ରହିଥିବ ଗ୍ରମ ନାମ
ତୁମେ ଥିବ ସେତେ ଦିନ
ତୁମ ବିନା ରହିଯାଏ ଜଗତରେ
ଗ୍ରମ କଥା ଅସମ୍ପୂର୍ଣ୍ଣ ।୯ ।

ହେ ପବନ ସୁତ ଗ୍ରମଙ୍କର ଭକ୍ତ
ଏତିକ ସୁଦୟା ହେଉ,
ଜୀବ ଗଲ୍ ବେଳେ ଗ୍ରମ ନାମ ସଦା
ତୁଣ୍ଡରେ ମୋ ରହିଥାଉ ।୧୦ ।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

ISSN NO.
2582-208X

# ବୋଡ଼ାସମ୍ବରରେ ଶକ୍ତିପୂଜା



କୁଞ୍ଜ ବିହାରୀ ସାହୁ

ଲୋକକଥାରୁ ଆରମ୍ଭ କରାଯାଉଛି ଏକ ସତ୍ୟକଥାର ଅବତାରଣା । ଶୁଣାଯାଏ ଯେ ଦିନେ ଆଠଗାଁର ଜମିଦାର ମଣିଦା ଜଙ୍ଗଲରେ ଶିକାର କରୁଥିଲେ । ନିଘଞ୍ଚ ଜଙ୍ଗଲ ଭିତରେ ବୋଡ଼ା ସାପଟିଏ ଗୋଟିଏ ସମ୍ବରକୁ ମାଡ଼ିବସିଥିଲା । ସାପଟି ସମ୍ବରକୁ ଅଧା ଗିଳିଦେଇଥିଲା । ସାପର ମୁହଁରୁ ସମ୍ବରକୁ ରକ୍ଷା କରିଥିଲେ ଜମିଦାର । ସେହିଦିନଠୁ ସେ ଅଞ୍ଚଳର ନାଁ ଦିଆଗଲା ବୋଡ଼ାସମ୍ବର । ପୁଣି ଶ୍ରୁତିଗୋଚର ହୁଏ ଯେ ବାରଭାଇ ବେଣ୍ଟକାର ଶିକାର କଲାବେଳେ ବୋଡ଼ାସାପଟିଏ ସମ୍ବରକୁ ଅଧା ଗିଳିଦେଇଥିବାର ଦେଖିଲେ । ସେ ଦୁହିଁଙ୍କ ଉପରକୁ ଶର ନିକ୍ଷେପକଲେ । ଶରାଘାତ ହୋଇ ଦୁଇ ବନ୍ୟ ପଶୁ ମୃତ୍ୟୁ ଲଭିଲେ। କ୍ରମେ ସେହି ସ୍ଥାନର ନାଁ ଦିଆଯାଇଥିଲା ବୋଡ଼ାସମ୍ବର । ବସତି ସ୍ଥାପନ ହେଲା ଏହି ଗ୍ରାମରେ । ନାମକରଣ ଏବେ ଲୋକମୁଖରେ ରହିଆସିଛି।

ଏ ଗ୍ରାମଟି ବହୁତ ପୁରୁଣା । ବରଗଡ଼ ଜିଲ୍ଲାର ପଦମପୁରଠୁ ପ୍ରାୟ ୧୮ କି.ମି ଦୂରରେ ଏ ଜମିଦାରୀ ଗାଁଟି ଅଛି । ଏ ଜମିଦାରୀ ବୋଡ଼ାସମ୍ବର ୪୭୬ ଗାଁକୁ ନେଇ ଗଠିତ ହୋଇଥିଲା। କନ୍ଧ, ଶବର, ଗଣ୍ଡା, ବିଞ୍ଝାଲ ଜାତିର ବଣୁଆ ଆଦିବାସୀମାନେ ରହନ୍ତି । ଏମାନଙ୍କର ପୂର୍ବପୁରୁଷ ଥିଲେ ବାରଭାଇ ବେଣ୍ଟକାର । ବାରଜଣ ଭାଇ ବାରୋଟି ଗାଁକୁ ଶାସନ କରୁଥିଲେ । ସେମାନଙ୍କର ବଡଭାଇଙ୍କ ନାଁ ଥିଲା ସୂର୍ଯ୍ୟ ବରିହା । ବରିହା ହେଉଛି ତାଙ୍କର ଉପାଧି । ଇତିହାସରୁ ଜଣାଯାଏ ଯେ ଓଡିଶାର ପଶ୍ଚିମାଞ୍ଚଳ ଓ ଛତିଶଗଡ଼କୁ ନେଇ ଦକ୍ଷିଣ କୋଶଳ ରାଜ୍ୟ ଗଠିତ ହୋଇଥିଲା । ବୋଡାସମ୍ବର ଏକ ସାମନ୍ତରାଜ୍ୟ ବୋଲି ଶ୍ରୁତିଗୋଚର ହୁଏ ।

ISSN NO.
2582-208X

ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀରେ ଗନ୍ଧଗିରିର ଉଭୟ ପାର୍ଶ୍ୱରେ ଅବସ୍ଥିତ ଏହି ଗାଁକୁ କେନ୍ଦ୍ରକରି ଏକ ରାଜ୍ୟ ଗଢ଼ି ଉଠିଥିଲା । ବିଞ୍ଝାଲମାନଙ୍କର ବରିହା ବଂଶ ରାଜୁତି କରୁଥିବାର ନଜିର ରହିଛି ।

ବିନ୍ଧ୍ୟଗିରି ହେଉଛି ଶବର, ପୁଳିନ୍ଦ, କିରାତ, ନିଷାଦ ଆଦି ଜନଜାତିଙ୍କର ବାସଭୂମି । ବିଞ୍ଝାଲ, ଗଣ୍ଡ, କନ୍ଧ, ଭୂୟାଁ ଆଦି ଜନଜାତି ହେଉଛି ବିନ୍ଧ୍ୟଗୋଷ୍ଠୀମାନଙ୍କର ବଂଶଧର ।

ପ୍ରାଗୈତିହାସିକ କାଳରୁ ଶକ୍ତିପୂଜାର ମହାନତା ସ୍ପଷ୍ଟ ବାରିହୋଇଆସିଛି । ମାତୃ ଉପାସନା ହିଁ ଶକ୍ତିପୂଜାର ଶ୍ରେଷ୍ଠ ପରିଚିତି । ଆମର ପୁରାତନ ସଭ୍ୟତା ହରପ୍ପା ଓ ମହେଞ୍ଜୋଦାରରୁ ଶକ୍ତିପୂଜାର ମହାନତା ଉପଲବ୍ଧି ହୋଇଆସିଛି । ଭାରତବର୍ଷକୁ ଛାଡିଦେଲେ ପୃଥିବୀରେ ମାତୃପୂଜା ବା ଶକ୍ତିପୂଜା ଅନୁଷ୍ଠିତ ହେଉଥିଲେ ବି ଏ ପରିପ୍ରେକ୍ଷୀରେ ଭାରତବର୍ଷ ଆଦିମତମ ବୋଲି ପରିଗଣିତ ହୋଇଛି ।

ଓଡ଼ିଶାରେ ଦେବୀ ମାହାତ୍ମ୍ୟ ଅଧିକ ପରିଚିତି ଲାଭ କରିପାରିଛି ବିଭିନ୍ନ ସ୍ଥାନରେ ହେଉଥିବା ଶକ୍ତିପୂଜାରୁ । ପ୍ରତି କୋଣ ଅନୁକୋଣରେ ଶକ୍ତିପୂଜା ବିଭିନ୍ନ ମାଧ୍ୟମରେ ପାଳିତ ହେଉଛି । ବିଶେଷତଃ ଆଦିବାସୀ ସମ୍ପ୍ରଦାୟରେ ଏକ ରୁଚିଶୀଳ ବାତାବରଣରେ ଦେବୀ ଦୁର୍ଗାମାଆଙ୍କର ପୂଜା ଆରାଧନା କରାଯାଇଥାଏ । ଗ୍ରାମଦେବତୀଙ୍କ ଆବିର୍ଭାବ ଆଉ ଦେଶିୟା ଲୋକଙ୍କ କୌଳିକ ଉପଚାରରେ ଦେବୀମାନଙ୍କ ପ୍ରତି ଅକୁଣ୍ଠ ଶ୍ରଦ୍ଧା, ସଂପ୍ରୀତି ରୂପାୟିତ ହୋଇଛି ।

ବୋଡ଼ାସମ୍ବର ଏକ ଗଡଜାତ ଅଞ୍ଚଳ ବୋଲି ଲୋକମାନଙ୍କ ମନରେ ଜିଜ୍ଞାସା ଭାବ ଉଦ୍ରେକ ହେଲା । ଏଠାକାର ଲୋକମାନେ ଧର୍ମ ବିଶ୍ୱାସୀ । ବିଭିନ୍ନ ଗ୍ରାମଦେବୀଙ୍କୁ ନିଜର ଇଷ୍ଟ ଦେବୀ ବୋଲି ମାନନ୍ତି । ଭକ୍ତିରେ ପୂଜା କରନ୍ତି । ଏ ଅଞ୍ଚଳରେ ପଥର ମୂର୍ତ୍ତି ଦେଖିବାକୁ ମିଳେ । ପଥର ମୂର୍ତ୍ତି ହେଉଛି ଶକ୍ତିର ପ୍ରତୀକ । ଏହି ମୂର୍ତ୍ତିମାନଙ୍କୁ ପୂଜା କଲେ ନିଜର ମନସ୍କାମ ପୂରଣ ହେଇଯାଏ ବୋଲି ମୁଁ ଶୁଣିଛି । କେବଳ ଯେ ପଥର ମୂର୍ତ୍ତିକୁ ପୂଜା କରାଯାଏ ତା ନୁହେଁ, ବିଭିନ୍ନ ଗ୍ରାମ ପଞ୍ଚାୟତରେ ବୃକ୍ଷମାନଙ୍କୁ ଦେବତା ରୂପେ ପୂଜା କରାଯାଏ । ଗଛଗଣ୍ଡିରେ ମାଆ ଆଆନ୍ତି ବୋଲି ଗ୍ରାମବାସୀମାନେ ସରଳପଣରେ ବିଶ୍ୱାସ କରନ୍ତି । କେତେକ ସ୍ଥାନରେ ଲୌହ ସମ୍ପର୍କୀତ ବସ୍ତୁକୁ ନିଜର ଆରାଧ୍ୟ ଦେବୀ ରୂପରେ

ISSN NO.
2582-208X

ପୂଜା କରନ୍ତି । ସରଳ ବିଶ୍ୱାସୀ ଜନଜାତି ଲୋକମାନଙ୍କର ଯାହା ପ୍ରତି ବିଶ୍ୱାସଭାଜନ ହୋଇପାରିଲା, ସେହିମାନଙ୍କୁ ଶକ୍ତି ମା' ବୋଲି ପୂଜା ଅର୍ଚ୍ଚନା କରନ୍ତି ।

କହିବା ବାହୁଲ୍ୟ ଯେ ମୁଁ ମୋର କର୍ମମୟ ଜୀବନର କିଛି ବର୍ଷ ଅବିଭକ୍ତ ବରଗଡ଼ ଜିଲ୍ଲାରେ ବିତାଇଛି । ବିଭିନ୍ନ ଗାଁକୁ ଯାଇଛି । ଲୋକମାନଙ୍କର ଚାଲିଚଳଣ, ଆଚାରବିଚାର, ବ୍ୟବହାରିକ ଜ୍ଞାନ ଉପରେ ଭରଷା ରଖିଛି । ସରଳ, ତରଳ, ନିଷ୍କପଟ, କାରୁଣିକ ସେମାନେ । ବିଶ୍ୱାସ ହିଁ ଜୀବନର ମାପକାଠି । ସେମାନେ ମୋତେ ଦେଖେଇଛନ୍ତି ସେମାନଙ୍କର ଗ୍ରାମଦେବୀଙ୍କୁ ।

ବାଦୀମାଳ, ସିଂହନପୁର ଆଦି ବାରୋଟି ଗାଁର ଇଷ୍ଟ ଠାକୁରାଣୀ ହେଉଛନ୍ତି ମା' ଲଙ୍କେଶ୍ୱରୀ । କେତେକ ଗ୍ରାମର ଲୋକେ ଫୁଲ, ଫଳ, ଶସ୍ୟ, ନଦୀ, ପୁଷ୍କରିଣୀର ନାଁ ଅନୁସାରେ ଦେବୀଙ୍କ ନାଁ ଦେଇଥାଆନ୍ତି । ଯେଉଁ ଗଛତଳେ ଠାକୁରାଣୀଙ୍କୁ ପୂଜା କରାଯାଇଥାଏ, ସେହି ଅନୁସାରେ ଦେବୀ ମାଆଙ୍କ ନାଁ ହେଇଥାଏ ବୋଲି ସ୍ଥାନୀୟ ଲୋକମାନଙ୍କର ମତ । ଜାଙ୍ଗଲିକ ପରିବେଶରେ ଗଛ ତଳେ ଠାକୁରାଣୀଙ୍କ ପଥରମୂର୍ତ୍ତିକୁ ପୂଜା କରାଯାଉଥିବାର ଦୃଶ୍ୟ ଏବେ ବି ମୋ ଆଖିରୁ ଅପସରି ଯାଇନି । ଆଦିବାସୀମାନେ ବଣ ଜଙ୍ଗଲରେ ରହୁଥିବାରୁ ନିଜକୁ ରକ୍ଷା କରିବାପାଇଁ ଦେବୀ ମାଆଙ୍କୁ ଭକ୍ତି ସହକାରେ ପୂଜା କରନ୍ତି । ବିଜାପାଲି ଗାଁର ଦେବୀ ହେଲେ ବିଜାତଲିଏନ୍ । ଏହି ଦେବୀ ମାଆ ବିଜାଗଛ ମୂଳରେ ପୂଜା ପାଆନ୍ତି । ମହୁଲପାଲି ଗାଁର ଠାକୁରାଣୀଙ୍କ ନାଁ ମହୁଲତଲିଏନ୍ । ସେ ମହୁଲ ଗଛମୂଳରେ ପୂଜାପାଆନ୍ତି । ଘନିଆଁପାଲି ଗାଁର ଦେବୀ ଆମ୍ ତଲିଏନ୍ ନାଁରେ ଦେବୀ ପୂଜାପାଆନ୍ତି । ଏ ଦେବୀ ଆମ୍ବଗଛ ମୂଳରେ ବସିଥାନ୍ତି । ଭେରୁଆମୁଣ୍ଡା ଗାଁର ପୁଷ୍କରିଣୀ ପାଖରେ ଥିବା ଦେବୀଙ୍କ ନାଁ ହେଲା ବନ୍ଧଗୁସିଏନ୍ । ଦେବୀମାନଙ୍କୁ ମନ -ପ୍ରାଣ ଦେଇ ପୂଜା କରି ଆଦିବାସୀମାନେ ଆନନ୍ଦ ପାଆନ୍ତି ।

ବୋଡ଼ାସମ୍ବରକୁ ବରିହା ରାଜବଂଶର ରାଜାମାନେ ଶାସନ କରୁଥିଲେ । ଏହି ବଂଶର ତୃତୀୟ ରାଜା ଦଶମନ୍ତ ବରିହା ନୃସିଂହନାଥ ମନ୍ଦିରରେ ଥିବା ଦୁର୍ଗାଦେବୀଙ୍କୁ ପୂଜା କରୁଥିଲେ । ଷଷ୍ଠ ରାଜା ଜଗଦେବ ବରିହା ମଧ୍ୟ ମା'ଦୁର୍ଗାଙ୍କୁ ପୂଜା କରୁଥିଲେ । ରାଜାମାନେ ଈଶ୍ୱର ବିଶ୍ୱାସୀ ଥିଲେ । ଶତ୍ରୁ ଆକ୍ରମଣରୁ ରକ୍ଷା କରିବାପାଇଁ ଦୁର୍ଗା ମା'ଙ୍କୁ ଭକ୍ତି କରୁଥିଲେ । ବିଶ୍ୱାସ ଥିଲା ଯେ ଦୁର୍ଗା ଦେବୀ ହେଉଛନ୍ତି ଶକ୍ତି । ସେହି ଶକ୍ତି ବଳରେ

ISSN NO.
2582-208X

ଅସାଧ୍ୟ ସାଧନ ହେଇପାରିବ । ଦୁର୍ଗା ମାଆ ହିଁ ବିଶେଷ ଭାବେ ଏ ଜମିଦାରୀ ଅଞ୍ଚଳର ଆରାଧ୍ୟ ଦେବୀ । ଯେ କୌଣସି ସମୟରେ ମାଆଙ୍କୁ ଡାକିଲେ ମା 'ଓ' କରନ୍ତି । ସେଥିପାଇଁ ଶକ୍ତି ପୂଜାର ଅନ୍ୟ ନାମ ଦେବୀ ପୂଜା ବା ଦୁର୍ଗା ପୂଜା ।

ପଦମପୁରକୁ ବୋଡାସମ୍ବର ବୋଲି କୁହାଯାଏ । ଏବେ ବି ପଦମପୁରର ପୋଷ୍ଟ ଅଫିସ ହେଉଛି ବୋଡ଼ାସମ୍ବର । ବୋଡ଼ାସମ୍ବରର ପ୍ରବେଶ ପଥରେ ବୋଡାସାପଟି ସମ୍ବରକୁ ଗିଳୁଥିବାର ଚିତ୍ର ରହିଛି । ପ୍ରବେଶପଥର ଡାହାଣ ପାର୍ଶ୍ୱରେ ସ୍ୱଚ୍ଛ ପୁଷ୍କରିଣୀ ରହିଛି ଓ ମନ୍ଦିରରେ ଠାକୁରାଣୀ ଦେବୀ ଦୁର୍ଗା ବିରାଜ ହେଇଛନ୍ତି । ଏ ଠାକୁରାଣୀଙ୍କୁ ଭକ୍ତିରେ ପୂଜା କଲେ ମନସ୍କାମନା ପୂରଣ ହେଇଥାଏ ବୋଲି ଜନଜାତିଙ୍କର ଅଟଳ ବିଶ୍ୱାସ ରହିଛି ।

ବୋଡ଼ାସମ୍ବରରେ ମା ଜଗତଜନନୀଙ୍କ ଦୁର୍ଗା ପୂଜା ପ୍ରାୟତଃ ଦୁଇଥର ପାଳିତ ହୋଇଥାଏ । ଚୈତ୍ର ଶୁକ୍ଳ ପକ୍ଷର ପୂଜାକୁ ବାସନ୍ତିକ ଦୁର୍ଗୋତ୍ସବ କୁହାଯାଉଥିଲା ବେଳେ ଆଶ୍ୱିନ ଶୁକ୍ଳ ପକ୍ଷ ଦଶମୀ ତିଥୀରେ ଦଶହରା ବା ଶାରଦୀୟ ଉତ୍ସବ ପାଳିତ ହୋଇଥାଏ । ଏ ଗ୍ରାମରେ ଶାରଦୀୟ ପୂଜା ଧୁମଧାମରେ ପାଳିତ ହୁଏ । ରାଜାରାଜୁଡ଼ା ଶାସନର ପ୍ରତିଛବି ସହଜରେ ବାରିହୋଇପଡ଼େ ଶାରଦୀୟ ପାର୍ବଣରେ । ଆବାଳ-ବୃଦ୍ଧ -ବନିତା ହର୍ଷଉଲ୍ଲସିତ ମୁଦ୍ରାରେ ଦୁର୍ଗା ଦେବୀଙ୍କୁ ପୂଜା କରିବା ସହ ଦଶହରା ମହୋତ୍ସବକୁ ପାଳନ କରିଥାନ୍ତି । ଭେଡ଼ଁରିଆ ଛକରେ ଥିବା କ୍ରୀଡ଼ା ଅଙ୍ଗନରେ ରାବଣପୋଡ଼ି ପର୍ବ ପାଳନ କରାଯାଏ । ଅନ୍ୟାୟ ଉପରେ ନ୍ୟାୟର ବିଜୟ/ଅନୀତି ଉପରେ ନୀତିର ବିଜୟ ହିଁ ରାବଣପୋଡ଼ିର ମୁଖ୍ୟ ଉପଜୀବ୍ୟ ।

ପରିଶେଷରେ ଐତିହ୍ୟ ସମ୍ପନ୍ନ ବୋଡ଼ାସମ୍ବରରେ ଶକ୍ତିପୂଜା ଯେତିକି ଭାବ -ଭକ୍ତିକୁ ସାଉଁଟେ , ଲୋକକଳା ତଥା ଲୋକ ସଂସ୍କୃତି ସେତିକି ହୃଦୟରେ ନେସି ହୋଇଯାଏ ।

ଏଲ୍.ଆଇ.ଜି ୧୫
ନୟାପଲ୍ଲୀ ବ୍ରିଟ୍ କଲୋନୀ, ଭୁବନେଶ୍ୱର
୭୦୦୮୧ ୪୨୦୪୦

ISSN NO.
2582-208X

# ଅମୃତ ଜୀବନ



ସଂଘମିତ୍ରା ଦାଶ

ଜୀବନ ଯୁଦ୍ଧ ମୋ ଚାଲିଛି କେମିତି,
କେମିତି କହିବି ମୁହିଁ,
ଖୁସିରେ ଦିନଟି ଯାଏ ଯେବେ
ବିଡି ଦୁଃଖ ଦିଏ ପୁଣି ଚାହିଁ (୧)।
ଛକ ଶୂନର ଏ ସଂସାରରେ ମୋର,
କେବେ ଯିତେ କେବେ ହାରେ,
ସୁଖର ମୂହୁର୍ତ୍ତ ଆନନ୍ଦ ଦିଏ ରେ,
ଦୁଃଖ କାଳ ଚୋଟ ମାରେ(୨ )।
ଦୁଃଖର ମୂହୁର୍ତ୍ତ ଜୀବନରେ ଲୋଡା,
ସୁଖ ଅନୁଭବ ପାଇଁ,
ଖାଲି ସୁଖ ଯଦି ଜୀବନେ ରହିବ,
ପ୍ରଭୁଙ୍କୁ ଖୋଜିବ ନାହିଁ (୩ )
ମଣିଷ ଜୀବନ ଅମୃତ ସମାନ,
ଇଶ୍ୱରଙ୍କ ସିଏ ଦାନ,
ଦୁଃଖରେ କାତର ହରାଇ ଜୀବନ,
ଜଗତେ ହେବାନି ନ୍ୟୁନ(୪)।

ମହୁଲପାଳ ,ଭୁବନ, ଢେଙ୍କାନାଳ

ISSN NO.
2582-208X

# ନନା ତୁମେ



ସାବିତ୍ରୀ ମହାପାତ୍ର

କରିନ ତ ତୁମେ କେବେ କଠୋର ଶାସନ
ଯେତେ ଦୋଷ କରିଲେବି ହାତ ଉଠି ନାହିଁ ତୁମ।
ଲୁଚାଇ ଛପେଇ ଆମେ କରିଛୁ ଯେ କେତେ ଭୁଲ
ସାଙ୍ଗ ସାଥି ମେଳେ ପୁଣି ହୋଇଛୁ ଭି ମସ୍ ଗୁଲ।
ଜାଣିସବୁ ରହିଥିଲ ନ ଜାଣିଲା ପରି
କହିନାହଁ କଡାକଥା କେଭେଁ ମନେ କଷ୍ଟ ଦେଲାପରି।
ତୁମ ନ୍ୟାୟାଳୟେ ସବୁ ଦୋଷ କ୍ଷମା ହୋଇ ଯାଏ
ତଥାପି ଆମେ ହୋଇନାହୁଁ ଅମଣିଷ କେଭେଁ।
ତୁମ କଥା ନନା ଆଜି ମନେପଡେ ବାରମ୍ବାର
ଅମାନିଆ ଲୁହସବୁ ବୋହିଯାଏ ହୋଇ ଧାର ଧାର।
ମନ କଷ୍ଟ ହେଲେ ଆମ , ତୁମେ ପୁଣି ନିଅ ତ କୋଳେଇ
ତୁମେ ଥିଲ ଆଦର୍ଶ ସନ୍ତାନ ପୁଣି ଆଜ୍ଞାବହ ଭାଇ
ଲୁହଧାର ବହିଯାଏ ନ ଥାଇ ବି କିଛି ଭି କାରଣ
ମାନେ ନାହିଁ ବନ୍ଧ ସେହି ମାନେ ନାହିଁ କାହାର ବାରଣ।
ତୁମ ପ୍ରିୟ ସାଙ୍ଗ ସାଥି ଆଜି ଖୋଜନ୍ତି ତୁମକୁ
ତୁମ ମିଠା ମିଠା କଥା ସବୁ ମନେ ପଡେ ତାଙ୍କୁ।
ତୁମେ ଥିଲ ପ୍ରିୟ ଆମ ଖୋଜେ ମନ କେତେ
ତୁମ ବିନା ରହିଛୁ ଭି ଭାଙ୍ଗି ପଡିନାହୁଁ ସତେ।

ISSN NO.
2582-208X

# ସମ୍ମୁଖ ବଇରୀ



ଅଲେଖ ମେହେର

ସରସେ ସରସୀ ସରସିଜ ସିନା
ଶରଦେ ଉକୁଟେ ହସି,
ସରସ ମାନସ ବିଲୋକି ସରୋଜ
ସରାଗରେ ହୁଏ ଖୁସି।
ହେମନ୍ତ ଶିଶିର ଅରି ଅଟେ ସିନା
ଝରାଇ କାକର ବିଷ,
ବେନିରୋଧ ବସ୍ତୁ ଚିତ୍ତେ ଘେନି କୋପ
ବିସରୁ କରଇ ନାଶ।
ମଣିଷ ପ୍ରବୃତ୍ତି ଚିହ୍ନଟ ଆଗରୁ
କରେ ଯେଉଁ ଅନ୍ତର୍ଘାତ,
କହି ସହି ରହି ହୁଏନାହିଁ ସଦା
ହୃଦୟରେ ରୁହେ କ୍ଷତ।
ସମ୍ମୁଖ ବଇରୀ ପ୍ରବୃତ୍ତି ବିଷମ
ତା'ଠାରୁ ବଳକା ବନ୍ଧୁ,
ସମୀପରେ ମଧୁ ବଚ ର ପୀୟୁଷ
ପଛରେ ଗରଳ ସିନ୍ଧୁ ।

ଗ୍ରାମ ଶୁକରୀକୁ ତ୍ରିପଥଗା ନୀରେ
ସ୍ନାହାନ କରିବା ସାର,
ବନ୍ଧୁନୁ ମୁକୁଳି ପ୍ରିୟ ଅମେଦ୍ୟକୁ
ଗ୍ରାସି ପଙ୍କେ କରେ ଘର।

ସୋହେଲା, ବରଗଡ
ମୋ-୬୩୭୦୨୨୦୫୫୯

ISSN NO.
2582-208X

# ନ୍ୟାୟିକ ବ୍ୟବସ୍ଥାରେ ଓକିଲ- ବିଚାରପତି ସଂପର୍କ



ଗଜାନନ ମିଶ୍ର

ଏ ଜୀବନ ହେଉଛି ସତ୍ୟ। କିନ୍ତୁ ଅସତ୍ୟର ସମ୍ବନ୍ଧରୁ କଲ୍ମଷ ଜାତ ହୋଇଯାଉଛି। ତେଣିକି ଦୋଷାଦୋଷ ପାପପୂଣ୍ୟର ବିଚାର ଆସୁଛି। ତେଣୁ ଅସତ୍ୟକୁ ଠାବ କରି ସତ୍ୟରେ ସତ୍ୟକୁ ପ୍ରତିଷ୍ଠା କରିବାକୁ ଗଣତାନ୍ତ୍ରିକ ଶାସନପ୍ରଣାଳୀରେ ବିଚାର ପ୍ରକ୍ରିୟା କାର୍ଯ୍ୟରତ। ଭାବରେ ସତ୍ୟ, କ୍ରିୟାରେ ସତ୍ୟ ହେଲେ ଯାଇ ଏକ ସୁନ୍ଦର ସମାଜ ଗଠିତ ହେବ। ଏଥିପାଇଁ ସ୍ୱଚ୍ଛ ଓ ସଶକ୍ତ ନ୍ୟାୟପାଳିକାର ଆବଶ୍ୟକତା ରହିଛି। ନ୍ୟାୟପାଳିକାର ଦୁଇଟି ପାର୍ଶ୍ୱ ବା ମୁହଁ। ଗୋଟିଏ ବିଚାରପତି ହେଲେ ଆରଟି ଓକିଲ ବା ଅଧିବକ୍ତା। ଉଭୟେ ଭାବରେ ଅଦ୍ୱୈତ ଯଦିଓ କ୍ରିୟାରେ ନୁହେଁ।ଉଭୟେ ସତ୍ୟ ଆଉ ଉଭୟେ ସତ୍ୟକୁ ପ୍ରାପ୍ତ ହୁଅନ୍ତି। ଉଭୟେ ଉଭୟଙ୍କ ପରିପୂରକ।

ଗତ 23/07/2022 ତାରିଖ ଅପରାହ୍ନ 1/30ରେ ଟିଟିଲାଗଡ ଓକିଲ ସଂଘର ସଭାଗୃହରେ ନୂତନଭାବେ ଯୋଗ ଦେଇଥିବା ଜିଲ୍ଲା ଓ ଦୌରା ବିଚାରପତି ବଲାଙ୍ଗିର ଶ୍ରୀ ଲଲାଟେନ୍ଦୁ ଜେନାଙ୍କ ଆଗମନ ଉପଲକ୍ଷେ ଟିଟିଲାଗଡ ଓକିଲ ସଂଘ ତରଫରୁ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏଥିରେ ସଂଘର ଉପସଭାପତି ଶ୍ରୀ ପଙ୍କଜ କୁମାର ପାଢୀ ସଭାପତିତ୍ୱ କରିଥିଲେ। ଏହି ବୈଠକରେ ନିଜ ବକ୍ତବ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଡକୁ ମାନ୍ୟବର ଜିଲ୍ଲା ବିଚାରପତି ଇସାରା କରିଥିଲେ, ତାହା ହେଉଛି ବିଚାର ପ୍ରକ୍ରିୟାରେ ଓକିଲ-ବିଚାରପତି ସଂପର୍କ। ଇଂରେଜିରେ କହିଲେ ବାର୍-ବେଂଚ ରିଲେସନ୍ସ। ପ୍ରସଙ୍ଗଟି ସହଜ ଜଣା ପଡୁଥିଲେ ମଧ୍ୟ ଏତେ ସହଜ ନୁହେଁ, ଯଦିଓ ଜଟିଳ କଦାପି ନୁହେଁ। ବିଚାରପ୍ରକ୍ରିୟାର ସୁପରିଚାଳନା ନିମନ୍ତେ ଓକିଲ-ବିଚାରପତି ସଂପର୍କ ସୌହାର୍ଦ୍ଦପୂର୍ଣ୍ଣ ହେବା ନିହାତି ଆବଶ୍ୟକ। କଥା ପ୍ରସଙ୍ଗରେ ମାନ୍ୟବର କହିଲେ ଯେ ଜଣେ ଆରେକକୁ ଭଲ ଭାବରେ ବୁଝି ନ ପାରୁଥିବା କାରଣରୁ ବେଳେବେଳେ ତିକ୍ତତା ବଢିଥାଏ,

ISSN NO.
2582-208X

ମହକିଲ ଯନ୍ତ୍ରଣା ପାଏ, ମାମଲା ଠିକ୍ ସମୟସୀମା ଭିତରେ ଫଇସଲା ହୋଇ ପାରେ ନାହିଁ। ଏମିତିକି ବେଳେବେଳେ ଓକିଲଙ୍କ ନାମରେ ଅଦାଲତ ଅବମାନନା ଓ ଆଉ କେତେବେଳେ ବିଚାରପତିଙ୍କୁ ଉପର ଅଦାଲତରୁ ଭର୍ତ୍ସନାର ସାମ୍ନା କରିବାକୁ ପଡେ।

ମାନ୍ୟବର ଜିଲ୍ଲା ଓ ଦୌରା ବିଚାରପତି ବଲାଙ୍ଗିରଙ୍କୁ ପ୍ରଶଂସା ନ କରି ରହିବା ଆଦୌ ସମ୍ଭବ ହେଉ ନାହିଁ। ଏଥିପାଇଁ ଯେ ଗତ 22/11/2013ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟ ପିଟର ରମେଶ କୁମାର ଓକିଲ ମଦୁରାଇ ମାମଲାରେ, ଯେତେବେଳେ ତାମିଲ ଭାଷାକୁ ନେଇ ଶହ ଶହ ଓକିଲ ଅଦାଲତ ବର୍ଜନ କରିଥିଲେ, ଭାଷା ସମ୍ବେଦନା ପ୍ରକାଶ ପାଇଥିଲା, ତାମିଲଭାଷାର ଏକ ଶପଥପାଠକୁ ନେଇ ଅନେକ ବିଷୟ ଆଲୋଚନା କରାଯାଇଛି। ଏହା ନିରାଟ ସତ୍ୟ ଯେ ଓକିଲ-ବିଚାରପତି ସଂପର୍କ ଭିତରେ ବିଦେଶୀ ଇଂରେଜି ଭାଷା ବହୁ ଭାବରେ ବାଧକ ହୋଇ ଛିଡା ହେଉଛି। କହିବାକୁ ହେବ ସବୁ ଅବୁଝାମଣାର ମୂଳରେ ଏଇ ବିଦେଶୀ ଭାଷା। ଯଦି ମାତୃଭାଷାରେ ସବୁବେଳେ ବିଚାରପ୍ରକ୍ରିୟା କାର୍ଯ୍ୟ କରନ୍ତା ତେବେ କୌଣସି ପ୍ରକାରର ଅବୁଝାମଣା ରହନ୍ତା ନାହିଁ, ସତ୍ୟ ସାମ୍ନାକୁ ଆସିବାକୁ ଡେରି ହୁଅନ୍ତା ନାହିଁ। ଅଧିକନ୍ତୁ ଅଦାଲତର ମାନ ମର୍ଯ୍ୟାଦା ଆହୁରି ବୃଦ୍ଧି ହୁଅନ୍ତା। ଦରଖାସ୍ତ, ବାଦପତ୍ର, ଲିଖିତଜବାବ, ଶପଥପାଠ, ଅପିଲାଦି ମାତୃଭାଷାରେ ହେଲେ ହୃଦୟରୁ ଆସୁଥିବା ସତ୍ୟ ପ୍ରକାଶ ପାଇ ପାରନ୍ତା ଅକ୍ଷର ଆଉ ଶବ୍ଦରେ ନିଶ୍ଚିତ ଭାବରେ। ମାନ୍ୟବର ବିଚାରପତିଗଣ ଯଦି ମାତୃଭାଷାରେ ରାୟ, ଆଦେଶାଦି ପ୍ରଦାନ କରନ୍ତେ ତେବେ ସ୍ୱଚ୍ଛତା, ନିରପେକ୍ଷତା ନିଶ୍ଚୟ ରହନ୍ତା ଯେହେତୁ ସତ୍ୟ ମେବ ଜୟତେ ସ୍ଥାନରେ ଅସତ୍ୟର ଚିହ୍ନ ନାହିଁ, ବିପରୀତ ଜ୍ଞାନ ନାହିଁ, ଅସ୍ୱାଭାବିକତା ନାହିଁ। ମାତୃଭାଷାରେ ଜ୍ଞାନର ବିବେକର ଆଦର କରାଯାଇଥାଏ, ସ୍ୱତନ୍ତ୍ରତା, ସିଦ୍ଧତା ପ୍ରକାଶ ପାଇଥାଏ, ସେଠାରେ ସଦା ସତ୍ୟର ଜୟ ଜୟକାର ହୋଇଥାଏ।

ବୃହତ ଜନସ୍ୱାର୍ଥ ଦୃଷ୍ଟିରୁ ଓକିଲ-ବିଚାରପତି ଭିତରେ ଅବୁଝାମଣା ଲାଗି ରହିବା ଜମାରୁ ଶୁଭଙ୍କର ନୁହେଁ। ଏଇଟାକୁ ସମାଧାନ କରୁ କରୁ ନେଡିଗୁଡ କହୁଣୀକୁ ବହି ସାରିଥାଏ। ଜନମୁଖରେ ସ୍ୱୟଂ ବିଚାରାଳୟ ଛିଡା ହୋଇଯାଏ ନିରପେକ୍ଷ ତତ୍ୱକୁ ଧରିଥିଲେ ବି। ବୁଝିଯିବା ଉଚିତ ଯେ ସବୁ ସବୁ ଲୋକଙ୍କ ଦ୍ୱାରା ସ୍ୱୀକୃତ, ସାଧାରଣ ଲୋକେ ସାର୍ବଭୌମ, ଆଉ ଲୋକଙ୍କ ପାଇଁ ଯେତେ ଯାହାସବୁ। ବିଚାରବିଭାଗର ଦୁଇଟି ଚକ ଓକିଲ-ବିଚାରପତି ତଥା ବାର୍-ବେଂଚ ଭିତରେ ଠିକ୍ ତାଳମେଳ ନ ରହିଲେ, ବନ୍ଧୁତ୍ୱପୂର୍ଣ୍ଣ

ISSN NO.
2582-208X

ସଂପର୍କର ଅଭାବ ହେଲେ ବିଚାର ରୂପକ ଗାଡି ଆଗକୁ ଯାଇ ପାରେ ନାହିଁ। ଓକିଲ ଓ ବିଚାରପତି ଉଭୟେ ଉଭୟଙ୍କୁ ଶ୍ରଦ୍ଧା ସମ୍ମାନ ଆଦାନ ପ୍ରଦାନ କରିବା ନିହାତି ଆବଶ୍ୟକ। ଅନେକାନେକ ମାମଲା ଯଥା ଆଲିଗଡ ମୁନସିପାଲ ବୋର୍ଡ ବନାମ ଇକାଟୋକା, ଏଲ ଡି ଜାଇକବାଲ ବନାମ ୟୁ ପି ସରକାର, ଲଲିତ ମଧନ ବନାମ ପି ସି ଶ୍ରୀ ବାସ୍ତବ ଇତ୍ୟାଦିରେ ବାର- ବେଂଚ ସଂପର୍କ ଉପରେ ଅନେକ କଥା କୁହାଯାଇଛି। ଟେବୁଲ ଏପଟେ ଉପରେ ବିଚାରପତି, ଟେବୁଲ ସେପଟେ ତଳେ ଓକିଲଗଣ ଥିଲେ ବି ଉଭୟେ ବିଚାରବିଭାଗର ଅବିଚ୍ଛେଦ୍ୟ ଅଙ୍ଗ। ଜଣକ ବିନା ଆରଜଣକ କିଛି କରିଦେବ ଏଇ ଭାବନା ନାହିଁ। ଧୈର୍ଯ୍ୟ ସହିତ ବିଚାରପତିଗଣ ଶୁଣିବେ, ସମ୍ମାନ ସହିତ ଓକିଲଗଣ ସତ୍ୟ ଉପସ୍ଥାପନ କରିବେ। ଏପରି ନ ହେଲେ ନ୍ୟାୟ ପ୍ରଣାଳୀ ବାଧାପ୍ରାପ୍ତ ଓ କ୍ଷତିଗ୍ରସ୍ତ ହେବ। ସମଗ୍ର ବିଚାରବିଭାଗ ଓକିଲ ଓ ବିଚାରପତିଙ୍କୁ ନେଇ ଘୂର୍ଣ୍ଣୟମାନ ବା ଚଳଚଂଚଳ। ଗୋଟିଏ ମୁଦ୍ରାର ଉଭୟ ପାର୍ଶ୍ୱ ଭଳି ଓକିଲ ଓ ବିଚାରପତି। ଉଭୟଙ୍କ ବିନା ଅଦାଲତ ମୂଲ୍ୟହୀନ।

1922 ମସିହାରେ ନାଇଜେରିଆରେ ଏକ ମାମଲା କାଲାବର ଇଷ୍ଟ କୋ ଅପେରେଟିଭ ସୋସାଇଟି ବନାମ ଇକଟରେ କୁହାଯାଇଛି ଯେ ଉଭୟ ପକ୍ଷ ଓକିଲ ନିଜ ନିଜ ବକ୍ତବ୍ୟ ଉପସ୍ଥାପନ କରିବେ, ବିଚାରପତି ନିରପେକ୍ଷ ଭାବରେ ନିଜର ମତ ପ୍ରଦାନ କରିବେ। ମନେ ରଖିବାକୁ ହେବ ଯେ ବିଚାରପତିଙ୍କ ଭଳି ଓକିଲ ମଧ୍ୟ ସମ୍ମାନନୀୟ, ସମ୍ମାନାସ୍ପଦ। ନ୍ୟାୟ ପ୍ରଦାନ ହେଉଛି ଉଭୟଙ୍କ ଯୁଗ୍ମ କର୍ତ୍ତବ୍ୟ। ବିଚାରପତିଙ୍କ କାର୍ଯ୍ୟ ଅବଶ୍ୟ ଟିକିଏ ଅଧିକ ଗୁରୁତ୍ୱପୂର୍ଣ୍ଣ। ନ୍ୟାୟ ପ୍ରତିଷ୍ଠା ଦୃଷ୍ଟିରୁ ବିଚାରପତି ଏକପାଖିଆ ହେବା ଏକ ଅପରାଧ। ଠିକ୍ ସେପରି ଗୋଟିଏ ପକ୍ଷର ଓକିଲ ଆରପକ୍ଷ ଦ୍ୱାରା ପ୍ରଲୋଭିତ ହେବା ଦୋଷାବହ। କେହି କାହା କାର୍ଯ୍ୟକୁ ହସ୍ତକ୍ଷେପ କରିବେ ନାହିଁ। ପରସ୍ପରକୁ ସମ୍ମାନ ଦେବେ। ଆଇନକାନୁନକୁ ତର୍ଜମା କରି ଭଲଭାବରେ ବୁଝିବେ। କଡା ବା ବଙ୍କା କଥା ସର୍ବଦା ବର୍ଜନୀୟ। ସର୍ବୋପରି ଚରିତ୍ର ଓ ବ୍ୟବହାର ଗୁରୁତ୍ୱପୂର୍ଣ୍ଣ। ମଝିରେ ମଝିରେ ବୈଠକ ମାଧ୍ୟମରେ ସମସ୍ତ ପ୍ରକାରର ଅବୁଝାମଣା ଦୂର କରିଦେବା ଭଲ। ଆମ ଉଚ୍ଚତମ ନ୍ୟାୟାଳୟ ପି ଡି ଗୁପ୍ତା ବନାମ ରାମମୂର୍ତ୍ତି ଓ ଅନ୍ୟାନ୍ୟ ମାମଲାରେ ବାର-ବେଂଚ ସଂପର୍କ ବିଷୟରେ ଅନେକ କଥା କହିଛନ୍ତି, ସେସବୁ ଜାଣି ରଖିବା ଉଚିତ।

ISSN NO.
2582-208X

ଓକିଲଟିଏକୁ ସଦା ସ୍ୱଚ୍ଛ ରହିବାକୁ ହେବ ମହକିଲ ପ୍ରତି, ଅଦାଲତ ପ୍ରତି, ଏପରିକି ବିପକ୍ଷ ମହକିଲ ପ୍ରତି ମଧ୍ୟ। ଏଥିପାଇଁ ସବୁବେଳେ ଓକିଲଙ୍କ ଭିତରୁ ବିଚାରପତି ବଛାଗଲେ ନ୍ୟାୟର ମର୍ଯ୍ୟାଦା ବୃଦ୍ଧି ହେବ। ଏକ ମୁକ୍ତ, ମଙ୍ଗଳମୟ ଓ ସଭ୍ୟ ସମାଜ ପାଇଁ ବାର୍-ବେଂଚ ଉଭୟେ ଭୟଶୂନ୍ୟ, ନିରପେକ୍ଷ ତଥା ସତ୍ୟନିଷ୍ଠ ରହିବା ଏକାନ୍ତ ପ୍ରୟୋଜନ। ଏହା ସହିତ ଲୋକଙ୍କ ଭାଷାରେ ତଥା ମାତୃଭାଷାରେ ବିଚାରବିଭାଗର ସମସ୍ତ କାର୍ଯ୍ୟ କରାଗଲେ ସ୍ୱଚ୍ଛତା ପ୍ରକାଶ ପାଇବା ସହିତ ମାନ୍ୟବର ଅଦାଲତର ସମ୍ମାନ ଅକ୍ଷୁର୍ଣ୍ଣ ରହିବା।

ତପୋବନ, ଟିଟିଲାଗଡ,
ବଲାଙ୍ଗୀର

ISSN NO.
2582-208X

# ନାଉରିଆ

ଦୀନବନ୍ଧୁ ବେଜ

ନାଉରିଆ ହୋଇ
ଡଙ୍ଗା ବାହୁଛ ହେ
ସଂସାର ଡଙ୍ଗା ନାବିକ,
ତୁମରି ହାତରେ
ଜୀବନର ତରୀ
ତୁମେ ମାଲିକ ସଭିଙ୍କ।

ଜଗତର ନାଥ
ଆହେ ଜଗନ୍ନାଥ
ଦରଶନ ଚାହୁଁ ଅଛି,
ମହୋଦଧି କୂଳେ
ଶିରି ମନ୍ଦିରରେ
ଲଗାମ ରେ ବସିଅଛି।

ସଂସାର ଲଙ୍ଗର
ତୁମରି ଇଚ୍ଛାରେ
ତୁମେ ଲଙ୍ଗର ଲଗାଓ,

ଆରତ ଜନଙ୍କ
ଆତ୍ମ ନିବେଦନ
ପଡୁଅଛି ଝୁରି ହୋଇ ।

ତୁମର ଡଙ୍ଗାର
ତୁମେ ଦାୟୀରହି
ଉଦ୍ଧାର କର ସଭିଁଙ୍କୁ,
ତୁମ କରୁଣାର
ବରଷା ବରୁଷୁ
ପୁଣ୍ୟ ଆସୁ ହୃଦୟକୁ ।

ସଂପାଦକ
ଜାତୀୟ କବି ଲେଖକ ସଂଗଠନ
ଭଦ୍ରକ, ଓଡ଼ିଶା

ISSN NO.
2582-208X

# ରାଧା



ବିନୟ ମିଶ୍ର

ଉପରେ ଯେମିତି ଭିତରେ ସେମିତି
ଏକ ଆତ୍ମା ଭିନ୍ନ ଦେହ,
ଗୋଟିଏ ଜ୍ୟୋତିରୁ ଦୁଇଟି ଉତ୍ପନ୍ନ
ନାହିଁ କାନ୍ଦ ଦୁଃଖ କୋହ,
ରାଧା ବିନା କାହ୍ନୁ ନାହିଁ,
କାହ୍ନୁ ପାଶେ ରାଧା ବୃନ୍ଦାବନେ ନିତ୍ୟ
ଅପ୍ରାକୃତ ପ୍ରେମ ବହି ।

ଜନମରୁ ଛାଡି ପିତାମାତା କୋଳ
ଆନ ପିତାମାତା କୋଳେ
ତାହାକୁ ଛାଡିଲେ ଗୋପ ଗୋପାଙ୍ଗନା
ରାଧିକା ବ୍ରଜ ଗୋପାଳେ
ମୋହନବଂଶୀ ବି ଗଲା
ତ୍ୟାଗମୟ ପ୍ରାଣ ବିକ୍ଷିପ୍ତ ଜୀବନ
ରଣ କ୍ଷେତ୍ରେ ବିତିଥିଲା।

ISSN NO.
2582-208X

ରାଧିକା କାନ୍ଦିଲେ କୃଷ୍ଣ କାନ୍ଦିଥାନ୍ତି
ଏଣୁ ଅଭିମାନ ଜନ୍ମ,
ଅଭିମାନେ କେବେ କାନ୍ଦିବା ନ ଥାଏ
ଥାଏ ପ୍ରିତୀ ସନମାନ,
ରା ଉଚ୍ଚାରଣ କଲେ,
କାନ ଡେରି କୃଷ୍ଣ ସତତ ରହନ୍ତି
ତପ୍ତର ଅକ୍ଷର ତାଲେ।

ଧା କହିଦେଲେ ଚତୁର୍ବର୍ଗ ଫଳ
ରାଧା ଉଚ୍ଚାରଣେ ଦେଇ,
ମ କହିଦେଲେ ମଦନ ମୋହନ
ରୂପେ ପହଞ୍ଚନ୍ତି ତହିଁ,
ରାଧା କୃଷ୍ଣ ରାମ କୁହ,
ଅଭିମାନ ମାନ ଦୂର ହୋଇଯାଏ
ତୁଟଇ ସଂସାର ମୋହ।

ମଲ୍ଲୀପୁର, ନଆଳ, ଖୋର୍ଦ୍ଧା
୯୪୩୯୪୩୩୩୩୭

ISSN NO.
2582-208X

# କବିର କବିତା



ସିଦ୍ଧେଶ୍ୱର ତ୍ରିପାଠୀ

କବି ଭାବନାରେ ଭାଷାକୁ ସଜାଡେ
ଶବଦେ ଶବଦ ଖଞ୍ଜି
ସେଇ କବିତାରୁ ବାରି ହୋଇପଡେ
କାକର ବରଷା ଝାଞ୍ଜି ।

ଶିଶୁଟିଏ ହୋଇ ଚପଳାମୀରେ ସେ
ପିଲାବେଳ କଥା କହେ
ଶିକ୍ଷା ସଂସ୍କାରର କଥା କହୁ କହୁ
କୈଶୋର ମନେ ପକାଏ ।

ଯଉବନ ତିଥି ସେଇ ଜହ୍ନ ରାତି
ଫଗୁଣରେ ଦିଏ ଭରି
ବିରହର ବ୍ୟଥା କହେ ତା କଲମେ
କେତେ ଲୁହ ଯାଏ ଝରି ।

ଜୀବନ ଯନ୍ତ୍ରଣା ଭୁଲ୍ ବୁଝାମଣା
ବିଦ୍ୟା ବୃତ୍ତି ପେଟ ନାଟ
ଖଞ୍ଜିଦିଏ କଥା ଏମୁଣ୍ଡୁ ସେମୁଣ୍ଡ
ମଣିଷ ଜୀବନ ବାଟ ।

ଈଶ୍ୱର ପ୍ରକୃତି ମାଆ ଆଉ ମାଟି
ପ୍ରଥା ପରମ୍ପରା ନେଇ
ଢ଼ିଙ୍କିଶାଳ ଠାରୁ ଢେଙ୍କାନାଳ ଯାଏଁ
କାଗଜେ ଦିଏ ଗାରେଇ ।

ବଢିଲେ ବୟସ କମେଯେ ଆୟୁଷ
ମଶାଣୀ ତା ଶେଷ ଘର
ଦେଖ ଦେଖ କବି କଲମ କହୁଛି
ନିଜର ବି ହୁଏ ପର ।

ଚାହୁଁ ଚାହୁଁ କେବେ ଦିନ ସରି ଯାଏ
ଆସିଯାଏ ଶେଷ ରାତି
ଅଗଣିତ ସେଇ ଦରଜକୁ ନେଇ
ନୀରବି ଯାଏ ଏ ଛାତି ।

କେବେସେ ହସାଏ କେବେସେ କନ୍ଦାଏ
ଜୀବନର କଥା କହେ
କବିର ଦରଦ କାହୁଁ ସେ ବୁଝିବ
କବିତା ପଢେନି ଯିଏ ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

ISSN NO.
2582-208X

# ଜେମ୍ସୱେବ ଟେଲିସ୍କୋପ ମନୁଷ୍ୟର ଚିନ୍ତାଧାରାକୁ ବଦଳାଇଦେଇଛି



ଅସିତ ମହାନ୍ତ

ଦୁନିଆର ୩ଟି ବୃହତ୍ତମ ମହାକାଶ ଏଜେନ୍ସି  ଆମେରିକାର ନାସା, କାନାଡାର ସ୍ପେସ୍ ଏଜେନ୍ସି CEESA ଏବଂ ୟୁରୋପର ସ୍ପେସ୍ ଏଜେନ୍ସି ESA ଦୁନିଆର ସବୁଠାରୁ ଶକ୍ତିଶାଳୀ ଟେଲିସ୍କୋପ, ଜେମ୍ସ ୱେବ୍ ସ୍ପେସ୍ ଟେଲିସ୍କୋପ ତିଆରି କଲେ ଏବଂ ଡିସେମ୍ବର ୨୫, ୨୦୨୧ ରେ ମହାକାଶରେ ଉତକ୍ଷେପଣ କରାଗଲା । ୧୨ ଜୁଲାଇ ୨୦୨୨ ରେ, ଏହି ଟେଲିସ୍କୋପ ପୃଥିବୀକୁ ଚମତ୍କାର ରଙ୍ଗୀନ ଫଟୋ ପଠାଇଲା, ଯାହା ବୈଜ୍ଞାନିକମାନଙ୍କୁ ଆଶ୍ଚର୍ଯ୍ୟ କରିଥିଲା । କାରଣ ଏହା ପୂର୍ବରୁ ବ୍ରହ୍ମାଣ୍ଡର ଏପରି ଚିତ୍ର ଦେଖିବାକୁ ମିଳିନଥିଲା । ବାସ୍ତବରେ, ଜେମ୍ସ ୱେବ୍ ଟେଲିସ୍କୋପ ଦ୍ୱାରା ପଠାଯାଇଥିବା ୫ ଟି ଗୁରୁତ୍ୱପୂର୍ଣ୍ଣ ଫଟୋକୁ ଦେଖିବା ଏବଂ ବିଚାର କରିବା ଆବଶ୍ୟକ । ପ୍ରଥମ ଚିତ୍ରଟି ହେଉଛି, ଗାଲାକ୍ସି କ୍ଲଷ୍ଟର SCMAS ୦୭୨୩ ଅର୍ଥାତ ହଜାର ହଜାର ଗ୍ୟାଲେକ୍ସିର ଏକ କ୍ଲଷ୍ଟର । ଏହାର ନାମ SCMAS ୦୭୨୩ - ଗାଲାକ୍ସି କ୍ଲଷ୍ଟର । ଉଦାହରଣ ସ୍ୱରୂପ, ଆମର ସୂର୍ଯ୍ୟ ଚାରିପଟେ ୮ ଟି ଗ୍ରହ ଘୂର୍ଣ୍ଣନ କରୁଛନ୍ତି  ଏବଂ ସୂର୍ଯ୍ୟ ପରି ଟ୍ରିଲିୟନ୍ ତାରାମାନେ ଏକ ଗୋଷ୍ଠୀର ଅଂଶ ଏବଂ ଟ୍ରିଲିୟନ୍ ତାରାଗୁଡ଼ିକର ସମୂହକୁ  ମିଲ୍କି ୱେ ଗାଲାକ୍ସି କୁହାଯାଏ ।ଏହା ଅନୁମାନ କରାଯାଏ ଯେ ବ୍ରହ୍ମାଣ୍ଡରେ ପ୍ରାୟ ୧୦୦ ଟ୍ରିଲିଅନରୁ ଅଧିକ ଗ୍ୟାଲେକ୍ସି ଥାଇପାରେ । ଏହି ଗ୍ୟାଲେକ୍ସିଗୁଡିକ ଅନେକ ସ୍ଥାନରେ ଦଳ ଦଳ ହୋଇ ରହିଥିବାର ଦେଖିବାକୁ ମିଳେ । ଏହିପରି ଅନେକ ଗାଲାକ୍ସି କ୍ଲଷ୍ଟର ମଧ୍ୟରୁ ଗୋଟିଏ ହେଉଛି SCMAS ୦୭୨୩  ନାମକ ଏକ କ୍ଲଷ୍ଟର । ଏହି କ୍ଲଷ୍ଟର ଜେମ୍ସ ୱେବ୍ ର ପ୍ରଥମ ଛବିରେ ଦୃଶ୍ୟମାନ ହେଉଛି । ଏହାର ଦୂରତା ପୃଥିବୀଠାରୁ ୪.୬ ବିଲିୟନ ପ୍ରକାଶବର୍ଷରେ ଅବସ୍ଥିତ । ଏହି ଚିତ୍ରକୁ ୱେବ୍ ଫାଷ୍ଟ

ISSN NO.
2582-208X

ଡିପ୍ ଫିଲ୍ଡ କୁହାଯାଉଛି । ଏଥିରେ ହଜାର ହଜାର ଗାଲାକ୍ସି ଦୃଶ୍ୟମାନ ହେଉଛି । ଏହା ହେଉଛି ବ୍ରହ୍ମାଣ୍ଡର ସବୁଠୁ ଦୂର ଚିତ୍ର । ତାହେଲେ ଏହି ପ୍ରକାଶ ବର୍ଷ କଣ ? ପୃଥିବୀରେ ଯେକୌଣସି ଦୂରତା ମାପ ପାଇଁ ଇଞ୍ଚ, ମିଟର, ଫୁଟ, ମିଟର, କିଲୋମିଟର ଇତ୍ୟାଦି ୟୁନିଟ୍ ବ୍ୟବହୃତ ହୁଏ, କିନ୍ତୁ ଏହା ବହୁତ ଦୂର ଦୂରତା ମାପ ପାଇଁ କାମ କରିବ ନାହିଁ । ସେଥିପାଇଁ ମହାକାଶରେ ଦୂରତା ମାପିବା ପାଇଁ ପ୍ରକାଶ ବର୍ଷର (Light year) ୟୁନିଟ୍ ବ୍ୟବହୃତ ହୁଏ । ଆଲୋକ ବର୍ଷ - ଗୋଟିଏ ବର୍ଷରେ ଆଲୋକ ଯାତ୍ରା କରୁଥିବା ଦୂରତାକୁ ଆଲୋକ ବର୍ଷ କୁହାଯାଏ । ବ୍ରହ୍ମାଣ୍ଡରେ ଆଲୋକର ଗତି ସବୁଠାରୁ ଅଧିକ । ଆଲୋକ ୧ ସେକେଣ୍ଡରେ ୩ ଲକ୍ଷ କିଲୋମିଟର ଦୂରତା ଅତିକ୍ରମ କରେ । ତେବେ କଳ୍ପନା କରନ୍ତୁ ୧ ବର୍ଷରେ ଏହା କେତେ ଦୂର ହେବ ? ଏହା ବାସ୍ତବରେ ୧ ବର୍ଷରେ ୯,୫୦୦,୦୦୦,୦୦୦,୦୦୦,୦୦୦ କିଲୋମିଟର ଅତିକ୍ରମ କରେ, ଯାହାକୁ ୧ ଆଲୋକ ବର୍ଷ କୁହାଯାଏ । ୨୦୦୪ ରେ, ହବଲ୍ ଟେଲିସ୍କୋପ୍ ଏହିପରି ଏକ ଚିତ୍ର ନେଇଥିଲା ଯାହାକୁ ହବଲ୍ ଡିପ୍ ଫିଲ୍ଡ କୁହାଯାଏ କିନ୍ତୁ ବର୍ତ୍ତମାନ ଯେଉଁ ୱେବ୍ ଫର୍ଷ୍ଟ ଡିପ୍ ଫିଲ୍ଡର ଚିତ୍ର ଗ୍ରହଣ କରାଯାଇଛି, ତାହା ହବଲ୍ ଠାରୁ ଅନେକ ତୀକ୍ଷ୍ଣ ଏବଂ ସ୍ପଷ୍ଟ । ବ୍ରହ୍ମାଣ୍ଡର ଜନ୍ମ ପରେ ତୁରନ୍ତ ଜନ୍ମ ହୋଇଥିବା ଗାଲାକ୍ସିଗୁଡିକ ହବଲ୍ ରେ ଦେଖାଯାଇଛି, କିନ୍ତୁ ଅଲ୍ଟ୍ରା ଡିପ୍ ଫିଲ୍ଡ ନାମରେ ନାମିତ ହେବା ସତ୍ତ୍ୱେ ହବଲ୍ ର ଫଟୋ ବହୁତ ଗଭୀର ଏବଂ ସଫା ନୁହେଁ । ହବଲ୍ ବ୍ରହ୍ମାଣ୍ଡର ଗଭୀର ଅଞ୍ଚଳଗୁଡିକର ରଶ୍ମୀକୁ କ୍ୟାପଚର କରିବାକୁ ସକ୍ଷମ ହୋଇ ନାହିଁ । ତୁଳନାତ୍ମକ ଭାବରେ, ଜେମ୍ସ ୱେବ୍ ବହୁତ ଗଭୀର ଏବଂ ତୀକ୍ଷ୍ଣ ଫଟୋ ଦେଖାଉଛି । ଦ୍ୱିତୀୟ ଚିତ୍ର ହେଉଛି ଷ୍ଟିଫେନ୍ସ କ୍ୱିଣ୍ଟେଟ୍, ୫ଟି ଗ୍ୟାଲେକ୍ସି ର ନୃତ୍ୟ । ଦ୍ୱିତୀୟ ଛବିଟି ୫ଟି ଗ୍ୟାଲେକ୍ସିକୁ ପାଖରୁ ଦେଖା ଯାଇଛି । ଏଥିରେ ଦୁଇଟି ଗ୍ୟାଲେକ୍ସି ପରସ୍ପର ସହ ମୁହାଁମୁହିଁ ହେଉଛନ୍ତି, । ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି ଯେ ଏହି ଦୁଇଟି ଗ୍ୟାଲେକ୍ସି ପରସ୍ପର ସହ ମୁହାଁମୁହିଁ ହୋଇ ଶେଷ ହେବାର ସମ୍ଭାବନା ଦେଖାଯାଉଛି । ଜେମ୍ସ ୱେବ୍ ଦ୍ୱାରା ଏହା ସର୍ବ ବୃହତ ପ୍ରତିଛବି । ବୃହତ ଅର୍ଥ ହେଉଛି ଏକ ସ୍ୱଚ୍ଛ ପ୍ରତିଛବି, ଏଥିରେ ସର୍ବାଧିକ ପିକ୍ସେଲ ଅଛି ଯାହାକୁ ଜୁମ୍ କରି ଦେଖାଯାଇପାରିବ । ଏହି

ISSN NO.
2582-208X

ଗ୍ୟାଲେକ୍ସିଗୁଡିକ ପୃଥିବୀ ଠାରୁ ୪ କୋଟି ରୁ ୩୪ କୋଟି ଆଲୋକ ବର୍ଷ ଦୂରତାରେ ଅବସ୍ଥିତ । ଏହି ବିଷୟରେ ବୈଜ୍ଞାନିକମାନେ କହିଛନ୍ତି ଯେ ଏହି ଗାଲାକ୍ସି ବିଷୟରେ ପୂର୍ବରୁ ସୂଚନା ଥିଲା, କିନ୍ତୁ ସେପରି ବିସ୍ତୃତ ଫଟୋ ନଥିଲା। ସାଧାରଣ ଲୋକଙ୍କୁ ଏହା ଲାଗୁଛି ଯେ ଏହା ଏକ ରଙ୍ଗୀନ ଦୃଶ୍ୟ କିନ୍ତୁ ଜ୍ୟୋତିର୍ବିଜ୍ଞାନୀଙ୍କ ପରିଷ୍କୃତ ଆଖିକୁ ବିସ୍ତୃତ ଭାବରେ ଦେଖାଯାଉଛି ଯେ, ଯେପରିକି ତାରାମାନେ କେଉଁଠାରେ ଜନ୍ମ ହେଉଛନ୍ତି, କେଉଁଠାରେ ବ୍ଲାକ ହୋଲ ଛିଦ୍ରର ପ୍ରବାହ ଇତ୍ୟାଦି । ଏହି ସମସ୍ତ ବିନ୍ଦୁଗୁଡିକ ଅଧ୍ୟୟନ କରିବା ଆବଶ୍ୟକ । ବର୍ତ୍ତମାନ ଆଗକୁ ବଢିବା ପୂର୍ବରୁ ଜ୍ୟୋତିର୍ବିଜ୍ଞାନରେ ଏକ ଶବ୍ଦ ଅଛି – ନେବିଉଲା । ଏହାର ଅର୍ଥ ବାହ୍ୟ ମହାକାଶରେ ଉପସ୍ଥିତ ଧୂଳି ଏବଂ ଗ୍ୟାସର ବାଦଲ । ପୃଥିବୀର ବାୟୁମଣ୍ଡଳରେ ଦେଖାଯାଉଥିବା ମେଘ ସହିତ ଏହାକୁ ତୁଳନା କରିହେବ ନାହିଁ । ଏଠାରେ ଏହା ପ୍ରକୃତରେ ଏକ ବିଶାଳ ଏବଂ ଅଦ୍ଭୁତ ପ୍ରକାରର ବାଦଲ । ଯେତେବେଳେ ତାରା ଜନ୍ମ ହୁଏ କିମ୍ବା ମରିଯାଏ, ଏହା ପ୍ରାୟତଃ ଦୃଶ୍ୟମାନ ହୁଏ । ଏହି ତାରାମାନଙ୍କର ଜନ୍ମ ଏବଂ ମୃତ୍ୟୁର ରହସ୍ୟ ନେବିଉଲା ମଧ୍ୟରେ ଲୁଚି ରହିଛି । ଏହି ଉପାୟରେ ନେବିଉଲାର ସୁନ୍ଦର ଦୃଶ୍ୟ ଜେମ୍ସ ୱେବ୍ ଦ୍ୱାରା କଏଦ ହୋଇଛି । ହବଲ୍ ପାଇଁ ନେବିଉଲା ବାହାରେ ଦେଖିବା କଷ୍ଟକର ହୋଇପଡିଥିଲା, କାରଣ ଏହାର ଆଲୋକ ଏହି ମେଘଗୁଡିକ ମଧ୍ୟ ଦେଇ ଗତି କରିପାରୁ ନଥିଲା । କିନ୍ତୁ ଜେମ୍ସ ୱେବ୍ ଖେଳକୁ ପରିବର୍ତ୍ତନ କରିଦେଇଛି, ଜେମ୍ସ ୱେବ୍ ଇନ୍ଫ୍ରାରେଡ ଆଲୋକର ତରଙ୍ଗକୁ ପରିଚାଳନା କରେ । ରେଳ ଷ୍ଟେସନ ଏବଂ ବିମାନବନ୍ଦରରେ ଯେଉଁ ସୁରକ୍ଷା ଯାଞ୍ଚ ହୋଇଥାଏ ଏହି ଇନ୍ଫ୍ରାରେଡ ତରଙ୍ଗ ଦ୍ୱାରା ହୋଇଥାଏ । ଆମର ଆଖି ଦୃଶ୍ୟମାନ ପରିସର ତରଙ୍ଗ ଦେଖିବାକୁ ସକ୍ଷମ । ଆଲୋକର ଅନ୍ୟାନ୍ୟ ଅଂଶ ମଧ୍ୟ ଅଛି, ରେଡିଓ ୱେବ୍, ଇନଫ୍ରା ରେଡ ଇତ୍ୟାଦି । ଅତ୍ୟାଧୁନିକ ଯନ୍ତ୍ରପାତି ସାହାଯ୍ୟରେ ଆମେ ସେମାନଙ୍କୁ ଦେଖିପାରିବା । ସେହିଭଳି ଅତ୍ୟାଧୁନିକ ଯନ୍ତ୍ରପାତି ଜେମ୍ସ ୱେବ୍ ସହିତ ଜଡିତ ଏବଂ ଏହା ଅନେକ ପ୍ରତିବନ୍ଧକକୁ ଅତିକ୍ରମ କରି ନେବିଉଲାକୁ ଦେଖିପାରେ ।

ISSN NO.
2582-208X

ତୃତୀୟ ଫଟୋ ହେଉଛି  କସ୍ମିକ୍ କ୍ଲିଫସ୍ ଅଫ କରିନା ନେବିଉଲା, ପୃଥିବୀଠାରୁ ପ୍ରାୟ ୮୫୦୦ ଆଲୋକ ବର୍ଷ ଦୂରରେ ଥିବା ଏହାର ନିଜସ୍ୱ ମିଲ୍କି ୱେ ଗାଲାକ୍ସିର ଏକ ଅଂଶ । କରିନା ନବୁଲାର ଆଖପାଖ କ୍ଷେତ୍ରର ଜେମ୍ସ ୱେବ୍  ଫଟୋ ଉଠାଇଛି। ଏହି ପ୍ରକାର କ୍ଷେତ୍ରକୁ ଷ୍ଟେଲାର୍ ନର୍ସରୀ ମଧ୍ୟ କୁହାଯାଏ । ଅର୍ଥାତ୍ ଏହି ନର୍ସରୀ ହେଉଛି ଏକ ସ୍ଥାନ ଯେଉଁଠାରେ ତାରାମାନେ ଜନ୍ମ ହୋଇ ଧୀରେ ଧୀରେ ବିକାଶ କରିଥାନ୍ତି । କରୀନା ନବୁଲାରେ ଅନେକ ତାରକା ଅଛନ୍ତି ଯାହା ପୂର୍ବରୁ କେବେ ଦେଖାଯାଇ ନଥିଲା । ୱେବ୍ ଟେଲିସ୍କୋପ୍ର ଇନଫ୍ରାରେଡ ହେତୁ ଏହା ସମ୍ଭବ ହୋଇଛି । ସେମାନଙ୍କୁ ଦେଖିବା ଦ୍ୱାରା ଆମେ ବୁଝିପାରିବା ଯେ ତାରାମାନେ କିପରି ଜନ୍ମ ହୁଅନ୍ତି । ଚତୁର୍ଥ ଚିତ୍ର ହେଉଛି ସାଉଥ୍ ରିଙ୍ଗ୍ ନବୁଲା । ଏହା ବାସ୍ତବରେ ଏକ ତାରାର ମୃତ୍ୟୁର ଦୃଶ୍ୟ । ଏହା ପୃଥିବୀଠାରୁ ୨୦୦୦ ଆଲୋକ ବର୍ଷ ଦୂରରେ ଅବସ୍ଥିତ । ଯେତେବେଳେ ଏକ ତାରା ମରିଯାଏ, ଏହା ବିସ୍ଫୋରଣ ହୋଇ ରଙ୍ଗୀନ ଧୂଆଁ ଏବଂ ମେଘ ନିର୍ଗତ କରେ । ଆମର ସୂର୍ଯ୍ୟ ମଧ୍ୟ ଧୂଳି, ଧୂଆଁ ଏବଂ ମେଘ ଉଡ଼ାଇ ଦିନେ ମୃତ୍ୟୁ ମୁଖରେ ପଡିବ, କିନ୍ତୁ ଟ୍ରିଲିୟନ ବର୍ଷ ପରେ । ସେହି ସମୟରେ ପୃଥିବୀରେ ବାସ କରିବା କଷ୍ଟସାଧ୍ୟ ହେବ । ସେଥିପାଇଁ ଆମେ ଅନ୍ୟ ଗ୍ରହରେ ଜୀବନ ଖୋଜୁଛୁ ଯେଉଁଠାରେ ଜଳ ଅଛି । ଜେମ୍ସ ୱେବ ର  ପଞ୍ଚମ ଫଟୋ ହେଉଛି WASP-୨6b (ସ୍ପେସ୍ ଇନ୍ ଲାଇଫ୍)। ବାସ୍ତବରେ, ପୃଥିବୀ ବ୍ୟତୀତ, ଆମର ସୌର ପ୍ରଣାଳୀରେ ଥିବା ୮ ଟି ଗ୍ରହରେ ଜୀବନ ଅସମ୍ଭବ । ହଁ, ମଙ୍ଗଳ ଗ୍ରହରେ ଜୀବନର ସମ୍ଭାବନା ଅଛି, କିନ୍ତୁ ଏହା ବହୁତ କମ ମନେହୁଏ । ଆମର ସୌର ପ୍ରଣାଳୀ ବାହାରେ ଅସୀମ ଗ୍ରହ ଅଛି ଯେଉଁଥିରେ ଜୀବନ ଥାଇପାରେ । ବାସ୍ତବରେ, ଜ୍ୟୋତିର୍ବିଜ୍ଞାନର ବିକାଶ ହେବ ପରେ ବୈଜ୍ଞାନିକମାନେ ଜାଣିବାକୁ ପାଇଲେ ଯେ ଆମର ସୌର ପ୍ରଣାଳୀ ବାହାରେ ଅନେକ ଗ୍ରହ ଅଛନ୍ତି । ଏମାନଙ୍କୁ ଏକ୍ସୋ ପ୍ଲାନେଟ କୁହାଯାଏ । ଏହା ସମ୍ଭବ ଯେ ଏହି ଏକ୍ସପ୍ଲାନେଟଗୁଡିକ ମଧ୍ୟରୁ କୌଣସି ଗ୍ରହ ଥାଇପାରେ ଯେଉଁଠାରେ ଜୀବନ ସମ୍ଭବ ଏବଂ ସେଠାରେ ଜଳ ଉପସ୍ଥିତ ଥାଇପାରେ । କିନ୍ତୁ ଆମର ଏପର୍ଯ୍ୟନ୍ତ ଦେଖିବାର କ୍ଷମତା ନଥିଲା । କିନ୍ତୁ ପୂର୍ବରୁ ଆମର ଏତେଦୂର ଦେଖିବାର କ୍ଷମତା

ISSN NO.
2582-208X

ନଥିଲା, କିନ୍ତୁ ବର୍ତ୍ତମାନ ଆମର ଜେମ୍ସୱେବ ଅଛି, ଯାହା ମାଧ୍ୟମରେ ଆମେ ଏହି କାର୍ଯ୍ୟକୁ କରିପାରିବା । ପୃଥିବୀଠାରୁ WASP – ୯୬b ନାମକ ଏକ ଗ୍ରହ ୧୧୨୦ ଆଲୋକ ବର୍ଷ ଦୂରତାରେ ଅଛି ଯାହା ଏକ ତାରାକୁ ପରିକ୍ରମା କରୁଛି । ଆମ ପୃଥିବୀ ସୂର୍ଯ୍ୟକୁ ପରିକ୍ରମା କରିବାକୁ ୩୬୫ ଦିନ ନେଇଥାଏ, କିନ୍ତୁ ଏହି ଗ୍ରହ ସେହି ତାରାକୁ ପରିକ୍ରମା କରିବାକୁ ୩ ଦିନ ସମୟ ନେଇଥାଏ । ଏହା ଆମର ସୌର ମଣ୍ଡଳରେ ବୁଧ ଗ୍ରହ ପରି ସେହି ତାରା ପାଖରେ ରହିଥାଏ । ଅର୍ଥାତ୍ ଏହି ଗ୍ରହରେ ଅଧିକ ଉତ୍ତାପ ରହିବ ଏବଂ ସେଠାରେ ଜୀବନ ଅସମ୍ଭବ ଅଟେ । ତଥାପି, WASP-96b ଗ୍ରହର ସ୍ପେକ୍ଟ୍ରୋଗ୍ରାଫି ମାଧ୍ୟମରେ ଏକ ତଥ୍ୟ ବାହାର କରାଯାଇଛି । ବାସ୍ତବରେ ସ୍ପେକ୍ଟ୍ରୋଗ୍ରାଫି ହେଉଛି ଏକ ସାଧନ ଯାହା ମାଧ୍ୟମରେ ଏକ ଗ୍ରହରେ କେତେ ଜଳ ଅଛି ତାହା ଜାଣିବା । ସମାନ ଉପକରଣ ଜେମ୍ସ ୱେବ୍ ରେ ସଂସ୍ଥାପିତ ହୋଇଛି । ସାମ୍ନାକୁ ଆସିଥିବା ତଥ୍ୟରୁ ଜଣାପଡିଛି ଯେ ସେଠାରେ ଥିବା ଜଳ ପରିମାଣରେ ଜୀବନ ତିଷ୍ଠିବା ଅସମ୍ଭବ ଅଟେ। କିନ୍ତୁ ଏଥିରେ ଆମେ ସଫଳ ହୋଇଛୁ ଯେ ଜେମ୍ସୱେବ୍ ରେ ସଂସ୍ଥାପିତ ଡିଭାଇସ୍ କାମ କରୁଛି । ଏହା କେବଳ ଆରମ୍ଭ, ଏହି ଟେଲିସ୍କୋପ ବୈଜ୍ଞାନିକମାନଙ୍କୁ ଆହୁରି ଅନେକ ନୂଆ ଜିନିଷ ଦେଖାଇବ । ଏଠାରେ ଆମକୁ ବୁଝିବାକୁ ହେବ ଯେ ଆମ ସୌରମଣ୍ଡଳରେ ପୃଥିବୀ ପରି ଜେମ୍ସ ୱେବକୁ WASP-୯୬b ଠାରୁ ଆହୁରି ଆଗକୁ ଦେଖିବାକୁ ପଡିବ । ଅର୍ଥାତ୍ ବୁଧ ଗ୍ରହ ସୂର୍ଯ୍ୟଙ୍କ ନିକଟରେ ଏବଂଏକ୍ସୋ ପ୍ଲାନେଟ୍ WASP-୯୬b ସେହି ତାରା ନିକଟରେ । ଜେମ୍ସ ୱେବ୍ WASP-୯୬b ଠାରୁ ଅଧିକ ଆଗକୁ ଯିବାକୁ ପଡିବ, ଅର୍ଥାତ୍ ବୁଧ, ଶୁକ୍ର ଏବଂ ପରେ ପୃଥିବୀ ଯେଉଁଠାରେ ଜୀବନ ସମ୍ଭବ । ସେହିଭଳି, ଆଗାମୀ ଦିନରେ ଜେମ୍ସ କୁ ଏକ୍ସୋ ପ୍ଲାନେଟ୍ WASP-୯୬b ର ଆହୁରି ଆଗକୁ ଦେଖିବାକୁ ପଡିବ । ବ୍ରହ୍ମାଣ୍ଡରେ ଅସଂଖ୍ୟ ଏକ୍ସପ୍ଲାନେଟ୍ ଅଛି ଯାହା ଆମକୁ ଜାଣିବାକୁ ପଡିବ । ଯଦି ଆଜି ନୁହେଁ ତ କାଲି ଆମେ ସୌର ମଣ୍ଡଳ ବାହାରେ ଜୀବନ ଖୋଜି ପାଇବା ପାଇଁ ସକ୍ଷମ ହୋଇପାରିବା । ଏଠାରେ ଗୋଟିଏ ଜିନିଷ ଜାଣିବା ଜରୁରୀ ଯେ ଟେଲିସ୍କୋପଗୁଡ଼ିକ ହେଉଛି ସମୟ ମେସିନ, ଅର୍ଥାତ୍ ଆମେ ଯାହା ଦେଖୁଛୁ ତାହା ପ୍ରକୃତରେ ବହୁତ ପୂର୍ବରୁ ଘଟିସାରିଛି । ଟାଇମ୍ ମେସିନ୍ ଅର୍ଥ ହେଉଛି

ISSN NO.
2582-208X

ଅତୀତକୁ ଦେଖିବାର ଖୀଡିକି । ଆମେ ଯାହା ଦେଖୁଛନ୍ତି ତାହା ଅତିକ୍ରମ କରିସାରିଛି । ଟେଲିସ୍କୋପ ଯାହା ବି ଦେଖୁଛି, ତାହା ପ୍ରକୃତରେ ଆଲୋକ ହେତୁ ଦେଖୁଛି, ଅର୍ଥାତ୍ ଏହି ଆଲୋକ କେତେ ପୁରୁଣା । ଉଦାହରଣ ସ୍ୱରୂପ, ଆମେ କହୁଛୁ ଯେ ଏକ ତାରା ବା ଗ୍ରହ ୮୦ ନିୟୁତ ଆଲୋକ ବର୍ଷ ଦୂରରେ ଅଛି, ଅର୍ଥାତ୍ ଆମର ଟେଲିସ୍କୋପ କ୍ୟାପଚର କରିଥିବା ଆଲୋକ ୮୦ ମିଲିୟନ ବର୍ଷ ଯାତ୍ରା କରି ଆମର ଟେଲିସ୍କୋପରେ ପହଞ୍ଚିଛି । ତାହା ହେଉଛି, ଆଜି ଆମେ ଯାହା ଦେଖୁଛୁ ତାହା ୮୦ ନିୟୁତ ବର୍ଷ ପୂର୍ବେ ଘଟିସାରିଛି । ଅର୍ଥାତ, ଟେଲିସ୍କୋପ ଆଜି ଆମକୁ ଯାହା ଦେଖାଇଛି ତାହା ୮ ନିୟୁତ ବର୍ଷ ପୂର୍ବେ ଘଟିସାରିଛି । ବର୍ତ୍ତମାନ ସେଠାରେ କଣ ହେଉଛି ସେ ବିଷୟରେ ଆମକୁ ଜଣା ନାହିଁ। ବିଜ୍ଞାନର ଜୟଯାତ୍ରା ଏମିତି ଜାରି ରହିବ ଏବଂ ଆଗାମୀ ସମୟରେ ମନୁଷ୍ୟ ଆହୁରି ନୂଆ ନୂଆ ଜିନିଷ ଉଦ୍ଭାବନ କରିବ। ଠିକ ଏହିଭଳି ମନୁଷ୍ୟର ଚିନ୍ତନ ଧୀରେ ଧୀରେ ବିକଶିତ ହେବ ।

ସୁଜନପୁର, ଯାଜପୁର
୯୩୪୮୭୬୮୮୧୨

ISSN NO.
2582-208X

# ବିପଦୁ ଆମକୁ ରଖ



ନନ୍ଦିନୀ ରାଉତ

ପ୍ରକୃତି ଆଜି ତାଣ୍ଡବ ରଚେ
ମାନବ ଉପାୟ ଶୂନ୍ୟ
ଦେଖରେ ଆଜି ମାନବ ଜାତି
ତୁମେ ତ କେଡ଼େ ନ୍ୟୁନ ।

ଅଦିନେ ଆଜି ଆସୁଛୁ ମାଡି
ଧ୍ୱଂସର ଆବାହନୀ
ଧ୍ୱଂସ କରୁଛ ତୁମେ ତ ସବୁ
ପ୍ରକୃତି ଜୟ ଧ୍ୱନି ।

ଉଗ୍ର ତୁମର ବସ୍ତୁବାଦିତା
ଦୂରଦୃଷ୍ଟିର ହୀନ
ଚାହିଁଛ ରହି ଜଳକା ପରି
ବୁଦ୍ଧି ଉପାୟ ଶୂନ୍ୟ ।

ଗର୍ବ ହିଂସାକୁ ପାଥେୟ କରି
ଭୁଲିଲ ଅହିଂସା ପଥ
ତୁମରି ଅନ୍ୟାୟ ଦଣ୍ଡ ଦିଅନ୍ତୁ
ଆଜି ତ ଜଗତନାଥ ।

ବାହୁ ବିକ୍ରମ ଚଳିବନି ଏଠି
ସକଳେ ଏକ ଡାକ
ହେ ମହାବାହୁ କଳା କହ୍ନେଇ
ବିପଦୁ ଆମକୁ ରଖ ।

ବାଲିପଘା, ଅନୁଗୁଳ

ISSN NO.
2582-208X

# ନିର୍ଯାତନା



ଜୟ କୁମାର ମିଶ୍ର

ସଦାବେଳେ ଆସେ, ସମାଜେ ପରସେ
ଗୃହ ନିର୍ଯାତନା କଥା,
ଗଣ ମାଧ୍ୟମଟି, କହିକହି ବୁଲେ
ସମୟ ନକରି ବୃଥା ॥(1)

ତିଳକୁ ତାଳଟି, କରି ଦିଏ ଭେଟି
ଅତିରଞ୍ଜିତ କେବେ ଅବା,
କଳ୍ପନା ମସଲା, ଘଟଣାରେ ବୋଳା
କେତେ ଯେ ନାହିଁ ନଥିବା ॥(2)

ସମାଜ ଆଗରେ, ସତ ଲୁଚି ଯାଏ
ମିଛ ପ୍ରମାଣକୁ ଥୋଇ,
ନିରୀହ ମଣିଷ, ସଜ୍ଜାରେ ବେହୋସ
ସପକ୍ଷରେ କେହି ନାହିଁ ॥(3)

ଗୁଡ଼ ଦେଖି ଜନ୍ଦା, କରୁଥାଏ ଧନ୍ଦା
ପାଇବାର ଆଶା ପୋଷି,
ବରଷା ଜୁଆଡେ, ତା ଛତା ସିଆଡେ
କପଟ ମିତ୍ରତା ବେଶି ॥ (4)

ନର, ନାରୀଙ୍କର, ଆଚାର ବେଭାର
ଗୃହ ହିଂସା, କେତେ କଥା,
ହେବାରେ ନହେବା, ନହେବାରେ ହେବା
କଳୁଷିତ ମନ୍ଦ ଚିନ୍ତା ॥(5)

ଜଳନ୍ତା ନିଆଁରେ, ଘିଅକୁ ପକାଇ
ଦେଖନ୍ତି ମଉଜ କେତେ,
କୁମନ୍ତ୍ରଣା ସବୁ, କରୁଥାଏ କାବୁ
ସୁବିଧାବାଦ ର ପଥେ ॥(6)

ମନ ଅହଂକାର, ବଡ଼ିମା ପ୍ରଖର
ଅନ୍ଧ ବୁଝାବଣା ସ୍ୱର,
ମଧୁର ସମ୍ପର୍କ, ହୋଇଯାଏ ତିକ୍ତ
ସଂସାରଟି ନାରଖାର ॥(7)

ନବ ଆଧୁନିକ, ଅଳିକର ସୁଖ
ଖାମ ଖିଆଲିଆ ନୀତି,
ଚେତନା ବିହୀନ, ଶିକ୍ଷା ଓ ସଂସ୍କାର
ଅମଡ଼ା ବାଟର ସାଥି ॥(୫)

ISSN NO.
2582-208X

ମଥାଠାରୁ ଚିତା, ବଳି ପଡୁଅଛି
ସାହି ପଡୋଶୀଙ୍କୁ ଦେଖି,
ଦେଖାଶିଖା ବୁଦ୍ଧି, ମନେ ମନେ ଖୁନ୍ଦି
କିଏ ବା ହୁଅଇ ଦୁଃଖୀ ॥(୨)
ଘରର ଗୁମର, ଆଚାର ବେଭାର
ଲାଜ ଲାଜ ,ଭାବ ଥୁଏ,
ଅଜାଗା ଘାଆଟି, ବିନ୍ଧା ଛିଟିକାଟି
ଯନ୍ତ୍ରଣା ଅସହ୍ୟ ହୁଏ ॥(10)
ଦାଣ୍ଡେ ଉପହାସ, ହାନି ପଉରଷ
ଇଜ୍ଜତ ମହତ କଥା,
ସବୁ ସହି ନର, ଚାଲେ ନିରନ୍ତର
ଧରି ହୃଦୟର ବ୍ୟଥା ॥(11)
ଘର ଢ଼ିଙ୍କି ଯେବେ, କୁମ୍ଭୀର ସାଜନ୍ତି
କିଏବା ହୋଇବ ସାହା ??
ଆଖିର ଲୁହକୁ, ମନର କୋହକୁ
ମିଳେନି ସଦଗତି ରାହା ॥(12)
ଆଇନର ପାଞ୍ଜି,ଆଖି ଦିଏ ବୁଜି
ରୀତି, ନୀତି ବାଟବଣା,
ନିରୀହ ବାପୁଡା, ଖାଉଛି ଚାପୁଡା
ମୁଣ୍ଡରେ ବିପତ୍ତି ଠୁଣା ॥13)

ବୁଦୁରୁ, ଗୋରିବନ୍ଧା
ଗଜପତି, ଓଡିଶା, 761296,
ଯୋଗାଯୋଗ 6372127449

ISSN NO.
2582-208X

# ବୋତାମ



ଅରୁଣ କୁମାର ମେହେର

ନିର୍ଜିବ ବସ୍ତୁ ଟିଏ ଅଟଇ ମୁହିଁ
ନାହିଁ ମୋହର ଜୀବନ
ମୋ ବିନା ପୋଷାକ ତିଆରି କରିବା
ସବୁ କିଛି ମୂଲ୍ୟହୀନ ।।

ବିଭିନ୍ନ ଆକୃତିରେ ଗଢା ମୋ ତନୁ
ରଙ୍ଗ ଅନେକ ପ୍ରକାର
ଛୋଟ ଠାରୁ ବଡ ସବୁ ପୋଷାକରେ
ଅଛି ଚାହିଁଦା ମୋହର ।।

ଶସ୍ତା ହେଉ ବା ମହଙ୍ଗା ସବୁଥିରେ
ପାଖେ ପାଖେ ରହିଥାଏ
ସମାଜରେ ନାରୀ ପୁରୁଷ ମାନଙ୍କୁ
ଲଜ୍ଜାରୁ ଦୂରେଇ ଥାଏ ।।

ପୋଷାକ ସାଥିରେ ବନ୍ଧୁତା ବାନ୍ଧିଛି
ଚିରଦିନ ରହିଥିବି
ସୁଖରେ ଦୁଃଖରେ ପ୍ରତି ମୂହୂର୍ତ୍ତରେ
ତାରି ସାଥିରେ ବଞ୍ଚିବି ।।

ଦୁନିଆଁ ଆଖିରେ ସବୁଦିନ ପାଇଁ
କରୁଛି ଏସବୁ କାମ
ସମସ୍ତେ କହନ୍ତି ଆଜି ବି ଏଇଠି
ବୋତାମ ମୋହର ନାମ ।।

ବୁଟୁପାଲି, ଜିଲ୍ଲା -ବୌଦ୍ଧ
ମୋ -୨୫୮୩୯୩୫୦୦୨

ISSN NO.
2582-208X

# ନାଟକ

## ରାମ ରାବଣ ରାମାୟଣ



ସୁଧାଂଶୁ ଶେଖର ଦ୍ୱିବେଦୀ

।। ୨୪ ଦୃଶ୍ୟ ।।

(ରାତି ଗମ୍ଭୀର ଓ ଗଭୀର। ମ୍ୟାନେଜର ମି: ରାୟ ବାରମ୍ବାର ହାତ ଘଣ୍ଟାକୁ ଦେଖି ଦ୍ୱିତୀୟ ମଞ୍ଚରେ ସିଂହ ଟେକ୍ସଟାଇଲ ମିଲ୍ସରୁ ଟ୍ରକରେ ମାଲ ବୋଝେଇ ହେବାର ଦୃଶ୍ୟ ଦେଖି ବ୍ୟତିବ୍ୟସ୍ତ ହେଉଥାନ୍ତି। ଗାବରୁ ଜଣେ ଟ୍ରକ ଡ୍ରାଇଭର ବେଶରେ ପ୍ରବେଶ କରେ।)

ମି:ରାୟ- ବୋଝେଇ ସରିଗଲା ଗାବରୁ ?

ଗାବରୁ- ଔର ଥୋଡି ଦେର ଲଗେଗା ।ଆପ ଚିନ୍ତା ମତ କିଜିୟେ ସବକୁଛ ଆରାମ ସେ ହୋ ଯାଏଗା।

ମି:ରାୟ- ଆରେ ଯେତେଶୀଘ୍ର ପାରୁଛୁ କାମ ଖତମ କର। କେହି ଯଦି ଦେଖିନିଏ ସବୁ ଗଡ଼ବଡ଼ ହେଇଯିବ ।

ଗାବରୁ- ରିଲାକ୍ସ ମ୍ୟାନେଜର ସାବ, ରିଲାକ୍ସ! ଆପ ଇତନା ଘବରାଇୟେ ମତ। କୋଇ ନେହିଁ ଦେଖେଗା। ଆରେ ହେ କାଲୁ ମାଲ ଲୋଡ଼ ହୋଗୟା କି ନେହିଁ ?

କାଲୁ(ଅନ୍ତରାଳରୁ)- ଜୀ ହୋ ଗୟା ।

ମି:ରାୟ- ଗାବରୁ! ତୁ ଆଉ ଲେଟ କରନା, ଯେତେଶୀଘ୍ର ପାରୁଛୁ ମାଲଟ୍ରକ ନେଇ ଏଠାରୁ ପଳାଇ ଯା-।

ଗାବରୁ- ଠିକ ହୈ, ହମ ଚଲତେ ହେଁ। (ପ୍ରସ୍ଥାନ ପାଇଁ ବୁଲିପିଡ଼ିବା ସମୟରେ ରମଣ ହାତରେ ପିସ୍ତଲ ଧରି ଠିଆ ହୋଇଥାଏ)

ISSN NO.
2582-208X

ରମଣ- ହେଣ୍ଡସଅପ! ଟିକେ ବି ହଲିବାକୁ ଚେଷ୍ଟା କରିବୁନି, ନଚେତ .......(ଗାବରୁ ରମଣ ହାତକୁ ଗୋଇଠା ମାରି ପିସ୍ତଲ ଖସେଇଦିଏ ତଥା ଦଉଡି ପଳାଏ, ମ୍ୟାନେଜର ପଳାଇଯିବା ବେଳେ ରମଣ ତଳୁ ଉଠି ଧରିନିଏ।) ଆରେ ମ୍ୟାନେଜର! ଆପଣ ବି ଏମାନଙ୍କ ସହିତ ସାମିଲ ଅଛନ୍ତି? କିଛିଦିନ ହେବ ଆମ ଫ୍ୟାକ୍ଟ୍ରି ଲସରେ ଚାଲିବାର କାରଣ ହେଉଛି ଆପଣ ଚୋରାରେ ଲୁଗା ଅନ୍ୟ କୋଉଠିକୁ ସପ୍ଲାଇ କରୁଛନ୍ତି ?

ମି:ରାୟ- ନା- ନା ମୋତେ ଛାଡିଦିଅନ୍ତୁ ସାନବାବୁ, ମୋର କିଛି ଦୋଷ ନାହିଁ। ମୁଁ ଏସବୁ ବିଷୟରେ କିଛି ଜାଣେନାହିଁ।

ରମଣ- ଚୋର ଧରାପଡିଲେ ଖସିଯିବାପାଇଁ କେତେପ୍ରକାର ବାହାନା କରେ। କୁହନ୍ତୁ କଣପାଇଁ ଏସବୁ କରୁଛନ୍ତି? ମୁଁ ଜାଣେ ମୋ ଜେଜେଙ୍କ ଅମଳରୁ ଆପଣଙ୍କ ବାପା ଆମ ଫ୍ୟାକ୍ଟ୍ରିରେ ମ୍ୟାନେଜର ରହିଥିଲେ। ତାଙ୍କ ପରେ ଆପଣ ରହିଲେ। ବିଶ୍ୱାସର ପ୍ରତିଦାନ କଣ ଏଇୟା?

ମି:ରାୟ- ନା ସାନବାବୁ ଗୋଟେ ବିଶ୍ୱାସୀ କୁକୁର କେବେ ତା' ମାଲିକର ଅନିଷ୍ଟ କରିବନାହିଁ କିନ୍ତୁ କିଛି ଏଭଳି ପରିସ୍ଥିତି ଆସେ ଯେଉଁଥିପାଇଁ ବିଶ୍ୱାସୀ ବି ଅବିଶ୍ୱାସ କାର୍ଯ୍ୟ କରିବାକୁ ବାଧ୍ୟ ହୋଇଯାଏ। ସମସ୍ତେ ପରିସ୍ଥିତିର ଦାସ ସାନବାବୁ।

ରମଣ- ଆପଣଙ୍କ ଘରେ ଖାଇବାକୁ ନାହିଁ ନା ଛପରରୁ ପାଣି ଗଳୁଛି? କୁହନ୍ତୁ କେମିତି ଏତେବଡ଼ ପରିସ୍ଥିତି ଉପୁଜିଲା ଯାହାଫଳରେ ଆପଣ ଚୋରି କରୁଛନ୍ତି। (ଇନ୍ସପେକ୍ଟର ବିଭୀଷଣ କାଶୀନାଥ ହାତରେ ହେଣ୍ଡକପ ପକାଇ ପ୍ରବେଶ କରେ)

ବିଭୀଷଣ- ସବୁ ନାଟର ଗୋବର୍ଦ୍ଧନ ଏଇ ମାତୁଳ କାଶୀନାଥର।

ରମଣ- ଆରେ ଏ କଣ ବିଭି! ମାମୁଁଙ୍କ ହାତରେ ହେଣ୍ଡକପ କଣପାଇଁ ପକାଇଛୁ?

ବିଭି- ଚୋର ହାତରେ ହେଣ୍ଡକପ ପଡିବନି ଆଉ କଣ ଫୁଲମାଳ ପକେଇବି? ବୁଝିଲୁ ରମଣ ଏଇ ମାତୁଳ ମହାଶୟ ମ୍ୟାନେଜର ବାବୁଙ୍କ ନାତିକୁ କିଡନାପ କରି ରଖିଥିଲେ। ପ୍ରତିବଦଳରେ ମ୍ୟାନେଜରଙ୍କ ସହାୟତାରେ ଚୋରା କାରବାର କରନ୍ତି। ଆପଣ ଆଦୌ ବ୍ୟସ୍ତ ହୁଅନ୍ତୁନାହିଁ ମ୍ୟାନେଜର ବାବୁ! ମୁଁ ଆପଣଙ୍କ ନାତିକୁ ଘରେ ପହଞ୍ଚାଇବାର ବ୍ୟବସ୍ଥା କରିଆସିଛି।

ISSN NO.
2582-208X

ମି:ରାୟ- ଆପଣଙ୍କୁ କୋଟି ଧନ୍ୟବାଦ ଆଜ୍ଞା! ମୋ ନାତିଟୋକାକୁ ଉଦ୍ଧାର କରି ଘରେ ପହଞ୍ଚାଇଛନ୍ତି।

ରମଣ--ଆରେ ମୁଁ ଏସବୁ କଣ ଶୁଣୁଛି ? ମୋତେ ଟିକେ ଖୋଲିକରି କହ ?

ବିଭି- କାଶୀନାଥ ଉତ୍ତରକବାଟଙ୍କ ମୁଣ୍ଡରେ ଏକ ଚକ୍ରାନ୍ତ ସୃଷ୍ଟି ହେଲା। ଯେମିତିହେଉ ସିଂହ ଟେକ୍ସଟାଇଲ ମିଲ୍ସରୁ ଲୁଗା ଚୋରିକରି ରାଣା ସାମନ୍ତନ୍ତରାୟକୁ ସପ୍ଲାଇ କରିବେ। କିନ୍ତୁ ମ୍ୟାନେଜର ମି:ରାୟ ତାଙ୍କ କାର୍ଯ୍ୟରେ ବାଧା ଦେବାରୁ ଅନ୍ୟ ଏକ ଚକ୍ରାନ୍ତ ଦ୍ୱାରା ତାଙ୍କ ନାତିକୁ କିଡନାପ କରି ରଖିଲେ। ଯାହାଫଳରେ ମ୍ୟାନେଜର ମଧ୍ୟ ସେମାନଙ୍କ କାର୍ଯ୍ୟରେ ବାଧା ଦେବେନାହିଁ। ହେଲେ ଶେଷ ଚକ୍ରାନ୍ତ ତାଙ୍କର ସଫଳ ହେଲାନାହିଁ। ସେଥିପାଇଁ ମାତୁଳ କାଶୀନାଥ ଉତ୍ତରକବାଟ ଆଜି ମୋ ହାତରେ ଧରା ପଡିଛନ୍ତି।

ରମଣ- ମାମୁ! ଆପଣ ଶେଷରେ.....

କାଶୀ- ଆରେ ନା ରେ ରମଣ ଏସବୁ ମିଛ କଥା। ଇନ୍ସପେକ୍ଟର ବିଭୀଷଣର ଇଏ ଗୋଟେ ମନଗଢା କାହାଣୀ।

ବିଭି- କଣହେଲା ? ମୁଁ ଯାହାସବୁ କହିଲି ମନଗଢା କାହାଣୀ ?

କାଶୀ- ନୁହେଁତ ଆଉକଣ ! ମୁଁ ମୋ ଭଣଜାକୁ କେତେମାତ୍ରାରେ ଭଲପାଏ ତୁ କୋଉଠୁ ଜାଣିବୁ ? ଭାରତଠାରୁ ଦିଇଗୁଣା ଅଧିକ ଭଲ ପାଏ ବୋଲି ମୋତେ ଆଜି ଏଇ ଦଣ୍ଡ ମିଳିଛି।

ବିଭି- ପୁଣି ଚକ୍ରାନ୍ତ ଆରମ୍ଭ କରିଦେଲ ?

କାଶୀ- ହେ- ସବୁବେଳେ ମୋତେ ଦୋଷାରୋପ କରିବା ତୋର ଗୋଟେ ଖରାପ ଗୁଣ। ଖୋଲ ମୋ ହାତରୁ ହାତକଡ଼ାଟା ଖୋଲ ଦେଖିବୁ ମୁଁ କେତେ ପରିମାଣରେ ମୋ ରମୁ ଭଣାଜାକୁ ଭଲପାଏ !

ବିଭି- ବିଲକୁଲ ନୁହେଁ। ତୁମେ ଜଣେ ଚୋର। ଚୋର ହାତରେ ହାତ କଡା ପକାଇବା ମୋର କର୍ତ୍ତବ୍ୟ।

କାଶୀ- ତୁ ଶୁଣୁଛୁନାରେ ରମୁ କେମିତି ତୋ ସାଙ୍ଗଟା ମୋ ହାତରେ ହାତକଡ଼ା ପକେଇ ଭେଳିକି ଦେଖଉଛି ? ମଣିଷ କଣ ଭୁଲଚୁକ କରେନାହିଁ! ଭୁଲବଶତ କଣ ଟିକେ କରିଦେଇଛି ତା'ବୋଲି ହାତରେ ହାତକଡ଼ା ପକେଇ ଜେଲକୁ ଯିବି ? ଲୋକେ ଶୁଣିଲେ

ISSN NO.
2582-208X

କଣ କହିବେ ? ଏତେବଡ଼ ବିତ୍ତଶାଳୀ ଘରେ ପୋଷିବାପାଇଁ ସମ୍ବଳ ନାହିଁଯେ ଶେଷରେ ମାମୁଙ୍କୁ ଚୋରି କେଶରେ ଠୁଙ୍କି ଦେଲେ।

ରମଣ- ବିଭି! ପ୍ଲିଜ ମାମୁଙ୍କୁ ଛାଡ଼ିଦେ -।

ବିଭି- ମୋଟେନୁହେଁ। ଗୋଖରଙ୍କୁ ହାତଛଡା କରିବା ବୁଦ୍ଧିମାନର କାମ ନୁହେଁ। ତାଛଡା ସେ ଜଣେ ଛୋଟ ପିଲାକୁ କିଡନାପ କରି ରଖିଥିଲେ। ପୁଣି ତମ ମିଲରୁ ଲୁଗା ଚୋରା କାରବାର କରୁଥିଲେ ଏ ସବୁର ପ୍ରମାଣ ସହିତ ମୁଁ ତାଙ୍କୁ ଏରେଷ୍ଟ କରିଛି, ଛାଡ଼ିଦେବି କାହିଁକି ?

ରମଣ- ମୋ କଥା ଥରେ ବୁଝିବାକୁ ଚେଷ୍ଟା କର। ମାମୁଙ୍କୁ ନ ଛାଡିଲେ ସାନମା' ଯଦି ଶୁଣିବେ ସବୁକିଛି ଗୋଳମାଳ ହେଇଯିବ। ଡାଡିଙ୍କର ମଧ୍ୟ ମନ ଭଲନାହିଁ। ତାପରେ ସେ ଏସବୁ କଥା ଶୁଣି  ଥୟ ଧରି ରହିପାରିବେ ନାହିଁ।କି ଛି ନା କିଛି ଅଘଟଣ ଘଟିଯିବ। ତା' ପୂର୍ବରୁ ମୋ କଥା ମାନି ମାମୁଙ୍କୁ ଛାଡ଼ିଦେ। ପ୍ଲିଜ ମୁଁ ତୋ ଆଗରେ ହାତ ଯୋଡୁଛି।

ବିଭି- ଆରେ ସାଙ୍ଗ ହୋଇଛୁ, ସାଙ୍ଗ ହିସାବରେ ରହ। ଦେଖ ତୋର କୌଣସି କଥାରେ ମୁଁ ଆଜିଯାଏ ଅବାଧ୍ୟ ହୋଇନାହିଁ। କାରଣ ତୋର ଓ ତୋ ଡାଡିଙ୍କର ଋଣ ମୁଁ ଏ ଜନ୍ମରେ କଣ ହୁଏତ କୌଣସି ଜନ୍ମରେ ଶୁଝିପାରିବି ନାହିଁ। ତୁ କହିବୁ ଅଥଚ ମୁଁ ମାନିବିନାହିଁ ଏହା ଅସମ୍ଭବ। ତୋହରି କଥା ହେଲା ଯା ଛାଡିଦେଲି। (କାଶୀନାଥ ହାତରୁ ହେଣ୍ଡକପ ଖୋଲିଦେଲେ)

କାଶୀ- (ରମଣ ପାଖକୁ ଦୌଡ଼ିଯାଇ) ମୋ ସୁନା ଭଣଜାଟା ପରା, ମୁଁ ଜାଣିଥିଲି ମୋ ଭଣଜା କେବେ ତା ମାମୁ ହାତରେ ରଖୀ ବାନ୍ଧିବାରୁ ବଞ୍ଚିତ କରିବ ନାହିଁ।

ରମଣ- କିନ୍ତୁ ଆପଣଙ୍କୁ ମଧ୍ୟ ମନେ ରଖିବାକୁ ହେବ ମାମୁ ଏଭଳି ଘଟଣା ଯେମିତି ଆଉକେବେ ନହୁଏ।

କାଶୀ-(ଗାଲରେ ଚାପୁଡ଼ା ଖାଇ )ଆଉ ଭୁଲ କରିବୁ ? କହ ଆଉ ଭୁଲ କରିବୁ ?

ରମଣ- (ଧରିନେଇ)ଥାଉ ମାମୁ, ମୁଁ ଜାଣେ ମଣିଷ ଠକିଲେ ଶିଖେ। ଆଉ ନିଜକୁ ଏତେ କଷ୍ଟ ଦିଅନାହିଁ।

କାଶୀ- ମୋତେ ବିଶ୍ୱାସ କର ବାପା, ମୋ ନିଜ ଭଣଜା, ମୁଁ ଠାକୁର ନିୟମ ନେଇ କହୁଛି ଆଉ କେବେ ଏଭଳି ନୀଚ କାମ କରିବିନାହିଁ।

ISSN NO.
2582-208X

ରମଣ- ଠିକଅଛି, ମୁଁ ମଧ୍ୟ କଥା ଦେଉଛି ତୁମର ଏ କାର୍ଯ୍ୟ ବିଷୟ ରେ କାହାକୁ ଜଣାଇବି ନାହିଁ।

ବିଭି- କିନ୍ତୁ ରମଣ ମୋର ପୂର୍ବାନୁମାନ କହୁଛି ତୋର ଏଭଳି ପାଗଳାମୀ ପାଇଁ ଦିନେ ପସ୍ତେଇହେବୁ।

ରମଣ- ଦୋଷୀର ପ୍ରାୟଶ୍ଚିତ ହିଁ ତା'ପାଇଁ ବଡ଼ ଶାସ୍ତି।

ବିଭି- ଓକେ, ତୋ ଇଚ୍ଛା, ମୁଁ ତେବେ ଆସୁଛି। (ପ୍ରସ୍ଥାନ)

ରମଣ- ମ୍ୟାନେଜର! ଆପଣ ମିଲରେ ଯାହା ଅବ୍ୟବସ୍ଥା ହୋଇଛି ସେସବୁ ବ୍ୟବସ୍ଥା କରିଦେବେ। ଯେମିତି ଡାଡିଙ୍କ କାନକୁ ଏକଥା ନଯାଏ ମନେ ରଖିଥିବେ।(ପ୍ରସ୍ଥାନ ପଛେ ପଛେ ମି:ରାୟ ମଧ୍ୟ ପ୍ରସ୍ଥାନ କରନ୍ତି)

କାଶୀ- (କୁଟୀଳତାର ହସ ହସି)ରମଣ ସିଂହ ତୋତେ କାଶୀନାଥ ର ଚାଲାକି ବୁଝିବାକୁ ଆହୁରି ଗୋଟେ ପୁରୁଷ ଜନ୍ମ ନେବାକୁ ହେବ। ତୁ ଭାବିଛୁ ମୁଁ ଲାଙ୍ଗୁଡ଼ ଜାକିଦେଲି ବୋଲି ଆଉ ଭୋକିବି ନାହିଁ। ନା-ରେ ବାପା ନା, ଦୁଧ ପିଇଲେ ସାପର ବିଷ ବଢେ। ଏକଥା ଜାଣି ସୁଦ୍ଧା ତୁ ସେଇ ଦୁଧ ପାତ୍ରକୁ ମୋ ସମ୍ମୁଖରେ ବସେଇଲୁ। ମୁଁ ଯଦି ତୋତେ ଦିନେ କଞ୍ଚା ଲଙ୍କା ପରି ଦଳି ନଦେଇଛି ତାହେଲେ ମୋତେ ଚିହ୍ନିବୁ ମୁଁ କାଶୀନାଥ ଉତ୍ତରକବାଟ କଣ କରିପାରେ.... ?(ଫ୍ରିଜ)

(ମଞ୍ଚ ଅନ୍ଧାର)

କ୍ରମଶଃ.........

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା
email-dwibedysudhansu@gmail.com

ISSN NO.
2582-208X

# ଆଜିର ଶ୍ରବଣ



ବାଙ୍କାବିହାରୀ ମହାକୁର

ପୁର୍ଣ କାଳରେ ଶ୍ରବଣ ନାମରେ
ଅନ୍ଧ ଅନ୍ଧୁଣୀଙ୍କ ସୁତ
ବୃଦ୍ଧ ପିତାମାତା ସେବା କରି ନିତି
ମନପ୍ରାଣେ ସଦା ତୃପ୍ତ ।

ଜୀବନ ଆୟୁଷ ହେବାଯାଏ ଶେଷ
ସେବା ବ୍ରତ ଥିଲ୍ କରି
ପୁତ୍ରର ବିଚ୍ଛେଦେ ପିତାମାତା ଖେଦେ
ପର୍ଣକୁ ଦେଲେ ହାରି ।

ଆଜିର ଶ୍ରବଣ ଭ୍ବେ ବଳବାନ
ନଜେ ସଂସାରରେ ଶ୍ରେଷ୍ଠ
ସ୍ୱାର୍ଥେ ହୋଇ ଅନ୍ଧ ହୃଦେ ବୋହି ଛନ୍ଦ
ଅନ୍ୟର କରେ ଅନଷ୍ଟ ।

ପିତାମାତା ସ୍ଥାନ ଈଶ୍ୱର ସମାନ
ସ୍ୱର୍ଗଠୁ ଦୁହେଁ ମହାନ
ଶୈଶବର ଜ୍ଞାନ ଯୌବନରେ ଶୂନ
ସପନ କେବଳ ଧନ ।

ଗରଭରେ ଧରି  ଯନ୍ତ୍ରଣା ଆଦରୀ
ଜନମ କରିଛି ଯିଏ
ତାକୁ ମୁହଁ ମୋଡି ଯାଏ ଘର ଛାଡି
ପତ୍ୱରେନ ଜମା ସିଏ ।

ପର ଦ୍ୱାରେ ଖଟି ବୁଲି ଏଠିସେଠି
ରକତକୁ କରି ପାଣି
ପିତାର କଷଣେ ବସିଲେ ଆସନେ
ପାରୁ ନାହିଁ ପୁତ୍ର ଚହ୍ନି ।

ଉପାସରେ ରହି ଦୁଃଖ କ୍ଲେଶ ସହି
ପୁତ୍ରମୁଖେ ଦେଲେ ହସ
ସପନ ଦେଖିଲେ ପାଠ ପଢାଇଲେ
ଦୂରେଇବ ଅବଶୋଷ ।

ISSN NO.
2582-208X

ଆସନ ପାଇଣ କରେ ବଡପଣ
ଭୁଲିଯାଏ ସ୍ନେହଶ୍ରଦ୍ଧା
ହୋଇ ବାଟବଣା ଦିଅଇ ଯାତନା
ମନେ ନ କରେ ସେ ଦ୍ୱିଧା ।

ବୃଦ୍ଧ ପିତାମାତା ସଦା କରି ଚନ୍ତା
ଦୁଃଖେ କାଟନ୍ତୁ ଜୀବନ
ଜଣଙ୍କ ଅନ୍ତରେ ଅନ୍ୟଟି ଶେଷରେ
ବୃଦ୍ଧାଶ୍ରମେ ପାନ୍ତୁ ସ୍ଥାନ ।

ଧନ୍ୟରେ ଶ୍ରବଣ ଧନ୍ୟ ତୋ ଜୀବନ
କ ପାଇବୁ ଭୁଲି ସଂସ୍କାର
ତୁ ବି ବୃଦ୍ଧ ହେବୁ ଯାତନା ଭୋଗିବୁ
କମ୍ପା ନ କରୁ ବିଗ୍ଭର ।

ବୁରୁବୁଡ଼ା, ବୀରମହାରାଜପୁର,
ସୁବର୍ଣ୍ଣପୁର

ପଢନ୍ତୁ ଏବଂ ପଢାନ୍ତୁ ମାସିକ ପାରିବାରିକ ପତ୍ରିକା
"ବେଦାନ୍ତୀ"

ISSN NO.
2582-208X

# ପିଞ୍ଜରା ବନ୍ଧା ପକ୍ଷୀ ଟିଏ



ପ୍ରଶାନ୍ତ ବ୍ରହ୍ମା

ପିଞ୍ଜର୍ ବନ୍ଧା ପକ୍ଷୀ ଟିଏ ମୁଁ ଛନ୍ଦା ମୋର ପାଦ ଦୁଇ
ଗୃହିଁ ରହିଛି ମୁଁ ଶୁନ୍ୟ ଆକାଶକୁ ଲୁହକୁ ଝର୍‌ଇ।

କେବେ ଆସିବ ଦିନ ମୋର ଉଡିବି ମୁଁ ମୁକ୍ତ ବିହଙ୍ଗ ପରି
ବୟସ ତ ଗଲ୍‌ଣି ଗଡ଼ି କେବେ ଅବା ଯିବି ମୁହିଁ ସେପାରି।

ଆଖି ଲୁହ ଆଖିରେ ଭିଜାଇ ଦିନ ଯାଏ ମୋର ବିତି
ଯାହାକୁ ଦେଖିବୁ ସମସ୍ତେ କରନ୍ତୁ ବ୍ୟସ୍ତ ର ଗତି।

ଭାଷା ମୋର ବୁଝେନା ଏ ମଣିଷ ଯାଉଥାଏ ସେହି ବାଟେ
ଛଟପଟ ହୁଏ ମୁଁ ହେଲେ ସମୟ ନଥାଏ ତାକୁ ମୋଟେ ।

ପଳାଶପୁର, ଖୋର୍ଦ୍ଧା

ISSN NO.
2582-208X

# ଆଶ୍ୱିନର ଭାବନାରେ



ନୀଳମଣି ଗୁନ୍ଦ

ଆଶ୍ୱିନର ଏଇ ନରମ ସକାଳ ଭାବିବାକୁ ଭଲ ଲାଗେ
ଶରତ ଋତୁରପାଇଁ  ସଭିଁ ମନେ ନବୀନ ପୁଲକ ଜାଗେ ।

କାଶତଣ୍ଡୀ ଫୁଲ ହସରେ ହସରେ ଥାଏରେ କୁହୁକ ଛୁଆଁ
ତା' ପାଇଁ ହସଇ ବିଲ ମାଳ, ପଠା ନଈ କୂଳେ କେତେ ଗାଆଁ।

ସେଇ ପ୍ରଭାତର ମନ୍ଦ ସମୀରରେ ଚଅଁର ଦୋଳାଉ ଥାଏ
କୁନ ଭଅଁରଟି ତା'ର ପାଶେ ଘୂରି  କେତେ କଥା କହିଯାଏ ।

ଆକାଶେ ଧବଳ ବଉଦର ମାଳା ଯାଉଥାଏ ଭାସିଭାସି
ଦୂର ଗାଆଁ ପାଖୁ ତୁରୀ, ମହୁରୀର ଝଙ୍କାର ତ ଛୁଏଁ ଆସି ।

ଢାକ୍ ବାଜିଲାଣି ଢାଉଁ ଢାଉଁ କରି ରହିରହି ବାଜେ ଢୋଲ
କେତେ ନୂଆ ବେଶେ ସଜେଇ ହେଲେଣି ଜରିକନା, ମାଟି, ସୋଲ ।

କେଉଁକେଉଁଠାରେ ମେଢ଼ରୁ ତୋରଣ ସରିଲାଣି ସାଜସଜ୍ଜା
ଦଶ'ରା, ପାର୍ବଣ ଏଇ ଅଗଣରେ ଆଣିଦିଏ କେତେ ମଜା ।।

ISSN NO.
2582-208X

ଗାଆଁ ସହରରେ ଗୋଟିଏ ଚରଗ୍ଭ ମାଆ ଆଗମନୀ କଥା
"ଯା ଦେବୀ ସର୍ବ ଭୂତେଷୁ" ଶୁଣିଲେ ଆସ ନୋଇଁ ଦେବା ମଥା।

ପ୍ରବାସୀ ଭାଇଟି ଫେରିଛି ପୂଜାରେ ନିଜ ପ୍ରିୟ ଗାଆଁଟିକୁ
ମେଢ଼ ଦେଖିବାକୁ ସଜ ହୋଇଲେଣି କୁନୁ, ମୁନୁ, ଚଣ୍ଟୁ, ଚକୁ।

କିଏ କହେ ଏ ତ ଶକ୍ତିସ୍ୱରୂପିଣୀ ମାଆଦୁର୍ଗାଙ୍କର ପୂଜା
ସିଏ କାତ୍ୟାୟିନୀ ଭବାନୀ ଅମ୍ବିକା ଶିବା ଉମା ଦଶଭୁଜା।

ମହିଷା ଦାନବ ତଳେ ଲୋଟିଅଛି ଶୂଳର ଆଘାତ ପାଇ
ଅସତ୍ୟ ଉପରେ ସତ୍ୟର ବିଜୟ ପୂଜା ଯାଉଥାଏ ଗାଇ।

ମେଢ଼ଟି ଆଗରେ ହାତ ଯୋଡ଼ି ଆମେ କହିବା ହେ ଦୁର୍ଗା ମାଆ
ଆମ ଧରାପାଇଁ ସୁଖ ଶାନ୍ତି,ପ୍ରୀତି ଝରେଇ ଝରେଇ ଯାଆ।

୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯, ମୋ:୯୫୮୩୨୦୨୩୫୭

ISSN NO.
2582-208X

# ପ୍ରାଚୀନ ଭାରତରେ ପାର୍ସି ସଭ୍ୟତାର ଉତଥାନ, ପତନ

ପ୍ରିୟବ୍ରତ ପାଢ଼ୀ

ଗୁଜରାଟ ନବସାରୀର କବି କଇକ୍ ବୋବାଡ୍ ବହମାନ୍ ୧୬୦୦ ମସିହାରେ ଲେଖିଥିଲେ ପାର୍ସି କାବ୍ୟ କିସା-ଏ-ସାନଜନ୍ । ଏହା ପାର୍ସିମାନଙ୍କ ସାନଜାନ୍ (ଗୁଜରାଟ) ଆଗମନ ତଥା ଏହି ନଗରୀର ଅଭ୍ୟୁଥାନ ଓ ପତନର ବିବରଣୀ ଅତି ଜୀବନ୍ତ ଭାବେ ବର୍ଣ୍ଣନା କରେ । ସେହି ପାର୍ସି କାବ୍ୟ ଅନୁଯାୟୀ ସପ୍ତମ ଶତାବ୍ଦୀର କୌଣସି ଏକ ଦିନରେ, ଇରାନରୁ ବାହାରିଥିବା ପାଞ୍ଚଟି ବିଶାଳ ପୋତ ଦ୍ୱାରା ସମୁଦ୍ର ଅତିକ୍ରମ କରି, ପ୍ରାୟ ସାତ କିଲୋମିଟର ନଦୀପଥ ଅତିକ୍ରାନ୍ତ ପରେ ପାର୍ସିମାନେ ସାନଜାନ୍ ରେ ପହଞ୍ଚିଥିଲେ । ଆଉ ଏକ ପୋତ କାମ୍ବେ ଉପକୂଳରେ ପହଞ୍ଚିଥିଲା । ସ୍ୱାଲେରେ ପହଞ୍ଚିଥିବା ଅନ୍ୟ ଏକ ପୋତର ଶରଣାର୍ଥୀମାନେ ଅଚାନକ ସ୍ଥାନୀୟ ବିଜେତା ରାଜାଙ୍କ ଆକ୍ରୋଶର ଶିକାର ହୋଇ ସମୂଳେ ଧ୍ୱଂସ ହେଲେ ।

ସେହିଦିନ ବନ୍ଦର ଗାଁ ସାନଜାନ୍ ରେ ଏକ ଅପୂର୍ବ ଦୃଶ୍ୟ ଦେଖିବାକୁ ମିଳିଥିଲା । ବିରାଟ ବିରାଟ ପୋତ ସବୁରୁ ବିଚିତ୍ର ବେଶୀ ପାର୍ସିମାନେ ଓହ୍ଲେଇ ଗୋଟିଏ ଜାଗାରେ ଏକଜୁଟ ହୋଇଥିଲେ । ସାଙ୍ଗରେ ଥିଲେ ମହିଳା ଶିଶୁ, ବାଳକ ତଥା ଯୁବକଯୁବତୀ ମାନେ । ମହିଳାମାନେ ଇରାନୀୟ ବେଶପୋଷାକରେ ଖୁବ୍ ବିଚିତ୍ର ଲାଗୁଥିଲେ, ସଦ୍ୟ ଆବିଷ୍କୃତ ସବୁଜ ପଟାଳିରେ ଦୌଡିବାକୁ ଉଦ୍ୟତ ଶିଶୁମାନଙ୍କୁ ଆକଟ କରି ରଖୁଥିଲେ । ନିଜର ଦାମୀ ଦାମୀ ଓ ରଙ୍ଗବେରଙ୍ଗୀ ବିଭୂଷଣ ତଳୁ ଗୋରା ତକ୍ ତକ୍ ଯୁବତୀଗଣଙ୍କୁ ସ୍ଥାନୀୟ ଯୁବାବର୍ଗ କଣେଇ କଣେଇ ଚାହୁଁଥିଲେ । ଚଳଚଞ୍ଚଳ କିଶୋରମାନେ ବାଧ୍ୟ ହୋଇ ନିଜ ନିଜ ଦଳ ଭିତରୁ ଗ୍ରାମବାସୀଙ୍କୁ ଜଳ ଜଳ ଚାହୁଁଥିଲେ । କିଛି ବୃଦ୍ଧ ବୃଦ୍ଧା ତଳେ ବସିଯାଇଥିଲେ, କିଛି

ISSN NO.
2582-208X

ଦଳପତି ନିଜ ନିଜ ଭିତରେ ଗଭୀର ଆଲୋଚନାରେ ଲିପ୍ତ ଥିଲେ । ଅଦୁରରେ ବନ୍ଧା ହୋଇଥିବା ସୁଦୁର ଇରାନରୁ ଆଗତ ଅଶ୍ୱ ସବୁ ମଝିରେ ମଝିରେ ନୀରବତା ଭଙ୍ଗ କରି ହ୍ରେସାରବ କରୁଥିଲେ । ଉପହାର ପାଇଁ ଅଣାଯାଇଥିବା କିଛି ଇରାନୀୟ ଜୋତା, ଖଡ୍ଗ ତଥା ହାତବୁଣା ଚଦରକୁ ପ୍ରଦର୍ଶନ କରି ସମସ୍ତେ ଅପେକ୍ଷା କରିଥିଲେ ସ୍ଥାନୀୟ ରାଜାଙ୍କ ଆଗମନକୁ । ବିନା ଅନୁମତିରେ ଭୂମି ଉପରେ ପାଦରଖି ଲଜ୍ଜିତ ତଥା ଅନନ୍ୟୋପାୟ ପାର୍ସି ସମୂହ ରାଜାଙ୍କ ସାମାନ୍ୟ ଅନୁଗ୍ରହ ପାଇଁ ଉତ୍କଣ୍ଠିତ ଥିଲେ । ଆଜ୍ଞାବହୀ ସୈନ୍ୟଙ୍କ ଗହଣରେ ରାଜା ଯାଦବ ରାଣା ପହଞ୍ଚିଲେ । ଭୟମିଶ୍ରିତ କଣ୍ଠରେ ନୀରବ ନିରସ୍ତ୍ର ପାର୍ସି ସମୁଦାୟ ଭିତରୁ ତରୁଣୀ ଜଣେ ଅବୋଧ୍ୟ ଭାଷାରେ ସଙ୍ଗୀତ ଗାନ କଲେ ଓ ପାର୍ସି ସମୁଦାୟ ତରଫରୁ ପଦ୍ମନାଭ ଭଳି ହାତ ଦ୍ୱୟରେ ସ୍ୱାଗତୋକ୍ତି ପ୍ରକାଶ କଲେ । ପରେ ପରେ ପାର୍ସି ଦଳପତି ଗୋଟିଏ ଦୁଗ୍ଧ ପୂର୍ଣ୍ଣ ଲୋଟା ଆଣି ରାଜାଙ୍କ ସମ୍ମୁଖରେ ନତଜାନୁ ହୋଇ ବସି ରହିଲେ ଏବଂ ତତ୍ପରେ ଦୁଇଟି ଚିନି ଦାନା ସଯତ୍ନେ ମଖମଲ୍ କନା ଭିତରୁ ବାହାର କରି ରାଜାଙ୍କ ସମ୍ମୁଖରେ ଲୋଟା ଭିତରକୁ ପକେଇ ଦେଲେ । ଏହା କୌଣସି ଜାଦୁକରି ଖେଳ ନଥିଲା, କିନ୍ତୁ ଜାଦୁଠାରୁ ଅଧିକ ଚମତ୍କାର ଦେଖେଇଲା । ଉଦାର ରାଜା ବୁଝିଗଲେ ଏହାର ଅର୍ଥ ଏବଂ ନିଜ ମନ୍ତ୍ରୀଙ୍କୁ ଜଣେଇ ଦେଲେ ଯେ ପାର୍ସି ଦଳପତି କହୁଛନ୍ତି - "ଧନ ଧାନ୍ୟ କ୍ଷୀରସରରେ ଭରପୁର ଆପଣଙ୍କ ଏହି ସାନଜାନ ରେ ଆମର ଉପସ୍ଥିତି ଅଧିକ ମଧୁମୟ କରିବ, ଅଥଃ କ୍ଷମାକର ଓ ଆଶ୍ରୟ ଦିଅ" ।

ପାର୍ସି ଶରଣାର୍ଥିମାନେ ନିର୍ଭୟରେ ଆଶ୍ରୟ ପାଇଲେ, କିନ୍ତୁ କିଛି ସର୍ତ୍ତ ରହିଗଲା - "ଧର୍ମଯାଜକ ନିଜର ପାର୍ସି ଧର୍ମ ବିଷୟରେ ରାଜାଙ୍କୁ ଅବଗତ କରାଇବେ, ସମସ୍ତେ ପାର୍ସି ଭାଷା ଛାଡି ଗୁଜୁରାଟି ଶିକ୍ଷା କରିବେ, ମହିଳାମାନେ ଗୁଜରାଟି ଶାଢ଼ୀ ପିନ୍ଧିବେ, ବିବାହ ଶୋଭାଯାତ୍ରା ବିନା ଆଡମ୍ବରରେ ରାତ୍ରିରେ କରିବେ ଓ ପୁରୁଷମାନେ କେବେହେଲେ ଅସ୍ତ୍ର ଧାରଣ କରିବେ ନାହିଁ । ଷଣ୍ଢ ପୂଜନ, ଧୂପ ଦୀପ ଓ ଫୁଲର ପୂଜାର୍ଚ୍ଚନା ବେଳେ ବ୍ୟବହାର, ଅଗ୍ନିକୁ ଉତ୍ସର୍ଗ, ପ୍ରାର୍ଥନା ସମୟରେ ନୀରବତା, ଦରିଦ୍ରକୁ ସାହାଯ୍ୟ, କୂପ ଓ ପୋଖରୀ ଖନନ ପବିତ୍ର ମାଳା ଧାରଣ, ମୃତକଙ୍କ ଶ୍ରାଦ୍ଧ ପାଳନ, ଋତୁ ସମୟରେ ମହିଳାମାନଙ୍କ କଠିନ ଜୀବନ ଚର୍ଯ୍ୟା - ଏସବୁ ହିନ୍ଦୁମାନଙ୍କୁ ଏତେ ନିଜର ପରି ଲାଗିଲା ଯେ ପାର୍ସିମାନଙ୍କୁ

ISSN NO.
2582-208X

ନିଜଭିତରେ ସାମିଲ କରିଦେଲେ । ଇରାନର ପ୍ରାଚୀନ ଭାଷା, ଶ୍ଳୋକ ଆବୃତ୍ତି ତଥା ବେଶ ପୋଷାକ  କେବଳ ପୂଜକ ଶ୍ରେଣୀ ଭିତରେ ସୀମାବଦ୍ଧ ହୋଇ ରହିଗଲା । କିଛି ଲୋକ ବ୍ରାହ୍ମଣଙ୍କ ପରି ଚୁଟି ରଖିଲେ । ଇତିହାସ କହେ ପ୍ରଥମ ଦଫାରେ ଆସିଥିବା ଇରାନୀମାନେ କୋଙ୍କଣ ରାଜ୍ୟରେ ପରବର୍ତ୍ତୀ କାଳରେ ଚିତ୍ତ ପବନ - ବ୍ରାହ୍ମଣରେ ପରିଣତ ହୋଇଥିଲେ । ଅମୋହ ବର୍ଷା-ଐଐଙ୍କ ଶିଳାଲେଖା ଅନୁଯାୟୀ ଖ୍ରୀଷ୍ଟାବ୍ଦ ୮୭୧ ବେଳକୁ ସାନଜାନ୍ ଖୁବ୍ ପ୍ରତିଷ୍ଠା ଲାଭ କରିଥିଲା ଏବଂ ତାକୁ ନବ୍-ତେର ନଗରୀ କୁହାଯାଉଥିଲା, ଅର୍ଥାତ୍ ଯାହାର ଆୟତନ ୯ କୋଶ ଓ ୧୩ କୋଣ ପର୍ଯ୍ୟନ୍ତ ବ୍ୟାପିଥିଲା । ସାନଜାନ୍ ବନ୍ଦର ସହ ଭାରତର ବିଭିନ୍ନ ବନ୍ଦର ତଥା ଆରବର ବାସ୍ରା ହରମୁଜ୍ ର ସିଧାସଳଖ ବ୍ୟବସାୟ ଥିଲା । ଏହି ସହରଟିରେ ଜିଉସ୍, ଆବିସିନିଆନ୍, ଆରବୀ, ତୁର୍କୀ ସମସ୍ତେ ଦେଖାଯାଉଥିଲେ । କନହେରୀ ପର୍ବରେ ପଲ୍ଲବୀ ଶିଳା ଲେଖାନୁଯାୟୀ ଏଠାରେ ଚର୍ଚ୍ଚ, ମନ୍ଦିର, ଅସଜିଦ୍, ସିନାଗଗ୍ ଓ ପାର୍ସିମାନଙ୍କ ଅଗ୍ନି ମନ୍ଦିର ସବୁ ରହିଥିଲା । ସାନଜାନ୍ ନଦୀରେ ଅଳସ ଭାଙ୍ଗି ମଶାଲ ବା ପବିତ୍ର ଶାଗୁଣା ପକ୍ଷୀର ଚିତ୍ର ବହନ କରୁଥିବା ଧ୍ୱଜା ଥିବା ପୋତମାନ ସମୁଦ୍ର ଦିଗେ ଢଳିଢଳି ଚାଲୁଥିଲେ - ସେସବୁ ଥିଲା ପାର୍ସିମାନଙ୍କ ବ୍ୟବସାୟୀ ଜାହାଜ  ।

କିନ୍ତୁ ସମୟ ଖୁବ୍ କ୍ଷୀପ୍ରଗତିରେ ବଦଳିଗଲା । ୧୩୯୩ ରେ ଆଲାଉଦ୍ଦିନ ଖିଲିଜିର ଭାଇ ଉଲକ୍ ଖାନ୍ ଗୁଜରାଟକୁ ପରାସ୍ତ କରିଦେଲେ ଏବଂ ପରେପରେ ତୋଗଲକମାନେ ସାନଜାନ୍ କୁ ସିଧାସଳଖ ଦିଲ୍ଲୀରୁ ସାସନ କଲେ । ତା ପରବର୍ତ୍ତୀ ତିନି ଶତାବ୍ଦୀ ଥିଲା ହିନ୍ଦୁ ଓ ମୁସଲମାନ ରାଜାଙ୍କ ଭିତରେ ସଂଘର୍ଷର କାହାଣୀ, ଯେଉଁଥିରେ ଏହି କ୍ଷୁଦ୍ର ଗୋଷ୍ଠୀଟି ବାରମ୍ବାର କ୍ରୋଧ ଓ ଆକ୍ରୋଶର ଶିକାର ହେଲା । ପାର୍ସିମାନେ ସ୍ଥାନୀୟ ରାଜାଙ୍କୁ ସମର୍ଥନ କରିବାକୁ ଏକଦା ଆଲଫ୍ ଖାନ୍ ର ବିଶାଳ ୩୦,୦୦୦ ସୈନ୍ୟବାହିନୀକୁ ଆର-ଦେଶୀର୍ ନାମକ ବୀର ପାର୍ସି ଯୁବକ ନିଜର ୧୪୦୦ ସମର୍ଥକଙ୍କ ସହିତ ସାମନା କରିଥିଲେ ଓ ତଡି ଦେଇଥିଲେ । ଅପମାନିତ ସୈନ୍ୟଦଳ ପୁନଶ୍ଚ ଅଧିକ ସଂଖ୍ୟାରେ ଫେରି ଆସିଲେ ଓ ଏଭଳି ନାରକୀୟ ଗଣ ସଂହାର ଚଳାଇଥିଲେ ଯେ ସମଗ୍ର ସାନଜାନ୍ ଧ୍ୱଂସ ସ୍ତୁପରେ ପରିଣତ ହେଲା । କିଛି ପାର୍ସି ସେଠାରେ ସ୍ଥାପିତ "ଇରାନ୍ ସାହା" ପାର୍ସି ମନ୍ଦିରରୁ ପବିତ୍ର ଅଗ୍ନୀ ତଥା କିଛି ପୂଜା ସଂରଞ୍ଜାମ ଧରି କୋଡିଏ ମାଇଲ ଦୂର BAHROT ପର୍ବତରେ ଆତ୍ମଗୋପନ

ISSN NO.
2582-208X

କଲେ । ସେହି ଗଣସଂହାର ପର୍ବରେ ସୈନ୍ୟମାନେ ଯିବାପାଇଁ ପ୍ରସ୍ତୁତ ପୋତ ସବୁରୁ ନଡିଆ, ଆମ୍ବ, ଲେମ୍ବୁ, ଗୁଆ, ପାନପତ୍ର, ମୃଗନାଭି, ହାତୀଦାନ୍ତ, ବଡବଡ କାଠ ଗଣ୍ଡି, ଶକ୍ତ ବାଉଁଶ ସବୁ ବାହାର କରିଦେଲେ ଏବଂ ସଦ୍ୟ ପହଞ୍ଚିଥିବା ପୋତ ସବୁରୁ ଖଜୁରୀ, ତମ୍ବା, ମଦିରା, କିଲ୍ପ, ଖଣ୍ଡା ତଥା ବେଗଗାମୀ ଅଶ୍ୱମାନଙ୍କୁ ଉଦ୍ଧାର କରିନେଲେ । ଖାଲି ପୋତ ସବୁରେ ପାର୍ସି ମହିଳା, ଶିଶୁଙ୍କୁ ଭର୍ତ୍ତି କରାହୋଇ ସମୁଦ୍ର ଅଭିମୂଖେ ଯାତ୍ରା ଆରମ୍ଭ ହେଲା । ସମୁଦ୍ର ମଝିରେ ହଠାତ୍ ସେଥିରେ ଅଗ୍ନି ସଂଯୋଗ ହେଲା, କେତେ ନିଆଁରେ ପୋଡିଗଲେ ବାକି ସବୁ ସଲିଳ ସମାଧି ନେଲେ । ଦୂର BAHROT ପର୍ବତରୁ ତଥା ବେଳାଭୂମିରୁ ଅସହାୟ ପାର୍ସିମାନେ ଏହି ବର୍ବର ଦୃଶ୍ୟ ଦେଖି ସ୍ତବ୍ଧ ହୋଇ ପଡିଥିଲେ । “ଡୋଖାମ୍” ରେ ସତ୍କାର ହୋଇ ନପାରିଥିବା ଯୋଗୁଁ ମୃତକମାନେ ଯେ “ଶେଷ ବିଚାରଣା” ସମୟରେ ଆଉ ଜୀବନ୍ୟାସ ପାଇବେ ନାହିଁ - ଏହାହିଁ ଅନ୍ୟ ଏକ ମରଣୋତ୍ତର ଶାସ୍ତି ଥିଲା - ଯାହା ଭାବି ଭାବି ସୈନ୍ୟମାନେ ନଗରସାରା ବିଦ୍ରୁପରେ କୋଳାହଳ କରୁଥିଲେ । “ଜିଅନ୍ତା ମଣିଷଙ୍କୁ ରାମ୍ପିବିଦାରି ଶାଗୁଣା ପଲ ଖାଉ ଥିବାର ବିରଳ ଦୃଶ୍ୟ” ଦେଖିବାକୁ ଜନୈକ ସେନାପତିଙ୍କ ଇଚ୍ଛା ହେଲା । କିଛି ପାର୍ସିଙ୍କୁ ହାତଗୋଡ ବାନ୍ଧି ଶବସତ୍କାର ଗମ୍ବୁଜରେ ପକେଇ ଦିଆଗଲା ଓ ଉତ୍କଣ୍ଠିତ ସୈନ୍ୟଦଳ ଅପେକ୍ଷାମାଣ ଶାଗୁଣା ପଲଙ୍କୁ ଚାହିଁ ରହିଲେ । ତଟସ୍ଥ ପକ୍ଷୀଦଳ ଜୀବନ୍ତ ଲୋକଙ୍କୁ ଛୁଇଁଲେ ନାହିଁ କି ଭୟଭୀତ ହୋଇ ଉଡିଲେ ନାହିଁ । ହତାଶ ସେନାପତିଙ୍କୁ ଖୁସି କରିବା ପାଇଁ ପଛପଟୁ ଶର ବର୍ଷା ହେଲା ଏବଂ ଖାଦ୍ୟ-ଖାଦକ ଏକାବେଳେ ଚଟାଣ ଉପରେ ଶୋଇଗଲେ । ସେତିକିରେ କଥା ସରିଲା ନାହିଁ । ଭଙ୍ଗା ଡୋଖମା ସବୁରେ ଅର୍ଦ୍ଧଚନ୍ଦ୍ର ଓ ତାରା ଥିବା ଇସଲାମ ଧର୍ମର ଧ୍ୱଜା ଫରଫର ହୋଇ ଉଡିଲା । ଧନଧାନ୍ୟରେ ଫାଟି ପଡୁଥିବା ସାନଜନ୍ ର ପତନ ଘଟିଲା ।

ବାରବର୍ଷ କାଳ ସେହି ପବିତ୍ର ଅଗ୍ନିକୁ ଲୁଚାଇ ରଖାଯିବା ପରେ ତାକୁ ଆଜମଗଡରେ ଚଉଦ ବର୍ଷ କାଳ ରଖାଗଲା । ତା ପରେ ୧୪୧୯ ରେ ଏକ ବିରାଟ ଭବ୍ୟ ଆଡମ୍ବରରେ CHANGA ASA ଙ୍କ ନେତୃତ୍ୱରେ “ଇରାନ୍ ଶାହା” ପୁନଶ୍ଚ ଫେରିଲା ଏବଂ NAVSARI ରେ ପାର୍ସିମାନଙ୍କ ନିର୍ମିତ ଅଗ୍ନି ମନ୍ଦିରରେ ସ୍ଥାପନ ହେଲା । ପ୍ରତ୍ନତତ୍ତ୍ୱ ବିଭାଗ ସେହି BHAROT ପର୍ବତରେ ଖନନ କରି ସେଠାରେ ଅବଲୁପ୍ତ ଏକ ଦୁର୍ଗ, କିଛି କୂପ ଓ ପୋଖରୀ ତଥା ଏକ

ISSN NO.
2582-208X

ଚାରିକୋଣିଆ ଗୁମ୍ଫାର ସନ୍ଧାନ ପାଇଛନ୍ତି - ସମ୍ଭବତଃ ସେଠାରେ ପବିତ୍ର ଅଗ୍ନିକୁ ଲୁଚାଇ ରଖାଯାଇଥିଲା । ବଞ୍ଚି ଯାଇଥିବା ପାର୍ସି ସମୁଦାୟ ନିକଟସ୍ଥ ସହର ତଥା ନିଜ ନିଜ ଜାତିଭାଇଙ୍କ ପାଖକୁ ଚାଲିଗଲେ ପୁଣି ଏକ ନୂତନ ଭାଗ୍ୟର ଅନ୍ୱେଷଣରେ । ପଛରେ ରହିଗଲା ସାନଜାନ୍ ର ବହୁ ସ୍ମୃତି ବିଜଡିତ ଧ୍ୱଂସ ସ୍ତୁପ ପ୍ରଶାନ୍ତ ଗମ୍ବୁଜ, ଇରାନ୍ ଶାହା ଥିବା ଉଜୁଡା ଅଗ୍ନି ମନ୍ଦିର, ଭଙ୍ଗାରୁଜା କୋଠାବାଡି, ରାସ୍ତାଘାଟ, ପୋତାଶ୍ରୟ, ଗୋଦାମ ଘର ତଥା କୋଳାହଳପୂର୍ଣ୍ଣ ନଗରୀ ।

ସମ୍ଭବତଃ ତା ପରଠୁ ଆରମ୍ଭ ହେଲା ଭାରତ ବର୍ଷରେ ପାର୍ସି ସମୁଦାୟଙ୍କ ଅସଲ ପରିଚୟ । ଭାଷା, ବିଜ୍ଞାନ, ରାଜନୀତି, ସଂସ୍କୃତି, ସଂସ୍କାର ତଥା ବ୍ୟବସାୟରେ ଥିବା ନେତୃତ୍ୱରେ ସେମାନେ ଏବେ ମଧ୍ୟ ଅପ୍ରତିଦ୍ୱନ୍ଦୀ । ଏକ ଆକଳନ କହେ ଭାରତରେ ରହନ୍ତି ସତୁରି ହଜାର ପାର୍ସି । ସାରା ଭାରତରେ ଏକ ହଜାର ଶ୍ରେଷ୍ଠ ଉଦ୍ୟୋଗପତିଙ୍କ ଭିତରୁ ସତୁରି ଜଣ ହେଉଛନ୍ତି ପାର୍ସି । ବମ୍ବେରେ ବଡ ବଡ ଶିଳ୍ପ ପ୍ରତିଷ୍ଠାନର ମାଲିକ ହେଉଛନ୍ତି ପାର୍ସି । ଅନେକ ଦୁର୍ଭାଗ୍ୟ ଓ ଗଣହତ୍ୟାର କରାଳ ଘୁର୍ଣ୍ଣିଚକ୍ରରୁ ବର୍ତ୍ତିଯାଇ ଏମାନେ ଏକଜୁଟ ହୋଇଛନ୍ତି, ନିଜର ପରିଚୟ ଓ ଧର୍ମ ବିଶ୍ୱାସକୁ ଅମ୍ଳାନ ରଖିଛନ୍ତି । ଗୋଟିଏ ଜାତି ପାଇଁ ଏତିକି ଯଥେଷ୍ଟ ।

କ୍ରମଶଃ.....

ଭାରତୀୟ ଜୀବନ ବୀମା ନଗମ,
କୋରାପୁଟ, ଓଡିଶା

ISSN NO.
2582-208X

# ଭଲ ମୁଁ ପାଉଛି ତତେ



ଅମରନାଥ ବାରିକ

ଗୀତରେ ସ୍ୱରରେ
ଛନ୍ଦରେ ତାଳରେ
ଥାଉ ପୁଣି ତୁ ମୋ ଲୟରେ ।
ଗାଉଥାଏ ଯେବେ
ବେସୁରା ଗୀତରେ
ଭାବ ବିହ୍ୱଳ ଏ ଭୟରେ ।।

ଶାଢ଼ୀରେ ଲାଗିଛି
ନାଲିଆ ଛିଟାଲୋ
ପଣତରେ ଖେଳେ ଢେଉ ।
କେମିତି ଗଢ଼ିଛି
କେଉଁ ବିଧାତାଲୋ
ରୂପଟା ହେଇଛି ଯେଉଁ ।।

ଭଲ ମୁଁ ପାଉଛି
ଭଲ ପାଉଥିବି
ଶେଷ ନିଶ୍ୱାସର ପର୍ଯ୍ୟନ୍ତ ।
ବିଶ୍ୱାସ ଭରଷା
ଭାଙ୍ଗିବୁନି ମୋର
ଥିବା ଯାଏଁ ଯେପର୍ଯ୍ୟନ୍ତ ।।

ଯାଜପୁର,
ମଙ୍ଗଳପୁର, କୟାଁ

ISSN NO.
2582-208X

# ମୁକ୍ତିନୟ



ଅଧ୍ୟାପିକା ରୋଜାଲିନ୍ ବାରିକ୍

କାହାରିକୁ ଘୃଣା କେବେ କରନାହିଁ ଏହାତ ପ୍ରଥମ ମୁକ୍ତ ।
ଘୃଣାଠାରୁ ସଦା ଦୂରରେ ରହିଣ କର ସଦା ଅନେ ଭକ୍ତ ।୧ ।
ଯେଣୁ ଜୀବନ ଅଟଇ ସ୍ୱଳ୍ପ କାଳ ଜାଣିଣ ଏହା ସୁଜନ ।
ସଭିଙ୍କ ପ୍ରତି ସ୍ନେହଭାବ ପ୍ରସର ହୋଇଣ ଆନନ୍ଦ ମନ ।୨ ।
ଶରଧା ର ଭାବ ଅଟେ ଅନୁପମ ତୁଳନା ଯାହାର ନାହିଁ ।
ମଧୁର ବିନୟ ବଚନ ଭାଷିଣ ଗୋଷ କର ଭାବଗ୍ରାହୀ ।୩ ।
ସିନହ ମମତା ଶରଧା ବାଣ୍ଟିଣ ସଭିଙ୍କୁ ସୁଖି କରାଅ ।
ଆଦର ସଭିଙ୍କୁ କରି ସୁଧିନର ଏ ଭବେ ଆନନ୍ଦେ ରୁହ ।୪ ।
ବିରତ ହୋଇଣ ସର୍ବଦା ଘୃଣାରୁ ସୁଖରେ କଟାଅ କାଳ ।
ଭାବକୁ ନକଟ ଅଭାବକୁ ଦୂର ଶ୍ରୀକୃଷ୍ଣ ନନ୍ଦ ଦୁଲାଳ ।୫ ।
କାହାରି ସହିତ ନଜକୁ ତୁଳନା କରନାହିଁ ସୁଜ୍ଞ ନର ।
ମୁକ୍ତର ଦ୍ୱିତୀୟ ପର୍ଯ୍ୟାୟଟି ଏହି ପରେ ତୁଳନା ନକର ।୬ ।
ନକରି ତୁଳନା ହୁଅ ଅଗ୍ରସର ସକଳ କାର୍ଯ୍ୟେ ମାନବ ।
ରହିଲେ ଦୂରେଇ ତୁଳନା କାର୍ଯ୍ୟରୁ ଅପାର ସୁଖ ଲଭିବ ।୭ ।
ତୁଳଲେ ନଜକୁ ଦୁଃଖତ ଆସିବ ନକର କାରେ ତୁଳନା ।
ନଜର ଶକ୍ତ ସାମର୍ଥ ବିଷୟରେ ସଦା କରୁଥା ଭାବନା ।୮ ।
ତୁଳନାରୁ ସଦା ଯାଅ ଅପସରି ଜୀବନ ହେବ ସାର୍ଥକ ।
ଅପରଠୁ ନଜକୁ ଅଧିକ ଭାବ ସୁଖ ମିଳବ ଅନେକ ।୯ ।

ISSN NO.
2582-208X

ସବୁର କରଣ କାରଣ ଶ୍ରୀହରି ଏ କଥାକୁ ମନେ ରଖ ।
ପରୋପକାରେ ଜୀବନ ବିତାଇଲେ ମିଳବ ପରମ ସୁଖ ।୧୦ ।
ତୃତୀୟ ମୁକ୍ତି ଅଟଇ ଜୀବନେ ବ୍ୟସ୍ତତା ସଦା ବରଜ ।
ବ୍ୟସ୍ତ ବିବ୍ରତରୁ ଦୂରେ ରହିଣ ଚନ୍ତ ସେ ଦେବାଧିରାଜ ।୧୧ ।
ବ୍ୟସ୍ତତାର ଯେବେ ଲଭିବ ବିରତ ଜୀବନ ହୋଇବ ନୂଆ ।
ଗଲେ ଦୂରେଇଣ ବ୍ୟସ୍ତତା ଫାଶରୁ ସାହା ହେବେ ଚଉବାହା ।୧୨ ।
ସନ୍ତୋଷତା ଗୁଣ ଆସିବ ତକ୍ଷଣ ଜୀବନ ହୋଇବ ଧନ୍ୟ ।
ଜୀବନେ ବ୍ୟସ୍ତତା ଆଣଇ ହତାଶା ବିକ୍ଷିପ୍ତ କରଇ ମନ ।୧୩ ।
ଆବଶ୍ୟକତା ଠାରୁ ଅଧିକ ଚିନ୍ତା ନକର ହେ କଦାଅନ ।
ଆର୍ତ୍ତୀ ଆର୍ତ୍ତ ହାରୀ ଦେବ ଦନୁଜାରୀ ନାମକୁ କର ଧିଆନ ।୧୪ ।
ସୁଖୀ ଜୀବନ ବିତାଇବାର ପାଇଁ ବ୍ୟସ୍ତତାକୁ କର ଦୂର ।
ଆପଦ ଦୂରେଇ ରହିବ ସର୍ବଦା ସୁଖ ମିଳବ ଅପାର ।୧୫ ।

ମହୁ, ଆଳ, କେନ୍ଦ୍ରାପଡା ୭୫୪୨୩୧
ମୋବାଇଲ - ୯୯୩୮୫୦୧୧୦୨

ISSN NO.
2582-208X

# ଅଧାଗଢା



ଅଜିତ ପାଢି

ଛାଡି ଦେଇଛି ମୋ ହାତ
ମତେ ଅଧା ଗଢି
ଅଧାରୁ "ଛୁ" ଚମ୍ପଟ
ଦେଖୁଛି ସେ ମୋର କାଲିକୁ ।

ଭାଗ ବୁଣ୍ଟରା ବେଳେ
ମାରିଛି ମୋ ପିଠିରେ
ଶକ୍ତ ଥାପଡ
ନେମ୍ ପ୍ଲେଟ୍ ର ଡାକରା ଦେଇ ।

ଏବେ, ଭାଗ୍ୟର ଡୋରିରେ
ନୂଆଁ ଗୀତ ଗାଇବାକୁ ହେବ
ମୋ ଚାରିକଡ ବାଡା ଭିତରେ
ପୁରୁଣା ଦାଗ ଅଛି କି ?
ଓହ୍ଲାଇ ପଡିଛି ଘାଟ
ନୂଆଁ ନେମ୍ ପ୍ଲେଟ୍ ବଳେ ।

ଅଭିନୟ ଅଛି ଡଙ୍ଗା ଚଲାଇବାରେ
ଚଲାଇବାକୁ ହେବ ମହାସ୍ରୋତରେ
ପହଞ୍ଚିବାକୁ ତ ହେବ ପାରିକୁଦ ।
ଲେଉଟି ଯିବ କି ଡଙ୍ଗା
ମଝି ଚିଲିକାରେ
"ନା" ଜନସମୃଦ୍ର ରେ

ଅଭିନୟ ଅଭିନୟ ଭିତରେ
ମନେଅଛି ଶକ୍ତ ଧକ୍କା
ହୃଦୟ ଭିତରେ
ଶକ୍ତ ଧକ୍କା ମନେଅଛି
ହୃଦୟ ଭିତରେ ॥

ଘାସିରାମ ମାଝୀ ହାଇସ୍କୁଲ, ନୂଆଗାଁ

ISSN NO.
2582-208X

# କ୍ଷମତା ବନାମ ଆଦର୍ଶ



ଅଧର ବିଶ୍ୱାଳ

ସୁବୋଧ ବାବୁଙ୍କର ଅଫିସିରେ ଆଜି ଶେଷ ଦିନ । ଛତିଶ ବର୍ଷର କର୍ମମୟ ଜୀବନ ପରେ ଆଜି ଅବସର ନେବେ । ବିଦାୟୀ କାଳୀନ ସଭା ପାଇଁ ଅଫିସଟା ଚଳଚଞ୍ଚଳ ହୋଇପଡିଛି । ଯାଗା ଯାଗା ଅଧସ୍ତନ କର୍ମଚାରୀମାନଙ୍କ ଭିତରେ ସୁବୋଧ ବାବୁଙ୍କର ଚର୍ଚ୍ଚା ଚାଲିଛି । କିଏ କହୁଛି କାଲି ଠାରୁ ଅଫିସ ଟା ଅଫିସ ଭଳି ଲାଗିବନି, କିଏ କହୁଛି ମୁଁ ଦୁଇ ଚାରି ଦିନ ଛୁଟିରେ ରହିବି, ମନ ଭଲ ଲାଗିଲେ ଆସିବି । ପ୍ରସଂଶକଙ୍କ ଭିତରେ ଜଣେ ଜଣେ ନିନ୍ଦୁକ ବି ଥାଆନ୍ତି। ଏ କଥା ମଧ୍ୟ ଚର୍ଚ୍ଚା ହୁଏ । କଣ ସେ କାର କରିଛନ୍ତି କି, ସବୁବେଳେ ନିୟମ ଟାକୁ ଜାବୁଡି ଧରୁଥିଲେ । ପାନରୁ ଚୂନ ଖସିବ ନାହିଁ । ଅବଶ୍ୟ ସେ କାହାର କ୍ଷତି କରିନାହାନ୍ତି । ପଇସାଟିଏ ବି ହେରଫେର କରିନାହାନ୍ତି । ଯାହା କହିଲେ ମଧ୍ୟ ସୁବୋଧ ବାବୁଙ୍କ ପ୍ରତି ସମସ୍ତଙ୍କର ଅଗାଢ଼ ସଂମ୍ମାନ ।

ସୁବୋଧ ମିଶ୍ର ଏକ ନିରଳ ବ୍ୟକ୍ତିତ୍ୱ । ସମୟାନୁବର୍ତ୍ତିତା, ନିଷ୍ଠାପରତା ଓ ସଚୋଟତାର ଏକ ପ୍ରତିମୂର୍ତ୍ତି । ଏତେ ବଡ ପଦବୀରେ ରହି ମଧ୍ୟ କେବେବି କ୍ଷମତାର ଅପବ୍ୟବହାର କରିନାହାନ୍ତି, କି କାହାକୁ କରିବାକୁ ଦେଇ ନାହାନ୍ତି । ତାଙ୍କ ପାଖରେ ସମସ୍ତଙ୍କ ପାଇଁ ନ୍ୟାୟ ସମାନ । ତାଙ୍କ ଆଗରୁ ଯେଉଁ ଅଧକ୍ଷ ମାନେ ଥିଲେ ଅଫିସିଟାକୁ ନିଜର ଜାଗିରିଦାରୀ ବୋଲି ଭାବୁଥିଲେ । ତାଙ୍କ ଆଗରେ ସବୁ କର୍ମଚାରୀ ଯେମିତି କ୍ରୀତଦାସ । କ୍ଷମତା ପ୍ରଦର୍ଶନ କରିବାକୁ ଯାଇ ବୋହୁ ନିରୀହ କର୍ମଚାରୀ ମାନଙ୍କର ଜୀବନ ଦୁର୍ବିସହ କରିଛନ୍ତି । ଅବଶ୍ୟ ସେମାନଙ୍କର ଅବସର କାଳୀନ ଜୀବନ ଭଲରେ କଟିନି । ଏପରିକି ସେମାନଙ୍କ ପିଲାଛୁଆ ମଧ୍ୟ ଭଲରେ ନାହାନ୍ତି। ସୁବୋଧ ବାବୁ କିନ୍ତୁ ଏ ଅଢେଇ ଦିନିଆ କ୍ଷମତା ଠାରୁ ବହୁ

ISSN NO.
2582-208X

ଉର୍ଦ୍ଧରେ । ତାଙ୍କୁ ଦେଖିଲେ ମୁଣ୍ଡଟା ଆପେ ଆପେ ନଇଁ ଯାଏ, କେମିତି ଗୋଟା ଆପଣା ଆପଣା ର ଲାଗନ୍ତି ସେ ।

ବିଦାୟୀ କାଳୀନ ସଭା ସରିଲା । ସମସ୍ତେ ଅଫିସ ବାହାରେ ରୁଣ୍ଡ । ନିଜର ପ୍ରିୟ ମଣିଷଟିକୁ ବିଦାଇ ଜଣାଇବେ । ଡ୍ରାଇଭର ଆଣି ଗାଡି ଲଗାଇଲା । ସମସ୍ତେ ଗାଡି ପାଖକୁ ପାଛୋଟିନେଲେ । ଡ୍ରାଇଭର ଗାଡିର ଦ୍ୱାର ଖୋଲିବାକୁ ଉଦ୍ୟତ । ସୁବୋଧ ବାବୁ ହାତଠାରି ଇସାରା ଦେଲେ, ଗାଡିର ଦ୍ୱାର ନଖୋଲିବାକୁ । ନିଜେ ଡ୍ରାଇଭର ପାଖକୁ ଆସି ପାଦ ଛୁଇଁ ପ୍ରଣାମ କଲେ ଓ ଗାଡିର ପଛ ଦ୍ୱାର ଖୋଲି ବସିବାକୁ ଅନୁରୋଧ କଲେ ।

ସୁବୋଧ ବାବୁଙ୍କ ଡ୍ରାଇଭର ଜାତିରେ କୁଳୀନ ବ୍ରାହ୍ମଣ । ପେଶାରେ ଡ୍ରାଇଭର ହେଲେ ମଧ୍ୟ ନିଜର କୌଳିକ ବୃତିକୁ ଛାଡି ନାହାନ୍ତି । ତେଣୁ ଅଫିସିରେ ତାଙ୍କୁ ସମସ୍ତେ ଭାଇନା ଭାଇନା ଡାକନ୍ତି । ସେ ମଧ୍ୟ ଆର ମାସରେ ଅବସର ନେବେ । ସଂଯୋଗ ବଶତଃ ସେ ସୁବୋଧ ବାବୁଙ୍କର କୁଳ ପୁରୋହିତ । ଏତେ ଦିନ କାମ କଲା ପରେ ମଧ୍ୟ ଏ କଥା କେହି ଜାଣି ନଥିଲେ । ସମସ୍ତେ ନିରବ, କାହାରି ପାଟିରୁ କଥା ବାହୁରୁ ନାହିଁ । ନୀରବତା ଭାଙ୍ଗି ସୁବୋଧ ବାବୁ କହିଲେ, ଆଜି ମୋର ଭାଗ୍ୟ ଯେ ଏ ମୁହୁର୍ତରେ ମୁଁ ଆପଣଙ୍କର ଆଶ୍ରିବାଦ ପାଇଛି । ଆଜିଠାରୁ ମୋ ସ୍ଥାନ ଟି ଆପଣଙ୍କର ଓ ଆପଣଙ୍କ ସ୍ଥାନଟି ମୋର । ବୁଢା ଡ୍ରାଇଭରଟି ମୂକ ପାଲଟି ଗଲାଣି, ଆଖିରୁ ଲୁହ ଧାର ଗଡି ଚାଲିଛି । ସୁବୋଧ ବାବୁ ହାତ ଧରି ଡ୍ରାଇଭରକୁ ଗାଡିର ପଛ ସିଟରେ ବସାଇଲେ ଓ ନିଜେ ଡ୍ରାଇଭର ସିଟରେ ବସିଲେ । ସମସ୍ତଙ୍କ ଆଖିରେ ଲୁହ । ସ୍ତବ୍ଧ ପରିବେଶ ଭିତରେ ଗାଡ଼ି ଆଗକୁ ଗଡ଼ିଲା । ସବୁଦିନ ପାଇଁ ସୁବୋଧ ବାବୁ କ୍ଷମତାର ଗାଦିରୁ ଓହରିଗଲେ କିନ୍ତୁ ସମସ୍ତଙ୍କ ହୃଦୟରେ ଛାଡିଦେଇଗଲେ ଏକ ବିରଳ ଆଦର୍ଶର ଛିଟା ।

ଜୟଦେବ ବିହାର, ଭୁବନେଶ୍ୱର

ISSN NO.
2582-208X

# ପ୍ରଶାସନ ଆଜି ବାରଙ୍ଗନା



କୃଷ୍ଣ ଚନ୍ଦ୍ର ବାରିକ

ତୁମେ ଶୁଣାଇଲ ଗୀତା ଜ୍ଞାନ ପ୍ରଭୁ
ଧର୍ମ କ୍ଷେତ୍ରେ ହୋଇ ସାରଥି
ଅଧର୍ମ ଅନ୍ୟାୟ ଦୂରୀଭୂତ କଲ
ଦ୍ୱିତିକୃଷ୍ଣ ଶ୍ରୀକୃଷ୍ଣ ସାଥି

ଗାନ୍ଧାରୀ କହିଲେ ମାନଗୋବିନ୍ଦକୁ
ଧର୍ମର ହେଉ ସଦା ଜୟ
ଭାରତ ମାଆ ଲୋ ଦେଖି ଯାଆ ଥରେ
ନିକମା ସନ୍ତାନର ଭୟ

ତିନି ଗୋଟି ଛୁଆ ଜନ୍ମ ଦାୟିନୀ କୁ
କ୍ଷମତା କରିଛି ଗ୍ରାସ
ଦୁଇ ଗୋଟି ଛୁଆ ମୋହର ଅଛନ୍ତି
ଗୋଟିକୁ କରୁଛି ଶେଷ

ଆଇନ ଶୋଇଛି ଫାଇଲ ଭିତରେ
ଲୋକ ସଭାରେ ହୋଇ ପାସ
ଅଭିଯୋଗ ଯେତେ ଫସର ଫାଟୁଛି
କେତେ ଲଢିବୁ ଲଢ କେଶ

ISSN NO.
2582-208X

ଅନ୍ୟାୟକୁ ଏତେ ଡର କାହିଁ ପାଇଁ
ପ୍ରଶାସନ ବି ଏଠି ଚୁପ
ବଡ଼ ଲୋକଙ୍କର ଶାସନ କଳ ଏ
ଗଣତନ୍ତ୍ର ନାଆଁରେ ପାପ

ଧର୍ମ କ୍ଷେତ୍ରେ ପ୍ରଭୁ ଅଭିମନ୍ୟୁ ବଧ
ଯୁଗେ ଯୁଗେ କରୁ ଯେ ଅଛ
ମାନ ଗୋବିନ୍ଦର ପ୍ରଲୋଭନେ ପଡ଼ି
ମାନବିକତା ହରାଇଛ ?

ନେତା ଅଫିସର ରକ୍ଷକ ଭକ୍ଷକ
ମାନବିକତା ଦେଲେ ବିକି
ସତ୍ୟକୁ ଲୁଚାଇ ଅସତ୍ୟର ପଥେ
ଲୋକଙ୍କୁ ଦିଅନ୍ତି ତ ଠକି

ଜାଣି ପ୍ରଶାସନ ଚୁପ ରହି ଅଛି
ଦରପୋଡା କାଠର ପରି
ବାରଙ୍ଗନା ନାରୀ ମୁଖରେ କି ଲାଜ
ବୁଢ଼ା ପିଲା ଧନୀ ଭିକାରୀ ।

ରସମାଲ, ଏସ୍ ଗ୍ରାମପୁର,
ସୁବର୍ଣ୍ଣପୁର

ISSN NO.
2582-208X

# ଜୀବନ



ପୂର୍ଣ୍ଣିମା ଗୋଚ୍ଛାୟତ

ଜୀବନ
ଏକ ଅଛିଣ୍ଡା ଗଣିତ
ନ କରିହୁଏ ପରିବ୍ୟକ୍ତ
ପ୍ରଶ୍ନ ର ଗନ୍ତାଘର ସେ
ସଦା ଆଶାରେ ଜର୍ଜରିତ

ଜୀବନ
ଅଳ୍ପ ଦିନର ଦାନ ସେ
ଆତ୍ମାର ଘରକର
କେବେ ଯିବ ଛାଡି ସେ
କରିହୁଏ ନାହିଁ ବିଚାର

ଜୀବନ
ନିଜ ଆୟତ୍ତ ର ବାହାରେ ସେ
ମନ ତାର ରାଜା
ଧାରଣ କାରୀ ବ୍ୟକ୍ତ ସଦା
ଅଟନ୍ତ ତା ପ୍ରଜା

ଜୀବନ
ସଂଘର୍ଷମୟ ଆଶାୟୀ ସଦା
ଜୟ କରିବାକୁ ସବୁ ଚାହେଁ
ହାରିଗଲେ ଧୂଆଁ ସବୁ
ଜିତିଗଲେ ମନ ମୋହେ

ଜୀବନ
ନିଜ ଭୁଲ ମାନିବାକୁ ନାରାଜ
ପୁଣି ହାର ମାନିବାକୁ
ନମାନିଲେ ପଡିଥାଏ ଯେ
କେତେ ଯନ୍ତ୍ରଣା ସହିବାକୁ

ଜୀବନ
ବାସ୍ତବତା ର ରୂପ ରେ ସେ
ସର୍ବତ୍ର ବିଦ୍ୟମାନ
ଅପୂର୍ବ ରମଣୀୟ ସେ
ସର୍ବ ଶକ୍ତିମାନ

ଜୀବନ ଚାଲିଛି ଚାଲିଥିବ ସଦା
ନିଶ୍ୱାସ, ପ୍ରଶ୍ୱାସ ଓ ସ୍ପନ୍ଦନ ରେ
ଚିରଦିନ ପାଇଁ ଅବିସ୍ମରଣୀୟ
ସେ ଆତ୍ମାର ଭିତରେ

ଚାରିବାଟିଆ,
ଚଣ୍ଡିଖୋଲ, ଜିଲ୍ଲା-ଯାଜପୁର

ISSN NO.
2582-208X

# ସରଗରେ ହେବ ଦେଖା



ଜୟନ୍ତ କୁମାର ମଲ୍ଲିକ୍

ପ୍ରେମିକାଟି ମୋର ବାହା ହୋଇଗଲ୍
ଚାରିଦିନ ବିତିନାହିଁ
ରାତି ପାହାନ୍ତାରୁ ପଳାଇ ଆସିଲ୍
କେବଳ ମୋହରି ପାଇଁ ।
ଭଲପାଇ ମୋତେ କଥା ଦେଇଥିଲ୍
କହିଲ୍ ରଖିବି କଥା
ତୁମପାଇଁ ଆଜି ଧାଇଁ ମୁଁ ଆସିଲି
ତଳକୁ କରିଙ୍କ ମଥା ।
ସୁଖର ଦୁଃଖର ସାଥିଟିଏ ହେବି
ତୁମରି ସାଥିରେ ରହି
ଯେତେ ଝଡ଼ଝଞ୍ଜା ଆସିଲେ ଜୀବନେ
ସବୁକୁ ଯିବି ମୁଁ ସହି ।
ରାତି ହୋଇଗଲେ ଆକାଶକୁ ଚାହିଁ
ଦେଖିବା ପୁନେଇଁ ଜହ୍ନ
ତୁମ କୋଳେ ଶୋଇ ଭାବୁଥିବି ଖାଲି
ଆମର ମିଳନ ଦିନ ।

ଆମରି ମିଳନ ହୋଇବ ଅମର
ହେବ ଇତିହାସେ ଲେଖା
ସମୟ ଢେଉରେ ଭାସିଯିବା ଦିନେ
ସରଗରେ ହେବ ଦେଖା ।

ଶୂରଡିହ, ନନ୍ଦିପୁର, ଯାଜପୁର
ଆଳାପ:~୯୪୩୭୮୬୫୭୨୭

ISSN NO.
2582-208X

# ଅଚହ୍ନା ବନ୍ଧନ

(ଧାର୍‌ବାହିକ)



ଜୟଲକ୍ଷ୍ମୀ ସେଠୀ

ଅନ୍ଧାରର ଗାଢ ଛାତି ଉପରେ ଅନେକ ସପନ ପିଟି ହେଉଥିଲେ । ଜହ୍ନର ଜୋଛନାକୁ ତୋଳି ଆଣି ସପନ ଗୁଡାକ ଗାଧୋଇ ପଡୁଥିଲେ ଯେମିତି! ଜୀବନର ସବୁ ବିଫଳତା ପରେ ଆଖିରେ ଆସିଥିଲା ଶ୍ରାବଣର ଧାରା। କୁହ କହ୍ନେଇ ଭାଇ । ଭଲ ପାଇବା କଣ ପାପ? କୁହୁଡିର ରାତିପରି ଶେଫାଳିର ଆୟୁଷ ପରି ପ୍ରେମ? ଦୁଃଖ କଣ ଆଗାମୀ ଦିନରେ ଯାହା ଲମ୍ବି ଲମ୍ବି ଛନ୍ଦି ହୋଇଯାଏ । ମୁଁ ଜାଣିନଥିଲି ପ୍ରତିଶ୍ରୁତି ପ୍ରତାରଣା ହୋଇଯିବ ବୋଲି । ସବୁ ବିଶ୍ୱାସକୁ ଚିରି ଅପବାଦରେ ଅଠା ଲଗେଇ ଦେବ ବୋଲି। ପ୍ରତି ମୁହୂର୍ତ୍ତରେ ପରାଜୟ ହୋଇଉଠୁଛି ବିକଳ ମନଟି । ଶାଶ୍ୱତ ପ୍ରେମର ପରାଜୟ ହୋଇଛି କହ୍ନେଇ ଭାଇ । ମୁଁ ହାରିଯାଇଛି । ବିଚ୍ଛେଦ ଆକ୍ରମଣ କରିଚାଲିଛି ମତେ । ମୁଁ ଆଉ ସହିପାରୁନି ଭାଇ ।

ଏମିତି କାହିଁକି ଭାବୁଛ ଗୀତା? କହ୍ନେଇ ମୁଣ୍ଡ ଆଉଁସୁ ଆଉଁସୁ କହିଲେ । କେମିତି ଭାବିବିନି ଯେ - ଏତେ ବର୍ଷ ବିତିଗଲାଣି ଥରୁଟିଏ କଣ ଜଗନ ମତେ ମନେ ପକାଇଛନ୍ତି କୁହ? ମୁଁ କଣ ଏକା ପାପ କରିଥିଲି ଦଣ୍ଡ ପାଉଛି? ତାଙ୍କରି ପାଇଁ ଘରଦ୍ୱାର ଛାଡି କଲିକତାରେ ବିରୋହୀ ସାଜିଛି । ତୁମକୁ ମଧ୍ୟ ସବୁ ସୁଖରୁ ବଞ୍ଚିତ କରିଦେଇଛି । କଣ ଜଗନ ମନରେ ସେପରି ଭାବନାତ୍ମକ ସମ୍ପର୍କର ଉଜାଣି ଯମୁନା କୂଳ ଲଂଘନ କରୁନାହିଁ? ଅତୀତ ସବୁ ମୋର ଛଳନା ଆଉ ପ୍ରତାରଣା।

ଚୁପ ରୁହ ଗୀତା। ତୁମ ଦେହ ପୂରା ଭଲ ନାହିଁ।

ମୁଁ ଆଉ ସହିପାରୁନାହିଁ କହ୍ନେଇ ଭାଇ। ଭଗବାନଙ୍କର କଣ ଦଣ୍ଡ ସରିନି ମୋ ପାପ ପାଇଁ, ବ୍ଲଡ୍ କେନସର ମତେ ପୁଣି ଉପହାର ଦେଇ ଦେଲେ। କବାଟ ଠକ୍ ଠକ୍ ଶବ୍ଦ ଶୁଣି

ISSN NO.
2582-208X

କହ୍ନେଇ ଉଠିଗଲେ, ଅଞ୍ଜନା ଆସିଗଲା ବୋଧେ । ତୁମେ ଏବେ ଚୁପ୍ ରୁହ । ଝିଅ ଶୁଣିଲେ ଦୁଃଖୀ ହେବ ।

କବାଟ ଖୋଲି ...... ।

ତୋ ମାମା କଥା ଏବେ ବୁଝୁରେ ଧନ । ଖାଲି ଏୟାଡୁ ସେୟାଡୁ ବାଇଆଣି ପରି ଗପୁଛି ।

ଠିକ୍ ଅଛି ପାପା । ତୁମେ ଶୋଇବ ଯାଅ, ମୁଁ ତାଙ୍କୁ ଶୋଆଇ ଦେବି ।

ହଁ ଯାଉଛି, କହ୍ନେଇ ଶୋଇବାକୁ ଚାଲିଗଲେ । ଅଞ୍ଜନା ମାମାଙ୍କୁ ଶୋଆଇ ଦେଇ ବାଲକୋନି ରେ ବସିଥାଏ । ଅନେକ କଥା ଭିତରେ ନିଜକୁ ହଜେଇ ଦେଇଥାଏ । କଉଟା ଠିକ୍ କଉଟା ଭୁଲ୍ ଭାବିପାରୁ ନଥାଏ । ରୋଗାଗ୍ରସ୍ତ ମାଆକୁ କହିବ ନା ପାପାଙ୍କୁ କହିବ । ଆଖିରେ ଲୁହ ଜକେଇ ଆସିଲା ।

ଏତେ ରାତି ହେଲାଣି, ତୁ ଶୋଇନୁ ଯେ, କହ୍ନେଇ କହିଲେ ।

ନିଦ ନାହିଁ ପାପା । ଆପଣ ଯାଆନ୍ତୁ ଶୋଇବେ ।

କଣ ହୋଇଛି କହିଲୁ ।

ଅଞ୍ଜନା କଇଁ କଇଁ ହୋଇ କାନ୍ଦି ଉଠିଲା । ଆଶ୍ଚର୍ଯ୍ୟ ହୋଇ କହ୍ନେଇ ଲୁହ ପୋଛିଦେଇ, କଣ ହୋଇଛି ମତେ ଆଗ କହ । ଅଞ୍ଜନା ଅମନର ସବୁ କଥା ଗୋଟି ଗୋଟି କରି କହିଦେଲା । ହେଲେ ତାଙ୍କ ଘର ବାଲେଶ୍ୱର ଯେତେବେଳେ କହିଲା କହ୍ନେଇ ଚମକି ଉଠିଲେ ।

କଣ କହିଲୁ ବାଲେଶ୍ୱର !

ହଁ ପପା କଣ ହେଲା କି? ଆପଣ ଚମକି ପଡିଲେ ଯେ ।

ନାଇଁ ନାଇଁ ସେ କିଛି ନୁହଁ । ତୁ ତାର ଠିକଣା ଦେବୁ ମୁଁ ଯାଇ ଦେଖା କରିବି । ତୁ ଜମାରୁ ବ୍ୟସ୍ତ ହଅନା ।

ISSN NO.
2582-208X

ମୁଁ ତାଙ୍କ ଠିକଣା ଜାଣି ନହିଁ ପାପା, ଅଞ୍ଜନା କହିଲା। ମୁଁ କାଲି ଅମନଙ୍କ ପାଖକୁ ଆଣିଦେବି।

ଠିକ୍ ଅଛି...ରାତି ଅଧିକ ହେଲାନି ଯାଆ ଶୋଇବୁ । ଅତି ଆନନ୍ଦରେ ଅଞ୍ଜନା ଶୋଇବାକୁ ଚାଲିଗଲା।

ହେଲେ କହ୍ନେଇ ଆଉ ଶୋଇପାରିଲା ନାହିଁ। ଅତୀତର ବାଲେଶ୍ୱର ତାଙ୍କ ଆଖି ଆଗରେ ଝଡ ସୃଷ୍ଟି କରିଦେଲା। ଅଶ୍ରୁର ବନ୍ୟା ସୃଷ୍ଟି ହେଲା କହ୍ନେଇ ଆଖିରେ। ମନ, ଆତ୍ମା ଏବେ ବି ତୁମକୁ ଝୁରୁଛି ପୂଜା। ମୁଁ ତୁମ ପାଇଁ କିଛି କରିପାରିଲି ନାହିଁ। ଗୋଟେ ଅପରାଧୀ ହୋଇଗଲି ତୁମ ସଚ୍ଚୋଟ ଜୀବନରେ। ଅବିଶ୍ୱାସର ଯନ୍ତ୍ରଣା ଭରିଦେଲି ତୁମ ବିଶ୍ୱାସ ହୃଦୟରେ। ତୁମେ କଣ ମତେ କ୍ଷମା କରିପାରିବ? ମୁଁ ଜାଣିଛି କେବେ କ୍ଷମା ଦେଇ ପାରିବନି, ହେଲେ ଯାହା ଦଣ୍ଡ ଦେବ ମୁଁ ପ୍ରେମ ପ୍ରୀତିରେ ଅତି ଆଦରରେ ତୋଳିନେବି। ମତେ ତୁମର ମମତାଠାରୁ ଘୃଣା ବହୁତ ଆଦର ପୂଜା। ଆଉ କଣ ଏ ଜନ୍ମରେ ତୁମ ସହିତ ଭେଟ ହୋଇପାରିବ? ମତେ କଣ ତୁମେ ବୁଝିପାରିଲ ନାହିଁ ପୂଜା। କେବେ ବି ତୁମେ ମୋତେ ଖୋଜିବାକୁ ଇଚ୍ଛା କଲନି କାହିଁକି? ହଁ କେଉଁଠି କଣ ମୋ ଠାରୁ ଅଧିକ ସୁଖ ପାଇଗଲ କି ପୂଜା? ଏମିତି ପ୍ରଶ୍ନ ଅନ୍ଧାର ରାତିର ଛାତିରେ ବାଡେଇ ହେଉଥାଏ। ବିକଳ ମନଟି ମିଛରେ ମିଛରେ ଛାଇକୁ ଜାବୁଡି ଧରି କାନ୍ଦି ଉଠୁଥାଏ। ଥରେ ଆସି ଦେଖିଯାଅ ତୁମ ଭାବନାରେ ହୃଦୟର୍ ଅବୁ କାହ୍ନକୁ କେମିତି ଯନ୍ତ୍ରଣାର ନଖରେ ବିଦାରି ଦେଇଛି। ମନର ସବୁ ଅଭିମାନଙ୍କୁ କାଚକରି ଚୂନା କରିଦେଇଛି। ତୁ କହ ଧନ ! ମୁଁ କଣ ଅପରାଧ କରିଛି? ଆଖିରେ ଲୁହ ଗୁଡାକ ମେଘ ହୋଇ ଓହଳି ପଡନ୍ତି। ହେଲେ କାନ୍ଦି ପାରେନିରେ। ଗୀତା ଆଉ ଅଞ୍ଜନା ପାଇଁ ମିଛରେ ହସିବାକୁ ବାଧ୍ୟ ହୋଇଥାଏ। ସେଦିନ ମୋର ଠିକ୍ ମନେ ଅଛି। ମଙ୍ଗୁଳି ଛକଠାରେ, ଯେତେବେଳେ ମୁଁ ଅପେକ୍ଷା କରିଥାଏ ତୋତେ ଟିକିଏ ଆଖି ପୂରେଇ ଦେଖିବି ବୋଲି। ହେଲେ ତୁ ମୋ ହାତରେ ଗୀତାର ହାତ ଦେଖି ସହିପାରି ନଥିଲୁ। ତଳେ ପଡି ମୂର୍ଚ୍ଛା ହୋଇଗଲୁ। ଅନ୍ୟମାନେ ତତେ ମେଡିକାଲ ନେଇଗଲେ। ମୁଁ ଲୋକ ଗହଳି ଭିତରେ ଲୁଚିଲୁଚି ଛିଡା ହୋଇଥାଏ। କଲିକତା ଟ୍ରେନ୍ ଆସିବା ସମୟ ହୋଇଯାଇଥାଏ। ଭାବିଲି ଗୀତାର ହାତ ଫିଙ୍ଗି ଦେଇ ତୋ ପାଖକୁ ଚାଲିଯିବି। ହେଲେ ବିବେକ ମତେ ଧିକାର କଲା ପୂଜା ଏତେବଡ ଦାୟିତ୍ୱକୁ କେମିତି ଫିଙ୍ଗିଦେଇଥାନ୍ତି କହିଲୁ। ତୁମ ଘରର ସବୁ ସମ୍ମାନକୁ ଗୋଟେଇ ଆଖି ବୁଜି ପଳାଇ ଆସିଲି। କଲିକତା ପହଞ୍ଚିବା

ISSN NO.
2582-208X

ଯାଏ । ସେମିତି ମୋ ଆଖି ଖୋଜି ବୁଲୁଥିଲା ତୋର ବିକଳତାକୁ । ଅନେକ ଦୁଃଖ ପୂଜା, ସହି ନପାରି ବାଥରୁମ୍ ରେ ଯାଇ ମୁଣ୍ଡ ବାଡେଇ ହେଉଥାଏ । କାଳେ ଗୀତା ଜାଣି ଦୁଃଖୀ ହେବ ବୋଲି । ସକାଳେ ସକାଳେ ଆଗ ଯାଇ ମନ୍ଦିର ନନାଙ୍କୁ ଫୋନ କଲି । ନନା କହିଲେ ପୂଜା ଏବେ ଠିକ୍ ଅଛି । ମେଡିକାଲରୁ ଘରକୁ ଚାଲି ଆସିଛି । ବାସ୍, ଅଶାନ୍ତ ମନଟି କୂଳରେ ଲାଇଲା ପରି ଆଗାମୀ କାମରେ ଲାଗିଗଲି । ସବୁ ଦିନେ ତୋର ଖବର ନନାଙ୍କୁ ପାଖରୁ ବୁଝିଥାଏ । ହେଲେ ତୋ ସହିତ କଥା ହେବାକୁ ବହୁତ ଡର ଲାଗେ । କାଳେ ତୋ ଦୁର୍ବଳତା ମୋ ଦାୟିତ୍ୱରୁ ଦୂରେଇ ଦେବ ଡର ଲାଗେ । କାଳେ ତୁ ଏତେ ଦୁଃଖ ସହି ପାରିବୁ ନାହିଁ । ତୋ ଦୁଃଖ ସିନା ସହିଯିବୁ, ହେଲେ ମୁଁ ଜାଣିଛି ମୋର କୌଣସି ଦୁଃଖକୁ ସହି ପାରଇବୁନାହିଁ । ସେଥିପାଇଁ ତୋ ଠାରୁ ଦୂରେଇ ରହି ଅନ୍ଧାର ସହିତ ମିତ ବସିଛି, ତା ନିର୍ଯାତନା ଛାତିରେ ମୁଣ୍ଡ ପିଟି କାନ୍ଦୁଛି ।

କ୍ରମଶଃ...

ସଂଯୋଜିକା, ସମ୍ପାଦିକା, ଔପନ୍ୟାସିକା, କବି,
ଜୀବନୀ ଲେଖିକା ଓ ସମାଜସେବୀ
ଡ୍ରିମସ୍ ଷ୍ଟାଫ୍ କ୍ୱାଟର,ଟାଙ୍ଗୀ, କଟକ - ୭୫୪୦୨୨
ଭ୍ରାମ୍ୟଭାଷ -୯୯୩୭୩୪୭୩୧୮

ISSN NO.
2582-208X

# କାଳିଆ ଠାକୁର

ଦେବଜାନୀ ବାରିକ୍

କାଳିଆ ଠାକୁର ଭାବର ଠାକୁର ଚରଣେ କରେ ଗୁହାରୀ ।
ଲିଭିବା ଆଗରୁ ଜୀବନ ପ୍ରଦୀପ ଦେଖା ଦିଅ ଦଇତାରୀ ।୧।
ଆରତ ତ୍ରାଣ ଶ୍ରୀହରି ନାରାୟଣ ନାମ ଅଶେଷ ତୁମ୍ଭର ।
ଠାକୁର ପଣରେ କେ ତୋତେ ସମାନ ନାହିଁ ଏହି ତିନି ପୁର ।୨।
କୁଞ୍ଜ ବିହାରୀ ଶ୍ରୀହରି ଦନୁଜାରୀ ମଧୁହାରୀ ଜନାର୍ଦ୍ଦନ ।
ରସିକ ଶେଖର ହେ ଶ୍ରୀରାଧାବର ଶ୍ରୀକୃଷ୍ଣ ମଧୁସୂଦନ ।୩।
ଭାବକୁ ନିକଟ ଅଭାବକୁ ଦୂର ତୁମ୍ଭେ ପରା ବଂଶୀଧର ।
ବନମାଳୀ କ୍ଷେତ୍ର ମଉଳୀ ମାଧବ ଶ୍ରୀଧର ଶ୍ୟାମ ସୁନ୍ଦର ।୪।
ରଜନୀଶ ବଂଶ ଅବତଂଶ କୃଷ୍ଣ ଶ୍ରୀହରି ପୁଣ୍ଡରୀକାକ୍ଷ ।
ଠାବେ ଠାବେ ଭବେ ପୂଜା ପାଉଅଛ ନାନା ରୂପେ କଳାମୁଖ ।୫।
କୁନ୍ଦରଦନୀ ଶ୍ରୀମତୀ ପ୍ରାଣ ଧନ ତୁମ୍ଭେ ଆହେ ନାରାୟଣ ।
ରବି ସୁତ ଦଣ୍ଡ ଖଣ୍ଡନ କାରଣ ବିଷ୍ଣୁ କମଳା ରମଣ ।୬।
ଚକାଚାନ୍ଦ ମୁଖ ହରେ ଭବ ଦୁଃଖ ଭକ୍ତସୁଖ ବାସୁଦେବ ।
ରତ୍ନ ସିଂହାସନ ମଣ୍ଡନ ମୋହନ ଶ୍ରୀକୃଷ୍ଣ ନୀଳ ମାଧବ ।୭।
ନେତ୍ରାଭିରାମ ପୁରୁଷୋତ୍ତମ ହରି ନୀଳମଣି ପୀତବାସ ।
କରୁଣା ବତ୍ସଳ ମଦନ ଗୋପାଳ ବାଳ ମୁକୁନ୍ଦ ସୁରେଶ ।୮।
ରେ ମନ ପାଗଳ ଭଜ ନନ୍ଦବାଳ ଦଣ୍ଡି ନପାରିବ ଯମ ।
ଗୁରୁ ଗୋବିନ୍ଦ ପରମାନନ୍ଦ କୃଷ୍ଣ ତ୍ରେତୟା ଯୁଗେ ଶ୍ରୀରାମ ।୯।
ହାର ଦୟଣାର ଶୋହେ ଉରପର କଟୀତଟେ ପୀତାମ୍ବର ।
ରୀକ୍ତ ହେବନାହିଁ ଫଳ କଦାଚନ ଚିନ୍ତିଲେ ଭାର୍ଗବୀବର ।୧୦।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ନିଜ ନିଜର ଦଶାରେ ଆଶା



କାଳପ୍ରସାଦ ମହାପାତ୍ର

ସରସୀ ତଟରେ ବକ ବସିଅଛି
ସତେ କି ସଂସାର ଜଂଜାଳ ଛାଡିଛି ।।

ଅନାଇ ରହିଛି ଏକ ଧ୍ୟାନ ହୋଇ
ପାଇବାର କ୍ଷଣ ଆସିବ ପାଖେଇ। ।

ମୀନ ମହାରାଜ ଆନନ୍ଦେ ବିହରେ
ନିର୍ମଳ ଶିତଳ ସରସୀ ଜଳରେ।।

ଚଞ୍ଚଳ ମନରେ ମୀନ ଅନାଇଲା
ଜଳ ହୋଇଯାଏ ଚଞ୍ଚଳ ଚଗଲା। ।

କୀଟଟିଏ ଦେଖେ ଶିଉଳି ଦଳକୁ
ମନକରେ ତାକୁ ଭୋକେ ଖାଇବାକୁ।।

ଝଅଟ ମୀନଟି ଧରିନିଏ କୀଟ
ବକ ମାଡିବସେ ମୀନ ଛଟପଟ। ।

ବାବାଜି ବକଟି ଉଡି ଚାଲିଯାଏ
ମୀନ ବାପୁଡାଟି ଜୀବନ ହରାଏ। ।

ସାରୁତରୁ ତଳେ ଭେକ ରହୁଥାଏ
ଛତ୍ର ପ୍ରାୟ ସାରୁ ପତ୍ର ଦିଶୁଥାଏ। ।

ISSN NO.
2582-208X

ନିଜକୁ ଭାବଇ ବରଷାର ରାଜା
ଗର୍ଜନ କରିଣ ନେଉଥାଏ ମଜା।।

ସାପ ମହାରାଜ ରହିଛି ଅନାଇ
ଭାଙ୍ଗିବାକୁ ବେଙ୍ଗ ରାଜାର ବଡାଇ।।

ଭେକ ଉପରକୁ ସାପ ମାଡ଼ିବସେ
ଗିଳି ଦିଏ ତାକୁ ଗୋଟିଏ ନିଶ୍ୱାସେ।।

ଛଂଚାଣ ଉଡଇ ଖୋଲା ଆକାଶରେ
ତଳକୁ ଅନାଏ ଖାଦ୍ୟର ଆଶାରେ।।

ଦେଖେ ସେ ସାପଟି ଯାଉଛି ସଧିରେ
ଝାମ୍ପିନିଏ ତାକୁ ଖାଇବାକୁ ଧିରେ।।

ଦୁନିଆର ନିତି ଏପରି ହୋଇଛି
ଦଇବ ତାହାକୁ ଭାବିକି ଗଢିଛି।।

ଖାଦ୍ୟ ଖାଦ୍ୟକର ସଂପର୍କ ଏପରି
କାହାକୁ କିଏ ସେ ଦେଉଅଛି ମାରି।।

ଜାଣିବା ଲୋକ ତ ସବୁ ଜାଣୁଅଛି
ନ ଜାଣିବା ଲୋକ ବିକଳେ ମରୁଛି।।

କଂସେଇ ବେପାରୀ ଭାବ ଦିଆନିଆ
ଛାଗଳ ତା ପାଖେ ପଡିଛି ଅଧିଆ।।

ଶିକ୍ଷକ, ବନ୍ଧୁଗାଁ,
କୋରାପୁଟ

ଅକ୍ଟୋବର - ୨୦୨୨
www.vedantimagazine.com
ISSN NO.
2582-208X

# ବିଷାଦରାଗ



କଶୋର ମହାନ୍ତ

ସକାଳ
ନରବ, ନଶ୍ଚୁପ
କାନଭ୍ସ୍ ରେ
ଦୃଶ୍ୟ ସବୁ ଉଭେଇ ଗଲ୍ଣି...
ଦୃଶ୍ୟ ରୁ ଅଦୃଶ୍ୟ –
ଶୁଭୁନାହିଁ କାଉ କୋଇଲିର ସ୍ୱର,
ନଈ ର ସେ ଠାଣୀ ନାହିଁ,
ପକ୍ଷୀର ଆକଣ୍ଠ ଆହ୍ଲାଦିତ
ରାଗ ପୁରବୀ ହଜିଗଲ୍ଣି
କେତେବେଳୁ....
ତୁଟି ଯାଉଛି ଆସ୍ତେ ଆସ୍ତେ
ନଶ୍ୱାସ ପ୍ରଶ୍ୱାସ ର ସବୁଯାକ ବିଶ୍ୱାସ
ଏଣେ ପରିତ୍ୟକ୍ତ ପଡା
ଡହ ଡହ ନଆଁ ତାତି
ଖାଁ ଖାଁ ଜହ୍ନର ବଗିଚ୍ଚ
ବିଭସ୍ତ କାଳ ଅକାଳ ର ଛିନ୍ନଛନ୍ନ ଦୃଶ୍ୟ ପଟ୍ଟ
ଜହ୍ନ ବି ସଂକ୍ରମିତ
ସାଲୁବାଲୁ ସବୁଆଡେ ସେ ଜଘନ୍ୟ
ବିଷାକ୍ତ ଭୂତାଣୁ
ଧୂ ଧୂ ହୋଇ ଜଳ ଯାଉଛି

ISSN NO.
2582-208X

ନିଜ ହାତେ ସଜାଇଥିବା
ଫୁଲର ବାଗିଚା...
ଆଃ, ମରି ଶୋଇଛନ୍ତି ହତଭଗା ପ୍ରଜାପତି
ଏଠି ବିଧବା ଫୁଲମାନଙ୍କ ଛାତି ଫଟା କ୍ରନ୍ଦନ
ନିଜଠାରୁ ନିଜର ବିୟୋଗ ଫଳ
ଯୋଗ ବିଯୋଗର ଅଦ୍ଭୁତ ଅଙ୍କ କଷା
ଦୃଶ୍ୟ ସବୁ ଅଦୃଶ୍ୟରେ
ନିଗଡରେ ବନ୍ଦୀ ଜୀବନ
ଅର୍ଥହୀନ ଜାଗତିକ ସୁଖ କୁ ପଛରେ
ପକାଇ ଦୌଡୁଛି ଅଣନିଶ୍ୱାସୀ ହୋଇ
ଏକଲ୍ ମଣିଷ
ଶୂନ୍ୟ...ଏଠି କାକୁସ୍ଥ ଜୀବନ ॥

ସିଡିଏ, କଟକ
ମୋ: ୯୪୩୭୭୨୮୪୭୫

ISSN NO.
2582-208X

# ଛୋଟ ମୋର ନାଆଟି

(ଧାରାବାହିକ)



ପ୍ରଫେସର ଅନନ୍ତା ପଣ୍ଡା

ପୁଣି ଗୋଟିଏ ବର୍ଷ ପରେ । ଘର ପାଖରେ ଟିକିଏ ବଳକା ଜାଗା ଥିଲା । ପଢ଼ାଘର ଖଣ୍ଡେ କରିବାକୁ ମନ ବଳିଲା ତିନି ଚାରିଟା କଣ୍ଟ୍ରାକ୍ଟରଙ୍କ ସଂଗେ ଆଲୋଚନା କଲି । ଅତି ନିକୁଛିଆ ଭାବେ କଲେ ବି ଅଢ଼େଇ ତିନି ଲକ୍ଷ ଲାଗିବ । ମନ ମାରି ଦେଲି । ମନେ ପଡ଼ିଲା ପୂର୍ବର ସେଇ 'ସୁନୀଲ୍' କଣ୍ଟ୍ରାକ୍ଟର । ଫୋନ୍ କରି ଡକାଇଲି । ଦେଖା ଦେଖି କରି ଦୁଇ ଲକ୍ଷ ଭିତରେ କରି ଦେବ ବୋଲି ପ୍ରତିଶ୍ରୁତି ଦେଲା । ଅଳ୍ପକେ ରାଜି ହୋଇଗଲି ।

ତହିଁ ଆରଦିନ ସେ ଗୋଟାଏ ବଡ଼ ସିଢ଼ି ଆଉ କିଛି ବାଲି ଆଣି ଘର ପାଖେ କୁଢ଼ାଇଲା । କାମ ଆରମ୍ଭ କରିବା ପାଇଁ ଗୋଟାଏ ଲକ୍ଷ ଟଙ୍କା ଅଗ୍ରୀମ ଦେବାକୁ କହିଲା । କ'ଣ ଟିକିଏ ଚିନ୍ତା କରି ତାକୁ ପଚାଶ ହଜାର ଟଙ୍କାର ଚେକ୍ ଦେଲି । ତା'ପରେ ବହୁଦିନ ଧରି ତା'ର ଦେଖା ମିଳିଲାନି । ବାରଂବାର ଫୋନ୍ କରି ନୟାନ୍ତ ହେଲି । ଶେଷରେ ଦିନେ ତା'ର ଜଣେ ଆତ୍ମୀୟଙ୍କ ସଂଗେ ଆସି ଭୋ ଭୋ ହୋଇ କାନ୍ଦିଲା । ବୁଝାଇ ସୁଝାଇ ପଚରା ଉଚରା କରିବାରୁ ଜଣା ପଡ଼ିଲା, ତା'ର ଗୋଟିଏ ମାତ୍ର ପୁଅ, ଖୁବ୍ ବେମାର, ହସ୍‌ପିଟାଲ୍‌ରେ ଦାଖିଲ୍ ହୋଇଛି । ହସ୍‌ପିଟାଲ୍ ଖର୍ଚ୍ଚ ପାଇଁ ଅର୍ଥାଭାବ । ଆଉ ଗୋଟିଏ ଲକ୍ଷ ଟଙ୍କା ମାଗିଲା । ଏତେ ଗୁଡ଼ାଏ ପଇସା ଏକାଠି କରି ପାରି ନ ଥିଲି । ଯଥା କଥା କରି ଆଉ ପଚାଶ ହଜାର ଟଙ୍କାର ଚେକ୍ ଦେଲି ।

ବର୍ଷଟିଏ ବିତି ଯାଇଥିଲେ ମଧ୍ୟ ସୁନୀଲ୍‌ର ଦେଖା ନ ଥିଲା । ଫୋନ୍ ଉଠାଇବା ମଧ୍ୟ ବନ୍ଦ କରିଦେଲା । ପଢ଼ାରୁମ୍ ତିଆରି ସ୍ୱପ୍ନରେ ରହିଗଲା । ଖୁବ୍ ଉଦାସ ହୋଇ ରବେଇ ଖବେଇ

ISSN NO.
2582-208X

ହେଉଥିଲି । ମନେ ହେଲା କିଏ ଯେମିତି କହୁଛି "ଘର ତିଆରି ପରେ ସଂପର୍କ କାଟି ଦେବାକୁ କହିଥିଲି । ମାନିଲୁନି ଏବେ ରବେଇ ଖବେଇ କାହିଁକି? ନିଜ ହିତରେ । ମନ ଥଣ୍ଡା କର ।

ଧନ୍ୟ ମହାପ୍ରଭୁ । ଧନ୍ୟ ଜଗନ୍ନାଥ । ଧନ୍ୟ ତୁମର ମହିମା । ଧନ୍ୟ ତୁମର ମାୟା । ଧନ୍ୟ ତୁମର କରୁଣା । ଧନ୍ୟ ତୁମର ଲୀଳା । ହେ କରୁଣାମୟ... ଏ ମିଥ୍ୟା ଦୁନିଆରେ କେବଳ ତୁମେ ହିଁ ଏକମାତ୍ର ସତ୍ୟ... ତୁମ ପଦାରବିନ୍ଦେ ମୋ'ର କୋଟି କୋଟି ପ୍ରଣାମ ।

## ଯାହାକୁ ରଖିବେ ଅନନ୍ତ :

ଊଣେଇଶ ଛୟାନବେ ଅଗଷ୍ଟ ଚଉଦ ତାରିଖ ସନ୍ଧ୍ୟା ଛଅଟା । ଅନୀଲ (ଆଇ ବ୍ୟାଙ୍କ ରେସିଡେଣ୍ଟର) ଫୋନ୍ ଆସିଲା ଚାରିଟା ଦୁର୍ଘଟଣା ଜନିତ ମୃତ୍ୟୁ ଚାଳିଶ, ବୟାଳିଶ ବୟସ୍କଙ୍କର ଆଖି ଆଇ ବ୍ୟାଙ୍କକୁ ଆସିଛି । ଡୋନର୍ ଆଇର ମାଇକ୍ରୋବାୟୋଲୋଜି ରିପୋର୍ଟ ମଧ୍ୟ ଠିକ୍ ଅଛି । ଚାରିଟା ରୋଗୀଙ୍କୁ ଖାଲି ପେଯରେ ରଖାଇଛି । ଅପରେସନ୍ ଆଜି କରିବେ ନା କାଲି । ଅଗଷ୍ଟ ପନ୍ଦର ଯୋଗୁ କାଲି ଓଟି ଚାରିଟାରେ ମିଳିବ । ପିଲା ଦୁଇଜଣଙ୍କ ପାଇଁ ଆନାସ୍ଥେଟିଷ୍ଟଙ୍କୁ ଖବର ଦିଅ । ଦୁଇ ତିନିଜଣ ରେସିଡେଣ୍ଟଙ୍କୁ ମଧ୍ୟ ଡକାଇ ଦିଅ । ଦୁଇଟି ଟେବୁଲ୍‌ର ବ୍ୟବସ୍ଥା କର । ଆଜି ଯେମିତି ଚାରୋଟି ଯାକ ଅପରେସନ୍ ଶେଷ ହୋଇଯିବ ।

ଜେନେରାଲ୍ ଆନାସ୍ଥେସିଆ କେଶ୍ ଶେଷ ହେବା ପରେ ଆନାସ୍ଥେଟିଷ୍ଟ ଚାଲିଗଲେ । ହଷ୍ଟେଲ ମେସ୍ ବନ୍ଦ ହୋଇଯିବ ବୋଲି ଜରକ ବ୍ୟତୀତ ସମସ୍ତଙ୍କୁ ଓଟି ଛାଡିବାକୁ କହିଲି । ଅନୀଲ୍ ମାନୁ ନ ଥିଲା । ମତେ ଜଣା ଥିଲା ଅନୀଲ୍ ଖାଇବା ପ୍ରିୟ, ଭୋକରେ ରହି ପାରେନା । ମଜା କରି କହିଲି "ଆଜି ରାତି ଖାଇବା ନ ମିଳିଲେ ତୁମେ କାଲି ସମସ୍ତଙ୍କ ଭେଜା ଖାଇବା, ତେରୁ ଯାଅ, ମନେ କରି ନିଅ ଏଟା ମୋର ଆଦେଶ । ଯିବା ପୂର୍ବରୁ ନନିହାଲକୁ ଡକାଇ ଦିଅ ।" ନନିହାଲ ଗତ ଜୁଲାଇରେ ସେକେଣ୍ଡ ଇୟରକୁ ଯାଇଛି, ତେଣୁ ତା ଉପରେ ଅପରେସନର କିଛି କାମ ଦେଇ ହେବନି, ମତେ କେବଳ ପାଖରେ ଛିଡା ହୋଇ ସହାଯ୍ୟ କରୁଥିଲା ।

ISSN NO.
2582-208X

ଅପରେସନ୍ ଶେଷ କରି ମୁଁ ହାତରୁ ଗ୍ଲୋଭ୍ସ ବାହାର କଲି । ସତବୀର ମୋର ଗାଉନ୍ ଖୋଲି ରୋଗୀଟିର ଆଖିରେ ବ୍ୟାଣ୍ଡେଜ୍ ଲଗାଉଥିଲା । ସୁମନ୍ (ସିଷ୍ଟର) ପଚାରିଲା "ଆପଣ ଏସିଆଡ ଭିଲେଜ୍‌ରେ ରହନ୍ତି?"

ହଁ, ତୁମକୁ କେଉଁଠି ଡ୍ରପ୍ କରିବି? ଆୟୁର୍ବିଜ୍ଞାନ ନଗର ତ ।

ନାଁ ମାମ୍, ମୋର ନାଇଟ ଡିଉଟି, ମୁଁ କହୁଥିଲି ଆପଣ ଆଜି କାଲିକା ଖବର ଜାଣିଥିବେ ନିଶ୍ଚୟ ।
କୋଉ ଖବର କଥା କହୁଛ? ଉତ୍କଣ୍ଠାର ସହ ପ୍ରଶ୍ନ କଲି ।

ଏଇ କାର ଚୋରୀ ବିଷୟ, ତିନିଦିନ ପୂର୍ବରୁ ସ୍ୱାମୀଙ୍କର ଜଣେ ବନ୍ଧୁ ମନ୍ତ୍ରୀଙ୍କ ଏକ ପାର୍ଟି ପରେ ପଞ୍ଚଶୀଳ କ୍ଲବରୁ ଫେରୁଥିଲେ । ରାସ୍ତାରେ ଜଣେ ଅପରଚିତ ଧୂର୍ତ୍ତ ତାଙ୍କୁ ଗାଡି ବନ୍ଦ କରିବାକୁ ବାଧ୍ୟ କଲା । ପରେ ପରେ ଆଉ କେତେଜଣ ଆସିଗଲେ । ଦୁହିଙ୍କୁ ତ ସର୍ବଶ୍ୱାନ୍ତ କଲେ, ଛୁରୀ ଦେଖାଇ ଗାଡିରୁ ଓହ୍ଲାଇ ସେମାନଙ୍କୁ ଚାବି ଦେବା ପାଇଁ ଧମକାଇଲେ । ସେମାନଙ୍କ ଆଜ୍ଞା ପାଳନ କରିବା ବ୍ୟତିତ ତାଙ୍କର ଅନ୍ୟ କିଛି ଚାରା ନ ଥିଲା । ଆପଣ ସାବଧାନରେ ଯିବେ ।

କାର୍ ଚୋରୀ ବିଷୟରେ ସବୁଦିନ ଖବର କାଗଜରୁ ପଢୁଥିଲେ ମଧ୍ୟ ସୁମନ ଠାରୁ ବିବରଣୀଟି ଶୁଣିବା ପରେ ମତେ ଟିକିଏ ମାଡି ମାଡି ପଡିଲା । ନନିହାଲ୍ କହିଲା, ମୁଁ ଆପରଙ୍କ ସଂଗେ ଯିବି ମାମ୍ ଭୟ କରନ୍ତୁ ନି ।"

ମତେ ଛାଡି ତୁମେ ଫେରିବ କେମିତି?

ପାଖଟା ତ ଚାଲିକରି ଆସିଯିବି ।

ମୋ ସୁରକ୍ଷା ପାଇଁ ତୁମେ ନିଜ ସୁରକ୍ଷା ଭୁଲି ରାତି ଗୋଟିଏ ରେ ଚାରି କିଲୋମିଟର ଚାଲିବ! ବ୍ୟସ୍ତ ହୁଅନା, ମୁଁ ,ଏକା ଚାଲିଯିବି ।

ISSN NO.
2582-208X

ଗାଡି ଷ୍ଟାର୍ଟ କରୁଥିଲି, ଗାଡି ଆସି ପାଖରେ ଛିଡା ହେଲା ସାଢେ ବାରୁଟା ବାଜିଲାଣି , ମାଡାମ୍ ଏକା ଯିବେ?

ଏଇଟା କ'ଣ ନୂଆ, ସର୍ଜରୀ ଶେଷ କରି ତ ମୁଁ ପ୍ରାୟ ରାତି ଅଧରେ ଯାଏ ।

ନାଇଁ ମାଡାମ୍, ଏଇ କେତେଦିନ ହେଲା ଖରାପ ଟାଇମ୍ ଚାଲିଛି । ଚୋରୀ, ଡକେଇତି, ଲୁଟ୍, ମାର, ଗାଡି ଚୋରୀ ସବୁ ତ ଏଇ ଶୁନ୍‌ଶାନ୍ ଅଧ ରାତିରେ । ଆପଣ ଗୋଟିଏ କାମ କରନ୍ତୁ ମାଡାମ୍ । ଗାଡିର ସବୁ କାଚ ଗୁଡାକ ବନ୍ଦ କରି ଦିଅନ୍ତୁ । ଟିକିଏ ବେଗରେ ଗାଡି ଚଲେଇବେ, ରାସ୍ତାରେ ଜମା ଅଟକିବେନି ।

ଆଚ୍ଛା ଠିକ୍ ଅଛି, ବାରାକ୍ ଖୋଲ ।

ଆକ୍‌ସିଲେଟର ଦବାଇ ଗାଡିର ସ୍ପୀଡ୍ ବଢାଇଲି, ପଛରୁ ଗାର୍ଡର ସ୍ୱର ଶୁଣି ପାରୁଥିଲି । "ଜମା ଗାଡି ଅଟକେଇବିନି ଆଜ୍ଞା"। ଉପହାର କ୍ରସିଙ୍ଗରେ ବାଁ କୁ ମୋଡିଲି । ଅନ୍ନପୂର୍ଣ୍ଣା ସ୍ୱିଟ ହାଉସ୍ କ୍ରସ୍ କରି କିଛି ଦୂର ଆଗେଇଗଲି, ଟିକିଏ ଦୂରରୁ ଦେଖି ପାରିଲି ନୂଆ କରି ଗଢି ଉଠିଥିବା ଡିଭାଇଡର ଉପରେ ଜଣେ କେହି ପଡି ରହିଛି । ମନରେ ଦୟା ଆସିଲା । କେହି "କର୍ ଚୋରୀ"ରେ ଆକ୍ରାନ୍ତ ହେବିନି ତ! ଗାଡିର ଗତି ଶିଥିଳ କରୁ କରୁ ଆଉ ଦୁଇଜଣ ମୋ ପାଖକୁ ଦଉଡି ଆସିଲେ । ଜଣେ ଗାଡି ସାମ୍ନାରେ, ଅନ୍ୟ ଜଣକ ଡାହାଣ ପାଖ କାଚ ପାଖରେ । ଉପରକୁ ନ ଦେଖାଉଥିଲେ ମଧ୍ୟ ଭିତରେ ଭିତରେ ମୁଁ ଖୁବ୍ ଶଙ୍କି ଯାଇଥିଲି । ଅଳ୍ପ କାଚ ଖୋଲି ପ୍ରଶ୍ନ କଲି "କ'ଣ ଚାହୁଁଛ?"

ଆମ ସଂଗା ଜଣକୁ ଦୋରା ପଡେ, ବେହୋସ୍ ହୋଇ ଯାଇଛି ଆମେ ଏଠାରେ ନୂଆ, ଆମକୁ ନେଇ କୋଉ ହସ୍‌ପିଟାଲ୍‌ରେ ଛାଡି ଦେବେ!

ଥରେ ଅଚେତ୍ ମଣିଷଟିକୁ ଆଉ ଥରେ ଅନ୍ୟମାନଙ୍କ ମୁହଁକୁ ଚାହିଁ କହିଲି "ଠିକ୍ ଅଛି, ତାକୁ ପଛ ସିଟ୍‌ରେ ଶୁଆଇଦିଅ । ମୁଁ ଏମ୍‌ସର ଡାକ୍ତର । ତାକୁ କାଜୁଅଲ୍‌ଟି ନେଇ ଯାଉଛି। ତୁମେମାନେ ସେଠାରେ ପହଞ୍ଚ "କହି ରାସ୍ତା ବଢାଇ ଦେଲି, ଲୋକଟିକୁ ସେମିତି ଅଧାଶୁଆ ଅବସ୍ଥାରେ ଗାଡିରେ ଶୁଆଇଲେ ପାଖରେ ମଧ୍ୟ ତା ବ୍ୟାଗ୍‌ଟି ତା ପାଦ ଦୁଇଟାକୁ ଉପରକୁ

ISSN NO.
2582-208X

କରିବା ପାଇଁ କହି ପାଖ ପାଣି ବୋତଲ୍‌ଟା ତା ହାତାକୁ ବଢାଇଲି । ଅପରିଚିତ ମଣିଷ ଦୁଇଟି ପ୍ରାୟ ପାଞ୍ଚ ମିନିଟ୍ କିଛି ନା କିଛି କହି ଚାଲିଥିଲେ । ଧୌର୍ଯ୍ୟ ସହ ଶୁଣୁଥିଲେ ମଧ୍ୟ ବିରକ୍ତି ଏବଂ ଉଭୟ ଚରମ ସୀମାରେ ପହଞ୍ଚି ଯାଇଥିଲି । ସେମିତି କିଛି ନ କହି କହିଲି "ଏମିତି ଅଯଥା କାବ୍ୟ ବ୍ୟୟ କରୁଥିଲେ ରୋଗୀଟି ଆର ପାରିକୁ ଚାଲିଯିବି" କହି ଗାଡି କାଚ ବନ୍ଦ ଡାହାଣକୁ ମୋଡି ଇଉ ଟର୍ଣ୍ଣ ନେଲି ।

ଗାଡି ବନ୍ଦ କର ।

ଚମକି ପଛକୁ ଚାହିଁଲି । ଲୋକଟି ସିଟ୍ ଉପରେ ବସିଥିଲା । ବାଁ ହାତରେ ବ୍ୟାଗ ଖଣ୍ଡକ । ଡାହାଣ ହାତ ଗାଡିର ଦରଜା ଉପରେ ।

ଭୟାତୁର କଣ୍ଠରେ କହିଲି, " ତୁମକୁ ଠିକ୍ ଲାଗୁଛି?"

ଏ ଲାଲବତୀ ପରେ ଗାଡି ବନ୍ଦ କରିବ ମୁଁ ଓହ୍ଲାଇବି ।

ତୁମ ସାଂଗମାନେ ତ ପଛରେ ରହିଗଲେଣି ।

ସେମାନେ ଆଉ ଆସିବେନି । ତୁମ ଭଳି ଅନ୍ୟ କାହା ଉପରେ ଜାଲ ବିଛାଇବାକୁ ଚାଲି ଯିବେଣି ।

ମୋ ପାଟିରୁ କଥା ବାହାରୁ ନ ଥାଏ । ଯନ୍ତ୍ରବତ୍ତ ଗାଡି ବନ୍ଦ କଲି । ଲୋକଟି ପଛସିଟ୍‌ରୁ ଓହ୍ଲେଇ ମୋ ପାଖ ଝରକା କାଚ ତଳକୁ କରିବାକୁ କହିଲା । ସଂପୂର୍ଣ୍ଣଭାବେ ଧରିଦେଲି ମତେ ଗାଡିରୁ ଓହ୍ଲେଇବାକୁ କହି ମୋ ଠାରୁ ଗାଡି ଚାବି ନେଇଯିବ, ନିରୁପାୟ ହୋଇ କାଚ ତଳକୁ କଲି ।

ଏ ବ୍ୟାଗ୍‌ଟାରେ କ'ଣ ଅଛି ଦେଖାଇବ? ମୋ ଠାରୁ କିଛି ଉତ୍ତର ନ ପାଇ ନିଜେ ବ୍ୟାଗ୍ ଖୋଲି ମୋ ଆଡକୁ ଦେଖାଇଲା । ଭିତରେ ଗୋଟାଏ ବଡ ଛୁରୀ, ଗୋଟିଏ ପିସ୍ତଲ, ରଙ୍ଗ ବେରଙ୍ଗର କେତେଟା ଓଢଣା ଆହୁରି କେତେ କ'ଣ, ସେଇମିତି ବ୍ୟାଗ୍ ଖଣ୍ଡକ ଧରି ପୁଣି

ISSN NO.
2582-208X

କହି ଚାଲିଲା, ଧୂର୍ତ୍ତ ହେଲେ ବି ମୁଁ ମଣିଷ, ମୋ ବିବେକ କହୁଛି ତୁମେ ଖୁବ୍ ଭଲ । ଭଗବାନ୍ ତୁମର ରକ୍ଷା କରନ୍ତୁ । ହେଲେ ମନେ ରଖିଥା । ଆଜିକାଲି ସମୟ ଅପେକ୍ଷା କୃତ ଖରାପ । ରାସ୍ତାରେ ଚିହ୍ନା ଅଚିହ୍ନା, କାହାକୁ କେବେ ବି ଗାଡିରେ ବସେଇବନି, ବିଶେଷ କରି ରାତିରେ ।" କହି ଲୋକଟି ସାଇଡ୍ ଲେନ୍ ଉପରେକୁ ଗଲା ।

ଉପହାର ଟ୍ରାଜେଡୀ :-

ଉଣେଇଶ ସତାନବେ ମସିହା ଜୁନ୍ ତେର ତାରିଖ, ବର୍ଡର ଫିଲ୍ମ ଉପହାରରେ ଲାଗିଥିଲା। ସୁଷମା (ମୋର ଜଣେ ବନ୍ଧୁ) ର ଫୋନ୍ ଆସିଲା । ଖୁବ୍ ଭଲ ଫିଲ୍ମ ଆଜି ଯିବା । ପିଲା ଦୁହେଁ (ଶୀତ, ମୁନ୍ନା) ଆମ କଥାବର୍ତ୍ତା ଟେଲିଫୋନ୍ ପାଖରେ ବସି ଶୁଣୁଥିଲେ ।"

ଯାଅ ଯାଅ, ବଢ଼ିଆ ଫିଲ୍ମ, ତୁମକୁ ନିଶ୍ଚୟ ଭଲ ଲାଗିବ । ଆମ ପାଇଁ ମଧ୍ୟ ସଂଧ୍ୟା କିମ୍ବା ରାତି ଲାଗି ଦୁଇଟି। ଟିକେଟ୍ ନେଇ ଆସିବ ।"

ଦିନ ସାଢେ ଦୁଇଟା ସୁଦ୍ଧା ଉପହାର ସିନେମା ହଲ୍‌ରେ ପହଞ୍ଚି ଯାଇଥିଲୁ । ଟିକେଟ୍ ନ ଥିବାରୁ ଉଦାସ ହୋଇ ଫେରୁଥିଲୁ । ଗୋଟିଏ ସତର ଅଠର ବର୍ଷର ପିଲା ପାଖକୁ ଆସି ବ୍ଲାକ୍‌ରେ ଟିକେଟ୍ ନେବାପାଇଁ କହିଲା । ଆଗ୍ରହର ସହ ସୁଷମା କହିଲା "ଦୁଇଟା ଦିଅ ।

କେତେ ଦାମ୍?"

ମାତ୍ର ଦୁଇଶହ ।

ସୁଷମା ତା'ର ପର୍ସ ଖୋଲୁଥିଲା, ବାରଣ କଲି ।" ନାଁ ସୁଷମା, ବ୍ଲକ୍‌ରେ ଟିକେଟ୍ କିଣି ସିନେମା ଦେଖିବା ମୋ ନୀତି ବିରୁଦ୍ଧ ।"

"ମୁଁ ପଇସା ଦେବି, ମନା କରନା ।"

ISSN NO.
2582-208X

ନୀତି ଅର୍ଥାତ୍ ନୀତି, ତୋ ପଇସା ମୋ ପଇସାରେ କିଛି ଫରକ୍ ନାହିଁ । ବରଂ ଚାଲ୍ ଟେଲିଫୋନ୍ ବୁଥ୍‌ରୁ ଫୋନ୍ କରି "ସପନା"ରେ ଟିକଟ୍ ପାଇଁ ଚେଷ୍ଟା କରିବା, ମୁଁ ସେଠାରେ ଜଣକୁ ଜାଣିଛି ।

ଟେଲିଫୋନ୍ ବୁଥ୍ ଯାଇ ମି· ବାଜାଜ୍‌ଙ୍କୁ ସଂଧ୍ୟା ଛଅଟା ପାଇଁ ଟିକେଟ୍ ବୁକ୍ କରିବାକୁ ଅନୁରୋଧ କଲି । ସୁଷମା ଏମ୍‌ସ କ୍ୟାମ୍ପସ୍‌ରେ ରହେ । ତେଣୁ ମତେ ଏସିଆଡ୍ ଭିଲେଜ୍ ଯିବାକୁ ନ ଦେଇ ତା ଘରକୁ ଯିବାକୁ କହିଲା । ମୁଁ ଗାଡି ଚଲାଉଥିଲି, ସାଇଟ୍ ଲେନ୍‌ରୁ ଅରବିନ୍ଦୋ ମାର୍ଗକୁ ଆସିଲୁ । ମାତ୍ର ଏ କ'ଣ? ଟ୍ରାଫିକ୍ ଜାମ୍, ଏଇ ଅଳ୍ପ ସମୟ ପୂର୍ବରୁ ମୁଁ ଆସିଥିଲି । ରାସ୍ତା ପୁରାପୁରି ଖାଲି ଥିଲା । ହୁଏତ କେଉଁ ଭି ଆଇ ପି ଏମ୍‌ସ ହେଲ୍‌ଥଚେକ୍ ଅପ୍ ପାଇଁ ଆସୁଛନ୍ତି । ଧରେ ଧୀରେ ଭିଡର ମାତ୍ରା ବଢୁଥିଲା । ଏମ୍‌ସ ପାଖରେ ପହଞ୍ଚିବା ବେଳକୁ ଚାରିଟା ବାଜି ପଚାଶ ମିନିଟ, ଆଉ ତା ଘରକୁ ନ ଯାଇ ସିଧା ସପନା ଯିବାରୁ ସ୍ଥିର କଲୁ । ଆଶ୍ଚର୍ଯ୍ୟ ରାସ୍ତାର ଟ୍ରାଫିକ୍ ବଢି ଚାଲିଥିଲା । ରିଙ୍ଗ ରୋଡ୍‌ର ମଧ୍ୟ ଦେଇ ସେଇ ଅବସ୍ଥା, କଥା କ'ଣ? ବ୍ରେକ୍ ଦବାଇ ଦବାଇ ଦରଜ କରୁଥିଲା । ଅନ୍ୟ କେହି ବସିଥିଲେ ମୁଁ ରାସ୍ତା ଜାମ୍ ବିଷୟରେ ହଜାର ଟିପ୍‌ପଣୀ ଦେଇଥାନ୍ତି । ମାତ୍ର ସୁଷମା ଆଉ ମୋ ଭିତରେ ଗପ ପେଡିର ଅନ୍ତ ନ ଥାଏ । ହଲ୍‌ରେ ପହଁଞ୍ଚିବା ବେଳକୁ ସାତଟା କୋଡିଏ, ଶ୍ରୀ ବାଜାଜ୍ ଆମକୁ ଦେଖି ଘଡି ଦେଖାଇଲେ । କିଛି ଉତ୍ତର ନ ଦେଇ ହଲ୍ ଭିତରେ ପଶିଲୁ । ଅଳ୍ପ ସମୟ ପରେ ଇଣ୍ଟରଭାଲ୍ । ଶ୍ରୀ ବାଜାଜ୍ ବାହାରୁ ପପ୍‌କର୍ଣ୍ଣ ଆଉ ଚିପ୍‌ସ ଆଣିଲେ । ସୁଷମା ଚୁପ୍ କରି ମୋ କାନରେ କହିଲା । "ଚାହା ପାଇଁ କହନା, ଭୀଷଣ ମୁଣ୍ଡ ବଥାଉଛି ।" ବହୁ ସନ୍ତର୍ପଣରେ କହିଥିଲେ ମଧ୍ୟ ଶ୍ରୀ ବାଜାଜ୍‌ଙ୍କ କାନରେ ପଡିଥିଲା ତାଙ୍କ ଅନୁରୋଧରେ ବାହାରକୁ ଯାଇ ଚାହା ପିଇଲୁ । ସିନେମା ଶେଷ ହୋଇଥିଲା । ଖୁବ୍ ମର୍ମ୍ମସ୍ପର୍ଶ ମୁଭି, ଗୀତ ଗୁଡିକ ମଧ୍ୟ ଖୁବ୍ ଭଲ, ପ୍ରଥମ ଭାଗଟା ନ ଦେଖି ପାରିଥିବାରୁ ଦୁଃଖ କରିଥିଲୁ, ଶ୍ରୀ ବାଜାଜ୍ ଡିନ୍‌ର ପାଇଁ ଆମନ୍ତ୍ରଣ କରୁଥିଲେ । ପ୍ରତ୍ୟାଖ୍ୟାନ କରି ଗାଡିରେ ବସିଲୁ । ଫେରିବା ସମୟକୁ ଜାମ୍ ନଥିଲା ମଧ୍ୟ ସବୁଦିନ ଠାରୁ ଅଧିକ ଥିଲା । ଏମ୍‌ସ କ୍ୟାମ୍ପସ୍ ପହଞ୍ଚିଥିଲୁ । ଗପ ପେଡିର ଅନ୍ତ ନଥିଲା । ଘଡିରେ ଏଗାରଟା ବାଜିଥିଲା ।

"ଏବେ ଆସ ଭାଂଗିବା, ତତେ ପୁଣି ଆଗକୁ ଯିବାର ଅଛି" କହି ଗାଡିରୁ ଓହ୍ଲାଇଲା ସୁଷମା ।

ISSN NO.
2582-208X

କଲିଂ ବେଲ୍ ବଜାଉ ବଜାଉ ଭିତରୁ ଶୁଣାଗଲା ମୁଁ କହୁଥିଲି ନା ମୁନ୍ନା, ମାଙ୍କର କିଛି ହୋଇ ନ ଥିବ । ପରେ ପରେ ଦୁହେଁ ଯାକ ଆସି ଦୁଆର ଖୋଲିଲେ ।

ମୁଭି କେମିତି ଥିଲା ନାନୀ? ବହୁତ ଡେରି କରିଦେଲତ ତେଣୁ ବ୍ୟସ୍ତ ଲାଗୁଥିଲା ।
ସେମିତି ଠିଆ ଠିଆ ସମସ୍ତ ବିବରଣୀ ଗୋଟିଏ ଦେଇ କହିଲି "ଏତେ ରାତି ହେଲାଣି, ତୁମେମାନେ ନ ଖାଇ ବସିଛ! ମୋର ଡେରି ହେଉଥିଲା ତ ଖାଇଦେଇଥାନ୍ତ ।

ଆଉ ତୁମେ ଉପାସରେ ରହିଥାନ୍ତ । ଏକା କେବେ ଖାଅ । କହିଲା ମୁନ୍ନା ତୁମ ଏମସ୍‌ରେ କ'ଣ ସବୁ ଚାଲିଛି ।

ନାହିଁ ତ, କିଛି ନାହିଁ, ପୁଣି କଥା ବଦଳାଇ କହିଲି, "ଉପହାରରେ ଆସନ୍ତା ସପ୍ତାହ ପାଇଁ ଟିକେଟ ନାହିଁ" ବଜାଜ୍ ଅଙ୍କଲକୁ କହିଛି ତୁମ ପାଇଁ ଦୁଇଟି ଟିକେଟ ଲାଗି ସପନାରେ ବୁକ୍ ହେବ । ଉପହାର ଅଛି ତ?

ହଲ୍‌ଟା କୁଆଡେ ଯିବ । ଖୁବ୍ ଭଲ ମୁଭି । ତେଣୁ କଳାବଜାରୀଙ୍କ ମଧ୍ୟରେ ବାଡିଆପିଟା । ତୁମ ମୁଣ୍ଡରେ ତ କେହି ଦୁଇଟା ବାଡେଇ ଦେଇନି । ପୁଅ କହିଲା, ସୁଷମା କଥାରେ ପଡିଥିଲେ ତାହା ମଧ୍ୟ ହୋଇ ପାରିଥାନ୍ତା । ମୁଁ ଦୃଢ ଭାବରେ କହିଲି ନୀତି... ନୀତି ଯାହାହେଉ ଶେଷରେ ମାନିଗଲା । ଖାଇବା ଆରମ୍ଭ କରିଥିଲୁ । ଟିଭି ଉପରେ ମୋ ଆଖି ପଡିଲା 'ଏମ୍‌ସ ମରଚୁରୀ' କ'ଣ ସିନେମା ଚାଲିଛି । ଆମ ହସପିଟାଲର ହୋର୍ଡିଂ ଦେଖାଗଲା । "ଉପହାର" ଚଟ୍ କରି ପୁଅ କହିଲା ।

ଏଇଟା କ'ଣ ନୂଆ ଉପକାର? ପୁରୁଣାରେ ତ ଏମତି କିଛି ଦୁଃଖଦାୟକ ସିନ୍ ନଥିଲା ।

ଉପକାର ନୁହେଁ ନାନୀ ଉପହାର, ତୁମେ ସତରେ ଏ ବିଷୟରେ କିଛି ଜାଣିନ?

କୋଉ କଥା ।

ଉପହାର ସିନେମା ହଲ୍ ଜଳିଯାଉଛି ।

ISSN NO.
2582-208X

କେବେ ?

କେବେ ନୁହେଁ ଆଜି ଦୁଇଟା ପଚାଶ ମିନିଟରେ । ପ୍ରାୟ ସମସ୍ତେ ଆହାତ । ମୃତ ବ୍ୟକ୍ତିଙ୍କର ସଂଖ୍ୟା ପଚାଶରୁ ଉର୍ଦ୍ଧ ।
ଧଡ଼୍ କରି ଖାଇବା ଟେବୁଲ୍ ପାଖରୁ ଉଠିଯାଇ ଟି.ଭି ପାଖରେ ଛିଡା ହେଲା । ଜଳି ଯାଇଥିବା ମଣିଷ ଗୁଡିକର କି ଶୋଚନୀୟ ଅବସ୍ଥା । କେତେକ ଏମ୍ସ କାଜୁଆଲିଟି ତ କେତେ ସଫଦରଜଙ୍ଗ ଆଉ ମଝିରେ ମଝିରେ କେତେଜଣ ଏମ୍ସ ମରଚୁରୀ । ଦୁଇଟି ପଚାଶରେ ଏ କାଣ୍ଡ । ତାର ପାଞ୍ଚମିନିଟ୍ ପୂର୍ବରୁ ତ ସୁଷମା ଟିକେଟ୍ କିଣୁଥିଲା ।

ରାତି ସାଢେ ବାରଟା । ଆମେ ସମସ୍ତେ ମିଶି ଟିଭିର ସେଇ କରୁଣ ଦୃଶ୍ୟ ଉପରେ ଦୃଷ୍ଟି ନିବିଦ୍ଧ କରିଥିଲୁ । ଫୋନ୍ ବାଜିଲା । ଉଠିଯାଇ ରିସିଭର ଉଠାଇଲି । ସୁଷମାର ଫୋନ୍ ଡା: ବଶିଷ୍ଠ (ସୁଷମାର ସ୍ୱାମୀ) ଙ୍କର ମନ୍ତବ୍ୟ ତୋ ନୀତି ଆଜି ଆମକୁ ମୃତ୍ୟୁମୁଖରୁ ଫେରାଇ ଆଣିଲା ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# ଓଡ଼ିଆଜାତିର
# ମଉଡ଼ମଣି



ପ୍ରଶାନ୍ତ କୁମାର ଦାଶ

କାନ୍ଦୁଥିଲା ଯିଏ ଲୁହ ପୋଛିଦେଇ
କରୁଥିଲେ ଉପକାର
ବାଣ୍ଟୁଥିଲେ ଚୁଡା ଗୁଡ଼ଳ ସେ ଯାହା
ହେଉଥିଲା ଦରକାର ।।

ଦୂର କରୁଥିଲେ ଦୁଃଖୀର ଦୁଃଖକୁ
ପେଟକୁ ଆହାର ଦେଇ
ନଖାଇ ନପିଇ ରାତି କାଟୁଥିଲେ
ସରଳ ଦରଦୀ ହେଇ ।।

ଲହୁଣୀ କୋମଳ ହୃଦୟ ତାଙ୍କର
ସତେକ ତରଳ ଥିଲା
ବୁଲିଥିଲେ ପରକରି ପରିବାର
ଓଡ଼ିଶାର ଗାଆଁ ଜିଲ୍ଲା ।।

ବାପୁଙ୍କ ଡାକରା ପାଇ ସ୍ୱାଧୀନତା
ପାଇଁ ଲଢ଼ିଥିଲେ ସେତ

ବକୁଳବନର ଗଛଛାଇତଳେ
ପାଠଶାଳାଟିଏ ଗଢି
ପଢାଇ ସେ ପାଠ ତିଆରିଲେ ଛାତ୍ର
ସହି ଦୁଃଖ ବାଧା ଝଡି ।।

ଛାପିଲେ ସମାଜ ଖବରକାଗଜ
ଓଡ଼ିଶାର କଥାଲେଖି
ପଲ୍ଲୀ ଜୀବନର ଅଭୁଲା କାହାଣୀ
ଦୁଇ ନୟନରେ ଦେଖି ।।

ରୋଗମୁଖେ ପଡି ଆଖି ବୁଜିଦେଲା
ନୟନପିତୁଳା ପୁଅ
ନର ନାରୀଙ୍କର ସେବା କରି ଆଉ
ଛୁଟିଲାନ ଲୁହ ସୁଅ ।।

ISSN NO.
2582-208X

ସଫଳତା ପାଇ ଉଡୁଅଛି ଆଜି
ଆମରି ତ୍ରିରଙ୍ଗାନେତ ।।

ହସିଲା ମୁହଁରେ ମେଘ ଘୋଟିଗଲା
ବିଷାଦରେ ଗଲା ଭରି
ଓଡ଼ିଆ ଜାତିର ମଉଡମଣି ସେ
ଗ୍ଲଲିଗଲେ ପରକରି ।।

ଅଟକ ରହିଲା ଓଡ଼ିଆ ଜାତିର
ସତ୍ୟ ଶାନ୍ତ ରଥ ଶେଷେ
ବିପଦ ବେଳରେ କିଏ ଠିଆ ହେବ
ସମାଜ ସେବକ ବେଶେ ।।

ଝୁରି ହୁଏ ତାଙ୍କୁ ଏ ଦେଶ ଗ୍ୱଇଜ
ବନ୍ୟା ବାତିଆ ବେଳେ
କରୁଥାନ୍ତେ ଦୁଖୀ ଦୀନଜନ ସେବା
ଥାଇ ସହଯୋଗୀ ମେଳେ ।।

କୁଞ୍ଜର ସଙ୍ଗଳାଇ
ପିପିଲି ପୁରୀ
Mobile -9668822190

ISSN NO.
2582-208X

# ବାମନ ବାମନ

ସୁହାସିନୀ ବାରିକ୍

ବାମନ ବାମନ ସେ କଳା ବାମନ କୃଷ୍ଣ ଶ୍ରୀମଧୁସୂଦନ ।
ବାମନ ପାଦରେ ଭୂମି ତିନିପାଦ ବଳିକି ହେଲା ଶମନ ।୧।
ବାମନ ନନ୍ଦନନ୍ଦନ ବାଳକୃଷ୍ଣ ନୀଳମାଧବ କେଶବ ।
ବାମନର ପଦ ନଖ କୋଣରୁ ଜାହ୍ନବୀ ହୋଇଛି ସମ୍ଭବ ।୨।
ବାମନ ନଟ ନାଗର ବେଣୁଧର ରାଟ କମ୍ବୁ କଟକର ।
ବାମନ ପଦ ପଙ୍କଜେ ରହ ମନ କେବେ ନ ହୋଇ ଅସ୍ଥିର ।୩।
ବାମନ ମଦନ ମୋହନ ଶ୍ରୀକୃଷ୍ଣ ନରହରି ତ୍ରିବିକ୍ରମ ।
ବାମନ ଶ୍ରୀପଦ ଅକ୍ଷୟ ସମ୍ପଦ ବାମନ ପୁରୋଷୋତ୍ତମ ।୪।
ବାମନ ଶ୍ରୀରାଧାଧବ ବାସୁଦେବ ନାମ ଧାମ ଯା ପାବନ ।
ବାମନ ଶ୍ରୀକର ମୁକତି ଭଣ୍ଡାର ବାମନ ରମା ରମଣ ।୫।
ବାମନ ଦର୍ଶନ ପ୍ରଦାନଇ ପୁଣ୍ୟ ହରଣ କରଇ ପାପ ।
ବାମନ ବାମନ ଯଶୋଦାନନ୍ଦନ ବାମନହିଁ ବିଶ୍ୱ ବାପ ।୬।
ବାମନକୁ କଲେ ରଥେ ଦରଶନ ଦଣ୍ଡି ନପାରଇ ଯମ ।
ବାମନର ନାମ ପରମପାବନ ପ୍ରଦାନଇ ଦିବ୍ୟ ଧାମ ।୭।
ବାମନ ଅଖିଳ ବିଶ୍ୱପତି ହରି ଶ୍ରୀପତି ଜଗୁଜୀବନ ।
ବାମନ ଶ୍ରୀକ୍ଷେତ୍ର ବରର ରାଜନ ସାଧବେ କର ଦର୍ଶନ ।୮।
ବାମନର ବଳ ହରେ କଳିକାଳ ଭଜନ କର ସାଧବ ।
ବାମନର ନାମ ଚିର ସ୍ମରଣୀୟ ଦେବକୀ ତନୟ ଭାବ ।୯।

ISSN NO.
2582-208X

ବାମନ ଦୀନବାନ୍ଧବ ସୁମାଧବ ମନନେ ତର ସଂସାର ।
ବାମନ ଭଜନ ସ୍ମରଣ କୀର୍ତ୍ତନେନ ଦଣ୍ଡେ ରବି କୁମର ।୧୦।

ମହୁ, ଆଳ, କେନ୍ଦ୍ରାପଡା

# ଆହେ ଗଜାନନ



ଜନ୍ମଜୟ ନାୟକ

ଆହେ ଗଜାନନ କରୁ ନିମନ୍ତ୍ରଣ
ମର୍ତ୍ତ୍ୟପୁରେ ଆସ ଚାଲି,
ତବ ଆଗମନେ ହସିବ ଧରଣୀ
ସବୁ ଦୁଃଖ ଯିବୁ ଭୁଲି,
ନାନାରଂଗ ପୁଷ୍ପ ତୋଳି,
ମଣ୍ଡପ ସଜାଇ ତୁମକୁ ବସାଇ
ଜାଳିବୁ ଭକ୍ତି ଦୀପାଳି ।

ମୂଷିକ ବାହନେ ବସିଥିବ ତୁମେ
ଶୁଭୁଥିବ ଶଙ୍ଖ ଧ୍ୱନି,
ତୁମକୁ ଦେଖିଣ ଫେରିବନି ଆଖି
ବନ୍ଦନା ଗାଇବୁ ପୁଣି,
ନାନାବିଧ ଫଳ ଆଣି,
ଭକତି ଚିତ୍ତରେ କରି ସମର୍ପଣ
କରିବୁ ବିଦ୍ୟା ମାଗୁଣି।

ତୁମେ ଅଗ୍ରପୂଜ୍ୟ ବିଘ୍ନ ବିନାଶକ
ନାହିଁ ମନେ ଆନ ଚିନ୍ତା
ତୁମରି ଚରଣେ ନେଉଛୁ ଶରଣ
ମୁକ୍ତି ଦିଅ ମୁକ୍ତିଦାତା ।

ହେ ଗଣାଧିପତି ଗଉରୀ ନନ୍ଦନ
ଏତିକି କରୁ ଗୁହାରି,
ଦିଅ ସତ୍ ବୁଦ୍ଧି ଦିଅ ଦିବ୍ୟଜ୍ଞାନ
ବାଧା ବିଘ୍ନ ଦୂର କରି,
ଝରୁ ଶୁଭାଶିଷ ବାରି,
ଅଜ୍ଞାନ ଅନ୍ଧାର ଦୂର ପ୍ରଭୁ କର
ଜ୍ଞାନର ଆଲୋକ ଭରି ।

ପୀନାଥଜୀଉ ସରକାରୀ ଉଚ୍ଚବିଦ୍ୟାଳୟ

ISSN NO.
2582-208X

ତୁମେ ପରା ବିଦ୍ୟାଦାତା,
ତୁମ କୃପା ଲଭି ମୂର୍ଖ ବି ପଣ୍ଡିତ
ହୁଅଇ ଜଗତଜିତା,

ଜଗତସିଂହପୁର
ଫୋନ-୯୩୩୭୮୦୦୫୬୫

# ପ୍ରାଣ ବାୟୁ



ପ୍ରଶାନ୍ତ କୁମାର ନାଥ

ନିଃଶବ୍ଦ ରାତିରେ ତୁମେ ସାଥୀ ମୋର
ହୃଦୟର ପ୍ରତି ଧ୍ୱନି
ପ୍ରତି ନିଃଶ୍ୱାସରେ ଖୋଜେ ମୁଁ ତୁମକୁ
ଜୀବନକୁ ସତ ମାନି।

ନଥିଲେ ଟି ତୁମେ ନଥାନ୍ତା ଜୀବନ
ଜୀବ ଜଗତରେ ପୁଣି
ପ୍ରତି ମୁହୂର୍ତ୍ତରେ ବ୍ୟାକୁଳିତ ପ୍ରାଣ
ତୁମ ପାଇଁ ଏ ଧରଣୀ।

ପ୍ରତି ଘଟେ ତୁମେ ଭରି ଦେଇଅଛ
ଅମୃତର ସଞ୍ଜିବନୀ
ଜୀବନ ମଧୁର ତୁମରି ପରସେ
ମିଠା ମିଠା ପ୍ରତି ଧ୍ୱନି।

ଲିଭିଛି ଆଲୋକ ସବୁତ ଅନ୍ଧାର

ଅଦୃଶ୍ୟରେ ରହି ଜୀବନ ସଂଞ୍ଚାର
ହୃଦୟରେ ଭର ବଳ
ଶରୀରରେ ତୁମେ କାର୍ଯ୍ୟ କରିଥାଓ
ସତେ ତୁମେ ଏକ କଳ।

ଜୁଣଗଡି (ରାଜନଗର),

ISSN NO.
2582-208X

ରାସ୍ତା ଘାଟ ଗୃହ ମନେ
ତଥାପି ଏ ପଥେ ଆବୋରି ରହିଛ
ବୋହୁଛ ଦୂର କାନନେ ।

କେନ୍ଦ୍ରାପଡ଼ା

# ଅପ୍ରିୟ ସତ୍ୟ



ଖଗେଶ୍ୱର ବାଗ

## ଭାଗ - ୫

ମାଳତିକୁ ଦେଖିଲେ ଏକ ପ୍ରକାର ଚିନ୍ତାଧାରା ସତ୍ୟ ମନରେ ଜାଗି ଉଠେ। ଭାରାକ୍ରାନ୍ତ ମନଟା ଆହୁରି ବୋଝ ପରି ଲାଗେ। ମନେ ମନେ ଭାବେ କେହି ଜଣ ସାଙ୍ଗକୁ ମନର ଅବ୍ୟକ୍ତ ବେଦନା ଜଣାଇଲେ ବୋଧହୁଏ ଟିକିଏ ହାଲୁକା ଲାଗନ୍ତା। ଜୀବନ ଗଠନ ପାଇଁ କିଛି ପରାମର୍ଶ ନହେଲେ ମଧ୍ୟ ସାନ୍ତ୍ୱନା ତ ନିଶ୍ଚୟ ଦେବ। ପଦଟିଏ ତ କହିବ ଭାଗ୍ୟର ବିଡମ୍ବନା ବୋଲି। ଯୌବନାବସ୍ଥାରେ ଏଭଳି ଅଘଟଣ ଘଟେ ବୋଲି। ଏହି ଉଦ୍ଦେଶ୍ୟରେ ତା'ର ସାଙ୍ଗ ନନ୍ଦିନୀକୁ କହିଲା, "ମୁଁ କେତେ ଅଭାଗା ସତେ! ମୋର କଥାବାର୍ତ୍ତା, ଆଚରଣ, ବ୍ୟବହାର ମଧ୍ୟ କିଛି ଲୋକଙ୍କୁ ଭଲ ଲାଗେ ନାହିଁ। କ'ଣ ଆଉ କରିବି ? ଯେତେବେଳେ ନିଜ ନିୟନ୍ତ୍ରଣରୁ ପାରି ହୋଇ ଯାଇଛି ତେବେ ଏପରି ଦଶା ଭୋଗିବାକୁ ବାଧ୍ୟ ଅଟେ।" ସତ୍ୟର ଏପରି ହତାଶ ଜନକ ବେଦନା ଶୁଣି ନନ୍ଦିନୀ ଦୁଃଖ ପ୍ରକାଶ କଲେ। ସାନ୍ତ୍ୱନା ଦେବାକୁ ଯାଇ କହିଲେ, "ମାଳତି ମଧ୍ୟ ତୁମର କଥା କହୁଥିଲା। ଜାଣେନା ରାଗରେ ମୁଁ ତା'କୁ କ'ଣ ସବୁ କହିଦେଲି। ସେ ପୁରାପୁରି ନୀରବ ହୋଇଗଲା। ହିତାହିତ ଜ୍ଞାନ ହଜେଇ କହିଦେଲି ସିନା ହେଲେ ମୋତେ ବି ବହୁତ ଦୁଃଖ ଲାଗୁଛି। ଅବଶ୍ୟ ସେପରି କଟୁକ୍ତି କହିବାର ମୋର ଉଚିତ୍ ନଥିଲା। ବିଚରାକୁ କେତେ ଯେ ନବାଧିଥିବ!"

ISSN NO.
2582-208X

ଏଠାରେ ଉଭୟ ଅନୁତାପ କରିଛନ୍ତି। ଜଣେ ଜ୍ଞାତସାରରେ ବେଣୀକୁ ଟାଣି ଓ ଅନ୍ୟ ଜଣେ କ୍ରୋଧପରବଶ ହୋଇ ଅପମାନିତ କରି। କାଳ ପାତ୍ର ଦେଖି ଥଟ୍ଟା କରିବା କଥା। ପ୍ରକୃତରେ ମଜାକ୍ କରିବାର ଗୋଟିଏ ସୀମା ଥାଏ। ଅତ୍ୟାବଶ୍ୟକ ନହେଲେ ପରୀକ୍ଷଣ ସ୍ୱରୂପ ପ୍ରୟୋଗ କରିବା ନିହାତି ମୂର୍ଖତା ଅଟେ। ଆଉ କ୍ରୋଧ, ସେ ବିଷୟରେ ନକହିବା ଭଲ। ମହାଦେବ ଶିବଙ୍କ କ୍ରୋଧାଗ୍ନିରେ କନ୍ଦର୍ପ ଭସ୍ମ ହୋଇଥିଲେ। କପିଳ ମୁନିଙ୍କ କ୍ରୋଧରେ ରାଜା ସଗରଙ୍କ ଷାଠିଏ ସହସ୍ର ପୁତ୍ର ଜଳି ପୋଡି ପାଉଁଶ ହୋଇ ଯାଇଥିଲେ। କ୍ରୋଧ ଯେ କେବଳ ଅନ୍ୟକୁ ଖାଇଯାଏ ତାହା ନୁହେଁ, ନିଜ ପାଇଁ ମଧ୍ୟ ଏହା ବେଶି ହାନିକାରକ ଅଟେ।

ଜୀବନରେ ସେପରି କର୍ମ କରିବା ଉଚିତ୍ ଯାହା ପାଇଁ ପରେ ଅନୁତାପ କରିବାକୁ ଯେମିତି ନପଡେ। ପ୍ରତିଟି ଶବ୍ଦ ଭିନ୍ନ ଭିନ୍ନ ଅର୍ଥବୋଧକ ହେତୁ ଠିକ୍ ସମୟରେ ଓ ବ୍ୟକ୍ତି ବିଶେଷରେ ତା'ର ପ୍ରୟୋଗ ଅନିବାର୍ଯ୍ୟ। ସାଙ୍ଗ ମେଳରେ 'ତୁ' କି 'ତୁମେମାନେ', ବୟସ୍କଙ୍କ ନିମନ୍ତେ 'ଆପଣ' ଅଥବା ବାକ୍ ସଂଯମତା ନିହାତି ଆବଶ୍ୟକ। ଜଣେ ସମ୍ପୂର୍ଣ୍ଣ ସୁସ୍ଥବାନକୁ ବିକଳାଙ୍ଗର ଆଖ୍ୟା ଦେଇ ଯଦି ରାଗ ମେଣ୍ଟାଯାଏ ତେବେ ତା'କୁ ଦୁଃଖ ତ ଲାଗିବ ହିଁ ଲାଗିବ। ଯେବେ ଦୁଃଖ ସେମାନଙ୍କୁ ଅଧିକ ଲାଗେ ଯେଉଁମାନେ ଆପଣାର ହୋଇ ଜନମାସରେ ଉପହାସର ପାତ୍ର ହୋଇଥାଆନ୍ତି। ଯେଉଁମାନଙ୍କ ହୃଦୟରେ ଅନ୍ୟମାନଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା, ଆଦର ଭରି ରହିଥାଏ, ସେମାନେ ଯଦି କଥାବାର୍ତ୍ତା, ବ୍ୟବହାରରେ ଉପେକ୍ଷିତ ତେବେ ଅଧିକ ଖେଦ ପ୍ରକାଶ କରନ୍ତି। ଏହାର ଉପଶମ ନିମିତ୍ତ କେବଳ ଏକମାତ୍ର ଔଷଧ ରହିଛି, ତାହା ହେଲା ସେମାନଙ୍କ ଠାରୁ ଅଜ୍ଞାତରେ ବିଚ୍ୟୁତ ହେବାର। ଯେମିତି କି ସେମାନେ ନିଜ ଠାରୁ ଦୂରେଇ ଯାଉଥିବା କଥା ଜାଣି ପାରୁଥିବେ ଅଥଚ ପ୍ରକାଶ କରିବାର ସାହସ କି ବାରଣର ଅଧିକାର ତାହାଙ୍କ ଠାରେ ନଥିବ। ଭାବିବେ ଅଯଥାରେ ତା'ଙ୍କୁ ଦୋଷାରୋପ କଲି ବୋଲି।

ପରଦିନ ସନ୍ଧ୍ୟାରେ ସତ୍ୟ ସାଙ୍ଗ ଜଣକ ସହିତ ନିତ୍ୟକର୍ମ ନିମିତ୍ତ ପୋଖରୀ ଅଭିମୁଖେ ଯାଉଥାଏ। ପଥ ମଧ୍ୟରେ ପଡିଲା ମାଳତିର ପିଉସୀ ଘର। ସେଠାରେ ଉପସ୍ଥିତ ଥିଲେ ମାଳତି ଓ ତା'ର ମାମୁ ଝିଅ ସବିତା। ତା'ର ପିଉସୀ ନିଜ ସମ୍ପର୍କୀୟ ଘରକୁ ଫୋନ କରିବା ପାଇଁ ସତ୍ୟକୁ ଅନୁରୋଧ କଲେ। ସତ୍ୟ ଆଜିଯାଏଁ କାହାରି ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିବାର ଦେଖା ଯାଇନାହିଁ। ପରର ହେବାରେ ନିଜକୁ ସମର୍ପି ଦେଇ କେଉଁ ସୁଖ ପାଏ ସେ ଏକା ଜାଣେ। ଅନ୍ୟକୁ ସହଯୋଗ କରିବା, ଅନ୍ୟର ଦୁଃଖରେ ଦୁଃଖିତ ହେବା, ଅନ୍ୟର ଖୁସିରେ ଖୁସି ହେବା ଏଇ ସ୍ୱଭାବର ଯୁବକଟି। ସତେ ଯେପରି ଅନ୍ୟର ସେବାରେ ସଦା ତତ୍ପର ଥାଏ ସେ। କେବଳ ପଦେ କହିଦେଲେ ହେଲା। ତେଣୁ ସତ୍ୟ

ISSN NO.
2582-208X

ଫୋନ୍ ଦେଇ ବାଉଁଶ ଘେରା ପାଚେରୀରେ ନିଜର ଭାରସାମ୍ୟ ହରାଇ ବକ୍ଷଦେଶେ ହାତରେ ହାତ ଛନ୍ଦି ଠିଆ ହୋଇଥାଏ। ଏହି ସମୟରେ ମାଳତି ସତ୍ୟ ନିକଟକୁ ଆସି ସାହସ ସଞ୍ଚୟ କରି ସରଳ ପ୍ରଶ୍ନଟି କଲା, "ଏମିତି କ'ଣ ହେଲା ଯେ ତୁମେ ଏବେ ଆଉ ମୋ ସହିତ କଥା ହେଉନାହଁ?" ତା'ର ପ୍ରଶ୍ନଟି ଥିଲା ଅତି ସହଜ ଓ ବୋଧଗମ୍ୟ। ସେ କଥା ହେଲେ ସର୍ବଦା ଆଞ୍ଚଳିକ ଭାଷାରେ ଓ ଧୀର କଣ୍ଠରେ କହିଥାଏ। ତେଣୁ ତା'ର ପ୍ରତିଟି ଶବ୍ଦ ଅନ୍ତର ଭିତରୁ ପଞ୍ଚତାନ ଭଳି ବାହାରି ପଡେ। ସତେ ଯେପରି ଫଗୁଣରେ କୋକିଳର ମଧୁର ନାଦ ଫୀକା ପଡିଯିବ। ଦୀର୍ଘ କୋଡିଏଟି ଦିବସ ପରେ ଯେତେବେଳେ ଏଇ ସୁଲଳିତ ସ୍ୱର କର୍ଣ୍ଣଗୋଚର ହେଲା ସତ୍ୟ ଥୟ ଧରି ପାରିଲା ନାହିଁ। ଯେଉଁ ହୃଦୟକୁ ମାଳତିର କଟୁକ୍ତି ପ୍ରଚଣ୍ଡ ରୌଦ୍ରତାପ ଭଳି ବିଦୀର୍ଣ୍ଣ କରି ଦେଇଥିଲା, ସେହି ମାଳତିର ଭାବରେ ବନ୍ଧା ସରଳ ପ୍ରଶ୍ନଟି ଶ୍ରାବଣର ନିରଦ ପରି ଜଳ ପ୍ଲାବିତ କରି ଅନ୍ତରକୁ ପଲ୍ଲବିତ କଲା ଭଳି ଲାଗିଲା। ମରୁ ଉଦ୍ୟାନରେ ପ୍ରସ୍ଫୁଟିତ ହୋଇ ମ୍ଳାନ ପଡିଥିବା କୁସୁମଟି ବାଳଭାନୁର କର ସ୍ପର୍ଶରେ ପୁନର୍ବାର ସତେଜ ହୋଇ ଉଠିଲା ପରି ମନେ ହେଲା। ଏହି ପ୍ରଶ୍ନର ପ୍ରତୀକ୍ଷା ରେ ହିଁ ବିତି ଯାଇଥିଲା କୋଡିଏଟି ରାତ୍ରି। ବହୁବାର ପଚାରିଥିଲା ନିଜକୁ ନିଜେ ଭୁଲ କରିଥିବାର କାରଣ। ପ୍ରତିଜ୍ଞା ବଦ୍ଧ ହୋଇଥିଲା ମାଳତି ସହ ପ୍ରଥମେ ନିଜ ଆଡୁ କଥା ନହେବା ପାଇଁ। ଯାହା ହେଉ ସେ ଆଜି ନିଜ ପ୍ରତିଜ୍ଞାରେ ଭୀଷ୍ମ ଭଳି ବିଜୟ ପ୍ରାପ୍ତ କରିଛି। ହେଲେ ଖୁସି ହୋଇନାହିଁ। କଟାକ୍ଷ ନୟନରେ ଥରେ ସେହି ମାଳତିକୁ ପାଦରୁ ଶିର ଯାଏଁ ଚାହିଁ ଏକ ଅର୍ଥହୀନ ହସଟି ପ୍ରକାଶ କରିଛି ସତ୍ୟ। ଯେଉଁ ହସରେ ମାଳତି ପ୍ରତି ତାତ୍ସଲ୍ୟ କି ଅନୁକମ୍ପା ଥିଲା ତାହା ମାଳତି ବୁଝି ପାରି ନାହିଁ । କେବଳ ଗାମ୍ଭୀର୍ଯ୍ୟ ହୋଇ ଭୟାତୁର ନୟନରେ ଚାହିଁ ରହିଲା ସତ୍ୟକୁ। ସତ୍ୟ କହିଲା,"ଯେତେବେଳେ ମୋର କଥାବାର୍ତ୍ତା,ଆଚରଣ, ବ୍ୟବହାର ତୁମକୁ ଭଲ ଲାଗେ ନାହିଁ ତା'ହେଲେ ଜାଣିଶୁଣି ମୁଁ କାହିଁକି ତୁମ ସହ କଥାହେବି? କାହିଁକି ଅକାରଣେ ତୁମକୁ ଦୁଃଖ ଦେବି? ତେଣୁ ମୁଁ ଭାବୁଛି ଜଣକୁ ସୁଖ ଦେବାରେ ଯେତେବେଳେ ଅସାମର୍ଥ୍ୟ ତେବେ କେଉଁ କାରଣରୁ ତା'ର ସୁଖକୁ ଛଡେଇ ନେବି? ଜଣ ପ୍ରତି ମୋର ଯଦି କୌଣସି କର୍ତ୍ତବ୍ୟ ସମ୍ପାଦନ ନହୁଏ ତେବେ ତା'ପ୍ରତି ଅଧିକାର ସାବ୍ୟସ୍ତ କରିବା କ'ଣ ଯଥାର୍ଥ? ଏହି ମର୍ମରେ ମୁଁ ତୁମ ସହ କଥା ହେଉନଥିଲି।"

ସରଳା ମାଳତି କେଉଁ କଥା ପାଇଁ ଏ ପ୍ରକାର ବ୍ୟବହାର ବୋଲି ପଚାରିଥିଲା। ଭାବିଥିଲା ବିଗତ କୋଡିଏ ଦିନ ପରେ ଟେଲର ଦୋକାନରେ ଯେଉଁ ଅଭ୍ୟର୍ଥନା ତା'କୁ ମିଳିଥିଲା ବୋଧେ ସେ ପାଶୋରି ଦେଇଥିବ ଅଥବା ମାଳତିକୁ କ୍ଷମା କରି ଦେଇଥିବ। ସେ ବା କାହିଁ ଜାଣିବ ପିଲାମାନେ ମଧ୍ୟ ଅଭିମାନ କରନ୍ତି ବୋଲି। ସେ ବା କାହିଁ ଭାବିବ ଅନ୍ୟର

ISSN NO.
2582-208X

ଦୁଃଖରେ ଏପରି ଯୁବକମାନେ ମଧ୍ୟ ଦୁଃଖିତ ଯେବେ ବୋଲି। ତେଣୁ ଜ୍ଞାତ ବା ଅଜ୍ଞାତରେ ହେଉଛି ତା'ର ଏହି ସରଳ ପ୍ରଶ୍ନ।

କ୍ରମଶଃ -------

ବୁଦ୍ଧିକୋମନା, ଜିଲ୍ଲା ନୂଆପଡ଼ା

# କବିତା କଳ୍ପଲତା

ନିରଞ୍ଜନ ସାହୁ

ତୁମେ ଆସିଗଲେ କବିତା ଆସଇ
ତୁମେ ଖସିଗଲେ  ଯାଏ
ବୁଝି ମୁଁ ପାରୁନି କବିତା କାହିଁକି
ତୁମକୁ ହିଁ ଭଲପାଏ  ???

ତୁମରି ପ୍ରେମରେ ପଡ଼ିଅଛି ମୁହିଁ
କବିତା ଗଲା କି ଜାଣି
ସେଥିପାଇଁ ବୋଧେ ତାହାରି ମନକୁ
ତୁମ ଆଡେ ନିଏ ଟାଣି
ତୁମ ପ୍ରଶଂସାରେ ଶତମୁଖ ହୋଇ
ସତରେ କବିତା ଗାଏ  ।

ହାତରେ ଯେବେ ମୋ କାଗଜ କଲମ
ମନରେ ଭାବନା ଆସେ

ISSN NO.
2582-208X

ସେହି ଭାବନାରେ ତୁମେ ଆସିଗଲେ
କବିତା ମହକି ବାସେ
କବିତା ପଦର ପ୍ରତିଟି ଶବ୍ଦରେ
ତୁମରି ସ୍ମୃତି ହିଁ ଥାଏ ।

ନିହଲପ୍ରସାଦ,
ଗନ୍ଧିଆପାଟଣା, ଢେଙ୍କାନାଳ

# ବନ୍ୟା ପାଣି ପରା ପଇଚି



ବିଷ୍ଣୁପ୍ରିୟା ଦାସ

ମୋ ଗାଁରେ ପଇଚ ବନ୍ୟା ପାଣି ଲୋ
· ଛାତିରେ ଛାନକା ପଶୁଚ
ଆଶ୍ରୟ ସ୍ଥଳୀ କରିଲେ ସରକାର
· ନଇ ବନ୍ଧ ଦେଖି ହସୁଚ

ଘରେ ପଶି ଅଛି ଆଣ୍ଠିଏ ପାଣି ଲୋ
· ଇଲେକ୍ଟ୍ର କଅଟି ଯାଇଚ
ସକାଳରୁ ରାତି ମିଡ଼ିଆ ଭାଇନା
· ଗର୍ଜନ କରିକ ଭାସୁଛି

ରିଲିପି କଥାଟା କହିବା ବେଳକୁ
· ଭୋକ ବଢ଼ି ବଢ଼ି ଯାଉଛି
ରାଜ୍ୟ ସରକାର ପାଲ ଦେଉଛନ୍ତ

ପାଠ ବହି ସବୁ ପାଣି ପିଇ କରି
· ଗର୍ଭ ବତୀ ଯାହା ହେଇଚ
ବିଦୂଷକ ପନ୍ତ ପାଇ ସରକାର
· ମାଛ ଗୁଷ ନଷ୍ଟଭି ନେଉଚ

ଏଇ ଘାଟରେ କୁମ୍ଭୀର ଜଗିଛି
· ପାଞ୍ଚ ବରଷକୁ ଅନେଇ ଥାଅରେ
ମଦକୁ ମାଉଁସ ଆଉଚ.....

ISSN NO.
2582-208X

· ଚୁଡା, ମୁଢି ମନ ଘୁହୁଁଚ

ସେଠି କେନ୍ଦ୍ରରୁ ଘୋଷଣା ହେଇଚ
· ଜି, ଏସ, ଟି, କଣ ଲ୍‌ଗିଚ
ଗରିବ ମାଇପ ଚୁଡ଼ି ଭଙ୍ଗି ଗ୍ରଣ୍ଡ
· ଗିରସ୍ତ ହୁକୁମୁ ନଉଚ

ହୀର୍‌ପୁର, ଭୁବନେଶ୍ୱର
ଜିଲ୍ଲା: ଖୋର୍ଦ୍ଧା

# ଅଶରଣ ଜନଶରଣ ରକ୍ଷଣ

ଲକ୍ଷ୍ମୀପ୍ରିୟା ବିଶ୍ୱାଳ (ପୂଜା)

ଅଶରଣ ଜନ ଶରଣ ରକ୍ଷଣ ଦୀନବାନ୍ଧବ ମୁରାରୀ ।
ଅସୀତ ପଙ୍କଜ ମୁଖ ଭକ୍ତ ସୁଖ ନରହରି ଦିଇତାରୀ ।୧।
ଅଗତି ଗତି ଦାୟକ ପଙ୍କଜାକ୍ଷ କଳ୍ପତରୁ ମଧୁହାରୀ ।
ଅତ୍ରାହୀ ଭଞ୍ଜନ ଦେବ ଭଗବାନ ସଦା ଭକ୍ତହୀତକାରୀ ।୨।
ଅରୂପ ସରୂପ ସେ ଜଗତ ବାପ ଶଙ୍ଖ ଚକ୍ର ଗଦାଧାରୀ ।
ଅଗୁରୁ ଚନ୍ଦନ ଲେପା ଅପଘନ ନୀଳମାଧବ ଶ୍ରୀହରି ।୩।
ଅଶୁଭ ହାରକ ସେ ବିଶ୍ୱ ନାୟକ ନାରାୟଣ ଦନୁଜାରୀ ।
ଅର୍ଥ ଧର୍ମ କାମ ମୋକ୍ଷ ପ୍ରଦାୟକ କମ୍ଭୁ କଟକ ବିହାରୀ ।୪।
ଅକର୍ମା କର୍ମ ଦାୟକ କଳାମୁଖ କୃଷ୍ଣ ବ୍ରଜ ସୁଖଶିରୀ ।
ଅପୂର୍ବ ଯା ରୂପ ହରେ ସର୍ବ ପାପ ସୃଜନ ଯା ବନଗିରି ।୫।
ଅରାତି ଧ୍ୱଂସନ ପ୍ରଭୁ ଭଗବାନ ହରି ବକାରୀ କଂସାରୀ ।
ଅଲକତା ଧର ଦେବ ଶ୍ରୀୟାବର କ୍ଷେତ୍ରବର ଅଧିକାରୀ ।୬।
ଅରୁଣ ତରୁଣ କାନ୍ତି ଯଦୁପତି ଶ୍ରୀରାଧା ଯା ମନୋହାରୀ ।
ଅନୁପମ ବେଶ ହରି ଜଗଦୀଶ ଶୁଣେ ସଭିଙ୍କ ଗୁହାରୀ ।୭।
ଅସୁର ନିକନ୍ଦନ ଜଗବନ୍ଦନ ମୋହନ ମୂରଲୀ ଧାରୀ ।
ଅନନ୍ତ ଅଙ୍କ ବିହାରୀ ଦାନବାରୀ କରେ ଭବସିନ୍ଧୁ ପାରି ।୮।

ISSN NO.
2582-208X

ଅସାର ଅଟଇ ସଂସାର ସାଗର ଶ୍ରୀଧର ଅଟେ ନାଉରୀ ।
ଅଖିଳ ଖିଳ ଜଗତ ଅଧିପତି ଶ୍ରୀପତି ବନବିହାରୀ ।୯।
ଅପରୂପ ବେଶ ହରି ହୃଷୀକେଶ ପ୍ରିୟା ଯାର ରାଧାଗୋରୀ ।
ଅକ୍ଷୟ ଅବ୍ୟୟ କୃଷ୍ଣ ଦୟାମୟ ଭବ ସାଗରକୁ ତରୀ ।୧୦।

ମହୁ, ଆଳ, କେନ୍ଦ୍ରାପଡା

# ଓଡିଆ କ୍ଷୁଦ୍ର ଗଳ୍ପ ର ସୃଷ୍ଟି ଓ ଏହାର ପ୍ରଗତି



ପ୍ରତାପ ଚନ୍ଦ୍ର ସାହୁ

କୌଣସି କଥା, କାହାଣୀ ବା ଗଳ୍ପ ଅବଲମ୍ବନ ରେ ଯେଉଁ ଗଦ୍ୟ ରଚନା ଦୃଷ୍ଟିଗୋଚର ହୁଏ ତାହା ହିଁ କଥା ସାହିତ୍ୟ ନାମରେ ପରିଚତ। କଥା ସାହିତ୍ୟ ପ୍ରତି ଆସକ୍ତ ମନୁଷ୍ୟ ର ଏକ ସହଜାତ ପ୍ରକୃତି। ବୈଦିକ ଯୁଗରୁ ମନୁଷ୍ୟ ଏହା ପ୍ରତି ପ୍ରକାଶ କରି ଆସିଛି, ଗଭୀର ଅନୁରାଗ। ପରେ ଉପନଷଦ ଓ ବ୍ରାହ୍ମଣ୍ୟ ଗ୍ରନ୍ଥ ରେ ଦାର୍ଶନକ ବିସମ୍ବାଦ ପାଙ୍କି ଆଖ୍ୟାନ ର ସାହାଯ୍ୟ ନଆଯାଇଛି। ସେମାନଙ୍କ ମଧ୍ଯରୁ "ଉର୍ବଶୀ" ଓ "ଗୁରୁ ପୂଜା " କାହାଣୀ ଉଲ୍ଲେଖ୍ୟ ଯୋଗ୍ୟ । ବୌଧ ଯୁଗ ରେ ଜାତକ ଗଳ୍ପ ରେ କାହାଣୀ ରୂପାୟ୍ଯୀତ ହୋଇଛି, ୪ର୍ଥ ଓ ୫ମ ଶତାବ୍ଦୀ ରେ 'ପଚଂ ତନ୍ତ୍ର' ଓ ମହାଭାରତ, 'ହିତୋପଦେଶ' ଏହି ସାହିତ୍ୟ ର ରଙ୍ଗ ସୃଷ୍ଟି କରିଛି । ପଶ୍ଚାତ ବିକ୍ରମା ପ୍ରଥମ ଶତାବ୍ଦୀ ରେ ସର୍ବପ୍ରଥମ କଥା ସାହିତ୍ୟିକ  ତାଙ୍କ ପରେ ଆନ୍ଧ୍ର ସାହିତ୍ୟପ୍ରେମୀ ରାଜା ସାତବାହାନ କଥା ସଂଗ୍ରହ ପ୍ରଣୟନ କରିଥିଲେ। କ୍ରମେ 'ବୃହତ କଥା ମଜଂରୀ', 'କଥାସରିତ ସାଗର,' 'ବେତାଳ ପଚଂ ବଶତି', 'ସିଂହାସନ ଦ୍ଵାବଶିଂକା', 'ସିଂହାସନ ଦ୍ଵାତ୍ରୀଂଶ', 'ଶୁକ ସପ୍ତତି' ଇତ୍ୟାଦି ବହୁ ଆଖ୍ୟାନ ସମ୍ବନ୍ଧ ରେ ଗ୍ରନ୍ଥ ଲିଖିତ ହୋଇଥିଲା। "ଦଶ କୁମାର ଚରିତ" ମଧ୍ଯ ରଚତ ହୋଇଥିଲା। ବାଇବେଲ୍ ଓ ସଂସ୍କୃତ ରାମାୟଣ, ମହାଭାରତ ପ୍ରଭୃତି ଗ୍ରନ୍ଥ ଅସଂଖ୍ୟ ଗଳ୍ପ ଓ ଉପଖ୍ୟାନ ର ଭଣ୍ଡାର କହିଲେ ଚଳେ। ପରେ ଯବନ ମାନଙ୍କ ଆଗମନ କଥା ସାହିତ୍ୟ ରେ ଆଣିଲା ତୁମୂଳ ପରିବର୍ତ୍ତନ ।

ISSN NO.
2582-208X

ଆରବୀୟ ଢାଞ୍ଚ ରେ ଭାରତୀୟ କଥା ସାହିତ୍ୟ ହେଲା ରୂପାୟିତ। କୁତ୍ ବୁନ୍ ଙ୍କ 'ମୃଗାବତୀ', 'ସହସ୍ର ଜନନୀ', ମଂଜଝନର 'ମଧୁମାଳନୀ' ଏହାର ଉଦାହରଣ । ଅଲୌକିକତା ଆରୋପ କରାଇ ପଶୁ ପକ୍ଷୀ ମାନଙ୍କୁ କରାଇଲା ଚରିତ୍ରୀଭୂତା। ବିଶ୍ୱ ରେ ପ୍ରାଚୀନ ଗ୍ରୀସ୍, ଆରବ, ପାରସ୍ୟ ପ୍ରଭୃତି ଦେଶ ମାନଙ୍କରେ ବହୁ ଲୋକ କଥା, ବୁଢୀ ମା କାହାଣୀ ପୌରାଣିକ ଓ କାଳ୍ପନିକ କାହାଣୀ ପ୍ରଚଳିତ ଥିଲା। ସେଗୁଡିକ ସଂଗଠନ ହେବା ଫଳରେ ତାହା ପୃଥିବୀ ର ସବୁ ଦେଶର ନର ନାରୀ ଙ୍କୁ ଅମାପ ଆନନ୍ଦ ପ୍ରଦାନ କରୁଛି। ୪୦୦୦ ବର୍ଷ ପୂର୍ବେ ମିଶର ଦେଶର 'ଖପରୀ' କାହାଣୀ ନାମକ ଏକ ପ୍ରକାର କଥା ସାହିତ୍ୟ ର ପ୍ରଚଳନ ଥିଲା। ପେରିସ୍ ର ଓଡିଏସ୍ ଓ ସଦ୍ ବାଦ୍ ଙ୍କ ବିଷୟ ରେ କାହାଣୀ ମାନ ପ୍ରଚଳନ ଥିଲା। ଏଥିରେ ନାବିକ ଓ ଦସ୍ୟୁ ମାନଙ୍କର ସାହସ ଓ ଦୁଷ୍କୃତି ସ୍ଥାନ ପାଇଥିଲା। ଇସଫ୍ ହେରୋଡଟସ୍, ଥିଓକ୍ରାସିସ୍, ଲୁସିଆନ୍ ପ୍ରମୁଖ କଥାକାର ମାନେ ବହୁ ଉପାଖ୍ୟାନ ଲେଖି ଲାଟିନ୍ ଓ ଗ୍ରୀକ୍ କାହାଣୀ ସାହିତ୍ୟ କୁ ସମୃଧ କରିଥିଲେ। ବର୍ଣନା ଓ ଅଲୌକିକତା ଏଥିରେ ପ୍ରମୁଖ ସ୍ଥାନ ପାଇଥିଲା।

ଶିଳ୍ପ ବିପ୍ଳବ ର ଅବ୍ୟବହିତ ପରେ କାହାଣୀ ନେଲା ଭିନ୍ନ ରୂପ। ଐକ୍ୟ ଓ ରୋମାନସ୍ ସହିତ ନାଟକୀୟ ତତ୍ତ୍ୱ ଏଥିରେ ସ୍ଥାନ ପାଇଥିଲା । ରୁଷିଆ ର ଟଲଷ୍ଟୟ, ଗାର୍ଗୀ ପ୍ରମୁଖ ସଂସ୍କାରକ ମାନେ କଷାନ୍ ମଜଦୂର୍ ଙ୍କୁ କେନ୍ଦ୍ରକରି ବହୁ ସଂଖ୍ୟକ କାହାଣୀ ଲେଖିଥିଲେ। ଆମେରିକା ର ହାର୍ଥର୍ ଓ ଏଲାନ୍ ପୋ ଓ ଲଣ୍ଡନ୍ ରବ୍ରାଜି, ମେରଥିଉ୍ ଓ ଷ୍ଟିଫେନ୍ ସନ୍ କଳାତ୍ମକ କାହାଣୀ ଲେଖି ପାଣ୍ଡିତ୍ୟ ପ୍ରଦର୍ଶନ କରିଥିଲେ। ଆମର ସୁପ୍ରାଚୀନ ସଂସ୍କୃତ ସାହିତ୍ୟ ରେ ଗଳ୍ପସୃଷ୍ଟି ସାଧାରଣତ ତିନୋଟି କାରଣ ଯଥା :(୧)ଚତ୍ତ ବିନୋଦନ, (୨)ଅବସର ଯାପନ, (୩) ରାଜ ପୁତ୍ର ମାନଙ୍କୁ ଶିକ୍ଷା ପ୍ରଦାନ ।

ମନୁଷ୍ୟ ର ଅତୃପ୍ତ କାମନା, ବାସନା, କଥା ସାହିତ୍ୟ ସୃଷ୍ଟି କରିଛି । ଏଇ ସବୁ ପ୍ରାଚୀନ କାହାଣୀ କୁ କେହି କେହି ଲଘୁ କଥା ଆଖ୍ୟାୟୀକା କ୍ଷୁଦ୍ର ଗଳ୍ପ ବୋଲି କହିଥାନ୍ତି। କଥା ସାହିତ୍ୟ ଆଜି ଗଦ୍ୟ ସାହିତ୍ୟ ରେ ସର୍ବାଧିକ ଲୋକପ୍ରିୟତା ହାସଲ କରିଛି । ପରିଭାଷା ଦୃଷ୍ଟି ରୁ ଏହା ହେଉଛି ସତ୍ ବସ୍ତୁ, ସତ୍ ସତ୍ତ୍ୱ ଓ ସିଧାନ୍ତ ର ସଂକ୍ଷିପ୍ତ ପରିପ୍ରକାଶ । ଏଚ୍ ଜି ୱେଲସ୍ ଙ୍କ ମତରେ ଏହା ହେଉଛି ଏକ ସାହିତ୍ୟିକ ତ୍ରିଗୁଣ, ଯାହାକୁ ସାହାସ ଓ କଳ୍ପନା ସହକାରେ ଏକ ଘଣ୍ଟା ମଧ୍ୟ ରେ ପଢା ଯାଇଥାଏ। ପ୍ରାଚୀନ କାହାଣୀ ଓ କଥା ସାହିତ୍ୟ ଆଧୁନିକ କ୍ଷୁଦ୍ର ଗଳ୍ପ ମଧ୍ୟରେ ବିପୁଳ ପାର୍ଥକ୍ୟ ପରିଲକ୍ଷିତ ହୁଏ। ପ୍ରାଚୀନ କାହାଣୀ ଗୁଡିକ

ISSN NO.
2582-208X

ସ୍ୱୟଂ ସଂମ୍ପୂର୍ଣ ରଚନା ନଥିଲା ଅଥବା ସ୍ୱତନ୍ତ୍ର ସାହିତ୍ୟ ସୃଷ୍ଟି କରିନ ଥିଲା। କିମ୍ବଦନ୍ତୀ ବା ନୀତି କଥା ଉପରେ ଅଥବା ଏକ ବିରାଟ ରଚନା ର ଅଂଶ ବିଶେଷ ଉପରେ ତାହା ବିଦ୍ୟମାନ ଥିଲା।

ଗଳ୍ପ ରେ ସାଧାରଣତ ବାସ୍ତବିକ ପରିଣତି ବିଷୟ ରେ ସନ୍ଦେହ ଓ ଘଟଣାର ଆକସ୍ମିକ ବିବର୍ତ୍ତନ ଏଇ ତିନୋଟି ଜିନଷ ର ସନ୍ଧାନ କରାଯାଏ। ସାଧାରଣ ବାସ୍ତବ ଘଟଣା କୁ କେନ୍ଦ୍ରକରି ଗଳ୍ପ ରଚତ ହେବା ଉଚତ ଓ ଏହାର ପରିଣତି ସମ୍ପର୍କ ରେ ଲେଖକ ବିସ୍ତୃତ ଟିପ୍ପଣୀ ନ ଦେଇ ପାଠକ ର ଚନ୍ତା ଶକ୍ତ ଉପରେ ଛାଡିଦେବା ଉଚତ । ବର୍ଣନା ର ଚମତ୍କାରିତା ମାଧମ ରେ ନାଟକୀୟ ପ୍ରାରମ୍ଭ ଓ ପରିସମାପ୍ତି ଗଳ୍ପ ର ବୈଶିଷ୍ଟ୍ୟ । ସ୍ଥୁଳତ କହିବାକୁ ଗଲେ (୧)ଖ୍ୟୁଦ୍ର ଗଳ୍ପ ଜୀବନ ର ଖଣ୍ଡିତ ଅଂଶ ର ଚିତ୍ର ପ୍ରଦାନ କରେ, (୨) ଅନାବଶ୍ୟକ ବର୍ଣନା ଓ ଚରିତ୍ର ଏଥିରେ ସର୍ବଦା ବର୍ଜନୀୟ, (୩) ଏହାର ପ୍ରାରମ୍ଭ ଓ ପରିସମାପ୍ତି ନାଟକୀୟ ହେବା ଉଚିତ, (୪) ଏହା ଇଙ୍ଗୀତ ଧର୍ମୀ ସଂକ୍ଷିପ୍ତତା। ଏହା ଅଗ୍ରଗତି ପଥରେ ଏକ ମାତ୍ର ଆଦର୍ଶ।, (୫) ଏହା କୌଣସି ସିଧାନ୍ତ ରେ ପହଚିଂନଥାଏ। ନିଗୁଢ ସତ୍ୟର ବ୍ୟଜଂନା ଦେଇ ଏହାର ପରିପୂର୍ଣତା, (୬) ଏହା ସର୍ବଦା ଏକ ରସ ପରିମାଣ ହେବା ଉଚିତ। କୌଣସି ଅବାନ୍ତର କାହାଣୀ, ରସ ଭଙ୍ଗ କାରୀ ଘଟଣା ସର୍ବଦା ବର୍ଜନୀୟ।, (୭) ଗଳ୍ପ ର ବିଷୟ ବସ୍ତୁ ପ୍ଲଟ୍ କୌଣସି ଚରିତ୍ର ର ଦ୍ୱନ୍ଦ ସଂଘର୍ଷ ଦେଇ ଅଗ୍ରସର ହେବା ଉଚିତ।(୮) ବାଣୀ ଭଙ୍ଗ ଘନ ସାନ୍ନିଧ୍ୟ ହେବା ଉଚତ, ସେଥିପାଇଁ ଶବ୍ଦଚୟ, ଉପମା ବା ଅଳଙ୍କାର ପ୍ରୟୋଗ ପ୍ରତି ସାବଧାନ ହେବା ଉଚତ।

କ୍ଷୁଦ୍ର ଗଳ୍ପ ରୁ ଉପାଦାନ ଦୃଷ୍ଟି ରୁ ୫ ଭାଗ ରେ ବିଭକ୍ତ କରାଯାଏ । (୧) କଥାବସ୍ତୁ, (୨) ଚରିତ୍ର ଚତ୍ରଣ, (୩) ଶୈଳ ଓ ଭାଷା,(୪) ଦେଶ, କାଳ, ପାତ୍ର, ଜ୍ଞାନ,(୫) ଉଦ୍ଦେଶ୍ୟ। କ୍ଷୁଦ୍ର ଗଳ୍ପ ପାଇଁ ଏଇ ୫ ଟି ଉପାଦାନ ପ୍ରଣିଧାନ ଯୋଗ୍ୟ।

କଥାବସ୍ତୁ ---ଉନ୍ନତ ଶକ୍ତଶାଳୀ ଚନ୍ତା ଚେତନା ଉଦ୍ୟୋତକ କଥାବସ୍ତୁ ହିଁ କ୍ଷୁଦ୍ର ଗଳ୍ପ କୁ ଉଜ୍ଜିବିତ କରିଥାଏ। ଏକ ସଂହତି ଓ ତିକ୍ଷଣ କଥା ବସ୍ତୁ କୁ କ୍ଷୁଦ୍ର ଗଳ୍ପ ରେ ଗ୍ରହଣ କରାଯାଏ। ଏଇ ଘଟଣା ପୁଣି ବହୁ ଘଟଣା ସମ୍ପର୍କିତ ନୁହେଁ। ଘଟଣା ର ଏକ ମୁଖ୍ୟନତା ନତାନ୍ତ ଆବଶ୍ୟକ। ଦୀର୍ଘ ଘଟଣା ପରିବର୍ତ୍ତେ ମୂହୁର୍ତ୍ତ ସର୍ବସ୍ୱ ଘଟଣା କୁ କ୍ଷୁଦ୍ର ଗଳ୍ପ ରେ ଉଦ୍ଭାସିତ କରାଯାଏ। ମଧୁର କଥା ବସ୍ତୁ ପାଠକ କୁ ଆକର୍ଷଣ କରିଥାଏ।

ISSN NO.
2582-208X

ଚରିତ୍ର ଚୟନ --- କ୍ଷୁଦ୍ର ଗଳ୍ପ ପାଇଁ ଚରିତ୍ର ମଧ୍ୟ ଅନ୍ୟ ଏକ ଉପାଦାନ। ମାତ୍ର ଏହା କ୍ଷୁଦ୍ର ଗଳ୍ପ ରେ ଏକ ଚୟନ। ବହୁ ସମୟ ରେ କ୍ଷୁଦ୍ର ଗଳ୍ପ ରେ ଚରିତ୍ର ଗଳ୍ପକାର ନିଜେ ମଧ୍ୟ ଦେଇ ସମାଜ ସମ୍ପର୍କିତ ଭାବ କୁ ବିଶ୍ଳେଷଣ କରେ।ଏଭଳି ଗଳ୍ପ ର ବ୍ୟକ୍ତିଗତ ଶୈଳି ଗର୍ଭିତ କୁହାଯାଏ। ଯେଉଁଠାରେ ଅନ୍ୟ ଚରିତ୍ର ମଧ୍ୟରେ ଜୀବନ ର ରହସ୍ୟ ଘନ ଅବସ୍ଥା କୁ ବିଶ୍ଳେଷଣ କରେ, ସେଇ ଶୈଳୀ କୁ ବସ୍ତୁ ନିଷ୍ଠ ଶୈଳୀ କୁହାଯାଏ। ଅନାବଶ୍ୟକ ଚରିତ୍ର କ୍ଷୁଦ୍ର ଗଳ୍ପ ରେ ପ୍ରକାଶପାଏନି। କ୍ଷୁଦ୍ର ଗଳ୍ପ ର ଚରିତ୍ର ତୀକ୍ଷ୍ଣ ଓ ଆତ୍ମସମୀକ୍ଷାନିଷ୍ଠ।

ଶୈଳୀ ଓ ଭାଷା ---- କ୍ଷୁଦ୍ର ଗଳ୍ପ ଏକ ସ୍ୱତନ୍ତ୍ର କଳା । ଏହି ଶୈଳୀ ଉପନ୍ୟାସ ନାଟ୍ୟ କାବ୍ୟ କବିତା ର ଶୈଳୀ ନୁହ। ଅଥଚ ପ୍ରତ୍ୟେକ ଶୈଳୀ ର ସାର ମର୍ମ ହେଉଛି ଏକ ଶୈଳୀ। ୟୁନିଟି ଅଫ୍ ମୋଟିଭ୍, ୟୁନିଟି ଅଫ୍ ପର୍ ପଜ୍, ୟୁନିଟି ଅଫ୍ ଏକ୍ସନ୍, ୟୁନିଟି ଅଫ୍ ଇମ୍ପ୍ରେସନ୍ ହେଉଛି କ୍ଷୁଦ୍ର ଗଳ୍ପ ର ଶୈଳି ର ପ୍ରଧାନ କଥା। ଏହାର ଭାଷା ଇଂରାଜି ଧର୍ମୀ ହେବା ଉଚିତ। ଅନାବଶ୍ୟକ ଭାଷା ପ୍ରୟୋଗ କ୍ଷୁଦ୍ର ଗଳ୍ପ କୁ ଭାରାକ୍ରାନ୍ତ କରେ।

ଦେଶ, ସ୍ଥାନ, କାଳ, ପାତ୍ର ---- କ୍ଷୁଦ୍ର ଗଳ୍ପ ର ଉଦ୍ଦେଶ୍ୟ ହେଉଛି ସମାଜ ସଚେତନତା ସୃଷ୍ଟି କରିବା। ଗାଳ୍ପିକ ତା'ର ଗଳ୍ପ ମାଧ୍ୟମ ରେ ସମାଜ ଓ ଜୀବନ କୁ ବିଶ୍ଳେଷଣ କରେ। ପାଠକ ଏଥିରେ ଆନନ୍ଦ ଲାଭ କରେ ଓ ଅନ୍ତର୍ନିହିତ ସ୍ୱରୂପ କୁ ଉପଲବ୍ଧିକରେ। ଦେଶ ସ୍ଥାନ କାଳ ପାତ୍ର ଜ୍ଞ୍ୟାନ କ୍ଷୁଦ୍ର ଗଳ୍ପ କୁ ମାର୍ଜିତ, ଉନ୍ନତ ଓ ଋଦ୍ଧିମନ୍ତ କରେ।

ଉଦ୍ଦେଶ୍ୟ ---- ଗାଳ୍ପିକ ର ଅନ୍ତର ର ବାଣୀ ,ହୃଦୟ ର ମର୍ମରିତ ବାସ୍ନା ଓ ଗାଳ୍ପ ର ଆଭିମୂଖ୍ୟକୁ କ୍ଷୁଦ୍ର ଗଳ୍ପ ରେ ଖଜିଂ ଦେଇଥାଏ। ମହତ୍ ଉଦ୍ଦେଶ୍ୟ ଓ ଗାଳ୍ପିକ ର ଉଦ୍ଦେଶ୍ୟ କଣ ହେବା ଆବଶ୍ୟକ ତାହା କ୍ଷୁଦ୍ର ଗଳ୍ପ ରେ ପ୍ରଚ୍ଛଦ ଭାବେ ରହିଥାଏ।

ବିଭିନ୍ନ ଦୃଷ୍ଟିଭଙ୍ଗି ଦେଇ କ୍ଷୁଦ୍ର ଗଳ୍ପ ରଚିତ ହୋଇଥାଏ।

ସାମାଜିକ ଗଳ୍ପ ---- ସମାଜ ର ସୁଖ ଦୁଖ, ଅଭାବ ଅସୁବିଧା ସାମାଜିକ ସଂସ୍କାର ଏଥିରେ ବର୍ଣ୍ଣିତ। ଫକିର ମୋହନ ଙ୍କ ରେବତୀ, ଗୁଣ୍ଡୀପୁଅ ଅନନ୍ତା ପେଟେଣ୍ଟ୍ ମେଡିସିନ୍ ଗୋଦାବରୀଶ ମହାପାତ୍ର ଙ୍କ ଏବେ ମଧ୍ୟ ବଚଂଛି, ସଚ୍ଚିରାଉତରାୟ ଙ୍କ ମଶାଣୀ ଫୁଲ ଏଇ ଶ୍ରେଣୀୟ ଅଟେ।

ରାଜନୈତିକ ଗଳ୍ପ ---- ସାମ୍ପ୍ରତିକ ରାଜନୀତି ରେ ଦେଖାଯାଉଥିବା ବହୁ ବୈଚିତ୍ର୍ୟ କୁ ଭିତ୍ତି କରି ଏହା ଲେଖା ଯାଏ। ସୁରେନ୍ଦ୍ର ମହାନ୍ତି ଙ୍କ ଗୃହ ଦାହ ଏଇ ଶ୍ରେଣୀୟ।

ISSN NO.
2582-208X

ଐତିହାସିକ ଗଳ୍ପ ----- ଅତୀତ ର ଇତିହାସ କୁ ଉପଜୀବ୍ୟ କରି ଏଇ ଶ୍ରେଣୀୟ ଗଳ୍ପ ରଚତ। ସୁରେନ୍ଦ୍ର ମହାନ୍ତି ଙ୍କ ପିତା ଓ ପୁତ୍ରୀ, ରାଜ କଶୋର ରାୟ ଙ୍କ କଳଙ୍ଗ ଶିଳ୍ପୀ ଏଇ ଶ୍ରେଣୀୟ।

ଗାର୍ହସ୍ଥ୍ୟ ----- ପାରିବାରିକ ଜୀବନ ର କାହାଣୀ ଅବଲମ୍ବନ ରେ ଏ ଗଳ୍ପ ପର୍ଯ୍ୟବେସିତ। ଗୋପିନାଥ ମହାନ୍ତି ଙ୍କ ଘର, ମହାପାତ୍ର ନୀଳ ମଣି ସାହୁ ଙ୍କ ଅନେକ ଗଳ୍ପ ଏଇ ଶ୍ରେଣୀୟ।

ମନସ୍ତାତ୍ତ୍ୱିକ ଗଳ୍ପ ---- ଜଣଙ୍କର ଅନ୍ତର୍ନିହିତ ମନର ଦ୍ୱନ୍ଦ ସଂଘର୍ଷ ଉଦଘାଟନ କରି ଏଇ ପ୍ରକାର ଗଳ୍ପ ରଚନା କରାଯାଇଥାଏ। ଶାନ୍ତନୁ କୁମାର ଆଚାର୍ଯ୍ୟ ଙ୍କ ଶେଷ ଉତ୍ତର, ମନୋଜ ଦାସ ଙ୍କ ଲକ୍ଷ୍ମୀଙ୍କ ଅଭିସାର, ମଧୁବନ ର ମେୟର, ବିଭୂତି ଭୂଷଣ ତ୍ରିପାଠୀ ଙ୍କ ଥ୍ୟାଙ୍କ୍ ୟୁ, କଶୋରୀ ଚରଣ ଦାସ ଙ୍କ ରୀତି କୁକୁର, ବୀଣାପାଣି ମହାନ୍ତି ଙ୍କ ଫ୍ରୀହଡ୍, ରତ୍ନାକର ଚୈନି ଙ୍କ ଏବଂ ସେଦିନ ବି ସୂର୍ଯ୍ୟ ଉଇଁ ନ ଥିଲା ଏହି ଶ୍ରେଣୀୟ।

ବାସ୍ତବ ନଷ୍ଠ ଗଳ୍ପ ----- ଜୀବନ ର ଏକ ନର୍ଦ୍ଦିଷ୍ଟ କାହାଣୀ ଏଥିରେ ସ୍ଥାନିତ ହୋଇଥାଏ।ଏ ଥିରେ ସତ୍ୟ ର ପରିମାଣ ଅଧିକ। ସୁରେନ୍ଦ୍ର ମହାନ୍ତି ଙ୍କ ଓ କାଲ୍ କାଟା ଏଇ ଶ୍ରେଣୀୟ।

ପ୍ରେମ ମୂଳକ ----- ବିଭିନ୍ନ ଶ୍ରେଣୀ ର ନର ନାରୀ ଙ୍କ ପ୍ରେମ କୁ ଉପଜୀବ୍ୟ କରି ଲିଖିତ ହୋଇଥାଏ। ରବି ପଟନାୟକ ଙ୍କ ରାଗ ତୋଡି, ନମାଇଂ ପଟନାୟକ ଙ୍କ ପ୍ରଜାପତି ଜନ୍ମମ୍, ବିଭୁତି ପଟନାୟକ ଙ୍କ ଈର୍ଷାର ଈଶ୍ୱରୀ ଏଇ ଶ୍ରଣୀୟ ।

ପ୍ରତୀକ ଧର୍ମୀ ----- ଏ ପ୍ରକାର ଗଳ୍ପ ରେ ବ୍ୟବହୃତ ପାତ୍ର ପାତ୍ରୀ ବା ପରିବେଶ ସମ୍ପୂର୍ଣ ଭିନ୍ନ ବ୍ୟଂଜନା ସୃଷ୍ଟି କରନ୍ତି। ପ୍ରକୃତି ଚରିତ୍ର ବା ପରିବେଶ କୁ ନ ବୁଝାଇ ବ୍ୟଂଜନା ରେ ଅନ୍ୟ ଚରିତ୍ର ନଆଯାଏ। ଅଚ୍ୟୁତାନନ୍ଦ ପତି ଙ୍କ ନୃପତୀ ଏଇ ଶ୍ରେଣୀୟ।

ବୈଗ୍ୟାନକ ----- ବୈଗ୍ୟାନକ ତତ୍ତ୍ୱ କୁ ନେଇ ଏଇ ଗଳ୍ପ ରଚତ ହୋଇଥାଏ। ଗୋକୁଳାନନ୍ଦ ମହାପାତ୍ର ଙ୍କ ଉଡନ୍ତା ଥାଳଆ ଏଇ ଶ୍ରେଣୀୟ।

ISSN NO.
2582-208X

ଦାର୍ଶନିକ ----- ଦର୍ଶନ ତତ୍ତ୍ୱ ଆଧାର ରେ ଏହା ରଚିତ ହୋଇଥାଏ। କାଳମଣି ବାବୁ ଙ୍କ ଅନ୍ଧ ଗଳୀ ର ସୂର୍ଯ୍ୟ, ମନ ମତ୍ତ ଦୂହାଳ ଗାଇ ଏଇ ଶ୍ରେଣୀୟ।

ପ୍ରକୃତି ପଟ୍ଟ ଭୂମିକା ସମ୍ବଳିତ ----- ମଣିଷ ଓ ପ୍ରକୃତି ମଧ୍ୟରେ ଥିବା ସମ୍ବେଦନଶୀଳତା କୁ ନେଇ ଏହା ରଚିତ ହୋଇଥାଏ। ମନୋଜ ଦାସ ଙ୍କ ସମୁଦ୍ରର କ୍ଷୁଦା ଏଇ ଶ୍ରେଣୀୟ ।

ହାସ୍ୟ ରସାତ୍ମକ ----- ହାସ୍ୟ ରସ ପରିବେଷଣ କରିବା ଏଇ ଗଳ୍ପ ର ଉଦ୍ଦେଶ୍ୟ। ଫତୁରାନନ୍ଦ ଙ୍କ ମଙ୍ଗଳ ବାରିଆ ସାହିତ୍ୟ ସଂସଦ, ବିଜୁଳି ସାହେବ ଙ୍କ ବାହାଘର, ଚୌଧୁରୀ ହେମକାନ୍ତ ମିଶ୍ର ଙ୍କ ଛୁରୀ, ରଙ୍ଗ ନାଦ ଙ୍କ ଡ୍ରାଇଭିଙ୍ଗ୍ ଶିକ୍ଷା ଏଇ ଶ୍ରେଣୀୟ।

ମନୁଷ୍ୟୋତ୍ତର ------ ପଶୁ ପକ୍ଷୀ ଙ୍କୁ ଗଳ୍ପ ର ଚରିତ୍ର ଭାବେ ନେଇ ଗଳ୍ପ ରଚନା କରାଯାଇଥାଏ। କାଳନ୍ଦୀ ଚରଣ ପାଣିଗ୍ରାହୀ ଙ୍କ ମାଂସ ର ବିଳାପ ଏଇ ଶ୍ରେଣୀୟ ।

ଉଦ୍ ଭଟ୍ -----ଅବାସ୍ତବ ଶ୍ରେଣୀୟ। ମନୋଜ ଦାସ ଙ୍କ ଭୂତୁଣୀ ଏକ ବିଦାୟ ଓ ବ୍ରହ୍ମାନନ୍ଦ ପଣ୍ଡା ଙ୍କ ବଂଶ ଓ ବନାସି।

ଅତି ପ୍ରାକୃତିକ ----- ଅଲୌକିକ ରହସ୍ୟ କୁ ନେଇ ଏ ପ୍ରକାର ଗପ ରଚନା କରାଯାଏ। ରବିନ୍ଦ୍ର ନାଥ ଙ୍କ କ୍ଷୁଧପୋଷଣ, ମନୋଜ ଦାସ ଙ୍କ କୁମ୍ଭିରାଣି ଏଇ ଶ୍ରେଣୀୟ।

ବିଦେଶୀ ପଟ୍ଟଭୂମି ଯୁକ୍ତ ------ ବିଦେଶୀ ପରିବେଶ ଉପରେ ଆଧାରିତ। କୃଷ୍ଣ ପ୍ରସାଦ ମିଶ୍ର ଙ୍କ ଟ୍ରୋଜାଡ୍ ଅଶ୍ୱ ।

ଡିଟେକଟିଭ୍ ----- ହତ୍ୟା, ବିଭିଷିକା ଓ ଅନୁସନ୍ଧାନ ଉପରେ ଆଧାରିତ। କସ୍ତୁରୀ ଚରଣ ଦାସ ଓ ଭୂପେନ୍ ଗୋସ୍ୱାମୀ ଙ୍କ ଗଳ୍ପ ଏଇ ଶ୍ରେଣୀୟ।

ପୌରାଣିକ ----- ପୁରାଣ କଥାବସ୍ତୁ କୁ ନେଇ ପ୍ରସ୍ତୁତ। ସୁରେନ୍ଦ୍ର ମହାନ୍ତ ଶତପଥି ଙ୍କ କ୍ରନ୍ଦସି ପାଷାଣ ଓ ଅସିତ କବିଙ୍କ ଭକ୍ତର ବିଳାପ ଏଇ ଶ୍ରେଣୀୟ ।

ଆଧୁନିକ ଜଗତରେ ଗଳ୍ପ ର ଉପାଦାନ ଯେପରି ଭିନ୍ନ ଭିନ୍ନ, ଗାଳ୍ପିକ ଙ୍କର ମାନସିକତା ସେପରି ଜଟିଳ ଆଉ ବିକ୍ଷିପ୍ତ।

ISSN NO.
2582-208X

ନବରଙ୍ଗପୁର
୯୪୩୭୭୮୮୮୭୦

# କଳଙ୍କିତା ନାୟିକା

ଯଶୋଶ୍ରୀ ବେହେରା

ସେ ମୋତେ ଦେଖିଲା,
ତାର ବଡ଼ ନଖ ଥିବା ହାତରେ
ମୋ ଆଡକୁ ଇସାରା କରି
ନିଜ ପାଖକୁ ଡାକିଲା।
ମୁଁ ଠିକ ଧାଇଁ ଗଲି
ମାୟା ମିରିଗ ମୋହ ରେ
ପଡିଥିବା ରାମଚନ୍ଦ୍ର ସାଜି ।
ଅଳ୍ପ ସମୟ ଭିତରେ ରେ
ମୋ ଦେହ ରେ ଖେଦି ଗଲା
ତାର ପରିଣାମ ।
ମୋ ଅବହେଳା ର,
ତା ଚରମ ସ୍ୱାର୍ଥ ର,
ମୋ ଅବମାନନା ର,
ତା ଅହେତୁକ ପୈଶାଚିକ ପ୍ରବୃତ୍ତି ର ଫଳ,
ଭେଦି ହୋଇଗଲା
ମୋ ପାଞ୍ଚ ମନ ପଚିଶ ପ୍ରକୃତି।

ISSN NO.
2582-208X

ମାଜିଲି ନିଜକୁ,
ସେଇ ପିତାତରଡା ର ରୁକ୍ଷ ଶରୀର ରେ,
ସେଇ ତୁଠ ଉପରେ ପଡ଼ିଥିବା
ପ୍ରତି ପଥର ର ଛୋଟ କଣିକା ରେ
ଓଃ ! ବିବଶ ହୋଇ ଫିଙ୍ଗି ଦେଲି
ମୋ ଆଖି ରେ ଅବିଶ୍ବାସ ର ଲୁହ ।
ବାର ବାର ଆଖି ରେ ନାଚୁଥାଏ
ସେଇ ତାର ନଖ ପଜେଇବା ର ଦୃଶ୍ୟ,
ମୋତେ ଦେଖି ନିଜ ଲେଲିହାନ ଜିଭରେ,
ବାର ବାର ନିଜ ପାଟି କୁ ଚାଟି ଦେଇ,
ସେ ଚାହୁଁଥିଲା ଏକ ଅଦ୍ଭୁତ ନଜରରେ
ବିତିଗଲା କେତେ ବର୍ଷ ପରେ ବର୍ଷ
ହେଲେ ଲିଭିଲାନି ସେ ଦେଇଥିବା ଦାଗ।
ମୋ ଅଣ୍ଟା ତଳକୁ ଥିବା ଠିକ ସେଇ କଳାଯାଇ ର
ସାରା ଅବୟବ ଉପରେ ତା ଦାନ୍ତର ସେଇ ଦାଗ
ଠିକ ତାର ସେଇ ଲାଲ ଆଖି ର ଭୟ
ମୋ ମନ ରେ ଭରି ଦିଏନି କୁମାରୀ ମନ ର ଭାବ କୁ।
ବାର ବାର ମୁଁ ଫେରି ଚାହେଁ
କାଳେ ସେ କେଉଁଠି ମୋତେ ଦେଖୁନି ତ ?
ତା ଭୟ ରେ ପ୍ରେମିକ ର ପ୍ରେମ କଥା ବି
ମୋତେ ଲାଗେ କାମନା ର ନିଆଁଲଗା କଥା
ତାର ସେ ମଧୁର ଆଲିଙ୍ଗନ ବି
ମୋ ଦେହେ ଭରି ଦିଏ ଅବିଶ୍ବାସ ର ବହ୍ନି ।
ତାର ସେ ପରଶ ରେ ମୁଁ ଖୁସି ହୁଏ ନା ,
ତାର ସେଇ ତତଲା ନିଶ୍ବାସ ରେ ମୁଁ ଭିଜି ପାରେ ନା,
ତାର ସେ ପ୍ରେମ ଭରା ଆଖି ରେ ବି
ମୋତେ ଲାଗେ କେଉଁଠି ନା କେଉଁଠି,

ISSN NO.
2582-208X

ସେ ଲୁଚି ରହିଛି ।
ଏବେ ମୋ ଆଗକୁ ଆସିଯିବ,
ମୋ ସାରା ଶରୀର ରେ ଗୁଡେଇ ହୋଇଯିବ

ଠିକ ନିର୍ମୁଳୀ ଲତା ପରି,
ମୁଁ ଠିକ ସାଜି ଯିବି ସେଇ ସାହାରା ଗଛ ।
ଯାହା ଜୀବନ ଚୋରେଇ ସିଏ ହେବ ପରିପୃଷ୍ଟ ।
ସେ ଠିକ ସାଜି ଯିବ ସେଇ
ବିଜ୍ଞାନ ବହି ରେ ପଢିଥିବା ମହାମାରୀ ପରି,
ବାର ବାର ସେ ଦେଇ ଚାଲିଥିବ
ମୋ ମନ କୁ ଗଭୀର କ୍ଷତ ।
ମୁଁ କାନ୍ଦିବି,
ତା ଆଗରେ ହାତ ଯୋଡିବି,
ବୋଉ ନୂଆ କିଣିଥିବା ରୁପା ପାଉଁଜି କୁ,
ଭୂଇଁ ରେ ଧମଧମ କରି ପିଟିବି ।
ତାର ସେଇ ମୀନା କାମ ର କଡୀଆ
ମୋ ପାଦ ରେ ଫୁଟି ରକ୍ତ ନ ଝରିବା ଯାଏଁ,
ସେ ମୋତେ ନିଜ ବାହୁ ବେଷ୍ଟିନୀ ରୁ
କରିବ ନାହିଁ ମୁକ୍ତ ।
ତାର ସେଇ ଡେନଭୀର ପରଫ୍ୟୁମ ସାଥେ,
ତା ଶରୀର ର ଝାଳ ର ବାସ୍ନା ରେ
ଅତିଷ୍ଠ ହୋଇ ଆଖି ମୁଦିଲା ବେଳେ,
ନିଜକୁ ପାଏ ମୁଁ ଏକ ଅନ୍ଧାର ଘରେ ।
ମୋ କାନ୍ଦ କାହାକୁ ଶୁଣା ଯାଏ ନା
କଟକ ର ବାଦାମବାଡି ବସଷ୍ଟାଣ୍ଡ ରେ

ISSN NO.
2582-208X

ବୁଲୁଥିବା ସେଇ ପାଗଳ ଭିକାରି ର
ଆକୁଳ କ୍ରନ୍ଦନ ପରି ମୋ କାନ୍ଦ ବି
ମିଳେଇ ଯାଏ ଶୂନ୍ୟ ରେ ବିନା ଶବ୍ଦ କରି ।
ବେଶୀ ପାଟି କଲେ ସେ ଭିଡି ଧରେ ମୋ ଜୁଡା,
ପ୍ରେମିକ ଆଣି ଦେଇଥିବା ମଲ୍ଲୀଫୁଲ ର
ସେ ଗଜରା ଟା ପଡିଥାଏ ଅବ୍ୟବହୃତ ପରି,
ସତେ ଯେମିତି ମୋତେ ଖତେଇ ହୋଇ
ସେମାନେ କହୁଛନ୍ତି,
ଆମକୁ ଯେମିତି ତୋଳି ଆଣି ଭୁଲ କରିଛୁ,
ଏଇଟା ସେ କର୍ମ ର ଦଣ୍ଡ ।
ଆମ ମଉଳା ପାଖୁଡା ପରି
ତୁ ବି ମଉଳି ଯିବୁ ଏଇ ଆତତାୟୀ ପାଖରେ,
ତୋ ଶରୀର ରେ ଥିବା ସେଇ ଶେଷ ରକ୍ତ କଣିକା,
ଯେଉଁ ଯାଏଁ ହାରି ଯାଇ ନ କାନ୍ଦିଥିବ,
ସେ ଯାଏଁ ତୁ ହେବୁ ଅତ୍ୟାଚାରିତା ।
ପାରେନା ମୁକୁଳି ମୁଁ ତା ଶକ୍ତ ବଳୟ ରୁ,
ବାର ବାର ମୋ ନାରୀତ୍ୱ ହୁଏ ଅପମାନିତ।
ଚିତ୍ରୋତ୍ପଳା ର ନାଁ ନେଇ,
ମୁଁ କଳୁଷେ ପୂରିତ କେତେ ।
ତାର ସେ ଗମ୍ଭୀର ପୌରୁଷତ୍ୱ ଭେଦି ଯାଏ,
ଯେବେ ମୋ ପ୍ରତି ଟି ଦେହ ରେ,
ଘୃଣା ବୁଜି ହୋଇଯାଏ ଆଖି ଯୋଡିକ,
ତା ଚେହେରା ନ ଦେଖିବା ଲାଗି ।
କେଜାଣି ସେ କେଉଁ ଭାଷା କହେ ?
ମୋ ମଥା ରେ ପଶେ ନା।
ହୁଏତ କେଉଁ ପଶୁ ର ଭାଷା ହୋଇଥିବ ?

ISSN NO.
2582-208X

କେବେ ଲାଗେ ନା, ପଶୁ ହେଲେ ବି  ବିବେକ ଅଛି,
ଏ ଭଳି ପିଶାଚକୁ ପଶୁ ସହ ତୁଳନା କଲେ
ପଶୁ ର ଅବମାନନା ହେବ।
ମୁଁ ଚାହେଁ ତା ହାତ ଛଡେଇ ଉଡି ଯିବାକୁ,
ଫେରି ଯିବାକୁ ମୋ ପ୍ରେମିକ ପାଖକୁ,
ହେଲେ ତା ଲୁହା ପରି ଶକ୍ତ ହାଡ଼ ପଞ୍ଜୁରୀ ରେ,
ସେ ବାର ବାର ମୋତେ ମାରେ,
ମୋ ଭିତରେ ଥିବା ଆତ୍ମା କୁ ପଚାଶ ଖଣ୍ଡ କରେ ।
ବାଣ୍ଟି ଦିଏ ପ୍ରତି ଟି ଭାଗ କୁ ନିଜ ଭିତରେ ।
ପଡି ରହେ ମୋ ଆଶା ସେଇ
ଅନ୍ଧାରି ମୁଲକ ର କେଉଁ କଣ ରେ।
ଅଜଣା ମୋତେ କେବେ ମୁଁ ଭେଦିବି ଏ ଜଞ୍ଜିରକୁ,
ମୁକୁଳିବି ତାର ସବୁ ଭେଦ କୁ,
ଶେଷ ମାତ୍ର ଯେବେ ମୋ ଆତ୍ମା ମୁକ୍ତ ହେବ,
କି ସମାଜ ମୋତେ ଗ୍ରହଣ କରିବ  ?
ତା ପାପ ନଜର ଠୁ ଆହୁରି
ପାପୀ ଏ ସମାଜ ର ନଜର।
ବଳାତ୍କାର ପୀଡିତା ମୁଁ
କାଳେ କାଳେ ନିରବିଛି ଆକୁଳ ସ୍ୱର !
ଚାଲିବ ପୁଣି ସେଇ ଶସ୍ତା ରାଜନୀତି,
ମୋ ଚରିତ୍ର କୁ ନେଇ ବାର ବାର,
କିଏ କହିବ ପିନ୍ଧିଥିଲି ମୁଁ
କାମୋଦ୍ଦୀପକ ସର୍ଟ ସ୍କର୍ଟ,
ଏଥିପାଇଁ ମୁଁ ବଳାତ୍କାର ଯୋଗ୍ୟ,
କିଏ କହିବ ଡେରି ରାତି ଯାଏଁ
ବାହାରେ ଥିଲି ମୁଁ ପୁରୁଷ ବନ୍ଧୁ ର ବାହୁ ରେ,

ISSN NO.
2582-208X

ନିଜ ନାରୀତ୍ୱ କୁ ଖିନଭିନ କରି ।
କିଏ କହିବ ଯେ ତାଙ୍କୁ
ନା ଜାଣିଥିଲି ମୁଁ ପିଲାଦିନେ
ସେଇ ପୋଷାକ ର ଭେଦ ?
ଅନୁଢା ଶରୀରେ କି
ଦେଖିଥିଲା ସେ ବ୍ୟାଧ ?
ଆଧୁନିକତା ଦ୍ୱାହି ଦେଇ କେତେ
କହିବେ ମୋ କାନ ରେ,
ଏସବୁ ଆଜିକାଲି କମନ ବେବି,
ଧୁଆ ତୁଳସୀ ହୋଇ କି ଫାଇଦା ?
ବଞ୍ଚିଛ ତ ଉପଭୋଗ କର ନିଜ ଜୀବନ କୁ ।
ଶରୀର ସାଥେ ସାଥେ
ମୋ ଆତ୍ମା ର ବି ହେବ ବଳାତ୍କାର।
ଦାଣ୍ଡ ରେ ଯାଉଥିବା ବେଳେ
ଲକ୍ଷେ ଲୋକ ଙ୍କ ଘୃଣ୍ୟ ନଜର,
ମୋ ଆଖ ପାଖ କୁ ରୁନ୍ଧି ଦେଉଥିବ
ସଭିଙ୍କ ନଜର ରେ ମୁଁ ଆଉ ମୋ ଚରିତ୍ର,
ହେବି ମୁଁ ଭୁଲୁଣ୍ଠିତା ।
ବାର ବାର ହେବି ମୁଁ ଅସତୀ ।
କେହି କହିବ ଏ ଅତୀତ ଘଟଣା ସବୁ
ଲୋକପ୍ରିୟତା ର ସିଢ଼ି ?
କେ କହିବ ଏତେ ବର୍ଷ କାହିଁ ଲୁଚେଇ
ରଖିଥିଲି ମୁଁ ସାଇତି !
କିଏ ଜାଣେ ଏସବୁ ଅପବାଦ ପରେ
ଛାଡି ଯିବ ନାହିଁ ସେଇ ପ୍ରେମିକ ?
ଯାହା ପାଇଁ ମୁଁ ଫେରି ଆସିଥିବି ସେଇ

ISSN NO.
2582-208X

ବନ୍ଧା ଶୃଙ୍ଖଳ କୁ ଭାଙ୍ଗି ଦେଇ ।
ଅସଂଖ୍ୟ ଚର୍ଚ୍ଚା ହେବ ମୋ ନାଁ କୁ ନେଇ,
ଚାଲିବ ଲକ୍ଷେ ମୋର୍ଚା ମୋ ସମର୍ଥନ ପାଇଁ ।
କେହି ଜାଣି ନଥିବା ଲୋକ ବି ବୁଲିବ
ମୋତେ ନ୍ୟାୟ ମିଳୁ ର ନାରା ବଜେଇ ।
ହେଲେ କେହି ପଚାରିବେ ନାହିଁ
କଣ ଚାହେଁ ମୁଁ ?
ଶୀତ ଦିନିଆ ପଙ୍ଖା ପରି
ମୋ ମତାମତ ହୋଇଯିବ ଅକାମୀ ।
ଗୋଟିଏ ସପକ୍ଷ ବିଚାର ରେ ଖୁସି ହେବେ
ମୋ ନାଁ ନେଇ ସମର୍ଥନ କରିଥିବା ଲୋକ ।
ହେଲେ ମୋ ଚିତ୍କାର ହୋଇଯିବ ଅଣଶୁଣା ।
ନ୍ୟାୟ ପାଇଛି ବୋଲି ସଭିଏଁ ମନେଇବେ ଉତ୍ସବ
ହେଲେ କେହି ଜାଣିବାକୁ ଚାହିଁବେନି
କଣ ହେଉଛି ମୋ ସହିତ ।
ଫେରେଇ କେ ଦେବ ମୋ
ସେ ନିର୍ଭୟ ଶୈଶବ ?
ସେ ଚପଳତା ଭରା ମନ
ପୁଣି ମୋ ନିଚ୍ଛକ ଭାବ ?
ଫେରି କି ପାରିବି ମୁଁ
ମୋ ସେଇ ପିଲାଦିନ କୁ ?
ଭୟମୁକ୍ତ ହୋଇ କି ଚାଲି ପାରିବି,
ପୁଣି ଥରେ ଦେଇ ସେଇ ରାସ୍ତା କୁ ?
କିଏ ଜାଣେ ମୋତେ ପୁଣି କେହି
କରିବ ନିଜ ଶିକାର ?
ପାଟି କଲେ କହିବ

ISSN NO.
2582-208X

ନୁହେଁ ତୁ ସତୀ ପୁନର୍ବାର ?
ବାର ବାର ହରେଇବି ମୋ ନିଜତ୍ୱ
ସଭିଙ୍କ ଆଖିରେ ସାଜି କଳଙ୍କିତା।
ମୁକୁଳି ଯିବି ସିନା ଗୋଟେ ପାପୀ ନଜର ରୁ
ଅସଂଖ୍ୟ ନଜର ବୁଲି ଚାହିଁବ
ବାର ବାର ମୋ ଯୌବନ କୁ ।
ଥରେ ନୁହେଁ ହାରିବି ମୁଁ ମୋ ନିଜ ପାଖରୁ,
ବାର ବାର କାନ୍ଦିବି ମୁଁ ଅସହାୟ ସାଜି
ସମବେଦନା କି ହେବ ମୋର ?
କିଏ କହିବ ଏ ଲୋକ ଙ୍କୁ ?
ଭୁଲିଯିବେ ଲୋକ ସମୟ ସ୍ରୋତ ରେ,
ହୋଇଯିବି କେଉଁ ଅପଢା କାବ୍ୟ ର
ଏକ ପସୋରା ପୃଷ୍ଠା ।
ତା କାମନା ମୋତେ ଗଢି ତୋଳିଛି
ବିନା ଦୋଷ ର ଅପରାଧିନୀ ପରି,
କିଏ ବା ଆପଣେଇବ
ଏଇ ନାରୀ କୁ ନିଜ କୂଳବଧୂ କରି ?
ବିନା ଦୋଷ ରେ ବି ଦଣ୍ଡ ମୋର,
ଇଜ୍ଜତ ତଳେ ପଡିଛି ବି ମୋର ।
ତା କାମନା ମୋ ମନେ ଭରିଛି
ପୁରୁଷ ଜାତି ପ୍ରତି କ୍ରୋଧ ଅସମ୍ଭବ
କି ମୁଁ ତାକୁ ପାସୋରି ପାରିବି
ଏ ଜନ୍ମ ରେ ଭୁଲି ସର୍ବ ?
କି ଭୁଲି ପାରିବି ମୁଁ ସେସବୁ କୁ
ମୃତ୍ୟୁ ଆଗରୁ ନା ଲିଭିବ କଳଙ୍କ
ନା ହେବ ଅନ୍ତ ଏକ କାହାଣୀ ର।
ମୃତ୍ୟୁ ଏକା କାମ୍ୟ ମୋର

ISSN NO.
2582-208X


ମୁକୁଳିବ ଏଇ ବେଦନା ରୁ,
ମନୁଷ୍ୟ ଜୀବନ ର ଅସାର୍ଥକ ମୂଲ୍ୟ ନେଇ,
ସାଜି କଳଙ୍କିତା ନାୟିକା ।

କଟକ, ଓଡିଶା
ଯୋଗାଯୋଗ - ୬୩୭୨୨୬୦୦୯୦୭

# ଚାଲ ଯିବା ବୋଇରାଣୀ



ସୂର୍ଯ୍ୟ ନାରାୟଣ ସାହୁ

ଜୀବନ ଗୋଟେ ବାସ୍ତବ ଜଗତର ନଛୁକ ସତ୍ୟ ଟିଏ । ତା'ରି ଭିତରେ ସବୁ ପ୍ରାଣୀ ଆତଯାତ । ହସ-କାନ୍ଦ,ରାଗ-ସ୍ନେହ,ମାନ- ଅଭିମାନ, ଘୃଣା-ଭଲପାଇବା ଏଇ ସବୁକୁ ନେଇ ଜୀବନ ବିତିଯାଏ । ସାଙ୍ଗ -ସାଥି ମେଳରେ ଏବଂ ଭୁଲି ହୋଇଯାଏ ଜୀବନର ବାସ୍ତବତା । ମଣିଷ ଏକ ଯାଯାବର ପ୍ରାଣୀ, ଆଜିକା ସମାଜରେ ବୁଲାବୁଲି କରିବାପାଇଁ ମଣିଷ ଖୋଜୁଥାଏ ସମୟ । ବ୍ୟସ୍ତବହୁଳ ଜୀବନରେ ଖୋଜି ବୁଲେ ଟିକେ ଶାନ୍ତ । ଆଉ ସେଇ ଭିତରେ ସେ ନଜର ଦାନା ପାଣି ମଧ୍ୟ ଯୋଗାଡ଼ କରେ । ଟଙ୍କା ଏବଂ ଖ୍ୟାତି ପଛରେ ଦୌଡୁଥିବା ମଣିଷ ଏଣେ ତେଣେ ହୋଇ ଅବିଶ୍ରାନ୍ତ ପଥିକ ପରି ଖୋଜି ବୁଲେ ଶାନ୍ତ ଏକ ଦୀର୍ଘ ନଶ୍ୱାସ ମାରି । ସେ ବୋଧେ!! ତାହା ପାଏନ କନ୍ତ; ସେତିକରେ ସନ୍ତୁଷ୍ଟ ହୋଇ ଜୀବନକୁ ଉତ୍ସର୍ଗ କରେ । ଆଉ ନଜ କର୍ମମୟ ଜୀବନରେ ଟିକେ ଉପଭୋଗ ପାଇଁ ଭ୍ରମଣ କରିବାକୁ ବାଧ୍ୟ ହୁଏ ।

******************************

ସେଦିନ ଥିଲା 2022 ମସିହା, ମେ ମାସ ପାଞ୍ଚ ତାରିଖ । ଆମେ ଗଲିଲୁ ବୋଇରାଣୀ । କ'ଣ ଆପଣମାନେ ଜାଣଛନ୍ତ କ? ଗଞ୍ଜାମ ଜିଲ୍ଲାର ଏକ ପ୍ରମୁଖ ସହର ବୋଇରାଣି ଯାହା କବିସୂର୍ଯ୍ୟନଗର ନାମରେ ଖ୍ୟାତି ଅର୍ଜନ କରି କବିସୂର୍ଯ୍ୟ ବଳଦେବ ରଥଙ୍କ ନାମାନୁସାରେ

ISSN NO.
2582-208X

ଏହା ନାମିତ ହୋଇଛି । ଗଞ୍ଜାମ ମାଟିରେ ଜନ୍ମ ହୋଇ ମୁଁ ବା ସେଇ ସୌଭାଗ୍ୟକୁ ପାଦରେ ଆଡେଇ ଦେଇଥାନ୍ତି କେମିତି ? ତାଙ୍କରି ଜନ୍ମ ମାଟିକୁ ଦେଖିବା ପାଇଁ ମୁଁ ଆଗ୍ରହ ଏବଂ ତତ୍ପରତାର ସହ ମାଡିଗଲିଲି ବୋଇରାଣୀ ଅଭିମୁଖେ ମୋର ମୋଟର ସାଇକେଲ ଯୋଗେ । ଭଗବାନଙ୍କ ବୋଧେ!! ସେଇୟା ଇଛାଥିଲା । ମତେ ବୋଇରାଣିର ମାଟିକୁ ଆଦରି ନେବା ପାଇଁ ଏକ ଯାତ୍ରାର ଆୟୋଜନ ମାଧ୍ୟମରେ ସେଠି ପହଞ୍ଚିବାର ପ୍ରୟାସ କରାଇଥିଲେ ।

କେଉଁ ପୁରାତନ ଯୁଗରୁ ଆକାଶକୁ ମୁଣ୍ଡ ଟେକ ଦଣ୍ଡାୟମାନ ହୋଇ ଦୂର ଦିଗବଳୟରେ ଉଦ୍ଭାସିତ କୁହୁଡିଆ ବେଶରେ ଦେଖା ଯାଉଥିବା ସବୁଜିମାରେ ଭରପୁର ହୋଇଥାଏ ସେଇ ସିଦ୍ଧେଶ୍ୱର ପାହାଡ଼ । ଦୁରକୁ ଏକ ମନ୍ତ୍ରମୁଗ୍ଧ ବିଶାଳ ହସ୍ତୀ ସଦୃଶ ଦେଖା ଯାଉଥିଲା । ଚକଚକ୍ୟ ପରିବେଶ ତଥା ଝିଲି-ମିଲି ଆଲୋକ ମାଳ ବା ରଙ୍ଗ-ବେରଙ୍ଗର ଆଲୋକ ମାଳରେ ସୁସଜିତ ବୋଇରାଣି ଦୁରକୁ ଦେଖିଲେ ଯେମିତି ଏକ ସାଧବ ବୋହୁ ରୂପେ ପ୍ରତ୍ୟୟମାନ ହେଉଥାଏ ।

ଆସ୍କା ଠାରୁ ମାତ୍ର ନଅ କମି ଦୂରରେ ଗଞ୍ଜାମ ଜିଲ୍ଲାର ସୁନାମ ଧନ୍ୟ ସହର ବୋଇରାଣୀ ଅବସ୍ଥିତ । ଚ୍ଚକଚକ୍ୟ ପରିବେଶରେ ରଙ୍ଗ ନୀଳ ବତୀ ଆଲୁଅରେ ବୋଇରାଣିକୁ ଯେମିତି ଏକ ରାଣୀ ତଥା ଏକ ନୂଆବୋହୂ ରୂପେ ସଜେଇ ଦିଆଯାଇଥିଲା । ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧି ନଦୀ ଯଥା; ଋଷିକୂଲ୍ୟା, ବଡ଼ ନଦୀ ଏବଂ ପରେ ବାଘୁଆ ନଦୀ ଅତିକ୍ରମ କରି ଆମେ ପହଞ୍ଚିଗଲୁ ବୋଇରାଣୀରେ । ଯଥା ଜାଗାରେ ନଜ ମୋଟରସାଇକେଲ ରଖି ବୁଲାବୁଲିର ମଜା ନେବା ପାଇଁ ପଛେଇଲୁନ । କଛି ଦୂରରୁ ମାଇକର ଦୀର୍ଘ ସ୍ୱର ଭାସି ଆସୁଥାଏ ମଳୟର ଦୋହଲା ହାଲକା ଗତିରେ । ଏବଂ ଆମ କର୍ଣ୍ଣପଟର ସୂକ୍ଷ୍ମ ପରଦା ଆଗରେ ଗୁଞ୍ଜରଣ କରିଦିଏ । ଆଉ ଆମେ ସେଇ ସ୍ୱର ଶୁଣି ଏଇ ନଶାପର ରଙ୍ଗୀନ ଆଲୁଅରେ ଯେମିତି ଝୁମି ଯାଉଥିଲୁ । ଜୈଷ୍ଠ ମାସ ଯୋଗୁଁ ସୂର୍ଯ୍ୟଙ୍କ ପ୍ରଖର ରଶ୍ମି ଧରିତ୍ରୀରେ ପଡି ଧରା ଯେମିତି ଉଷ୍ମ ଝାଞ୍ଜିରେ ଅଳସ ଭାଙ୍ଗି ଏଇ ଜନ ସମୁଦ୍ରରେ ଲୀନ ହୋଇଯାଇଛି । ବାଷ୍ପରୁଦ୍ଧ ସହରଟି ଅତିଷ୍ଠ ହୋଇପଡିବାରୁ ଉଷ୍ମ ପରିବେଶରେ ଦେହର ଗମ ଗମ ଝାଳ ବୋହି ଚାଲିଥାଏ । ବୋଇରାଣୀର ବିଭିନ୍ନ ସାହି ବୁଲିଲା ପରେ ଆମେ ଚାଲିଲୁ ଜଗତ ଜନନୀ ମା' ମହାମାୟୀଙ୍କ ମନ୍ଦିର ଅଭିମୁଖେ । ମନ୍ଦିରକୁ ଯିବା ରାସ୍ତାରେ ଅନେକ ଗୁଡିଏ ଦେବ ଦେବୀଙ୍କ ପ୍ରତିମୂର୍ତ୍ତି ଏକ ରଙ୍ଗୀନ ଦୁନିଆରେ ପରିବେଷଣ କରିବା ପାଇଁ ଯେମିତି ସେଇ ବୋଇରାଣୀରେ ଓଲ୍ହେଇ ଯାଇଛନ୍ତି । ବାଃ!! କ ଚମତ୍କାର ମୂର୍ତ୍ତି ସବୁ!! ଦେଖିଲେ ଆଖି

ISSN NO.
2582-208X

ଖୋସି ହୋଇ ଯାଉଥାଏ । କାଳୀଙ୍କ ଶିବ ଦଳନ, ଭଗବାନ ବିଷ୍ଣୁଙ୍କ ବିଶ୍ୱ ଅବତାର ଏବଂ କୃଷ୍ଣ- ବଳରାମଙ୍କ ପ୍ରତିଛବି ସହ ରାମଙ୍କ ବନ ଗମନ ଦୃଶ୍ୟ, କୃଷ୍ଣଙ୍କ ଲବଣି ଖିଆ ଦୃଶ୍ୟ, ରାଧା-କୃଷ୍ଣଙ୍କ ଯୁଗଳ ମୂର୍ତ୍ତିର ଦୃଶ୍ୟ, ଶ୍ରୀ କୃଷ୍ଣଙ୍କ ଗୋବର୍ଦ୍ଧନ ପର୍ବତ ଧାରଣ କରିବାର ଦୃଶ୍ୟ, ଦ୍ରୋପଦୀ ବସ୍ତ୍ର ହରଣ ଦୃଶ୍ୟ, ପାଞ୍ଚୁପାଣ୍ଡବଙ୍କ ସ୍ୱର୍ଗାରୋହଣ ଦୃଶ୍ୟ, ଭଗବାନ ଶିବଙ୍କ ପଞ୍ଚମହାଦେବ ମୂର୍ତ୍ତିର ଦୃଶ୍ୟ ଏବଂ ସମୁଦ୍ର ମନ୍ଥନର ଦୃଶ୍ୟ, ଯଶୋଦାଙ୍କ ଲହୁଣୀ ମାରିବା ଦୃଶ୍ୟ, ଭଗବାନ ଶ୍ରୀ କୃଷ୍ଣଙ୍କ ବିଶ୍ୱ ଅବତାରର ଦୃଶ୍ୟ ଦର୍ଶକଙ୍କୁ ବେଶ ଆକୃଷ୍ଟ କରିପାରିଥିଲା । ସେଦିନ ସନ୍ଧ୍ୟାରେ ଘଣ୍ଟ, ମୃଦୁଙ୍ଗ, ଶଙ୍ଖ,ମହୁରୀ, ହୁଳହୁଳରେ, ଘିଅ-ଧୂପରେ ଯେମିତି ଭକ୍ତ ପୂତର ପରିଚୟ ବାରି ହେଉଥିଲା । କେଜାଣି କାହିଁକି ମନକୁ ଏକ ଦୃଢ ଇଚ୍ଛାଶକ୍ତ, ଭକ୍ତପୂତ ମନୋଭାବ ଆସିଯାଉଥିଲା ଯାହା ଏଇ ଗହଳ ଭିତରେ ମଧ୍ୟ କ୍ଳାନ୍ତ ନହୋଇ  ମା ମହାମାୟୀଙ୍କୁ ଦର୍ଶନ ନିମନ୍ତେ ଶକ୍ତ ଯୋଗାଉଥିଲା ।

ତତ ସଙ୍ଗେ ସଙ୍ଗେ ବିଭିନ୍ନ ପ୍ରକାରର ଦୋଳ ଯଥା; ରାମ ଦୋଳ, ଗାଡି ଦୋଳ, ଘୋଡା ଦୋଳ, ଡ୍ରାଗନ ଦୋଳ, ବ୍ରେକ - ଡ୍ୟାନ୍ସ ଦୋଳ, ଏବଂ ଆହୁରି ବିଭିନ୍ନ ପ୍ରକାରର ଦୋଳ ସେଇ ପରି ବେଶକୁ ଅଧିକ ଋଦ୍ଧିମନ୍ତ କରୁଥିଲା । ଗହଳର ଠେଲା- ପେଲା ଭିତରେ ପ୍ୟାଣ୍ଟ ଶାର୍ଟ କୁ ସମ୍ଭାଳୁ ସମ୍ଭାଳୁ କେତେବେଳେ ଯେ ଆମ ସାଙ୍ଗ ମାନଙ୍କର  ଶିକୁଳର ଘଡିଟା ଛିଡି ଯାଉଥିଲା ତାହା ଜଣେ ଅନୁଭବୀ ଯାତ୍ରା ପ୍ରେମି ହିଁ ହରେଇବାର ଦୁଃଖ କହିପାରିବ । ସେଇ ହରେଇବା-ଖୋଜିବା  ଲୁଚକାଳି ଭିତରେ ଭିତରେ କେତେବେଳେ ଯେ ସମୟଟା ଦ୍ୱାର ମୁହଁରେ ଥାଇ ଘଣ୍ଟି ବଜେଇ ସାରିଥିଲା ତାହା କିଛି ଜଣା ପଡୁନଥିଲା । ଏତେ ବୁଲା ବୁଲି କରିବା ପରେ ଶାର୍ଟ ପ୍ୟାଣ୍ଟର ଅବସ୍ଥା ଶୋଚନୀୟ ହୋଇ ଯାଇଥିଲା । ଯାହା ଯାତ୍ରା ପରେ ଘରେ ପହଁଚିଲା ପରେ ଜାଣିପାରିଲୁ । ଯାତ୍ରାର ବିଭିନ୍ନ ପ୍ରକାରର ଖଜା, ମିଠେଇ, ଆଇସକ୍ରିମ, ଗୁପଚୁପ ଓ ଗୁଟର ମଜା ସାଙ୍ଗକୁ ମଝିରେ ମଝିରେ ଟାଇମ ପାସ ପାଇଁ ଚଣାର ନିତାନ୍ତ ଆବଶ୍ୟକ ହୋଇ ପଡିଥିଲା । ରଙ୍ଗ- ବେରଙ୍ଗ ଭଳକ ଭଳ ବେଲୁନ, ପେଁ କାଳୀ, ଉଡ଼ାଜାହାଜ, ହାତୀ, ଘୋଡା, ବାଘ, ଏମିତି ବିଭନ୍ନ ପ୍ରକାରର ଖେଳଣା ଜିନିଷରେ ଭରପୁର ହୋଇ ଉଠିଥିଲା ବୋଇରାଣୀର ଚତୁର୍ପାଶ୍ୱ ।

ଆମେ ଏକ ଚଣା ବେପାରୀ ବୁଢ଼ୀ ମା ଠାରୁ ବୁଝିଲୁ;  ବୋଇରାଣୀ ଯାତ୍ରା ଦୀର୍ଘ ଏକ ମାସ ହେଲା ଆରମ୍ଭ ହେଲାଣି । କିନ୍ତୁ; ଆମକୁ ସମୟର ସ୍ରୋତରେ ବହି ଯାଇ ସ୍ରୋତରୁ କୂଳରେ ଲାଗିଲା ପରି ଆଜି ସମୟ ହେଲା ବୁଲାବୁଲି କରିବା ପାଇଁ । ସମୟ ଆମକୁ ବୋଧେ!!

ISSN NO.
2582-208X

ଅପେକ୍ଷା କରି ବସିଥିଲ୍ ନହେଲେ ସେଇ ଦିନର ଯାତ୍ରା ଦେଖିବା ପାଇଁ ଆମେ କାହିଁକି ଅସିଥାନ୍ତ୍ର?? ସେ ଦିନ ଥିଲ୍ ବୋଇଗ୍ରଣୀ ଯାତ୍ରାର ଶେଷ ଦିନ । ସେଇ ଚଣା ବେପାରୀ ବୁଢ଼ୀ ମା'ଟି ଗ୍ରାହକଙ୍କୁ ଡାକ ଡାକ ଅତି ଶ୍ରଦ୍ଧାର ସହ ଚଣା ବିକ୍ର କରୁଥିଲ୍ ହେଲେ ଭଗବାନଙ୍କ ନୟତି ଦେଖ ଯେଉଁ ମାନେ ଖାଇବାକୁ ପାଉଛନ୍ତୁ ସେମାନଙ୍କୁ ହିଁ ଖାଇବା ମିଳୁଛି, ଅର୍ଥାତ; ତେଲିଆ ମୁଣ୍ଡରେ ତେଲ କହିଲେ ଅତ୍ୟୁକ୍ତ ହେବ ନାହିଁ । ସେଇ ବୁଢ଼ୀ ମାଟି ଚଣା ବିକ୍ର କରୁଥିଲ୍ ଏଇଥି ପାଇଁ ଯେ; ଚଣା ବିକ୍ର କରି ଗ୍ରତାଗ୍ରତି ବଡ଼ ଲ୍ଲେକ ହେଇଯିବା ପାଇଁ ନୁହଁ । ଟଙ୍କା, ପଇସାରେ ତାଙ୍କ ଘରେ ଧନ- ଦୌଲତ ପୁରଣ କରିବାପାଇଁ ନୁହଁ । ସେ ନଜକୁ ତଥା ନଜ ପରିବାର ମୁହଁରେ ଦାନା ମୁଠାଏ ପାଇଁ ଦୀର୍ଘ ଏକ ମାସ ହେଲ୍ ସେଠି ପଡି ରହି ଚଣା ବିକ୍ର କରୁଛି ବୋଲି ବୁଢ଼ୀଠାରୁ ବୁଝିବାକୁ ପାଇଲୁ । ଏତିକ ଖୁସି ଲ୍ଗଗିଲ୍ ତାର ଅଣ୍ଟାରେ ବଳ ନଥିବା ସତ୍ତ୍ୱେ ନଇଁ ନଇଁ ଗ୍ଲୁଲି କାହାରି ଆଗରେ ଭିକ୍ଷାବୃତ୍ତି ନକରି ନଜ ସ୍ୱାଭିମାନ ଆଗରେ ନଜକୁ ନଜେ ପ୍ରମାଣିତ କରି ଦେଖାଇ ଦେଇଛି । ସେ ବି କଛି କମ ନୁହେଁ ବୋଲି ।

ପରି ଶେଷରେ ଚଣା ବେପାରୀ ବୁଢ଼ୀ ମା ଠାରୁ ବିଦାୟ ନେଇ ଆମେ ଚାଲିଲୁ ରାମ ଦୋଳି ଅଭିମୁଖେ । ରାମ ଦୋଳି ରେ ବସିବା ପାଇଁ ଲମ୍ବା ଲାଇନ ଲାଗିଥାଏ । ଟିକେଟ କାଟି ଚଢ଼ିଲୁ ରାମ ଦୋଳିରେ । ଦୋଳି ଝୁଲାଇବା ଆରମ୍ଭ କଲା ଚାଳକ । କ୍ଷିପ୍ରଗତିରେ ଯେତେବେଳେ ଉପରକୁ ଉଠୁଥିଲା ଲାଗୁଥିଲା ଯେମିତି; ଏତେବଡ ପୃଥିବୀରେ ମଣିଷ ଖୁସି ପାଇବା ପାଇଁ ଯେମିତି ଗୋଲ ଗୋଲ ବୁଲୁଛି ।

ଆଉ ସେଇ ଗୋଲ ଗୋଲ ଭିତରେ ବୁଲି ବୁଲି କେଉଁଠାରେ ବି ସେ ଶାନ୍ତିରେ ରହିପାରୁନ । ଦୋଳଟି ଘୂର୍ଣ୍ଣୟମାନ ହେଲ୍ ବେଳେ ଲ୍ଗଗିଲ୍ ଯେମିତି ଚକା ଚକା ଭଉଁରୀ ପରି ସାଗ୍ ବୋଇଗ୍ରଣୀ ସହରଟା ଗ୍ରହିର ହୋ ହାଲ୍ଲାରେ ଘୁରି ବୁଲୁଛି । କନ୍ତୁ; କ୍ଲାନ୍ତ ପଥିକ ଏଇ ଆଲ୍ଲେକ ମାଳରେ ଶାନ୍ତିରେ ଶୋଇ ପାରୁନ । କେତେ ସ୍ୱପ୍ନ କେତେ ଅସୁମାରୀ ଯେମିତି ଦୋଳରେ ବସି ଦେଖୁଥିଲି, ଲ୍ଗଗୁଥିଲ୍ ମୋ ପିଠିରେ ପର ଲ୍ଗଗିଯାଇଛି ଆଉ ମୁଁ ସ୍ୱର୍ଗ ଗ୍ରଇଜରେ ଏକା ଏକା ଉଡ଼ିବୁଲୁଛି । ଆଉ ରଙ୍ଗ ନୀଳ ଆଲୁଅରେ ତାଗ୍ରମାନଙ୍କୁ ସାକ୍ଷାତ ଦର୍ଶନ କରୁଛି । କନ୍ତୁ; କଛି ମୁହୂର୍ତ୍ତ ପରେ ସମୟ ଡାକରା ଦେଇସାରିଲ୍ଣି ବୋଲି ସବୁ କଛି ମିଳେଇଗଲ୍ । ଦୋଳ ଗ୍ଳକ ଦୋଳ ବନ୍ଦ କରି ଓଲ୍ଲେଇବା ପାଇଁ ନର୍ଦେଶ ଦେଲ୍ ।

ISSN NO.
2582-208X

ଯାତ୍ରାରେ ଅନେକ ଗୁଡିଏ ପିଲା ଏବଂ ପୋଲିସ ଭାଇ ଯେଉଁମାନେ ସବୁ ପ୍ରକାରର ସେବା ଦେବା ପାଇଁ ସ୍ୱେଛାସେବୀ ପାଲଟିଥିଲେ । ସେମାନଙ୍କ ଅବଦାନ ନଗଣ୍ୟ କହିଲେ ଚଳେ । ଖାଦ୍ୟ-ପେୟର ବଣ୍ଟନ ଠାରୁ ଭିଡ଼କୁ ନିୟନ୍ତ୍ରଣ କରିବା ସେମାନଙ୍କର ମୂଳ ଲକ୍ଷ୍ୟ ଥିଲା । ସେମାନଙ୍କ ପାଇଁ ଯାତ୍ରା ଏକ ରଙ୍ଗମଞ୍ଚ ପାଲଟି ଯାଇଥିଲା । ହଜିଯାଇଥିବା ପଥିକ ବାଟ ବଣା ହେଲା ପରେ ଯେମିତି ଅନ୍ୟ ଗୋଟିଏ ବାଟୋଇର ସାହାର୍ଯ୍ୟ ନେଇଥାଏ । ଠିକ ସେମିତି ରଙ୍ଗମଞ୍ଚର ଦ୍ୱାର ଦେଶରେ ସେମାନେ ଏକ ଦେବ ଦୂତ ସାଜି ରକ୍ଷାକର୍ତ୍ତା ହୋଇ ପାରିଥିଲେ । ସେଇ ପୋଲିସ ଭାଇ ମାନଙ୍କୁ ମୋର ସତ ସତ ପ୍ରଣାମ ।

ଏତେ ଆଶାର ଆଲୁଅ ଭିତରେ ମେଳାର ମଜା ନେଇ ଫେରିବାକୁ ସମୟ ନିର୍ଦ୍ଦେଶ ଦେଲା । ଆସିଛୁ ଯେତେବେଳେ ଯିବାକୁ ତ ପଡିବ ନା । ବୋଇଗ୍ରଣୀର ଆଲୋକମାଳା ଯେମିତି ଆମକୁ ହାତ ହଲାଇ ସେଦିନ ର ନିଶାପରେ ବିଦାୟ ଦେଉଥିଲା । ସତରେ!! ସେଦିନର ସ୍ମୃତି ଯାହା ସବୁ ଦିନ ପାଇଁ ଜୀବନରେ ଏକ ଝିଲି-ମିଲି ଆଲୋକ ପରି ପ୍ରତ୍ୟୟମାନ ହୋଇ ବାରମ୍ବାର ଦୋହରାଇ ସ୍ମରଣୀୟ କରିବ ତାହା ମୋର ଆଶା ଓ ବିଶ୍ୱାସ ।

%%%

ISSN NO.
2582-208X

# ଜୀବନର ଧାଡି



ସ୍ୱର୍ଣ୍ଣପ୍ରଭା ଖଟୁଆ

ଲୁହରେ ଲେଖୁଛି ଜୀବନର ଧାଡି
ସମ୍ପର୍କେ ଖାଇଛି ଧୋକା
ତଥାପି ଚାଲିଛି ଆଗକୁ ମୁଁ ମାଡି
ଏହି ମୋ ଭାଗ୍ୟର ରେଖା ....//

ସବୁରି ମନରେ ଧନର ଆଦର
ଦାରିଦ୍ର୍ୟ ପଡୁଛି ଟଳି
ସାଙ୍ଗସାଥୀ ଭାଇ କେହିତ ନୁହଁନ୍ତି
ଏଇତ ଜୀବନ ଡୋରି.....//

ଭଲ କାମ କିଛି କରିଦେଲେ ଏଠି
ଯେତିକି ପ୍ରଶଂସା ମିଳେ
ତାଠାରୁ ଅଧିକ ନିନ୍ଦା ମିଳିଥାଏ
ସଂପର୍କ ଟିକେ ତୁଟିଲେ.....//

ଜୀବନ ଯୁଦ୍ଧରେ ହାରିଗଲେ କେବେ
ନାନା ଅପବାଦ ମିଳେ
ମୁହଁରେ ନକହି ଆଗର ପଛରେ
ଟୁପୁରୁ ଟାପର ଚାଲେ.....//

ସତେକେ ମରଣ କରାଳଛାୟାରେ
କଲବଲ କରେ ମୋତେ

ISSN NO.
2582-208X

ହାରିଯାଇସାରି ମରିଯେ ନଥାଏ
ମରିଯାଏ କଥା ବାଣେ.......//

ହସିବା ଭୁଲିଛି ସେହିଦିନଠାରୁ
ଲୁହକୁ  ଆଦେରି ନେଇ
ସମୟ ସାଥୀରେ ମିତ ବସିଛି ମୁଁ
ଧୋକା ଖାଇଛିରେ ଭାଇ.....//

ଲୁହର ସୁଅରେ ଭାସିମୁଁ ଚାଲିଛି
ଥଳ କୂଳ ପାଏନାହିଁ
ଚବିଶବର୍ଷର ସଂପର୍କରେ ଆଜି
ଲାଗିଲା ନଜର କାହିଁ........//

ଯାହାମୁଁ ଲେଖିଛି ଯାହାମୁଁ ଲେଖିବି
କଳ୍ପନା ନୁହଁଇ କିଛି
ପ୍ରତିମୁହୂର୍ତ୍ତରେ କଲବଲ କରେ
ଜୀବନର ଧାଡି ଏହି........//

ସ୍ମୃତିର ସାଗରେ ଲୁହର ମୁକୁତା
ପ୍ରତିକ୍ଷଣେ ଚମକାଏ
ସେହି ଚମକଯେ ପ୍ରତିମୁହୂର୍ତ୍ତରେ
ଅତୀତ ମନେପକାଏ.....///

ସାହାସପୁର(ତୁରଙ୍ଗ)
ଜିଲ୍ଲା –ଯାଜପୁର ୭୫୫୦୨୩
ଫୋନ ନଂ –୭୭୪୯୮୦୦୨୦୭

ISSN NO.
2582-208X

# ରଖିବା ଦେଶ ଟେକ



ସୁବ୍ରତ କୁମାର ପ୍ରଧାନ

ବୀର ପ୍ରସବୀନୀ ଭାରତ ମାଆ ମୋ
ଗଙ୍ଗା ଠାରୁ ଗୋଦାବରୀ
କନ୍ୟା କୁମାରୀ ରୁ କାଶମୀର ଯାଏ
ହିମାଳୟ ମଥା ଶିରୀ।
ଫିରିଙ୍ଗି କବଳେ ପରାଧିନ ଥିଲା
ସୁନାର ମୋ ଆର୍ଯ୍ୟା ବର୍ତ୍ତ
ସ୍ୱାଧିନତା ପାଇଁ ସଂଗ୍ରାମ କରିଲେ
କ୍ରାନ୍ତିକାରୀ ସୁତା ସୁତା।
ଅୟୁତ ସଂଗ୍ରାମ ରଣ ଦୁନ୍ଦୁଭି
ବାରୁଦ କମାଣ ଗୁଳି
ଇତିହାସ ଘୋଷେ ସ୍ୱାଧୀନ ଆମେରେ
ମହାନ୍ ସେ ଆତ୍ମବଳୀ ।
ମହାତ୍ମା ନେତୃତ୍ୱେ ଲଢ଼ି କେତେ ବୀର
ସୁଭାଷ ଲକ୍ଷ୍ମଣ ଖୁଦି
ଭଗତ ସର୍ଦ୍ଦାର ଉଚ୍ଚ କରି ମଥା
ଫିରିଙ୍ଗି ଶାସନ ଭେଦି।
ପ୍ରଜାମଣ୍ଡଳ ର ବାଲୁତ ବାଜିଆ
ପତାଇ ଦେଇଛି ଛାତି

ISSN NO.
2582-208X

ଫାଶୀ ଖୁଣ୍ଟ ଗାଏ ଉଦ୍ଧାମ ସିଂ
ମରଣର ଜୟ ଗୀତି।
ସତ୍ୟ ଅହିଂସା ର ଲଭିଛି ବିଜୟ
ପାଇ ଅଛି ସ୍ୱାଧିନତା
ଜାତି ଧର୍ମ ବର୍ଣ୍ଣ ସଭିଏଁ ସମାନ
ଏକତା ଓ ଅଖଣ୍ଡତା।
ଆସୁ ଝଡ ଝଞ୍ଜା ରଖିବା ସଦ୍ଭାବ
ପ୍ରାଣେ ଜାଗ ନବ ବଳ
ଆମେ ରେ ସ୍ୱାଧିନ ମୁକ୍ତ ବିହଙ୍ଗ
ସ୍ୱହସ୍ତେ ଶାସନ କଳ।
ଅଖଣ୍ଡ ଭାରତ ସେବାରେ ଲାଗିବା
ମନ ପ୍ରାଣ କରି ଏକ
ଜାତୀୟ ସଂହତି ଆତ୍ମବଳୀ ଦେଇ
ରଖିବା ଦେଶର ଟେକ।

ଗୋପୀବଲ୍ଲଭପୁର, କୋଶଳା
ଅନୁଗୋଳ, ୭୫୯୧୩୦
ମୋ - ୯୮୭୧୯୭୦୪୧୮

ISSN NO.
2582-208X

# ଉତ୍କଳ ସନ୍ତାନ



ଦୁଷ୍ମନ୍ତ ବେହେରା

ଇତିହାସ ଯାର ଅଙ୍କେ ଆଙ୍କିଛି
ଅମର ଗାଥାର ପୁଷ୍ଠା
ନୀରବ ଗମ୍ଭୀରେ ଗାଏ ଗୌରବ
ଉତ୍କଳ ସନ୍ତାନ ଗାଥା !!

ରୂପରେ ଯାର ବୀର କଳଙ୍ଗ
କୀରତି ସାଯି ଟେକ ମଥା
ଶୀରୀ ଚରି ଉତ୍କଳ ସନ୍ତାନ
ରଖିଛି ଗୌରବ ର ନାଁ !!

ଚନ୍ଦ୍ର ନୁହଁ ଏ ରକ୍ତ ଶରୀର
ଲିଭି ନାହିଁ ଦାଗ ଚହ୍ନ
ଲୁଚ ରହିଛି ବୀର ପୁନ୍ର ର
ଚନ୍ଦ୍ର ସ୍ମୃତି ଗ୍ଧରୁ ପଟ !!

ଅମର ପୁନ୍ର କଲ୍ପନା ନେନ୍ଦେ
ସ୍ୱପ୍ନ ଦେଖିଲେ ମାଟି ତାର
ଜାତିଜାତି ପ୍ରାଣ ସ୍ୱାଧୀନ ହୋଇବେ
ବିଶ୍ୱ ମାତୃ ହୃଦୟେ !!

ବୁକୁ ଚରି ଛାତି ଶୋଇଛ ପୁନ୍ର
ଦେଶ ମାତୃ ମାଟିରେ
ଗ୍ଧଲିଯିବେ ଜନ ସ୍ୱାଧୀନ ବାସ୍ନା ରେ
ସ୍ମୃତି ଝରୁଥିବ ମନେ !!

ନବିଡ ଅନ୍ଧାର ଡରେଇ ପାରିବ
ଶୁଣା ଯାଏ ବୀର କଥା
ଶିଳା ସ୍ୱର ଶୁଣି ଛାତି ଥରୁଥିବ
ଶତ୍ରୁ ହେବେ ନାରଖାର !!

ଉତ୍କଳ ସନ୍ତାନ ଆମେ ରେ
ରଖିବୁ ଓଡିଆ ଜାତିର ମାନ
ଦେଶ ଝୁରୁଥିବ ମାଟି ଝୁରୁଥିବ
ଝୁରୁଥିବେ ସଂସାର ଜନ !!

ସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

ISSN NO.
2582-208X

# ଉତ୍ତର ଅଶୀ ଓଡ଼ିଆ ନାଟ୍ୟସାହିତ୍ୟଧାରାରେ ନାଟ୍ୟକାର ନାରୟଣ ସାହୁଙ୍କ ନାଟ୍ୟସୃଷ୍ଟି ଏକ ଦିଗ୍‌ବଳୟ



ସୂର୍ଯ୍ୟକାନ୍ତ ମଲିକ

ବିଂଶ ଶତାବ୍ଦୀର ଷଷ୍ଠଦଶକ ଓଡ଼ିଆ ନାଟକ ଜଗତରେ ଏକ ପରିବର୍ତ୍ତନ କାଳର ଋତୁ । ପାଶ୍ଚାତ୍ୟ ନାଟ୍ୟଭାବନାର ପ୍ରାଧାନ୍ୟ ଏହି ସମୟର ଲକ୍ଷଣୀୟ ବୈଶିଷ୍ଟ୍ୟ । ଯେଉଁଥିପାଇଁ ସାହିତ୍ୟ ଜଗତକୁ ପ୍ରବେଶ କରିଥିଲା ନୂତନ ଢାଞ୍ଚା ଯେପରିକି ନବନାଟ୍ୟ ଆନ୍ଦୋଳନକୁ ବିଶେଷ ଭାବେ ଗ୍ରହଣୀୟ କରାଯାଇପାରେ । କାରଣ ଏହି ଆନ୍ଦୋଳନରେ ସଂପୃକ୍ତ ନାଟ୍ୟକାରଗଣ ଓଡ଼ିଆ ନାଟକରେ ଆଧୁନିକ ବିଶ୍ୱଚେତନାର ସ୍ପର୍ଶ ଦେବାକୁଯାଇ ପ୍ରାଥମିକ ପର୍ଯ୍ୟାୟରେ କେତେକ ପ୍ରସିଦ୍ଧ ଇଂରାଜୀ ନାଟକର ଅନୁବାଦ ଓ ଅନୁସରଣ କରିଛନ୍ତି । ଯାହାର ଫଳଶ୍ରୁତି ସ୍ୱରୂପ 'ସୃଜନୀ' ନାଟ୍ୟସଂସ୍ଥା (୧୯୬୪) ଦ୍ୱାରା ମନୋରଂଜନ ଦାସଙ୍କ ଅନୁଦିତ 'ସାଗର ମନ୍ଥନ' ଓ ବିଶ୍ୱଜିତ ଦାସଙ୍କ ଅନୁଦିତ 'ପ୍ରତାପଗଡ଼ରେ ଦି ଦିନ'ର ଅଭିନୀତ ଏବଂ ଏହା ପରେ ପରେ ଏହି ସଂସ୍ଥା ଦ୍ୱାରା ମନୋରଂଜନ ଦାସଙ୍କର କେତେକ ମୌଳିକ ପରୀକ୍ଷାଧର୍ମୀ ବିମୂର୍ତ୍ତ ଓ ଉଦ୍ଭଟ ନାଟ୍ୟାଭିନୟର ସୂତ୍ରପାତ ଘଟିଥିଲା ।(୧) ଯାହାପାଇଁ କେତେଜଣ ନାଟ୍ୟକାରମାନଙ୍କ ଉଦ୍ୟମରେ ଆଧୁନିକ ଶୈଳୀର ନାଟକ ରଚନା ଓ ପ୍ରୟୋଗ ଆରମ୍ଭ ହୋଇଥିଲା ।

ପୁଣି ଏହାପରେ ବିଶ୍ୱରେ ଆରମ୍ଭ ହୁଏ ଥାର୍ଡ଼ ଥିଏଟର ବା ତୃତୀୟ ନାଟ୍ୟବିପ୍ଳବ, ଯାହାକି ସବୁ ଦେଶର ନାଟକର ଧାରା ବଦଳାଇଦେଲା । ପୁରୁଣା ପ୍ରଥା, ପୁରୁଣା ଧର୍ମ, ପୁରୁଣା ଧାରା ଆଦିକୁ ଅସ୍ୱୀକାର କଲା ସ୍ରଷ୍ଟା । ଦର୍ଶକଙ୍କ ସମ୍ମୁଖରେ ଉଭାହେଲା ନୂତନ ଭାବରେ ଥିଏଟ୍ରରସ । ଯାହାଦ୍ୱାରା ନାଟକ ସହଜ, ସରଳ ତଥା ବାସ୍ତବମୁଖୀ ହୋଇ ଦର୍ଶକ ପାଖରେ

ISSN NO.
2582-208X

ପହଞ୍ଚିବାରେ ସଫଳ ହେଲା । ଏହି ଥାର୍ଡ଼ ଥିଏଟର ବା ତୃତୀୟ ନାଟ୍ୟରେ ଭ୍ରାନ୍ତ ହୋଇପଡୁଥିବା ଏକ୍ସପେରିମେଣ୍ଟ ନାଟକଠାରୁ ଦୂରେଇଯାଉଥିବା ଦର୍ଶକମାନେ ପୁଣିଥରେ ନାଟକରେ ଅଭିନେତାଙ୍କ ସହ ସୁସମ୍ପର୍କ ସ୍ଥାପନ ହୋଇପାରିଲା । ନାଟ୍ୟକାର ଡ. ନୀଳାଦ୍ରୀଭୂଷଣ ମତ ଦିଅନ୍ତି- "ତୃତୀୟ ଥିଏଟରରେ ଅଭିନେତା ଦର୍ଶକ ସହିତ ଘନିଷ୍ଠ ହେବାକୁ ଚେଷ୍ଟା କରେ । କାରଣ ଦର୍ଶକର ମୂଲ୍ୟ ତା ନିକଟରେ ଅସାଧାରଣ, ସେ ଦର୍ଶକଙ୍କୁ ନିକଟରୁ ଦେଖିବାକୁ ଚାହେଁ । ଏଠାରେ ଦର୍ଶକ ଓ ଅଭିନେତା ଭିନ୍ନ ଗୋଷ୍ଠୀର ନୁହଁନ୍ତି ଏକ ଗୋଷ୍ଠୀର । ସେହିପରି ଅଭିନେତାମାନେ ମଧ୍ୟ ପରସ୍ପରଠାରୁ ବିଚ୍ଛିନ୍ନ ନୁହନ୍ତି । କାରଣ ଅନ୍ୟଜଣଙ୍କୁ ଜାଣିବାକୁ, ବୁଝିବାକୁ ବିଶ୍ୱାସ କରିବାକୁ ସର୍ବୋପରି ପାଖରେ ପାଇବାକୁ ଚାହେଁ । ଏହିପରି ଅଭିନେତା ଓ ଦର୍ଶକ ମଧ୍ୟରେ ଗୋଷ୍ଠୀଗତ ସମ୍ପର୍କ ସୁଦୃଢ ହୋଇଉଠେ। ଅଭିନେତା ମଣିଷ ହିସାବରେ ନିଜକୁ ମଣିଷ ନିକଟରେ ଉପସ୍ଥାପିତ କରିବାର ବ୍ୟାକୁଳ ଅଭିପ୍ସାରୁ ତୃତୀୟ ନାଟ୍ୟର ସୃଷ୍ଟି ।"(୨)

ତେଣୁ ଏଥିରୁ ଆମେ ଜାଣିଲେ ଥାର୍ଡ଼ ଥିଏଟର ମାଧ୍ୟମରେ ଦର୍ଶକ ଓ ଅଭିନେତାମାନଙ୍କ ମଧ୍ୟରେ ଥିବା ଦୂରତାକୁ ହ୍ରାସ କରାଇ ଉଭୟଙ୍କ ମଧ୍ୟରେ ସୁସମ୍ପର୍କ ଗଢ଼ି ଭିନ୍ନମୋଡ଼ରେ ନୂତନ ଭାବଧାରାରେ ନାଟକକୁ ଆଗେଇନେବା ହେଉଛି ତୃତୀୟ ନାଟ୍ୟର ବିଶେଷ ଲକ୍ଷ୍ୟ, ଯାହାର ପରିସର ଅତି ବ୍ୟାପକ । ଯାହା ଦର୍ଶକମଣ୍ଡଳୀ ଓ ମଞ୍ଚ ଉଭୟ ପରସ୍ପର ସହ ଜଡ଼ିତ ହୋଇ ନବନାଟ୍ୟ ବା ପରୀକ୍ଷାଧର୍ମୀ ନାଟକର ଧାରା ସହ ମିଶି ଉତ୍ତର ଆଧୁନିକ ନାଟ୍ୟଧାରାକୁ ପାଦ ପକାଇଲେ ।

ତେଣୁ ନବନାଟ୍ୟ ବା ପରୀକ୍ଷାଧର୍ମୀ ନାଟକରେ ନାଟ୍ୟକାର ମନୋରଂଜନ ଦାସ ଯେଉଁ ମୂଳଦୁଆ ସୃଷ୍ଟି କରିଥିଲେ ତାହା ୧୯୮୦ ପରବର୍ତ୍ତୀ ସମୟରେ ନୂଆ ମୋଡ଼ ନେଇଛି । ଯେଉଁଠାରେ ପୁଣିଥରେ ସେହି ପରମ୍ପରା ଲୋକନାଟକର ଧାରା ଯଥା- ମିଥ୍, କମ୍ବଦନ୍ତୀ, ଲୋକକାହାଣୀ ଓ ଇତିହାସ ଇତ୍ୟାଦିକୁ ନେଇ ସୃଷ୍ଟି କରିଛନ୍ତି ନାଟକ । ଏହିପରି ନାଟକ ସୃଷ୍ଟି କରିଥିବା ନାଟ୍ୟକାରମାନଙ୍କ ମଧ୍ୟରେ ମନୋରଂଜନ ଦାସଙ୍କ 'ନନ୍ଦିକା କେଶରୀ', ବିଜୟ ମିଶ୍ରଙ୍କ 'ଜଣେ ରାଜା ଥିଲେ', କାର୍ତ୍ତିକ ରଥଙ୍କ 'କଳା ପାହାଡ଼', ରତ୍ନାକର ଚଇନିଙ୍କ 'ଅଥଚ ଚାଣକ୍ୟ', ହରିହର ମିଶ୍ରଙ୍କ 'ଅଦୃଶ୍ୟ ନଟ', ନିଳାଦ୍ରୀଭୂଷଣ ହରିଚନ୍ଦନଙ୍କ 'ସ୍ୱର୍ଗାରୋହଣ' ଇତ୍ୟାଦି ଗୋଟିଏ ଗୋଟିଏ ଫୋକ୍‌ଶୈଳୀରେ ରଚିତ ନାଟକ । ସେହିପରି

ISSN NO.
2582-208X

ସୁବୋଧ ପଟ୍ଟନାୟକଙ୍କ 'ଏଥୁଅନ୍ତେ', ରତି ମିଶ୍ରଙ୍କ 'ଅବତାର', ନାରାୟଣ ସାହୁଙ୍କ 'କାହାଣୀ ସବାଶେଷ ଲୋକ', 'ଆଶ୍ରା ଖୋଜିବୁଲୁଥିବା ଈଶ୍ୱର', ନାରାୟଣ ପତିଙ୍କ 'ମୁକ୍ତ ପଥେ', ବିଜୟ ଶତପଥୀଙ୍କ 'ପକା ପଇସା ଦେଖ୍ ତାମ୍‌ସା', 'କାରାଗାରରେ କାହାଣୀ', ପ୍ରମୋଦ ତ୍ରିପାଠୀଙ୍କ 'ଫେରିଯାଅ ରାମଚନ୍ଦ୍ର' ଓ ରମେଶ ଦାସଙ୍କ 'ବରଂ ନବାସ ଭଲ ରଣ କ୍ଷେତ୍ରରେ' ଗୋଟିଏ ଗୋଟିଏ ଲୋକନାଟକ ଶୈଳୀର ଅନ୍ତର୍ଭୁକ୍ତ ।

ତେଣୁ ଏହି ଦୃଷ୍ଟିରୁ ବିଚାର କଲେ ୧୯୮୦ ପରବର୍ତ୍ତୀ ସମୟରେ ନାଟକରେ ଆସିଛି ନୂତନ ଆଭାସ, ଯାହା ପରମ୍ପରା ଓ ଐତିହ୍ୟ, ନାଟ୍ୟକାରମାନଙ୍କର ହୋଇଉଠିଛି ପ୍ରିୟତମ ବସ୍ତୁ । ଯେଉଁଠାରେ ଲୋକନାଟକ ଶୈଳୀ ରୂପରେ ହୋଇଛି ପରୀକ୍ଷାନିରୀକ୍ଷା, ଯହିଁରେ ଜନଶ୍ରୁତି, ଇତିହାସ ଓ ଲୋକକାହାଣୀଗୁଡ଼ିକ ଜୀବନ ସହିତ ସମ୍ମିଳିତ କରାଯାଇ ତା'ର ନବମୂଲ୍ୟାୟନ କରାଯାଇଛି । ଏହି ସମ୍ପର୍କରେ ଡ. କୃଷ୍ଣଚନ୍ଦ୍ର ପ୍ରଧାନ ମତ ଦିଅନ୍ତି ଯେ - "ବିଶ୍ୱନାଟ୍ୟ ଜଗତରେ ଯେତେବେଳେ ଯେଉଁ ପରିବର୍ତ୍ତନର ସ୍ୱର ଆସିଛି, ଓଡ଼ିଆ ନାଟ୍ୟକାରଗଣ ତାହା ଆଦରି ନେଇଛନ୍ତି । ବିଭିନ୍ନ ବାଦ ତତ୍ତ୍ୱ ଓ ଆନ୍ଦୋଳନର ପରୀକ୍ଷା ନିରୀକ୍ଷା ହେଉଛି ଓଡ଼ିଆ ନାଟକରେ । ସ୍ୱଭାବବାଦ, ବାସ୍ତବବାଦ, ଅଭିବ୍ୟକ୍ତିବାଦ, ସଂକେତବାଦ, ଏପିକ୍ ଥିଏଟର, କାବ୍ୟିକ ନାଟ୍ୟ ଆଦିର ପ୍ରଭାବ ଓ ପ୍ରତିଶ୍ରୁତି ଓଡ଼ିଆ ନାଟକର ଦିଗ୍‌ବଳୟକୁ କରିଛି ଇଙ୍ଗୀୟିତ ଓ ବିଚିତ୍ରବର୍ଣ୍ଣ । ଏହି ଦୃଷ୍ଟିରୁ ବିଚାର କଲେ ବିଶ୍ୱର ପରିବର୍ତ୍ତିତ ପରିସ୍ଥିତି ସହିତ ପାଦ ମିଳାଇ ଚାଲିବା କ୍ଷେତ୍ରରେ ଓଡ଼ିଆ ନାଟକ ଆଦୌ ପଛରେ ପଡ଼ିନାହିଁ ।"(୩)

### ଉତ୍ତର ଅଶୀ ନାଟ୍ୟଧାରାର କତିପୟ ସ୍ରଷ୍ଟା :

ଉତ୍ତର ଅଶୀ ପରବର୍ତ୍ତୀ ସମୟରେ ବା ବିଂଶ ଶତାବ୍ଦୀର ଶେଷ ଦୁଇ ଦଶନ୍ଧିରେ ଯେଉଁ ନାଟକ ସବୁ ରଚିତ ହୋଇଥିଲା ତାହା ସବୁ ପରୀକ୍ଷାଧର୍ମୀତା ସହ ପରମ୍ପରା ସୁନ୍ଦର ସମନ୍ୱୟ ରହିଅଛି । ଯେଉଁଥିରେ କି ନାଟ୍ୟକାରମାନେ ପରମ୍ପରାକୁ ସାମ୍ନାରେ ରଖି ଆଧୁନିକ ଚିନ୍ତାଧାରାକୁ ଆପଣେଇଛନ୍ତି । ସାଂପ୍ରତିକ ସମାଜର ଚିତ୍ର ଦେଖାଇବା ସହିତ, ଅନ୍ୟାୟ, ଅନୀତି ଅନ୍ଧକାର ତଥା ସ୍ଥାଣୁତା ବିରୁଦ୍ଧରେ ବିଦ୍ରୋହ ଘୋଷଣା ମଧ୍ୟ କରିଛନ୍ତି । ସେମାନେ ହେଲେ ସୁବୋଧ ପଟ୍ଟନାୟକ, ରଣଜିତ ପଟ୍ଟନାୟକ, ପ୍ରମୋଦ ତ୍ରିପାଠୀ, ଶଙ୍କର ତ୍ରିପାଠୀ, ବିଜୟ ଶତପଥୀ, ପ୍ରସନ୍ନ ଦାସ ଓ ନାରାୟଣ ସାହୁ ପ୍ରମୁଖ ନାଟ୍ୟକାର ।

ISSN NO.
2582-208X

ନାଟ୍ୟକାର ପ୍ରମୋଦ ତ୍ରିପାଠୀଙ୍କ 'ଶୁଣ ପରୀକ୍ଷକ ଦଣ୍ଡଧାରୀ' ନାଟକ ଏକ ଉଚ୍ଚକୋଟୀର ନାଟକ । ଯହିଁରେ ସର୍ବସ୍ୱ ରାଜନୀତି ଓ ନଷ୍ଟ ହେଇଯାଉଥିବା ମୂଲ୍ୟବୋଧ ମଧ୍ୟରେ ପୀଡ଼ିତ, ସାଧାରଣ ମଣିଷର କରୁଣ ଚିତ୍କାରର ସ୍ୱର ପ୍ରତିଫଳିତ । ଉଦାସ ପରୀକ୍ଷିତ ଓ ସ୍ତ୍ରୀ ଲଳିତାଙ୍କ ମୁଖରୁ–

ପରୀକ୍ଷିତ : "କାନ୍ଦନା ପାଗଳୀ! ଆଲୋ ଆମ ପୁଅକୁ ମାରିଦେଲେ ବୋଲି କାନ୍ଦୁଛୁ ? ଛି ତୁ ମୋର ଲକ୍ଷ୍ମୀ, ମୋର ଠାକୁରାଣୀ ... କାନ୍ଦନା । ଏମିତି ସବୁବେଳେ ହେବ, ଆଉ ବରଷକୁ ପୁଣି ମନ୍ତ୍ରୀ ଆସିବେ, ସେମାନେ ପୁଣି ଛ ସାତଜଣ ମିଶି ତତେ ... ତୁ କ'ଣ ସବୁ ବର୍ଷ ଏମିତି କାନ୍ଦୁଥିବୁ । ହଁ କାନ୍ଦିକାନ୍ଦି କେତେ ବା କାନ୍ଦିବୁ ? ଲୁହ ସରିଯିବ । ଜମା ରଖିଥା ...।"(୪)

ଯେଉଁଥିରେ ପରୀକ୍ଷିତ ଜଣେ ସାଧାରଣ ରିକ୍ସାବାଲା, ତାହାର ଯେଉଁ କରୁଣ ଚିତ୍କାରକୁ ନାଟ୍ୟକାର ଚମତ୍କାର ଭାବେ ଦୁର୍ନୀତିଗ୍ରସ୍ତ ଶାସକ ଓ ସମାଜ ପ୍ରତି ଯେଉଁ କଟାକ୍ଷ ରହିଛି, ତାହା ଅତ୍ୟନ୍ତ ଶାଣିତ ଓ ତୀବ୍ର ବୋଲି ବର୍ଣ୍ଣନା କରିଛନ୍ତି ।

ସେହିପରି ଉତ୍ତର ଅଶୀ ପରବର୍ତ୍ତୀ ନାଟ୍ୟ ପରମ୍ପରାରେ ନାଟ୍ୟକାର ରତି ମିଶ୍ର ମଧ୍ୟ କିଛି କମ୍ ନୁହନ୍ତି । ତାଙ୍କ ନାଟକ ମଧ୍ୟରେ 'ଦେଖ ବର୍ଷା ଆସୁଛି', 'ସତର୍କ ସଂଘମିତ୍ରା', 'ଶୀତଳ ହୁଅନା ସୂର୍ଯ୍ୟ', 'ସୀତା' ଆଦି ଗୋଟିଏ ଗୋଟିଏ ସାଂପ୍ରତିକ ସମାଜ ଜୀବନରେ ଘଟିଯାଉଥିବା ଘଟଣାବଳୀକୁ ନାଟ୍ୟକାର ନାଟ୍ୟ ରୂପ ଦେଇଛନ୍ତି । ତାଙ୍କର 'ସୀତା' ନାଟକରେ ଶିକ୍ଷିତ ଯୁବ ସଂପ୍ରଦାୟର ସମସ୍ତ ଅସନ୍ତୋଷ ପ୍ରକାଶ ପାଇଛି । ସମାଜରେ ପ୍ରଚଳିତ ପାଠ୍ୟକ୍ରମ ଓ ତଥାକଥିତ ଡ଼ିଗ୍ରୀ ହାସଲକୁ ନେଇ ସେ କହିଛନ୍ତି– "ସେଇ ଡ଼ିଗ୍ରୀକୁ ଦେଖାଇଦେଲେ ଖାଇବାକୁ ମିଳେନା, ଚାକରୀ ମିଳେନା, ପେଟ ପୋଷିବାର କଛି ଉପାୟ ମିଳେନା, ତେଣୁ ସାଧୁଗଣ, ସେହ ଡ଼ିଗ୍ରୀର ମୂଲ୍ୟ କ'ଣ ? ସେ ପ୍ରଚଳତ ଶିକ୍ଷା ବ୍ୟବସ୍ଥାର ଅର୍ଥ କ'ଣ ?"(୫)

ସେହିପରି ନାଟ୍ୟକାର ରତିମିଶ୍ରଙ୍କ ଅନ୍ୟ ଏକ ନାଟକ ହେଉଛି 'ଦେଖ ବର୍ଷା ଆସୁଛି' ଯେଉଁଥିରେ କ ସମାଜର ସମସ୍ୟାଗୁଡ଼ିକ ପ୍ରତିବିମ୍ବିତ କରିବା ସଙ୍ଗେ ସଙ୍ଗେ

ISSN NO.
2582-208X

ଜନସଚେତନତା ସୃଷ୍ଟି କରିବା ହେଉଛି ଏହି ନାଟକର ମୁଖ୍ୟ ଉଦ୍ଦେଶ୍ୟ । ସମସ୍ତେ ମିଶି ସମସ୍ତ ହାତକୁ ଏକକରି ଲଢ଼ିଲେ ଯେଉଁ ସଫଳତା ମିଳେ ତା ବର୍ଣ୍ଣନା କରିଛନ୍ତି । ଯଥା – ଲୋକ : "ତାହା ହେଲେ ଆଉ ଡେରି କାହିଁକି ବନ୍ଧୁଗଣ । ଆସ ବର୍ତ୍ତମାନ କାମ ଆରମ୍ଭ କରିଦେବା । ଏକଜୁଟ ହୋଇ, ହାତ ମୁଠାକୁ ଟାଣକର । ବିଜୁଳୀ, ଘଡ଼ଘଡ଼ିକୁ ଭୟ ନକରି ସମସ୍ତ ଶକ୍ତିଦେଇ ... (ସେ ନଜେ କୋଦାଳ ଉଠାଇଛି ) ଏଇମାଟି ଭିତରୁ ମିଳଯିବ ଏକ ସ୍ରୋତ । ଉପରକୁ ଉହିଁକ ଆସିବ ଉତ୍ସକୂପ ।"

ତେଣୁ ବିଂଶ ଶତାବ୍ଦୀର ସତୁରୀ ବା ଅଶୀଦଶକରେ ନାଟ୍ୟ ରଚନା ଆରମ୍ଭ କରି ନାଟ୍ୟକାରମାନେ ଓଡ଼ିଆ ନାଟକରେ କାୟା-ଆତ୍ମା ତଥା ମଞ୍ଚାୟନରେ ପରିବର୍ତ୍ତନର ସୂତ୍ରପାତ ପୂର୍ବକ ଲୋକନାଟ୍ୟ ପରମ୍ପରାକୁ ବ୍ୟାପ୍ତି କରିଛନ୍ତି । ତାହା ସହିତ ଏହିମାନଙ୍କ ନାଟକରେ ଥିବା ଲୋକ ପରମ୍ପରାଭିତ୍ତିକ ନୃତ୍ୟ-ପୋଷାକ-ସଂଗୀତ-ଗୀତର ବ୍ୟବହାରଜନତ ଫର୍ଚ୍ଚାପଣ ଏମାନଙ୍କୁ ଅଲଗା କରିଦିଏ ।

ସେହିପରି ଉତ୍ତର ଅଶୀ ପରବର୍ତ୍ତୀ ନାଟ୍ୟଧାରାରେ ନାଟ୍ୟକାର ନାରାୟଣ ସାହୁ ମଧ୍ୟ ଅନ୍ୟତମ ଶକ୍ତିଶାଳୀ ନାଟ୍ୟକାର । ସେ ସମାଜର ବାସ୍ତବତା ମଧ୍ୟରେ ଖୋଜିବୁଲନ୍ତି ବାସ୍ତବର ଚିତ୍ର । ଅର୍ଥାତ୍ ସମାଜରେ ଲୁଚ ରହିଥିବା ପରମ୍ପରା, ଲୋକକଥା ଓ ସଂସ୍କୃତିର ପ୍ରତିଛବିକୁ ବାସ୍ତବରେ ପରିଣତ କରିବାକୁ ଆଗ୍ରହ୍ୟ ହୋଇଛନ୍ତି । ଯାହା ନାଟ୍ୟକାର ନାରାୟଣ ସାହୁଙ୍କ ସମବୟସ୍କ ନାଟ୍ୟକାର ଯଥା – ପ୍ରମୋଦ ତ୍ରିପାଠୀ, କିଶୋର ସାହୁ, ଆକାଶ, ରଣଜିତ ପଟ୍ଟନାୟକ, ବିଜୟ କୁମାର ଶତପଥୀ, ଶଙ୍କର ତ୍ରିପାଠୀ, ହୃଷିକେଶ ପଣ୍ଡା, ପ୍ରଦୀପ କୁମାର ରଥ, ସରୋଜ ମିଶ୍ର ଆଦି ସ୍ରଷ୍ଟାଙ୍କଠାରୁ ନାଟ୍ୟକାର ନାରାୟଣ ସାହୁଙ୍କ ନାଟକଗୁଡ଼ିକ ଥିଲା ଅତ୍ୟନ୍ତ ଭାବବିହ୍ୱଳ ।

## ନାରାୟଣ ସାହୁଙ୍କ ନାଟକର ସଂକ୍ଷିପ୍ତ ପରିଚୟ :

ନାଟ୍ୟକାର ନାରାୟଣ ସାହୁଙ୍କର ଦୀର୍ଘ କେତେ ବର୍ଷର ସାମଗ୍ରିକ ସୃଜନଶୀଳତାକୁ ବିଭିନ୍ନ ଦୃଷ୍ଟିକୋଣରୁ ପରଖିଲେ ଜଣାଯିବ ଯେ ନାଟ୍ୟକାର ବିଭିନ୍ନ ସମୟରେ ବିଭିନ୍ନ ନୀତି ଓ ଆଦର୍ଶ ଦ୍ୱାରା ସଂପୂର୍ଣ୍ଣ ରୂପରେ ପ୍ରଭାବିତ ହୋଇଛନ୍ତି । ଓଡ଼ିଶାର ସର୍ବୋଦୟ ସଂଗଠନ ଓ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ସମାଜକୁ ଗାନ୍ଧିବାଦ, ସମାଜବାଦ ଓ ସାମ୍ୟବାଦର ଉଦ୍ଦେଶ୍ୟ ଓ

ISSN NO.
2582-208X

ଆଦର୍ଶରେ ଏକ ନୂଆ ସମାଜ ଓ ଏକ ନୂଆ ରାଷ୍ଟ୍ର ଗଢ଼ି ତୋଳିବାର ସ୍ୱପ୍ନ ଦେଖିଛନ୍ତି । ଯାହା ତାଙ୍କର ଭିନ୍ନଭିନ୍ନ ନାଟକର ଚରିତ୍ର, ସଂଳାପ ଓ ଦୃଶ୍ୟରେ ପ୍ରତିପାଦିତ ହୁଏ । ତେଣୁ ତାଙ୍କର ସାମଗ୍ରିକ କୃତିଗୁଡ଼ିକୁ ବିଭିନ୍ନ ଭିତ୍ତିଭୂମି ଉପରେ ପର୍ଯ୍ୟବସିତ । ଯଥା –

(୧) ସାମାଜିକ ବ୍ୟକ୍ତି ଚରିତ୍ର – (ସୁବର୍ଣ୍ଣ ସକାଳ, ମୂକ, ପୁନଷ୍ଟ ସଂଗ୍ରାମ)
(୨) ରାଜନୈତିକ ବ୍ୟକ୍ତି ଚରିତ୍ର (ତାସ୍ୟ ଦୃଷ୍ଟା, କାହାଣୀ ସବାଶେଷ ଲୋକର, ମୂକ)
(୩) ସାଂପ୍ରଦାୟିକତା – (ପୁନଷ୍ଟ ସଂଗ୍ରାମ)
(୪) ଶ୍ରେଣୀ ସମସ୍ୟା – (କାହାଣୀ ସବାଶେଷ ଲୋକର)
(୫) ବିପ୍ଳବ – (କ୍ରାନ୍ତି, ପୁନଷ୍ଟ ସଂଗ୍ରାମ)

### 'ଉପାସନା' (୧୯୯୦) :

ସମାଜର ବାସ୍ତବତା, ଅନ୍ୟାୟ ଅତ୍ୟାଚାରର ବିପ୍ଳବ ଉପରେ ପର୍ଯ୍ୟବେକ୍ଷଣ କରି ନାଟ୍ୟକାର ଖାଲି ନାଟକ ଯେ ରଚନା କରିଛନ୍ତି ତାହା ନୁହେଁ । ସାମଜରେ ପ୍ରଚଳିତ ପ୍ରେମର ଯେଉଁ ମାହାତ୍ମ୍ୟ ତାହାକୁ ଆଖିରେ ରଖି ସେ ରଚନା କରିଛନ୍ତି ନାଟକ 'ଉପାସନା'। ଜୀବନରେ ପ୍ରେମର ଶାଶ୍ୱତ ପ୍ରବାହ ଏବଂ ପ୍ରେମର ଦିବ୍ୟତ୍ୱ ନିମିତ୍ତ ନିରନ୍ତର ସାଧନ ହିଁ ଉପାସନାର ମୁଖ୍ୟ ଆଧାର ।

ଏହି ନାଟକଟି ନଟୀ ଚିତ୍ରଲେଖା ଏବଂ ପାଟଳୀପୁତ୍ରର ସାମନ୍ତ ବିଜିଗୁପ୍ତଙ୍କର ପ୍ରେମପ୍ରଣୟର କାହାଣୀକୁ ଭିତ୍ତିକରି ରଚିତ ହୋଇଛି । ଯାହାର ବିଷୟବସ୍ତୁ ହେଉଛି ଏହିପରି – କୌଣସି ଏକ ଦିନରେ ବିଜିଗୁପ୍ତ ଓ ଚିତ୍ରଲେଖାଙ୍କର ପ୍ରଣୟଧାରାରେ କୁମାରଗିରି କ୍ଷଣିକ ପ୍ରତିବନ୍ଧକ। କିନ୍ତୁ ଶ୍ରେଷ୍ଟ ମୃତ୍ୟୁଞ୍ଜୟ ନିଜର କନ୍ୟା ଯଶୋଧାରାର ବିବାହ ବିଜିଗୁପ୍ତଙ୍କ ସହିତ କରିବା ପାଇଁ ଚେତନା ପ୍ରୟାସ କରିଚାଲିଥାନ୍ତି । ମାତ୍ର ବିଜିଗୁପ୍ତଙ୍କ ଅନ୍ତରଙ୍ଗ ଶ୍ୱେତାଙ୍କ ଓ ଯଶୋଧାରାଙ୍କ ପରସ୍ପର ପ୍ରତି ଆସକ୍ତି ହୁଅନ୍ତି । ଏପଟେ ବିଜିଗୁପ୍ତଙ୍କୁ ପ୍ରଣୟାଶକ୍ତ କରି ରଖିବାର ଅଭିଯୋଗ ଚିତ୍ରଲେଖାଙ୍କ ଉପରେ ଏବଂ ଶେଷରେ ବିଜିଗୁପ୍ତଙ୍କୁ ନିରାଶ କରି ଆଶ୍ରମର ଅନ୍ତେବାସୀ ହେଉଛନ୍ତି ଚିତ୍ରଲେଖା । କିନ୍ତୁ ଏହା ସତ୍ୟ ଆଶ୍ରମ ଯିବା ପଛରେ ଚିତ୍ରଲେଖାଙ୍କ ମନରେ କୁମାର ଗିରିଙ୍କ ବ୍ୟକ୍ତିତ୍ୱ ପ୍ରତି ସମ୍ମାନ ବୋଧତା କମ୍ ନଥିଲା । ଥରେ ରାତ୍ରରେ କୁମାର ଗିରିଙ୍କ ଚାରିତ୍ରିକ ଅଧୋପତନ ବିବ୍ରତ କରୁଥିଲା

ISSN NO.
2582-208X

ଚିତ୍ରଲେଖାଙ୍କୁ । ଶ୍ୱେତାଙ୍କଠାରୁ ଯଶୋଧାରାଙ୍କ ପ୍ରତି ଦୁର୍ବଳତା କଥା ଶୁଣିବା ପରେ ମୃତ୍ୟୁଞ୍ଜୟଙ୍କ ପାଖରେ ଉଭୟଙ୍କ ବିବାହ ନିମିତ୍ତ ପ୍ରାର୍ଥନା କରିଛନ୍ତି ବିଜିଗୁପ୍ତ । ଶେଷରେ ଏକ ନିରାଶ ଅପରାହ୍ନରେ ଫେରିଲାବେଳେ ଚିତ୍ରଲେଖା ଓ ବିଜିଗୁପ୍ତ ଉଭୟଙ୍କର ଅନୁପସ୍ଥିତିର ଅଭାବ ଅନୁଭବ କରି ପ୍ରେମର ଦିବ୍ୟତ୍ୱେ ସ୍ୱୀକାର କରିଛନ୍ତି ।

ଏହି ବିଷୟବସ୍ତୁକୁ ଦେଖିଲେ ନାଟ୍ୟକାର ନାରାୟଣ ସାହୁ ଭଗବତୀ ବର୍ମାଙ୍କ ଉପନ୍ୟାସ 'ଚିତ୍ରଲେଖା' (୧୯୩୪) ଓ ବାରିଷ୍ଟର ଗୋବିନ୍ଦ ଚନ୍ଦ୍ରଙ୍କ 'ଅମାବାସ୍ୟାର ଚନ୍ଦ୍ର' (୧୯୬୩)ର ନାଟ୍ୟରୂପ ବୋଲି ମନେ ହୁଏ । କିନ୍ତୁ ଏଥିରେ ସଂଳାପିକ, କାବ୍ୟିକତା, ମନସ୍ତାତ୍ତ୍ୱିକ, ଦ୍ୱନ୍ଦ୍ୱ ଓ ବୌଦ୍ଧଦର୍ଶନର ପ୍ରଭାବ ନାଟକଟିକୁ ଦେଇଛି ଭିନ୍ନତାର ସ୍ୱର୍ଶ ବୋଲି ହେମନ୍ତ କୁମାର ଦାସ ମତ ଦିଅନ୍ତି ।(୬)

**'କାହାଣୀ ସବାଶେଷ ଲୋକର' (୧୯୯୨) :**

ଏହି ନାଟକଟି ପୂର୍ବରୁ ଅନେକ ନାମରେ ମଞ୍ଚସ୍ଥ ହୋଇଛି । ଯଥା- 'ସଂଘର୍ଷ', 'ସବାଶେଷ ଲୋକ', 'ଶେଷ ପାହାଚର ମଣିଷ' ଆଦି ନାମରେ ନାମିତ ହୋଇ ମଞ୍ଚସ୍ଥ ହୋଇଛି । ଏଥିରେ ନାଟ୍ୟକାର ଦର୍ଶାଇଛନ୍ତି ଅଧିକାର ଶୂନ୍ୟ ନିମ୍ନବର୍ଗର ଲୋକମାନଙ୍କ କଥାକୁ ହିଁ ବର୍ଣ୍ଣନା କରିଛନ୍ତି ।

ଏହି ନାଟକରେ ବର୍ଣ୍ଣିତ ଯେ କି ଅତ୍ୟାଚାରର ଶିକାର ସବୁବେଳେ ଶେଷ ଲୋକମାନେ ହିଁ ହୋଇଥାନ୍ତି । ତାଙ୍କ ପାଇଁ ସବୁ ରାସ୍ତା, ସବୁ ଦୁଆର ଠିକଣାବିହିନ ହୋଇପଡ଼ିଛି । ତାଙ୍କ ପିଠିରେ ଦେଶର ଭବିଷ୍ୟତ, କାନ୍ଧରେ ଧନୀ ଲୋକଙ୍କର ପାଲିଙ୍କି କିନ୍ତୁ ଦେଶର ଆର୍ଥିକ ଉନ୍ନତିରେ ତାଙ୍କ ଭାଗ୍ୟରେ ପରିବର୍ତ୍ତନ ଆସେ ନାହିଁ । ଯେକି ସେମାନେ ସର୍ବଦା ସତ୍ୟର ଚାରିପଟେ ହିଁ ବୁଲୁଥାନ୍ତି ଚିରକାଳ । ଯେଉଁଥିପାଇଁ ନାଟ୍ୟକାର ସ୍ୱୀକାର କରି କହିଛନ୍ତି - "ନିଜ ଜୀବନର କର୍ମ ଅନ୍ୱେଷଣ ଭିତ୍ତିକ ଘୂର୍ଣ୍ଣାୟମାନ ଅବସ୍ଥାରେ ଖାଲି ହାତରେ ଫେରାଇ ଦେଇଥିବା ବଡ଼ପଣ୍ଡାମାନଙ୍କ ସ୍ୱାର୍ଥଭିତ୍ତିକ ମତଲବି ପଣରୁ ହିଁ ଏହି ନାଟକର ସୃଷ୍ଟି।"(୭)ନାଟକଟି ମୂଳତଃ ସମାଜ ବାସ୍ତବବାଦୀ ଚିନ୍ତା ସମ୍ବଳିତ । ନାଟ୍ୟକାର ଯୁଗ ଯୁଗ ଧରି ଚାଲି ଆସୁଥିବା ଶୋଷଣ ଓ ଅନ୍ୟାୟ ଅତ୍ୟାଚାରର ଛିନ୍ନ ଚିତ୍ର ପରିବେଷଣ କରି ନିଜ ଚିତ୍ତରେ ଆଲୋଡ଼ନ ସୃଷ୍ଟି କରିବାର ପ୍ରୟାସ କରିଛନ୍ତି । ଶୋଷିତ ସମାଜକୁ ଜାଗ୍ରତ

ISSN NO.
2582-208X

କରି ତା’ ମନରେ ନୂତନ ଶକ୍ତି ସାହାସ ଭରିଦେଇଛି । ତାକୁ ଅନ୍ୟାୟ ପ୍ରତିରୋଧ ଲାଗି ଦୃଢ଼ ଭାବରେ ଠିଆହେବାର ପ୍ରେରଣା ଯୋଗାଇଛନ୍ତି । ଯାହା ଏହି ନାଟକର ଶେଷ ଦୃଶ୍ୟରେ ଦର୍ଶାଇଛନ୍ତି ଏହିପରି - “ତୋ ଦୁର୍ବଳତାର ସୁଯୋଗ ନେଇ ସେମାନେ ତୋ କାନ୍ଧ ଉପରେ ପାଦଦେଇ ଉପରକୁ ଉପରକୁ ଉଠିଲା । କେବେବି ତୁ ପ୍ରତିପାଦ କଲୁନି । କେତେ ଦିନ ଏମିତି ପଡ଼ି ରହିଥିବୁ? ନିଜ ଭିତରେ ଶକ୍ତିକୁ ଜାଗ୍ରତ କର ।”(୮)

## ମୂକ (୧୯୯୬) :

ନାଟ୍ୟକାର ନାରାୟଣ ସାହୁଙ୍କର ନାଟକ ‘ମୂକ’ ଏକ ଭିନ୍ନଧରଣର ନାଟକ, ସାଂପ୍ରତିକ ଶାସନ ବ୍ୟବସ୍ଥାର ଯେଉଁ ରାଜନୈତିକ ସ୍ୱାର୍ଥ ନିମନ୍ତେ ସାଧାରଣ ମଣିଷର ସ୍ୱର ଓ ପ୍ରତିବାଦ କେତେ ଯେ ଅସହାୟ ତାହାହିଁ ଏହି ନାଟକରେ ନାଟ୍ୟକାର ଦର୍ଶାଇଛନ୍ତି । ଏଠି ଲୋକମାନେ ରାଜନୀତିକ କ୍ଷମତା ହାସଲ ପାଇଁ କେତେ ତଳକୁ ଚାଲିଯାନ୍ତି ତାହା ମହିପାଳ ଓ ବାଇମନ ଚରିତ୍ରର ମାଧ୍ୟମରେ ଦର୍ଶାଇଛନ୍ତି । ସତ୍ୟର କଣ୍ଠରୋଧ କରିବା ପୁଣ୍ୟ ଉପରେ ପାପର ଭାରକୁ ଲଦି, ସ୍ୱାଭିମାନ ଉପରେ ଆତ୍ମବଡ଼ିମାର ଜୟ ପତାକା ଉଡ଼ାଇବା ହେଉଛି ଏହି ନାଟକର ମୁଖ୍ୟଶାଳା । ଯେଉଁଠାରେ ସାଂପ୍ରତିକ ସମୟରେ ଦ୍ୱନ୍ଦ୍ୱ ଓ ଅର୍ଥାତ୍ ଗ୍ଲାନି ଭିତରେ ମଣିଷର ବିଶୁଦ୍ଧ ପରିଚୟକୁ ବନ୍ଦନା କଲାବେଳେ ସତ୍ୟର ଜିଭଟାକୁ କାଟିଦିଆଯାଏ । ଯାହାଫଳରେ ସେ ମୂକ ହୋଇପଡ଼େ । ଏହିପରି ଏକ କଥାବସ୍ତୁକୁ ନେଇ ରାଜନୀତିକ ସହିତ ସଫଳ ପ୍ରତୀକଧର୍ମୀ ନାଟକଟିଏ ରଚନା କରିଛନ୍ତି ନାଟ୍ୟକାର ।

## ପୁନଶ୍ଚ ସଂଗ୍ରାମ (୧୯୯୭) :

ନାଟ୍ୟକାରଙ୍କ ଏହି ନାଟକଟି ସର୍ବଦା ଗାନ୍ଧିବାଦୀ ନାଟକ ଅଟେ । ଯେଉଁଠାରେ ଭାରତ ସ୍ୱାଧୀନତା ପରେ ବି ସାଧାରଣ ମଣିଷମାନେ ବି ଅନ୍ୟାୟ ଅତ୍ୟାଚାରର ଶିକାର ହେଉଛନ୍ତି। ତେଣୁ ଯେଉଁଠି ପରୀକ୍ଷାବାଦର ବିଫଳତା ଭାରତୀୟ ସ୍ୱାଧୀନତା ଓ ଗଣତନ୍ତ୍ରର ହିଁ ବିଫଳତା ହୋଇଥାଏ । ପ୍ରଶାସନିକ ସ୍ୱାଧୀନତା ଯେ ଅସଲରେ ଏକ ରାଜନୈତିକ ସ୍ୱାଧୀନତା ନୁହେଁ ବୋଲି ପରୋକ୍ଷ ଭାବରେ ନାଟ୍ୟକାର ଏହି ନାଟକ ମାଧ୍ୟମରେ ଚେତେଇ ଦେଇଛନ୍ତି ଏବଂ ତାହା ସହିତ ସମାଜ, ସଂସ୍କୃତି, ଅର୍ଥନୀତି, ଭୂଗୋଳ, ଭାଷା, ଜାତୀୟତା ଇତ୍ୟାଦି କ୍ଷେତ୍ରରେ ଆମ ନିଜର ସ୍ୱାଧୀନତା ଅଛି ବୋଲି ନାଟ୍ୟକାର ଏହି ନାଟକର

ISSN NO.
2582-208X

କଥାବସ୍ତୁ ମାଧ୍ୟମରେ ଦର୍ଶାଇଛନ୍ତି । ଯେଉଁଟାକି ଆମକୁ ମିଳିବାର ହକ୍‌ଦାର । କଥାବସ୍ତୁ ଏହିପରି –

ଏହି ନାଟକର ମୁଖ୍ୟ ଚରିତ୍ର ବୃଦ୍ଧ ନିତାଇରାମ । ଯେ କି ସ୍ୱାଧୀନତା ପରର ଭାରତ ଗଠନର ସ୍ୱପ୍ନମୟ ଉତ୍ତରଣରେ ବାଧା ଦେଇଛନ୍ତି ଗାଲମାଧବ ଓ ବଗୁଲି ଦାସଙ୍କ ଭଳି ରାଜନେତା । ଯେଉଁମାନେ କି କ୍ଷମତା ମୋହରେ ଅନ୍ଧ ହୋଇ ପାରଙ୍ଗମତାର ସହିତ ରାଜନୈତିକ ପଶାକାଠିକୁ ଭଲ ଭାବରେ ଚଳେଇପାରନ୍ତି ନାହିଁ । ଏହି ଦୁଇଜଣଙ୍କର ଡାହାଣହାତ ହେଉଛି ସଲିମ୍ । ଯିଏକି ପରମଗୁରୁ ଓ ମାଲପାଣି ଭଳି ପୋଲିସ ଚରିତ୍ରର ସମସ୍ତ ସତ୍ୟତା ଜାଣିବାପରେ ମଧ୍ୟ ଗାଲମାଧବଙ୍କର ଅଧୀନସ୍ଥ ହୋଇଛି । ଯାହା ଫଳରେ କି ଭାରତୀୟ ନିରନ୍ତର ନିର୍ଯ୍ୟାତିତା ବିନା ଦୋଷରେ ଦଣ୍ଡିତ ହୋଇଛି ରାମୁ ।

ଯେଉଁ ଦେଶରେ ନୂଆ କଥା କହୁଥିବା ନୂଆ ସ୍ୱପ୍ନ ଦେଖୁଥିବା ଲୋକଟିର ଛାତିରେ ପାଦରଖି ତାର ସ୍ୱର ରୁନ୍ଧନ କରିବା ସହିତ ଗଣତନ୍ତ୍ରର ତଣ୍ଟି ଚିପିଦିଆଯାଏ ଏବଂ ଦେଶ ପାଇଁ ସ୍ୱାଧୀନତା ଆଣୁଥିବା ଗାନ୍ଧିମାନଙ୍କୁ ଅଣଦେଖା କରିଦେଇ କେବଳ କାନ୍ଥରେ ଟଙ୍ଗାଇ ଦିଆଯାଏ । ତେଣୁ 'ପୁନଶ୍ଚ ସଂଗ୍ରାମ' ଏହି ଧରଣର ଏକ ସଫଳ ନାଟକ ।

### 'ଅଦେଖା ସ୍ୱପ୍ନ' (୧୯୯୮) ଓ 'ପ୍ରାୟଶ୍ଚିତ' (୨୦୦୧) :

ନାଟ୍ୟକାରଙ୍କର ଏହି ଦୁଇଟି ନାଟକର ବିଷୟବସ୍ତୁକୁ ଅଧ୍ୟୟନ କଲେ ଏକାପରିକା ଲାଗିଥାଏ । ଏହି ନାଟକ ଦ୍ୱୟର ସମସ୍ୟା ଏକା । ସମାନ ପରିବେଶ ମଧ୍ୟରେ ପରିସର ଓ ପରିଣତି ଭିନ୍ନ । ଉଭୟ ନାଟକର ନାୟିକା ଦୀପିକା (ଅଦେଖା ସ୍ୱପ୍ନ) ଓ କ୍ରିଷ୍ଣା (ପ୍ରାୟଶ୍ଚିତ) ନାଟକଦ୍ୱୟ ଅସଦାଚାରଣ ଶିକାରର ନାୟିକା ଦ୍ୱୟ ।

'ଅଦେଖା ସ୍ୱପ୍ନ' ନାଟକରେ ମଣିଭଦ୍ରଙ୍କ ଗାନ୍ଧିବାଦୀ ଦର୍ଶନ ଓ ବିପ୍ଳବର ଅହିଂସାଜନିତ ଚିନ୍ତାଧାରା, ମହେଶ୍ୱର-ରବି ଭଳି ରାଜନୀତିକ ଚରିତ୍ରମାନଙ୍କ କ୍ଷମତା ଲିପ୍‌ସା, ଅଭିନେତା ଓକିଲ ଓ ପୋଲିସ୍ ଏହି ତିନିଜଣଙ୍କ ସାଲିସ୍‌ପଣ ଓ ଦୀପିକାର ଅସହାୟତା ଭିତର ଦେଇ ନାଟକଟିର କଥାବସ୍ତୁ ଗତି କରିଛି । ସେହିଭଳି 'ପ୍ରାୟଶ୍ଚିତ' ନାଟକରେ ମଧ୍ୟ ନାୟିକା କ୍ରିଷ୍ଣା ଜୀବନରେ ଅତ୍ୟାଚାରର ଶିକାର ହୋଇଥିବା ସମୟରେ ତାକୁ ନୂତନ ଜୀବନ

ISSN NO.
2582-208X

ଦେଇଛନ୍ତି ଅଧ୍ୟାପକ ରଣଜିତ ଘରେ ରଖି । ପରେ ପ୍ରେମିକ ପ୍ରମୋଦକୁ ଭରସା କରି ରଣଜିତ୍‌ଙ୍କ ଘରୁ ବାହାରିଯିବା ପରେ ପୁଣିଥରେ ପ୍ରମୋଦଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇ ଫେରିଆସୁଛନ୍ତି । କିନ୍ତୁ ସେତେବେଳକୁ ଅନ୍ୟାୟର ପ୍ରତିରୋଧ କରି ପାଗଳ ହୋଇଛି ରଣଜିତ । ଆଉ ତା'ପରେ ଅସହାୟତାରେ ରହି ଅସଜଡ଼ା ଜିନିଷକୁ ସଜାଡ଼ିବାକୁ ଚାହିଛି କ୍ରୀଷ୍ଣା ।

ତେଣୁ ଏହି ଦୁଇଟି ନାଟକକୁ ବିଚାରକଲେ 'ଅଦେଖା ସ୍ୱପ୍ନ' ନାଟକଠାରୁ 'ପ୍ରାୟଶ୍ଚିତ' ନାଟକ କିଛି ପାଦ ଆଗରେ ରହିଯାଇଛି, କାରଣ 'ଅଦେଖା ସ୍ୱପ୍ନ'ରେ ଦୀପିକା ଓ ବିପ୍ଳବ ମୃତ । ମାତ୍ର 'ପ୍ରାୟଶ୍ଚିତ'ରେ କ୍ରିଷ୍ଣା ଜୀବନର ବିଫଳତାଠାରୁ ଦୂରେଇ ନଯାଇ ମଣିଷ ପ୍ରତି ମଣିଷର ଆବେଗ ନିକଟରେ ବାନ୍ଧି ହୋଇ ପ୍ରକୃତ ଜୀବନକୁ ଫେରୁଛି ଏବଂ ଶେଷରେ ଜୀବନରେ ଅନୁରାଗ ଓ ପ୍ରେମ ହିଁ ଗୁରୁତ୍ୱପୂର୍ଣ୍ଣ ମନେ କରି ରଣଜିତ୍‌କୁ ନେଇ ଜୀବନ ଆରମ୍ଭ କରିବା ପାଇଁ ଚାହିଁଛି ।

### ଅପରାହ୍ନର ଅବଶୋଷ (୨୦୦୨) :

ଏହି ନାଟକଟି ନାଟ୍ୟକାରଙ୍କ ଏକ ବିଶିଷ୍ଟ ନାଟକ, ଯାହାକି ୨୦୦୨ ମସିହାରେ 'ବିଦ୍ୟାପୁରୀ' ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ହୋଇଥିଲା । କିନ୍ତୁ ଏହା ପୂର୍ବରୁ ଅର୍ଥାତ୍ ୦୭.୦୧.୨୦୦୦ ମସିହାରେ ପ୍ରଥମେ ଦୂରଦର୍ଶନରେ ଅଭିନୟ ହୋଇଥିଲା ଏବଂ ଦ୍ୱିତୀୟ ଅଭିନୟ ସୌଖିନ ନାଟ୍ୟାନୁଷ୍ଠାନ 'କଳ କଳ୍ପନା' ତରଫରୁ 'ଅସ୍ତରାଗ' ଶିରୋନାମରେ 'ଶାଶ୍ୱତୀ' ନାଟ୍ୟାନୁଷ୍ଠାନ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ସପ୍ତମ ନାଟକ ପ୍ରତିଯୋଗିତାରେ ବ୍ରହ୍ମପୁରର ଟାଉନ୍ ହଲଠାରେ ୩୦.୧୨.୨୦୦୦ରେ ଅଭିନୀତ ହୋଇଥିଲା । ଏବଂ ୨୭.୩.୨୦୦୧ରେ ବିଶ୍ୱ ନାଟ୍ୟ ଦିବସ ଉପଲକ୍ଷେ ରବୀନ୍ଦ୍ରମଣ୍ଡପଠାରେ ଏହି ନାଟକ ମଞ୍ଚସ୍ଥ ହୋଇ ଲୋକପ୍ରିୟତା ଲାଭ କରିଥିଲା ।

ଏହି ନାଟକଟି ଏକ ଭିନ୍ନସ୍ୱାଦର ନାଟକ । ଯେଉଁଥିରେ ରାଜା ଭାନୁପ୍ରତାପ ଜୀବନ କାହାଣୀକୁ ନେଇ ରଚିତ ନାଟକ, ଯାହା ରାଜା ଓ ରାଜତନ୍ତ୍ରର ଦୋଷତ୍ରୁଟିକୁ ନେଇ ରଚିତ ଏହି ନାଟକ । ଏହି ନାଟକର ସଂକ୍ଷିପ୍ତ ବିଷୟବସ୍ତୁ ହେଉଛି ଏହିପରି -

ISSN NO.
2582-208X

ରାଜକୀୟ କ୍ଷମତା ହରାଇବା ତଥା ସରକାରୀ ଭତ୍ତା ବନ୍ଦ ହେବା ପରେ ମଧ୍ୟ ଭାନୁ ପ୍ରତାପ ବାସ୍ତବତାକୁ ଗ୍ରହଣ କରିପାରୁନାହିଁ । ଯାହାଫଳରେ କି ସମୟ କ୍ରମେ ନିଜର ଆବଶ୍ୟକତା ନିମନ୍ତେ ସମସ୍ତ ସଂପତ୍ତିକୁ ବିକ୍ରି କରିବାକୁ ପଡ଼ିଛି, ଯାହା ପରମୁହୂର୍ତ୍ତରେ ସମସ୍ତ ସଂପତ୍ତି ତା' ପାଖରୁ ଦୂରେଇଯାଉଛି । ଏହା ପରେ ବି ରାଜା ବେଶରେ ରହିବାକୁ ମାନସିକ ସ୍ତରରେ ଇଚ୍ଛା କରୁଛନ୍ତି । ଯାହାକୁ ପରିବାର ବୃଥା ରାଜକୀୟ ଆଧିପତ୍ୟ ଓ ଆସ୍ଫାଳନକୁ ଗ୍ରହଣ କରୁନାହାନ୍ତି । ଯାହା'ଳରେ ତାଙ୍କର ଇଚ୍ଛା ବିରୁଦ୍ଧରେ ଯାଇ କୁମାରର ବିବାହ ତାଙ୍କୁ ସକ୍ତ ଧକ୍କାଦିଏ । ତାହା ସହିତ ପତ୍ନୀ ସୁଭଦ୍ରାଙ୍କର ମୃତ୍ୟୁ ତାଙ୍କୁ ଆହୁରୀ ବିଚଳିତ କରିଦେଉଛି । କାରଣ ସବୁ ସମ୍ପତ୍ତି ଗଲାପରେ ସୁଭଦ୍ରା ଅର୍ଥରେ ଚଳୁଥିବାର ଜାଣିଲା ପରେ ସେ ପକ୍ଷାଘାତର ଶିକାର ମଧ୍ୟ ହୁଅନ୍ତି । ଶେଷରେ ସେ ଯେଉଁ ଅର୍ଦ୍ଧଭଗ୍ନ ରାଜପ୍ରସାଦ, କଳଙ୍କି ଲଗା ତରବାରୀ ଓ ବନ୍ଧୁକ, ମଳିନ ମୁକୁଟ ଓ ଧୂଳି ଜମିଥିବା ସିଂହାସନ ଭିତରେ ସେ ସମ୍ରାଟ ହୋଇରହୁଥିଲେ । ସେଥିରୁ ସେ ଅତ୍ୟନ୍ତ ଭାବରେ ବିଦା ନେଉଛନ୍ତି । ଏହି ନାଟକର ମୁଖ୍ୟ ଘଟଣା ହେଉଛି ମୋଗଲ ସମ୍ରାଟ ବାହାଦୂର ଶାହାଫ୍‌ରଙ୍କ କରୁଣା ଚିତ୍ରକୁ ଦର୍ଶାଇବା ।

### ନାଟକ 'ନିଷିଦ୍ଧ ସଂଳାପ' (୨୦୦୬) :

ନାଟ୍ୟକାରଙ୍କର ଏକ ସଫଳ ନାଟକ ହେଉଛି 'ନିଷିଦ୍ଧ ସଂଳାପ' ଯେଉଁଥିରେ ଗୋଟିଏ କଳାକାର ପ୍ରେମର ବସାରେ ବାନ୍ଧିହୋଇ କିପରି ଭାବେ କାରୁଣ୍ୟ ଓ ଅସହାୟ ଯନ୍ତ୍ରଣାରେ ଜର୍ଜରିତ ହେଉଛି ତାହାବର୍ଣ୍ଣନା କରିଛନ୍ତି । ଖାସ ସଂପ୍ରତି ସମୟରେ ବିଭିନ୍ନ ନାଟ୍ୟଦଳଗୁଡ଼ିକରେ ଦିଶୁଥିବା କେତେକ ଅନ୍ଧାରୀ ଦିଗ ବିଷୟରେ ନାଟ୍ୟକାର ସ୍ୱତନ୍ତ୍ର ଦୃଷ୍ଟି ହେଇଛନ୍ତି । ନାଟକଟିର ବିଷୟବସ୍ତୁ ଏହିପରି –

ନାଟ୍ୟଭାରତୀ ଅନୁଷ୍ଠାନ ସଭାରୁ ଆରମ୍ଭ ହୋଇଥିବା ନାଟକଟିରେ ପଦର ସ୍ୱୀକାରୋକ୍ତି ଭିତରେ ହିଁ କାହାଣୀ ଭାଗଟି ଗତିଶୀଳ । ନାଟ୍ୟକାର ସିଦ୍ଧାନ୍ତ ମହାପାତ୍ରଙ୍କ ଲେଖକୀୟ ପ୍ରସିଦ୍ଧ ପରିଚିତିର ଉଚ୍ଚ ଶିକ୍ଷିତା ସାଗରିକା ଘରଛାଳ ମଞ୍ଚକୁ ଗ୍ରହଣ କରିନିଅନ୍ତି । ପରେ ପରେ ନିର୍ଦ୍ଦେଶକ ବିନୋଦ ଓ ଅଭିନେତା ଅଞ୍ଜନଙ୍କ ସଫଳତା ପାଇବାର ଧୃଷ୍ଟ ମାନସିକତା ଭିତରେ ଛନ୍ଦି ହୋଇଯାଇଛି ସିଦ୍ଧାନ୍ତ ଓ ସାଗରିକାଙ୍କ ପରିବାର । ଯେଉଁଥିପାଇଁ ପରିସ୍ଥିତିକୁ ସମ୍ମୁଖୀନ କରି ବାଧ୍ୟ ହୋଇ ମଞ୍ଚକୁ ଓହ୍ଲାଇଛି ସାଗରୀକା । ଯାହା ଫଳରେ ଅଭିନୟରେ ଅଭିନୟ କରୁ କରୁ ସେ ହୋଇଗଲେ ଗୋଟିଏ ବାସ୍ତବରେ ଅଭିନେତା । ଯାହା ସାଗରୀକା

ISSN NO.
2582-208X

ଓ ଅଞ୍ଜନାଙ୍କ ପ୍ରେମକୁ ନେଇ ଚର୍ଚ୍ଚା । ଦୁହେଁ ଦୁହିଁଙ୍କୁ ବହୁତ ଭଲପାଇଲେ ଏବଂ ଶେଷରେ ସାଗରିକା ପରିବାର, ଘରଛାଳ ଚାଲିଯାଇଛି ଅଞ୍ଜନା ସହିତ । ଏହାର କିଛିଦିନ ପରେ ଅଞ୍ଜନ ସାଗରିକାକୁ ଅଧାବାଟରେ ଛାଡ଼ିଦେଇଛି; ଯାହା ଫଳରେ ସାଗରିକା ଏକା ହୋଇଯାଇଛି । ଠିକ୍ ଏହି ସମୟରେ ପହଞ୍ଚିଛି ସହାୟତାର ହାତନେଇ ସିଦ୍ଧାନ୍ତଙ୍କ ଅନୁଗତ ପଦ୍ମ । ସାଗରିକା ଗର୍ଭରେ ଥିବା ସନ୍ତାନକୁ ପରିଚୟ ଦେଇଛି ସତ, ହେଲେ ଭାଙ୍ଗିଯାଇଥିବା ଅସଜଡ଼ା ଜୀବନଟି କାହାର ବି ହୋଇପାରି ନାହିଁ ।

ତେଣୁ ଏହି ନାଟକର ବିଷୟବସ୍ତୁ 'ଦୀନବନ୍ଧୁ ଦାସଙ୍କ ଆତ୍ମଜୀବନୀ', 'ଜଣେ କଳାକାରର କାହାଣୀ' ପଦ୍ମର ସ୍ୱୀକାରୋକ୍ତିକୁ କେତେକାଂଶରେ ପ୍ରଭାବିତ ହୋଇଛନ୍ତି ବୋଲି ଅଧ୍ୟାପକ ଜ୍ଞାନୀ ଦେବାଶିଷ ମିଶ୍ର ମତ ଦେଇଛନ୍ତି ।(୯)ଏହି ନାଟକଟିକୁ ଆରମ୍ଭ କରିଛନ୍ତି 'ଏଇ ଜୀବନଟା ଏକ ନାଟକ' ଗୀତର ଦ୍ୱିତୀୟ ଅନ୍ତରାଳରୁ ଏବଂ 'ଆତ୍ମଲିପିର' ଶେଷ ଦୃଶ୍ୟରେ ଶେଲୀ, 'ଆତ୍ମଲିପି'ର ପାଣ୍ଡୁଲିପିଟାକୁ ନାଟ୍ୟକାରଙ୍କ ଆଗରେ ଜାଳିଦେବାବେଳେ ଭାଙ୍ଗିପଡ଼ୁ ପଡ଼ୁ ଶୁଭୁଛି 'ଶେଷ ଅଙ୍କରେ ଶେଷ ଯବନିକା' ଏବଂ ଡ. ସାହୁଙ୍କ ନାଟକର ଆରମ୍ଭ ହେଉଛି ଏହିଠାରୁ 'ବୋଲି ମତ ଦିଅନ୍ତି ନାଟ୍ୟକାର ରମେଶ ପ୍ରସାଦ ପାଣିଗ୍ରାହୀ ।(୧୦) ଏହି ନାଟକର ଆରମ୍ଭ ହୋଇଛି ଗୋଟିଏ ସଭା ମଧ୍ୟରୁ । ଯାହାକୁ ଦର୍ଶକ ହଠାତ୍ ଜାଣିପାରିବେ ନାହିଁ ଯେ ନାଟକ ଆରମ୍ଭ ହେଲା । ଆରମ୍ଭଟି ଏହିପରି ଆଶୀଷ– "ନମସ୍କାର ଦର୍ଶକବନ୍ଧୁ / ନାଟ୍ୟଭାରତୀ ଅନୁଷ୍ଠାନ ତରଫରୁ ଆପଣମାନଙ୍କୁ ସ୍ୱାଗତ ଜଣାଉଛି । ମୁଁ ସଂପାଦକ ଆଶୀଷ ମହାପାତ୍ର, ପ୍ରତିବର୍ଷ ପରି ଆମେ ଚଳିତବର୍ଷ ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ପୁରସ୍କାର ପ୍ରଦାନ କରିବାକୁ ଯାଉଛୁ ।"(୧୧) ଯାହାର ନାଟ୍ୟ ମହଲରେ ଥିଲା ଭିନ୍ନସ୍ୱାଦର ।

### 'କ୍ରାନ୍ତି' (୨୦୦୭) :

ଏହି ନାଟକଟି ନାଟ୍ୟକାରଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ନାଟକ । ଏହା ଏକ ବିପ୍ଳବାତ୍ମକ ନାଟକ। ଏଥିରେ ସାମାଜିକ, ଅନୀତି, ଦୁର୍ନୀତି, ଶୋଷଣ, ସ୍ୱେଚ୍ଛାଚାରୀ ବିରୋଧରେ ସାଂଗଠନିକ ଆହ୍ୱାନ, ପ୍ରଶାସନିକ ବିଚାର ବ୍ୟବସ୍ଥା ଓ ରାଜନୀତିକ ହିପୋକ୍ରାସିକ ପ୍ରତି ଶାଣିତ ବିଦ୍ରୂପ। ଅହଂକାରୀ ଓ ନିଷ୍ଠୁରତା ଉପରେ ବିବେକ ଓ ହୃଦୟର ବିଜୟ ହିଁ ଏହାର ବାଣୀମନ୍ତ୍ର । ଉପରୋକ୍ତ ଆଦର୍ଶକୁ ଲକ୍ଷ୍ୟ କଲେ ଏହାର ବିଷୟବସ୍ତୁ ସଂକ୍ଷପରେ ଏହିପରି ।

ISSN NO.
2582-208X

ବୃଦ୍ଧ ସମାଜସେବୀ ସନାତନ ଉଦାର ହୃଦୟବାନ ମଣିଷଟା । କୌଣସି ପ୍ରକାର ସଂକୀର୍ଣ୍ଣତା ତାଙ୍କୁ ସ୍ପର୍ଶ କରେ ନାହିଁ । ତାଙ୍କର ପୁତ୍ର ଜେପି ବା ଜଗତ ପ୍ରକାଶ । ଜଣେ ଶିକ୍ଷିତ ବ୍ୟକ୍ତି, ସେଥିପାଇଁ ଅନ୍ୟାୟ ବିରୁଦ୍ଧରେ ସର୍ବଦା ବିପ୍ଳବ କରିଥାଏ ଶୋଷକମାନଙ୍କୁ ହତ୍ୟା କରିଛି ଏବଂ ଲୋକମାନଙ୍କୁ ପ୍ରେରଣା ଦେଇଛି । ଏବଂ ଲାଞ୍ଚ ନେଉଥିବା ପୋଲିସ ଓ ସରକାରୀ କର୍ମଚାରୀମାନଙ୍କୁ ଚେତାବନି ଦେବା ସହିତ ପାଞ୍ଚଜଣ ଶୋଷକ, ସଇତାନମାନଙ୍କୁ ହତ୍ୟା କରି ଜେଲଯାଇଛି ଏବଂ ଶେଷରେ ତା'ର ଫାଶିର ହୁକୁମ୍ ହୋଇଛି। ବୀର କେବେ କାହା ପାଖରେ ମୁଣ୍ଡ ନୁଏଁ ନାହିଁ । ଫାଶିର ହୁକୁମ ପାଇ ମଧ୍ୟ ସେ କୌଣସି ପ୍ରକାର ବିଚଳିତ ହୋଇନାହିଁ । କିନ୍ତୁ ଏତିକି ବିଶ୍ୱାସ ରଖିଛି ଯେ ମୋର ମୃତ୍ୟୁ ପରେ ମୋ ପରିକା ଆହୁରି ଅନେକ ବିପ୍ଳବୀ ବାହାରିବେ । ଏବଂ ସେହିମାନେ ହିଁ ଏ ଦେଶର ଅତ୍ୟାଚାରର, ସ୍ୱେଚ୍ଛାଚାର, ଶୋଷଣ ପୀଡ଼ନକୁ ଜାରିପୋଡ଼ି ଛାରଖାର କରିଦେବେ। ସେ ଜେଲରେ ଅନେକ କଷ୍ଟ ଯନ୍ତ୍ରଣା ସହିତ ମିଥ୍ୟା କେଶ ଓ ପୋଲିସଙ୍କର ଲାଠିମାଡ଼ରେ ସେ କେବେ ନଇଁପଡ଼ି ନାହିଁ । ଯାହା ଫଳରେ ତା'ର ନିର୍ଭୀକ ବ୍ୟକ୍ତିତ୍ୱ ନିକଟରେ ବଦଳି ଯାଇଛନ୍ତି ଜେଲର ପୋଲିସ ଇନିସ୍‌ପେକ୍ଟର । ତା'ପରେ ପୁତ୍ରର ଏହି ଗୁଣକୁ ସ୍ୱୀକାର କରିଛି ପିତା ସନାତନ ନିଜକୁ ଗର୍ବ ଅନୁଭବ କରିଛି । ଫାଶି ପୂର୍ବରୁ ପିତା ପୁତ୍ରଙ୍କ ଉକ୍ତି ଅତ୍ୟନ୍ତ ବାସ୍ତବିକ ତା'ର ମହନୀୟତା । ଯେଉଁ ଭାଗ୍ୟ ସବୁ ପୁଅକୁ ବା ସବୁ ବାପାକୁ ମିଳିନଥାଏ । ଜଣେ ସମାଜ ସେବୀ, ଗାନ୍ଧିବାଦୀ ଭାବରେ ପୁତ୍ରର ହିଂସାତ୍ମକ ବିପ୍ଳବକୁ ସେ ସମର୍ଥନ କରିଛି । ଏବଂ ମଣିଷଖିଆ ବାଘକୁ ମାରି, ପଶୁହତ୍ୟାରେ ଫାଶି ମିଳିଛି ଏହାକୁ ମଧ୍ୟ ଦମ୍ଭର ସହ ସମର୍ଥନ କରିଛି । ଯାହାର ନିସ୍ୱାର୍ଥ ଦେଶପ୍ରାଣ ଓ ନିରବଚ୍ଛିନ୍ନ ଭାବରେ ଅନ୍ୟାୟର ପ୍ରତିରୋଧ ଓ ନିର୍ମତ୍ୱକ ଦେଖିଥିବା ଶୋଷଣକାରୀମାନେ ମଧ୍ୟ ବଦଳିଯାଇ ନିଜର ମୁକ୍ତି ପାଇଁ ଆପ୍ରାଣ ଚେଷ୍ଟା କରିଛନ୍ତି । କିନ୍ତୁ ସବୁ ଚେଷ୍ଟା ହୋଇଛି ବିଫଳ । ଏହି ନାଟକରେ ନାଟ୍ୟକାର ଶୁଣାଇଛନ୍ତି କେବଳ ବିପ୍ଳବର ଅଗ୍ନି ମର୍ମବାଣୀ ଏବଂ ସୂଚାଇବାକୁ ଚାହିଁଛନ୍ତି ବିପ୍ଳବ ଚାହେଁ ସୁସ୍ଥ ସମାଜ । ଯେଉଁମାନେ ଆଇନ ନାମରେ ଅତ୍ୟାଚାର ଅନ୍ୟାୟ କରୁଛନ୍ତି ସେମାନଙ୍କର ଦଣ୍ଡ କେବଳ ସର୍ବଦା ବିପ୍ଳବୀ ହାତରେ ହିଁ ଥାଏ ।

ଏହି ନାଟକଟିକୁ ଅନୁସରଣ କଲେ ଏହିପରି ଚରିତ୍ର ଓ ଚିନ୍ତାଧାରା ସାମ୍ୟବାଦୀ ଆନ୍ଦୋଳନର କର୍ଣ୍ଣଧାର ଭଗବତୀଚରଣ ପାଣିଗ୍ରାହୀଙ୍କ 'ଶିକାର' ଗଳ୍ପର ଘିନୁଆ ଚରିତ୍ରକୁ ସାମନାକୁ ଆସେ । ଯାହା ଜେପି ମଖୁରୁ ସଂଳାପଳଟିଏ –

ISSN NO.
2582-208X

ଜେପି : “ତମେମାନେ ଯାହାକୁ ମଣିଷ କୁହ, ମୋ ଭାଷାରେ ସେମାନେ ଜାନୁଆର । ଜାନୁଆର ହିଂସ୍ର ହେଲେ ସେମାନଙ୍କୁ ଶିକାର କରାଯାଏ । ଆଉ ସେଇ ଶିକାର ମୁଁ କରିଛି, ଗୋଟିଏ ନୁହେଁ ପାଞ୍ଚ ପାଞ୍ଚଟା ଶିକାର ।”(୧୨)

ଶେଷକଥା (୨୦୦୯) :

ଏହି ନାଟକଟି ନାଟ୍ୟକାରଙ୍କ ରଚିତ ‘ନିଷିଦ୍ଧ ସଂଳାପ’ ନାଟକର ବିଷୟବସ୍ତୁ ଶହ ପ୍ରାୟ ସମାନ । ଏହାର ପୃଷ୍ଠଭୂମି ହେଉଛି ଜଣେ କଳାକାରର ଅସହାୟତା; ଯାହାକି ସନ୍ତୋଷ ଚୌଧୁରୀ ହେଉଛି ମୁଖ୍ୟ ଚରିତ୍ର । ଯେ କି ଅଭିନୟ ପାଇଁ ଘରଛାଡ଼ିବା ପଛରେ ବୈବାହିକ ଜୀବନ ଭାଙ୍ଗିଯିବା ସହିତ ଦୁଇ ପୁଅ, ସ୍ତ୍ରୀ ଓ ବୃଦ୍ଧପିତାଙ୍କ ଦାୟିତ୍ୱକୁ ପଛରେ ପକାଇ ସେ ମୋହଞ୍ଜମାୟାରେ ଜଡ଼ିତ ହୋଇଯାଏ । ସମୟକ୍ରମେ ଶାରୀରିକ ଅସମାର୍ଥ୍ୟ ଯୋଗୁ ମୋହରୁ ଦୂରେଇଯାନ୍ତି । ଏପଟେ ପିତା ବୁଢ଼ା ଚୌଧୁରୀ କଷ୍ଟର ସହିତ ଦୁଇ ନାତିକି ମଣିଷକରି ତାଙ୍କୁ ବିବାହ କରି ଅନ୍ୟ ଏକ ପରିସ୍ଥିତିରେ ରହୁଥିବାବେଳେ ନାୟକ ସନ୍ତୋଷଙ୍କ ଜୀବନ ସଂଘର୍ଷ, ମାନସିକ ଦ୍ୱନ୍ଦ୍ୱ ବୋଧ ଓ ଅସହାୟତା ହିଁ ନାଟକକୁ ପ୍ରଭାବିତ କରିଅଛି ।

ଏହି ନାଟକରେ ଏକ ଗୀତ ସଂଯୋଗ ହୋଇଛି ଯାହା ସନ୍ତୋଷଙ୍କ ଜନ୍ମଦିନରେ ପରିବାର ସଦସ୍ୟମାନେ କୋରସ୍ ଭାବେ ଗାନ କରିଛନ୍ତି । ଆଉ ଏହି ଗୀତଟିକୁ ବିଶିଷ୍ଟ ଗୀତିକବି ପ୍ରଫେସର ଶରତଚନ୍ଦ୍ର ରଥ ରଚିତ କରିଥିଲେ । ଗୀତଟି ଥିଲା ଏହିପରି –

“ଆମ ଘରେ ଉଇଁଛିରେ ପୂର୍ଣ୍ଣିମା ଚାନ୍ଦ
ସରଗରୁ ଝରୁଛିରେ ସୁଧା ଆନନ୍ଦ ।”(୧୩)

ଏହା ବ୍ୟତୀତ ନାଟ୍ୟକାର ସାହୁଙ୍କ ଆହୁରି ଅନେକ ନାଟକଗୁଡ଼ିକ ମଧ୍ୟ ଗୋଟିଏ ଗୋଟିଏ ବାସ୍ତବତାର ଚିତ୍ର ପ୍ରଦାନ କରେ । ତାଙ୍କର ନାଟକଗୁଡ଼ିକୁ ଏକାଠିକରି ଦେଖିଲେ ଏଥିରେ ସାଂପ୍ରତିକ ଘଟଣାବଳୀ ନିମିତ୍ତ ଆଖି ଖୋଲା ରଖି ସମସ୍ୟା ଓ ତା’ର ସମାଧାନ ନିମନ୍ତେ ନାଟକ ଲେଖୁଥିବା ନାଟ୍ୟକାରମାନଙ୍କ ମଧ୍ୟରେ ନାଟ୍ୟକାର ନାରାୟଣ ସାହୁ ଅନ୍ୟତମ । କେତେବେଳେ ବସ୍ତିବାସିନ୍ଦାଙ୍କ ‘ବଡ଼ ବଡ଼ିଆ ହୋ’ ଭିତରେ ଦୀପାବଳୀ ପାଳନ (ସୁବର୍ଣ୍ଣ ସକାଳ) ତ ପୁଣି କେଉଁଠି ବୋଲବମ୍ ଗୀତରୁ ଆରମ୍ଭ (ମୂକ) ହେଉଛି ନାଟକ । ପୁଣି କେଉଁଠି ମଞ୍ଚରେ ଅଭିନୀତ ହେଉଛି ନାଟକ ପୂର୍ବରୁ ହେଉଥିବା ସଭା (ନିଷିଦ୍ଧ ସଂଳାପ)

ISSN NO.
2582-208X

ପୁଣି କେଉଁଠି ନିଆଯାଉଛି ଦାସକାଠିଆର ସାହାଯ୍ୟ (କାହାଣୀ ସବାଶେଷ ଲୋକର) ଏବଂ ପୁଣି କେଉଁଠି କର୍ମତକେଶରୀ ଓ ବାଇମୁଣ୍ଡିଙ୍କ କଥା କହି ଲୋକଙ୍କ ଶ୍ରୁତିରେ ବଞ୍ଚି ରହିବା ମୋଟିଫ୍‌କୁ ଗ୍ରହଣ କରିଛନ୍ତି ତ ପୁଣି କେଉଁଠି ଓସ୍ତାଦ - ଇଶ୍ୱରଙ୍କ ମାଙ୍କଡ଼ ନାଚ ଭିତରେ ହୋଇପଡୁଥାଏ ଇଶ୍ୱରଙ୍କ ଅସହାୟତା ନାଟକ 'ଆଶ୍ରା ଖୋଜିବୁଲୁଥିବା ଇଶ୍ୱର' ନାଟକ ନାଟ୍ୟକାରଙ୍କୁ ଦେଇଚି ଅନେକ ସଫଳତାର ରସ ।

ପାଦଟୀକା

୧. ହରିଚନ୍ଦନ, ନୀଳାଦ୍ରିଭୂଷଣ : ଆଧୁନକ ଓଡ଼ିଆ ନାଟକରେ ବାସ୍ତବ ଓ ଉଦ୍ଭଟ ଚେତନା, ବିଦ୍ୟାପୁରୀ ପ୍ରକାଶନୀ, ନୂତନ ସଂସ୍କରଣ, ଡିସେମ୍ବର ୨୦୧୭, ପୃ.୧
୨. ହରିଚନ୍ଦନ, ନୀଳାଦ୍ରିଭୂଷଣ : ଭିନ୍ନ ସମୟ ଭିନ୍ନ ଦୃଷ୍ଟି, ପୃ.୩୦୬
୩. ମିଶ୍ର, ଜ୍ଞାନୀଦେବାଶିଷ : ନଟନାଟ୍ୟ ନାଟ୍ୟାୟନ, ପୃ.୬୩
୪. ତ୍ରିପାଠୀ, ପ୍ରମୋଦ : ନାଟକ ଶୁଣ ପରୀକ୍ଷକ ଦଣ୍ଡଧାରୀ, ପୃ.୯୬୧
୫. ମିଶ୍ର, ରତି : ନାଟକ (ସୀତା), ପୃ.୮
୬. ଦାସ, ହେମନ୍ତ କୁମାର : ଓଡ଼ିଆ ନାଟକର ଉତ୍ତର ଆଧୁନକ ପର୍ବ, ପୃ.୩୪
୭. ସାହୁ, ନାରାୟଣ : କାହାଣୀ ସବାଶେଷ ଲୋକର, କଟକ ଷ୍ଟୁଡେଣ୍ଟ ଷ୍ଟୋର, କଟକ,

ମୁଖବନ୍ଧ

୮. ତତ୍ରୈବ, ପୃ.୩୪
୯. ମିଶ୍ର, ଜ୍ଞାନୀ ଦେବାଶିଷ : ନଟନାଟ୍ୟ ନାଟ୍ୟାୟନ, ପୃ.୨୦
୧୦. ତତ୍ରୈବ, ପୃ.୨୮
୧୧. ସାହୁ, ନାରାୟଣ : ନାଟକ ନିଷିଦ୍ଧ ସଂଳାପ, ପୃ.୧-୨
୧୨. ସାହୁ, ନାରାୟଣ : କ୍ରାନ୍ତ, ପୃ.୪୯
୧୩. ସାହୁ, ନାରାୟଣ : ଶେଷକଥା, ପୃ.୫୩

ଗବେଷକ
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର
ଭୁବନେଶ୍ୱର-୭୫୧୦୦୪
ମୋ. ୭୩୭୭୩୭୧୭୨୮

ISSN NO.
2582-208X

# ସର୍ବ ଅନ୍ତର୍ଯ୍ୟାମୀ

କବିତା ସ୍ୱାଇଁ

ସର୍ବ ଅନ୍ତର୍ଯ୍ୟାମୀ ହେ ପରମ ସ୍ୱାମୀ ନୀଳ କନ୍ଦର ସୁନ୍ଦର ।
ମକରନ୍ଦ ସ୍ରବୁଅଛି ତବ ନାମୁଁ ଦିବାନଶି ନରନ୍ତର ।୧।
ସ୍ତନ୍ଦ ଅନ୍ଦ ସର୍ବନ୍ଦ ତୁ ବିଗ୍ରଜିତ ସର୍ବଜୀବଙ୍କ ହୃଦୟ ।
ହୃଦାନନ୍ଦ ହରି ସୁକୁନ୍ଦ ମୁରାରୀ କୃଷ୍ଣ ଦେବକୀ ତନୟ ।୨।
ଦନୁଜ ନାଶନ ଦେବ ଭଗବାନ ନନ୍ଦନନ୍ଦନ ମୋହନ ।
ୟେ ମନକୁ ଦେଲେ ନଲ୍‌ଗଇ ଭଲେ ଭବ ସଂସାର ବାନ୍ଧବ ।୩।
ଭବ ସିନ୍ଧୁ ନାବ ପ୍ରଭୁ ରମାଧବ ବିଦୂଶୀ ସତତ ଭ୍ରବ ।
ରିଦ୍ଧି ସିଦ୍ଧି ଦାତା ସେ ବିଶ୍ୱ କରତା ଶ୍ରୀହରି ଦୀନବାନ୍ଧବ ।୪।
ଦିବ ସରଜନୀ ଚନ୍ତ ଚନ୍ତାମଣି ବେଣୁପାଣି ଦେବେଶ୍ୱର ।
ଅସାର ସଂସାରେ ସାର ରମାବର ନାମକୁ କର ଆଧାର ।୫।
ପ୍ରଣତ ଜନର ଶରଣ ରକ୍ଷଣ ନନ୍ଦସୁତ ଜନାର୍ଦ୍ଦନ ।
ଭୁବନ ମୋହନ ବେଶ ଶ୍ୟାମଘନ କୃଷ୍ଣ ଶ୍ରୀରାଧାମୋହନ ।୬।
ହରି ହରି ଭ୍ରବ ଅଭ୍ରବ ହରିବ ଭବକଷଣ ନଥିବ ।
ସତ୍ୟ ନାରାୟଣ ଚନ୍ତ ବାଇମନ ଶମନ ଦଣ୍ଡ ନ ଦେବ ।୭।
ଖୁଦ ଭଜା ଖାଇ ବିପ୍ର ସୁଦାମାକୁ କମଳନୀ କଲେ ଦାନ ।
ସିମାହୀନ ଯାର ରୂପ ଗୁଣ ନାମ ଧାମର ପ୍ରଭ୍ରବ ମାନ ।୮।
ରତି ପତି ପିତା ବ୍ରହ୍ମାଣ୍ଡ କରତା ଶଙ୍ଖ ଚକ୍ର ଗଦାଧର ।
ଲୟ ଲଗାମନ ତା ଛନ୍ଦା ଚରଣ ଭବତାପ ହେବ ଦୂର ।୯।
ହଳଧର ଯାର ଅଟନ୍ତ ଅଗ୍ରଜ ସୁଭଦ୍ରା ପ୍ରିୟ ଭଗିନୀ ।
ରୀଷ୍ଟ କରେ ନାଶ ଦେବ ହୃଷୀକେଶ ନରହରି ବେଣୁପାଣି ।୧୦।

ISSN NO.
2582-208X

# ଅନ୍ତରରୁ ପଦେ



ପ୍ରିୟଦର୍ଶିନୀ ମହାପାତ୍ର

ମୁଁ ସେ ବନର ପକ୍ଷୀ
ମୁକ୍ତ ଗଗନରେ ଉଡ଼ି ।।

ଗାନ୍ଧୀ ଗୋପବନ୍ଧୁ ଅବା ଜବାହର
କେତେ ଦୂର କାହିଁ ଗଲ
ମୋ ଭାରତ ଭୂମି ଝୁରେ ତୁମ ଛାଇ
ଦେଇ ଗଲ ତୁମ ମୂଲ ।।

ଆଶା ଅସୁମାରୀ ସପନର ଢେଉ
ପ୍ରତିକ୍ଷଣ ଆସୁଥାଏ
ଲୁହ ସାଗରରେ ଏ ଆଖି ଦୁଇଟି
ଏଇମିତି ଭାବୁଥାଏ ।।

ସ୍ୱାଧୀନତା ପାଇ ଏବେବି ମୋ ମାଟି
ଲୁହ ଢାଳେ ପ୍ରତିକ୍ଷଣ
ମୁଁ କାହିଁ ଖୋଜିବି ସ୍ୱାଧୀନତା ସ୍ୱାଦ
ମୋ ଜୀବନ ବନ୍ଦୀ ଜୀବନ ।।

ଭାଙ୍ଗିନି ମୋ ଆଶା ସରିନି ଭରଷା
ନିଶ୍ଚୟ ଆସିବ ନବୀନ
ସ୍ୱର ଶୁଭିବ ଶାନ୍ତି ର ପୁଣି
ଛୁଇଁ ଯିବି ସେହି ଗଗନ ।।

ଶିକ୍ଷୟିତ୍ରୀ
ଭୁବନେଶ୍ୱର

ISSN NO.
2582-208X

# ମୋ ମାଟି ମୁଲକ



ନବ କୁମାର ଦାସ

ସ୍ନେହେ ସୁଧାମୟ  ପ୍ରେମେ ମଧୁମୟ
ସମର୍ପଣ ମାଟି ଏଇ
ହାତ ମୁଠିକରେ ସାଉଁଟି ଆଣିଲେ
ବାସେ ସେ ଚନ୍ଦନ ହେଇ ॥

ତ୍ୟାଗ ସାହସର ମାଟି ଏଇ ମୋର
ଅପୂର୍ବ ସମ୍ଭାର ନେଇ
ପୃଥିବୀ ବକ୍ଷରେ କେହିଁ କେତେ ଦିନୁ
ଅଖଣ୍ଡ ହୋଇଛି ରହି ॥

ଯା'ର ଇତିହାସ ସ୍ୱର୍ଣ୍ଣାକ୍ଷର ହେଇ
ଆଜିବି ଦିଏରେ କହି
ସ୍ୱାର୍ଥର ସାରଥୀ କେହି ନାହିଁ ଏଠି
ସର୍ବେ ଦେଶ ସ୍ୱାର୍ଥ ପାଇଁ ॥

ଭାବନା ନେତ୍ରରେ ଦେଖ ଥରେ ତୁମେ
ଶତ୍ରୁ ତୁମ କେହି ନାହିଁ
ସଭିଏଁ ଭାରତ ଗରଭୁ ଜନମ
ଭାଇ ବୋଲି ଦିଅ କହି ॥

ମୋ'ର ମୋ'ର କହି ଅହଂ ଭାବନାରେ
ବିପ୍ଳବୀ ହୁଅନା ତୁହି
ଦେଶ ସେବା ପାଇଁ ବିପ୍ଳବ କର ତୁ
ନିଜ ସ୍ୱାର୍ଥ ବଳି ଦେଇ ॥

ପଚାର ପଚାର ଏ ତରୁ ଅମ୍ବର
ସଭିଏଁ ଦେବେରେ କହି
ଦେଶ ମାତୃକାରେ ଯା ପ୍ରାଣ ଯାଇଛି
ରହିଛି ଅମର ହେଇ ॥

ସୁରଡ଼ିହା, ବାଲିଆପାଳ , ବାଲେଶ୍ୱର

ISSN NO.
2582-208X

# ନମୋ ଗଣେଶ ବିଘ୍ନେଶ



ଲୀଳାବତୀ ପରିଡ଼ା

ଗଣେଶ ପୂଜା ଏ ଭାଦ୍ର ଶୁକ୍ଳ ପକ୍ଷପୁଣ୍ୟ ଚତୁର୍ଥୀ ତିଥିରେ,
ଗହଗହ ନାଦେ ଘଣ୍ଟ ଘଣ୍ଟା ଖୋଳ ଭେରି ତୂରୀ ତ ଶୁଭେରେ।।
ଗାଆଁରୁ ସହର ସବୁ ବିଦ୍ୟାଳୟ ଆଉ ଶିକ୍ଷା ଅନୁଷ୍ଠାନ,
ଗନ୍ଧ ପୁଷ୍ପ ଧୂପ ଦୀପ ନୈବେଦ୍ୟରେ କରନ୍ତି ସର୍ବେ ପୂଜନ।।
ଗଳେ ପୁଷ୍ପ ହାର ମସ୍ତକେ ସିନ୍ଦୁର ହସ୍ତରେ ପାଶ ଅଙ୍କୁଶ,
ଗଣେଶ ବିଘ୍ନେଶ କି ସୁନ୍ଦର ଦିଶ ବସି ମୂଷିକର ପୃଷ୍ଠ।।
ଗଉରୀ ନନ୍ଦନ ଘେନ ହେ ପ୍ରଣାମ ଜଣାଉ ତବ ପୟରେ,
ଗଳାରେ ଦେଉଛୁ ଭକ୍ତିପୁଷ୍ପ ତୋଳି କର ଯୋଡ଼ିଣ ଭକ୍ତିରେ।।
ଗିରିଜାନନ୍ଦନ ହେ ବିଘ୍ନନାଶନ ଅଟ ବିଦ୍ୟାର ଭଣ୍ଡାର,
ଜ୍ଞାନର ଆଲୋକ ଦେଇ ଜଗତକୁ ନାଶ ଅଜ୍ଞାନ ଅନ୍ଧାର।।
ଗିରିସୁତାସୁତ ଆହେ ଗଣନାଥ ରିଦ୍ଧି ସିଦ୍ଧି ପତିଦେବ,
ଗଣା ହୁଅ ତୁମେ ଦେବଙ୍କ ମଧ୍ୟରେ ଅଗ୍ର ପୂଜ୍ୟ ଗଣଦେବ।।
ଗଜାନନ ତୁମେ ଚଉବର୍ଗ ଫଳଦାତା ମହା ବିନାୟକ,
ଗଣନାଥ ସୂର୍ଯ୍ୟକୋଟି ସମପ୍ରଭ ପ୍ରଭୁ ରିଷ୍ଟ ବିନାଶକ।।
ଗୁହାରି କରୁଛୁ ଚରଣ କମଳେ ଡାକୁଛୁ ଭକତି ଭରେ,
ଗଣପତି ତୁମେ ଅବତରି ଆସ ଏ ଧରାଧାମ ପୃଷ୍ଠରେ।।
ଗୌରୀସୁତଙ୍କୁ ଯେ ଆବାହନ କରୁ ନମୋ ଗଣେଶ ବିଘ୍ନେଶ,
ଗଣପତି ପ୍ରଭୁ ଭକ୍ତିରେ ଡାକୁଛୁ ଦିଅ ହେ ଆସି ଆଶିଷ।।

କୁଟୁଣିଆଁ, ହିନ୍ଦୋଳ, ଢେଙ୍କାନାଳ
ମୋ ନ- ୯୮୬୧୯୪୫୬୨୬

ISSN NO.
2582-208X

# ନବାନ୍ନ ଓ
# ନବଜୀବନ ପର୍ବ
# ନୂଆଁଖାଇ



ସାଇପ୍ରସାଦ ସାହୁ

ଭାରତୀୟ ଧର୍ମ, ସଂସ୍କୃତି ଓ ପରମ୍ପରାରେ ନୂଆଁଖାଇ ବା ନବାନ୍ନ ଭକ୍ଷଣ ବିଧି ବହୁ ପ୍ରାଚୀନ। ପ୍ରାଣୀର ଜୀବନ ଧାରଣ ନିମନ୍ତେ ଅନ୍ନ ଅନିବାର୍ଯ୍ୟ । ଉପନିଷଦରେ କୁହାଯାଇଛି, "ଅନ୍ନଂ ବ୍ରହ୍ମେତି ବ୍ୟଜାନାତ୍, ଅନ୍ନାଦେବ ଖଳ୍ୱିମାନି ଭୂତାନି ଜାୟନ୍ତେ । ଅନ୍ନେନ ଜାଣାନି ଜୀବନ୍ତି, ଅନ୍ନଂ ପ୍ରୟନ୍ତ୍ୟଭି ସଂବିଶନ୍ତୀତି ।" ଅର୍ଥାତ୍ ଅନ୍ନର ଅନ୍ୟ ନାମ ହେଉଛି ବ୍ରହ୍ମ । ପ୍ରତ୍ୟେକେ ଏହି ଅନ୍ନରୁ ଜାତ ହୁଅନ୍ତି । ଅନ୍ନ ଯୋଗୁଁ ଜୀବନ ଧାରଣ କରନ୍ତି । ମୃତ୍ୟୁ ପରେ ଅନ୍ୟମାନଙ୍କ ପାଇଁ ଅନ୍ନ ହୋଇଯାନ୍ତି । ତେଣୁ ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ଅନ୍ନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଅନ୍ନ ହେଉଛି ଈଶ୍ୱରଙ୍କ ରୂପ ଓ ତାଙ୍କର ବଡ ବରଦାନ । ଶ୍ରୀମଦଭଗବାଦ ଗୀତାରେ ମଧ୍ୟ ଏହି ଅନ୍ନ ମହିମାର କଥା ବର୍ଣ୍ଣିତ । ବିଭିନ୍ନ ସ୍ଥାନରେ ଏହି ପର୍ବ ଭିନ୍ନ ଭିନ୍ନ ରୀତିରେ ପାଳିତ ହେଉଥିଲେ ମଧ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ କିନ୍ତୁ ଗୋଟିଏ । ନୂଆ ଫସଲ ଅମଳ ହେବା ପରେ ବିଭିନ୍ନ ପ୍ରକାରର ଉତ୍ସବ, ପ୍ରଥା, ଓ ପରମ୍ପରାରେ ଆମ ସାମାଜିକ ସଂସ୍କୃତି ସହ କେଉଁ କାଳରୁ ଯୋଡି ହୋଇଆସିଛି । ସମଗ୍ର ପଶ୍ଚିମ ଓଡିଶାର ବିସ୍ତୃତ ଅଞ୍ଚଳରେ ପାଳନ କରାଯାଉଥିବା ନୂଆଁଖାଇ ତିହାର୍ ର ସ୍ୱତନ୍ତ୍ରତା ରହିଛି । ଅତି ଆନନ୍ଦ ଓ ଉଲ୍ଲାସର ସହ ଗ୍ରାମ, ଜନପଦ, ପୁରପଲ୍ଲୀରେ ଗଣପର୍ବ ନୂଆଁଖାଇ ଅତ୍ୟନ୍ତ ଉତ୍ସାହର ସହ ପାଳିତ ହୋଇଆସୁଛି । ନୂଆଁଖାଇକୁ ଏକ କୃଷିଭିତ୍ତିକ ପର୍ବ ବୋଲି କୁହାଯାଉଥିଲେ ମଧ୍ୟ ବାସ୍ତବରେ ଏହା ଏକ ଗଣପର୍ବ ଭାବେ କେଉଁ ଯୁଗରୁ ମାନ୍ୟତା ପାଇଛି । ପଶ୍ଚିମ ଓଡିଶାର ବିଭିନ୍ନ ଗଡଜାତ ଅଞ୍ଚଳରେ ବିଭିନ୍ନ ଇଷ୍ଟଦେବୀ ରହିଛନ୍ତି । ପ୍ରଥମେ ଗ୍ରାମ ଏବଂ ସହରସ୍ଥିତ ଇଷ୍ଟଦେବାଦେବୀ ମନ୍ଦିରରେ ନୂଆଁଖାଇ ଲଗ୍ନ ଧାର୍ଯ୍ୟ କରାଯାଉଥିଲା । ପରେ ପରେ ଗଡଜାତ ସମୟରେ ରାଜାଉଆସରୁ ରାଜପୁରହିତମାନେ ନୂଆଁଖାଇ ଲଗ୍ନ ଧାର୍ଯ୍ୟ କରି ଡିଙ୍ଗୁରା ପିଟାଇ ଜନସାଧାରଣଙ୍କୁ ନୂଆଁଖାଇ ତିଥି ଓ ଲଗ୍ନ ସମ୍ପର୍କରେ ଜଣାଇ ଦେଉଥିଲେ । ସମ୍ବଲପୁରରେ ଅଧିଷ୍ଠାତ୍ରୀ

ISSN NO.
2582-208X

ଦେବୀ ମା' ସମଲେଶ୍ୱରୀ, ବଲାଙ୍ଗୀରରେ ପାଟଣେଶ୍ୱରୀ, ସୋନପୁରରେ ସୁରେଶ୍ୱରୀ ଓ କଳାହାଣ୍ଡିରେ ମା' ମାଣିକେଶ୍ୱରୀଙ୍କ ପୀଠରେ ଏହି ନବାନ୍ନ ଭୋଗ ପ୍ରସ୍ତୁତି ପାଇଁ ରାଶି ନକ୍ଷତ୍ର ଦେଖାଯାଇ ଲଗ୍ନଧାର୍ଯ୍ୟ ହୋଇଥାଏ । ପ୍ରତି ଅଧିଷ୍ଠାତ୍ରୀ ଦେବୀଙ୍କ ନିକଟରେ ଏକ ନିର୍ଦ୍ଦିଷ୍ଟ ସମୟରେ ନବାନ୍ନ ଭୋଗ ଲଗାଯିବା ପାଇଁ ପଣ୍ଡିତ ମାନଙ୍କ ଦ୍ୱାରା ଲଗ୍ନ ନିର୍ଦ୍ଧାରଣ କରାଯାଏ । ଏହାକୁ ନୂଆଁଖାଇ ଲଗ୍ନଧାର୍ଯ୍ୟ ନୀତି କୁହାଯାଏ । ପୂର୍ବରୁ ନୂଆଖାଇ ପର୍ବ ପାଇଁ କୌଣସି ନିର୍ଦ୍ଦିଷ୍ଟ ତିଥି ନ ଥିଲା, କିନ୍ତୁ ୧୯୯୧ ମସିହାରୁ ଓଡିଶାର ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଭାଦ୍ରବ ମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିକୁ 'ନୂଆଁଖାଇ' ଭାବେ ସରକାରୀ ଛୁଟି ଘୋଷଣା କରିଥିଲେ । ଏହାକୁ ପଶ୍ଚିମ ଓଡିଶାବାସୀ ସର୍ବସମ୍ମତି କ୍ରମେ ଖୁବ୍ ଉତ୍ସାହ ଓ ଉଦ୍ଦୀପନା ସହିତ ସ୍ୱାଗତ ଜଣାଇଥିଲେ । ସେହି ଦିନ ଠାରୁ ନୂଆଁଖାଇକୁ ସରକାରୀ ଛୁଟି ଦିବସ ରୂପେ ମାନ୍ୟତା ପାଇଛି ଓ ଅଦ୍ୟାବଧି ତାହା ପ୍ରଚଳିତ ହୋଇଆସୁଛି । କିଛି ବର୍ଷ ହେଲା ସମଗ୍ର ପଶ୍ଚିମ ଓଡିଶାର ପ୍ରାୟ ସମସ୍ତ ଅଞ୍ଚଳରେ ଗୋଟିଏ ଦିନ ଅର୍ଥାତ୍ ଭାଦ୍ରବ ମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ ନୂଆଁଖାଇ ପର୍ବ ଖୁବ୍ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରାଯାଉଛି । ଏଭଳି ନିଷ୍ପତି ଦ୍ୱାରା ସମଗ୍ର ପଶ୍ଚିମ ଓଡିଶାରେ ନୂଆଁଖାଇ ଭାଇଚାରା ଓ ଏକାତ୍ମ ଭାବର ତିହାର୍ ଭାବେ ନୂଆ ଦିଗନ୍ତ ସୃଷ୍ଟି କରିଛି । ସାଧାରଣ ଭାବେ ଆଲୋଚନା କଲେ ନୂଆଁଖାଇ ଏକ ପାରିବାରିକ ଶୃଙ୍ଖଳାର ପର୍ବ । ସାମ୍ପ୍ରତିକ ସମୟରେ ବିଭିନ୍ନ କାରଣରୁ ଯୁଗ୍ମ ପରିବାରଗୁଡିକ ଭାଙ୍ଗିଯାଇ ଏକକ ପରିବାର ହୋଇଯାଇଛି । କର୍ମବ୍ୟସ୍ତତା ଏବଂ ବାହାରଦେଶକୁ ଯାଇ ଚାକିରି କରିବା ଏବେ ସାଧାରଣ କଥା ହୋଇଯାଇଥିବାରୁ ମୂଳ ପରିବାରକୁ ଫେରିବାର ଏକ ପ୍ରକାର କଷ୍ଟ ହେଉଛି । ଏଭଳି ସମୟରେ ନୂଆଁଖାଇ ତିହାର୍ ସାମାଜିକ ଏକାକାର, ଭାଇଚାରା ଓ ପାରିବାରିକ ଶୃଙ୍ଖଳାର ଏକ ଅଭିନ୍ନ ବନ୍ଧନ ଭାବେ ସାମାଜିକ ଦାଇତ୍ୱ ନିଭାଇ ଆସୁଛି । ଯିଏ ଯେତିକି ଦୂରାନ୍ତରରେ, କର୍ମଜଞ୍ଜାଳରେ ଥିଲେ ମଧ୍ୟ ନୂଆଁଖାଇ ତିହାର୍ ଆସିବା ପରେ ନିଜ ପରିବାର ସଦସ୍ୟ, ନିଜ ଗାଁକୁ ଫେରି ଏକାତ୍ମ ହେବାର ଏକ ଭିନ୍ନ ଭାବାବେଗରେ ଶିହରିତ ହେଉଛନ୍ତି । ନୂଆଁଖାଇ ତିହାର୍ ସାମାଜିକ ବନ୍ଧନ ଓ ଯୁଗ୍ମଜୀବନର ମହନୀୟ ବାର୍ତ୍ତାକୁ ଆଜି ବି ପ୍ରଚାର କରିଆସିଛି । ନୂଆଁଖାଇ ଏକ କୃଷିଭିତ୍ତିକ ଏବଂ ଅନନ୍ୟ ପର୍ବ ହୋଇଥିବାରୁ ପ୍ରାୟ ସପ୍ତାହେ ପୂର୍ବରୁ ପଶ୍ଚିମାଞ୍ଚଳର ସମସ୍ତ ପୁରପଲ୍ଲୀ ଖୁବ୍ ଉତ୍ସାହ ଓ ଉଦ୍ଦୀପନା ପରିଲକ୍ଷିତ ହୋଇଥାଏ । ଗାଁ ଗହଳିରେ ଘରଦ୍ୱାର ଲିପାପୋଛା କରି ସାଫା ସୁତୁରା କରାଯାଇଥାଏ । ଏହି ପର୍ବରେ ନୂତନ ଶସ୍ୟ ଏବଂ ଉତ୍ପାଦିତ ସମସ୍ତ ପନିପରିବାକୁ ନବାନ୍ନ ରୂପେ ଲଗାଯାଏ । ନୂଆଁଖାଇ ଦିନ ପ୍ରାତଃ କାଳରୁ

ISSN NO.
2582-208X

ଘରର ବହୁମାନେ ସ୍ନାନାଦି ନିତ୍ୟ କର୍ମ ସମାପନ କରି ଘରେ ନୂତନ ଶସ୍ୟରେ ଅନ୍ନ, କ୍ଷୀର, କାକର୍, ଆରିଷା ଆଦି ସ୍ୱାଦିଷ୍ଠ ପିଠାପଣା ଓ ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତ କରିଥାନ୍ତି । ଗାଁର ଇଷ୍ଟଦେବୀଙ୍କ ପାଖରେ ଝଙ୍କାର ବା ପୂଜାରୀ ଲଗ୍ନ ଅନୁଯାୟୀ ନୂଆଁକୁଣ୍ଡା ଲଗାଇ ସମସ୍ତଙ୍କ ଘରକୁ ବଣ୍ଟନ କରାଯାଏ । ଏହା ପରେ ପରିବାରର ସମସ୍ତ ସଦସ୍ୟ ପ୍ରଭାତ ସମୟରୁ ସ୍ନାନ କରି ନୂତନ ବସ୍ତ୍ର ପରିଧାନ ସାଙ୍ଗକୁ ଘରର ମୁଖିଆ ଇଷ୍ଟଦେବୀଙ୍କ ନିକଟରେ ନବାନ୍ନ ସମର୍ପଣ କରନ୍ତି । ନୂଆ ଅରୁଆ ଚାଉଳ, ଧୂପ, ଦୀପ ସମର୍ପଣ ପୂର୍ବକ ଅଧିକ ଅମଳ ପାଇଁ କୃଷିକ୍ଷେତ୍ରକୁ ଯାଇ ପୃଥିବୀମାତାଙ୍କୁ ଉପାସନା ଓ ପୂଜାର୍ଚ୍ଚନା କରିଥାନ୍ତି । ପରେ ଘରେ ସମସ୍ତେ ଏକତ୍ରିତ ଭାବରେ ବସିଥାନ୍ତି ଓ ଘରର ମୁଖିଆ ଗୋଟି ଗୋଟି କରି ନୂଆଁକୁଣ୍ଡା ବାଣ୍ଟିଥାନ୍ତି । ନୂଆଁକୁଣ୍ଡା ନୂଆଁ ଧାନକୁ କୁଟି ସେଥିରେ ନଡିଆ, ରାସି ଓ ଗୁଡ ମିଶାଇ ପ୍ରସ୍ତୁତ କରାଯାଇଥାଏ । ନୂଆଁକୁଣ୍ଡାକୁ ବହୁ ଅଞ୍ଚଳରେ କୁରେପତ୍ରର ଦନାରେ ରଖି ପୂଜା କରାଯାଏ । ଭିନ୍ନ ଭିନ୍ନ ସମ୍ପ୍ରଦାୟରେ କୁରେଇ, ମହୁଲ, ଶାଳ ଆଦି ପତ୍ରରେ ନବାନ୍ନ ଅର୍ପଣ କରାଯିବାର ବିଧି ବ୍ୟବସ୍ଥା ରହିଛି । ନୂଆ ଚାଉଳରୁ ପ୍ରସ୍ତୁତ ଖିରୀ, ପିଠା, ଏବଂ ବିଭିନ୍ନ ପନପରିବାରେ ପ୍ରସ୍ତୁତ ବ୍ୟଞ୍ଜନ, ବନଜାତ ବାଉଁଶ କରଡିରେ ତିଆରି ଆମ୍ବୁଲ ଖଟା ଆଦି ଅନେକ ଖାଦ୍ୟର ସମ୍ଭାରକୁ ଶାଳପତ୍ରରେ ତିଆରି ଖଲି ଓ ଦନାରେ ପରଷା ଯାଇଥାଏ । ନୂଆଁଖାଇର ଗୁରୁତ୍ୱ ଅତୀତ ଠାରୁ ଆରମ୍ଭ କରି ଭବିଷ୍ୟତ ଯାଏଁ ଲମ୍ବିଯାଇଛି । ଏହି ପର୍ବ ଯେତେ ପ୍ରାଚୀନ; ତା'ର ଲକ୍ଷ୍ୟ, ଉଦ୍ଦେଶ୍ୟ ମଧ୍ୟ ସେଭଳି ନିତ୍ୟ ନୂତନ ଓ ଚିର ସବୁଜ । ସମ୍ବଲପୁରୀ ଭାଷାରେ କଥାଟିଏ ଅଛି, "ଜିଁ ଜାଗିଥିଲେ ବଛର୍ ରେ" ଅର୍ଥାତ୍; ଏହି ବର୍ଷ ଆସ ନୂଆଁଖାଇବା, ଜୀବନ ଥିଲେ ପୁଣି ଆଗାମୀ ବର୍ଷ ଈଶ୍ୱରଙ୍କ ଆଶୀର୍ବାଦରୁ ଏକାଠି ହେବା । ପର୍ବର ଦ୍ୱିତୀୟ ପର୍ଯ୍ୟାୟରେ "ଜୁହାର୍ ଭେଟ୍ ଘାଟ୍" ପ୍ରଥାରେ ପରିବାର ତଥା ଗ୍ରାମର କନିଷ୍ଠମାନେ ଜ୍ୟେଷ୍ଠ ସଦସ୍ୟମାନଙ୍କୁ ମୁଣ୍ଡିଆ ମାରିବା ଏବଂ ଜ୍ୟେଷ୍ଠମାନେ କନିଷ୍ଠମାନଙ୍କୁ ଆଶୀର୍ବାଦ ପୂର୍ବକ ମଙ୍ଗଳ କାମନା କରିବା ପରମ୍ପରା ଏଯାବତ ରହିଛି । ସମସ୍ତ ପ୍ରକାର ତିକ୍ତତା ଓ ମତାନ୍ତରକୁ ଭୁଲି ଭାଇଚାରା ବନ୍ଧନରେ ବାନ୍ଧି ହେବା ଏହି ପର୍ବର ଏକ ଅନନ୍ୟ ପରମ୍ପରା । ବାସ୍ତବରେ ନୂଆଁଖାଇ ତିହାରର ଏଭଳି ମହନୀୟ ପରମ୍ପରା ଏବେ ଦେଶବିଦେଶକୁ ବ୍ୟାପୀ ସାରିଛି । ଚାରିଆଡେ ନୂଆଁଖାଇ ଭେଟ୍ ଘାଟ୍ କରାଯାଇ ଏହି ମହାନ ପର୍ବକୁ ପାଳନ କରିବା ବେଳେ ସମସ୍ତେ ନୂଆ ଉତ୍ସାହ ଓ ନବଜୀବନବୋଧ ଅନୁଭବ କରୁଛନ୍ତି ।

ସିନ୍ଧେକେଲା, ବଲାଙ୍ଗୀର

ISSN NO.
2582-208X

# ଶ୍ରୀକରଶୋଭନ



ଅଳକା ବାରିକ୍

ଶ୍ରୀକର ଶୋଭନ ଶଙ୍ଖ ଚକ୍ର ଚନ୍ଦ୍ର ଶିରେ ଶିଖି ପୁଛ ପର ।
ମାନିନୀ ଶ୍ରୀରାଧା ଯାର ଅର୍ଦ୍ଧାଙ୍ଗିନୀ ସେହି ସେ ମୂରଲୀଧର ।୧ ।
ନମନ କର ହରି ରଙ୍ଗା ପୟର ଭବ ଭୟ ହେବ ଦୂର ।
ବାରଣ ଏଣୀ ତାରଣ ନାରାୟଣ କୋଟି ବ୍ରହ୍ମାଣ୍ଡ ଈଶ୍ୱର ।୨ ।
ଦୟଗା ତୁଳସୀ ମାଳଆ କାଳଆ ହୃଦେ କଉସ୍ତୁଭ ହାର ।
ଲବଣୀ ଚଖା ସେ ଭକତ ବାନ୍ଧବ ଶ୍ରୀରାଧା ହୃଦୟେଶ୍ୱର ।୩ ।
କୁବଳୟା ନାଶକାରୀ ଦନୁଜାରୀ ପୁତନାରୀ ସୁରେଶ୍ୱର ।
ମାର ପିତା ହରି ମାଧବ ମୁରାରୀ ଗୋପିନାଥ ରମାବର ।୪ ।
ରସିକ ଶେଖର ଶ୍ରୀରଙ୍ଗା ଅଧର କଟୀ ତଟେ ପୀତାମ୍ବର ।
ସେ ପୁଣ୍ଡରୀକାକ୍ଷ ହରେ ଭବଦୁଃଖ ଭକ୍ତ ସୁଖ ଦାମୋଦର ।୫ ।
ନାରଦ ଜପନ୍ତୁ ନାମ ସଂଖ୍ୟା କରି ଦିବା ନିଶି ନିରନ୍ତର ।
ପତିତପାବନ ମଦନ ମୋହନ ନୀଳ କନ୍ଦର ସୁନ୍ଦର ।୬ ।
ତିନି ତାପ ହାରୀ ହରି ମଧୁହାରୀ କେଶବ ଶ୍ୟାମସୁନ୍ଦର ।
ବଳବାନ ବଳ ମଦନ ଗୋପାଳ ଶ୍ରୀପଦେ ଶୋହେ ନୂପୁର ।୭ ।
ରୁଦ୍ର ଇନ୍ଦ୍ର ଧାତା ଯାଙ୍କୁ କରି ଚିନ୍ତା ବନ୍ଦନ୍ତୀ ସଦା ପୟର ।
ନାରାୟଣ ପରାୟଣ ଭବ ସୁଧି ନଦଣ୍ଡିବ ଦଣ୍ଡଧର ।୮ ।

ମହୁ, ଆଳି, କେନ୍ଦ୍ରପଡା

ISSN NO.
2582-208X

# ଦୁର୍ଲଭ ମାନବ ଜନ୍ମ

ଅଲେଖ ମେହେର

ତୃତୀୟ ଅଧ୍ୟାୟ

ରାଗ-ଚୋଖି

ନୀଳାକାଶେ କଳାକର ତାରାଳି ସଙ୍ଗେ ବିହାର
ଦୀପିତ ଦିଶେ ବସୁଧା ବିଭାବରୀରେ,
ମରୁତ ବହଇ ଧିର ଗନ୍ଧବିଞ୍ଚି ମନୋହର
ଝିଙ୍କାରୀ ଗାୟନେ ରତ ବିକଟ ସ୍ୱରେ
ନିଶାର୍ଦ୍ଧେ ଉତ୍ତରା କୁମର
ଗୁରୁଙ୍କର ଦର୍ଶନାର୍ଥ ହେଲେ ବାହାର ।୧।
ବ୍ୟଥିରେ ରାଜନ ମଅ ବିଧୁରେ ପ୍ରାଣ ଉଚ୍ଛନ୍ନ
ବ୍ୟଗ୍ରବନ୍ତ୍ ଗୁରୁଦ୍ୱାରେ ମିଳିଲେ ଯାଇ
ଜାଗ୍ରତ ଜନେ କେ ନାହିଁ ବିଭାବରୀ ସ୍ପର୍ଶ ପାଇ
ଦିବସ କର୍ମ ଜଞ୍ଜାଳେ ବିଶ୍ରାମ ନେଇ
ସୁପ୍ତ ସର୍ବେ ରଜନୀ କୋଳେ
ଧିର ଗମ୍ଭୀର ସ୍ୱରରେ ଡାକ ଛାଡିଲେ ।୨।
ଦ୍ୱାରେ ନୃପ ବିଲୋକିଲେ ବିସ୍ମୟେ ଗୁରୁ ବାଚିଲେ
କେଉଁ ପ୍ରୟୋଜନେ ନିଶାର୍ଦ୍ଧରେ ଆଗମ
ଆଶଙ୍କା ମନେ ଉପୁଜେ କୁଶଳ ତ ତୁମ୍ଭ ରାଜ୍ୟେ
ସଂଶୟ ହରଣ କର ହେ ରାଜୋତ୍ତମ
ପ୍ରଣମି କୃପଙ୍କ ଚରଣେ
ବଳଗିଲେ ନୃପତି ବିନୟ ବଚନେ ।୩।

-:ଟୀକା:-
କଳାକାର - ଚନ୍ଦ୍ର
ଦୀପିତ - ଶୋଭିତ
ବିଧୁରେ - କାତରରେ
କୃପ - କୃପାଚାର୍ଯ୍ୟ

କ୍ରମଶଃ.....

ବରପଦର, ଗୋବିନ୍ଦପୁର, ବରଗଡ

ISSN NO.
2582-208X

# ମୁଁ ପଢୁଛି
# ନୂଆ ବ୍ୟାକରଣ



ତାରାପ୍ରସାଦ ଜେନା

ବିପରୀତ ଅର୍ଥ ମୋ ଜୀବନେ ଆସି
ମୁଁ ପଢୁଛି ନୂଆ ବ୍ୟାକରଣ
ଜୀଇବା ମାନେଟା ମୋ ପାଇଁ ହୋଇଛି
ମରିବା ପରିକା ଅକାରଣ ! ୦ !

ଅନନ୍ତ ଆକାଶ ଅନ୍ତର ନିରାଶ, ସ୍ୱପ୍ନଟା ଦୁଃସ୍ୱପ୍ନ ଘଟିଥାଏ
ଭଲ ପାଇବାର ପ୍ରତିଶ୍ରୁତି ଏଠି, ପ୍ରତାରଣା ରୂପ ପାଇଥାଏ
ଫଗୁଣରେ ଭଲା ଶ୍ରାବଣ ନାଚୁଛି, ହୃଦୟରେ ନାହିଁ ଶିହରଣ
........ମୁଁ ପଢୁଛି ନୂଆ ବ୍ୟାକରଣ..... ! ୦ !

ବ୍ୟାଖ୍ୟା ପରିଭାଷା ଆଖ୍ୟା ଲୋକହସା, ନିର୍ଦ୍ଦିଷ୍ଟର ଛବି ନିରୁଦ୍ଦିଷ୍ଟ
କ୍ଲାନ୍ତ ଅପରାହ୍ନ ନବ ସକାଳରେ, ହେଉନାହିଁ ଆଉ ମୋହାବିଷ୍ଟ
କଥା ସମ୍ମୋହନ ରାଗ ଉନ୍ମୋଚନ, ବାଟ ଅବାଟର ନିଦାରୁଣ
........ମୁଁ ପଢୁଛି ନୂଆ ବ୍ୟାକରଣ..... ! ୧ !

ଜହ୍ନର ଅମୃତ ଜହର ପ୍ଲାବିତ, ଶୁଭଙ୍କର ପ୍ରେମ ଭୟଙ୍କର
ମିଛର ନାଟକ ରୂପାୟନ ଭଲ, ଆଶାର ଘରଟା ଅନ୍ଧକାର
ସ୍ମୃତି ବିସ୍ମୃତିର କବିତା ପ୍ରକାଶ, ମନ ମୂଳେ କାଳେ ଜାଗରଣ
........ମୁଁ ପଢୁଛି ନୂଆ ବ୍ୟାକରଣ..... ! ୩ !

ରାଜ ରଣପୁର, ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬
ଦୂରଭାଷ-୯୩୪୮୦୫୪୩୦୦

ISSN NO.
2582-208X

# ସଦଗୁଣ ବିଷୟରେ ଭଗବାନ ମହାବୀର କ'ଣ କହିଛନ୍ତି



ନରେନ୍ଦ୍ର ପ୍ରସାଦ ବେହେରା

ମନୁଷ୍ୟ ପାଇଁ ସବୁଠୁ ବଡ଼ ପୁଞ୍ଜି ହେଉଛି ସତଗୁଣ । ଯାହାପାଖରେ ଯେତେ ସତଗୁଣ ରହିଛି, ସେ ସେତିକି ଧନୀ । ସତଗୁଣ ସର୍ବଦା ବିଜୟୀ ହୋଇଥାଏ ଏବଂ ଦୁର୍ଗୁଣର ପରାଜୟ ହୁଏ, ଏହା ହିଁ ଜୀବନର ସାର୍ଥକତା । ରାବଣ ହାରିଲେ ଏବଂ ଶ୍ରୀରାମ ଜିତିଲେ ଜୀବନ ଆନନ୍ଦମୟ ହୁଏ । ତେବେ ମନୁଷ୍ୟ ସତଗୁଣ ଗ୍ରହଣ କରିବା ଏବଂ ଦୁର୍ଗୁଣ ତ୍ୟାଗ କରି ଶିଖିବା ଆବଶ୍ୟକ । ଭଗବାନ ମହାବୀର ଏକ ସରଳ ରାସ୍ତା ଦେଖାଇ କହିଛନ୍ତି, ଯେଉଁ ମାର୍ଗରେ ଯିବା ଲାଗି ତୁମେ ଶ୍ରେୟସ୍କର ମନେ କରୁଛ, ସେହି ମାର୍ଗରେ ଚାଲ । ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ଭଲ-ମନ୍ଦ ଥାଏ । କିନ୍ତୁ ଅନୁକୂଳ-ପ୍ରତିକୂଳ ପରିସ୍ଥିତିରେ ସତଗୁଣ ପରିତ୍ୟାଗ କରୁନଥିବା ମନୁଷ୍ୟ ନିଶ୍ଚିତ ସଫଳତା ପାଇଥାଏ । ମହାପୁରୁଷମାନେ ସର୍ବଦା ଶ୍ରେଷ୍ଠ ଗ୍ରହଣ କରିଥିଲେ, ତେଣୁ ସେମାନେ ମହାନ ବୋଲାଇଥିଲେ ।

ଥରେ ଜଣେ ସାଧୁ ମହାତ୍ମା ଏକ ମାର୍ଗ ଦେଇ ଯାଉଥିଲେ । ଜଣେ ମହିଳା ତାଙ୍କ ଉପରକୁ ଅଳିଆ ଫିଙ୍ଗିଲେ । ମହାତ୍ମା ନିଜ ଶରୀରକୁ ଝାଡିଦେଲେ ଏବଂ ଆଗକୁ ଚାଲିଲେ । ସେ ଉକ୍ତ ମହିଳାଙ୍କୁ କିଛି କହିଲେ ନାହିଁ । ଦ୍ୱିତୀୟ ଦିନ ପୁଣିଥରେ ସାଧୁ ମହାତ୍ମା ସେହି ମାର୍ଗ ଦେଇ ଯାଉଥିବା ବେଳେ ମହିଳା ଜଣଙ୍କ ତାଙ୍କ ଉପରକୁ ଅଳିଆ ଫିଙ୍ଗିଲେ । ଏଥର ମଧ୍ୟ ମହାତ୍ମା ଜଣକ ଚୁପ୍ ରହିଲେ, କିନ୍ତୁ ଏହି ଦୃଶ୍ୟ ଦେଖୁଥିବା କିଛି ଲୋକ ତାଙ୍କ ନିରବତାର କାରଣ ପଚାରିଲେ । ମହାତ୍ମା କହିଲେ ଅଳିଆ ଫିଙ୍ଗିବା ସେହି ମହିଳାଙ୍କ ଗୁଣ । କିନ୍ତୁ କ୍ରୋଧିତ ନହେବା ମୋର ସ୍ୱଭାବ । ତେଣୁ ତା' ଉପରେ ଅଯଥାରେ ରାଗି ମୁଁ କାହିଁକି ନିଜ ସ୍ୱଭାବ ହରାଇବି ଓ ସେହି ମହିଳାଙ୍କ ଗୁଣକୁ ଆପଣେଇ ନେବି ।

ISSN NO.
2582-208X

ବିଡ଼ମ୍ବନାର ବିଷୟ ହେଉଛି, ବର୍ତ୍ତମାନ ସମୟରେ ଅଧିକାଂଶ ଲୋକ ସେହି ମହାତ୍ମାଙ୍କ ବଦଳରେ ଉକ୍ତ ମହିଳାଙ୍କ ଅବଗୁଣକୁ ଆତ୍ମସାତ୍ କରିନେଇଛନ୍ତି । ଏବେ ଅଧିକାଂଶ ଲୋକ ଅନ୍ୟର ଦୁଃଖରେ ନିଜ ସୁଖ ଏବଂ ଅନ୍ୟର ସୁଖରେ ନିଜ ଦୁଃଖ ଦେଖୁଛନ୍ତି । ସ୍ୱାର୍ଥ ଏତେ ପ୍ରବଳ ହୋଇଯାଇଛି ଯେ ବ୍ୟକ୍ତି କେବଳ ନିଜ ହିତସାଧନ ନିମନ୍ତେ ଚିନ୍ତା କରୁଛି । ନିଜ ହିତ ପାଇଁ ଅନ୍ୟ ଯେତେ ଅଧିକ ଅହିତ ହେଉ ପଛେ ମନୁଷ୍ୟ ନିଜ ସ୍ୱାର୍ଥ ପୂରଣକୁ ଅଗ୍ରାଧିକାର ଦେଉଛି । ପରସ୍ପର ପ୍ରତି ସଦ୍ଭାବନା ଏବଂ ପ୍ରେମ ରହିଲେ, ସୁଖ ଏବଂ ମାନବୀୟ ମୂଲ୍ୟବୋଧ ସୃଷ୍ଟି ହେବ । ଅନ୍ୟପଟେ ଘୃଣା, ଦୁର୍ଭାବନା ରହିଲେ କେବଳ ଦୁଃଖ ପ୍ରାପ୍ତ ହେବ । ସତଗୁଣ ଦ୍ୱାରା ସବୁକିଛି ମିଳିପାରିବ, କିନ୍ତୁ ଗୁଣହୀନ ବ୍ୟକ୍ତି ସର୍ବଦା ନିଜ ବ୍ୟର୍ଥତା କାରଣରୁ ସମସ୍ତଙ୍କ ଦୃଷ୍ଟିରେ ହୀନ ଏବଂ ହେୟ ହୋଇଯିବ । ସତଗୁଣ ବଳରେ ମୃତ୍ୟୁ ପରେ ମନୁଷ୍ୟ ଯଶ ସର୍ବତ୍ର ଜୀବିତ ରହିବ । ତେଣୁ ଯେଉଁମାନେ ସତଗୁଣ ବୃଦ୍ଧି ପ୍ରତି ତତ୍ପର ନାହାନ୍ତି, ସେମାନେ ଭୁଲ କରୁଛନ୍ତି ।

ଆଳଦା, ଖଇରା,ବାଲେଶ୍ୱର

ISSN NO.
2582-208X

# ମାଆ



ଶ୍ୟାମସୁନ୍ଦର କୁମ୍ଭାର

ଦଶମାସ ଗର୍ଭ ବେଦନାକୁ ସହି
ମୋତେ ଦେଲୁ ମାଗୋ ଜନ୍ମ
କୋଲେଇ କାଖେଇ କ୍ଷୀରପାନ ଦେଇ
ମୋ ଜୀବନ କଲୁ ଧନ୍ୟ ।୧
ଗୀତ ଗାଇ ଗାଇ ଜହ୍ନକୁ ଦେଖାଇ
ଖୁଆଇଲୁ ମୋତେ ଭାତ
ପୃଥିବୀ ପୃଷ୍ଠରେ ଚାଲି ଶିଖାଇଲୁ
ତୋ ହାତେ ଧରି ମୋ ହାତ ।୨
ମୋ ସୁଖ ମନାସି ପୂଜି ଦିଅଁ ଦେବୀ
କେତେ କଲୁ ଓଷାବ୍ରତ
ମୋ ପାଦେ ଲାଗିଲେ କଣ୍ଟାର ଆଘାତ
ତୋ ଛାତିରୁ ଝରେ ରକ୍ତ ।୩
ମୋ ଦୁଃଖରେ ଦୁଃଖୀ ମୋ ସୁଖରେ ସୁଖି
ମୋ ହିତ ସାଧନେ ରତ
ଆସୁ ଯେତେ ଝଡ଼ଝଞ୍ଜା ତୋ ଜୀବନେ
ତିଳେ ନୋହୁ ବିଚଳିତ ।୪
ନିଜେ ଦୁଃଖ ସହି ମୋର ସୁଖ ପାଇଁ
ଉତ୍ସର୍ଗୀତ ମନ ପ୍ରାଣ
କ୍ଷଣେ ନ ଦେଖିଲେ ଅନ୍ଧ ହେଉଥାଉ
କରିଥାଉ ଗଣ୍ଠିଧନ ।୫ ।

ISSN NO.
2582-208X

ତୋ ତ୍ୟାଗର ମୂଲ୍ୟ ଦେବାକୁ ମୁହିଁ ମା
କେବେ ନୁହେଁ ସାମରଥ
ତୋର ସ୍ନେହପ୍ରେମ କେତେ ଯେ ଗଭୀର
କଳି କି ପାଇବି ଅନ୍ତ ।୬।
ତୋର କୋଳ ତୂଲୀତଳ୍ପ ଶେଯଠାରୁ
ଅଟଇ କୋମଳ ଜାଣ
ତୋ ପଣତ କାନୀ ଅକ୍ଷୟ ଅଭୟ
ବଳୟ ସଙ୍ଗେ ସମାନ ।୭।
ତୁହିଁ ମୋ ଜୀବନ ପଥ ପ୍ରଦର୍ଶିକା
ତୁହିଁ ମୋ ଭାଗ୍ୟବିଧାତା
ତୋହରି ଆଶିଷେ ଆଜି ଏ ସମାଜେ
ଚାଲୁଛି ଟେକି ମୋ ମଥା ।୮।

ନି.ସନ୍ଧିବାହାଲ,ପୋ.ଅ. ଜମୁଟବାହାଲ,ଗାଇସିଲେଟ,
ବରଗଡ଼, ମୋ.ନଂ.୯୯୩୮୯୦୨୫୩୬

ISSN NO.
2582-208X

# ହସେ କାଶତଣ୍ଡୀ ..



ମନୋରଞ୍ଜନ ସୁରୁଜାଲ

ହସେ କାଶତଣ୍ଡୀ ...
ସବୁଜ ଅଙ୍କ ର ଫରଦ ଭିତରେ
ରଂଗ ତୋଳେ ବାସ୍ତବତା
ନିରସ ଧରଣୀ ହୁଏ ମୁଖରିତ
ବରଷା ର ରଂଗ ଛତା ।
ମେଘ ମାଳ ମାଳ ବନ୍ୟର ତମାଳ
ଶୁଷ୍କ ବେଣାର ପାଟ
ଅଙ୍କୁରିତ ବୀଜ ଧରଇ ପଲ୍ଲବ
ରଂଗିମ ସବୁଜ ହାଟ ।
ସାତ ରଂଗି ଇନ୍ଦ୍ର ଧନୁ ହସୁ ଅଛି
ପୁରୁବ ଦିଗକୁ ଚାହିଁ
ଧୀର ସମୀରଣ ଗାଲେ ଚୁମି ଦେଇ
ତା କାନେ ଦିଅଇ କହି ।
ସବୁଜ ବଣର ଆଲୋ ଶୁଭ୍ରାକେଶି
ଗହନେ ଲୋଟୁଛୁ ହସି

ପହିଲି ଶ୍ରାବଣ ଛୁଇଁ ଗଲେ କିଆଁ
ହେଇ ଯାଉ ଏତେ ଖୁସି
ସପନ ବଣିକ ସପନ ବିକେ ଲୋ
ଦି ଦିନର ଖେଳ ଘରେ
କ୍ଷଣ ଭଂଗୁର ଏ ଜୀବନ ଦୀପକ
ପାଇଛୁ ବିଧାତା ବରେ ।
ଅନୁପମ କାନ୍ତି ହୃଦୟ ପ୍ରଶାନ୍ତି
ହସୁ ଥା ଜୀବନ ସାରା
ତୋ ହସରୁ ଶିଖୁ ଏ ସାରା ମୁଲକ
ଛୁଟାଇ ଅମୃତ ଧାରା।

ଆଇଁଲାପାଲି, ଧମା, ସମ୍ବଲପୁର

ISSN NO.
2582-208X

# ଶିଶୁ ସଂସ୍କାରରେ ପିତାମାତାଙ୍କ ଭୂମିକା ଓ ସମାଜରେ ଏହାର ସୁଫଳ



ସରୋଜ କୁମାର ଓଝା

ଶିଶୁଟିଏ ଜନ୍ମ ନେଲେ ପରିବାରରେ ଖୁସିର ଲହରୀ ଖେଳିଯାଏ । ଶିଶୁ ଜନ୍ମଲାଭ ପରେ ତାର ପରବର୍ତ୍ତୀ ଉଜ୍ଜ୍ୱଳ ଭବିଷ୍ୟତ ଗଠନର ମୂଳଦୁଆ ପାଇଁ ପିତାମାତାଙ୍କର ଭୂମିକା ଅତୁଳନୀୟ । ଆଜିକାଲି କଳୁଷିତ ସମାଜରେ ପରିବେଶ ଯେପରି କୁତ୍ସିତ ହେଲାଣି ଛୋଟ ଶିଶୁ ତ ଦୂରର କଥା ସବୁ ବର୍ଗର, ସବୁ ଜାତିର,ସବୁ ବୟସର ବ୍ୟକ୍ତି ମାନଙ୍କର ସଂସ୍କାର ଲୋପ ପାଇଗଲାଣି । ଯଦ୍ୱାରା ସମାଜ ପ୍ରଭାବିତ ହେବା ସହିତ ରାଷ୍ଟ୍ର, ବିଶ୍ୱ ମଧ୍ୟ କଳୁଷିତ ହୋଇଯାଉଛି । ଏଣୁ ଏ ସମାଜ ତଥା ବିଶ୍ୱକୁ କୁତ୍ସିତ, କଦାକାର ତଥା କୁସଂସ୍କାର ଆଦିରୁ ମୁକ୍ତ କରିବାକୁ ହେଲେ ପରିବାରକୁ ପୂର୍ଣ୍ଣ ଗୁରୁତ୍ୱ ଦେବାର ଆବଶ୍ୟକତା ଅଛି । ପରିବାର ହେଉଛି ଶିଶୁର ଉତ୍ତମ ଚରିତ୍ର ଗଠନର କାରଖାନାଟିଏ । ପିତାମାତା ଶିଶୁର ପ୍ରଥମ ଗୁରୁ ରୂପେ କାର୍ଯ୍ୟ ନିଭାଇବା ଆବଶ୍ୟକ । ଶିଶୁଟି ପରିବାରରୁ ଯଦି ଉତ୍ତମ ସଂସ୍କାର ଶିଖେ, ନିଶ୍ଚିତ ଭାବରେ ତାହା ସମାଜ ଉପରେ ସୁପ୍ରଭାବ ପଡ଼ିବ । କାରଣ ସମାଜରେ ଆଜିକାଲି କୁପ୍ରଭାବ ଅଧିକ । ଯାହାଫଳରେ ସମାଜରେ ଅନେକ କ୍ଷତି ଘଟୁଛି । ହିଂସାକାଣ୍ଡ, ଚୋରି, ଡକାୟତି, ନାରୀ ନିର୍ଯ୍ୟାତନା, ଗୁଣ୍ଡାରାଜ୍, ଜଳାପୋଡା ଆଦି ଅନେକ ଅପ୍ରୀତିକର ଘଟଣା ଘଟୁଛି । ବ୍ୟକ୍ତି ହିଁ ଏହି ଘଟଣାର ମୁଖ୍ୟ ନାୟକ ସାଜୁଛି । ଏଣୁ ବ୍ୟକ୍ତି ଯଦି ଭଲ ମଣିଷଟିଏ ହୁଏ ତେବେ ସମାଜର କୁରିତି, କୁସଂସ୍କାର, କଦର୍ଥ ବିଚାର, ଆଦି ଦୂରେଇଯିବା ସହିତ ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୋଇପାରିବ । ଏଣୁ ବ୍ୟକ୍ତି ଚରିତ୍ର ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ ।

ISSN NO.
2582-208X

ଆଦ୍ୟ ପର୍ଯ୍ୟାୟରୁ ଶିଶୁକୁ ସଂସ୍କାର ଦିଗରେ ପିତାମାତା ଧ୍ୟାନ ଦେବା ଉଚିତ୍ । ଶିଶୁ ସଂସ୍କାର ଦିଗରେ ନିମ୍ନରେ କେତେଗୁଡ଼ିଏ ନୀତିକୁ ଅବଲମ୍ବନ କରିବା ଆବଶ୍ୟକ ।

୧. ଗୁରୁଜନଙ୍କୁ ପ୍ରଣାମ ଓ ଭକ୍ତି କରିବା ।

୨.ସାନମାନଙ୍କୁ ସ୍ନେହ ଓ ସହଯୋଗ କରିବା ।

୩.ଅତିଥିଙ୍କ ଆଗମନରେ ଧୌତ ପାଇଁ ଜଳ ଦେବା ।

୪.ଗୁରୁଜନଙ୍କ କଥାମାନିବା ଓ ଡାକିଲେ ଆଜ୍ଞା ଦେବା ।

୫.ଗୁରୁଜନଙ୍କ ଥରେ ସୂଚନା ମାତ୍ରେ କାର୍ଯ୍ୟକୁ ସଫଳତାରେ ଆଗ୍ରହ ପ୍ରକାଶ କରିବା ।

୬.ଗୁରୁଜନଙ୍କ କଥାବାର୍ତ୍ତା ସମୟରେ ପାଟି ନ କରିବା କିମ୍ବା କୌଣସି ଶବ୍ଦ ପ୍ରୟୋଗ ନ କରିବା ।

୭.ଯଦି ଆବଶ୍ୟକତା ଥାଏ ତେବେ ଅନୁମତି ମାଗିବା ।

୮.ଶିଶୁମାନଙ୍କ ପକ୍ଷେ ମୋବାଇଲ ଚାଳନାରୁ ନିବୃତ୍ତି ରହିବା ।

୯.ପରିବାରର ଦିନଚର୍ଯ୍ୟା ବା ସମୟ ସାରଣୀ ଅନୁଯାୟୀ କାର୍ଯ୍ୟକରିବା ।

୧୦. ଦୈନିକ ଭଗବାନଙ୍କୁ ପ୍ରାର୍ଥନା କରିବା ।

୧୧. ନିଜର ପୋଷାକ ଓ କେଶ ପ୍ରତି ଯତ୍ନ ନେବା ।

୧୨.ମିଳିମିଶି ଭୋଜନ କରୁଥିଲେ, ଭୋଜନ ପରିସମାପ୍ତି ପରେ ପ୍ରଥମେ ଗୁରୁଜନଙ୍କୁ ଉଠିଯିବାକୁ ଅପେକ୍ଷା ରଖିବା ।

୧୩. ବିଶେଷତଃ ନିଜର ବ୍ୟବହାର୍ଯ୍ୟ ସାମଗ୍ରୀ ବ୍ୟତୀତ ଘରର ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀର ବ୍ୟବହାର ନିମନ୍ତେ ପରାମର୍ଶ ନେବା ।

ISSN NO.
2582-208X

୧୪.ଘରୁ ବାହାର ସ୍ଥାନକୁ କିଛି ଜରୁରୀ କାର୍ଯ୍ୟ ପାଇଁ ଯିବାର ଆବଶ୍ୟକତା ଥିଲେ, ଘରେ ପରାମର୍ଶ ନେବା ।

୧୫. ସାନବଡ ବୁଝିବିଚାରି କାର୍ଯ୍ୟ କରିବା ।

୧୬.କୌଣସି ପରିସ୍ଥିତିରେ ଅନ୍ୟ ପଡୋଶୀଙ୍କ ଠାରୁ କିଛି ଗ୍ରହଣ କରିବାକୁ ଥିଲେ ମଧ୍ୟ ପରାମର୍ଶ କରିବା ।

୧୭. ବାଟୋଇ କିମ୍ବା ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ସମ୍ମାନ ପ୍ରଦର୍ଶନ କରିବା ।

୧୮.କେହି ମାଗଣାହାରୀଙ୍କୁ ଦାନ ଦେବାରେ ସହାୟକ ହେବା ।

୧୯. ଜୀବମାନଙ୍କ ପ୍ରତି ଦୟାଭାବ ରଖିବା ।

୨୦. କଳହ ସୃଷ୍ଟି ନ କରିବା ।

୨୧. ଜାଣିନଥିବା କାର୍ଯ୍ୟରେ ସମ୍ପୃକ୍ତି ନିମନ୍ତେ ପରାମର୍ଶ ନେବା ।

୨୨. କାହାରିଙ୍କୁ ଥଟ୍ଟା ବା ପରିହାସ ନ କରିବା ।

୨୩. ନିଜ କାମ ନିଜେ କରିବାକୁ ଚେଷ୍ଟା କରିବା ।

୨୪. ଦୈନିକ ବିଦ୍ୟାଧ୍ୟୟନ କରିବା ।

୨୫. ଯଥା ସମୟରେ କାର୍ଯ୍ୟ ସାରିବା ।

୨୬.ଖାଇବା ଦ୍ରବ୍ୟ ନ ଫିଙ୍ଗିବା ।

୨୭.ଖାଇବା ସମୟରେ ବେଶୀ ଥିଲେ ଫେରାଇ ଦେବା ।

୨୮.ଜଳ ନଷ୍ଟ ନ କରିବା, ଆବଶ୍ୟକତାନୁସାରେ ଜଳ ବ୍ୟବହାର କରିବା ।

ISSN NO.
2582-208X

୨୯.ଘରର କୌଣସି କକ୍ଷ ଭିତରୁ ବାହାରକୁ ଆସିବା

୩୦.ପୂର୍ବରୁ ଆଲୋକ ଓ ପଙ୍ଖା ସୁଇଚ୍ ବନ୍ଦ କରି ଆସିବା ।

୩୧.ଆବଶ୍ୟକତାନୁଯାୟୀ 'ଆସନ୍ତୁ', 'ବସନ୍ତୁ', 'ନିଅନ୍ତୁ', 'ଦିଅନ୍ତୁ','ଆପଣ'... ଆଦି ଶବ୍ଦ ଗୁରୁଜନଙ୍କ ପ୍ରତି ବ୍ୟବହାର କରିବା ।

୩୨.ସମବୟସ୍କ କିମ୍ବା ସାନମାନଙ୍କୁ 'ତୁ', 'ତା' ପରିବର୍ତ୍ତେ 'ତମେ' ବ୍ୟବହାର କରିପାରିବା ।

୩୩.ଗୃହକୁ ଗୁରୁଜନଙ୍କର କେହି ପରିଚିତ ଲୋକ କିମ୍ବା ବନ୍ଧୁ ଆସିଲେ,ତାଙ୍କୁ ପ୍ରଣାମ କରିବା ସହିତ ବସିବାକୁ ଆସନ କିମ୍ବା ଚୌକି ପ୍ରଦାନ କରିବା ।

୩୪.ଗୃହୋପକରଣକୁ ଲୁଚାଇ ରଖିବାକୁ ପ୍ରୟାସ କରିବା ନାହିଁ ।

୩୫.ଘରେ ପ୍ରସ୍ତୁତ ସମସ୍ତ ଖାଦ୍ୟକୁ ଆନନ୍ଦର ସହ ଖାଇବାରେ ଆଗ୍ରହ ପ୍ରକାଶ କରିବା ।

ପରିବାରରେ ଉପରୋକ୍ତ କାର୍ଯ୍ୟଗୁଡିକର ବାତାବରଣ ସୃଷ୍ଟି ହେଲେ, ଶିଶୁର ସଂସ୍କାର ଆସିବାରେ ସହାୟକ ହୋଇପାରନ୍ତା ଓ ଏକ ସୁସ୍ଥ ସମାଜ ଗଠନ ଦିଗରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରନ୍ତା ।

ଶିକ୍ଷକ ତଥା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ,
ତିହିଡ଼ି, ଭଦ୍ରକ
ମୋ:୯୯୩୭୬୯୫୭୨୨

ISSN NO.
2582-208X

# ତୋ କୋଳ ସୁନ୍ଦର



ପୂର୍ଣ୍ଣଚନ୍ଦ୍ର ରଣା

ସବୁଜ ତୋ ପଣତଟା ମନ କିଣି ନିଏ
ହଳଦିଆ ମିଠା ପୁଷ୍ପ ମିଠା ବାସ ଦିଏ ।।୧

ପ୍ରଜାପତି ଝୁଲୁଥାଏ ପୁଷ୍ପର କୋଳରେ
ମଧୁମଖି ପିଉଥାଏ ମଧୁ ଆନନ୍ଦରେ ।।୨

ଝିପିଝିପି ବରଷାଟା ଭିଜାଏ ତୋ ଦେହ
ଚିକିଚିକି ବିଜୁଳି ଯେ ରଙ୍ଗାଏ ତୋ ମୁହଁ।।୩

କଳା ବାଦଲକୁ ଚିରି ଆସଇ ତପନ
ଶୀତଳ କିରଣ ଢାଳି କିଣି ନିଏ ମନ ।।୪

ବରଷାର ଜଳ ମିଶେ ନଦୀର ଗର୍ଭରେ
ଅଙ୍କେଇ ବଙ୍କେଇ ନଦୀ ମିଶେ ସାଗରରେ ।।୫

ଜନନୀ ତୋ ବକ୍ଷେ ନଦୀ ଖେଳେ ଲୁଚକାଳି
ପର୍ବତ ବକ୍ଷୁ ଝରଣା କରେ ଯେ କାକଳି ।।୬

ସବୁଜ ତୋ ଶାଢ଼ୀ ଦେଖି ନାଚେ ଇନ୍ଦ୍ରଧନୁ
ସପ୍ତ ରଙ୍ଗେ ନଭ ବକ୍ଷେ ଆଙ୍କିଦିଏ ଧନୁ ।।୭

ISSN NO.
2582-208X

ତୋ କୋଳରେ ମିଳେ ଖାଦ୍ୟ ତୋ କୋଳରେ ପାଣି
ବିଧାତା ଗଢିଛି ତତେ ଆମ୍ଭ ମନ ଜାଣି ।।୮

ଭୋକିଲାକୁ ଦେଉ ଖାଦ୍ୟ ଶୋଷିଲାକୁ ପାଣି
ତୋ ଚରଣେ ମଥା ମାତା ଆମ୍ଭେ ଚିର ଋଣି ।।୯

ଜନନୀଲୋ ତୋ'ର କୋଳେ ମିଳେ କେତେ ଶାନ୍ତି
ତୋ କୋଳେ ରଖିଲେ ମଥା ଦୂର ହୁଏ କ୍ଳାନ୍ତି ।।୧୦

ହାଟସିଂହାପୁର, ଯାଜପୁର

ISSN NO.
2582-208X

# ଜାତୀୟ ପତାକା ଆମର ପ୍ରତୀକ



ଯଶୋବନ୍ତ ନାୟକ

ଜାତୀୟ ପତାକା ଦେଶର ଅସ୍ମିତା
ଆମ ପାଇଁ ସେ ଗୌରବ
ପବିତ୍ର ଭାରତେ ଚାରିଆଡେ ଦେଖ
ତ୍ରିରଙ୍ଗା ଉଡୁଛି ସର୍ବ ॥
ଭାରତ ଆମର ସ୍ୱାଧୀନ ହୋଇଛି
ଆମେ ତାହାର ସନ୍ତାନ
ଆମରି ହାତରେ ଦେଶର ଶାସନ
ରଖିବା ତାହାର ସମ୍ମାନ ॥
ଆମେ ଗଢ଼ିବୁ ଦେଶକୁ ଆମର
ରଖିବୁ ତାହାରି ଟେକ
ହିନ୍ଦୁ ମୁସଲିମ ଶିଖ ଖ୍ରୀଷ୍ଟିଆନ
ସର୍ବ ଭାରତୀୟ ଏକ ॥
ତ୍ରି ରଙ୍ଗେ ତ୍ରିରଙ୍ଗା ପତାକା ଯାହାର
ଗାଏ ଶାନ୍ତି ମୈତ୍ରି ଗୀତ
କର୍ମ ପରାୟଣ ଧର୍ମ ପରାୟଣ
ଅଟେ ଯାହାର ସଂଗୀତ ॥
ଅହିଂସା ଧର୍ମରେ ସ୍ୱାଧୀନ ଆଣିଲେ
ସେ ଆମ ଜାତିର ପିତା
ପରାଧୀନ ଶିକୁଳି ରୁ ମୁକ୍ତି ପାଇଛି
ସେହି ଆମ ଭାରତ ମାତା ॥

ଚନ୍ଦାହାଣ୍ଡି , ନବରଙ୍ଗପୁର

ISSN NO.
2582-208X

# ସମୟ



ଗୁପ୍ତେଶ୍ୱର ଗନ୍ଧ

କାହାକୁ କାହିଁକି ଭଗାରି ଭାବି ମୁଁ
କରିବି ମୋ ମନ ଊଣା।
ଏହି ପରା ଏକ ଲୁଚକାଳି ଖେଳ
ସମସ୍ତ ଙ୍କ ଜଣାଶୁଣା ।।୧
କେତେ ବେଳେ କେଉଁ ଅଜଣା ଅଚିହ୍ନା
ସାଥେ ହୁଏ ସୁ-ସମ୍'ପରକ ।
ପୁଣି କେବେ ଭାଙ୍ଗେ ଘନିଷ୍ଠତା ଥାଇ
ବନ୍ଧୁତା ର କୋଣାରକ ।।୨
ଏ ଜୀବନ-ଜହ୍ନ ହସେ ଖିଲି ଖିଲି
ସୁଖର ପୂନେଇଁ ନିଶି ।
କଳା ବାଦଲ ଟା ଛଡ଼ାଇ ନିଅଇ
ଅତର୍କିତେ ଘୋଟି ଆସି।।୩
ଆଉ କେତେ ବେଳେ ଅତି ପରିଚିତ
ଲୋକ କରେ ପ୍ରତାରଣା।
ଆତ୍ମୀୟ ସ୍ୱଜନ ହୋଇ ଭରିଦିଏ
ଅକଥନୀୟ ଯନ୍ତ୍ରଣା।।୪
ଭଙ୍ଗା ଗଢ଼ା ର ତ ଏ ଦୁନିଆଁ ଅଟେ
କେବେ ଫୁଲ ର ଫଗୁଣ।
ପୁଣି ପତ୍ରଝଡ଼ା ଆଗମନେ ଲାଗେ
ଏ ଜୀବନ ଶିରୀ ହୀନ ।।୫

ISSN NO.
2582-208X

ସଂସାରେ ଯେମିତି ଭୋଗ ହୁଏ ଗୋଟେ
ପରେ ଗୋଟେ ଜନ୍ମ ମୃତ୍ୟୁ ।
ଗ୍ରୀଷ୍ମ ପରେ ବର୍ଷା ଶରତ ହେମନ୍ତ
ଶିଶିର ବସନ୍ତ ଋତୁ । ।୬
ନାନା ଜାତି ଫୁଲ ଫୁଟି ଚହଟଇ
ସମୟର ଉପବନେ ।
ଅନୁଶୋଚନା ମୁଁ କରିବି କିପାଇଁ
ଖେଦ ଲଭିବି ମୋ ମନେ । ।୭
ସମୟର କରାମତି ଏସବୁ ତ
ତା'ଠାରୁ କେ ବଳବାନ।
କେବେ ଦିଏ ଦୁଃଖ କେବେ ନିଏ ସୁଖ
କରଇ ସେ ବଡ଼ ସାନ । ।୮
ଦେଖାଏ କାହାକୁ ସୁନେଲୀ ସପନ
ହରି ନିଏ କା' ନୟନ ।
ପଙ୍ଗୁ କରି କା'ରେ ବସାଇ ଦିଏ ସେ
ଫିଟାଏ ମହା ବନ୍ଧନ । ।୯
ସମୟ ସକାଶେ ମିତ୍ର ବନ୍ଧୁ ସଖା
ପର ହୁଏ ଆପଣାର।
ହସ ଲୁହ ହାନି ଲାଭ ସବୁକିଛି
ଅବଦାନ ସମୟର । ।୧୦

ଗ୍ରାମ /ପୋଷ୍ଟ-ସମାସିଂହା;
ଜିଲ୍ଲା-ଝାରସୁଗୁଡା; ଓଡ଼ିଶା; ପିନ୍ କୋଡ -୭୬୮୨୧୩.
ମୋ.୭୬୮୩୮୪୧୮୬୪.

ISSN NO.
2582-208X

# ଉଡିଗଲା କାହାଣୀ


ଡ. ତନ୍ମୟ କବି

ସତରେ ଦେଶ ସ୍ୱାଧିନତା ପାଇଗଲା....! ସମୟ ଆଗପଛ..... ବଡ଼ ପୁଅ ଚାକିରୀ ପାଇଯାଇଛି; ସାନ ଝିଅ ର ବି ଚାକିରୀ; ତନ୍ମୟ ବାବୁ ଅନେକ ଖୁସି, ପତ୍ନୀ ବି' ଖୁସି......ଯାହା ହେଉ ବୁଢ଼ାଟା ଆଉ କଲେଜ ଯିବ ନାହିଁ, ବକର ବକର ରୁ ରକ୍ଷା । ମୋଟା ଅଙ୍କର ଦରମା ଆସିବନି.........ତନ୍ମୟ ସାର୍ ଖୁସି । ଏତେ ଦିନ ଚାକିରୀ କଲାପରେ ଏବେ ଅବସର କାଳ.....ଯାହା ହେଉ ପୁଅ, ବୋହୂ, ଝିଅ ଜ୍ୱାଇଁ, ନାତି, ନାତୁଣୀ ରେ ଘର ପୁରି ଉଠିଛି...... ଅନେକ ଛାତ୍ରଛାତ୍ରୀ, ସହକର୍ମୀ ମାନେ ଦୁଇବର୍ଷ ଆଗରୁ କହିଲେଣି ଆପଣଙ୍କ ରିଟାୟାରମେଣ୍ଟ୍ ସାର୍ ପାଖେଇ ଆସିଲାଣି.....ବୋହଟି ଭଲ; କେତେ ସେବା କୁହନା.....ଜ୍ୱାଇଁ ବି ଭଲ - ବାପା, ବାପା ଡାକ.....।

ଆଜି ଅବସରର ଶେଷ ଦିନ; ଆଜି ସକାଳୁ ସକାଳୁ ପୁଅ ଝିଅଙ୍କର ଫେଣଫେଣୀଆ ମୁହଁ.....ସତେ ଯେମିତି ମୁଁ ପରାଜିତ ସୈନ୍ୟ......ବୋହୂମା ବୋହୂମା ଡାକିଲି .......ଇଏ କ'ଣ ଗରଗର........। ଆସିଲାଣି ପନ୍ଦର ବର୍ଷ ବୋହୂ ହୋଇ...... କେବେ ହେଲେ ପାଟିରୁ କଥା ବାହାରୁ ନ ଥିଲା ! ଆଜି କ'ଣ ଏମିତି ଭାଷା ? ଆଜିଠୁ ନାଲି ଚାହା ପିଇବେ, ଆପଣଙ୍କୁ ଷାଠିଏ ହେଲାଣି, କ୍ଷୀର ଚାହା ପିଇଲେ କଫ ହେବ, ପୁଣି ଆପଣଙ୍କର କେତେ ରୋଗ, ମା'ଙ୍କର ପୁଣି ଗୋଡ଼ ବିନ୍ଧା ତା ପାଇଁ ତେଲ.... ୟାଙ୍କର ଏତେ ଟଙ୍କା ନାହିଁ ଯେ ଆପଣଙ୍କ ସେବାରେ ଲାଗିବ ।

ହଉ ତୁ ଯା......ବୁଝିବା .....ଏ ଗଲା ଗୋଟିଏ କାହାଣୀ......

ISSN NO.
2582-208X

ଚାରିଟା ବେଳକୁ ଝିଅ ଜ୍ୱାଇଁ ଆସିଲେ ବଙ୍କା ବଙ୍କା କଥା.......ଝିଅ କହିଲା ବାପା ତୁମେ ରିଟାର୍ଡ ହେଲଣି । ଆମେ ଆସିବୁ ତୁମ ସେବାକରିବୁ, କିନ୍ତୁ ଗୋଟିଏ କଥା ଯେଉଁ ଟଙ୍କା ପାଇବ ଅଧା ଦେବ । ଶ୍ରୀମତୀ ମୋ'ର ପାଖକୁ ଆସି କହିଲା ସମସ୍ତେ ଏମିତି କ'ଣ କହୁଛନ୍ତି......ଚାଲ ଏଠୁ ପଳାଇବା....... ଯାହା ପାଖକୁ ଯିବା ସମସ୍ତେ ମାଗିବେ ଟଙ୍କା, ଟଙ୍କା.....

ତହିଁ ପରଦିନ ମୋ ବୁଢ଼ୀ କହିଲା ଚାଲ କାଳିଆ ପାଖକୁ ଯିବା ସେଠି ରହିବା ପୁଅ, ବୋହୂ, ଝିଅ ଜ୍ୱାଇଁ ଆବଶ୍ୟକ ନାହିଁ....... ଆନନ୍ଦ ବଜାରରେ ବୁଲିବା; ଖାଇବା......ଆମ କାଳିଆ ସାଆନ୍ତ, ଲକ୍ଷ୍ମୀ ଠାକୁରାଣୀ ଠାରୁ ଏ ଦୁନିଆରେ କିଏ ବଡ଼ ଅଛି ମ??? ସିଏ ଥିଲେ ଡର କାହାକୁ........

ଅବସରପ୍ରାପ୍ତ ପ୍ରାଧାପକ
କଣ୍ଟେଇକୋଳଆ, ଢେଙ୍କାନାଳ
ଦୂରଭାଷ : ୯୩୩୭୭୫୦୮୭୨

ISSN NO.
2582-208X

# ସଂଘମିତ୍ରା କାନ୍ଦୁଛି



ରେଜାଲିନ ଗଡନାୟକ

ବୟସ ବେଶୀ ନୁହେଁ । ରୂପ ବି କମ୍ ନୁହେଁ। ସେଥିପାଇଁ ତ ସମସ୍ତେ ଆପଣାର । ଅଧିକ ଆପଣାର ତା'ର ଗୁଣ ପାଇଁ । ଅତି ଆଦରଣୀୟ ସେ । ଭାରି ପ୍ରିୟ ସମସ୍ତଙ୍କର । ଭଲ ନାଁ ସଂଘମିତ୍ରା ସାହୁ । ଡାକ ନାଁ ନାହିଁ । ରହିବ ବା କେମିତି.......ଏତେ ଗେହ୍ଲା ଯେ କିଏ ଝିଅ ଡାକେ ତ କିଏ ବାୟାଣୀ; କିଏ ଗେହ୍ଲି ଡାକେ ତ କିଏ ବୁଢ଼ୀ ଆଉ କିଏ ମାଆ; ଆଉ କିଏ ଧନରେ......ପାଦ ତଳେ ଲାଗେନି । ଧୂଳି ପଡେନି ତା' ଉପରେ...... ପାଠ ଯେମିତି ଶାଠ ସେମିତି.......

ହେଲେ ଆଜି ନିସ୍ତବ୍ଧ କାହିଁକି ? ହଁ ଏତେ ଦିନ ପରେ ଘରକୁ ଫେରିଛି ତ ବିଶ୍ରାମ କରୁଥିବ......ନା, ନା, ସେ ତା' ବାବାଙ୍କୁ କୋଳେଇ ଶୋଇପଡିଥିବ......! କାଇଁ ନାଇଁ ତ, ସେମିତି କିଛି ନାହିଁ.......କ'ଣ ଗୋଟାଏ ସକେଇଲା ଭଳି ଶବ୍ଦ ଆସୁଛି; କିଏ କାନ୍ଦୁଛି କି ? ଏ କ'ଣ ! ଝିଅ କାନ୍ଦୁଛି...... କିନ୍ତୁ କାହିଁକି.....? ବାବା ତା'ର ପାଖରେ ନାହାଁନ୍ତି..... ମାଆ ତ ଶଙ୍ଖା ସିନ୍ଦୂର ପିନ୍ଧି ରଙ୍ଗୀନ ଲୁଗା ପିନ୍ଧିଛି ........ ହେଲେ ଘଟଣା କ'ଣ..... ସଂଘମିତ୍ରା ହାତରେ ଅଛି ଗୋଟିଏ ଡାଏରୀ; ପାଦ ତଳେ ପଡିଛି ବାବାଙ୍କ କ୍ଷତାକ୍ତ ଫୋନ୍......... ଡାଏରୀରେ ଲେଖା ଅଛି କବିତା....... ହେଲେ ଫୋନରେ କ'ଣ ଥିଲା......??????!!!!!

ବାବା କହୁଛନ୍ତି ମୁଁ କିଛି ଜାଣିନି....... ହେଲେ ସଂଘମିତ୍ରା ଆଜି ବୁଝିପାରୁଛି ସେ ଯେତେବେଳେ ବାବାଙ୍କୁ କହେ ମାମାଙ୍କୁ ଫୋନ ଦେବା ପାଇଁ ବାବା ଏଣୁ ତେଣୁ କହି ଭୁଲାଉଥିଲେ କାହିଁକି......! ହଁ ଯେ.... ଡାଏରୀରେ ଲେଖାହେଲା କେମିତି....." ଆଜି ବି ପ୍ରଭା ମୋ ବିନା ବଞ୍ଚି ପାରୁନି, ରଶ୍ମି କୋଳରେ ଭଲ ଫଟୋ ଆସେ, ପିହୁ ଗାଡିରେ

ISSN NO.
2582-208X

ବୁଲିବାକୁ ଆଜି ଡାକୁଛି, ହୀନୁ ଆଜି ଫୋନ କରୁଛି ତା' ସ୍ୱାମୀ ନଥିଲା ବେଳେ.... ରୁନି ତ କାନ୍ଦିପକାଏ ଭିଡିଓ କଲରେ..... ଲିପି ବଜାରକୁ ଡାକୁଛି, ଦିପ୍ତୀ ତ ଆଜି ବି ଅନେଇଁ ବସିଛି..... ସବିତା ମେସେଜ ପଢୁଛି......."

ମାମା ନିରବ । ଫୋନ୍ ସାରା ବିଭିନ୍ନ ଫଟୋ; ବର୍ଣ୍ଣନା କରି ହେବନି...... ହେଲେ ଏ କ'ଣ.....ନିଜ ଝିଅ ଫଟୋ ଉପରେ ବି ଏଡିଟ୍ କରି ଲେଖା ଅଛି ଅନେକ କଥା...... ଛି....ଛି.... ଛି..... ସଂଘମିତ୍ରା ବିଶ୍ୱାସ କରିପାରୁନଥିଲା ତା' ମାମାର ପଥର ହୃଦୟର ନିରବତାକୁ........ ଏତେ ଦିନ ପରେ ଫେରି ବି "ସଂଘମିତ୍ରା କାନ୍ଦୁଛି"........

ଢେଙ୍କାନାଳ
ଦୂରଭାଷ- ୭୮୯୪୫୮୫୭୦୮

ISSN NO.
2582-208X

# ମହାନତା

ମାଳତୀ ଦେବୀ

ସରଳତା ସାଧୁତା ଓ ସତ୍ୟ ତିନି ପ୍ରତୀକ ମହାନତାର ।
ନାହିଁ ମହାନତା ଏପରି ଯହିଁରୁ ଏ ତିନି ଥାନ୍ତି ଅନ୍ତର ।୧।
ସରଳତା ଗୁଣ କରିଣ ଧାରଣ ଏ ଭବେ ଶ୍ରେଷ୍ଠ ହୋଇବ ।
ସରଳତା ପଣେ ଜିଣ ଭୂମଣ୍ଡଳ ଅଚିରେ ଆହେ ମାନବ ।୨।
ସରଳ ସାବଲୀଳ ନମ୍ର ଗୁଣକୁ ସଦା ଆଦରିଣ ଜନ ।
ସକଳ ହୃଦୟ ଜିଣିଣ ବହନ ସୁଖେ ତର ଭବବନ ।୩।
ସାଧୁତା ପଣକୁ ଆଦର ସୁଜନ ଜୀବନ ହୋଇବ ଧନ୍ୟ ।
ଅସାଧୁ ଲୋକର ଜନ୍ମ ଅକାରଣ କରେ ତାହାକୁ ବର୍ଜନ ।୪।
ସତ୍ୟକୁ ଆଦର ନିତ୍ୟ ଧର୍ମେ ତର ସଂସାର ଅଟେ ଅସାର ।
ଅସାର ସଂସାରେ ସାର ସତ୍ୟ ଧର୍ମ ତାରେ ସଦା ଅନୁସର ।୫।
ଅପ୍ରିୟ ସତ୍ୟ ନ କୁହ କଦାଚନ କାରକ୍ଷତି କରନାହିଁ ।
ସର୍ବଜନ ମଙ୍ଗଳ ଚିତ୍ତେ ବିଚାର ଅଶାନ୍ତି ଯିବ ଦୂରେଇ ।୬।
ସରଳତା ସାଧୁତା ଓ ସତ୍ୟବଳେ ଜିଣ ଏହି ଭୂମଣ୍ଡଳ ।
ଏ ତ୍ରିଗୁଣେ ସାଧବେ ହୁଅ ମହାନ ଏହା ଦୁର୍ବଳର ବଳ ।୭।

ଲୋକାପଡା, ପୁରୁଣାବଜାର, ଆଳ

ISSN NO.
2582-208X

# ଏଇତ ଜୀବନ



ରାଧାରାଣୀ ରାଉଳ

ଜୀବନ ତ ଏକ ଶ୍ରାବଣ ରାତିର

ସବୁଜ କବିତା ଲେଖା

କେବେ କେବେ ପୁଣି ଫଗୁଣ ସକାଳେ

ଗୋଲ୍ପି ଗୋଲ୍ପ ଶାଖା ।

ଜୀବନ ବି ଏକ ପାନ୍ଥଶାଳାରେ

ରାତିକର ଅନୁଭୂତି

ମରମ ତଳରେ ଗୋପନେ ସାଇତି

କଛିଟା ସପନ ସ୍ମୃତି ।

ଜୀବନ ଗୋଟାଏ ସାଗର ନଦୀର

ନୀରବ ଧାରା

କେବେ ତାର ଛାତି ମେଘମୟ ପୁଣି

କେବେ ତ ଜହ୍ନ ତାରା ।

କଟିକଟା, ଯାଜପୁର

ISSN NO.
2582-208X

# ଜୀବନ ଗପ



ଶିବବ୍ରମ ଦଳେଇ

ହୁତୁ ହୁତୁ ହେଇ ଜଳି ଯାଉଥିଲା ବାସନ୍ତୀ ର କୋମଳ ଶରୀର । କିନ୍ତୁ ସମସ୍ତେ ଆଶ୍ଚର୍ଯ୍ୟ ହୋଇ ନଟିଆ ମହାନ୍ତି କୁ ଚାହିଁ ରହିଥିଲେ । ସାଧାରଣ ଚାକରାଣୀ ଟେ ପାଇଁ ନଟିଆ ର କାହିଁକି ଏତେ ବିଳାପ ।

ସମସ୍ତ ଙ୍କ ଆଖିରେ ବାସନ୍ତୀ ଚାକରାଣୀ ଟେ ହେଇପାରେ, ନଟିଆ ମହାନ୍ତି ଆଖିରେ ସେ କିନ୍ତୁ ଅଲଗା । ବାସନ୍ତୀ ର ଶରୀର ପରସ୍ତ ପରସ୍ତ ହେଇ ଯେତେ ଜଳିବାରେ ଲାଗିଥାଏ, ନଟିଆ ମହାନ୍ତି ହୃଦୟ ରେ ଥିବା ବାସନ୍ତୀ ଜୀବନ ଗପ ବହିର ପୃଷ୍ଠା ଗୁଡିକ ସତେ ଯେମିତି ଫର୍ଦ୍ଦଫର୍ଦ୍ଦ ହେଇ ଜଳି ଯାଉଥିଲା । କିଛି ସମୟ ଭିତରେ ସେହି ଜୀବନ ଗପ ବହି ଟି ଜଳି ପୋଡି କେଇ ମୁଠା ପାଉଁଶ ପାଲଟି ଯିବ ।କିନ୍ତୁ ସେ ମାଲିକ କୁ ସ୍ମୃତି ରୂପକ ଦାନ ଜ୍ୱାଳାରେ ସବୁଦିନ ଜଳିବାକୁ ଛାଡି ଦେଇ ଗଲା । ମହାଭାରତ ଯୁଦ୍ଧରେ ଶ୍ରୀକୃଷ୍ଣ ପାଣ୍ଡବ ମାନଙ୍କ ପାଇଁ ଅବଦାନ ଭଳି ବାସନ୍ତୀ ର ଅବଦାନ ମହାନ୍ତି ପରିବାର ପାଇଁ କିଛି କମ ନ ଥିଲା । ଜନ୍ମ ରୁ ମୃତ୍ୟୁ ପର୍ଯ୍ୟନ୍ତ ଦୁଃଖ ର ପାହାଡ କୁ ଅତିକ୍ରାନ୍ତ କରିପାରିଲା ନାହିଁ ବାସନ୍ତୀ । ତା ଜୀବନର ପ୍ରତିଟି ମୁହୂର୍ତ୍ତ ଗୋଟାଏ ଗୋଟାଏ ଅସରନ୍ତି ଗପ । ଜୀବନ ନଟେଇ ର ଅଡୁଆ ସୂତା ଖୋଲୁ ଖୋଲୁ ଗୁଡିଟା ମୁକ୍ତ ଆକାଶରେ ଉଡିବା ପରିବର୍ତ୍ତେ ଭୂମିରେ ମୁଣ୍ଡ ପିଟିଦେଲା ।

ବାସନ୍ତୀ ଛୋଟ ହେଇଥିଲା । ନୂଆ ବର୍ଷ ବୁଲିବାକୁ ବାପା ବୋଉ ସହିତ ନନ୍ଦନକାନନ ଯାଇଥିଲା । ହଠାତ ସେହି ସୁଖ ପରିବାର ଉପରେ ଦୁଃଖର ଛାଇ ମାଡ଼ିଆସିଲା । ଫେରିବା ସମୟରେ ଗୋଟେ ମାଲ ବୋଝେଇ ଟ୍ରକ ପଛ ପଟରୁ ଧକ୍କା ଦେଲା । ଘଟଣା ସ୍ଥଳରେ ବାସନ୍ତୀ କୁ ଛାଡି ତା ପରିବାର ର ସମସ୍ତେ ପ୍ରାଣ ହରାଇଲେ ।

ISSN NO.
2582-208X

ମାମୁଁ ମାଇଁଙ୍କ କିଛି ପିଲା ଛୁଆ ନଥିବା ହେତୁ ବାସନ୍ତୀ କୁ ପାଖକୁ ନେଲେ । ବିଧିର ବିଧାନ କିଏ ବା ବଦଳେଇ ପାରିବ, "ବାସନ୍ତୀ ମାମୁଁ ଘରେ ରହିବାର ଦେଢ଼ ବର୍ଷ ପରେ ମାମୁଁ ମାଇଁ ଙ୍କର ଝିଅ ଟିଏ ଜନ୍ମ ହେଲା " । ମାଇଁଙ୍କ ଆଙ୍ଗୁଠି ଇସାରା ରେ ଉଠବସ ହେଉଥିବା ମାମୁଁ ବାସନ୍ତୀ ର ପୈତୃକ ସମ୍ପତ୍ତି କୁ ବିକିକିଣି ପରିବାର ଭରଣ ପୋଷଣ କଲେ । ଶେଷରେ ନିଜ ଝିଅକୁ ସ୍କୁଲ ପଠେଇ, ବାସନ୍ତୀ କୁ ଘର କାମରେ ଲଗାଇ ଦେଲେ ।

ଏମିତି ରେ କିଛି ବର୍ଷ ବିତିଗଲା । ଯୌବନ ରେ ପଦାର୍ପଣ କଲା ବାସନ୍ତୀ । ରୂପ ଗୁଣ ଓ ଚାଲିଚଳଣ ରେ ଅନନ୍ୟ ଥିଲା ସେ । ସଫା ଆକାଶରେ ଖଣ୍ଡେ ମେଘ ଢାଙ୍କିଲା ପରି ବାସନ୍ତୀ ଗାଲରେ ମାଇଁ ଦେଇଥିବା ନିଆଁ ଗୋଜିଣା ର ଦାଗ ତାକୁ ଆହୁରି ସୁନ୍ଦରୀ କରିଦେଉଥିଲା । ଏତିକି ରେ ମାମୁଁ ମାଇଁଙ୍କ ମନ ଭରିଲା ନାହିଁ ଯେ ଶେଷରେ ଟଙ୍କା ପାଇଁ ଗୋଟେ ମଦ୍ୟପ ସହ ବାହା ଦେଲେ ।

ମଦ୍ୟପ ସ୍ୱାମୀ ପାଇ ବାସନ୍ତୀ ଯେତେ ଦୁଃଖୀ ନ ଥିଲା ତା ଠୁ ବେସି ଦୁଃଖୀ ଥିଲା ପ୍ରତିଦିନ ସ୍ୱାମୀ ର ବେଲ୍ଟ ପାହାରକୁ । ସେ ଚାହୁଁଥିଲା ସ୍ତ୍ରୀ ଯୌବନ କୁ ବିକି ସେହି ଟଙ୍କାରେ ମଦ ପିଇବା କୁ । ବିବାହ ର ମାସ କେଇଟା ଯାଇଛି କି ନାହିଁ ମଦ ପିଇ ଘରକୁ ଫେରିବା ବାଟରେ ଗୋଟେ ଅଜଣା ଗାଡ଼ି ଧକ୍କାରେ ପ୍ରାଣ ହାରିଲା । ଆଗରୁ ତା ସ୍ୱାମୀ ଘର ମଦର ଆଡ୍ଡାସ୍ଥଳୀ ଥିବାରୁ ତା ପାଇଁ ସେ ଘର ବି ବେଶି ଦିନ ସୁରକ୍ଷା ଦେଇ ପାରିଲା ନାହିଁ ।ପୁଣି ସେହି ମାମୁଁ ଘର ନର୍କ ଆଡ଼କୁ ମୁହାଁଇଲା । ସେଠାରେ ବାସନ୍ତୀ କୁ ବା କେଉଁ ଶାନ୍ତି ମିଳିବା। ପୂର୍ବ ଠୁ ଅଧିକ କଷଣ ପାଇଲା ସେ । ଏଥର ଜୀବନ ହାରିବାକୁ ମନସ୍ଥ କଲା ।କିନ୍ତୁ ଜୀବନ ହାରିବା ତା ପକ୍ଷେ ସମ୍ଭବ ହେଲାନାହିଁ । କେବଳ ପେଟର ଭ୍ରୁଣ ପାଇଁ ବିବେକ ବାଧକ ସାଜିଲା । ଶେଷରେ ସେ ଦୂର ଏକ ଅଲଗା ରାଇଜ କୁ ଚାଲିଗଲା ।

କଣ୍ଡକ୍ଟର ଡାକରେ ବାସନ୍ତୀ ର ନିଦ ଭାଙ୍ଗିଗଲା । ବାସନ୍ତୀ ଚାହିଁଲା ବେଳକୁ ଗାଡ଼ିରେ ଥିବା ସମସ୍ତ ଯାତ୍ରୀ ନିଜ ନିଜ ବାଟରେ ଚାଲିଗଲେଣି । ଗାଡ଼ିରୁ ଓହ୍ଲାଇ ଚାରି ଦିଗକୁ ଚାହିଁଲା ବାସନ୍ତୀ । ସିଧା ସିଧା ଲମ୍ବି ଯାଇଥିଲା ଚତୁର୍ଦ୍ଦିଗକୁ କଳା ମୁଚୁମୁଚୁ ପିଚୁ ରାସ୍ତା । ଗାଡି ମୋଟର ପେଁ ପେଁ ହେଇ ଚାଲି ଯାଉଥିଲେ ନିଜ ନିଜର ରାସ୍ତା ବାଛି । ବାସନ୍ତୀ ଟିକିଏ ଦ୍ୱନ୍ଦରେ ପଡ଼ିଗଲା । ସେ କେଉଁ ଦିଗର ରାସ୍ତାକୁ ଆପଣେଇବ ତା ଜୀବନର ରାସ୍ତା । ତଥାପି ତା ସମ୍ମୁଖରେ ପଡିଥିବା ରାସ୍ତାଟିକୁ ତା ଜୀବନର ଉଚିତ ରାସ୍ତା ବାଛିନେଇ ଆଗକୁ

ISSN NO.
2582-208X

ଆଗକୁ ବଢ଼ିବାରେ ଲାଗିଲା । ବାସନ୍ତୀ ର ପାଦ ଯେତେଯେତେ ଆଗକୁ ବଢ଼ିବାରେ ଲାଗିଥାଏ ତା ମନକୁ କେଇଟା ପ୍ରଶ୍ନ ବିଚଳିତ କରୁଥାଏ । ଏ ଅଜଣା ରାଇଜେ କିଏ ବା ତାକୁ ସହାୟ ହେବ ? କିଏ ତାକୁ ଆଶ୍ରୟ ଦେବ ? ଗାଡି ମୋଟର ପେଁ ପେଁ ଶବ୍ଦ ରେ ତା ମୁଣ୍ଡଟା ବୁଲେଇ କଚାଡି ହେଇ ତଳେ ପଡ଼ିଲା ।

ବାସନ୍ତୀ ର ଚେତା ଫେରିଲା ବେଳକୁ ସେ ବାସୁଦେବପୁର ମେଡିକାଲ ଖଟିଆ ଉପରେ ଶୋଇଥାଏ । ତା ପାଖରେ ଠିଆ ହୋଇଥିଲା ଗୋଟେ ଅଜଣା ପୁରୁଷ ଆଉ ଡାକ୍ତର ଆଶୁତୋଷ । ଡାକ୍ତର ଆଶୁତୋଷ ସେ ପୁରୁଷ ଜଣକୁ କହିଗଲେ ଏବେ ମାଆ ଆଉ ଛୁଆ ସମ୍ପୂର୍ଣ୍ଣ ସୁସ୍ଥ । ତାଙ୍କୁ କିଛି ଦିନ ବେଡ଼ରେଷ୍ଟ ନିହାତି ଦରକାର । ତୁମେ ତାଙ୍କୁ ଏବେ ନେଇ ପାର । ଘରକୁ ନେବାକଥା ଶୁଣି ମହାନ୍ତି ବାବୁ ଭାବୁଥିଲେ ରାସ୍ତାରୁ ଆଣି ମେଡିକାଲ ରେ ପହଞ୍ଚାଇବା ମୋର କଣ ଭୁଲ । ଏବେ ଦ୍ୱନ୍ଦରେ ପଡି ମହାନ୍ତି ବାବୁ କିଛି ସମୟ ପାଖ ବେଡ଼ ଉପରେ ଥପ କିନା ବସି ପଡିଲେ । ଭାବୁଥିଲେ ଏ ଅଜଣା ସ୍ତ୍ରୀ ଲୋକ ଟି କିଏ ? କଣ ତାଙ୍କ ପରିଚୟ ? ପୁଣି ତା ପେଟ ରେ .........? ଆଉ ଆକୁ ନେବି କୋଉଠିକି ? ମନରେ ଅନେକ ପ୍ରଶ୍ନ ବିଚଳିତ କଲେ ବି ଛାତିରେ ମୁଠାଏ ସାହାସ ବାନ୍ଧି ମହାନ୍ତି ବାବୁ ବାସନ୍ତୀ କୁ ଘରକୁ ନେଇ ଆସିଲେ ।

ଘରେ ପହଂଚୁ ପହଞ୍ଚୁ ପାହାଡ ପରି ପ୍ରଶ୍ନ ବାଣ ମହାନ୍ତି ବାବୁ ଙ୍କ ଉପରେ ଅଜାଡ଼ି ହେଲା। ସବୁ ପ୍ରଶ୍ନ ଧର୍ଯ୍ୟର ସହ ସାମ୍ନା କଲେ । କାଳେ ପୁଣି ସେହି ନର୍କ କୁ ଫେରିବାକୁ ହେବ ଭାବି ବାସନ୍ତୀ ବି ନିଜର ପରିଚୟ ଭୁଲିଗଲା । ସେହି ସମୟରେ ମହାନ୍ତି ବାବୁଙ୍କ ପତ୍ନୀ ସବିତା ତିନି ମାସ ର ଗର୍ଭବତୀ । ଘର କାମ ପାଇଁ ମହାନ୍ତି ବାବୁ ଗୋଟେ ସାଧାସିଧା ଚାକରାଣୀ ଟେ ଖୋଜୁଥିଲେ । ବିଲେଇ କପାଳକୁ ଶିକା ଛିଡିଲା ଭଳି ମହାନ୍ତି ବାବୁଙ୍କୁ ସିନା ବାସନ୍ତୀ ମିଳିଗଲା, ହେଲେ କେବଳ ସମସ୍ୟା ଥିଲା ତା ପେଟରେ ବଢୁଥିବା ଭ୍ରୁଣ ।

ଚାଂହୁ ଚାଂହୁ ମାସ କେଇଟା ଗଡ଼ିଗଲା । ସବିତା ଆଉ ବାସନ୍ତୀ ପ୍ରସବ ପାଇଁ ମେଡିକାଲ ରେ ଭର୍ତ୍ତି ହେଲେ ଦୁହିଁଙ୍କ ର ପୁତ୍ର ଜାତ ହେଲା । ବାସନ୍ତୀ ପୁତ୍ର ପାଇ ଯେତିକି ଖୁସି ଥିଲା ତା ଠୁ ଅଧିକ ଦୁଃଖୀ ମଧ୍ୟ ଥିଲା । ନିଜର ଭବିଷ୍ୟତ ଯଦି ଅନ୍ୟ ହାତରେ ତେବେ ଏ ଛୁଆଟାର ଭବିଷ୍ୟତ କାହା ହାତରେ ? ତେଣୁ ସେ ନିଜର ପୁଅକୁ କାହାରିକୁ ଅଥବା ଅନାଥାଶ୍ରମ ରେ ଦେଇ ଦେବାକୁ ଚିନ୍ତା କଲା । ଏତିକି ବେଳେ ମହାନ୍ତି ବାବୁ ବାସନ୍ତି କୁ

ISSN NO.
2582-208X

"ପତ୍ନୀ ସବିତା ର ଜୀବନ ଭିକ୍ଷା" ମାଗିଲେ । ବାସନ୍ତି କିନ୍ତୁ ମହାନ୍ତି ବାବୁଙ୍କ କଥା ବୁଝି ପାରିଲା ନାହିଁ । ମହାନ୍ତି ବାବୁ ସିଧା ସଳଖ କହିଗଲେ ସବିତା ମଲା ପୁଅଟି ପ୍ରସବ ପରଠାରୁ ଚେତା ଶୂନ୍ୟ । ଡାକ୍ତର କହୁଛନ୍ତି ଚେତା ଫେରିବା କୁ ସମୟ ଲାଗିବ । ତା ପିଲା ପାଇଁ ଦରକାର ପଡ଼ିଲେ ସେ ପାଗଳ ହେଇଯାଇପାରନ୍ତି । ତେଣୁ ଭଗବାନ ହିଁ ଭରଷା।

ବାସନ୍ତି ତୁ ଚାହିଁଲେ ସବିତା ର ଜୀବନ ପାଇଁ ତୋ ପୁଅକୁ କିଛି ଦିନ ମୋତେ ଦେଇ ପାରିବୁ। ବାସନ୍ତି ଭାବିଲା ସୁଖ ଯାହା ଭାଗ୍ୟରେ ନାହିଁ, ସେ ସୁଖ ସପନ ଦେଖିବାକୁ ଇଛା କରିବ କାହିଁ । ବରଂ ବାସନ୍ତି ର ଅସୁବିଧା ଆହୁରି ସୁବିଧା ର ରୂପ ନେଲା । ତେଣୁ ସେ ନିଜର ପୁଅକୁ ନିଜ ଜୀବନ ର ଦେବତା ରୂପୀ ମଣିଷ ମହାନ୍ତି ବାବୁ ହାତକୁ ଟେକିଦେଲା । ପ୍ରତି ବଦଳରେ ଗୋଟିଏ ସର୍ତ୍ତ ରଖିଲା । ସର୍ତ୍ତ ଥିଲା କି ଜୀବନରେ କେବେ ସବିତା ମା ଜାଣିବେ ନାହିଁ ଏ ପିଲା ମୋର ବୋଲି, ଏ କଥା କେବଳ ଆମ ଦୁହିଁଙ୍କ ଭିତରେ ଗୁପ୍ତ ରଖିବାକୁ ଅନୁରୋଧ କଲା । ନଟିଆ ମହାନ୍ତି ବି କଥା ଦେଇ ବାସନ୍ତି ର ପୁଅକୁ ନେଇ ଗଲା ।

ଏମିତି ରେ ପୁଅକୁ ୨୭ ବର୍ଷ ଅତିକ୍ରମ କଲା । ପୁଅ ପାଇଁ ବୋହୂଟିଏ ଆସିଲା । ବାହାଘର ଖୁବ ଧୁମଧାମରେ ହେଲା । ବାହାଘର ର ଦୁଇ ମାସ ବିତି ଯାଇଛି କି ନାହିଁ ହଠାତ ପୁଅର ଦେହ ଖରାପ ହେବାରୁ ବଡ଼ ମେଡ଼ିକାଲ ରେ ଭର୍ତ୍ତି ହେଲା । ଡାକ୍ତର ଙ୍କ ସବୁ ପରୀକ୍ଷା ନିରୀକ୍ଷା ପରେ କହିଲେ ପୁଅର କିଡିନ ଦୁଇଟା ଖରାପ । ତୁମ ପୁଅ ବଂଚିବାକୁ ହେଲେ କିଡିନ ନିହାତି ଦରକାର । ବାସନ୍ତି ଆଖି ସାମ୍ନାରେ ନିଜ ପୁଅର ଏତେବଡ କ୍ଷତି କେମିତି ବା ଦେଖିପାରିଥାନ୍ତା । ତେଣୁ ବାସନ୍ତି କିଡିନ ଗୋଟେ ଦାନ କଲା । ପୁଅ କିଡିନି ପାଇ ନୂଆ ଜୀବନ ପାଇଲା ସତ, ଡାକ୍ତର ଙ୍କ ଅସ୍ତ୍ରୋପଚାର ତୃଟି ପାଇଁ ବାସନ୍ତି ଜୀବନ ର ପୂର୍ଣ୍ଣଛେଦ ପଡିଗଲା । ଶେଷରେ ବାସନ୍ତି ର ଜୀବନ ଗପ ଜଳିପୋଡି କେଇମୁଠା ପାଉଁଶ ପାଲଟି ଗଲା ।

ଲେଖନପୁର ସାଲେପୁର
ଦୂରଭାଷ :- ୯୪୩୯୯୩୭୦୭୧

ISSN NO.
2582-208X

# ଫୁଟିଥିଲେ

ଜୁମରଲାଲ ରଣା

ବ୍ରାହ୍ମଣ କୁମ୍ଭାର କଂସାରି
ଶଙ୍ଖାରି ଯେ ହଲିଆ॥
କୁଣ୍ଡୁଆ ହୋଇଣ  ଅତିଥି
ହେଲେ ପାଖରେ ଠିଆ ॥୧॥
ବ୍ରାହ୍ମଣ ମାଗିଲ୍ ଝିଅଲୋ
ଆଣ ତୁ ଫୁଲ ତୋଲି ।
ପୂଜାର ସମ୍ଭାର ମାଗୁଛି
ତୋତେ କରିଣ ଅଳ ॥୨॥
କୁମ୍ଭାର ବୋଇଲ୍ ଝିଅ ଲୋ
କଳସୀ ହାଣ୍ଡି କଣ ।
ଆଣିଅଛି ବିକବାକୁ ଲୋ
ଭରେ ସବୁ ବୋହିଣ ॥୩॥
କଂସାରି ବୋଇଲ୍ ଝିଅଲୋ
ନଅ କଂସା ବାସନ॥
ଯାହା ନେବା କଥା ନଅ ଲୋ
ନାହିଁ ମୋର ବାରଣ ॥୪॥
ଶଙ୍ଖାରୀ ବୋଇଲ୍ ଝିଅଲୋ
ଆଣି ଅଛି ମୁଁ ଚୁଡି ।
କଣି ନେଇଯାଅ ସତ୍ୱରେ
ଯାଏ ସମୟ ଗଡି ॥୫॥

ISSN NO.
2582-208X

ହଲିଆ ବୋଇଲା ଭେକେ ମୋ
ପେଟ ଯାଉଛି ଜଳ ॥
ଖାଇବାକୁ ଦିଅ ସତେ ମା
ମନ ନକର ଖାଲି ॥୬॥
କୁଣ୍ଡୁଆ ଅତିଥି ବୋଲନ୍ତ
ଝିଅ ଶୁଣ ଗୁହାରି ॥
ପୁଅ ଲାଗି ମୁଇ ଆସିଛି
ଦେବି ବିବାହ କରି ॥୭॥
ରମଣୀ ସତ୍ୱରେ କହିଲା
ଆସିଅଛ ମୋ ଦ୍ୱାରେ॥
ଫୁଟି ଥିଲେ ମୁଇଁ ଦିଅନ୍ତ
କଛି କହନ୍ତ ସୁରେ ॥୮॥
ସର୍ବେ ଶୁଣି ମନ ହୃଦୟେ
ହେଲେ ଆନନ୍ଦେ ଖୁସି ॥
ରମଣୀର ବାକ୍ୟ ବକ୍ରୋକ୍ତ
ରୁପ ନେଇଛି ତୋଷି ॥୯॥

ଜୁମରଲାଲ ରଣା

ଅର୍ଥ –ଫୁଟି ହାଣ୍ଡି ଫୁଟିବା
ଚୁଡି ଫୁଟିବା
ଫୁଲ ଫୁଟିବା
ବାସନ ଫୁଟିବା
ଭାତ ଫୁଟିବା

ମହୁଆଭଟା, ମହୁଆଭଟା, ନୂଆପଡା
ନୂଆପଡା

ISSN NO.
2582-208X

# ପୁଅ ପାଇଁ ଚିଠିଟିଏ

ଶୁଭ ରଂଜନ ତ୍ରିପାଠୀ

ବାଳ ଆଉ ବୃଦ୍ଧ
ଦୁହେଁ ହିଁ ସମାନ
ଲେଖୁଛି ତୁମକୁ ଚିଠି
ତୁମ ପରି ମୁହିଁ
ବୃଦ୍ଧ ବୟସରେ
ପାରୁ ବି ନ ଥିବି ଉଠି।

ବୟସ ବଢ଼ିଲେ
ଦୁର୍ବଳ ମୁଁ ହେବି
ହାତ ମୋର ଥରୁ ଥିବ
ମୋ ହାତରୁ ଯଦି
ଖସି ପଡେ କିଛି
କ୍ଷମା ମୋତେ କରିଦେବ।

ଚିହ୍ନିବାରେ ଯଦି
ଭୁଲ ହୁଏ ମୋର
ଜାଣିବ ମୋ ଦୁର୍ବଳତା
ସ୍ମରଣ ଶକ୍ତି ଓ
ଦୃଷ୍ଟି ଶକ୍ତି ମୋର
ହରାଉ ଅଛନ୍ତି ସତ୍ତା।

ବୟସ ବଢ଼ିଲେ
ସ୍ୱାଭିମାନ ବଢେ
ଛୋଟ ତିରସ୍କାର ବାଧେ
କିଛି କହି ମୋତେ
କଷ୍ଟ ଦେବ ନାହିଁ
ବୁଝି ପାରୁ ଥିବ ବୋଧେ।

ଶୁଣି ନ ପାରିଲେ
ଉଚ୍ଚ ସ୍ୱରେ କହି
ଅବଗତ କରାଇବ
ଶ୍ରବଣ ଶକ୍ତିଟା
ଦୁର୍ବଳ ହେଲାଣି
ଲୋକଂକୁ ବୁଝାଇ ଦେବ।

ଚାଲୁ ଚାଲୁ ଯଦି
ପଡି ଯାଏ ମୁହିଁ
ଠିଆ ମୋତେ କରିଦେବ
ମୋ ହାତକୁ ଧରି
ଗନ୍ତବ୍ୟ ସ୍ଥଳକୁ
ଧୀରେ ଧୀରେ ନେଇଯିବ।

ISSN NO.
2582-208X

ମୋ ସାଥିରେ କେହି
କଥା ହେବା ଲାଗି
ପସନ୍ଦ କରିବେ ନାହିଁ
ତମେ ଟିକେ ଆସି
କଥା ହେଉଥିବ
ନିଃସଙ୍ଗ ରହିବ ନାହିଁ।

ତୁମ ହାତ ଧରି
ଚଲାଉ ଥିଲି ମୁଁ
ଏବେ ମୁଁ ଧରିବି ବାଡି
ମୋ ଉପରେ ଟିକେ
ନଜର ରଖିବ
କାଳେ ଯିବି ମୁହିଁ ପଡି।

ମୋ ପାଖରେ ରହି
ସେବା ଦେବ ମୋତେ
ଆଶୀର୍ବାଦ ମିଳି ଯିବ
ଆଗାମୀ ଦିନକୁ
ତୁମ ପାଇଁ ତାହା
ପୁଞ୍ଜି ହୋଇ ରହିଯିବ

ମୃତ୍ୟୁ ପରେ ମୋର
ଈଶ୍ୱରଂକ ସାଥେ
ଯଦି ହୋଇଯିବ ଦେଖା
କହିବି ତାହାଂକୁ
ପୁଅକୁ ମୋହର
ଦେଇ ଅଛି ମହା ଶିକ୍ଷା।

ତା ପୁଅକୁ ସିଏ
ସେହି ଶିକ୍ଷା ଦେବ
ସମାଜ ବଦଳି ଯିବ
କାଳକ୍ରମେ ଆମ
ବାର୍ଧକ୍ୟ ଜୀବନ
ସୁଖମୟ ହୋଇଯିବ।

ଆଗାମୀ ଦିନକୁ
ଏ ସୂଚନା ଦେଲି
ମାନିବରେ ପିଲାମାନେ
ଯେମିତି ବୁଣିବ
ସେମିତି କାଟିବ
ଭାବ ଟିକେ ମନେ ମନେ।

ଫିରିଙ୍ଗିମାଲ,6370133254

ISSN NO.
2582-208X

# ମୋ ପ୍ରେମ



ସତ୍ୟରଞ୍ଜନ ଘିଓ୍ୱାଲ୍

ଆଜିର ଏ ଦୁନିଆ ପାଗଳ ଯେ
କାମନା ଓ ବାସନା ଲାଗି,,
କିନ୍ତୁ ପ୍ରେମ ଯେ କରିଥିଲି ମୁଁ
ତୁମକୁ ବହୁତ ସରଳ ଭାବି......।
ରୂପ ଦେଖି ତୁମ ଭଲପାଇନଥିଲି ମୁଁ
ଦେଖିଥିଲି ମୁଁ ତୁମ ମନ,,
ନିଷ୍ପାପ ଶିଶୁର ପବିତ୍ର ହସଭଳି
ଦେଖିଥିଲି ତୁମ ହସରେ ସେ ଚିହ୍ନ......।
ପ୍ରେମ କରନାହିଁ ହେ ଯୁବବନ୍ଧୁ
ବନ୍ଧୁତା କୁ ପାଖେ ପାଇ,,
ବନ୍ଧୁତାର ମୂଲ୍ୟ ଦେଇଥିଲେ ଯେ ମାଧବ
ନିଜେ ସଖୀ ଦ୍ରୋପଦି ପାଇଁ ........।
କୋଟି ବସ୍ତ୍ର ଦେଲେ କୁରୁସଭା ମଧ୍ୟେ
ଲଜ୍ୟା ନିବାରଣ ପାଇଁ,,
ଭାବିନାହିଁ ମୁଁ ଯେ ସଖା ମୂଲ୍ୟ କେବେ
ଭରି ପାରିବି କି ନାହିଁ......।

ISSN NO.
2582-208X

# ମୂର୍ତ୍ତିପୂଜା ବିରୋଧୀ ରାଜା



ବାଲ୍ମୀକ ନାୟକ

ଗୋଟିଏ ରାଜ୍ୟର ଅତ୍ୟନ୍ତ ଧର୍ମପରାୟଣ ବୟୋଜ୍ୟେଷ୍ଠ ମହାରାଜାଙ୍କ ମୃତ୍ୟୁ ହୋଇଯିବା ପରେ, ରାଜ୍ୟର ମନ୍ତ୍ରୀମାନଙ୍କ ଭିତରେ ଭାଳେଣି ପଡିଗଲା, ବର୍ତ୍ତମାନ ଏହି ରାଜ୍ୟର ରାଜା ହେବ କିଏ? ରାଜାଙ୍କର ଏକମାତ୍ର ପୁତ୍ର ବିକାଶ ସିଂହ ଉଚ୍ଚଶିକ୍ଷିତ ଓ ବହୁଜ୍ଞାନର ଅଧିକାରୀ ଥିଲେ କିନ୍ତୁ ତାଙ୍କର ଚାଲି-ଚଳଣ ଓ ହେତୁବାଦୀ ବିଚାରଧାରା ସମ୍ପର୍କରେ ସମସ୍ତେ ଅବଗତ ଥିଲେ । ସେ କ'ଣ ରାଜ୍ୟର ଶାସନଭାର ସମ୍ଭାଳି ପାରିବେ? ଏହା ଥିଲା ସମସ୍ତଙ୍କର ଚିନ୍ତାର କାରଣ । ଯୁବରାଜ କୌଣସି ଧର୍ମୀୟ କର୍ମକାଣ୍ଡକୁ ମାନୁ ନଥିଲେ । ଗୌତମ ବୁଦ୍ଧଙ୍କୁ ନିଜର ଆଦର୍ଶ ମାନୁଥିଲେ । ସେଥିପାଇଁ ତାଙ୍କର ଧମ୍ମବାଣୀ ପ୍ରଚାର କରୁଥିଲେ । ରାଜ୍ୟର ଲୋକମାନଙ୍କୁ ମୂର୍ତ୍ତିପୂଜା ଓ ଧର୍ମୀୟ କର୍ମକାଣ୍ଡ ନକରିବାପାଇଁ ପ୍ରବର୍ତ୍ତାଉଥିଲେ । ସେ କହୁଥିଲେ –"ଆମର ଧର୍ମ ହେଉଛି, ମାନବ ଧର୍ମ । ମାନବଙ୍କ ମଙ୍ଗଳ ପାଇଁ କର୍ମ କରିବା ହେଉଛି ଅସଲ କର୍ମକାଣ୍ଡ ।"

ତାଙ୍କର କଥାରେ ରହିଥିବା ଅକାଟ୍ୟ ତର୍କକୁ କେହି ଅସ୍ୱୀକାର କରୁନଥିଲେ । କିନ୍ତୁ ଲୋକମାନେ ତଥାକଥିତ ଈଶ୍ୱର ଓ ତାଙ୍କ ଧର୍ମକୁ ଅସ୍ୱୀକାର କରିବାକୁ ମଧ୍ୟ ସାହାସ କରିପାରୁ ନଥିଲେ । ତଥାପି ରାଜପରିବାରର ଉତ୍ତରାଧିକାରୀ ହିସାବରେ ଯୁବରାଜ ବିକାଶ ସିଂହଙ୍କୁ ହିଁ ରାଜଗାଦୀରେ ଅଭିଷିକ୍ତ କରିବା ବ୍ୟତୀତ ଅନ୍ୟ ଉପାୟ ନଥିଲା । ଯୁବରାଜ 'ବିକାଶ ସିଂହ' ରାଜ୍ୟର ଶାସନଗଦୀରେ ଆରୋହଣ ହେଲେ । ରାଜା ହେବାପରେ ସେ ରାଜ୍ୟର ପ୍ରତ୍ୟେକ ଗ୍ରାମ ଓ ନଗର ପରିଦର୍ଶନ କରି ରାଜ୍ୟବାସୀଙ୍କ ସୁଖ-ଦୁଃଖ ଓ ଜୀବନ ଶୈଳୀକୁ ଅନୁଧ୍ୟାନ କଲେ । ଯେଉଁଠି ଯେଉଁ ପ୍ରକାର ଅଭାବ ଅସୁବିଧା ଥିଲା, ଯଥା : ରାସ୍ତାଘାଟ, ପାନୀୟଜଳ, ସ୍ୱାସ୍ଥ୍ୟକେନ୍ଦ୍ର, ପିଲାଙ୍କପାଇଁ ଶିକ୍ଷାବ୍ୟବସ୍ଥା ଇତ୍ୟାଦି, ସେଗୁଡିକର ଉଚିତ ପ୍ରକାରେ ସମାଧାନ କରିବାକୁ ମନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଲେ । ରାଜାଙ୍କର ପିଢ଼ି

ISSN NO.
2582-208X

ଦରପିଢ଼ିରୁ ଆଦାୟ ହୋଇ ରାଜକୋଷରେ ଜମା ହୋଇଥିବା ଧନକୁ ଜନମଙ୍ଗଳ କାମରେ ବିନିଯୋଗ କରାଗଲା । ରାଜ୍ୟର କଚ୍ଚା ସଡକ ସବୁ ପକ୍କା ହୋଇଗଲା, ପ୍ରତ୍ୟକ ଅଞ୍ଚଳରେ ସ୍ୱଚ୍ଛ ପାନୀୟଜଳର ବ୍ୟବସ୍ଥା କରାଗଲା । କୃଷକମାନଙ୍କ ଜମିରେ ଜଳସେଚନ ସୁବିଧା ସହିତ ବିଭିନ୍ନ ଫଳ, ପରିବା, ଶସ୍ୟ ଆଦିର ବିହନ ଯୋଗାଣ ବ୍ୟବସ୍ଥା ହେଲା । ଅନେକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲି ପ୍ରଶିକ୍ଷିତ ଡାକ୍ତର ଓ ସ୍ୱାସ୍ଥ୍ୟ ସେବୀଙ୍କୁ ନିଯୁକ୍ତ କରାଗଲା, ବିଦ୍ୟାଳୟ ନଥିବା ଅଞ୍ଚଳରେ ନୂଆ ସ୍କୁଲ, କଲେଜ ଖୋଲାହେଲା । ପ୍ରଶିକ୍ଷିତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ନିଯୁକ୍ତି ମିଳିଲା । ଧୀରେ ଧୀରେ ଲୋକମାନଙ୍କ ଅବସ୍ଥା ସୁଧୁରିବା ଆରମ୍ଭ ହେଲା । ଏହା ଦେଖି ଯୁବରାଜଙ୍କ ପ୍ରତି ସମ୍ମାନ ତଥା ଲୋକପ୍ରିୟତା ବୃଦ୍ଧିପାଇଲା ।ଘରେ ଘରେ ଯୁବରାଜଙ୍କ ଜୟଗାନ ହେଲା ।

କିଛି ମାସପରେ ଦିନେ ଯୁବରାଜ ଘୋଷଣା କଲେ ଯେ, ଆଜିଠାରୁ ରାଜ୍ୟରେ ମୂର୍ତ୍ତିପୂଜା କରିବା ବର୍ଜିତ ହେବ । ଏହି ଘୋଷଣା ପରେ ରାଜ୍ୟର ଧର୍ମବିଶ୍ୱାସୀ ଲୋକମାନଙ୍କ ଭିତରେ ହଇଚଇ ସୃଷ୍ଟି ହୋଇଗଲା । ଏହା କିପରି ସମ୍ଭବ? ଆମର ଧାର୍ମିକ ଭାବନାକୁ ରାଜା ନିର୍ଦ୍ଦୟଭାବେ ଆହତ କରୁଛନ୍ତି କାହିଁକି ? ବିଭିନ୍ନ ଗୋଷ୍ଠୀଙ୍କ ତରଫରୁ ପ୍ରତିବାଦର ସ୍ୱର ଉଠିଲା । ମନ୍ତ୍ରୀଗଣ ପ୍ରମାଦ ଆଶଙ୍କାକରି ଡରି, ଡରି ଯୁବରାଜଙ୍କୁ ବୁଝାଇବାକୁ ପ୍ରୟାସ କଲେ –"ମହାରାଜ ମୂର୍ତ୍ତିପୂଜା କରିବା ହେଉଛି ଲୋକମାନଙ୍କର ମୌଳିକ ଅଧିକାର ଓ ଧର୍ମୀୟ ବିଶ୍ୱାସ । ରାଜଦ୍ରୋହ ଓ ଦଣ୍ଡ ଭୟରେ ଲୋକମାନେ ମନ୍ଦିରକୁ ଯିବା ବନ୍ଦ କରିଦେଇଥିଲେ ବି ମନରେ ତୀବ୍ର ଅସନ୍ତୋଷ ପ୍ରକଟ କରୁଛନ୍ତି । ଲୋକମାନେ ଏହି ଆଦେଶକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ।" ରାଜା ଲୋକମାନଙ୍କର ପ୍ରତିକ୍ରିୟା ଶୁଣି କିଛି ଉତ୍ତର ନଦେଇ ଚିନ୍ତା କରୁଥିଲେ, ଏହାର ସମାଧାନ ହେବ କିପରି ?

ଦିନେ ରାଜ୍ୟର ଗୋଟିଏ ପ୍ରସିଦ୍ଧ ମନ୍ଦିରର ମୁଖ୍ୟ ପୂଜକ ରାଜଦରବାରକୁ ଆସି ଦୁଇ ହସ୍ତ ଯୋଡି ରାଜାଙ୍କୁ କହିଲେ – "ମହାରାଜ ଆପଣ ଦେବୀ-ଦେବତାଙ୍କ ମୂର୍ତ୍ତିକୁ ପୂଜା କରିବାପାଇଁ ମନା କରିଥିବାରୁ ଆମର ମନ୍ଦିରକୁ କୌଣସି ଭକ୍ତ ଆସୁନାହାନ୍ତି । କିନ୍ତୁ କ୍ଷମା ଯାଚନା ସହିତ ମୋର ଗୋଟିଏ ପ୍ରଶ୍ନର ଉତ୍ତର ଚାହୁଁଛି । ଛାମୁ ଅନୁମତି ଦେଲେ ମୁଁ ପ୍ରକାଶ କରିବି ।"

ISSN NO.
2582-208X

ଯୁବରାଜ ସ୍ମିତ ହାସ୍ୟ ସହିତ ପଚାରିବାକୁ ଅନୁମତି ଦେଲେ । ପୂଜକ କହିଲେ -"ଯଦି ମୂର୍ତ୍ତିପୂଜା କରିବା ଅନାବଶ୍ୟକ ବୋଲି ଭାବୁଛନ୍ତି ତେବେ ଏହି ରାଜଦରବାରର କାନ୍ଥରେ ଲାଗିଥିବା ଆପଣଙ୍କର ପିତା ଓ ଜେଜେବାପାଙ୍କ ତୈଳଚିତ୍ର ଗୁଡିକୁ ତଳେ ରଖି ଚିତ୍ରଉପରେ ଆପଣ କ'ଣ ଛେପ ପକାଇ ପାରିବେ ?"

ରାଜା ଜମା କ୍ରୋଧିତ ନହୋଇ କହିଲେ - "ନାହିଁ, ମୁଁ ସେମିତି କରିବାକୁ ପସନ୍ଦ କରିବିନାହିଁ କିନ୍ତୁ ଏହାର କାରଣ ସମ୍ପର୍କରେ ଉତ୍ତର ଦେବାପାଇଁ ମୋତେ ସାତଦିନ ସମୟ ଦିଅନ୍ତୁ ।" ପୂଜକ ରାଜାଙ୍କୁ ଧନ୍ୟବାଦ ଦେଇ ଚାଲିଗଲେ ।

ଠିକ ଚାରିଦିନ ପରେ ହଠାତ୍ ପୂଜକ କାନ୍ଦି କାନ୍ଦି ଆସି ରାଜଦରବାରରେ ହାଜର ହେଲେ । ରାଜା ପଚାରିଲେ - "କ'ଣ ହେଲା ?" ପୂଜାରୀ ହାତ ଯୋଡି କହିଲେ - "ଛାମୁ ଆପଣଙ୍କ ସୈନିକମାନେ ଆଜି ଆମଘରୁ ମୋର ବାପା ଓ ମାଆଙ୍କୁ ଗିରଫକରି ବନ୍ଦୀଘରେ ରଖିବାପାଇଁ ନେଇଆସିଲେ । ତା' ବଦଳରେ ବାପା ଓ ମାଆଙ୍କ ଦୁଇଟି ପ୍ରତିମୂର୍ତ୍ତି ଆମକୁ ଦେଇ ଆସିଛନ୍ତି । ମହାରାଜ ମୁଁ ସେହି ନିର୍ଜୀବ ପିତୁଳାଗୁଡିକୁ କ'ଣ କରିବି ?"

ରାଜା ବହୁତ ଶାନ୍ତ ସ୍ୱରରେ କହିଲେ - "ଜମା ବ୍ୟସ୍ତ ହୁଅନାହିଁ । ମୁଁ ଜାଣିପାରୁଛି ତୁମେ ବାପା ଓ ମା'ଙ୍କୁ ବହୁତ ଶ୍ରଦ୍ଧା ଓ ସମ୍ମାନ କରୁଛ । ମୁଁ ତୁମକୁ ଯଥେଷ୍ଟ ଧନ ଦେବି, ତୁମେ ବାପା-ମାଆଙ୍କ ମୂର୍ତ୍ତି ଦୁଇଟିକୁ ଯେଉଁଭଳି ସୁନ୍ଦର ଭବନ ନିର୍ମାଣକରି ରଖିବାକୁ ଚାହିଁବ, ରଖିପାରିବ । ବାପା-ମାଙ୍କ ପସନ୍ଦର ଖାଦ୍ୟ ପ୍ରସ୍ତୁତ କରି ମୂର୍ତ୍ତିକୁ ଖୁଆଇ ପାରିବ । ଆମର ବନ୍ଦୀଘରେ ତୁମର ବାପା-ମାଆଙ୍କୁ ଖାଦ୍ୟ ଦିଆଯିବନାହିଁ । କାରଣ ତୁମେ ଭକ୍ତିଭାବରେ ଯେଉଁ ଖାଦ୍ୟ ମୂର୍ତ୍ତିକୁ ଦେବ, ସେଥିରେ ତାଙ୍କର କ୍ଷୁଧା ନିବାରଣ ହୋଇଯିବ । ତୁମେ ସେହି ମୂର୍ତ୍ତିଦୁଇଟିକୁ ଯେଉଁ ଭକ୍ତିଭାବରେ ପୂଜାର୍ଚ୍ଚନା କରିବ, ସେହି ଭାବରେ ବାପାମା'ଙ୍କୁ ବନ୍ଦୀଘରେ ମଧ୍ୟ ସୁଖ ଓ ଶାନ୍ତି ମିଳିବ ।"

ପୂଜକ ହାତଯୋଡି ନତମସ୍ତକ ହୋଇକହିଲେ -"ମହାରାଜ, ମୋର ଭୁଲ ମୁଁ ବୁଝିପାରିଛି । ମୂର୍ତ୍ତିକୁ ଖାଦ୍ୟଦେଲେ ବନ୍ଦୀଘରେ ଥିବା ବାପା-ମା'ଙ୍କ ପେଟ ପୁରିବନାହିଁ । ମୋତେ କ୍ଷମା କରିଦିଅନ୍ତୁ । ମୋ ବାପା-ମା'ଙ୍କୁ ଫେରାଇ ଦିଅନ୍ତୁ ।" ରାଜା କହିଲେ -"ଏବେ ଠିକ ବୁଝିଛ । ମୁଁ ସେହି କଥା ହିଁ ବୁଝାଇବାକୁ ଚାହୁଁଛି ଯେ, ନିର୍ଜୀବ ମୂର୍ତ୍ତିଗୁଡାକୁ ପୂଜା ଅର୍ଚ୍ଚନା କରିବାପାଇଁ ଯେତିକି ସମୟ ଓ ଧନ ଖର୍ଚ୍ଚହେଉଛି, ସେହି ଧନ ଜନମଙ୍ଗଳ କାର୍ଯ୍ୟରେ ଖର୍ଚ୍ଚହେଉ ।

ISSN NO.
2582-208X

କୌଣସି କାଠ ପଥରର ମୂର୍ତ୍ତିକୁ ଛପନ ପ୍ରକାର ଭୋଗ ଲଗେଇ, ଯେତେ ପୂଜା ଅର୍ଚ୍ଚନା କଲେ ମଧ୍ୟ କିଛି ଲାଭନାହିଁ । ତୁମେ ଯାଇଦେଖ ତୁମର ବାପା-ମା' ବନ୍ଦୀଘରେ ନାହାନ୍ତି ବରଂ ମୋର ଅତିଥି କକ୍ଷରେ ଆରାମ ଗୃହରେ ଅବସ୍ଥାନ କରୁଛନ୍ତି । ତାଙ୍କୁ ମନପସନ୍ଦର ଖାଦ୍ୟ ଦିଆଯାଇଛି । ବାପା-ମା'ଙ୍କୁ ଘରକୁ ନେଇଯାଅ । ତାଙ୍କୁ ଉପଯୁକ୍ତ ସେବା ଓ ସମ୍ମାନ ଦିଅ । ଯିବା ପୂର୍ବରୁ ତୁମର ମୂଳ ପ୍ରଶ୍ନର ଉତ୍ତର ଶୁଣ -"ମୁଁ ଜାଣେ ଯେ, ମୋ ପୂର୍ବପୁରୁଷ ଦିନେ ଏହି ରାଜପରିବାରରେ ଜୀବିତଥିଲେ ଏବଂ ରାଜ୍ୟଶାସନ କରୁଥିଲେ, ତାଙ୍କର ସତ୍ତାକୁ ଅସ୍ୱୀକାର କରି ତାଙ୍କ ତୈଳଚିତ୍ର ଉପରେ ଛେପ ପକାଇବା ଅର୍ଥ ମୋର ମାନବିକତା ନାହିଁ ବୋଲି ପ୍ରମାଣିତ ହେବ କିନ୍ତୁ ତାଙ୍କର ପୂଜାଅର୍ଚ୍ଚନା କରିବାପାଇଁ ଅଯଥା ଧନ ଖର୍ଚ୍ଚ କରୁନାହିଁ । ଆମେ ସବୁବେଳେ ତାଙ୍କର ସ୍ମୃତି ଚାରଣକରି ମନେପକାଉଛୁ । କିନ୍ତୁ ତୁମେ ଯାହାର ଅସ୍ତିତ୍ୱ ବା ସତ୍ତା ସର୍ବସମ୍ମତ ନୁହେଁ, ଯାହାକୁ କେବେ ଦେଖିନାହଁ କି ଜାଣିନାହଁ ତା'ପାଇଁ ସରଳ ପ୍ରବୃତ୍ତିର ଲୋକମାନଙ୍କୁ ପ୍ରବର୍ତ୍ତାଇ, ଦାନ ଓ ଦକ୍ଷିଣା ଆଳରେ ଅଜସ୍ର ଟଙ୍କା ସଂଗ୍ରହ କରୁଛ କାହିଁକି ?

ରାଜା ପୁଣି କହିଲେ - "ତଥାପି ଯଦି ରାଜ୍ୟର ଜନତା ମୋର ପ୍ରସ୍ତାବରେ ଅସନ୍ତୁଷ୍ଟ, ତେବେ ମୁଁ ମୋର ଆଦେଶ ବାତିଲ କରୁଛି । ଯେଉଁ ଧନ ଜନମଙ୍ଗଳକାରୀ କାର୍ଯ୍ୟରେ ବିନିଯୋଗ କରୁଥିଲି ଆଜିଠାରୁ ସେହିସବୁ କାମ ବନ୍ଦକରି, କେବଳ ଧର୍ମସ୍ଥଳଗୁଡିକୁ ଆହୁରି ସୌମ୍ୟ ଓ ସୁନ୍ଦର କରି ଗଢିବାପାଇଁ ରାଜସ୍ୱରୁ ଧନ ଖର୍ଚ୍ଚ କରିବି । ଏଥର ସମସ୍ତେ ଖୁସି ତ ?"

ରାଜାଙ୍କ କଥା ଶୁଣି ପୂଜକ ମହାଶୟଙ୍କ ସମେତ ସମସ୍ତ ସଭାପରିଷଦଗଣ ମୁହଁ ତଳକୁ କରି ଚୂପ୍ ରହିଥିଲେ ।

କ୍ରମଶଃ.....

Mob:9482016260

ISSN NO.
2582-208X

# ପଛ ଲୋକ



ସନ୍ତୋଷ କୁମାର ରାଉତ

ସେମାନେ ଆସିଛନ୍ତି ଆଉଥରେ ପୁଣି
ରକ୍ତକୁ ପାଣି କରି
ମାଟି ତଳୁ ଉଠାଇବାକୁ
ଇଟା, ବାଲି ଓ ସିମେଣ୍ଟ ବସ୍ତାକୁ
ଗଢ଼ିବାକୁ ଆଉ  ଏକ ଦୋତାଲା ମହଲ।

ସାହେବଙ୍କ ବଡ କୋଠା ହେବ ବୋଲି
ବଳି ପଡ଼େ ତାଙ୍କ
ଇଚ୍ଛା ଓ କାମନା
ସିମେଣ୍ଟ ବାଳି ଗେଁଟି ମିଳେଇଲା ପରି
ମିଳେଇ ଯାଇ
ଦଳି ଚକଟି ହୁଏ ଜୀବନ
ଚୁରମାର ହୁଏ ତାଙ୍କ ସ୍ୱପ୍ନ।

କ'ଣ ପାଇଁ ଏ ବୃଥା ଅଭିମାନ
ସେମାନେ ଜାଣିଲେ
ଜାଳି ପୋଡି ପାଉଁଶ କରିବେ
ତୁମ ଚାଳ ଛପର ଘର
ଉଜୁଡେଇ ଦେବେ ସବୁ
ଆଗାମୀ ସମ୍ଭାବନା
ଚୁପଚାପ୍ କାମ କର
ନହେଲେ ହୋଇଯିବ ଇତିହାସ।

କେବେ ରାସ୍ତାକଡ଼ ଗଛ ତଳେ
କେବେ ରେଲୱେ ଷ୍ଟେସନ ପ୍ଲାଟଫର୍ମରେ
କଟୁଥିବା ତାଙ୍କ ଜୀବନ
ସେ ନାଳ ନର୍ଦ୍ଦମାରୁ
ଗୋଟାଇ ଆଣି
ଖାଉଥିବା ଖାଦ୍ୟକୁ
ଅମୃତ ମଣୁଥିବା ଜୀବନ
କେବେ  ଗାଡ଼ି ଚକା ତଳେ ପଡି
ଦଳି ଚକଟି ହୁଏ।

ISSN NO.
2582-208X

ଆଗ ଲୋକ ନୀଚ ସ୍ୱାର୍ଥ ପାଇଁ
ଧର୍ମଘଟ ରାସ୍ତାରୋକ ତଥା
ଆଉ କେତେ ପ୍ରହେଳିକା କାର୍ଯ୍ୟ ପାଇଁ
ମିଳିବ ପ୍ରଶାସନ ଅନୁମତି ।
ଆଉ ଯେଉଁ ମଝିଲୋକ
ତେଲ ମାରି ଆଗ ଲୋକକୁ ଧରି
କରୁଥିବ ନିଜ କାମ
କଳେ ବଳେ  କୌଶଳେ
ସ୍ୱାର୍ଥ ତାଙ୍କ ହେବ ସିଦ୍ଧି।
ଅଥଚ ଏ ପଛ ଲୋକ
ସାମାନ୍ୟ ସ୍ୱାର୍ଥ ପାଇଁ
କେବେ ଯଦି କରେ ରାସ୍ତାରୋକ ଅବା
କଲେ ଧର୍ମଘଟ ଆନ୍ଦୋଳନ
ହେବ ତା ଉପରେ
ଲାଠିଚାର୍ଜ ଓ ଗ୍ୟାସ ବର୍ଷଣ ।

ଆଗ ଲୋକ ମଝି ଲୋକ ମିଶି
କେଉଁ ଅନାମ ଯୁଗରୁ
ଚିପୁଛନ୍ତି ତଣ୍ଟି
ଏ ପଛ ଲୋକର।
ଅଥଚ ଏ ପଛ ଲୋକ
ଦ୍ୱିଧା ହୀନ ଭାବେ
ଆଗ ଆଉ ମଝି ଲୋକର
ଗଢୁଛି ବଡ଼ ବଡ଼ କୋଠାଘର।

ଓଡ଼ିଆ ଅଧ୍ୟାପକ, ଜ୍ୟୋତି ବିକାଶ କଲେଜ
ଭଇଁଷା,ପାଟଣାଗଡ଼, ଜିଲ୍ଲା- ବଲାଙ୍ଗୀର
ମୋ-୯୪୩୮୭୭୦୯୬୩

ISSN NO.
2582-208X

# ନୀଳ ଅଭିମାନ

ଦିନେଶ ଅଗ୍ରୱାଲ୍

ତୁମେ ହିଁ ଆରମ୍ଭ
ତୁମେ ହିଁ ଶେଷ
ତୁମେ ଅର୍ଥ ମୋ ଶବ୍ଦପୁଂଜାର
ତୁମେ ରାଧାର
କେବେ ତୁମେ ମୀରାର
ତୁମେ ପୁଣି ନୀଳ ଅଭିମାନ
ନୀଳ ନୀଳ ନୈଶଭିସାରର ।

ତୁମେ ସତ୍ୟ
ତୁମେ ସନାତନ
ତୁମେ ଧର୍ମ ପାଇଁ ସାରଥୀ ସାଜ
ଅଧର୍ମ ପାଇଁ ସୁଦର୍ଶନ ।

ତୁମେ ପରଂବ୍ରହ୍ମ
ତୁମେ ବେଦମନ୍ତ୍ର
ତୁମେ ଆରମ୍ଭ
ତୁମେ ହିଁ ଶେଷ ।

ହେ ପ୍ରଭୁ ପ୍ରାଣପ୍ରିୟ
ପ୍ରାଣ ପ୍ରାଣେଶ୍ୱର
ଲେଖିବାକୁ ଶକ୍ତିଦିଅ
ଧରୁଛି ତୁମ ପୟର ।

ବିଜେପୁର

ISSN NO.
2582-208X

# ମୋହନରୁ ମହାତ୍ମା



ଦେବାଶିଷ ଦାସ

ସହଜ ନୁହେଁ
ମୋହନରୁ ମହାତ୍ମା ହେବାର ବାଟ
ଜାତିଧର୍ମର ପ୍ରାଚୀରକୁ ଅତିକ୍ରମ କରି
କେତେ ଗିରି, ବନ, ଉପବନ,
ସମୁଦ୍ରର ବକ୍ଷକୁ ଭେଦକରି ଉଠିବାକୁ ହୁଏ
କେବେ ମରୁଭୂମିରେ ଓଟ ପରି
କଣ୍ଟକ-ଉଦ୍ଭିଦ ଭକ୍ଷଣ କରି
ନିଜକୁ ରକ୍ତାକ୍ତ କରିବାକୁ ହୁଏ।
ତ କେବେ ପୁଣି
ମରୁଭୂମିର ତତଲା ବାଲିରେ
ଖଇ ପରି ଫୁଟିବାକୁ ପଡ଼େ
ଜଗତର କଲ୍ୟାଣ ପାଇଁ
ନିଜର ସର୍ବସ୍ୱ ତ୍ୟାଗ କରିବାକୁ ହୁଏ ।।୧।।

ଆଉମଧ୍ୟ ସହଜ ନୁହେଁ
ଗୋଟିଏ ଗାଲରେ ଚାପୁଡ଼ା ଖାଇ
ଆର ଗାଲକୁ
ଅତି ସନ୍ତର୍ପଣରେ ଆଗକୁ ବଢ଼ାଇ ଦେବା
ପେଟରେ, ପିଠିରେ ଲାତ ଖାଇ
ନୀରବରେ ସତ୍ୟାଗ୍ରହ ପାଳିବା ।।୨।।

ISSN NO.
2582-208X

ସଂସାରର ସମସ୍ତ
ବୋଝ କଷଣକୁ ଆପଣେଇ ନେବା
ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ
ସମସ୍ତଙ୍କୁ ଏକ ଆଉ ଅଭିନ୍ନ ମନେ କରିବା
ସତ୍ୟ ଆଉ ଅହିଂସା ପାଖରେ
ଜୀବନତମାମ ବନ୍ଦୀ ହୋଇ ରହିବା
ଆଉ ଆତତାୟୀର ତିନିତିନିଟା ଗୁଳିକୁ
ହସିହସି ବରଣ କରିନେବା
ସତରେ
ମୋହନରୁ ମହାତ୍ମା ହେବାର ବାଟ
ଏତେ ସହଜ ନୁହେଁ ।।୩।।

ଜୟନ୍ତପୁର,ସମ୍ବଲପୁର
ଭ୍ରାମ୍ୟଭାଷ – ୯୯୩୭୭୦୧୪୭୫

ISSN NO.
2582-208X

# ପ୍ରଶ୍ନରେ ବନ୍ଧା



ଶଶିକାନ୍ତ ମେହେର

ଅନେକ ଦିନର ଏକ ଇଚ୍ଛା ଥାଏ, କ ତାଙ୍କୁ ଟିକେ ସମ୍ମୁଖରୁ ଦେଖିବା । ଆଉ ଠିକ୍ ସେ ସମୟ ଭି ପାଖେଇ ଆସିବାର ଆଭାସ ହେଉଥାଏ । ଆଉ ହଠାତ ଅତି ଅଳ୍ପ ସମୟର ବ୍ୟବଧାନ ରେ ଏ ଦିନ ଆସିଲା ....! ମନରେ ଥାଏ ପ୍ରେମ ଭାବ କନ୍ତୁ କଣ ଯେ କହିବି ? କେଉଁଠାରୁ ଆରମ୍ଭ କରିବି କଛି ଭାବିପାରୁନଥାଏ । ସେ ଦିନ କଛି ନୁହେଁ କେବଳ ଛୋଟିଆ ସାହଯ୍ୟ ଟେ ତାଙ୍କଠୁ ଦରକାର ଥାଏ ଆଉ ତାହା ସେ ମୋପାଇଁ ଅତି ଆପଣାର ଭାବି କଲେ, ହୁଏତ ସେ ମୋତେ ଭଲଭାବେ ଜାଣିନଥାନ୍ତୁ ଏବେଯାଏଁ । ଆଉ ମୁଁ ହୁଏତ ସେ ଦିନ ତାଙ୍କୁ "ଥାଙ୍କ ୟୁ" ବି କହିବା ଭୁଲିଯାଇଥାଏ । ବୋଧେ ତାଙ୍କୁ ସମ୍ମୁଖରେ ଦେଖି ସବୁତକ ପାସୋରି ପାସୋରି ଯାଉଥାଏ ଖୁସିରେ ବିଭୋର ଥାଇ ।

ଜେବେଠୁ ତାଙ୍କୁ ଦର୍ଶନ କଲି, ଦିପଦ କଥା ହେଲି, ମନ ତେବେଠୁ ଘାଣ୍ଟି ଦେଉଥାଏ । କାଶ୍ କହିଦିଅନ୍ତୁ କ ? "ମୁଁ ତମକୁ ବହୁତ୍ ଭଲ ପାଏ ବୋଲି, ଯେବେଠୁ ତମର ପହିଲି ସ୍ୱର ଶୁଣିଲି ତେବେଠୁ ମନେ ଘାରିହେଉଛି ତମର ହିଁ ସେ ଦି'ପଦ ମିଠା କଥା । ଜାଣିନ ଆଉ କେବେଯେ ତମର ସେଇ ମିଠାସ୍ୱର ମୋ କର୍ଣ୍ଣ ଶୁଣିବ ? ତମର କଥା ଭାବି ଭାବି ଇଏ ହୃଦୟ ଭି ବହୁତ ଧଡକୁଛି । ତମର କଥା ହିଁ ସବୁବେଳେ ଭାବୁଛି ସତରେ ତମ ସହ ଜୀବନ ସାର ବିତାଇବାକୁ ଚାହେଁ ହେଲେ ଏଥିପାଇଁ ମୁଁ ତମର ହାତ ମୋ ହାତରେ ଦେବା ପାଇଁ ଚାହୁଁଚ । ଆଉ ସାରା ଜୀବନ ତମ ସହ ଚାଲବାକୁ ଚାହେଁ । ଆଉ ଠିକ୍ ଭଗବାନ ଭି ବୋଧେ ଚାହୁଁଛନ୍ତୁ ଆମର ଦୁହିଙ୍କୁ ମିଳାଇବାକୁ ସେଥିପାଇଁ ତ ବୋଧେ ତମେ ମୋତେ ଜାଣିନଥିଲ କ ମୁଁ ଭି ଜାଣିନଥିଲି କନ୍ତୁ ଅତି ସହଜରେ ଭେଟ ହୋଇପାରିଲା ତମର ଆଉ ମୋର । ଏ ଶୁଣ ଜାଣୁଛି ତମକୁ ଅଜବ ଲାଗୁଥିବ ହେଲେ ପ୍ରକୃତରେ ତମର ସାଥିରେ ଜୀବନ ଅତିବାହିତ କରିବାକୁ ଚାହେଁ ଶୁଣ ସାଥି ଦେବ ନା ନାଇଁ ? "

ISSN NO.
2582-208X

ଏମିତି ରାତିସାରା ବିଛଣାରେ ସୋଇ ଚନ୍ଟୁ ଅନେକ କଥା ଭାବୁଥାଏ । ଯେ ଦଶ-ଘଡିକା ଠାରୁ ସୋଇ ପଡୁଥିଲା ଆଜି ଯେ ସେଇ ପିଲା ଏଇ କଥା ଗୁଡ଼ିକୁ ଭାବିଭାବି କେତେବେଳ ଯାଏ ଚେଇଁସୋଇ ରହୁଛି । ମନରେ ଭାବିଭାବି ପ୍ରତେକ ଦିନ ଅନେକ ଚନ୍ତା କରୁଛି ହେଲେ ଶେଷରେ ସେଇ ପ୍ରଶ୍ନ ଗୁଡ଼ାକରେ ଆସି ତାକୁ ବାଧା ଦେଉଛି କ "କଣ ମୋର ଏଇ ସବୁ ଭାବନା ତାଙ୍କୁ କହିବା ଠିକ୍ ହେବ ? କଣ ମୋ ମନର କଥା ସେ ବୁଝିପାରିବେ ? ଯଦି ମୋର ପ୍ରେମର ଏ କଥା ସେ ନ ବୁଝନ୍ତୁ ? ଆରେ ଏମିତି ପଛେ ରହିହବ ହେଲେ ତାଙ୍କଠୁ ଯଦି ସଂପର୍କ ଛିନ୍ନ ହେଇଯାଏ ......? ଏକଥା ଭାବିଲେ କେମିତି ଲାଗୁଛି । ଥାଉ ଥାଉ ବୋଧେ ସେ ଆଉ କାହାକୁ ଭି ଭଲ ପାଉଥିବେ ? ହେଲେ ଗୋଟେ କାମ କରେ, ଏ କଥା ପ୍ରଥମେ ପଚାରନ୍ତୁ କ ? ମୋ ହୃଦୟ କଥା କହିବା ଆଗରୁ କଣ ମୁଁ ପ୍ରଥମେ ପଚାରି ଦିଅନ୍ତୁ କ-ତମେ କାହାକୁ ପ୍ରେମକର କ ? ଆରେ ଥାଉ..., ଏ କଥା ଭି ପଚାରିବା କଣ ଠିକ୍ ହେବ ?

ଏଇ ବୁଢିଆଣୀ ଜାଳ ଭଲି ଏ-ପଟୁ ସେ-ପଟ ସେ-ପଟୁ ଏ-ପଟ ଛନ୍ଦି ହେଇଥିବା ପ୍ରଶ୍ନ ଗୁଡ଼ାକର ପୁଣି ନିଜେହିଁ ବିବେକ ଉତ୍ତର ଦିଏ ଆଉ ଏ ହୃଦୟ କହେ ବୋଧେ ସେ କାହାକୁ ଭଲ ପାଉନଥିବେ । ତାହେଲେ ମୋ ମନକଥା କହିବା ଠିକ୍ ହବକି ? ହେଲେ ପୁଣି ଯେତିକି ଭାବିଲେ ଭି ଶେଷରେଯେ ପ୍ରତ୍ୟେକ ଥର ଆସି ଏଇ ପ୍ରଶ୍ନ ଗୁଡିକରେ ବାନ୍ଧି ରହିଯାଉଛି । କାହିଁକି ନା ଏମିତି ହିଁ ହୁଏ ସତରେ ଯେତେବେଳେ ହୃଦରୁ ପ୍ରେମ ହେଇଯାଏ କୌଣସି କଥା ଏମିତି ସହଜରେ କହିହୁଏନି କାରଣ ଛୋଟ ରୁ ଛୋଟ କଥା ଭି ଅନେକ ଅର୍ଥ ବହନ କରିଥାଏ । ହେଲେ କେମିତି କରିହେବ ଯେ ? ମୋର ଏଇ ଭାବନାରେ କଣ ଏମିତି ପ୍ରଶ୍ନ ବାଚକଟା ଛିଡ଼ା ହେଇ ପ୍ରଶ୍ନ ଗୁଡିକରେ ଆସି ବାନ୍ଧି ରହିଯିବ ନା କଣ ? ସେଇ ଭଗବାନଙ୍କୁ ଜଣା ......!!

"ଏମିତି ଅନେକ କଥା ଭାବି ଭାବି ଚିନ୍ଟୁ ର ଏପଟେ କେତେବେଳେ ନିଦ ଆସିଯାଇଥାଏ ..... ।"

ଜମଲା, ପଦ୍ମପୁର, ବରଗଡ଼
ମୋ: 8018168968

ISSN NO.
2582-208X

# ତୁମ ବିନା



ଝରଣା ବାରିକ

ତୁମ ବିନା ଏଠି ଦିନ ବି ଅନ୍ଧାର
ରାତିରେ ପାରୁନି ଶୋଇ,
କେମିତି ବୁଝିବ ମୋ ମନ କଥାକୁ
ଖୋଲି ମୁଁ ପାରୁନି କହି।

ତୁମ ବିନା ଏଠି ସବୁ ମରୁଭୂମି
ବହୁଛି ଲୁହର ନଇ,
ଶୋଷରେ ମୋ ତଣ୍ଠି ଶୁଖି ଯାଏ ହେଲେ
ପାଣି ଟୋପେ ମିଳେନାହିଁ।

କାହାକୁ କହିବି କେ ଦୁଃଖ ବୁଝିବ
ବୁଝିବାକୁ ତୁମେ ନାହଁ,
ଆଜିବି କହୁଛି କାଲି କହୁଥିବି
ତୁମ ପାଇଁ ଉଠେ କୋହ।

ଭଲପାଇବା ମୋ ଛଳନା ନଥିଲା
ପାରୁଥିବ ତୁମେ ବୁଝି,
ମରିବା ପର୍ଯ୍ୟନ୍ତ ଭୁଲି ପାରିବିନି
ତୁମ ହୃଦେ ଯିବି ହଜି।

ତୁମେ ମୋର ଦିନ ତୁମେ ମୋର ରାତି
ତୁମେ ମୋ ଜୀବନ ଧାରା
ହୃଦୟ ମନ୍ଦିରେ ସାଇତି ରଖିଛି
ମନ ଚାବି ଦେଇ ପରା।

ସମଲ, ତାଳଚେର, ଅନୁଗୋଳ
ମୋବାଇଲ :- 9556846932

ISSN NO.
2582-208X

# ଭ୍ରମ

ଅଶ୍ୱିନୀ ସୂତାର

ସେ ସିନା କହନ୍ତି
ପ୍ରେମରେ ପଡ଼ିବା ଭଲନୁହେଁ, କିନ୍ତୁ
ଲୁଚି ଛପି ମତେ
ଦେଖନ୍ତି ଅନେକ ଥର

ପଚାରି ଦେଲେ ସେ
ଏମିତି ହୁଅନ୍ତି, ଯେମିତି ସେ ମତେ
ଦେଖିଲେ ପ୍ରଥମ ଥର

ପଚାରି ଦେଲି ମୁଁ ଏକାନ୍ତରେ ଥରେ
ଏଇ ଲୁଚି ଛପି ମତେ
ଦେଖିବା କି ନୁହେଁ ପ୍ରେମ

କେଡ଼େ ରୋକ୍ ଠୋକ୍ ଝିଅଟା କେଜାଣି
ମୁହଁରେ ମୁହଁରେ କହିଦେଇ ଗଲା
ଏଇଟା ତମର ଭ୍ରମ

ଶାନ୍ତ ବିହାର, ପଟିଆ, ଭୁବନେଶ୍ୱର
ମୋ: ୯୪୩୭୦୦୮୩୪୧

ISSN NO.
2582-208X

# ଅନ୍ତିମ ଈପ୍ସିତର ସନ୍ଧାନରେ



ଆଦିତ୍ୟ ମହାପାତ୍ର

ଜୀବନ ଚାଲେ ଠିକ୍ କାନ୍ଥଘଣ୍ଟା ପରି,
କାଳଚକ୍ର ଘଣ୍ଟା ବଢେ, ବେଳ ଯାଏ ସରି।
କାଳଚକ୍ର ପେଶେ ଏଠି ଜୀବନର ଚକି,
ସେ ଚକିରେ ପେଶି ହୁଏ, ମଣିଷ ନିଇତି।
ମଣିଷ ଚାହେଁ ସଦା ସୁଖର ଜୀବନ,
ତଥାପି ସେ ସୁଖ କେବେ ନୁହେଁ ତା' ଅଧୀନ।
କେବେକେବେ ଭାବେ ଯେ, ସେ ଜୀବନ ହାରିବ,
ଜୀବନ ହାରିଲେ କି ସେ ସୁଖ ବା ମିଳିବ ?
ସୁଖ କେବେ ଏଠି ଚାହିଁଲେ ମିଳେନାହିଁ,
ତା ପାଇଁ ଏଠି ଅଛି ଅନେକ ବାଟ ରହି।
ଅଛି ପୁଣି ଏଠି ଜୀବନ ଜୀଇଁବାର ବାଟ,
ସେ ବାଟେ ଚାଲିଲେ, ସୁଖ ଅବଶ୍ୟ ମିଳିବ ସଙ୍ଗାତ।
ଜୀବନ ବହେ, ସତେ ଅବା ଏକ ଅକୂଳା ନଈ,
ଜୀବନ ଜୀଇଁ ଏ ନଈ ପାର ହେବାକୁ ହିଁ ଥାଇ।
ଏ ନଈର ଘାଟେ ବନ୍ଧା ଗୋଟେ ଛୋଟ ଡଙ୍ଗା,
ନାମ ଅଟେ ଯାହାର "ମୋକ୍ଷଦ ଡଙ୍ଗା"।
ଏ ଡଙ୍ଗାରେ ଜଣେ ତେବେ ହିଁ ପାର ହେବ,
ଯେବେ ସେ ଶାନ୍ତିର ପଥେ ଅଗ୍ରସର ହେବ।


ISSN NO.
2582-208X

ଶାନ୍ତିର ପଥ ଠିକ୍ ଏକ ଧର୍ମପଥ ପରି,
ପଥେ ପଥେ ରହିଅଛି କେତେ ଅବା ଅରି।
ଅରି ବୋଲି କେବେ ହେଲେ ନଡରି ତାହାକୁ,
ହରିଙ୍କ ନାମ ଜପି ଜପି ସାମ୍ନା କରେ ତାକୁ।
ଯେବେ ଏ ଅରି ତା'ଠୁ ପରାଜିତ ହେବ,
ଶାନ୍ତିର ପଥ ସେ ନିଷ୍ଚେ ଖୋଜି ହିଁ ପାଇବ।
ପୁଣି ସେ ଶାନ୍ତିର ପଥେ ଅଗ୍ରସର ହେବ,
ମଶାଲ ସାଜି ସଭିଁଙ୍କୁ ସେ ମାର୍ଗ ଦେଖାଇବ।
ସେ ମାର୍ଗର ଅନ୍ତେ ଅନ୍ତ ଘଟାଇ ତା' ଜୀବନ,
ଯହିଁଠାରେ ଅବସ୍ଥିତ ତା'ର ଇପ୍ସିତ ମୋକ୍ଷ-ସ୍ଥାନ।

ଗ୍ରାମଶ୍ରୀ କଲ୍ଲେନ,
କେନ୍ଦୁଝରଗଡ,କେନ୍ଦୁଝର,758001

ISSN NO.
2582-208X

# କାଳିଆ ଭରସା



ଆୟୁଷ ବଡ୍ଢାଇ

ଅଧ ରାତ୍ରି ରେ ନିକିତା ର ଆଖି ରେ ନିଦ ନାହିଁ, ନିକିତା ତା ଜେଜେମା ର କଥା ମନେ ମନେ ଭାବୁଥାଏ। ଯେ ଠାକୁରଙ୍କ ର ବିନା ଅନୁମତିରେ ପତ୍ର ଟିଏ ମଧ୍ୟ ହଲେ ନାହିଁ ତେବେ ପୁଣି ବଡଠାକୁର ଙ୍କ ର ଡାକରା ନ ଥିଲେ କିଏ କଣ ଶ୍ରୀକ୍ଷେତ୍ର କୁ ଯାଇପାରିବ, ସବୁ ସେହି ଜଗା କାଳିଆ ହାତରେ ଡୋରୀ ବନ୍ଧା। ସ୍ୱାମୀ ଆରପାରିକୁ ଚାଲିଯିବା ପରେ ନିକିତା ହି ଜାଣେ କିପରି ସେ ତା ଝିଅ କୁ ମଣିଷ କରିପାରିଛି। ସ୍ୱାମୀ ର ହାତଛଡା ହେବା ପରେ ସବୁ ସେହି ଜଗା କାଳିଆ ହାତରେ। ଜଗା ର ଛୋଟ ପୁରୁଣା ମାଟି ମୂର୍ତ୍ତି ଟେ ଘର କାନ୍ଥ ଉପରେ ରଖି ଦିନ ରାତି ତାରି ଭକ୍ତି ରେ ଲିପ୍ତ, ଖାଉଛି ତ ଖାଉଛି ନ ହେଲେ ନାହିଁ। ଛୋଟ ରୁ ଆରମ୍ଭ କରି ସବୁ ସୁଖ ଦୁଃଖ ତାରି ଆଗରେ ଜଣାଏ।

ଦେଖୁ ଦେଖୁ ଝିଅ ବି ବିବାହ ପାଇଁ ଯୋଗ୍ୟ ହେଲାଣି, ଜଗା ର ଆଶିର୍ବାଦ ରେ ଏକ ଭଲ ପରିବାର ରେ ତାର ବିବାହ ହେବା ପାଇଁ ମଧ୍ୟ ସବୁ ଦେଖାରେଖା ସରିଯାଇଥିଲା । ଝିଅ କୁ ଟିକେ ଦି ଅକ୍ଷର ପଢ଼ାଇ, ଜୀବନ ର ସବୁ ମୂଲ୍ୟବୋଧ ଶିକ୍ଷା ଦେଇ ପାରିଲା ବଳି ଆଜି ଏକ ଭଲ ପରିବାର ରେ ତାର ବିବାହ ଠିକ୍ ହେଇ ପାରିଲା। ପୁରା ରୀତିନୀତି ଅନୁସାରେ ମହାପ୍ରଭୁ ଜଗନ୍ନାଥଙ୍କ ଆଶିର୍ବାଦ ନେଇ ବିବାହ କାର୍ଯ୍ୟ ସରିଲା । ଝିଅ ମଧ୍ୟ ଆଉ ମା' ଘରେ ନ ରହି ଶାଶୁଘର କୁ ଚାଲି ଗଲା । ନିକିତା ସଂପୂର୍ଣ୍ଣ ଏକୁଟିଆ ହୋଇଗଲା ପୁଣି ତା ସ୍ୱାମୀ ଯିବା ପରେ ।

ISSN NO.
2582-208X

ଏମିତିଆ କାଳିଆ ର ଭକ୍ତି ରେ ଦେଖୁ ଦେଖୁ ଦିନ କାଟିବାକୁ ପଡ଼ିଲା, ମଝିରେ ମଝିରେ ଝିଅ ଆଉ ଜ୍ୱାଇଁ ଦେଖିବାକୁ ଆସନ୍ତି ହେଲେ ଦିନ ଦି ଟା ରହି ପୁଣି ଫେରି ଯାଆନ୍ତି । ପୁଣି ଏକୁଟିଆ। ମନ ରେ ଏକ ଇଚ୍ଛା କେବେଠୁ ନିକିତା ହୃଦୟ ରେ ଘର କରିଥିଲା ଯେ, ଏବେ ପର୍ଯ୍ୟନ୍ତ ପୂରଣ ହେଇ ପାରିନାହିଁ। ଝିଅ ର ବିବାହ ଆଗରୁ ଠାକୁର ଆଗରେ ଏକ ଇଚ୍ଛା ପ୍ରକଟ କରିଥିଲା ଯେ ଝିଅ ର ବିବାହ ବିନା ବାଧା ରେ ସଂପୂର୍ଣ୍ଣ ହେଲେ ଥରେ ଶ୍ରୀକ୍ଷେତ୍ର ଯାଇ ମୁଣ୍ଡିଆ ମାରି ଆସିଥାନ୍ତି । ସେ ସୁଯୋଗ ଆଷାଢ଼ ମାସ ର ଆଗମନ ରେ ହିଁ ନିକିତା ହାତଛଡା କରିବାକୁ ଚାହିଁନାହିଁ କିନ୍ତୁ ସ୍ୱାମୀ ବିନା ଏକୁଟିଆ ନାରୀ ର ଦୁଃଖ କହିଲେ ନ ସରେ ତାହା ପୁଣି ଅର୍ଥ ଅଭାବ ହେଉ ଅଥବା ଆଉ କିଛି ଅସୁବିଧା। ଯେତେ ପୁଞ୍ଜି ହାତରେ ଥିଲା ସବୁତକ ଝିଅର ବିବାହ ରେ ଖର୍ଚ୍ଚ ହେଇଗଲା, ଜ୍ୱାଇଁପୁଅ କୁ ମଧ୍ୟ କୋଉ ମୁହଁ ରେ ମାଗିବ ତେଣୁ ଇଚ୍ଛା କୁ ଜଳାଞ୍ଜଳି ଦେଇ ନିକିତା ମନେ ମନେ ଭାବୁଥାଏ। କିନ୍ତୁ କାଳିଆ ଠାକୁର କୁ କଣ ବା ଅଜଣା.... ସେ ଯଦି ଚାହେଁ ରାଜା କୁ ରଙ୍କ ଏବଂ ରଙ୍କ କୁ ରାଜା କରିଦେବ, ବିଛଣା ଟେ ନ ପାଇ ପାରୁଥିବା ଲୋକ କୁ ରତ୍ନପଲଙ୍କ ଏବଂ ଖାଇବାକୁ ଗଣ୍ଡେ ନ ପାଉଥିବା ବ୍ୟକ୍ତି କୁ ଛପନଭୋଗ ଦେଇ ପାରିବ।

ଆଷାଢ଼ ମାସ ର ଆଗମନ ରେ ହିଁ ନିକିତା ର ଇଚ୍ଛା ସତ ରେ ପରିଣତ ହେଲା । ତାର ସ୍ୱାମୀ ଯେଉଁ କାରଖାନା ରେ କାମ କରୁଥିଲା, ଯେତେ ପୁଞ୍ଜି ରୋଜଗାର କରୁଥିଲା କିଛି କିଛି ସଞ୍ଚୟ କରୁଥିଲା, ପ୍ରାୟ ପାଞ୍ଚ ବର୍ଷ ପରେ ଆଜି ବ୍ୟାଙ୍କ୍ କର୍ମଚାରୀ ଆସି ୧୦,୦୦୦ ଟଙ୍କା ର ଚେକ୍ ଟିଏ ଦେଲେ। ନିକିତା ର ଖୁସି କହିଲେ ନ ସରେ ଯେ କାଳିଆ ଠାକୁର କୁ କଣ ବା ଅଜଣା । ନିକିତା ଆଉ ପୁରୀ ଦର୍ଶନ ସୁଯୋଗ ହାତଛଡ଼ା କରିବାକୁ ଚାହଁନାହିଁ। ଝିଅ ଜ୍ୱାଇଁ ଙ୍କୁ ମଧ୍ୟ ସାଙ୍ଗରେ ନେଇ ପୁରୀ ଧାମ କୁ ଯିବା ପାଇଁ ସ୍ଥିର ହେଲା।

ଭୋର୍ ସକାଳୁ ଝିଅ ଜ୍ୱାଇଁ ଙ୍କ ସହିତ ନିକିତା ସମ୍ବଲପୁର ରେଳଷ୍ଟେସନ ରୁ ବସି ଜଗନ୍ନାଥଧାମ ଯାତ୍ରା ଆରମ୍ଭ କଲେ, ମନ ରେ ଆନନ୍ଦ ର ସୀମା ନାହିଁ, ମନେ ମନେ ଜଗନ୍ନାଥ ଠାକୁର କୁ ଅଶେଷ ଅଶେଷ ଧନ୍ୟବାଦ୍ ଦେଇ ସବୁ ଡୋରି ମାୟା କହି ତାର

ISSN NO.
2582-208X

ଭକ୍ତି ରେ ଲିନ ହୋଇ ପୁରୀଧାମ ଯାତ୍ରା ଆଗେଇ ଚାଲିଲା। ପ୍ରାୟ ସାତ ଆଠ ଘଣ୍ଟା ର ଯାତ୍ରା ପରେ ସାକ୍ଷାତ ଜଗନ୍ନାଥ ଙ୍କ ଦର୍ଶନ ମିଳିଲା ।

ପୁରୀ ପହଞ୍ଚିବା ମାତ୍ରେ ହିଁ ନିକିତା ଭୋ ଭୋ କାନ୍ଦି ପକେଇଲା ଜଗନ୍ନାଥଙ୍କ ପାଦ ତଳେ, ଠାକୁର ତୋରି ମାୟା ସବୁଠାରୁ ଅଲଗା, ତୋରି ଭାବ ବନ୍ଧନରେ ବାନ୍ଧି ହେଲେ ଏହି ମିଛ ମାୟା ସଂସାର ତ୍ୟାଗ କରି ସ୍ୱର୍ଗ ପ୍ରାପ୍ତି ହୁଏ। ତୋରି ମାୟା ସବୁଠାରୁ ଭିନ୍ନ । କୌଣସି ଲୋକ ର ଦୁଃଖ ତୋ ଆଖି ରୁ ଛପି ଯାଏ ନାହିଁ। ଭକ୍ତ ଖାଲି ତତେ ଡାକିବା ର ବେଳ ତୋରି ମାୟା ହିଁ ସର୍ବୋପରି ।।

ବାଣିଜ୍ୟ ବିଭାଗ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ,
ସମ୍ବଲପୁର
ମେଲ୍ _ ayushbadhai191@gmail.com

ISSN NO.
2582-208X

# ବିଶ୍ୱାସ



ଅଭିମନ୍ୟୁ ଧଳ

ବିଶ୍ୱାସ-ଏମିତି ଏକ ଶବ୍ଦ
ଯାହାକୁ କେନ୍ଦ୍ରକରି ଜୀଇଁହୁଏ ଜୀବନଟିଏ
ଯାହାର ଅଭାବରେ ଜନ୍ମେ ଆତ୍ମହତ୍ୟାର ପ୍ରବୃତ୍ତି ।
ସବୁ ଶାନ୍ତି-ସୌହାର୍ଦ୍ଦ୍ୟ ମଧ୍ୟରେ ବିଶ୍ୱାସ
ପୁଣି ଗ୍ଲାନି-ହତାଶା-ବିଷାଦ ପଛରେ ଏଇ ବିଶ୍ୱାସ ।
ପୂର୍ଣ୍ଣିମାର ଚନ୍ଦ୍ରୋଦୟ ମଧ୍ୟରେ ଯେଉଁ ବିଶ୍ୱାସ
ଅମାବାସ୍ୟାର ଚନ୍ଦ୍ରରେ ମଧ୍ୟ ସେଇ ବିଶ୍ୱାସ ।
ଆତ୍ମଚୈତନ୍ୟର ଅଭିବ୍ୟକ୍ତି ପଛରେ ବିଶ୍ୱାସ
ବେଦନାର୍ଦ୍ର ହୃଦୟର ଭାବ ପ୍ରକାଶରେ ବିଶ୍ୱାସ ।
ସମସ୍ତ ବିଶ୍ୱାସ ର ପୁଞ୍ଜିକୁ ଅନ୍ୟ ହାତରେ
ସମର୍ପି ଦେବା ପଛରେ ଥାଏ ବିଶ୍ୱାସ ।
ବିଶ୍ୱାସ ବଳରେ ବୁଡ଼ିଲା ପଥର ଭାସିଉଠେ
ପୁଣି ପ୍ରସ୍ତୁତ ହୁଏ ସେତୁବନ୍ଧ ।
ବିଶ୍ୱାସରେ ଜଣେ ହୁଏ ଅପେକ୍ଷାରତା
ତା'ର ପରମପ୍ରିୟ ପୁରୁଷର ।
ସୂକ୍ଷ୍ମଦୃଷ୍ଟିରେ ଦେଖିଲେ ସବୁ ସମ୍ପର୍କର ହେତୁ
ହେଉଛି ଏଇ ବିଶ୍ୱାସ ।

ISSN NO.
2582-208X

ତଥାପି ମନରେ ସନ୍ଦେହ ଆସେ
ପ୍ରକୃତରେ ସେ ବିଶ୍ୱାସ ଯୋଗ୍ୟ ତ ?
କାରଣ ଶିଉଳିଲଗା ଚଟାଣରେ
ଥରେ ଚାଲିବା ପରେ
ତଳେ ପଡ଼ିଯିବାର ଭୟ ଥିଲେ ହେଁ
ରହିଛି ଏକ ଭିନ୍ନ ଧରଣର ଆନନ୍ଦ !
ପ୍ରାପ୍ତିର ଆଶା ହେଉ ଅବା ଅପ୍ରାପ୍ତିର ବିଷାଦ
ବିଶ୍ୱାସର ସତ୍ତା କେତେବେଳେ ଦୀପ୍ତିମନ୍ତ
ପୁଣି କେବେ ଅବିଶ୍ୱାସର କଳାବାଦଲ ମଧ୍ୟରେ ଲୁକ୍କାୟିତ ।

ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର, ବୁର୍ଲା
ଯୋଗାଯୋଗ – 8114669268

ଅକ୍ଟୋବର - ୨୦୨୨
www.vedantimagazine.com

ISSN NO.
2582-208X

ବେଦାନ୍ତି

# ରଂଗ ପର୍ବର ଅଭିନନ୍ଦନ



ଶୁଭ ପ୍ରଧାନ

ସେ ରଂଗ.......
ତୋ ଆଖିର ରଂଗ ମୋ ଆଖିରୁ ଛାଡୁନାହିଁ
ଲୁହର ଲୁଣିଆ ପାଣିରେ ଧୋଇଲେ ବି ଛାଡୁନାହିଁ
ଶିମୂଳୀ ପଳାଶ ପାଖୁଡା କାହିଁକି ନଷ୍ଟ ହେଲା,
କାହିଁକି ଫଗୁଣ ଫେଗ୍ର୍ ମାରିଛି – ଏବେ ସ୍ପଷ୍ଟ ହେଲା
ଗୃହିଣିର କହୁଣି ମାଡରେ ଏ ରଂଗ ଲ୍ଗିଛି ବୋଧେ
ଏ ରଂଗର କଣିଗୃଏ ବି କ୍ଷଏ ମାଇଲେ ଖୁବ୍ ବୋଧେ
ରଙ୍ଗ ଫଙ୍ଗ ବର୍ଜନ ପାଇଁ ତ ନଷ୍ପତ୍ତି ନେଇଥିଲା ମନ
ଏବେ ଏମିତି ହେଉଛି ଯେମିତି ପାଇଛି ଇନ୍ଦ୍ରଧନୁର ଧନ
ନଦ ପାଇଁ ଜାଗା କାହିଁ ଆଖିର ସ୍ଥୂଳକୋଣରେ
ନରୁଦ୍ଦିଷ୍ଟ ହୋଇଛି ବୋଧେ ନଷିଦ୍ଧ ଇଲାକାର ଫୁଲବଣରେ
ଏ ରଂଗ ଉପରେ ନ ପଡୁ କଉ ଚନ୍ଦ୍ରକରର ଲୋଲୁପ ନଜର
ଫିକା ଫାଙ୍କା ଏ ଜୀବନେ ଏ ରଂଗ ମୋର ଏକାନ୍ତ ନଜର ॥

ମୋବାଇଲ-୮୨୪୯୫୩୦୪୮୩

ISSN NO.
2582-208X


# ଜାତୀୟ ପତାକା



ସୌମ୍ୟ ରଞ୍ଜନ ଷଡ଼ଙ୍ଗୀ

ଜାତୀୟ ପତାକା ଉଡୁଛି ଦେଖ କେତେ ଉଚ୍ଚରେ
ଭାରତ ମାତା ଧରିଛି ଦେଖ ନିଜ ହାତରେ ॥
ଭାରତବର୍ଷ ଆମର ଥିଲା ସୁନାର ଦେଶ
ବିଦେଶୀ ଆସିଣ କରିଲେ ଆମ ଦେଶକୁ ଶେଷ ॥
ମୋଗଲ ଇଂରେଜମାନେ ଆମ ଦେଶକୁ ଆସି
ବୋହିନେଲେ ଧନରତ୍ନ ଯେ ଆମ ଦେଶକୁ ପଶି ॥
କେତେ କେତେ ବୀର ପୁତ୍ର ଯେ ଏଠି ଜନମ ନେଲେ
ପାପୀ ବିନାସନ ପାଇଁସେ ଦୃଢ ସଙ୍କଳ୍ପ କଲେ ॥
ସାକ୍ଷି ଅଛି ଏହି ଭାରତ ଭୂମି ରାମ କୃଷ୍ଣଙ୍କୁ
ବିନାସି ଅଛନ୍ତୁ ଏ ଦେଶରୁ କେତେ ପାପୀମାନଙ୍କୁ ॥
ବହୁ ବୀର ରାଜା-ସାଧୁ-ସନ୍ୟାସୀ ଜନମି ଏ ଦେଶେ
ମନ୍ଦୀର-ପ୍ରାସାଦ ନିର୍ମାଣ କରିରଖିଲେ ଖ୍ୟାତିଏ ଦେଶେ ॥
ଗାନ୍ଧୀ-ଗୋପବନ୍ଧୁ-ବକ୍ସି ଜଗବନ୍ଧୁ ଏପରି ବହୁତ ବୀର
ନିଜ ଖୁସି ଛାଡି ଏହି ଦେଶ ପାଇଁ ହୋଇଛନ୍ତୁ ସହିଦି ବୀର ॥
ଆମ ଦେଶର ଯେ ସନ୍ତାନ ଅଟେ ବାଜି ରାଉତ
ପ୍ରାଣ ଦେଲା ପଛେ ଚଢାଇ ନଦେଲା ନାବରେ ସେତ ॥
ଏହି ଦେଶେ ଜାତୀୟ ପତାକା ଉଡୁଛି ବହୁ ଉଚ୍ଚରେ
ନେତା ମନ୍ତ୍ରୀ ତନ୍ତ୍ରୀମାନେ ଯେ ଲୁଟୁଛନ୍ତି ଦେଶରେ ॥
ସବୁ ପ୍ରତିଶ୍ରୁତି ଦେଉଛନ୍ତି ଆମେ ଦେଶର ନା ରଖିବୁ
ଗରିବ ଛାତିରେ ଗ୍ରୀବୁକ ପ୍ରହାରେ ସର୍ବସ୍ୱ ଲୁଟି ନେବୁ ॥

ISSN NO.
2582-208X

ଗରିବ ପାଉନ ଭତ୍ତାଯେ ଏଠି ଚନ ଚାଉଳ
ନେତାମାନେ ଏଠି କହୁଛନ୍ତି ତୁମେ ଆମ ଦେଶର ବଳ ॥
ମିଛ ଆଶ୍ୱାସନାଦେଇ କରୁଛନ୍ତି ଲୋକମଧ୍ୟରେ ଗୋଳ
ଯାହାଲାଗି ମତଭେଦ ରହି ଭାଙ୍ଗୁଛି ଜନତାର ବଳ ॥
ଆରେ, ଦେଖ ଦେଖରେ ନେତା ମନ୍ତ୍ରୀମାନେ
ଗରିବ ମାଆଟି କାନ୍ଦୁଛି ଅନ୍ତର ମନେ ॥
ସୁନାର ଭାରତେ ଅବଳାନାରୀ ନୁହେଁ ସୁରକ୍ଷିତ
ଦିନ ଦୁଇପ୍ରହରେ କାମୁକ ଲୋଟୁଛି ନାରୀ ଇଜତ॥
ଦେବଭୂମି ଏଇ ଭାରତେ ଦେବାଳୟେ ପଡିଛି ତାଲା
ପଶ୍ଚାତ୍ୟ ସଭ୍ୟତା ଆଦରି ଏଠି ମଦ ଦୋକାନ ଖୋଲା॥
ଭାରତର ବହୁ ନାରୀଙ୍କ ମଥାରେ ଆଉ ସିନ୍ଦୁର ନାହିଁ
କହିଲେ କହିବେ ମଡ଼ନ ଷ୍ଟାଇଲି ତୁମକୁ କିଆଁ ଜଣାନାହିଁ ॥
ଶାଢ଼ୀ ଛାଡ଼ି ଏଠି ଚାଲିଛି ଛୋଟଛୋଟ ଡ୍ରେସକିଣା
ଲାଜ ସରମ ଛାଡ଼ି ସଭିଏଁ ଏଠି ହେଲେଣି ବଣା॥
ନିଲଜ ଲୋକଙ୍କୁ କ ଥାଏ ଲାଜସରମ
ଦେହ ଦେଖେଇ ଏଠି କରନ୍ତୁ ବହୁଧରମ ॥
ଦେଶର ପତାକାକୁ କଳଙ୍କିତ କରୁଛନ୍ତୁ ସ୍ୱଦେଶେ ବସି
କହିଲେ କହିବେ ଦେଶର ସେବାରେ ଜୀବନ ଦେଉଛୁ ହସି ହସି ॥
ଆମେ ଏ ଭାରତ ମାତାର ସନ୍ତାନ
ନିଶ୍ଚୟ ରଖିବା ଏହାର ମାନ ॥
ପୁଣି ଏଠି ରାମରାଜ୍ୟ ହେବ କେହି ନ ରହିବେ ଭୋକ ଉପାସ
ଉଡୁଛି ଉଡ଼ିବ ତିରଙ୍ଗା ପୁଣି ସବୁ ହେବ ବିକାଶ ॥

କଣ୍ଟିପାଳ, କେଉଁଝର

ISSN NO.
2582-208X

# ନିଶା ଅନୁରୂପ

ଶିବରାମ ସାହୁ

ଦେଖ ନତୁ....
କହିଦିଅ ତୁମ ଭାବନାକୁ
ଏମିତି ବାରମ୍ବାର ଆସି
ଛଟପଟ କରିବେନ ମୋତେ
ନଶବ୍ଦ ନର୍ଜନ ଉଆଁସ ରାତିରେ....
ତୁମେ କଣ ଜାଣିନ ....?
ମୁଁ ଗୋଟେ ଅସଞ୍ଜମତାର
କୂଳଭଙ୍ଗା ଆକର୍ଷଣୀୟ ଉବାଚ
ଅପେକ୍ଷାରେ ମଉନେ ବସିଥିବା
ଅଗାଢ ପ୍ରେମର ପଥଭ୍ରଷ୍ଟ ମତି
ସୀମାହୀନ ଦରିଆରେ ପରି
ସମ୍ଭ୍ରାନ୍ତ ବୋଲିଏ....
ତୁମେ କଣ ଦେଖିନ....?
ଯେଣେ ତେଣେ ଅମଡା ଉପବନେ
ଫୁଲର ଗହଣେ ଭ୍ରମର ବୋଲିଏ
ନର୍ଭୟ ନଦ୍ୱନ୍ଦ ନଶ୍ଚିନ୍ତ ହୋଇ
କେଶର ମଧରୁ ମଧୁ ପାନକରେ
ସମୟ ଚକ୍ରର ସମୟ ନସରୁଣୁ
ସ୍ମୃତିସବୁ ଚରଦିନ ଛାଡିକ ଆସେ....
ତୁମେ କେବେ ମାନଛ....?

ଭାସେ ଏ ମନ ଚଗଲ ସମୀର ପରି
ସମୁଦ୍ର ଗର୍ଭରୁ ଉଠୁଥିବା ଲହଡି ପରି
ମିଶିଯାଏ ସର୍ବଦା ନୀଳ ଗଗନେ ଯାଇ
ଭାବର ମେଘମାଳ ଖଣ୍ଡ-ବିଖଣ୍ଡିତ ହୋଇ....
ନଶା ଅନୁରୂପ ଏହି ସପନେ ଆସି
ସକାଳେ ହେଲା ବେଳକୁ ବାସ୍ତବ ନାହିଁ

ଆର.କେ.କଲୋନୀ, ନବରଙ୍ଗପୁର

ISSN NO.
2582-208X

# ଅଲିଭା କଲମ

ନେହିକା ସାହୁ

ତୁମେ....
କଳ୍ପନାରୁ ବାସ୍ତବ ଯାଏଁ
କ୍ଷଣରୁ ଯୁଗ ଯାଏଁ
ରଜନରୁ ପ୍ରଭାତ ଯାଏଁ
ଅଗ୍ନିରୁ ବର୍ଷା ଯାଏଁ
ଦିନରୁ ବର୍ଷ ଯାଏଁ
ଧରାରୁ ଆକାଶ ଯାଏଁ
ସତ୍ୟରୁ ସ୍ପନ୍ଦନ ଯାଏଁ
ମନରୁ ପ୍ରାଣରୁ ଯାଏଁ
ନିଃସନ୍ଦେହ ଭରି ରହିଛ
ଆଉ ତୁମର ଅତୁଲ୍ୟ ପ୍ରେମ
କ୍ଷଅ-ପ୍ରତିକ୍ଷଣ ଧକଧକ ହୁଏ
ଲହଡାତିତ ମୋ ସ୍ପନ୍ଦନ ଭିତରେ
ବେଳେବେଳେ ତୁମକୁ ମୁଁ
ମନ ଆଇନାରେ ଖୋଜିବୁଲେ
ତଥାପି ପଦ୍ମଫୁଟା ପୋଖରୀରେ
ଛାଡି ଦେଇ ଗ୍ଭଲିଯାଅ ତୁମ ଅଭୁଲା ସ୍ମୃତି
ଅବଶ୍ୟ ଦୁର କରିପାରଏନ
ମୋ ଶୂନ୍ୟ ପଣତାକୁ ତଥାପି
ତୁମରି ଭାବନାରେ ହିଁ ସକ୍ରୟ ହୁଏ
ବାରମ୍ବାର ମୋ ନିଦ୍ରାକୁ ଅଲିଭା କଲମ

ବିଞ୍ଜିଗୁଡା, ନବରଙ୍ଗପୁର

ISSN NO.
2582-208X

# ସ୍ୱାସ୍ଥ୍ୟ ବିଭାଗ

ISSN NO.
2582-208X

# ଦୀର୍ଘାୟୁ ସ୍ୱାସ୍ଥ୍ୟ ପାଇଁ ବୃକ୍ଷ ର ଉପକାରିତା



ଡାକ୍ତର ବସନ୍ତ କୁମାର ଷଡଙ୍ଗୀ

ପୃଥିବୀରେ ଯେତେକ ଦେଶ ରହିଛି ପ୍ରତ୍ୟକ ଦେଶର ନିଜସ୍ୱ ପାରମ୍ପାରିକ ମୌଳିକ ଚିକିତ୍ସା ବିଜ୍ଞାନ ରହିଛି। ସେହିପରି ଆମ ଦେଶର ପାରମ୍ପାରିକ, ମୌଳିକ ତଥା ଶ୍ରେଷ୍ଠ ଚିକିତ୍ସା ବିଜ୍ଞାନ ଭାବେ ଆୟୁର୍ବେଦ ଶାସ୍ତ୍ର କୁ ଗ୍ରହଣ କରାଯାଇଛି। ଆମ ଦେଶୀୟ ଚିକିତ୍ସା ବିଜ୍ଞାନ ରେ ମନୁଷ୍ୟ ର ସଜ୍ଜା ତ୍ୟାଗ ଠାରୁ ରାତ୍ର ଶୟନ କକ୍ଷକୁ ଯିବା ପର୍ଯ୍ୟନ୍ତ ଦୈନନ୍ଦିନ ଚାଲିଚଳଣୀ, ନିଜସ୍ୱ ସ୍ୱାସ୍ଥ୍ୟ, ପାରିବାରିକ ସ୍ୱାସ୍ଥ୍ୟ ସମସ୍ୟା ଓ ସାମାଜିକ ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ ଏବଂ ମନୁଷ୍ୟ ଧରାପୃଷ୍ଠରେ ଯେପରି ସୁସ୍ଥ ଓ ଦୀର୍ଘାୟୁ ଜୀବନ ଅତିବାହିତ କରିପାରିବ ତାହାରି ଉପରେ ଆୟୁର୍ବେଦ ଶାସ୍ତ୍ର ର ଉପଯୋଗ ଏବଂ ଆମ ସମ୍ମୁଖରେ ରହିଥିବା ବିଭିନ୍ନ ବୃକ୍ଷରାଶି ଦ୍ୱାରା ସମ୍ଭବ ହେବାର ବିଷୟ ଆୟୁର୍ବେଦ ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି। ଯାହାକି ଆଧୁନିକ ବିଜ୍ଞାନ ମଧ୍ୟ ଏକମତ ହୋଇପାରିଛନ୍ତି ।

ଆୟୁର୍ବେଦ ଶାସ୍ତ୍ରର ସ୍ରଷ୍ଟା ଚରକ ,ଶୁଶ୍ରୁସ, ବାଗଭଟ, ବରାହମିହିର ଆଦି ମନୁଷ୍ୟର ସୁସ୍ଥ ଓ ନିରୋଗ ଭାବେ ପୃଥିବୀ ପୃଷ୍ଠରେ ତିଷ୍ଠିରହିବା ପାଇଁ ଯେଉଁ ସ୍ୱାସ୍ଥ୍ୟ ନିୟମାବଳୀ ତଥା ବିଭିନ୍ନ ଔଷଧୀୟ ଉପାଦାନର ସମ୍ମିଶ୍ରଣ ରେ ବିଭିନ୍ନ ଆୟୁର୍ବେଦ ଔଷଧ, ଆସବ, ଅରିଷ୍ଟ, ଚୂର୍ଣ୍ଣ, ଲେହ, ବଟିକା ଓ ପ୍ରଲେପ ଆଦି ପ୍ରସ୍ତୁତି ପାଇଁ ଔଷଧୀୟ ପ୍ରଣାଳୀ ଶହଶହ ବର୍ଷ ପୂର୍ବରୁ ରଚନା କରିଯାଇଛନ୍ତି। ଉକ୍ତ ପ୍ରସ୍ତୁତି ଶୈଳୀ କୁ ଆଜିର ଆଧୁନିକ ଚିକିତ୍ସା ବିଜ୍ଞାନ ମଧ୍ୟ ବହୁ ପରୀକ୍ଷା, ନିରୀକ୍ଷା ଓ ଗବେଷଣା କରି ଉକ୍ତ ଔଷଧ ସମୂହର ବିଭିନ୍ନ ରୋଗ ଉପରେ କାର୍ଯ୍ୟକାରିତା, ପ୍ରଭାବ, ଗୁଣବତ୍ତା କୁ ମାନ୍ୟତା ଦେଇଛନ୍ତି। ଏହାହିଁ ଆମ ଆୟୁର୍ବେଦ ଶାସ୍ତ୍ର ପ୍ରଣେତାଙ୍କ ସିଦ୍ଧି, ଦୂରଦୃଷ୍ଟି ଓ ମହାନତା ର ପରିଚୟ ଅଟେ।

ISSN NO.
2582-208X

ଭାରତୀୟ ବେଦ ଶାସ୍ତ୍ର, ଦର୍ଶନ ଶାସ୍ତ୍ର, ଉପନିଶଦ, ସାଂଖ୍ୟ, ବୈଷେଶିକ ମତ ଆଦି ସମସ୍ତ ଶାସ୍ତ୍ର ଆୟୁର୍ବେଦ ଚିକିତ୍ସା ଶାସ୍ତ୍ର ସହ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ ଅଟେ।ତେଣୁ ଆୟୁର୍ବେଦ ଶାସ୍ତ୍ରକୁ ପଞ୍ଚମ ବେଦ ଭାବେ ଗ୍ରହଣ କରାଯାଇଛି।

ମଣିଷ ସୁସ୍ଥ ଓ ଦୀର୍ଘଜୀବୀ ଭାବେ ବଞ୍ଚିରହିବା ପାଇଁ ଆୟୁର୍ବେଦ ଶାସ୍ତ୍ର ଅନୁମୋଦିତ ବିଭିନ୍ନ ଔଷଧ ବ୍ୟବହାର କରିବା ସହ ପର୍ଯ୍ୟାପ୍ତ ତଥା ପରିଷ୍କାର ଅମ୍ଳଜାନ ବାୟୁର ଆବଶ୍ୟକତା ରହିଛି। ଆୟୁର୍ବେଦ ଶାସ୍ତ୍ରରେ ବର୍ଣ୍ଣିତ ବୃକ୍ଷ, ଲତା, ଗୁଳ୍ମ ମଧ୍ୟରୁ ଏମିତି କେତେକ ବୃକ୍ଷ ରହିଛି ଯାହାକି ଦିବାରାତ୍ର ପ୍ରଚୁର ପରିମାଣରେ ସୁଧ "ଅମ୍ଳଜାନ" ବାୟୁମଣ୍ଡଳକୁ ଛାଡ଼ିଥାନ୍ତି। ଏହାକୁ ଆଧୁନିକ ଚିକିତ୍ସା ବିଜ୍ଞାନ ମଧ୍ୟ ବହୁ ପରୀକ୍ଷା ନିରୀକ୍ଷା କରି ଏଥିସହ ଏକମତ ହୋଇଛନ୍ତି।

**୧.ତୁଳସୀ :-** ତୁଳସୀ ବୃକ୍ଷ କୁ ଆଧ୍ୟାତ୍ମିକ ଚିନ୍ତାଧାରା ଭାବେ ପ୍ରତିଦିନ ପୂଜା କରାଯାଉଥିବା ବେଳେ ଏହା ମନୁଷ୍ୟ ସ୍ୱାସ୍ଥ୍ୟ ନିମନ୍ତେ ବହୁ ଉପାଦେୟତା ଅଟେ। ଏହା ଆସ୍ଥାମା, ଥଣ୍ଡା ଜନିତ ରୋଗ, କଣ୍ଠ ପ୍ରଦେଶ ର ବିଭିନ୍ନ ରୋଗ, ଉଚ୍ଚ ରକ୍ତଚାପ, ରକ୍ତରେ କୋଲେଷ୍ଟ୍ରୋଲ ର ମାତ୍ର କମାଇବା ପାଇଁ ଉପଯୋଗ ହେଉଥିବା ବେଳେ, ଦିବା ଓ ରାତ୍ର ରେ ପ୍ରଚୁର ପରିମାଣର ଅମ୍ଳଜାନ ବାୟୁମଣ୍ଡଳକୁ ଛାଡ଼ିଥାଏ।

**୨.ନିମ୍ବ ବୃକ୍ଷ:-** ଏହା ବାୟୁମଣ୍ଡଳରେ ରହିଥିବା ବିଭିନ୍ନ ଦୂଷିତ ପଦାର୍ଥକୁ ଶୋଷଣ କରି ବାୟୁମଣ୍ଡଳକୁ ଦିନ ଓ ରାତି ପ୍ରଚୁର ପରିମାଣରେ ପରିସ୍କାର ଅମ୍ଳଜାନ ଛାଡ଼ିଥାଏ, ଯଦ୍ୱାରା ବାୟୁମଣ୍ଡଳ ସୁଧ ରହିଥାଏ। ଏହା ପ୍ରାକୃତିକ ଉପାୟରେ କୀଟନାଶକ ଓ ବିଭିନ୍ନ ଦୂଷିତ ପଦାର୍ଥକୁ ନଷ୍ଟ କରି ବାୟୁମଣ୍ଡଳକୁ ଶୋଧନ ରେ ସହାୟକ ହୋଇଥାଏ । ଏହା ଶରୀର ପାଇଁ ବିଭିନ୍ନ ଚର୍ମ ରୋଗ ଓ ରକ୍ତ ପରିସ୍କାର ପାଇଁ ବ୍ୟବହୃତ ହୋଇଥାଏ।

**୩.ପିପିଳ ବୃକ୍ଷ (ଓସ୍ତ ବୃକ୍ଷ):-** ଓସ୍ତ ଗଛ ଦିନ ଓ ରାତିରେ ପର୍ଯ୍ୟାପ୍ତ ପରିମାଣରେ ପରିସ୍କାର "ଅମ୍ଳଜାନ" ବାୟୁମଣ୍ଡଳକୁ ଛାଡ଼ିଥାଏ। ଏହା ଆସ୍ଥାମା, ମଧୁମେହ, ମଳ ଅବରୋଧ, ଦନ୍ତ ରୋଗ ପାଇଁ ବ୍ୟବହୃତ ହୋଇଥାଏ। ୨୪ ଘଣ୍ଟା ବାୟୁମଣ୍ଡଳକୁ ଅମ୍ଳଜାନ ଛାଡ଼ିଥାଏ।

ISSN NO.
2582-208X

୪.ମନୀ ପ୍ଲାଣ୍ଟ:-ଏହା ଦିବା ଏବଂ ରାତ୍ରରେ ପର୍ଯ୍ୟାପ୍ତ ମାତ୍ରାରେ ଅମ୍ଳଜାନ ବାୟୁମଣ୍ଡଳକୁ ଛାଡ଼ିଥାଏ। ଏହାକୁ ବାସ ଗୃହ ମଧ୍ୟରେ ଲଗାଇବା ଉଚିତ।

୫.ଗେରବେରା ପ୍ଲାଣ୍ଟ(Gerbera plant):-ଏହା ଏକ ପୁଷ୍ପଯୁକ୍ତ ଛୋଟ ପ୍ଲାଣ୍ଟ ଅଟେ। ଏହା ରାତିରେ ପର୍ଯ୍ୟାପ୍ତ ପରିମାଣ ର "ଅମ୍ଳଜାନ" ବାୟୁମଣ୍ଡଳକୁ ଛାଡ଼ିଥାଏ। ଏହାକୁ ବାସଗୃହ ରେ ଫୁଲଦାନୀ ରେ ଲଗାଇ ରଖିବା ଉଚିତ। ଏହା ନିଦ୍ରାହୀନତା ଦୂର କରି ସୁଷମ ନିଦ୍ରା ଦେଇଥାଏ।

୬.ଖ୍ରୀଷ୍ଟମାସ କାକଟସ (Christmas cactus):- ଏହା ଉତ୍କୃଷ୍ଟ ବାୟୁ ପରିଷ୍କାରକ ସହ ରାତିରେ ପର୍ଯ୍ୟାପ୍ତ ପରିମାଣରେ "ଅମ୍ଳଜାନ" ବାୟୁମଣ୍ଡଳକୁ ଛାଡ଼ିଥାଏ। ଏହକୁ ବାସ ଗୃହ ରେ ସ୍ଥାପନ କରିବା ଉଚିତ।

୭.ଓରଚିଡ଼ ପ୍ଲାଣ୍ଟ(Orchid plant) :- ଏହା ଦୀପ୍ତିମାନ ପୁଷ୍ପ ଭାବେ ପରିଚିତ। ଏହା ବାୟୁମଣ୍ଡଳରୁ ବିଷାକ୍ତ ବାଷ୍ପ ଓ ବିଭିନ୍ନ ବିଷାକ୍ତ ଉପାଦାନ କୁ ଗ୍ରହଣ ଶୋଷଣ କରି ପରିବେଶ ର ବାୟୁମଣ୍ଡଳକୁ ପରିଷ୍କାର ରଖିଥାଏ। ଏହା ଦିବା ଓ ରାତି ବାୟୁମଣ୍ଡଳକୁ ଅମ୍ଳଜାନ ଛାଡ଼ିଥାଏ ।

୮. ଆରେକା ପାମ ପ୍ଲାଣ୍ଟ(Areca palm plant):- ଏହା ଗୋଲଡେନ ପାମ, ବଟରଫ୍ଲାଇ ପାମ, ୟେଲୋପାମ ଭାବେ ପରିଚିତ। ଏହା ଦକ୍ଷିଣ ଭାରତ ଓ ଫିଲିପାଇନ୍ସ ଦ୍ୱୀପପୁଞ୍ଜ ରେ ବହୁଳ ମାତ୍ରାରେ ଦେଖାଯାଇଥାଏ। ଏହା ଦିବା ଓ ରାତ୍ରୀ ଶୁଦ୍ଧ ଅମ୍ଳଜାନ ବାୟୁମଣ୍ଡଳକୁ ଛାଡ଼ିଥାଏ। ଏହା ବାସ ଗୃହ ନିକଟରେ ରଖିବା ଉଚିତ।

୯. ସ୍ନେକ ପ୍ଲାଣ୍ଟ(snake plant):- ଏହି ଗଛ ଦିବାରାତ୍ରୀ ୨୪ ଘଣ୍ଟା ବାୟୁମଣ୍ଡଳକୁ "ଅମ୍ଳଜାନ" ଛାଡ଼ିଥାଏ। ବାୟୁମଣ୍ଡଳରୁ "ଅଙ୍ଗାରକାମ୍ଳ" ବାଷ୍ପକୁ ଗ୍ରହଣ କରିନେଇଥାଏ। ତେଣୁ ଏହାକୁ ବାସ ଗୃହମଧ୍ୟରେ ଲଗାଇବା ଉଚିତ।

୧୦. ଘିକୁଆଁରୀ ଗଛ(alovera plant):- ଏହା ବାୟୁମଣ୍ଡଳ ରେ ରହିଥିବା ଆଲଡିହାଇଡ଼ ଓ ବେନଜିନ ପରି ବିଷାକ୍ତ ଗ୍ୟାସ କୁ ଶୋଷଣ କରି ବାୟୁମଣ୍ଡଳକୁ ପରିଷ୍କାର ରଖିଥାଏ । ତେଣୁ ଏହାକୁ ସୁପର ପ୍ଲାଣ୍ଟ ମଧ୍ୟ କୁହାଯାଏ। ଏହା ରାତିଦିନ ୨୪ ଘଣ୍ଟା ବାୟୁମଣ୍ଡଳକୁ

ISSN NO.
2582-208X

ଅମ୍ଳଜାନ ଛାଡ଼ିଥାଏ । ଏହାକୁ ବିଭିନ୍ନ ଆମାସୟ ଜନିତ ଏବଂ ଚର୍ମ ଜନିତ ରୋଗର ଔଷଧ ରୂପେ ବ୍ୟବହାର କାଯାଇଥାଏ ।

ଉପରୋକ୍ତ ବିଷୟକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଆମ ପ୍ରାଚୀନ, ଦେଶୀୟ ଚିକିତ୍ସା ଶାସ୍ତ୍ର ତଥା ପ୍ରକୃତି ଓ ପରିବେଶ ଆମ ମଣିଷ ସମାଜ ଦୀର୍ଘଦିନ ବଞ୍ଚିରହିବା ନିମନ୍ତେ ଯେଉଁ ବରଦାନ ସ୍ୱରୂପ ବୃକ୍ଷରାଶି ସମୂହ ବିଷୟରେ ବର୍ଣ୍ଣିତ ହୋଇଅଛି ଏହାକୁ ଆମେ ସଦବିନିଯୋଗ କରିବା ଉଚିତ । ତେଣୁ ଆମେ ଜୀବନ ଭିତରେ କିଛିନା କିଛି ବୃକ୍ଷ ରୋପଣ କରିବା ଓ ତାର ଯତ୍ନ ନେବା, ଏତଦ ସହ ପ୍ରକୃତି ଓ ପରିବେଶ ସୁରକ୍ଷା ଦିଗରେଧ୍ୟାନ ଦେବା ନିତାନ୍ତ ଜରୁରୀ ଅଟେ, ଯଦ୍ୱାରା ଏହାର ଅମୃତତୁଲ୍ୟ ଫଳ ଆମେ ପାଇପାରିବା ।

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚନ୍ଦାହାଣ୍ଡି, ନବରଙ୍ଗପୁର,
ଫୋନ-୭୮୯୪୧୧୨୪୮୭

ISSN NO.
2582-208X

# ଆମ ହାଣ୍ଡିଶାଳ

ISSN NO.
2582-208X

# ସ୍ୱାଦିଷ୍ଟ ମଟର ପୁରୀ



ଜୟନ୍ତୀ ଦେବୀ

ସାମଗ୍ରୀ: ମଟର ଛୁଇଁ - ୨ କପ୍, ଅଟା- ୨ କପ୍,
ମଇଦା - ୧ କପ୍
କଟା ଯାଇଥିବା କଞ୍ଚାଲଙ୍କା - ୧ ଚାମଚ
ହେଙ୍ଗୁ ସାମାନ୍ୟ, ତେଲ - ଆବହ୍ୟକ ପରିମାଣରେ
ଲୁଣ - ଆବଶ୍ୟକ ପରିମାଣରେ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ରରେ ଅଟା ଓ ମଇଦା ପକାଇ ଏଥିରେ ୨ ଚାମଚ ତେଲ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏହାପରେ ଅଳ୍ପ ଅଳ୍ପ ପାଣି ପକାଇ ଭଲଭାବେ ଚକଟା ପ୍ରସ୍ତୁତ କରନ୍ତୁ । ଏବେ ୩୦ ମିନିଟ ଯାଏ ଏକ ପାତ୍ର ଘୋଡାଇ ରଖିଦିଅନ୍ତୁ । ଏବେ ଭଲ ଭାବେ ମଟର ଛୁଇଁ ସିଝାଇ ଦିଅନ୍ତୁ । ସିଝା ମଟରରେ ଅଦା, କଞ୍ଚା ଲଙ୍କା, ହେଙ୍ଗୁ, ସାମାନ୍ୟ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏବେ ଏହାକୁ ଓହ୍ଲାଇ ଦିଅନ୍ତୁ । ଏବେ ଗ୍ୟାସରେ ଏକ କଡାଇ ବସାଇ ତେଲ ଗରମ କରି ଆମାନ୍ୟ ହେଙ୍ଗୁ ପକାଇ, ଉକ୍ତ ମିଶ୍ରଣ, ଲୁଣ ପକାଇ କିଛି ସମୟ କଷନ୍ତୁ । ଏହାପରେ ଏକ ପାତ୍ରକୁ କାଢି ଥଣ୍ଡା କରନ୍ତୁ । ଏହା ମଧ୍ୟରେ ଚକଟା ଅଟାରୁ ପୁରୀ ଆକୃତିର ବେଲି ଏଥିରେ ପ୍ରସ୍ତୁତ ମିଶ୍ରଣ ପୁର ଭଳି ଦେଇ ପୁଣି ବେଲି ଦିଅନ୍ତୁ । ଏବେ ଗ୍ୟାସରେ କଡେଇ ବସାଇ ତେଲ ଗରମ କରି  ଭଲଭାବେ ଛାଣି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ମଟରପୁରୀ ।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# କଦଳୀ ଭଣ୍ଡା ରାଇ



ଅଧ୍ୟାପିକା ରୋଜାଲିନ୍ ବାରିକ୍

ସାମଗ୍ରୀ: ଗୋଟିଏ କଦଳୀ ଭଣ୍ଡା, ଗୋଟିଏ ଆଳୁ,
ସାରୁ ୧ଟି, ଟମାଟୋ – ୧, ରସୁଣ – ୧୦ ପାଖୁଡା,
ସୋରିଷ ୩ ଚାମଚ, ୩-୪ ଟି ବଡି,
କଞ୍ଚା ଲଙ୍କା ୨-୩ଟି, ସୋରିଷ ତେଲ – ୧ ଚାମଚ
ଲୁଣ, ହଳଦୀ – ୧ ଚାମଚ ଲେଖାଏଁ

ପ୍ରସ୍ତୁତି ପ୍ରଣାଳୀ:

କଦଳୀ ଭଣ୍ଡାକୁ ପରିଷ୍କାର କରି ବାଛି କଡେଇରେ ଏକ କପ୍ ପାଣି ଦେଇ ଭଣ୍ଡାକୁ ସିଝାଇବେ । ସିଝିଗଲାପରେ ପାଣିକୁ ବାହାର କରିଦେଇ ଭଣ୍ଡା ସିଝାକୁ ଭଲଭାବେ ଧୋଇ ଦିଅନ୍ତୁ । ସୋରିଷ, ରସୁଣ, କଞ୍ଚାଲଙ୍କା କୁ ବାଟି ରଖନ୍ତୁ । ଅନ୍ୟ ଏକ କଡେଇରେ ତେଲ ଗରମ କରି ବଡି ଭାଜନ୍ତୁ । ବଳକା ତେଲରେ କଞ୍ଚା ଲଙ୍କା ଫୁଟାନ୍ତୁ । ସେଥିରେ ପରିବା, ଲୁଣ, ହଳଦୀକୁ ମିଶାଇ ଭାଜି ନିଅନ୍ତୁ । ପରିବା ସିଝି ଆସିବା ବେଳକୁ କଦଳୀ ଭଣ୍ଡା ଏବଂ ସୋରିଷ ମସଲା ପକାଇ ୫ ମିନଟ୍ କଷନ୍ତୁ । ଅଳ୍ପ ପାଣି ଦେବେ । ପାଣି ଫୁଟି ଆସିବା ପରେ ବଡେ ଦେଇ ଓହ୍ଲାନ୍ତୁ । ଗରମ ଭାତ ସହିତଏହା ବେଶ ସୁଆଦିଆ ।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଦହି ଭେଣ୍ଡି ବେସର



ଅଳକା ବାରିକ୍

**ଆବଶ୍ୟକ ଉପକରଣ:** କଛି ଛୋଟ ସତେଜ ଭେଣ୍ଡି
ଖଟା ହୋଇନଥିବା ବସାଦହି ୨ କପ୍, କଟା ଟମାଟୋ-୩ ଟି
ଗୋଟିଏ ଚୁନା ଚୁନା କଟା ପିଆଜ,
ବଟା ସୋରିଷ-୨ ଗ୍ଢମଚ, ଅଦା ରସୁଣ ବଟା-୧ ଗ୍ଢମଚ
ପଞ୍ଚ ଫୁଟାଣ - ୧ ଛୋଟ ଗ୍ଢମଚ,
ଅଳ୍ପ ଭଜା ହୋଇଥିବା ବେସନ - ୧ ଗ୍ଢମଚ
ଅଳ୍ପ ଭୃର୍ସୁଙ୍ଗ ପତ୍ର, ସ୍ୱାଦ ଅନୁଯାୟୀ ତେଲ ଓ ଲୁଣ

**ପ୍ରସ୍ତୁତି ପ୍ରଣାଳୀ:**

ଭେଣ୍ଡିର ମୁଣ୍ଡ କାଟି ଧୋଇ ରଖନ୍ତୁ । କରେଇରେ ତେଲ ଗରମ କରି ନରମ ହେବା ପର୍ଯ୍ୟନ୍ତ ଭେଣ୍ଡିକୁ ଭଜି ରଖନ୍ତୁ । ପ୍ୟାନରେ ତେଲ ଗରମ କରି ଫୁଟାଣ ଓ ଭୃର୍ସୁଙ୍ଗ ପତ୍ର ପକାଇ କଟା ପିଆଜ ଓ ଟମାଟୋ ପକାଇ ଭଜନ୍ତୁ । ତେଅ ଛାଡି ଆସିଲେ ଦହି, ଭଜା ବେସନ, ସୋରିଷ ବଟା, ଅଦା ଓ ରସୁଣ ବଟା, ଲୁଣ, ହଳଦି ପକାଇ ଅଳ୍ପ ପାଣି ଦେଇ ଫୁଟାନ୍ତୁ । ଫୁଟି ଆସିଲେ ସେଥିରେ ଭେଣ୍ଡି ପକାଇ ଅଳ୍ପ ଆଞ୍ଚରେ ପାଣି ମାରି ଦିଅନ୍ତୁ । ଏହି ଦହି, ଭେଣ୍ଡି ବେସରକୁ ଗରମଭାତ ସହିତ ପରଷନ୍ତୁ ।

ମହୁ, ଆଳି, କେନ୍ଦ୍ରପଡା

ISSN NO.
2582-208X

# ଆଞ୍ଚଳିକ

ISSN NO.
2582-208X

# କଥାନି -
# ମଙ୍ଗଲ୍ ସୂତା



ସତ୍ୟନାରାୟଣ ମିଶ୍ର

କାଁଏ ହିସାବେ ପଣ୍ଡିତ୍ ବୁଢା ବିହା ଜାତକ୍ ସୁଝାଲା ଯେ କିଏ ଜାନେ ! କେଡେ ଉଲେ ଦୁଲେ ବିହା ସିନେ ହେଲେ ମଧୁ ଆରୁ ମାଲତି, ହେଲେ ଇ ଦୁହିଁ ଙ୍କର୍ ମନ୍ ତ ମୁଟେ ନି ମିଲୁଥାଇ। କଥା କଥା ଥି ଝଗର୍, ଘିଚା ଟନା ଅହରହ । ଫିକା ଉଡ଼ା, ବଅନା ବିଖନା ଦାଂତ୍ ଚାବା ଚୁବି, ଖିଜିନି ରିଶିମି ହରମେସା ।

ଦୁହିଁ ଙ୍କର୍ ମନ୍ ମେଲ ନି ଖାଏ ବୋଲି ତ ଚାର ବଛର୍ ତଲେ ଦୁହେଁ ଦୁହିଁଙ୍କୁ ଛାଡ଼ ପତର୍ ଦେଇକରି କାହିଁ ଧୁରେ ରହୁଛନ୍ । କାହାରି ର୍ ଖବର ଜବର୍ କିହେ ନାଇଁ ରଖୁଥାଇ କି ଫୁନେ ବି କଥା ବାର୍ତା ନାଇଁ କରୁଥାଇ । ହେଲେ, ଆଜି ର୍ ମଧୁ ଫିରୁଥିଲା ତାର୍ ଅଫିସ ନୁ। ଦେଖଲା, ରୋଡ଼ ତରେ ମହିଲା ଟେ ମୂର୍ଚ୍ଛା ହେଇ ପଡିଛେ । ଗାଡି ଧକ୍କା ଥି ମୁଡ଼େ ପଥର ପିଟି ହେଇ ଯାଇଛେ ଯେ ରକତ୍ ସଲ ସଲ ଉହୁଲି ଆଉଛେ । ଅଟକି କରି ଦେଖଲା ମଧୁ । ଲେହେଁଟେଇ ଦେଖଲା, ସେ ମହିଲା ଝନକ୍ ମାଳତୀ । ଅଡୁଆ ଲାଗିଗଲା ମଧୁ କେ । ଭାବଲା "ଇନେ ଇ ଅବସ୍ଥା ଥି ଛାଡ଼ିଗଲେ ମୋର୍ ମୁନୁଷ ପନ ର୍ ହାର୍ ହେଇଯିବା, ଯେତେ ବଡ଼ ଶତ୍ରୁ ହେଲେ ବି ବିପତ ପଡିଥିବା ର୍ ଲୋକ କେ ସାହେଜ୍ କରବା ର୍ ମନୁଷ୍ ର୍ ଧରମ୍ । ଇତକେ ମୋର୍ ମାହେଜି ହିସାପେ ନ ହେଲେ ବି ଝନେ ଦର୍ ମରା ଟେ ଜଲଦି ଚିକିତ୍ସା ଚାହୁଁଥିବା ର୍ ଲୋକ ଟେ ବୋଲି ମେଡ଼ିକାଲ ପହଚାମି" । ମେଡ଼ିକାଲ ବେଡ଼ ନେ ଏଡ଼ମିଟ ହେଲା ମାଲ୍, ବନେ କେତେ ଘଣ୍ଟା ଉତୁରୁ ହୋସ୍ ଆସଲା କେ ଦେଖଲା ପାଖେ ଠିଆ ହେଇଛେ ତାର୍ ମୁନୁସ୍ ମଧୁ । ଦେଖିକରି ଛଲ ଛଲ୍ ହେଇଗଲା ଆଖିର ପାନୀ । ତାକେ ଯିଏ ଇନ ଏଡ଼ମିଟ କରିଛେ ସେ ମଧୁ ଏକା ।

ISSN NO.
2582-208X

ସୋର୍ କଲା ତାର ପଛର୍ କଥା ଯେତେ । ଜେନ୍ ମଧୁ କେ ଭଲ ନାଇଁ ପାଇ କରି ଛାଡ଼ ପତର ଯାକେ କଥା ଗଲା, ସେ ଆଜି ତାକେ ଜୀବନ୍ ଦାନ୍ ଦେଇ ଛନ୍ । ହେକେଇ ହେକେଇ କାନ୍ଦି ବସଲା ସେ ।

ମଧୁ ତାକେ ବୁଝେଇ କରି କହୁଥେ "ମେଡମ୍ ! ନିଜ କେ ସମ୍ଭାଲ । କାନ୍ଦୁଛ କାହିଁର୍ ଲାଗି। ତମେ ତ ଭଲ୍ ହେଇଗଲ ନ । ମୁଢ଼େ ପଟି ବନ୍ଧା ହେଲା କେ ବ୍ଲଡ଼ ବି ବଂଦ ହେଲା ନ । ଆରୁ ଚିନ୍ତା ନାଇଁ ନ, ବରଂ , ତମର୍ ହଜବେଣ୍ଡ ଙ୍କ ଫୋନ୍ ନମ୍ବର କହ ମୁଇ ତାଙ୍କୁ ଇଥାନ୍ କେ ଆ ସୁ ନ୍ ବୋଲି ଫୋନ କରମି "

ଆଉର୍ ଟିକେ ହେକେଇ କାନ୍ଦି କରି ମାଲତି କହୁଛେ" ମଧୁ ! ତମେ ତ ମୋର୍ ହଜବେଣ୍ । ମୁଇ ସେକେନ୍ ମେରେଜ୍ ନାଇଁ କରି । ଆମର ଭିତିରେ ଭୁଲ ବୁଝା ମନା ଥିଲା ବୋଲି ଛାଡ଼ ଛଡ଼ି ହେଇଗଲୁ, ସମିଆଁ ଖରାପ୍ ଚାଲିଥିଲା ବୋଲି ଏତେ ଦୂର କଥା ବଢ଼ିଗଲା । ହେଲେ, ତମେ ମୋର୍ ମନ ଭିତିରେ ସବୁବେଲେ ଅଛ ନ। ତମର ଲାଗି ମୁଇ ସେନ୍ଦୁର୍ ଟୀକା ମାଖୁଛେଁ। ତମେ ମୋର୍ ଲାଖ କାଁଚ । ତମର ସର୍ଦା ଦିଆ ମଙ୍ଗଲ୍ ସୁତା ଏବେ ବି ପିନ୍ଧିଛେଁ," ।

ତଂଡି କରି ଦେଖଲା ବେକ୍ ଖାଲି ଅଛେ । କାହିଁ ଗଲା ମୋର୍ ମଙ୍ଗଲ୍ ସୁତା ବୋଲି ଇଆଡ଼େ ସେଆଡ଼େ ଧୁଣ୍ଡେଇ ହେଲା ବେଲେ ହସି ହସି ମଧୁ କହେଲା "ତମର ଜିନିଷ ଟା ହେଦେ ମୋର୍ ହାତେ, ବେକୁ ଛିଡି କରି ପଡିଥିଲା ତମେ ମୂର୍ଚ୍ଛା ଗଲା ଠାନେ, ନିଅ" । ମାଳତୀ କହେଲା" ତମେ ? "ମୁଇ ବି ଏବ ଯାକେ ବିହା ନାଇଁ ହେଇ କାହାକେ" ମୁଡ ଗାଜି କରି କହେଲା ମଧୁ । ପିଠି ଦେଖେଇ କରି ମାଲତି କହେଲା ତମର ଉପହାର୍ କେ ତମେ ଆରୁ ଥରେ ମତେ ପିନ୍ଧେଇ ଦିଅ ମଧୁ ! ଆରୁ ଥରେ ଆମେ ନୁଆଁ ଜୀବନ୍ ମୂଲ୍ କର୍ ମା । ସେ ଜୀବନେ ଆରୁ ଝଗଡ଼ ଖିଚ ଖିଚା ନାଇଁ ଥାଏ ।ଥିବା ଖାଲି ସେନ ସର୍ଦା ଆରୁ ଭଲ୍ ପାଏବା ର୍ ।

ସିନ୍ଧେକେଲା ବଲାଙ୍ଗୀର
9583605915

ISSN NO.
2582-208X

# ମାନି ଗୁନି ଚଲ୍

ପ୍ରମୋଦ କୁମାର ସାହୁ

ପୁର୍ ଥି ଭିତ୍'ରେ ଜନମ୍ ହେଇଛୁ ରେ ମୁନୁଷ୍
କର୍'ସୁ କେତେ ଜେ ଟାନ୍
ନିଜର୍ ନୁହେଁ ସେ ତୋର୍ ଧନ୍ ଯଉବନ୍
ଅଲ୍'ଗେ ଅଛେ ତୋର୍ ଠାନ୍ ।

ଅସତିଆ ହେଇ ଦାନା ନାଇଁ ମାର୍
ନାଇଁ ମାର୍ ଲୁକର୍ ପେଟେ
ଆଏଜ୍ କହୁଛୁ ମୋର୍ ସବୁ ବୋଲି
କାଏଲ୍ ନାଇଁ ଥାଏ ତୋର୍ ହାତେ ।

ସତର୍ ହାଟ୍'କେ ଯା ଘାଏ ବୁଲି
ଘିନି ଆନ୍'ବୁ ସତ୍ ଫଲ୍
ଅସତିଆ ଠାନେ ଗୁରେଇ ହଉଛୁ ଯେ
ହେଇ କେତେ କଲ୍ ବଲ୍ ।

ହାଫ୍ ସି କେଚ୍ ଡେଇ ହେଇ ପଡ୍'ଲେ ଜାନ୍'ବୁ
ମିଛର୍ ଦରଦ୍ ଟା କେତେ
ଛାଡି ଜିବା ଲୋଭ୍,ହିଁସା,ଅହଁକାର୍
ଭାଲୁ ଥିବୁ ମଲା ପତେ ।

ସତ୍ କରମ୍ କରି ଖାଏବୁ ମୁଠେ ତୋର୍
ଟୁଣ୍ କେ ଲାଗ୍ ବା ପଏର୍ଛା

ISSN NO.
2582-208X

ଡରା ଧୁପା କରି ଜେତେ ଅର୍ଜିଲା ଧନ୍
ଲାଗ୍'ସି ସେ ଧନେ ମୁର୍ଚ୍ଚା ।

ଏନ୍ତା ସମିଆ ଘାଏ ଆଏବା ବାବୁ ରେ
ନାଇଁ ହଅ ହର୍ ବର୍
ତର୍ ନିଜର୍ କୁଟୁମ୍ ତତେ ଛାଡିଦେବେ
ହେଇ ଯିବୁ ତୁଇ ପର୍ ।

ସମିଆ କହାକେ ଟାକି ନାଇଁ ରହେ
ତାର୍ ବାଟେ ଯିବା ଚାଲି
ପର୍'କୁତ୍ ମୁନୁଷ୍ ତୋ ଦୁଖ୍ ଦୁର୍ଦ୍ଦଶା ସହି
ସଂସାର ଭିତରେ ପାର୍'ସି ଚଲି ।

ସେନେହ ସର୍'ଧା ମାଏନ ଗୁନ୍ ଟା
ମୁନୁଷ'ର୍ ବଡ୍ ଧନ୍
ମିଶି ଭିରି କରି ଚଲି ଜାନ୍'ଲେ
ଉନା ନାଇଁ ହୁଏ ପନ୍ ।

ସତ୍ କରମ୍ କରି କର୍ ଉପ୍ କାର୍
ଶେରେଷ୍ଠ୍ ଜୀବନ୍ ପାଇଛୁ ତୁଇ
ଉଁଚା ଠାନ୍ ଦିନେ ପାଏବୁ ରେ ମୁନୁଷ୍
ଇ ପୁର୍'ଥି ଭିତ୍'ରେ ନ ଥାଇ ।

ଭେଇରମୁଣ୍ଡା, କର୍ଲାମୁଣ୍ଡା, ଜି-କଳାହାଣ୍ଡି
ମୋ- ୭୩୭୯୦୮୧୫୧୬

ISSN NO.
2582-208X

# ଆଏଲା ବୋଲି ଭୋଦୋ



ପ୍ରଭାତୀ ହୋତା

ସାଗୁଆ କ୍ଷେତ୍ ମୁଲକି ମୁଲକି ହସୁଛେ
ଚାଷୀ ର ମନ୍ ଉସତ୍ ଗହକି ହେଉଛେ
ଶାଗୁଆ ଶାଢ଼ୀ ପିନ୍ଧିକରି
ଧରତୀ ରାନୀ କେଡେ ସୁନ୍ଦର ଦିଶୁଛେ
ଆଏଲା ବୋଲି ଭୋଦୋ.........
ନୂଆକୁଣାଁ ର ଭୋଗଲାଗି
କୁଲା ଟୁପା ଚଙ୍ଗ ଭୁର୍କି
ଘର୍ ଦୁଆର୍ ଲିପାପୋଛା ଚାଲିଛେ
ଆଏଲା ବୋଲି ଭୋଦୋ........
ଗଣେଶ ଚଉଠି ନୁଆଁଖାଇ ର
ଘିନା ବିକା ଚାଲିଛେ
ଦୁକାନ୍ ବଜାର୍ ଗଲି କନ୍ଦି
ଭିଡ୍ ଭଡକା ଲାଗିଛେ
ଆଏଲା ବୋଲି ଭୋଦୋ..........
ନୁଆଁଖାଇ ର ଲଗନ୍ ଉଧେ
ବଢେ ଶରଧା ଲାଗୁଛେ
ଘି ସରସର ଅରସା ପିଠା
ଖଜା ଗଜା କେଡେ ମିଠା
ଘରେ ଘରେ ଚୁନା କୁଟା ଚାଲିଛେ

ISSN NO.
2582-208X

ଆଏଲା ବୋଲି ଭୋଦୋ..........
ମିତ୍ ଗୋତ ବନ୍ଧୁ ବରଗ୍
ମେନମେନସା କେତେ ଦରବ୍
ଘର କେ ଘର ପରା ପାଟି
ମିତ ସରା ପରବ ଚାଲିଛେ
ଆଏଲା ବୋଲି ଭୋଦୋ.......
ଗହଗହ ମହମହ
ଗାଁ ନୁ ସହର ଲାଗୁଛେ
ମନ୍ଦାରଫୁଲ୍ ଦହନା ମାଲେ
ସମଲେଇ ମାଁ ସଜେଇ ହେଉଛେ
ଆଏଲା ବୋଲି ଭୋଦୋ.......

ସାଗୁନଭଡି, ନୂଆପଡା

ISSN NO.
2582-208X

# ନୂଆଁଖାଇ ତିହାର୍



ଦେବାର୍ଚ୍ଚନ ମେହେର

ଭୁଦୋ ମାସର ଶୁକ୍ଳ ପକ୍ଷ
ପଞ୍ଚମୀ ତିଥି ନେ,
ନୂଆଁଖାଇ ମାନସନ୍
କେତେ ଗହ ଗହ ମନେ।।

ବଡ଼ଖା ତିହାର୍ ଆଏଁ ସତେ
ନୂଆଁଖାଇ ପରବ ପଛିମ୍ ଓଡ଼ିଶାର,
ଇ ଦିନେ ବଡ଼ ବଡ଼ଖାଁର
ପାଦ ଧରି କର୍ଶୁଁ ଜୁହାର।।

ଆସିଛେ ନୂଆଁଖାଇ ପରବ
ବଛର୍ କେ ଥରେ,
ଘରର ସପରିବାର ଗୁଟେ ଠାନେ ବସି
ନୂଆଁ ଖାଏମା ରେ।।

ଯିଏ ଜେନେ ଥିଲେ ଭି ଆଏସନ୍
ଇ ନୂଆଁଖାଇ ତିହାର୍ ଦିନ,
ଯେତେ ରାଗ ରିଷା ଥିଲେଁ ବି
ସବୁ ଭୁଲି କରି ହେସନ୍ ମିଳନ।।

ଜିଁ ଥିବାର ତକ୍ ବବା କକା ଭାଇ ଭାଇ
ସଭେଁ ମିଶି କରି ରହେମା,
ହିଂସା ହଂକାର ଛାଡ଼ି ଆମେ
ମିଶି କରି ନୂଆଁ ଖାଏମା।।

ଗ୍ରାମ - ବାପୁଜୀନଗର
ଜିଲ୍ଲା - ବୌଦ୍ଧ
ମୋ - ୭୮୯୪୩୪୩୫୫୨

ISSN NO.
2582-208X

# ଆମର ତିହାର
# ନୂଆଖାଇ

ପ୍ରକାଶ ମେହେର

ଗହ ଗହ ହେଇ ଆସି ଜଉଛେ
ଆମର୍ ଶିଘା ତିହାର୍
ଯେ ଜେନ ଥି ସୋର୍ କରି ଥିବ
ଆସବ୍ ଘରଦୁଆର୍ ।

ଘର ଦୁଆର୍ ଲିପା ପୁଛା କର୍ ବ
କପଡ଼ା ଲତା ସଫା
ସବୁ ଜିନିଷ ଲାଗ୍ବା ନୂଆ ନୂଆ ଟା
ଜୁନା ଜିନିଷ୍ କେ ହଟା ।

କପ୍ ଡା ଲତା, ପୂଜାଖନ୍ଜା ଆର୍
ତୁନ୍ ଶାଗ ସବୁ ଘିନ୍ ବୁ
ସୋର୍ କରି କରି ସରେଇ କୁଲା
ମନେରଖି ବାବୁ ଆନବୁ ।
ମିତା ମାର୍ ଶାଦ ସାଙ୍ଗ ସର୍ ଶା
ତିହାରି ଦିଆ ଅନା
ପୁର୍ ବ କାଲୁ ଚଳି ଆସୁଛେ ହୋ
ଇଟା ସମ୍ କୁ ବୋ ଜନା ।

ପଶ୍ ଚିମ୍ ଉଡିଶାର ବଡ୍ଖା ପରବ
ନୂଆଖାଇ ଆମର୍ ବଡ୍
ହେତୁ ରଖି କରି ଗୁଟେ ଠାନେ ସଭେ
ପାଲ୍ ମା ଇ ପରବ୍ ।

ଭୁଦୋ ମାସେ ଦେଖ୍ ସରିଆଁ ଧାନ୍
ମହ ମହ ବାସେ ଜହ
ମା ସମଲେଇ ନ ନୂଆ ଲାଗ୍ ବା
ଜାନିଛ ହୋ ସଭେ କହ ।

ପହେଲା ଧାନ୍ର ପହେଲା କେନ୍ଣା
ପୂଜା କରି କିନା ଆନ୍ ବୁ
ଘରର୍ ଦେବା ଦେବୀ କୁଠି ନେ
ଭୋଗ ବନେଇ ବାଢ ବୁ ।

ନୂଆ ଧାନର୍ ହୋ ନୁଆ କୁଣାଚୁରା
ପହେଲା ଆମର୍ ଅରନ୍
ସମଲେଇ ମା ନ ଭୋଗ ବଢ଼ା ମା
ପାଦେ ତା'ର କୋଟି ସରନ୍ ।

ISSN NO.
2582-208X

ଭଲେ ଭଲେ ମା ସମ୍ କୁ ରଖ ଗୋ
ଛତର୍ ଗୁରେଇ କରି
ତୋର୍ ଛୁଆ ଆମେ ମୁନୁଷ୍ ଜାତି ଗା
ଦେ ମା ସୁଖ୍ ସୁଫଲ୍ ଭରି ।

ଦଶ୍ ପରକାର ର୍ ପିଠା ମଡ଼ା ସାଙ୍ଗେ
କ୍ଷିରି ଟିକେ ରାନ୍ଧବୁ
ସବୁ କେ  ଭିନେ ଭିନେ ଠାନ୍ କରି
କୁରେ ପତ୍ରେ ବାଢ ବୁ ।

ଘରର୍ ମୁଖିଆ ବଡ୍ ଖା ଲୋକ ଆଏ
ପୂଜା ପାଠ କର୍ ବା
ଖେତ ଖଲିଆ ମା ମାଏଟ୍ କେ ଗା
ଗୁରସ୍ ଧୂପ ଚଢ଼ା ବା ।

ନୂଆଖାଇ ସାରି ଦେବା ଦେବୀ କେ
କର୍ ମା  ଆମେ ଜୁହାର
ଭଲେ ଭଲେ ମା ରଖି ଥିବ ଗୋ।
ସମଲେଇ ଜଗତ୍ ଭାର ।

ଘର୍ ଘର୍ ବୁଲି ଜୁହାର୍ କର୍ ମା
ବଡ଼ ବଡ଼ ଲୋକ୍ କେ
ସାନ ସୁଜନ୍ କେ ଆର୍ଶିବାଦ୍ ଦେମା
ଛୋଟ୍ ନି ଭାବି କେ ।

ବରଷ କ ଥରେ ଆସି ଥିସି ତିହାର୍
ସମକୁ ମୋର ଜୁହାର୍
ନୂଆଖାଇ ଆମର୍ ଶିଘା ପରବ
ଆମର ବଢେ ବେଭାର୍ ।

ଚାଷି ପୁଓର ଆନନ୍ଦ୍ ଆଏ ଚାଷ
ଇଟା ତା'ର ସାଫୁଲ୍
ବନେ କରି ଚାଷ ହେବା ବଲି ଆଶ୍
ଚଷା ହସେ ମୁଲ୍ ମୁଲ୍ ।

ଦୀପ ଧୂପ ସଲ୍ ତା ଜାଲି ଗୁଟେ ଠାନେ
ନୂଆ ଖାଏମା ହସି ହସି
ବରଷ୍ ମୁଢ଼େ ଥରେ ଆଏସି ପରବ୍
ନାଇଁ ଯିବ କେବେ ଭୂଲି।

କୁଲିଆବାହାଲ , ଦେଓଗାଁ
ବଲାଙ୍ଗୀର

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# କାଙ୍କଡ଼ କଷି



ଡ଼ଃ ରଞ୍ଜିତ କୁମାର ସାହୁ

ଝୁନୁ ବାପା ମାଆ ଙ୍କ ସହ ତାଙ୍କର ଚାଷ ଗାଁଆକୁ ଯାଇଥାଏ । ଏଥର ବର୍ଷ ଦିନରେ ପ୍ରଥମ ଥର ପାଇଁ ଗାଆଁକୁ ଯିବାର ସୁଯୋଗ ମିଳିଥିଲା । ବର୍ଷାରେ ଗାଆଁର ଶୁଖିଲା ଧୂସର ଧରଣୀ ପାଲଟି ଯାଇଥିଲା ସବୁଜ ସୁନ୍ଦର । ଗାଁଆରେ କାକା ତାଙ୍କର ପରିବାର ସହ ରୁହନ୍ତି ଆଉ ସବୁ ଚାଷ ବାସ କାମ ଦେଖନ୍ତି । ତାହା ବ୍ୟତୀତ ଜେଜେମା ବାଡ଼ିରେ ମଧ୍ୟ ଅନେକ ପନିପରିବା ଲଗାନ୍ତି । କାକାଙ୍କର ଝିଅ ରୁନୁ ଝୁନୁର ଘନିଷ୍ଠ ସାଙ୍ଗ । ତାକୁ ବାଡ଼ି ଆଡେ ବୁଲେଇବାକୁ ନେଇଗଲା । ଗୋଟିଏ ସ୍ଥାନରେ ରଞ୍ଜା ଦେଇ ଗୁଡ଼ାଏ ଲତା ମଡ଼ା ହେଇଥିଲା। ପାଖକୁ ଯାଇ ଝୁନୁ ଦେଖିଲା ଛୋଟ ଛୋଟ କଂଟାଳିଆ ଆକାରର ଅନେକ କଷି ଧରିଛି । କିଛି ସମୟ ଦେଖିଲା ପରେ ଝୁନୁ ଚିହ୍ନି ପାରିଲା ଆଉ ତାହାର ପାଟିରୁ ବାହାରିଗଲା, "ଇସ୍ କେତେ ବଢିଆ ଦିଶୁଛି ଛୋଟ ଛୋଟ କାଙ୍କଡ଼ ସବୁ, ମୋର ମଧ୍ୟ ଇଛା ହେଉଛି ଲତାଟିଏ ଆମ ବାଡ଼ିରେ ଲଗେଇକି ସେଥିରୁ କାଙ୍କଡ଼ ଫଳିଲେ ମୁଁ ଖାଆନ୍ତି," ଝୁନୁ କହିଲା ।



ISSN NO.
2582-208X

"ଏବେ ତ ମଞ୍ଜି ନାହିଁ, କଷି ହେଇଛି, ତୁ କେମିତି ନେବୁ ? " ରୁନୁ କହିଲା ।

ଏତିକି ବେଳେ ରୁନୁର ଜେଜେମା ବାଡ଼ିକୁ ଆସି ଗଲେ । ଟିକିଏ ଦୂରରେ ଥିବା ଆଉ ଗୋଟିଏ କାଙ୍କଡ଼ ଲତା ତଳକୁ ଖୋଳି ସେଥିରେ ଥିବା କନ୍ଦା ବାହାର କରିବାକୁ ଲାଗିଲେ । କୌତୁହଳ ହୋଇ ଝୁନୁ ପଚାରିଲା "ଜେଜେମା କଣ କରିବ କନ୍ଦା ?"

"ଏଇଟାକୁ ଭାଗ ଭାଗ କରିକି ଲଗେଇବି । ତୁ ମଧ୍ୟ କିଛି ନେଇକି ତୁମ ବାଡ଼ିରେ ଲଗେଇ ପାରିବୁ । କାଙ୍କଡ଼ କେବଳ ମଞ୍ଜି ଦ୍ୱାରା ନୁହେଁ, ଡୁଆ ଆଉ କନ୍ଦା ଦ୍ୱାରା ମଧ୍ୟ ରୋପଣ କରା ଯାଇ ପାରେ ! ଜହ୍ନି, କାକୁଡି, କଖାରୁ, ପରିବାରର ହୋଇଥିଲେ ମଧ୍ୟ ଅନ୍ୟ ଲତା ଗୁଡିକ ଠାରୁ କାଙ୍କଡ଼ ଟିକିଏ ଭିନ୍ନ । ଏଥିରେ ମାଇ ଫୁଲ ଆଉ ଅଣ୍ଡିରା ଫୁଲ ଅଲଗା ଅଲଗା ଲତାରେ ହୋଇଥାଏ,", କହିକି ଜେଜେମା ଝୁନୁକୁ କାଙ୍କଡ଼ ଲତା ଗୁଡିକ ମଝିରେ ଥିବା ଲତାଟିକୁ ଦେଖେଇଲେ ଯେଉଁଥିରେ କେବେଳ ଫୁଲ ଥିଲା କିନ୍ତୁ ଗୋଟିଏ ମଧ୍ୟ କଷି ନଥିଲା ! ଜେଜେମା ଝୁନୁକୁ ଗୋଟିଏ ଥଳିରେ କିଛି କନ୍ଦା ଧରେଇ କହିଲେ," ଏଇଟା ତିନି ଚାରି ଜାଗାରେ ପୋତିବୁ, ଏଇଟା ମାଇ ଲତାର କନ୍ଦା ।

ପୁଣି ଅନ୍ୟ ଏକ ଥଳିରେ ତିନିଟି କନ୍ଦା ଧରେଇ କହିଲେ, "ଏଇଟାକୁ ମଝିରେ ପୋତିବୁ । ଏଇଟା ଅଣ୍ଡିରା ଫୁଲ ଦେବ ଆଉ ମହୁମାଛି ପ୍ରଜାପତି ସାବୁ ଆସି ଏଥିରୁ ପରାଗ ନେଇ ମାଇ ଫୁଲରେ ବୋଳିବେ । ସେଥରୁ ଭଲ କାଙ୍କଡ଼ ହେବ ।"

ଝୁନୁ ଖୁସିରେ କନ୍ଦା ଗୁଡିକ ନେଇ ଧନ୍ୟବାଦ ଜଣେଇ ଘର ଭିତରକୁ ଚାଲିଗଲା ।

ବାପା କାଙ୍କଡ଼ କନ୍ଦା ଦେଖିକି ଖୁସି ହେଇଗଲେ ଓ କହିଲେ, "ଠିକ ଜିନିଷ ଟା ଆଣିଛୁ, ଏଥର ଆମେ ଆମ କ୍ୱାଟର ବାଡ଼ିରେ ଏହାକୁ ଲଗେଇବା । ସହରରେ ଅଳ୍ପ ସ୍ଥାନ ଥିଲେ ମଧ୍ୟ ପନି ପରିବା ଚାଷ କରିବାର ମଜା ଅଲଗା ଆଉ ସତେଜ ପରିବା ଦେହ ପାଇଁ ବହୁତ ଭଲ ।"

ISSN NO.
2582-208X

"ଏଇଟା ତ ଆଜି କାଲି ବଜାରରେ ବହୁତ ମିଳୁଛି, ଆଉ କିଛି ଅନ୍ୟ ପ୍ରକାରର ମଧ୍ୟ ମିଳୁଛି ଯାହା ଦେଖିବାକୁ ବହୁତ ବଡ," ଝୁନୁ କହିଲା I

"ହଁ କିନ୍ତୁ ଏଇଟାର ସ୍ୱାଦ ନିଆରା I ବୋଉ ସେଥି ପାଇଁ ଏହାକୁ ଲଗାଏ ଆଉ ମୁଁ ଯଦି ଆସେ ମୋତେ ଦେଇଥାଏ," ବାପା କହିଲେ I

"ଓଃ ! ତାହା ହେଲେ ତୁମେ ଏଠାରୁ ନେଇକି ଆସୁଥିଲା, ଯାହାକୁ ବୋଉ ଚିପ୍ସ କରୁଥିଲା ଆଉ ତରକାରୀ ମଧ୍ୟ I ଥରେ ତ ଗୁଡ ଆଉ ତେନ୍ତୁଳି ଦେଇକି ଖଟ୍ଟା ମଧ୍ୟ କରିଥିଲା," ଝୁନୁ କହିଲା I

"ଆଜି କାଲି କାଙ୍କଡ଼ ବହୁତ ଲୋକପ୍ରିୟ ହେଇ ଅଛି ତେଣୁ ଅଧିକ ମିଳିବାରେ ଲାଗିଛି I ଅନେକ କିସମର ମଧ୍ୟ ଦେଖିବାକୁ ମିଳୁଛି I ଉଦ୍ଭିଦ ବିଜ୍ଞାନୀ ଏହାକୁ କଲରାର ନିକଟସ୍ଥ ସଦସ୍ୟ ଭାବନ୍ତି ଯଦିଓ ଏହା ସେତେ ପିତା ନୁହେଁ I ତଥାପି କାଙ୍କଡ଼ ବିଭିନ୍ନ ରୋଗରେ ଉପକାରୀ ହେବାର ମାନ୍ୟତା ଅଛି I ଏହା ରକ୍ତଚାପ ହ୍ରାସ କରିବାରେ ସାହାଯ୍ୟ କରେ ଏବଂ ଓଜନ କମେଇବାରେ ସହାୟକ ହୁଏ I ଏଥିରେ ଥିବା ଭିଟାମିନ "ଏ" ଆଖି ପାଇଁ ଲାଭକାରୀ ହୋଇଥାଏ I ଏହା ଚର୍ମ ପାଇଁ ମଧ୍ୟ ହିତକାରୀ I ଏଥିରେ ବହୁତ ପରିମାଣରେ ଜଳୀୟ ଅଂଶ ଥିବାରୁ ଖରା ଦିନ ଲାଗି ଉପଯୁକ୍ତ I ଏହାର ସେବନ ବୃକକକୁ ସୁସ୍ଥ ରଖିଥାଏ ଏବଂ ମଧୁମେହ ରୋଗୀଙ୍କ ପାଇଁ ମଧ୍ୟ ଉପକାରୀ I ଆମ ଦେଶରେ ଅନେକ କାଳରୁ ଏହାକୁ ପରିବା ଏବଂ ଔଷଧ ଭାବରେ ବ୍ୟବହାର କରିବାର ବର୍ଣ୍ଣନା ରହିଛି I ଏଥର ଆମେ ମଧ୍ୟ ଲଗେଇବା ଆଉ ଫଳ ହେଲେ ରୋସେଇ କରିବା, "ବାପା କହିଲେ I

ବୋଉ କହିଲେ 'ହଁ ସହରରେ ମାଙ୍କଡ଼ ଆସି କାଙ୍କଡ଼ ନ ଖାଇଲେ ହେଲା," ସମସ୍ତେ ହସିଲେ I

ବାପା ବୋଉ ଘରକୁ ଫେରିବାକୁ ପ୍ରସ୍ତୁତ ହୋଇ ସାରିଥିଲେ I ଝୁନୁ ମଧ୍ୟ ତତ୍ପର ଥିଲା ଘରକୁ ଯାଇ ତାହାର ବାଡ଼ିରେ କାଙ୍କଡ଼ କନ୍ଦା ଗୁଡ଼ିକ ପୋତିବା ଲାଗି I

ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# କହିଲ ଦେଖି



ଅମରନାଥ ବାରିକ

ଝୁଣା ଲାଖ କାଠ ପଟା ଦବାଇ
ପାଇଥାଉ ଆମେ ସବୁ ତା' ପାଇଁ
ରୋଷେଇ ପାଇଁକି ଦିଅଇ ଜାଳ
ଖାଇବାକୁ ପୁଣି ମଧୁର ଫଳ
ଖରାବେଳେ ଦିଏ ଛାଇ ଯୋଗାଇ
କହି କି ପାରିବ ତା' ନାମ ଭାଇ ?
(ଉ: ଗଛ )

ଛେନା ଘିଅ କ୍ଷୀର ଲବଣୀ ଦହି
ମିଳେ ସେ ନିରୀହ ପ୍ରାଣୀଟି ପାଇଁ
ତା' ଗୋବର ଆଣି ଲିପୁଛେ ଘର
କ୍ଷେତ ପାଇଁ ଏହା ଅଟଇ ସାର
ଘାସ କୁଟା ଖାଏ ସେହି ପ୍ରାଣୀଟି
କିଏ ଜାଣିଅଛ ତା'ର ନାମଟି ?
(ଉ: ଗାଈ )

ମନ ଜାଣି ଦିଏ ଖାଇବା ବାଢ଼ି
ଗେଲ କରେ ଯେବେ ହେଉ ଅତାଡ଼ି
ପଣତ ଧରି ତା' ବାଟ ଚାଲିଛୁ
ସେନେହ ମମତା ସବୁ ପାଇଛୁ

ISSN NO.
2582-208X

ଜନମ ଦେଇଛି ଆମକୁ ସିଏ
କୁହ ପିଲେ ସେହି ଦେବୀଟି କଏ ?
(ଉ: ମା')

ତା' ଉପରେ ବସବାସ କରୁଛୁ
ତାକୁ ଖୋଳଦେଲେ ପାଣି ପାଉଛୁ
ତା' କୋଳରେ ହୁଏ ଶସ୍ୟ ଅମଳ
ତା ବକ୍ଷରେ ଅଟେ ସମସ୍ତ ମୂଳ
ତା'ର ଅନ୍ୟ ନାମ ଧରଣୀ ମାଆ
କୁହ ଏବେ କସ ତାହାର ନାଆଁ ?
(ଉ: ବସୁଧା)

କଯ୍ଯାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

ISSN NO.
2582-208X

# ବାଘମାମୁଁ



ମୀନାକ୍ଷି ପାଢ଼ୀ

ବାଘମାମୁଁ ପରି ମାମୁଁ ଟେ ସାଙ୍ଗ ମୁଁ
ଦେଖିନାହିଁ କାହିଁ ଦେଖିତ ନାହିଁ,
ବଣ ରାଇଜର ରାଜା ପରା ସିଏ
ତା'ପରି ସାହସୀ କେହିବି ନାହିଁ।

ଗୁରୁ ଗରଜନ ଥରାଇ ଦିଏ ତା
ଗଗନ, ପବନ, ଦିନ କି ରାତି,
ପାଦ ଥାପି ଥାପି ଚାଲୁଥାଏ ଯେବେ
ଦୁଲୁକାଇ ଦିଏ ଟାଣୁଆ ଛାତି।

ନାକ ତଳେ ନିଶ ଝୁଲାଇ ରଖିଛି
ରାଜା ପରି ତା'ର ଚେହେରା ଗୋଟି,
ହଳଦିଆ ରଙ୍ଗ ଦେହରେ ମାଖି ସେ
କଳା କଳା ଦାଗ ଦେଇଛି ଛାଟି।

ଝାମ୍ପି ପଡ଼ି ସିଏ ଶିକାର କରଇ
ତଣ୍ଟିକୁ କାମୁଡ଼ି ରକତ ପିଏ,
ମାଉଁସ ଛଡ଼ା ଖାଏନା ଆଉ କିଛି
ଫୁଲ, ଫଳ, ଘାସ, ପତର ସିଏ।

ଭାରୀ ନଡ଼ର ସେ କାହାକୁ ଡରେନା,
ବୁଲୁଥାଏ ସାରା ବନ ରାଇଜ,
ହନୁ ମଉସା ଟି ବଡ଼ ଚଗଲିଆ
ଗଛ ଡାଳେ ଥାଇ କରେ ମଉଜ।

ଯେତିକି ବଳୁଆ ସେତିକି ଲଢୁଆ
ରାଜକୀୟ ଠାଣି, ଚାହାଣୀ ତା'ର,
ମାମୁଁ ରାଜା ବୋଲି ମାମୁଁ ଘର ବୁଲି
ଛୁଟିରେ ଯିବାରେ ହୁଅ ତିଆର।

ଶିକ୍ଷୟିତ୍ରୀ, ଚକଟୀ, ଗଞ୍ଜାମ

ISSN NO.
2582-208X

# ଆହାନ୍ ପାଇଁ ନାନାବାୟା



ନୀଳମଣି ଚାନ୍ଦ

ହେଲେ ଗ୍ଧରିଟା ବେଳ
ଆହାନ୍  ଆମ ପାର୍କ ଯାଇ
ଖେଳେ ସେ କେତେ ଖେଳ।

ଲ୍‌ଗିଲେ ଟିକେ ଥକ୍କା
ସାଙ୍ଗକୁ କହେ ଦୋଳ ଖେଳବା,
ଖେଳବା  ଉଠାପକା।

ସାର୍ ପାର୍କ ବୁଲି
ଦେଖେ ସେ କଏ ମାରଇ ମଜା
ଦୋଳରେଝୁଲି ଝୁଲି।

ଖେଳ ବେଳରେ ଖେଳ
ଖେଳ ସରିଲେ ସିଏ ତ କହେ
ଏବେ ପଢ଼ିବା ବେଳ।

ଖେଳ ଦେହକୁ ହିତ
ଆମକୁ ସିଏ ରଖେରେ ତାଜା
ପ୍ରଫୁଲ୍ଲ କରେ ଚତ୍ତ।

କେ ଖେଳେ ଘରେ ରହି
କେଉଁ ଖେଳକୁ ପଡ଼ିଆ ଲୋ୍‌ଡ଼।
ଅଜା ତ ଦେବେ କହି ।

ତୁମ ଭିତରୁ କଏ
'ଧ୍ୟାନଗ୍ଧନ୍ଦ' ଙ୍କ 'ସାନଆ' ହେବ
ଆର୍ଶ୍ଚର୍ଯ୍ୟ ନୁହଁ ଇଏ ।

ଖେଳରେ ଲକ୍ଷ୍ୟ ଯା'ର
ଦିନ ଆସିବ ମିଳ ବି ପାରେ
ଅର୍ଜୁନ ପୁରସ୍କାର।

ଆ' ଆହାନ୍ ଆ
ଖେଳ ସରିଲ୍, ପଢା ସରିଲ୍
ନାଚ ଯା' ଧିନ ଧା।

୨୭ ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯.
ମୋ: ୯୫୮୩୨୦୨୩୫୭

ISSN NO.
2582-208X

# ଟିକି ଚଢେଇର ଚିତ୍କାର



ପ୍ରଶାନ୍ତ କୁମାର ନାଥ

ଖୁବ ସୁନ୍ଦର ଜଙ୍ଗଲ ଟିଏ ଥିଲା ସେ ଜଙ୍ଗଲରେ ଅନେକ ପଶୁ ପକ୍ଷୀ ବାସ କରୁଥିଲେ। ଧିରେ ଧିରେ ସେ ଜଙ୍ଗଲକୁ କାଟି ମଣିଷ ଜନବସତି କରିନେଲେ। ସେ ଜଙ୍ଗଲରେ ଥିବା ପଶୁ ପକ୍ଷୀଙ୍କ ସଂଖ୍ୟା ମଧ୍ୟ କହିବାକୁ ଲାଗିଲା। ଅଳ୍ପ କିଛି ଅଂଶ ଜଙ୍ଗଲ ଜମି ରହିଥିଲା, ଯେଉଁଥିରେ ରହିଥିଲା ବଡ଼ ବଡ଼ କିଛି ଗଛ ସେଇ ଗଛରେ ରହୁଥିଲେ କିଛି ପକ୍ଷୀ। ସେଠି ଗୋଟେ ବହୁତ ପୁରୁଣା ଲିମ୍ବଗଛ ଥିଲା । ସେଇ ଲିମ୍ବ ଗଛରେ ବସା ବାନ୍ଧି ରହୁଥିଲା ଗୋଟିଏ ବଣି ଚଢ଼େଇ। ତା'ର ଗୋଟାଏ ଛୋଟ ଛୁଆ ବି ଥିଲା। ବଣି ଛୁଆ ଜନ୍ମ ଦେଲା ପରେ ତାକୁ ଖୁବ୍ ଆଦର ଯତ୍ନରେ ଲାଳନପାଳନ କରୁଥାଏ। ମା ବଣି ବେଶି ଦୂର ବାଟକୁ ଖାଦ୍ୟ ଆଣିବାକୁ ଯାଏ ନାହିଁ। ସେଇ ଆଖପାଖରୁ ଖାଦ୍ୟ ସଂଗ୍ରହ କରି ସଅଳ ଫେରିଆସେ। ମା ଓ ଛୁଆ ଖୁବ ଆନନ୍ଦରେ ରହୁଥିଲେ। ବଣି ଛୁଆର ଡେଣା ରେ ପର ଲାଗିଯାଇଥାଏ। ତା'ର ଡେଣା ଧିରେ ଧିରେ ମେଲି ଉଡ଼ିବାକୁ ଚେଷ୍ଟା କରୁଥାଏ। ମା ବଣି ଛୁଆର ଡେଣା ଲାଗି ଯିବାର ଦେଖି ମନେ ମନେ ଖୁବ ଖୁସି ହେଉଥାଏ। ଆଉ ଅଳ୍ପ ଦିନ ପରେ ଛୁଆ ତା'ର ଖୋଲା ଆକାଶରେ ଉଡି ବୁଲିବ । ତା'ର ଏବେ ଦୁଃଖ ଗଲା।

ଏମିତି ଏକ ଦିନେ ମା ବଣି ବସାରେ ନଥାଏ। ଖାଦ୍ୟ ଆଣିବାକୁ ଯାଇଥାଏ ଟିକେ ଦୂରକୁ। ଅଚାନକ କିଛି କାଠୁରୀଆ ସେଠାରେ ବହଞ୍ଚି ଗଲେ। ସେ ଲିମ୍ବ ଗଛକୁ ଦେଖି ବିଚାର କଲେ କାଟିବା ପାଇଁ। ବଣିଛୁଆ ସେମାନଙ୍କୁ ଦେଖି ଡରିଗଲା। ସେ ତ ଠିକ୍ ଭାବରେ ଉଡ଼ି ପାରୁନଥିଲା ସେ କ'ଣ କରିବ! କାଠୁରୀଆ ସେ ଗଛକୁ କାଟିବା ଆରମ୍ଭ କଲେ। ବଣିଛୁଆ ଚିତ୍କାର କରି ତା ମା କୁ ଡାକୁଥାଏ ମା ମୋତେ ରକ୍ଷା କର...ହେଲେ ମା ସେଦିନ ବହୁତ

ISSN NO.
2582-208X

ଦୂରକୁ ଚାଲି ଯାଇଥାଏ। ଚାହୁଁ ଚାହୁଁ ଗଛଟିକୁ କାଟି ଧରାସାଇ କରିଦେଲେ କାଠୁରୀଆ। ବଣି ବସାଟି ଗଛରୁ ଛିଟିକି ପଡିଲା ବହୁ ଦୂରକୁ। ବଣି ଛୁଆବି ତଳେ ପଡି ଯୁଝୁଥିଲା ମରଣ ସହିତ ବଞ୍ଚିବାକୁ ଚେଷ୍ଟା କରୁଥିଲା। ହେଲେ ହାରିଗଲା ବଣିଛୁଆ ମରଣ ପାଖରେ। ଚାଲିଗଲା ତା'ର ଜୀବନ।

କିଛି ସମୟ ପରେ ମା ବଣି ଥଣ୍ଟରେ ଖାଦ୍ୟ ଧରି ଖୋଜୁଛି ନିଜର ବସାକୁ ଓ ତା'ର ଆତି ଆଦରର ଛୁଆକୁ! ପାଉନାହିଁ ତା'ର ଗଛ! କିଛି ସମୟ ଖୋଜି ଖୋଜି ପାଇଲା ତା ବସା ଅବଶେଷକୁ ହେଲେ ଛୁଆ କାହିଁ? ଦେଖିଲା କିଛି ଦୂରରେ ତା ଛୁଆ ମରି ପଡିଛି। ମଥା ପିଟି କାନ୍ଦିଲା ବଣି ତା'ର କାନ୍ଦରେ ଫାଟିଫଡୁଥିଲା ବନଭୂମି। ଯେଉଁ କାଠୁରୀଆ ମାନେ ଗଛ କାଟି ନେଉଥିଲେ। ସେମାନେ କଥା ହେଉଥିଲେ! ଶୁଣୁଛ ଏ ଜଙ୍ଗଲରେ କେତେ ପକ୍ଷୀ ଅଛନ୍ତି କେଡେ ସୁନ୍ଦର ସ୍ୱରରେ ବୋବାଉଛନ୍ତି। ମା ବଣି କାନ୍ଦ ତାଙ୍କୁ ମନମୁଗ୍ଧକର ଲାଗୁଥିଲା। ସେମାନେ ଖୁବ୍ ଆନନ୍ଦ ନେଉଥିଲେ।।

ପ୍ରଶାନ୍ତ କୁମାର ନାଥ (ଢୁଣଗଡି)
ରାଜନଗର କେନ୍ଦ୍ରାପଡ଼ା।

ISSN NO.
2582-208X

# ସରଗ ଶଶୀ



ରାଧାମୋହନ ପୂଜାହାରୀ

କାହିଁ ଗଲୁ ତୁହି ଆଜି
ସରଗର ଶଶୀ ?
ନ ଚାହେଁ କି ମାଆ ଆଜି
ତୋ ବାଟକୁ ବସି ?
ଏକଦା ତା' ପୁଅ ଯେବେ
ରୁଷି କାନ୍ଦୁଥାଏ,
ଦୁଧ ଭାତ ଖୋଇ ମା' ତା'
ପ୍ରେମେ ବାନ୍ଧୁଥାଏ ।
ହାତ ଠାରି ଡାକୁଥାଏ
ତୋ ମୁହଁକୁ ଚାହିଁ,
କହୁଥାଏ ମାମୁଁ ଆ' ରେ
ପୁଅ ପାଶେ ଧାଇଁ ।
ଥାଳି ରେ ତା' ମାଆ ଖାଦ୍ୟ
ଥୋଇ ଗୁଣ୍ଡା କରି,
କହେ ଧନ ଖାଇ ଦେ' ତୁ
ସୁନା ପିଲା ପରି ।
ତୋ ମୁହଁ ଦେଖି ତା' ପୁଅ
ଖାଇଦିଏ ସବୁ,
କେଜାଣି କି ସୁଖ ତା'କୁ
ମିଳଇ ଏ ଭବୁ ? (୧)

ସୁଖର ତାତ୍ପର୍ଯ୍ୟ କିନ୍ତୁ
ବଦଳିଛି ଆଜି,
ଫୋନ୍ ତୋର ସ୍ଥାନେ ଉଭା
ତୋ ବିକଳ୍ପ ସାଜି ।
କାମକୁ ନୁହଁ ତୋ ଆଉ
ଛୁଆ ଭୁଲା ମନ୍ତ୍ର,
ତୋ କାମ ସହଜେ କରେ
ମୋବାଇଲ୍ ଯନ୍ତ୍ର ।
ଦେଖାଉନି ମାଆ ଆଉ
ସରଗର ଶଶୀ,
ସମୟର କାଳଚକ୍ରେ
ସେ ଯାଇଛି ଫସି ।
ଛୁଆକୁ ଖୋଇବା ପାଇଁ
ପୂର୍ବ କାଳେ ମାଆ,
ହାତ ଠାରି ଡାକୁଥିଲା
ଆ' ଜହ୍ନମାମୁଁ ଆ' ।
ପୁଣି କହେ ପୁଅକୁ ମା'
ଧନ ଦେ' ରେ ଖାଇ !
ଜହ୍ନମାମୁଁ ତା' ରାଇଜେ
ନେବରେ ବୁଲାଇ । (୨)

ISSN NO.
2582-208X

ତା' ରାଇଜେ ଦେଖିବୁ ତୁ
ଦୃଶ୍ୟ ଯେ ନିଆରା,
ତୋତେ ଦେଖି ଖୁସି ହେବେ
ଟିକି ଟିକି ତାରା ।
ସସ୍ନେହେ ଶ୍ରଦ୍ଧାରେ ତୋତେ
ପାଛୋଟି ସେ ନେବେ,
ହୃଦୟରେ ତୋର ପ୍ରେମ
ସୁଧା ବିଞ୍ଚି ଦେବେ ।
ତୋ ପାଖକୁ କେତେ ପରୀ
ଆସିବେ ରେ ଧାଇଁ,
ମୁଗ୍ଧ ହେବେ ତୋ ସୁନ୍ଦର
ରୂପକୁ ସେ ଚାହିଁ ।
ତୋ ପାଇଁକି ତୋଳି ଦେବେ
ଫୁଲ ପାରିଜାତ,
ଖାଇବାକୁ ଦେବେ ତୋତେ
ଦୁଧ-ଛେନା-ଭାତ ।
ମେଘମାଳା ଆସି ତୋତେ
ଦେବରେ ଆଉଁସି,
କୋଳେଇ ନେବରେ ତୋତେ
ତୋ ନିଦ ମାଉସୀ । (୩)

ଶଶୀକୁ ଦେଖାଇ ମା' ତା'
ଭୁଲାଏ ମନକୁ,
ପୋଛିପାଛି ଖୋଇଦିଏ
ସବୁ ତା' ଧନକୁ ।

ଏ ଯୁଗେ କିନ୍ତୁ ରେ ଶଶୀ
ନାହିଁ ତୋ ପ୍ରଭାବ,
ରଖୁନାହିଁ ମାଆ ଆଉ
ତୋ ସାଙ୍ଗରେ ଭାବ ।
ସମୟ ଆହ୍ୱାନେ ମାଆ
ଆଧୁନିକ ସାଜି,
ଯାନ୍ତ୍ରିକ ଯୁଗର ଲାଭ
ଉଠାଉଛି ଆଜି ।
ତା' ପୁଅ ମନକୁ ଆଜି
ଭୁଲାଇବା ପାଇଁ,
ଭାବିବାକୁ ତୋ ପାଇଁ ତା'
ସମୟ ଯେ କାହିଁ ?
ଚାନ୍ଦିନୀ ଆକାଶୁ ତୁ ଲୋ
ଗଣୁ ଥା' ତୋ ଦିନ,
ମା' ସ୍ମୃତି ପଟଳୁ ଦିନେ
ହୋଇବୁ ନିଶ୍ଚିହ୍ନ । (୪)

ଅଧ୍ୟାପକ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ତାଳଚେର
ଜିଲ୍ଲା : ଅନୁଗୋଳ

ISSN NO.
2582-208X

# ମୋ ସ୍କୁଲ୍ ସାର୍



ରାମ ଚନ୍ଦ୍ର ପ୍ରଧାନ

ମୋ ସ୍କୁଲର ସାର  ମୋ ପାଇଁ ଆଦର୍ଶ
ଚରଣେ ତାଙ୍କ ପ୍ରଣାମ
ପାଠରେ ଶାଠରେ  ଜ୍ଞାନ ବିଜ୍ଞାନରେ
ସବୁଥିରେ ପାରଙ୍ଗମ ।
ନିଜ ଛୁଆ ଭଳି  ପିଲ୍ଙ୍କୁ ପଢ଼ାନ୍ତି
ନାନା ସାବଲୀଳ ଢଙ୍ଗେ
ସଭିଙ୍କୁ ବାନ୍ଧନ୍ତି ସଂସ୍କାର ସଂଯମ
ଅନୁଶାସନର ମଙ୍ଗେ ।
କମଳ ସାରଙ୍କ  ସାହିତ୍ୟ ପଢ଼ାକୁ
ପାରନ୍ତିନି କେହି ଭୁଲି
ହରି ସାରଙ୍କର  ହିନ୍ଦୀ କ୍ଲାସ ବେଳେ
କରନ୍ତିନି କେ' ଚୁଗୁଲି ।
ଇଂରାଜୀରେ ଦକ୍ଷ  ସାସମଲ ସାର
ଧରନ୍ତି ଯେବେ ବେତକୁ
ନ ଆସିବା ପାଠ  ସଦା ଚାଲିଆସେ
ଆପଣା ଛାଏଁ ମନକୁ ।
କୈଳାସ ସାରଙ୍କ ଇତିହାସ ପଢା
ମନରେ ମୋହ ଜଗାଏ
ସୂର୍ଯ୍ୟ ସାରଙ୍କର ଗଣିତ ଜ୍ୟାମିତି
ଆଖିରୁ ନିଦ ହଜାଏ ।

ISSN NO.
2582-208X

ଗୋବିନ୍ଦ ସାରଙ୍କ ଇଂରାଜୀ ଟଙ୍କଙ୍କ
ମନରେ ଉତ୍ସାହ ଭରେ
ସଂଜୟ ସାରଙ୍କ ଭୂଗୋଳ ପଢ଼ାଟା
ମନରୁ ଆଳସ୍ୟ ହରେ ।
ନାୟକ ସାରଙ୍କ ରୋଲ୍ ବାଡ଼ି ମାଡ଼
ହୃଦୟେ ଭୟ ଖେଳାଏ
ସାହୁ ସାରଙ୍କର ଇଂରାଜୀ ଗ୍ରାମର
ଆନନ୍ଦେ ଶ୍ରେଣୀ କମ୍ପାଏ ।
ଟୁଟୁ ସାରଙ୍କର ଗୁଲିଖଟି ଗପ
ଭାରି ଭଲ ଲାଗେ ସର୍ବେ
ସେମାନଙ୍କ ଗୁଣ ବର୍ଣ୍ଣିବା ମାତ୍ରକେ
ଛାତି ଫୁଲି ଉଠେ ଗର୍ବେ ।
ଆଜି ବି ମୋହର ମନେ ପଡୁଅଛି
ସ୍କୁଲ୍ ସାରଙ୍କର କଥା
ଦେଖି ଦେଲେ ତାଙ୍କୁ ହୃଦୁ ଭକ୍ତ ଝରି
ଆପେ ନଇଁ ଯାଏ ମଥା ।
ଦୂରୁ ଥାଇ ମୁହିଁ କରୁଛି ପ୍ରଣାମ
ଘେନ ଆହେ ଗୁରୁଦେବ
ଏ ଗୁରୁ ଦିବସେ ଏତିକ ପ୍ରାର୍ଥନା
ଢାଳ ଦିଅ କୃପା ତବ ।

ଶିକ୍ଷକ
ସାନ୍ତରାପଲ୍ଲୀ , ଗଞ୍ଜାମ
ମୋ:9861638736

ISSN NO.
2582-208X

# ଚନ୍ଦ୍ର



ଆଦବିକା ପଟ୍ଟନାୟକ



ଦିଲ୍ଲୀ ପବ୍ଲିକ ସ୍କୁଲ,
ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ମତାମତ/ସମୀକ୍ଷା

## ସେପ୍ଟେମ୍ବର ସମୀକ୍ଷା


ଦେବଯାନୀ ସ୍ୱାଇଁ

ଏଥରକ "ବେଦାନ୍ତୀ"ର ପ୍ରଚ୍ଛଦ ପୃଷ୍ଠା ରେ ଘଡା ଦେହରେ ଚିତ୍ରିତ ମହାପ୍ରଭୁଙ୍କ ପଟ୍ଟଚିତ୍ର ଦେଖି ମୋ ମନ ଭିତରେ ପଲଟି ଗଲା ପିଲାଦିନର ଗୋଟେ ପୃଷ୍ଠା। ଶ୍ରୀ କ୍ଷେତ୍ରରୁ କିଛି ଦୂରରେ ରଘୁରାଜପୁର ଗାଁ। ଏଇ ଗାଁ ର ଘରେ ଘରେ ପଟ୍ଟଚିତ୍ର କାରିଗର। ଆମ ଓଡିଆ ଜାତିର ଐତିହ୍ୟ ଆଉ ପରମ୍ପରାକୁ ଖୁବ୍ ସୁନ୍ଦର ଓ ନିଖୁଣ ଭାବେ ଆଙ୍କନ୍ତି ଏଇ କାରିଗର ମାନେ। ମୋ ବାପାଙ୍କ ଅଫିସ୍ ର ଜଣେ କର୍ମଚାରୀ ଏଇ ଗାଁ ରୁ ଥିଲେ। ପିଲାଦିନେ ଥରେ ସେ ଆମ ଘରକୁ ଆସିଥିବା ବେଳେ ମୋ ଲାଗି ନବଗୁଞ୍ଜର ଚିତ୍ରିତ ଏକ ଛୋଟ ବାକ୍ସ ଆଣିଥିଲେ। ସେଇଟା ମୋର ଖଜାନା ଥିଲା। ସେଥିରେ ମୁଁ ବୋତାମ, ମାଳ, ସେଫ୍ଟିପିନ୍, ଚଢେଇ ପର, ଶାମୁକା, ସିଲଟଖଡି ଏମିତି ବହୁତ କିଛି ଅମୂଲ୍ୟ ସମ୍ପଦ ରଖୁଥିଲି ଆଉ ସେଇ ନବଗୁଞ୍ଜର ଚିତ୍ର ଦେଖି ତା ବିଷୟରେ ଜାଣିବାକୁ ଯାଇ, ପୌରାଣିକ ବହି ସବୁ ପଢିବାକୁ ଆଗ୍ରହୀ ହେଇଥିଲି।

ସମ୍ପାଦକୀୟ ପୃଷ୍ଠାରେ ଦେଶୀ ଖାଦ୍ୟ ପ୍ରତି ଅନୁରାଗ ବଢାଇବାକୁ ଅନୁରୋଧ କରିଛନ୍ତି ପ୍ରତିଷ୍ଠାତା "ଶ୍ରୀଯୁକ୍ତ ଅରବିନ୍ଦ ମିଶ୍ର"। ବାସ୍ତବିକ ଏହା ଖୁବ୍ ଯଥାର୍ଥ। କଥାରେ ଅଛି- ନିଜ ରୋଷେଇ ଘରକୁ ନଜର ନାହିଁ, ପର ରୋଷେଇ ଘରକୁ ଝାଂକୁଥାଇ। ଆମ ପାଖରେ ଚକୁଳି ପିଠା, ଆଳୁଦମ୍, ଦହିବରା, ଘୁଗୁନି, ବରା, ଆଳୁଚପ୍ ଭଳି ଯେତେ ସବୁ ଚଟ୍ ପଟା ଖାଇବା ରହିଚ, ଆମେ ଯଦି ତାକୁ ଆମ ପିଲା ମାନଙ୍କୁ ଖୁଆଇ ଶିଖାଇବା ତେବେ ଆମ ପିଲା ମାନେ ଏ ବିଦେଶୀ ପିଜା, ବର୍ଗର, ମୋମୋ, ଚାଉମିନ୍ କୁ ଆଉ ପସନ୍ଦ କରିବେନି।

ସବୁଥର ଭଳି ଭିତର ପୃଷ୍ଠାରେ "ଶିଶୁ ବିଭାଗ" ଆଉ "ଆଞ୍ଚଳିକ" ଲେଖା ସହିତ ଶତାଧିକ ଗଳ୍ପ ଓ କବିତା ଲେଖା।

ISSN NO.
2582-208X

ଶିଶୁବିଭାଗରେ ଶିଶୁ ମାନଙ୍କ ସାଧାରଣ ଜ୍ଞାନ ବଢାଇବାରେ ସାହାର୍ଯ୍ୟ କରିଛନ୍ତ "କୁମ୍ଭୀରର ନାସପାତି" ଓ "ଭିତ୍ ପତାଓ"। ବିଷୟ ଦୁଇଟି ପଢିକ ମୋର ବି ସାଧାରଣ ଜ୍ଞାନ ଟିକେ ମାର୍ଜିତ ହୋଇଗଲା। "ବେଙ୍ଗୁଲି ନାନୀର ବାହାଘର"କୁ ସମସ୍ତଙ୍କୁ ନିମନ୍ତ୍ରଣ ରହିଲା।

ଏଥରକ "ଆମ ହାଣ୍ଡିଶାଳ"ରେ ପଶୁ ପଶୁ ମୁଁ ଯେଉଁ ପିତା କଲରା ରଖିଦେଇଚ, ଲାଗୁଚ ତାକୁ ଦେଖି ସମସ୍ତେ ମୁହଁ ମୋଡି ଦେଇଛନ୍ତ। ହେଲେ କଲରା ଖାଇବେ ନା !! ସେଥିଲାଗି ତ ସ୍ୱାସ୍ଥ୍ୟ ବିଭାଗରେ ଏଥରକ ଆଲୋଚନା କରାଯାଇଛି "ସୁଷମ ଖାଦ୍ୟ ଓ ଉତ୍ତମ ସ୍ୱାସ୍ଥ୍ୟ"।

ହଉ, ଚାଲନ୍ତୁ ଟିକେ ଗଳ୍ପ ପଢିବା।

ଧାରାବାହିକ ଗଳ୍ପ "ଡି. ଏଫ୍. ଓ କ୍ୟାମ୍ପବେଲ ବେ" ରେ ଡି. ଏଫ୍. ଓ. ଅସୀମଙ୍କର ଆଣ୍ଡାମାନ ସମୁଦ୍ରରେ ଯାତ୍ରା ଆରମ୍ଭ ହେଇଯାଇଚ। ଛୋଟ ଜାହାଜର ଲମ୍ବା ଡେକ୍ ରେ ପ୍ରିୟତମା ଶୋଭନା ଙ୍କ ସହିତ ନୀଳ ଜଳରାଶିର ଶୋଭାକୁ ଉପଭୋଗ କରିବା ଏକ ରୋମାଞ୍ଚକର ଅନୁଭୂତି ସତରେ। ଅନୁପ ଓ ମଧୁସ୍ମିତା ଙ୍କର ଅକସ୍ମାତ ଦେଖା ହେଇଯାଇଚ "ମଦ ଖାଉଥିବା ମଣିଷ, ଚତୁର୍ଥ ଭେଟ"ରେ। "ଉଠ୍ ପୁଟୁର୍" ରେ ଅଭି ହାଇସ୍କୁଲ୍ ପାଠ ପଢିବା ଲାଗି ନିଜ ସୁନ୍ଦର ଟିକି ଗାଁ କୁ ପଛରେ ଛାଡି ଆଗକୁ ପାଦ ବଢେଇଚ। "ଲଳିତ ନିବନ୍ଧ- ସିଡି" ରେ ଲେଖକ ସୁନ୍ଦର ଭାବେ ଆମ ଜୀବନରେ ସିଡିର ଭୂମିକା ଉଲ୍ଲେଖ କରିଛନ୍ତ। ଆମେ ସମସ୍ତେ ଜାଣୁ ଯେ ଜୀବନ ସାପ ସିଡିର ଖେଳ। ଉପରକୁ ଉଠିବାକୁ ହେଲେ ଏକ ସଶକ୍ତ ସିଡିର ପ୍ରୟୋଜନ। ନିଜର ଜ୍ଞାନ, ବୁଦ୍ଧି, ବିବେକ ଖଟାଇ, ଆଗ ପଛ ଦେଖି, ବୁଝି ବିଚାରି ଆମେ ଯଦି ସିଡିର ସହାୟ ନେବା, ତେବେ ଆମେ ଭୟଙ୍କର ସାପ ମାନଙ୍କୁ ଏଡାଇ ପହଞ୍ଚି ପାରିବା ଇନ୍ଦ୍ରଲୋକ। "ବିବେକକୁ ପ୍ରଶ୍ନ", "ଅଜାଗା ଘାଆ", "ଆଉ କରିବେନି ଅଭିଯୋଗ" ଏମିତି ଏମିତି ବହୁ ଶିକ୍ଷଣୀୟ ଗଳ୍ପ, ନାଟକ, ଇତିହାସ କାହାଣୀ ଏଥର।

କବିତାର ଉପସ୍ଥାପନା ପ୍ରଥମେ ପ୍ରଭୁଙ୍କ ବନ୍ଦନାରୁ ଆରମ୍ଭ କରିବା। "କଳା ଗୋସାଇଁ" ମୋ "କାଳିଆ ସୁନା"-କଳା କଳେବର ଧରି ନଟବର, ମନକୁ ମୋହୁଛ ହେ ଦାମୋଦର। "ବଡ ଦାଣ୍ଡରେ ଉଭା ଚକାନୟନ"। "ଭାବ ବିନୋଦିଆ କଳା ଠାକୁର" "କରୁଣାର ବାରି ଛିଞ୍ଚି ଦେଲେ ଟିକେ" ଧନ୍ୟ ହେବ ଏ ଜୀବନ।

ISSN NO.
2582-208X

"ମୋ ଦେଶ" ମୋ ପ୍ରିୟ ଭାରତବର୍ଷ, ଯାହାର ରକ୍ଷାକର୍ତ୍ତା ସ୍ୱୟଂ ଜଗନ୍ନାଥ। "ଛୋଟ ମୋର ଗାଁ ଟି" -ଅଭୁଲା ତାର ଅମର ଗୀତି। ଆସ ଗୋ "ମୌସୁମୀ" ରାଣୀ- ତୁମ ଆଗମନେ ହସି ଉଠଇ ଧରଣୀ।

"ସମୟ ଗୋ" କଏ ଅଛି ତୁମ ଶକତିକୁ ଯିବ ବଳ, ଯନ୍ତ୍ରରେ ମନ୍ତ୍ରରେ ଅବା ତନ୍ତ୍ରରେ ଦେବ ତୁମକୁ ଶୀଂକୋଳ!! "ଘାସ ଫୁଲ" ଅନ୍ତରରେ ଏତେ ଯେ ବ୍ୟଥା, "ଢେଙ୍କି ଶାଳରୁ ଢେଙ୍କାନାଳ ପର୍ଯ୍ୟନ୍ତ" ପଡିଚ ଖୋଜା- କୁଆଡେ ଗଲା ସେ କୁଆଁର ପୁନେଇଁ, ରଜ ଦୋଳ ଖେଳ, ଉଷୁନା ପଲମ ପିଠା !!

"ଜନ୍ମଦିନ ଅବସରରେ" ଲେଖିକାଙ୍କୁ ଅଜସ୍ର ସ୍ନେହ ଓ ଶୁଭେଚ୍ଛା।

"କବିତା ଗୋ ତୁମେ", "ବର୍ଷା ଭିଜାର ବାସ୍ନା", "ଅପେକ୍ଷା", ଆଉ "ରଜନୀ ଗନ୍ଧା", "ସ୍ୱପ୍ନ ଭରା ରାସ୍ତା" ପୁଣି "ପହିଲି ବରଷା" ଭଳ କେତେ ସବୁ ମନଛୁଆଁ କବିତା ସହ ଆସନ୍ତୁ ସମସ୍ତେ ମିଶି ମା' ଜଗଦ୍ଧାତ୍ରୀଙ୍କ ଆଗମନରେ ପାଠ କରିବା ସୁନ୍ଦର ଏଇ କବିତା- ତ୍ରିଶୁଳ ଧାରିଣୀ ମହିଷା ମର୍ଦ୍ଦିନୀ, ଜଡତ୍ୱରେ ଭର ଚେତନା। ହସିଉଠୁ ଏଇ ଅଖିଳ ବିଶ୍ୱ, "ଜଡ ଜୀବ ହେଉ ଧନ୍ୟା"॥

ଶାରଦୀୟ ପୂଜାର ଅନେକ ଅନେକ ଶୁଭକାମନା। ଜୟ 'ବେଦାନ୍ତୀ', ଜୟ ପାଠକ ବୃନ୍ଦ।

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# ମତାମତ

ବହୁତ ସୁନ୍ଦର ହୋଇଛି ଏହି ସଂଖ୍ୟାଟି । ସମ୍ପାଦକ ମହାଶୟଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଅଶେଷ ଶୁଭେଚ୍ଛା ଜଣାଉଛି । ମୋର "କ୍ଷୁଦ୍ର ଆଲୋକର ଶିଖା" ବହିରୁ କ୍ରମାଗତ ଭାବେ ଲେଖାଗୁଡିକୁ ପ୍ରକାଶ କରୁଥିବାରୁ ବହୁତ ବହୁତ ଧନ୍ୟବାଦ । ଆସନ୍ତା ମାସପାଇଁ ମୁଁ ଗୋଟିଏ ନୂଆ ଗଳ୍ପ ପଠାଇଦେବି ।

ବାଲ୍ମିକୀ ନାୟକ, ବାଙ୍ଗାଲୋର

ବେଦାନ୍ତୀର ସେପ୍ଟେମ୍ବର ୨୦୨୨ ସଂଖ୍ୟା ପଢ଼ି ଖୁସି ଲାଗିଲା । ଏହାର ପ୍ରତିଟି ବିଭାଗ ଚିତ୍ତାକର୍ଷକ ହୋଇଛି । ଏକ ପ୍ରବାସୀ ଇ-ପତ୍ରିକା ଓଡ଼ିଆ ଭାଷାରେ ନିୟମିତ ପ୍ରତି ମାସର ପହିଲା ତାରିଖରେ ପ୍ରକାଶିତ ହେବା ବାସ୍ତବିକ ଆନନ୍ଦ ଓ ଗୌରବର ବିଷୟ । ବେଦାନ୍ତୀର ଅଜସ୍ର ସାରସ୍ୱତ ସଫଳତା କାମନା କରୁଛି ।

ସୌଭାଗ୍ୟବନ୍ତ ମହାରଣା, ସମ୍ବଲପୁର, ଓଡ଼ିଶା


ISSN NO.
2582-208X

# ଅକ୍ଟୋବର ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୧୦/୨୦୨୨ | ତପଃ ଷଷ୍ଠୀ ଓ ପୀଠେ ଶ୍ରୀଦୁର୍ଗାଦେବ୍ୟାଃ ତ୍ରିଦିନାତ୍ମକ ସପ୍ତମୀ ପୂଜା |
| ୦୨/୧୦/୨୦୨୨ | ମୃଣ୍ମୟୀ ଦେବୀଙ୍କ ତ୍ରିଦିନାତ୍ମକ ସପ୍ତମୀ ପୂଜା, ପୀଠେ ମହାଷ୍ଟମୀ, ଦୁର୍ଗାବ୍ରତ, ଶାସ୍ତ୍ରୀ ଓ ଗାନ୍ଧୀ ଜୟନ୍ତୀ |
| ୦୩/୧୦/୨୦୨୨ | ପୀଠେ ମହାନବମୀ, ମୃଣ୍ମୟୀ ଦେବୀଙ୍କ ଅଷ୍ଟମୀ ପୂଜା, ସନ୍ଧିପୂଜା |
| ୦୪/୧୦/୨୦୨୨ | ପୀଠେ ଶ୍ରୀ ମନ୍ଦିରେ ଦଶହରା, ବିଜୟା ଦଶମୀ, ମୃଣ୍ମୟୀ ଦେବୀଙ୍କର ମହାନବମୀ ଓ ସୋମନାଥ ବ୍ରତ ଉଦଯାପନ |
| ୦୫/୧୦/୨୦୨୨ | ମୃଣ୍ମୟୀ ଦେବୀଙ୍କର ଦଶହରା |
| ୦୬/୧୦/୨୦୨୨ | ପାପାଙ୍କୁଶା ଏକାଦଶୀ ଉପବାସ , ଭଷାଣୀ ଯାତ୍ରା, ଅକ୍ଷ୍ମୀନାରାୟଣ ବ୍ରତ |
| ୦୯/୧୦/୨୦୨୨ | କୁମାର ପୂର୍ଣ୍ଣିମା, ଗଜଲକ୍ଷ୍ମୀ ପୂଜା |
| ୧୦/୧୦/୨୦୨୨ | କାର୍ତ୍ତିକ ବ୍ରତାରମ୍ଭ |
| ୧୭/୧୦/୨୦୨୨ | ତୁଳା (ଗର୍ଭଣା ) ସଂକ୍ରାନ୍ତି |
| ୨୧/୧୦/୨୦୨୨ | ରମା ଏକାଦଶୀ |
| ୨୩/୧୦/୨୦୨୨ | ଧନ୍ୱନ୍ତରୀ ଜୟନ୍ତୀ |
| ୨୪/୧୦/୨୦୨୨ | ଶ୍ୟାମାକାଳୀ ପୂଜା |
| ୨୫/୧୦/୨୦୨୨ | ଅମାବାସ୍ୟା, ପୟା ଶ୍ରାଦ୍ଧ, ଦୀପାବଳୀ ଓ ସୂର୍ଯ୍ୟୋପରାଗ |
| ୨୬/୧୦/୨୦୨୨ | ଗୋବର୍ଦ୍ଧନ ପୂଜା |
| ୨୭/୧୦/୨୦୨୨ | ଯମ ଓ ଭାତୃ ଦ୍ୱିତୀୟା |
| ୩୧/୧୦/୨୦୨୨ | ଷୋଳଶାସନ ଅମୃତମଣୋହି ଭୋଗ |

ISSN NO.
2582-208X

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା - vedantimagazine@gmail.com/ editor.vedantimagazine@gmail.com

## ସେପ୍ଟେମ୍ବର ମାସର ବିଜେତାଙ୍କ ନାମ



ISSN NO.
2582-208X

ଷରି ସୁଆଦିଆ ଜାମୁକୋଳି
ଆଜି ଦେଖି ଫଟୋ ମନେପଡିଯାଏ
ସ୍କୁଲରୁ ଫେରିବା ବାଟରେ
ଜାମୁଗଛ ଡାଳେ ଝୁଲି
କେତେ ତୋଳୁଥିଲୁ ଆମେ କୋଳି
ଷରି ସୁଆଦିଆ ଜାମୁକୋଳି

ରବୀନ୍ଦ୍ର କୁମାର ପଣ୍ଡା, ଓ୍ୱାଲମି, ପ୍ରତାପନଗରୀ, କଟକ

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ପ୍ରଚ୍ଛଦପଟ୍ଟ ଚିତ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚିତ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା -vedantimagazine@gmail.com

ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପାଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ । ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତି ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁ www.vedantimagazine.com କୁ ପଦାର୍ପଣ କରନ୍ତୁ ।

ISSN NO.
2582-208X

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା। ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର। ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ। ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ:vedantimagazine@gmail.com। ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

https://www.facebook.com/vedantiemagazine